1

# ବାଳକ ଭକ୍ତ ରଙ୍ଗନାଥ

ଭଗବାନଙ୍କ ଚରିତ ଯେପରି ଅପାର ସମୁଦ୍ର, ଭକ୍ତଙ୍କ ଚରିତ ମଧ୍ୟ ସେହିପରି ଅଗମ୍ୟ ଅରଣ୍ୟ । ମନ-ବୁଦ୍ଧିରେ ତାହାର ଥାଆ ପାଇବା ଅସମ୍ଭବ । ବ୍ୟକ୍ତି ଯେତେ ଗଭୀର ଚେତନାରେ ପ୍ରବେଶ କରେ ସେହି ଅନୁସାରେ ଭଗବାନ୍ ଏବଂ ଭକ୍ତଙ୍କ ଚରିତ ହୃଦୟଙ୍ଗମ କରିବାକୁ ଆରମ୍ଭ କରେ । ଯେପରି ବହୁମୂଲ୍ୟ ମଣିମାଣିକ୍ୟ ଓ ସୁବର୍ଣ୍ଣର ନାନାବିଧ ବସ୍ତୁର ଭଣ୍ଡାର ଘର ମଧ୍ୟରେ ଥାଇ ବାହାରର ଦ୍ୱାର ବନ୍ଦ ଥାଏ; ଘର ମଧ୍ୟରେ ଥିବା ବହୁମୂଲ୍ୟ ରତ୍ନ ସମ୍ବନ୍ଧେ ଅଜ୍ଞାତ ଥିବା ବ୍ୟକ୍ତି ସାଧାରଣ ଘର ବୋଲି ମନେକରେ, ଠିକ୍ ସେହିପରି ସାଧାରଣ ଚେତନାରେ ଥିବା ବ୍ୟକ୍ତି ଭଗବାନ୍ ଏବଂ ଭକ୍ତଙ୍କ ଆନ୍ତର ଅବସ୍ଥା ଜାଣି ନ ପାରି ସେମାନଙ୍କ ବାହ୍ୟ ଶାରୀରିକ ବ୍ୟବହାରରୁ ସାଧାରଣ ମନୁଷ୍ୟ ବୋଲି ଧାରଣା କରେ ଏବଂ ସେମାନଙ୍କ କରୁଣାରୁ ବଞ୍ଚିତ ହୁଏ । ଏଥିରେ ଲାଭବାନ୍ ହୁଅନ୍ତି ନମନୀୟ ସ୍ୱଭାବର ବ୍ୟକ୍ତି ।

ଭଗବାନ୍ ଭକ୍ତ ସହିତ କିପରି ସମ୍ବନ୍ଧ ରଖନ୍ତି, କିପରି ବ୍ୟବହାର କରନ୍ତି, କେଉଁ ପ୍ରଣାଳୀରେ କୃପା କରନ୍ତି, ତାହା ଜାଣିବା ଅସମ୍ଭବ । ଭଗବାନଙ୍କର ପ୍ରତ୍ୟେକ ଭକ୍ତ ସହିତ ସମ୍ବନ୍ଧ ଭିନ୍ନ, ଏକଠାରୁ ଅନ୍ୟର ପୂର୍ଣ୍ଣତଃ ପୃଥକ୍ ଏବଂ ବହୁ କ୍ଷେତ୍ରରେ ବିପରୀତ । କେଉଁ ଭକ୍ତର ଭାବରେ ବଶ ହୋଇ ଶିଶୁରୂପେ ସ୍ତନ୍ୟ ପାନ କରନ୍ତି, କଥା କହିବା ଶିଖନ୍ତି, ତାଳିରେ ନାଚନ୍ତି, ତର୍ଜନାରେ ଭୟଭୀତ ହୁଅନ୍ତି । କେଉଁ ଭକ୍ତ ପାଖରେ ଷୋଡ଼ଶପ୍ରକାର ପୂଜା ପାଆନ୍ତି । କେଉଁ ଭକ୍ତ ଘରେ ଚାକିରି କରି ସଙ୍ଖୁଡ଼ି ବାସନ ଧୋଇବାଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ କରନ୍ତି । କେଉଁ ଭକ୍ତ ଜ୍ଞାନପ୍ରାପ୍ତ ହୋଇ ଭଗବାନଙ୍କୁ ଜାଣି ଶରଣାପନ୍ନ ହୁଏ । କେଉଁ ଭକ୍ତକୁ ନିଜେ ଅଥବା ନିଜର ଭକ୍ତ ଦ୍ୱାରା ଆଣି ଶରଣାପନ୍ନ କରାନ୍ତି । ଆଜି ଯେଉଁ ଭକ୍ତଙ୍କ ଚରିତ ଗାନ କରିବା ତାଙ୍କୁ ବାଲ୍ୟାବସ୍ଥାରୁ ଭଗବାନ୍ ନିଜ ଭକ୍ତ ଦ୍ୱାରା ଆଣି ପାଳନ ପୋଷଣ କରାଇ ନିଜ ଅଭିମୁଖୀ କରାଇଥିଲେ ।

ଦକ୍ଷିଣ ପ୍ରଦେଶରେ କରବିର (କୋହ୍ଲାପୁର) ପାଖରେ ଉର୍ଣ୍ଣାନଦୀ କୂଳରେ ଗୋଟିଏ ଗ୍ରାମରେ ଏକ ବ୍ରାହ୍ମଣପରିବାର ରହୁଥିଲେ । ସ୍ତ୍ରୀ-ପୁରୁଷ ଦୁଇଜଣ, ସେମାନଙ୍କର ଗୋଟିଏ ଶିଶୁ ଥିଲା । ବ୍ରାହ୍ମଣଦମ୍ପତି ଥିଲେ ସଦାଚାରୀ ଏବଂ ଧର୍ମପରାୟଣ । ଘରେ ଶାଳଗ୍ରାମ ପୂଜା ହେଉଥିଲା, ତୁଳସୀ ଚଉରା ଥିଲା । ବ୍ରାହ୍ମଣୀର ହୃଦୟ ଯେପରି ଶୁଦ୍ଧ ଥିଲା ସେ ସେହିପରି ଘରଦ୍ୱାର ପରିଷ୍କାରପରିଚ୍ଛନ୍ନ ରଖୁଥିଲା । ଏକ ଅନ୍ୟକୁ ସୁଖରେ ରଖିବାକୁ ବରାବର ଚେଷ୍ଟା କରୁଥିଲେ । ଦୁଇଜଣଙ୍କ ମଧ୍ୟରେ ଥିଲା ଧାର୍ମିକ, ଅକୃତ୍ରିମ ପ୍ରେମ । ସେହି ସକାଶେ ସେମାନଙ୍କ ଜୀବନ ଥିଲା ସୁଖଶାନ୍ତିମୟ ।

ସୁଖଦିନ ସବୁ ସମୟରେ ସ୍ଥାୟୀ ହୋଇ ରହେ ନାହିଁ । ଦିନ ପରେ ରାତି, ରାତି ପରେ ଦିନ, ଶଗଡ଼ ଚକ ସଦୃଶ ତଳ ଉପର ହେଉଥାଏ । ଏହାହିଁ ସାଂସାରିକ ସୁଖର ସ୍ୱରୂପ । ଆଜି ଯେଉଁ ବସ୍ତୁରେ ବ୍ୟକ୍ତି ସୁଖ ଅନୁଭବ କରେ, କାଲି ତାହା ନାଶ ହେଲେ ଦୁଃଖରେ ଜର୍ଜରିତ ହୋଇପଡ଼େ । ସାଂସାରିକ ବସ୍ତୁ ନାଶବାନ୍, ଦୁଃଖଶୋକର କାରଣ । କେବଳ ଶାଶ୍ୱତ ସୁଖ ଭଗବାନ୍ ।

ମନୁଷ୍ୟ ସୁଖ ଆଶାରେ ସମସ୍ତ କର୍ମ କରେ, ନାନାପ୍ରକାର ସଂକଳ୍ପ କରେ; କେବେ ଦୁଃଖର ନାମ ବି ନିଏ ନାହିଁ । ମୃତ୍ୟୁ ଶିର ଉପରେ ନୃତ୍ୟ କରୁଥାଏ, ବଳିପଶୁ ତୃଣ ଚରିବା ସଦୃଶ ସେ ସୁନ୍ଦର ଘର କରେ, ବାଗ୍‌ବଗିଚା ଲଗାଏ, ଭୋଗବିଳାସର ସାମଗ୍ରୀ ପ୍ରସ୍ତୁତ କରୁଥାଏ । ହଠାତ୍ ଦିନେ ଖବର ନ ଦେଇ ମୃତ୍ୟୁ ଆସି ପ୍ରାଣକୁ ନେଇ ଚାଲିଯାଏ । ତା'ର ସମସ୍ତ ସୁଖଭୋଗର ସାମଗ୍ରୀ ରହେ ଏହିଠାରେ, ସେ ଦୁଇହାତ ପ୍ରସାର କରି ନିଜ କର୍ମକୁ ସଙ୍ଗରେ ନେଇ ଯାଏ ଅନ୍ୟ ସ୍ଥାନକୁ । ଏହି ବିପତ୍ତି ଆସିଲା ବ୍ରାହ୍ମଣ ପରିବାରରେ । ଗ୍ରାମରେ ଭୟଙ୍କର ହଇଜା ହେଲା । ଦେଖୁ ଦେଖୁ କେତେ ନରନାରୀ, ବାଳକବାଳିକା ମୃତ୍ୟୁମୁଖରେ ପଡ଼ିଲେ । ବ୍ରାହ୍ମଣୀ ମଧ୍ୟ ପତିକୁ ତ୍ୟାଗ କରି ପୁତ୍ରସ୍ନେହରୁ ବଞ୍ଚିତ ହୋଇ, କୋମଳ ଶିଶୁକୁ ନିରାଶ୍ରୟ ଭାବରେ ଛାଡ଼ି ମୃତ୍ୟୁର ଆକ୍ରମଣରେ ସଂସାର ଛାଡ଼ି ଚାଲିଗଲା । ଏହି ଦୁର୍ଘଟଣାରେ ବ୍ରାହ୍ମଣଙ୍କୁ ହେଲା ଅସହନୀୟ ଦୁଃଖ । ଶିଶୁର ଲାଳନପାଳନର ଭାର ପଡ଼ିଲା ବ୍ରାହ୍ମଣଙ୍କ ଉପରେ ।

ଏଥିରେ ବି ବିଧାତା ସନ୍ତୁଷ୍ଟ ହେଲା ନାହିଁ । ଅଳ୍ପ କେତେ ଦିନ ମଧ୍ୟରେ ବ୍ରାହ୍ମଣ ମଧ୍ୟ ପଡ଼ିଲେ ହଇଜାକବଳରେ । ନିଷ୍ଠୁର, ନିର୍ଦ୍ଦୟ ମୃତ୍ୟୁ ମାତୃହୀନ ଅରକ୍ଷିତ ଅଢ଼େଇ ବର୍ଷର ଶିଶୁ ଉପରେ ଦୟା ନ କରି ବ୍ରାହ୍ମଣକୁ ଇହଧାମରୁ ନେଇ ଚାଲିଗଲା ।

ଗ୍ରାମର କିଛି ଦୂରରେ ଜଣେ ସନ୍ଥ ରହୁଥିଲେ । ସେ ଥିଲେ ଉଚ୍ଚକୋଟୀର ମହାତ୍ମା । ସେ ମାୟାମମତାର ଊର୍ଦ୍ଧ୍ୱରେ ଥିଲେ । ତାଙ୍କ ଅନୁଭବରେ ଥିଲା ସଂସାରର ସକଳ ସମ୍ବନ୍ଧ ବନ୍ଧନର କାରଣ । ବ୍ରାହ୍ମଣଦମ୍ପତିଙ୍କର ମୃତ୍ୟୁ ଓ ଶିଶୁର ଅରକ୍ଷିତ ଅବସ୍ଥାର ଖବର ପାଇବାମାତ୍ରେ ତାଙ୍କ ହୃଦୟରେ ଗୋଟିଏ ଦୟାର ସ୍ରୋତ ଉଲ୍ଲୋଳିତ ହୋଇଆସିଲା । ସେ ଦୌଡ଼ିଯାଇ ଅନାଥ ଶିଶୁକୁ ନିଜ କୁଡ଼ିଆକୁ ଘେନି ଆସିଲେ । ସଂସାରତ୍ୟାଗୀ ବୀତରାଗୀ ସନ୍ଥ ମାତାପିତାଙ୍କଠାରୁ ଶହେଗୁଣ ସ୍ନେହରେ ଶିଶୁକୁ ଲାଳନପାଳନ କଲେ । ଶିଶୁକୁ ସ୍ନାନ କରାଇବା, ରୋଷେଇ କରି ଖୁଆଇବା ଇତ୍ୟାଦି ହେଲା ତାଙ୍କର ପ୍ରଧାନ କାର୍ଯ୍ୟ । ଶିଶୁ ଯେଉଁଥିରେ ପ୍ରସନ୍ନ ରହୁଥିଲା ସେ ସେହିପରି କରୁଥିଲେ । ସ୍ୱାଦିଷ୍ଟ ଫଳ, ବିଭିନ୍ନପ୍ରକାରର ଖେଳଣା ତାକୁ ଯୋଗାଇ ଦେଉଥିଲେ । ତା' ସଙ୍ଗେ ଶିଶୁ ସଦୃଶ ଖେଳି ଆନନ୍ଦିତ ହେଉଥିଲେ ।

ମହାତ୍ମାଙ୍କ କୁଡ଼ିଆ ଗ୍ରାମ ବାହାରେ ନଦୀକୂଳରେ ଏକାନ୍ତରେ ଥିଲା । କୁଡ଼ିଆ ନିକଟରେ କ୍ଷୁଦ୍ର କ୍ଷୁଦ୍ର ମନୋରମ ବଣଜଙ୍ଗଲ ଶୋଭା ପାଉଥିଲା, ବାତାବରଣ ଥିଲା ସାତ୍ତ୍ୱିକ । ମହାତ୍ମା ଭଗବତ୍ ଭଜନରେ ମଗ୍ନ ରହୁଥିଲେ । ଗ୍ରାମଠାରୁ ଦୂରରେ ଥିବାରୁ ସଂସାରୀ ବିଷୟ କାମ, କ୍ରୋଧ, ଲୋଭ, ମୋହ ଆଦି ସେଠାରେ ପ୍ରବେଶ କରିପାରୁ ନ ଥିଲା । କୁତ୍ସିତତା, ଦୂଷିତ ଚେଷ୍ଟା ସେଠାରେ ନ ଥିଲା । ଭୋଗବାସନାର ବସ୍ତୁ ସେଠାରେ ସର୍ବଥା ଅଭାବ ଥିଲା । ସେଠାକୁ ଆସୁଥିଲେ ଭଗବତ୍ ଆଶ୍ରିତ ଭକ୍ତ, ସାଧୁସେବୀ ଏବଂ ସଚ୍ଚରିତ୍ର ବ୍ୟକ୍ତି । ଭୋଜନ ମଧ୍ୟ ଥିଲା ସାତ୍ତ୍ୱିକ । ମହାତ୍ମାଜି ଥିଲେ ଆହାର, ବିହାର, ନିତ୍ୟକର୍ମରେ ମହାନ୍ ନିଷ୍ଠାବାନ୍ । ସେଠାରେ ହେଉଥିଲା ଦିବାରାତ୍ରି ଭଗବତ୍ ଭଜନ, ଧ୍ୟାନ ଏବଂ ଗୁଣାନୁବାଦ । ବାତାବରଣର ବିଶେଷ ପ୍ରଭାବ ଥାଏ ।

ଯେଉଁ ବାତାବରଣରେ ବ୍ୟକ୍ତି ରହେ ସେହି ବାତାବରଣର ଅଣୁପରମାଣୁ ଦିବାଶର୍ବରୀ ତା' ମଧ୍ୟରେ ପ୍ରବେଶ କରୁଥାଏ, ପ୍ରତି ଶ୍ୱାସପ୍ରଶ୍ୱାସରେ ସେହି ବାତାବରଣର ପ୍ରଭାବକୁ ସେ ଆହରଣ କରୁଥାଏ । ତାହା ସଂସ୍କାରରୂପେ ସଂଗଠିତ ହେଉଥାଏ ନିଜ ଆଧାରରେ ।

ବ୍ୟକ୍ତି ସଂସାର-ପରିବାରରେ ରହିଥାଏ । ହିଂସା, ଦ୍ୱେଷ, ଈର୍ଷ୍ୟା, ବିରୋଧ, କାମ, କ୍ରୋଧ, ଲୋଭ, ମୋହର ବାତାବରଣରେ ଲାଳିତପାଳିତ ହୁଏ । ସେହି ପ୍ରଭାବରେ ଗଠିତ ହୁଏ ତା'ର ଶରୀର । କେହି କେହି ଖୁବ୍ ଭାଗ୍ୟବାନ୍ ବ୍ୟକ୍ତି ଥାଆନ୍ତି, ତାଙ୍କ ଉପରେ ଭଗବାନଙ୍କର ବିଶେଷ କୃପା ଥାଏ । ତାଙ୍କ ଆଧାର ବିଶେଷ ବଳବାନ୍ ସାତ୍ତ୍ୱିକ ତତ୍ତ୍ୱରେ ଗଠିତ ହୋଇଥାଏ, ଭଗବତ୍ କୃପାକବଚ ମାତୃଗର୍ଭରୁ ଆବୃତ ହୋଇଥାଏ । ସେହି ଭାଗ୍ୟବାନ୍ ବ୍ୟକ୍ତି ଦୂଷିତ ବାତାବରଣରେ ଲାଳିତପାଳିତ ହୋଇ ମଧ୍ୟ ସେହି ପ୍ରଭାବରୁ ସର୍ବଥା ସୁରକ୍ଷିତ ଥାଆନ୍ତି । ଏହିପରି ମହାନ୍ ଆତ୍ମାଙ୍କ ସଂଖ୍ୟା ହୁଏ ବହୁତ କମ୍ ।

ଶିଶୁ ମାତାଗର୍ଭରୁ ଦୂଷିତ ବାତାବରଣରୁ ମୁକ୍ତ ଥିଲା । ପିତାମାତା ସାତ୍ତ୍ୱିକ, ସଚ୍ଚରିତ୍ର, ଭଗବତ୍ ଭକ୍ତ ଥିଲେ । ଅଧିକାଂଶ ସମୟରେ ଭଗବତ୍ ଚର୍ଚ୍ଚା ହେଉଥିଲା । ସେମାନଙ୍କ ମୃତ୍ୟୁ ପରେ ଶିଶୁ ଲାଭ କଲା ମହାତ୍ମାଙ୍କ ସୁରକ୍ଷିତ ବାତାବରଣ । ମହାତ୍ମାଙ୍କ ଭଜନ ଓ ସତ୍‌ସଙ୍ଗ ପ୍ରଭାବରେ ଶିଶୁର ଅନ୍ତଃସ୍ଥଳରେ କୌଣସି ଦୂଷିତ ତତ୍ତ୍ୱ ପ୍ରବେଶ କରିପାରିଲା ନାହିଁ । ପୂର୍ବ ସଂସ୍କାରର ଯେଉଁ ଦୋଷ ଥିଲା ତାହା ଅଧ୍ୟାତ୍ମ ବାତାବରଣର ତଳେ ପଡ଼ି ଦବି ରହିଗଲା । ଦୂଷିତ ବିଚାର, ଦୂଷିତ ଭାବନା, ଦୂଷିତ କ୍ରିୟା ସହ ସେ ଏକେବାରେ ଅପରିଚିତ ରହିଲା । ମହାତ୍ମା ତାଙ୍କୁ ବିଦ୍ୟାଧ୍ୟୟନ କରାଇବା ସଙ୍ଗେ ଅଧ୍ୟାତ୍ମ ଶିକ୍ଷା ଦେଉଥିଲେ । ଶିଶୁର ପୂର୍ବଜନ୍ମର ଉତ୍ତମ ସଂସ୍କାର ଥିଲା ଅଥବା ମହାତ୍ମାଜିଙ୍କର ପୂର୍ବଜନ୍ମର କୌଣସି ସମ୍ବନ୍ଧ ଥିଲା କିଂବା ଭଗବତ୍ ପ୍ରେରଣା ଥିଲା, କହିବା କଠିନ । ଯେଉଁ କାରଣରୁ ହେଉ, ମହାତ୍ମାଜି ଚାହୁଁଥିଲେ, ତାଙ୍କୁ ଯେଉଁସବୁ ଜ୍ଞାନ ପ୍ରାପ୍ତ ଥିଲା ସେସବୁକୁ ବାଳକର ଆଧାରରେ ଏକସଙ୍ଗେ ଢାଳିଦେବାକୁ ।

ବାଳକର ମଧ ମହାତ୍ମାଜିଙ୍କ ପ୍ରତି ଅକୃତ୍ରିମ ଶ୍ରଦ୍ଧା, ଭକ୍ତି, ନିଷ୍ଠା ଥିଲା । ସେହି କାରଣରୁ ମହାତ୍ମାଙ୍କ ପ୍ରଦତ୍ତ ଜ୍ଞାନ, ଭକ୍ତିକୁ ସେ ଗ୍ରହଣ କରିପାରୁଥିଲା । ଏହାର ଫଳସ୍ୱରୂପ ଷୋଳବର୍ଷ ବୟସରେ ସେ ଜଣେ ମହାନ୍ ସାଧକ ହୋଇପାରିଥିଲେ । ତାଙ୍କ ହୃଦୟ-ମନ୍ଦିରରେ ଭକ୍ତି-ମନ୍ଦାକିନୀର ସ୍ରୋତ ପ୍ରବାହିତ ହୋଇଥିଲା । ଜ୍ଞାନର ପ୍ରକାଶରେ ଅନ୍ତର ଓ ବାହାର ଦେଦୀପ୍ୟମାନ ହୋଇଉଠିଲା । ଆଚରଣ ହୋଇଉଠିଲା ସତ୍ୟ । ତାଙ୍କ ବାକ୍ୟ ଅମୋଘ । ମୁଖରୁ ଯାହା ଉଦ୍‌ଗାରିତ ହେଉଥିଲା ତାହା ହେଉଥିଲା ସତ୍ୟ । ତାଙ୍କର ମନ-ପ୍ରାଣର ବାସନାକାମନା ଅନ୍ତରାତ୍ମାର ଅଭୀପ୍‌ସାଗ୍ନିରେ ଭସ୍ମ ହୋଇ ଯାଇଥିଲା । ସେ ଅନ୍ତର ଓ ବାହାରେ ହେଲେ ଯଥାର୍ଥ ମହାତ୍ମା । ଭକ୍ତିରେ ତାଙ୍କ ହୃଦୟ ହୋଇଉଠିଲା ବିଶାଳ ଏବଂ ମହାନ୍, ବ୍ରହ୍ମତେଜଃରେ ଶରୀର ହେଲା ସମୁଜ୍ଜ୍ୱଳ ।

ଏହି ସଂସାର ମୃତ୍ୟୁଭୂମି । ଏଠାରେ ମୃତ୍ୟୁ ଅନିବାର୍ଯ୍ୟ । ଭକ୍ତ, ମହାତ୍ମା, ଜ୍ଞାନୀ, ରାଜା, ରଙ୍କ ସମସ୍ତଙ୍କ ମସ୍ତକରେ ମୃତ୍ୟୁ ନୃତ୍ୟ କରିଥାଏ । ସମୟ ଆସିଲେ ଗୋଟିଏ ମିନିଟ ବିଳମ୍ବ ନ କରି ନେଇଚାଲିଯାଏ । ମହାତ୍ମାଙ୍କର ସମୟ ଆସିଲା । ସେ ଏହି ନଶ୍ୱର ଶରୀର ପରିତ୍ୟାଗ କରି ଭଗବାନଙ୍କ ପରମଧାମକୁ ଚାଲିଗଲେ । ମାତାପିତାବିହୀନ ନିରାଶ୍ରୟ ବାଳକର ସରଳ କୋମଳ ହୃଦୟରେ ବଜ୍ରପାତ ହେଲା । ମହାତ୍ମା ଥିଲେ ତାଙ୍କର ପିତା, ମାତା, ଗୁରୁ ତଥା ସର୍ବସ୍ୱ । ତାଙ୍କର ଚିରବିୟୋଗରେ ବାଳକର ହୃଦୟ ବିଦୀର୍ଣ୍ଣ ହୋଇଯାଇଥାଆନ୍ତା, କିନ୍ତୁ ମହାତ୍ମାଙ୍କର କୃପା ତଥା ଭଗବତ୍ ଭକ୍ତିର ପ୍ରଭାବରୁ ଏହି ଦାରୁଣ ବେଦନାକୁ ସେ ସହର୍ଷେ ବରଦାସ୍ତ କରିପାରିଥିଲେ ।

ମହାତ୍ମା ତାଙ୍କୁ ରଙ୍ଗନାଥ ନାମରେ ଡାକୁଥିଲେ । ଏହି ନାମରେ ସେ ପ୍ରସିଦ୍ଧ ହେଲେ । ତାଙ୍କର ବୟସ ସେତେବେଳେ ଷୋହଳ । ମହାତ୍ମାଜି ଥିବା ସମୟରେ ରଙ୍ଗନାଥଙ୍କ ହୃଦୟରେ ଭଗବତ୍ ଭକ୍ତି, ପ୍ରେମ, ଜ୍ଞାନ ଢାଳିଦେଇଥିଲେ । ସେ ଚାଲିଗଲା ପରେ ତାହା ସ୍ୱତଃସ୍ଫୂର୍ତ୍ତଭାବେ ପ୍ରବାହିତ ହେବାକୁ ଲାଗିଲା । ରଙ୍ଗନାଥ ସେହି ଚେତନା-ସ୍ରୋତରେ ଦିନରାତି ବୁଡି ରହିଲେ । ଯାହା ଅଯାଚିତଭାବେ ପ୍ରାପ୍ତ ହେଉଥିଲା ସେ ଭୋଜନ

କରିନେଉଥିଲେ, ସମସ୍ତ ସମୟ ଭଗବତ୍ ଭଜନ, ଧ୍ୟାନ, ସ୍ମରଣରେ ବ୍ୟତୀତ କରୁଥିଲେ । ତାଙ୍କର ଏହି ସାଧନନିଷ୍ଠା କ୍ରମଶଃ ପ୍ରସାରିତ ହେବାକୁ ଲାଗିଲା । ଦୁଃଖତାପପୀଡ଼ିତ ତଥା ଭଗବତ୍‌ପ୍ରାପ୍ତି-ଅଭୀପ୍ସୁ ବ୍ୟକ୍ତି ତାଙ୍କ ଦର୍ଶନକୁ ଆସିଲେ । ସେମାନଙ୍କ ପ୍ରାର୍ଥନା ସ୍ୱୀକାର କରି ଦିନରାତି ଅଷ୍ଟପ୍ରହର ମଧ୍ୟରୁ ଏକ ପ୍ରହର କୁଡ଼ିଆ ଭିତରୁ ବାହାରକୁ ଆସି ଭଗବତ୍ ଚର୍ଚ୍ଚା ତଥା ଉପଦେଶରେ ଦୁଃଖକଷ୍ଟପୀଡ଼ିତ ବ୍ୟକ୍ତିଙ୍କୁ ଆନନ୍ଦ ପ୍ରଦାନ କଲେ । ବାକୀ ସମୟ ଏକାନ୍ତରେ ଭଗବତ୍ ଆନନ୍ଦରେ ତଲ୍ଲୀନ ରହିଲେ ।

ରଙ୍ଗନାଥଙ୍କର ବାକ୍‌ସିଦ୍ଧି ତୀବ୍ରଭାବେ ଚତୁର୍ଦ୍ଦିଗରେ ପ୍ରସାରିତ ହୋଇଗଲା । ଏହା ଶୁଣି ଥରେ ଗୋଟିଏ ବ୍ୟକ୍ତି ରଙ୍ଗନାଥଙ୍କ ନିକଟକୁ ଆସି ଧନ ଅଭାବର ଦୁଃଖ ନିବେଦନ କଲେ । ଯଥାର୍ଥରେ ତାଙ୍କର ଧନର ଅଭାବ ଥିଲା, କିନ୍ତୁ ଧନ ଅଭାବର ଦୁଃଖ ନ ଥିଲା, ଦୁଃଖ ଥିଲା ଅଜ୍ଞାନପ୍ରସୂତ କାମନାବାସନା ଏବଂ ଅସନ୍ତୋଷର । ଯେଉଁମାନଙ୍କ ପାଖରେ ପ୍ରଚୁର ଧନ ଥାଏ, ସେମାନେ କ'ଣ ସୁଖ, ଶାନ୍ତି, ଆନନ୍ଦରେ ଥାଆନ୍ତି ? ସେହି ପ୍ରଚୁର ଧନ ଥିବା ସତ୍ତ୍ୱେ ସେମାନେ ଅଭାବ ବୋଧ କରି ଅଧିକ ଧନ ଚାହାନ୍ତି ନାହିଁକି ? ସେହିପରି ଇନ୍ଦ୍ରିୟର ବିଷୟ । ବ୍ୟକ୍ତି ମନେକରେ ଇନ୍ଦ୍ରିୟବିଷୟ-ସେବନରେ ସୁଖ ମିଳେ, କିନ୍ତୁ ଯେତେ ଅଧିକ ବିଷୟ ସେବନ କରେ, ତେତେ ଅଧିକ କ୍ଷୁଧାପିପାସା, କାମନାବାସନା ପ୍ରବଳ ହୁଏ । ପରିଣାମରେ ବ୍ୟକ୍ତି ଉପରେ ଦୁଃଖ, ଶୋକ, ଭୟର ପର୍ବତ ଭାଙ୍ଗିପଡ଼େ । ବ୍ୟକ୍ତି ସେଥିରୁ ମୁକ୍ତ ହୋଇପାରେ ନାହିଁ, ସେହି ଦୁଃଖାଗ୍ନିରେ ଭସ୍ମ ହେଉଥାଏ । ଯଥାର୍ଥରେ ବ୍ୟକ୍ତିର ଆତ୍ମା ଚାହେଁ ପରମାନନ୍ଦ । ଏହାର ସ୍ୱରୂପ ବ୍ୟକ୍ତି ବୁଝି ନ ପାରି ଅଜ୍ଞାନମୋହବଶତଃ ସେହି ପରମାନନ୍ଦକୁ ଚାହେଁ ବିଷୟରେ । ବିଷୟର ପରିଣାମ ସର୍ବଥା ଭୟଙ୍କର ଦୁଃଖ ଏବଂ ଶୋକ । କିନ୍ତୁ ପରମାନନ୍ଦ ପ୍ରାପ୍ତ ହୁଏ ପରମାନନ୍ଦସ୍ୱରୂପ ଭଗବାନଙ୍କୁ ପ୍ରାପ୍ତ ହେଲେ ।

ରଙ୍ଗନାଥଜି ଜ୍ଞାନୀ ମହାତ୍ମା ଥିଲେ । ସେ ସଂସାରମୋହରୁ ମୁକ୍ତ ହୋଇସାରିଥିଲେ । ଦୁଃଖର କାରଣ କାମନାବାସନା ବୋଲି ସେ ଉତ୍ତମ ରୂପେ

ବୁଝିପାରିଥିଲେ । ସେ ଧନାର୍ଥୀ ବ୍ୟକ୍ତିଙ୍କୁ ବହୁପ୍ରକାର ବୁଝାଇଲେ, କିନ୍ତୁ ସେଥିରେ ତାଙ୍କୁ ସନ୍ତୋଷ ହେଲା ନାହିଁ । ଶେଷରେ ସେ ବ୍ୟକ୍ତି କହିଲେ, ''ମୁଁ ଧନର କ୍ଷୁଧାର୍ଥୀ, ଧନଛଡ଼ା ଅନ୍ୟ କୌଣସି ବସ୍ତୁରେ ମୋର ଦୁଃଖ ଦୂର ହେବ ନାହିଁ । ତୁମେ ଥରେ କହିଦିଅ – ମୋର ଖୁବ୍ ଧନ ହୋଇଯାଉ, ବାସ୍, ମୁଁ କୃତକୃତ୍ୟ ହୋଇଯିବି ।''

ମହାତ୍ମା ରଙ୍ଗନାଥଜି ବ୍ୟକ୍ତିର ଆଗ୍ରହରେ ଅପ୍ରସନ୍ନ ନ ହୋଇ ତା' ଅଜ୍ଞାନ ଅବସ୍ଥାରେ ଦୟା କରି ଶାନ୍ତ ମଧୁର ସ୍ୱରରେ କହିଲେ, ''ଭାଇ, ମୁଁ କହିଦେଲେ ତୁମକୁ ଧନ ପ୍ରାପ୍ତ ହେବ, ଏହା କ'ଣ ନିଶ୍ଚିତ ? ଧନପ୍ରାପ୍ତି ବ୍ୟକ୍ତିର ପ୍ରାରବ୍ଧ ଉପରେ ନିର୍ଭର କରେ । ତା'ଛଡ଼ା ମୁଁ ଜାଣୁଛି ଧନପ୍ରାପ୍ତିରେ ତୁମକୁ ସୁଖ ପ୍ରାପ୍ତ ହେବ ନାହିଁ, ହେବ ସନ୍ତୋଷପ୍ରାପ୍ତିରେ । ତୁମେ ନ ଜାଣିଥିବାରୁ ଧନ ଚାହୁଁଛ, ଧନରେ ଦୁଃଖ ମିଳିବ ଜାଣି ମୁଁ ତୁମକୁ ଧନପ୍ରାପ୍ତି ହେଉ ବୋଲି କହିବି କିପରି ? ଆଚ୍ଛା, ମୋ କଥା ଯଦି ବୁଝି ନ ପାରୁଛ ନିଜେ ଦେଖିନିଅ । ତୁମେ ଭଗବାନଙ୍କୁ ପ୍ରାର୍ଥନା କର, ତୁମ ପାଇଁ ଯାହା ଉଚିତ ହେବ, ତା'ର ବ୍ୟବସ୍ଥା ଭଗବାନ୍ କରିବେ ।'' ଏତିକି କହିବା ସଙ୍ଗେ ସଙ୍ଗେ ବ୍ୟକ୍ତିର ଆଖି ବନ୍ଦ ହୋଇଗଲା, ଶରୀରର ସମସ୍ତ ଇନ୍ଦ୍ରିୟର ବହିର୍ମୁଖୀ କ୍ରିୟା ବନ୍ଦ ହୋଇଗଲା । ସେ ପାର୍ଥିବ ଚେତନାକୁ ଅତିକ୍ରମ କରି ଅନ୍ୟ ଚେତନାରାଜ୍ୟରେ ପ୍ରବେଶ କଲେ । ଦେଖିଲେ ବହୁତ ଧନୀ ବ୍ୟକ୍ତିଙ୍କୁ । କେହି 'ନରକ'ରେ ପଡ଼ିଛନ୍ତି, କେହି ଅତ୍ୟନ୍ତ ରୋଗଗ୍ରସ୍ତ ହୋଇ ଶଯ୍ୟାରେ ପଡ଼ି ଦାରୁଣ ଯନ୍ତ୍ରଣା ଭୋଗ କରୁଛନ୍ତି । କୌଣସି ଧନୀ ବ୍ୟକ୍ତି ଅତ୍ୟନ୍ତ ବୃଦ୍ଧ ହୋଇଯାଇ କୁଟୁମ୍ବର ନିରାଦରରୁ ବହୁତ କ୍ଷୁବ୍ଧ ହେଉଛି । ତନ୍ମଧ୍ୟରୁ ଜଣେ ଧନୀ ବ୍ୟକ୍ତି କହିଲେ, ''ଏହି ଧନଲୋଭରୁ ମୁଁ ଯେଉଁ ଜଘନ୍ୟ ପାପ କରିଥିଲି ତା'ର ଫଳସ୍ୱରୂପ ଆଜି ଏହି ନରକ ଭୋଗୁଛି । ଏହି ଯନ୍ତ୍ରଣା ଆଉ ସହ୍ୟ ହେଉ ନାହିଁ । ଏଥିରୁ ଉଦ୍ଧାର ହେବାର କୌଣସି ଉପାୟ ନାହିଁ । ମୁଁ ଯେଉଁ କ୍ରୂର କର୍ମ କରିଥିଲି, ତା'ର ଉଚିତ ଫଳ ପାଇଛି । କେତେ ଗରିବ ବ୍ୟକ୍ତି ଋଣ ପରିଶୋଧ କରିଛନ୍ତି, ସେମାନଙ୍କ ଲିଖିତ ହ୍ୟାଣ୍ଡନୋଟ୍ ଫେରସ୍ତ ନ ଦେଇ ପୁନରାୟ ସେମାନଙ୍କଠାରୁ ମିଥ୍ୟା ମୋକଦ୍ଦମାରେ

ଧନ ଆଦାୟ କରିଛି । କେତେକଙ୍କର ଯଥାର୍ଥ ମଜୁରି ଦେଇ ନାହିଁ । ଗରିବ ବ୍ୟକ୍ତିଙ୍କ ସାହାଯ୍ୟ ସକାଶେ ଆସିଥିବା ଦାତବ୍ୟ ଟଙ୍କା ନିଜେ ଆତ୍ମସାତ୍ କରିଛି । ଧାନରେ ଅଗାଡ଼ି ମିଶାଇ କରଜ ଦେଇଛି । ଖାଣ୍ଟି ଜିନିଷରେ ଅନ୍ୟ ଜିନିଷ ମିଶାଇ ଖାଣ୍ଟି ଜିନିଷର ଦାମ୍ ନେଇ ଲୋକଙ୍କୁ ଠକାଇଛି । ଏହିପରି ଧନଲୋଭରେ ନିଜ ସ୍ୱାର୍ଥ ସକାଶେ କେତେ ଲୋକଙ୍କର ଅନିଷ୍ଟ କରିଛି । ସେ ସମୟରେ ଯଦ୍ୟପି ଲୋକମାନେ ମୋତେ ବଡ଼ଲୋକ ବୋଲି ମାନୁଥିଲେ, ତଥାପି ଈର୍ଷ୍ୟା, ବିରୋଧ ଯୋଗୁଁ ହୃଦୟ ଜଳୁଥିଲା । ବର୍ତ୍ତମାନ ତ ଦୁଃଖ କଷ୍ଟର ସୀମା ନାହିଁ ।''

ଅନ୍ୟ ବ୍ୟକ୍ତି କହିଲା – ''ଧନମଦରେ ମତ୍ତ ହୋଇ ଅହଙ୍କାରବଶତଃ କେତେ ଲୋକଙ୍କର କେତେ ଅନିଷ୍ଟ କରିଛି, କେତେ ଦୁଷ୍କର୍ମ କରିଛି; କେତେ କେତେ ଆତତାୟୀ ଡକାୟତଙ୍କୁ ନିଜର ଅନୁଗତ କରିବା ସକାଶେ କୌଶଳରେ ଫାଶୀରୁ ରକ୍ଷା କରିଛି । ନିଜ ପକ୍ଷ ଦୃଢ଼ କରିବା ସକାଶେ ସବୁ ସମୟରେ ଡକାୟତ, ଗୁଣ୍ଡା ତଥା ଅନ୍ୟର ଅନିଷ୍ଟକାରୀ ଦୁଷ୍ଟ ବ୍ୟକ୍ତିଙ୍କୁ ବରାବର ସାହାଯ୍ୟ କରିଛି । ସେହିମାନଙ୍କ ସାହାଯ୍ୟରେ ଅନ୍ୟର ଯେ କେତେ ଅନିଷ୍ଟ କରିଛି ତା'ର ହିସାବ ନାହିଁ । ଏପରି ଜଘନ୍ୟ ପାପ କର୍ମରେ ରତ ଥାଇ ଅନ୍ୟାୟରେ ଉପାର୍ଜିତ ଧନ ମଧ୍ୟରୁ କିଛି ହାସପାତାଳ, ସ୍କୁଲକୁ ଦାନ ଦେଇ ଦାତା ନାମରେ ଲୋକଙ୍କୁ ପ୍ରବଞ୍ଚନା କରିଛି । ଆଜି ତାହାରି ପରିଣାମରେ ଏହି ନରକାଗ୍ନିରେ ଭସ୍ମୀଭୂତ ହେଉଛି ।''

ଆଉ ଜଣେ କହିଲା – ''ଧନ ଦ୍ୱାରା ମୋର ପନ୍ଦର ଦୋଷ ଉତ୍ପନ୍ନ ହୋଇଥିଲା – ଦମ୍ଭ, ଦର୍ପ, ଅଭିମାନ, କ୍ରୋଧ, ହିଂସା, ମମତା, ମୋହ, ଲୋଭ, କାମ, ଅସତ୍ୟ, ପ୍ରମାଦ, ଦୁଃସଙ୍ଗ, ଦ୍ୟୁତ, ବିଳାସ ଏବଂ ଇନ୍ଦ୍ରିୟାସକ୍ତି । ଏହିସବୁ ଦୋଷରୁ ମୁଁ ଯେଉଁ ଦାରୁଣ ପାପ କରିଥିଲି ତାହାରି ପରିଣାମ ଆଜି ଭୋଗ କରୁଛି । ସେହିସବୁ ପାପକର୍ମ ସ୍ମରଣ ହେବାମାତ୍ରେ ହୃଦୟ ବିଦୀର୍ଣ୍ଣ ହୋଇଯାଉଛି ।''

ଧନପ୍ରାର୍ଥୀ ବ୍ୟକ୍ତି ଏହିସବୁ ଘଟଣା ଦେଖି ଏବଂ ସେମାନଙ୍କଠାରୁ ଶୁଣିବା ପରେ ଭୟରେ ବିଶେଷ କାତର ହୋଇପଡ଼ିଲା । ସେହି ସମୟରେ ବନ୍ଦ ନେତ୍ର

ଖୋଲିଗଲା । କ୍ରମଶଃ ଆନ୍ତର ଚେତନାରୁ ବାହ୍ୟ ଚେତନାକୁ ଫେରିଆସିଲା । କିନ୍ତୁ ତା’ ନେତ୍ରରେ ସେହି ଧନଲୋଭୀ ବ୍ୟକ୍ତିଙ୍କ ଦାରୁଣ ଦୁଃଖଯନ୍ତ୍ରଣା ପ୍ରତ୍ୟକ୍ଷ ଦେଖାଯାଉଥିଲା ଭଳି ମନେହେଉଥିଲା; ସେମାନଙ୍କ ବ୍ୟାକୁଳ କ୍ରନ୍ଦନ ଓ ଦୁଃଖପୂର୍ଣ୍ଣ କାହାଣୀ ତା’ କର୍ଣ୍ଣରେ ଗୁଞ୍ଜାୟମାନ ହେଉଥିଲା । ଦେଖିଲା, ମହାତ୍ମା ଶ୍ରୀ ରଙ୍ଗନାଥ ଦୟା ଏବଂ କରୁଣାପୂର୍ଣ୍ଣ ଦୃଷ୍ଟିରେ ତା’ ଆଡ଼କୁ ଚାହିଁ ମନ୍ଦ ମନ୍ଦ ହସୁଛନ୍ତି । ତା’ ନାମ ଥିଲା ରାମଚନ୍ଦ୍ର । ଏହି ଦୃଶ୍ୟ ଏବଂ ପାପ କାହାଣୀର ଉତ୍ତମ ପ୍ରଭାବ ତା’ ହୃଦୟରେ ବିଶେଷ ରୂପେ ପଡ଼ିଥିଲା । ତା’ ସହିତ ଥିଲା ମହାତ୍ମା ରଙ୍ଗନାଥଙ୍କର କୃପା । ଭଗବାନଙ୍କ ଅନୁକମ୍ପାରୁ ତା’ର ଧନକାମନା ନଷ୍ଟ ହୋଇଗଲା । ସେ ପ୍ରେମରେ ବିହ୍ୱଳ ହୋଇ ମହାତ୍ମା ରଙ୍ଗନାଥଙ୍କ ଚରଣଦୁଇଟି ଧରି ସାଷ୍ଟାଙ୍ଗ ପଡ଼ିଗଲା; କହିଲା, ‘‘ଗୁରୁଦେବ, ମୋ ଉପରେ କୃପାକର, ଏପରି ଉପାୟ କହିଦିଅ ଯଦ୍ଦ୍ୱାରା ନିଜ ଜୀବନ ସଫଳ କରିପାରେ । ମୋର ଧନର ଆଉ ଆବଶ୍ୟକତା ନାହିଁ, ମୁଁ ଚାହୁଁଛି ଭଗବତ୍ ପ୍ରେମ, ଭଗବତ୍ ଅବ୍ୟଭିଚାରିଣୀ ଭକ୍ତି । ମୋ ଉପରେ ଦୟାକର ।’’ ରାମଚନ୍ଦ୍ରଙ୍କର ଏପରି ସୁନ୍ଦର ପରିବର୍ତ୍ତନ ଦେଖି ମହାତ୍ମା ରଙ୍ଗନାଥ ବଡ଼ ପ୍ରସନ୍ନ ହେଲେ । ଭଗବାନଙ୍କ ପ୍ରତ୍ୟକ୍ଷ କୃପା ଦେଖି ସେ ଗଦ୍‌ଗଦ ହୋଇ କହିଲେ, ‘‘ଭାଇ ରାମଚନ୍ଦ୍ର, ଯେପର୍ଯ୍ୟନ୍ତ ଚିତ୍ତରେ ଭୋଗର କାମନା ପୂରି ରହିଥାଏ ସେପର୍ଯ୍ୟନ୍ତ ମୋହ-ଅନ୍ଧକାର ଦୂର ହୁଏ ନାହିଁ । ଏହି ମୋହ-ଅନ୍ଧକାର ଥିଲେ ଶୋକସନ୍ତାପରୁ ମୁକ୍ତି ମିଳେ ନାହିଁ । ଭୋଗବାସନାର ବିନାଶ ଭଗବତ୍ କୃପା ଅଥବା ଭଗବତ୍ କୃପା ପରିଚାଳିତ ସନ୍ତମହାତ୍ମାଙ୍କ ଦ୍ୱାରା ହୋଇପାରେ ।’’ ମହାତ୍ମା ରଙ୍ଗନାଥ କହିଲେ, ‘‘ଭାଇ, ଧନ ଯଥାର୍ଥରେ ଭଗବାନଙ୍କର । ଧନର ଅନ୍ୟ ନାମ ଲକ୍ଷ୍ମୀ । ଲକ୍ଷ୍ମୀ ଭଗବାନଙ୍କର ସେବିକା । ସେ କେବଳ ଚାହାନ୍ତି ଭଗବାନଙ୍କର ସେବା । ଯଦି ବ୍ୟକ୍ତି ଧନ ଭଗବାନଙ୍କର ଜାଣି ନିଜକୁ ତା’ର ରକ୍ଷାର ଟ୍ରଷ୍ଟି ବା କାର୍‌ପରଦାର୍ ମନେକରେ, ତେବେ ସେ ଧନକୁ ଯଥାର୍ଥ ଭାବରେ ଉପଯୋଗ କରିପାରେ । ଏପରି ବ୍ୟକ୍ତିକୁ ଲକ୍ଷ୍ମୀଦେବୀ ସନ୍ମାର୍ଗରେ ସହାୟତା କରନ୍ତି ।

‘‘ଯେଉଁ ବ୍ୟକ୍ତି ଅଜ୍ଞାନ, ମୋହ ଓ ଲୋଭରେ ପଡ଼ି ଭଗବାନଙ୍କ

ସେବିକା ଲକ୍ଷ୍ମୀଙ୍କୁ ନିଜର ବୋଲି ମନେକରି ତାହା ଉପଭୋଗ କରିବାକୁ ଚେଷ୍ଟା କରେ, ଭୋଗବିଳାସରେ ଲଗାଏ, ଅଧିକାରପ୍ରାପ୍ତିର ଯନ୍ତ୍ରରୂପେ ବ୍ୟବହାର କରେ, ତା' ଉପରେ ଲକ୍ଷ୍ମୀ ହୁଅନ୍ତି ଭୟଙ୍କର ରୁଷ୍ଟ । ତାଙ୍କ ରୁଷ୍ଟତା ସଙ୍ଗେ ସଙ୍ଗେ ବ୍ୟକ୍ତିର ସନ୍ମାର୍ଗ ରୁଦ୍ଧ କରିଦିଅନ୍ତି କାମ, କ୍ରୋଧ, ଲୋଭ, ମୋହ, ମଦ, ମତ୍ସର; ଉନ୍ମୁକ୍ତ କରିଦିଅନ୍ତି ଭୋଗବିଳାସ, ଇନ୍ଦ୍ରିୟଲୋଲୁପତାର ସିଧା ନରକର ମାର୍ଗ । ଧନ ଯୋଗୁଁ ବ୍ୟକ୍ତି ଜୀବିତାବସ୍ଥାରେ ଈର୍ଷ୍ୟା, ବିରୋଧ, ସ୍ୱାର୍ଥର ଅଗ୍ନିରେ ଜଳୁଥାଏ । ମୃତ୍ୟୁ ପରେ ନିମ୍ନ ପ୍ରାଣର ଜଗତରେ ଦୁଃଖକଷ୍ଟରୂପ ନରକାଗ୍ନିରେ ଭସ୍ମୀଭୂତ ହେଉଥାଏ ।

''ଭଗବାନଙ୍କ ଶକ୍ତି ଲକ୍ଷ୍ମୀଦେବୀଙ୍କର ବହୁ ଐଶ୍ୱର୍ଯ୍ୟ ଶକ୍ତି ମଧ୍ୟରୁ ଧନ ଗୋଟିଏ ଐଶ୍ୱର୍ଯ୍ୟ ଶକ୍ତି । ଧନ ଦ୍ୱାରା ବହୁତ ଉତ୍ତମ କାର୍ଯ୍ୟ ସମ୍ପନ୍ନ ହୁଏ । ବ୍ୟକ୍ତି ଧନକୁ ଭଗବାନଙ୍କର ଶକ୍ତି, ନିଜକୁ ସେବକ ଜାଣି ଭଗବାନଙ୍କ ସେବାରୂପେ କାମନାବାସନାଶୂନ୍ୟ ହୋଇ ଯଥାର୍ଥ ଏବଂ ଉତ୍ତମ କାର୍ଯ୍ୟରେ ଉପଯୋଗ କଲେ ସେହି ଧନ ଦ୍ୱାରା ବ୍ୟକ୍ତି ପରମାନନ୍ଦସ୍ୱରୂପ ଭଗବାନଙ୍କୁ ପ୍ରାପ୍ତ ହୋଇ ଜନ୍ମମରଣରୁ ମୁକ୍ତ ହୁଏ । ସେହି ଧନକୁ ଆସକ୍ତି, ଲୋଭ, ମୋହବଶତଃ ନିଜର ମନେକରି ଭୋଗବିଳାସ, ଅୟସ-ଆରାମ, ସ୍ୱାର୍ଥ, ହିଂସାରେ ବ୍ୟୟ କଲେ ତା'ର କୁପରିଣାମ ଭୋଗ କରିବାକୁ ହୁଏ । ମନୁଷ୍ୟର ଧନ ଯେତିକି ଆବଶ୍ୟକ ତାହା ଯଥାର୍ଥ ପରିଶ୍ରମରେ ମିଳିଯାଏ; କିନ୍ତୁ ବ୍ୟକ୍ତି ମୋହ ଓ ଲୋଭରେ ଅଧିକ ଧନ ଚାହେଁ ଏବଂ ଅସତ୍ୟ, ଅନ୍ୟାୟ ଉପାୟରେ ଧନ ଉପାର୍ଜନ କରି ନିଜର ଆତ୍ମାକୁ ନରକକୁ ଠେଲିଦିଏ । ବ୍ୟକ୍ତି ସଂଯମୀ ନ ହୋଇ କାମବଶ ହୋଇ ଅଧିକ ସନ୍ତାନ ଉତ୍ପନ୍ନ କରେ; ଉପାର୍ଜନରୁ ଅଧିକ ଧନ ଆବଶ୍ୟକ ହୁଏ; ସେଥିପାଇଁ ସେ ଅନ୍ୟାୟରେ ଧନ ଉପାର୍ଜନ କରେ ବା ଧନାଭାବରେ ଦୁଃଖ ପାଏ । ନିଜ ସ୍ତ୍ରୀ, ଦୁଇଟି ସନ୍ତାନ — ଏହିରୂପେ ଚାରିପ୍ରାଣୀଙ୍କ ସକାଶେ ବ୍ୟକ୍ତି ଚେଷ୍ଟା କଲେ ନ୍ୟାୟରେ ଧନ ଉପାର୍ଜନ କରି ସୁଖଶାନ୍ତିରେ ରହିପାରେ । କିନ୍ତୁ ବ୍ୟକ୍ତି ଇନ୍ଦ୍ରିୟସଂଯମର ଅଭାବ, ଅହଂ-ସ୍ୱାର୍ଥର ପୁଷ୍ଟି ଓ ତୁଷ୍ଟି, ଭୋଗବିଳାସର ଦାସତ୍ୱ ଯୋଗୁଁ ଧନ ଆବଶ୍ୟକ କରେ, ଅଭାବ ବୋଧ କରେ, ଅନ୍ୟାୟ-ଅସତ୍ୟରେ

ଉପାର୍ଜନ କରେ, ଜୀବିତାବସ୍ଥାରେ ସେଥିରେ ସୁଖଶାନ୍ତି ପରିବର୍ତ୍ତେ ଦୁଃଖଦ୍ୱନ୍ଦ୍ୱ ଭୋଗେ, ମୃତ୍ୟୁ ପରେ ଅସଦ୍‌ଗତିକୁ ପ୍ରାପ୍ତ ହୁଏ । ଏହି ଧନାସକ୍ତି ଏବଂ ଧନାଭାବରୁ ମୁକ୍ତ ହେବାର ଉପାୟ ହେଲା ଭଗବତ୍ ଭକ୍ତି । ଯେପର୍ଯ୍ୟନ୍ତ ମନୁଷ୍ୟ ମୋହ-ଅଜ୍ଞାନର କବଳରେ ପଡ଼ିଥାଏ ସେପର୍ଯ୍ୟନ୍ତ ସେ କୌଣସି ବାହ୍ୟ ଉପାୟରେ ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହୋଇପାରେ ନାହିଁ । ଜନ୍ମମରଣର ଦାରୁଣ ଯନ୍ତ୍ରଣା-ଚକ୍ରରେ ଭ୍ରମୁଥାଏ । ଏହି ମୋହଅଜ୍ଞାନରୁ ମୁକ୍ତ ହେବାର ସହଜ ଓ ସରଳ ଉପାୟ ଭଗବତ୍ ଭକ୍ତି ।

‘‘ବ୍ୟକ୍ତି ଯେତେ ପାପୀ, ଦୁରାଚାରୀ, ପତିତ ହୋଇଥାଉ, ସେ ଯଦି ଆନ୍ତରିକ ଭାବରେ ତହିଁରୁ ମୁକ୍ତ ହେବାକୁ ଚାହେଁ ଏବଂ ଭଗବାନଙ୍କ ଶରଣ ନିଏ, ତେବେ ତା'ର ପୂର୍ବର ସମସ୍ତ ଦୋଷତ୍ରୁଟିକୁ ଭ୍ରୂକ୍ଷେପ ନ କରି ଭଗବାନ୍ ନିଜ ଶରଣରେ ଗ୍ରହଣ କରନ୍ତି । ସେ ଯଦି ଭଗବାନଙ୍କର ଏହି କୃପାକୁ ଧରି ରଖିପାରେ, ପୂର୍ବ ସଂସ୍କାର ଏବଂ ଅଭ୍ୟାସ ତଥା ବିରୋଧୀ ଶକ୍ତିଙ୍କ ଆକ୍ରମଣକୁ ଉତ୍ତର ନ ଦେଇ ସେଥିରୁ ରକ୍ଷା ହେବାକୁ ଭଗବାନଙ୍କୁ ପ୍ରାର୍ଥନା କରେ, ତେବେ ଛୋଟ ଶିଶୁକୁ ମା ରକ୍ଷା କରିବା ସଦୃଶ ଭଗବାନ୍ ସମସ୍ତ ବାଧାବିପତ୍ତିରୁ ତାକୁ ରକ୍ଷା କରୁଥା'ନ୍ତି । ଶେଷରେ ନିଜ ଚରଣରେ ଆଶ୍ରୟ ଦେଇ ଅଭୟ କରିଦିଅନ୍ତି ।

‘‘ଭଗବାନ୍ ଯଥାର୍ଥରେ ଆମର ପ୍ରାଣର ପ୍ରିୟ, ଆମର ଦିବ୍ୟ ସତ୍ତା । ଆମ୍ଭେମାନେ ଭଗବାନଙ୍କ ସହିତ ଅଭିନ୍ନ, ଏକ । କିନ୍ତୁ ଆମ୍ଭେମାନେ ଅଜ୍ଞାନଅନ୍ଧକାରରେ ମୋହିତ ହୋଇ ନିଜକୁ ଏବଂ ନିଜର ଯଥାର୍ଥ ସତ୍ତା ଭଗବାନଙ୍କୁ ଭୁଲିଯାଇଛୁ । ସେହି ସକାଶେ ଦୁଃଖକଷ୍ଟ ଭୋଗୁଛୁ । ଆମ୍ଭେମାନେ ସେହି ଆନନ୍ଦଘନଙ୍କ ଅଂଶ ବା ପ୍ରତିଭୂ । ଥରେ ତାଙ୍କୁ ଜାଣିପାରିଲେ, ଚିହ୍ନି ପାରିଲେ ତାଙ୍କୁ ଛାଡ଼ି ବଞ୍ଚି ରହିବା କଠିନ ହୋଇପଡ଼ିବ । ନିଜର ମନ-ପ୍ରାଣ, ସମସ୍ତ ସତ୍ତା ବାସନାକାମନାରେ ଧାବିତ ହେବାର ଅଭ୍ୟାସ ପରିତ୍ୟାଗ କରି ଏକମୁଖୀ ହୋଇ ତାଙ୍କରି ଆଡ଼କୁ ଦୌଡ଼ିଯିବ । ଏକ କ୍ଷଣ ବିୟୋଗ ବରଦାସ୍ତ କରିପାରିବ ନାହିଁ । ଏଥିରେହିଁ ମନୁଷ୍ୟଜୀବନର ସଫଳତା । ଅନ୍ୟଥା ମନୁଷ୍ୟ ଦ୍ୱିପଦବିଶିଷ୍ଟ ପଶୁ ।

''ମନୁଷ୍ୟର ଏକମାତ୍ର କର୍ତ୍ତବ୍ୟ ଏହି ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତିଲାଭ ତଥା ଭଗବତ୍‌ପ୍ରାପ୍ତି କରିବା ସକାଶେ ପ୍ରାଣପଣେ ପ୍ରଯତ୍ନଶୀଳ ହେବା । ଏହାର ଉପାୟ ଭଗବତ୍ ଭଜନ ବା ଭଗବାନଙ୍କ ଚରଣରେ ସମର୍ପଣ । ମୁଁ ତୁମକୁ ଦ୍ୱାଦଶାକ୍ଷର ମନ୍ତ୍ର ଦେଉଛି, ତୁମେ କାମିନୀ, କାଞ୍ଚନ ତଥା ମାନ-ପ୍ରତିଷ୍ଠାର ମୋହ ତ୍ୟାଗ କରି ଏହି ମନ୍ତ୍ରକୁ ନିୟମିତରୂପେ ପ୍ରତିଦିନ ଶ୍ରଦ୍ଧା, ବିଶ୍ୱାସ ଓ ନିଷ୍ଠା ସହିତ ଅଧିକରୁ ଅଧିକ ଜପ କର; ମନ୍ତ୍ର ହେଲା 'ଓଁ ନମୋ ଭଗବତେ ବାସୁଦେବାୟ' । ସାବଧାନ, ବଡ଼ ବଡ଼ ପ୍ରଲୋଭନ ଆସିବ, ବିରୋଧୀଶକ୍ତିମାନଙ୍କର ଭୟଙ୍କର ଆକ୍ରମଣ ହେବ, କିନ୍ତୁ ଭଗବାନଙ୍କ ଆଶ୍ରୟ, ଭଗବାନଙ୍କ ଶକ୍ତିର ଭରସାରେ ତୁମେ ଅବିଚଳିତ ରହିବ । କୌଣସିପ୍ରକାର ପ୍ରଲୋଭନକୁ ଉତ୍ତର ଦେବ ନାହିଁ । ଭଗବାନ୍ ଭକ୍ତବତ୍ସଳ, କୃପାସିନ୍ଧୁ, ଅଶରଣ-ଶରଣ । ତୁମର ନିଷ୍ଠା ନିଷ୍କପଟ ହେଲେ ସେ ସମସ୍ତ ବାଧାବିପତ୍ତିରୁ ରକ୍ଷା କରି ନିଜ ଶରଣରେ ସ୍ୱୀକାର କରିନେବେ ।''

ଭଗବାନଙ୍କ ବିଧାନ ବିଚିତ୍ର । ମନୁଷ୍ୟ ଆଶା କରିଥାଏ କିଛି, ଚାହେଁ କିଛି, ମାଗେ କିଛି, କିନ୍ତୁ ପାଏ ସ୍ୱପ୍ନରେ ଭାବି ନ ଥିବା ବସ୍ତୁ । ରାମଚନ୍ଦ୍ର କୁମାର ଥିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା କୌଣସି ଉପାୟରେ ପ୍ରଚୁର ଧନ ପାଇଗଲେ ଭୋଗବିଳାସସାମଗ୍ରୀ ସଂଗ୍ରହ କରି ବିବାହ କରିବେ ଏବଂ ଆମୋଦପ୍ରମୋଦ, ଭୋଗବିଳାସରେ ସୁଖମୟ ଜୀବନ ବ୍ୟତୀତ କରିବେ । ଯଥାର୍ଥରେ ଏପରି ମୋହଗ୍ରସ୍ତ, ଇନ୍ଦ୍ରିୟଲୋଲୁପ ଜୀବନ ସୁଖମୟ ନୁହେଁ । କାମନାବାସନାର ତୃପ୍ତିରେ ସୁଖଶାନ୍ତି କେବେ ବି ମିଳେ ନାହିଁ । ସେଥିରେ ସର୍ବକାଳରେହିଁ ମିଳେ ଦୁଃଖ । କାମନାବାସନା ସିଧା ନେଇଯାଏ ନରକକୁ । ଭ୍ରମରେ ପଡ଼ି ଧନପ୍ରାପ୍ତି ଆଶାରେ ରାମଚନ୍ଦ୍ର କେତେ ଉପାୟ କଲେ, କେତେ ସାଧୁମାନଙ୍କ ପଛରେ ଗୋଡ଼େଇ ସୁନା ତିଆରି କରିବା ଫନ୍ଦାରେ ପଡ଼ିଥିଲେ । ଶେଷରେ ସବୁଠାରୁ ନିରାଶ ହୋଇ ମହାତ୍ମା ରଙ୍ଗନାଥଙ୍କ ବାକ୍ୟ-ସିଦ୍ଧି କଥା ଶୁଣି ଆସିଥିଲେ ଧନପ୍ରାପ୍ତିର ଆଶାରେ । ହେଲା ଏକେବାରେ ବିପରୀତ । ଯେଉଁ ଧନରେ ସେ ଏତେ ଆସକ୍ତ ଥିଲେ ଆଜି ମହାତ୍ମା ରଙ୍ଗନାଥଙ୍କ ସତ୍‌ସଙ୍ଗ

ଏବଂ କୃପା ଯୋଗୁଁ ସେହି ଧନର ଯଥାର୍ଥ ସ୍ୱରୂପ ତଥା ଧନାସକ୍ତିର କୁପରିଣାମ ସେ ଉତ୍ତମରୂପେ ବୁଝିପାରିଲେ । ଧନର ବାସନା ଦୂର ହୋଇଗଲା । ମହାତ୍ମା ରଙ୍ଗନାଥଙ୍କଠାରୁ ଉପଦେଶ ନେଇ ଦ୍ୱାଦଶାକ୍ଷର 'ବାସୁଦେବ ମନ୍ତ୍ର' ବିଧିପୂର୍ବକ ଜପ କରିବାକୁ ଲାଗିଲେ । ମନ୍ତ୍ରଜପ, ହୃଦୟରେ ଭଗବତ୍ ଧ୍ୟାନ ଦ୍ୱାରା ତାଙ୍କ ମନ-ପ୍ରାଣ କ୍ରମଶଃ ଶୁଦ୍ଧ ହେବାକୁ ଲାଗିଲା । ସେହି ସଙ୍ଗେ ସଙ୍ଗେ ମନ୍ତ୍ରଜପ ଏବଂ ଧ୍ୟାନରେ ଅଧିକ ରୁଚି ଉତ୍ପନ୍ନ ହେଲା । ଶେଷରେ ଭଜନରେ ଏକେବାରେ ତଲ୍ଲୀନ ହୋଇଗଲେ ।

ବ୍ୟକ୍ତି ଭଗବାନଙ୍କୁ ଛାଡ଼ି ସଂସାରର ବସ୍ତୁ ଯେପର୍ଯ୍ୟନ୍ତ ଚାହୁଁଥାଏ ସେପର୍ଯ୍ୟନ୍ତ ସେ କାମନାବାସନାର ଅଗ୍ନିରେ ଦଗ୍ଧ ହେଉଥାଏ । ତାହା କେବେ ବି ଶାନ୍ତ ହୁଏ ନାହିଁ । ଗୋଟିଏ କାମନା ପୂରା ହେଲେ ଅନ୍ୟ ଉପସ୍ଥିତ ହୁଏ । ତା'ର ସୀମା ନ ଥାଏ । କାମନାର ମୂଳୋତ୍ପାଟନ ହୁଏ ଭଗବତ୍ ଭକ୍ତିରେ । ରାମଚନ୍ଦ୍ର ଯେଉଁ ଧନ ସକାଶେ ଲାଳାୟିତ ଥିଲେ, ଚାହୁଁଥିଲେ, ସେପର୍ଯ୍ୟନ୍ତ ତାହା ଦୂରରେ ଥିଲା । ସେ ତାକୁ ତ୍ୟାଗ କରି ଭଗବାନଙ୍କୁ ଚାହିଁବାରୁ ସେହି ଧନ ଛାୟା ସଦୃଶ ତାଙ୍କ ପାଖରେ ରହିବାକୁ ଇଚ୍ଛା କଲା । ରାମଚନ୍ଦ୍ରଙ୍କ ଭଜନନିଷ୍ଠା କ୍ରମଶଃ ପ୍ରସାରିତ ହେବାରୁ ଧନୀଲୋକମାନେ ନିଜ ନିଜ କାମନାବାସନା ପୂର୍ଣ୍ଣ କରିବା ସକାଶେ ଧନ ଭେଟି ଦେବାକୁ ଆସିଲେ । ସାଧନାରେ ବାଧାରୂପେ ଏହିସବୁ ପ୍ରଲୋଭନ ବରାବର ଆସେ । କିନ୍ତୁ ମହାତ୍ମା ରଙ୍ଗନାଥଙ୍କ କୃପାରୁ ରାମଚନ୍ଦ୍ର ସଜାଗ ଥିଲେ । ସାଧନାରେ ଧନ ବାଧାସ୍ୱରୂପ ଜାଣି ଗ୍ରହଣ ନ କରି ନିଜ ସାଧନାମାର୍ଗରେ ଦୃଢ଼ତା ସହିତ ଯାତ୍ରା କଲେ । ତାଙ୍କର ସମସ୍ତ ଇନ୍ଦ୍ରିୟ ଭଗବତ୍ ଭଜନ, ଧ୍ୟାନରେ ଏକାଗ୍ର ହୋଇଗଲା । ତାଙ୍କ ଚେତନା ଭଗବନ୍ମୟ ହୋଇଗଲା । ଦିନେ ସେ ଭଗବତ୍ ଧ୍ୟାନରେ ଏକେବାରେ ମଗ୍ନ ଥିଲେ । ଭଗବାନ୍ ସ୍ୱୟଂ ତାଙ୍କ ସମ୍ମୁଖରେ ପ୍ରକଟ ହୋଇ ତାଙ୍କ ସମାଧି ଭଙ୍ଗ କଲେ । ସେ ସ୍ଥୂଳ ନେତ୍ର ଖୋଲି ଭଗବାନଙ୍କ ସାକ୍ଷାତ୍ ଦର୍ଶନ ପାଇ କୃତକୃତ୍ୟ ହୋଇ ଗଲେ । ସେ ଭଗବାନଙ୍କ ଚରଣରେ ପଡ଼ିଗଲେ । ତାଙ୍କ ନେତ୍ରରୁ ଅଶ୍ରୁ ବର୍ଷା ହେବାକୁ ଲାଗିଲା, କଣ୍ଠ ଗଦ୍‌ଗଦ୍, ସ୍ୱେଦ, କମ୍ପ ଆଦି ଅଷ୍ଟସାତ୍ତ୍ୱିକ ଭାବ ତାଙ୍କ ଶରୀରରେ

ପ୍ରକାଶ ହେଲା । ଭଗବାନ୍ ନିଜ କରକମଳ ତାଙ୍କ ମସ୍ତକରେ ରଖି ତାଙ୍କୁ ଉଠାଇନେଲେ । ସେ ଅନ୍ତର-ଉଦ୍‌ଗାରିତ ଭାଷାରେ ଭଗବାନଙ୍କୁ ସ୍ତୁତି କରିବାକୁ ଲାଗିଲେ । କିଛି ସମୟ ଭଗବାନ୍ ଦର୍ଶନ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ । ରାମଚନ୍ଦ୍ରଙ୍କ ଜୀବନ ସଫଳ ହେଲା । ତାଙ୍କ ପିତାମାତା ଧନ୍ୟ ହୋଇଗଲେ । ତାଙ୍କ କୁଳ ଓ ସେ ସ୍ଥାନ ପବିତ୍ର ହୋଇଗଲା ।

ବୋଲ ଭକ୍ତ ଏବଂ ଭଗବାନଙ୍କୁ ଜୟ ।

(ଭକ୍ତ-ଚରିତ ସାହାଯ୍ୟରେ ଲିଖିତ)

# ଭକ୍ତ ମନକୋଜି ବୋଧଲା

ଭକ୍ତ ମନକୋଜି ବୋଧଲା ମହାରାଷ୍ଟ୍ର ବରାର (ବରାଡ଼) ପ୍ରାନ୍ତର ଧାମନଗାଁର ପଟେଲ ଥିଲେ । ଅର୍ଥାତ୍ ସେ ଗ୍ରାମର ମୁଖିଆ ବା ମାମଲତ୍‌କାର ଥିଲେ । ତାଙ୍କ ସ୍ତ୍ରୀଙ୍କ ନାମ ଥିଲା ମାମାତାଇ । ତାଙ୍କର ଯାମାଜି ନାମରେ ଗୋଟିଏ ପୁତ୍ର, ଭାଗୀରଥୀ ନାମରେ ଗୋଟିଏ କନ୍ୟା ଥିଲା । ମନକୋଜି ବୋଧଲା ଥିଲେ ଭକ୍ତ, ଜ୍ଞାନୀ ଏବଂ ସହୃଦୟ ବ୍ୟକ୍ତି । ତାଙ୍କ ସ୍ତ୍ରୀ ମାମାତାଇ ଥିଲେ ପତିବ୍ରତା, ସଦ୍‌ଗୁଣବତୀ, ସୁଗୃହିଣୀ । ଯେପରି ମଞ୍ଜି ସେପରି ଗଛ । ଆମ୍ବ ମଞ୍ଜିରୁ ଆମ୍ବଡ଼ା ଗଛ ହୁଏ ନାହିଁ । ମଞ୍ଜି ମଧ୍ୟରେ ଯେପରି ଗଛର ପୂର୍ଣ୍ଣ ଆକାର, ଗୁଣଧର୍ମ ନିହିତ ଥାଏ ସେହିପରି ପିତାମାତାଙ୍କ ତତ୍ତ୍ୱରେ ପିତାମାତାଙ୍କ ସଦ୍‌ଗୁଣ ଏବଂ ଦୁର୍ଗୁଣ ପ୍ରାପ୍ତ ହୁଏ ସନ୍ତାନମାନଙ୍କୁ । ସନ୍ତାନମାନଙ୍କ ନିଜ କର୍ମ ଅନୁସାରେ ତାହା ହ୍ରାସ ତଥା ବୃଦ୍ଧି ହୋଇଥାଏ । ପିତାମାତା ଯେପରି କର୍ମ କରନ୍ତି, ବିଶେଷତଃ ମାତାର କର୍ମ ଶିଶୁମାନଙ୍କ ଅଜ୍ଞାତରେ ସେମାନଙ୍କ ଚେତନାରେ ସଂସ୍କାରରୂପେ ପ୍ରତିଷ୍ଠିତ ହୁଏ । ସନ୍ତାନମାନଙ୍କ ସଂସ୍କାରକୁ ବିଶେଷ ପ୍ରେରଣା ଦିଏ ପିତାମାତାଙ୍କ ଉପସ୍ଥିତ କର୍ମ । ସେହି ପ୍ରେରଣାରେ ସନ୍ତାନମାନେ ସ୍ୱତଃ ପ୍ରେରିତ ହୋଇ ତଦ୍‌ରୂପ କର୍ମ ଅଥବା ତଦପେକ୍ଷା ଉତ୍ତମ ବା ଜଘନ୍ୟ କର୍ମରେ ପ୍ରବୃତ୍ତ ହୁଅନ୍ତି ।

ଯାମାଜି ତଥା ଭାଗୀରଥୀଙ୍କୁ ପିତାମାତାଙ୍କର ଉତ୍ତମ ଗୁଣ ଏବଂ କର୍ମର ସଂସ୍କାର ପ୍ରାପ୍ତ ଥିଲା । ପିତାମାତାଙ୍କ ଉପସ୍ଥିତ କର୍ମର ଉତ୍ତମ ପ୍ରଭାବ ସେମାନଙ୍କ ଅନ୍ତରରେ ପ୍ରତିଷ୍ଠିତ ହେଲା । ସେମାନେ ସ୍ୱତଃସ୍ଫୂର୍ତ୍ତଭାବେ ସଦ୍‌ଗୁଣ ଲାଭ କରିପାରିଲେ ଏବଂ ଭଗବତ୍ ଭକ୍ତିରେ ପ୍ରବୃତ୍ତ ହେଲେ । ପୁତ୍ର ତଥା କନ୍ୟାଙ୍କର ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ବିନୟ, ଦୟା, ଶାନ୍ତି, ଆନନ୍ଦ, ସମତାଦି ଦିବ୍ୟ ଗୁଣ ତଥା ଭଗବତ୍ ଭକ୍ତି ବିକଶିତ ହେବାକୁ ଲାଗିଲା । ପିତା, ମାତା, ପୁତ୍ର ଏବଂ କନ୍ୟାଙ୍କର ଜୀବନର ଲକ୍ଷ୍ୟ ଥିଲା ଭଗବତ୍ ପ୍ରାପ୍ତି । ପ୍ରତ୍ୟେକ ମନୁଷ୍ୟର

ମଧ୍ୟ ଏହାହିଁ ଲକ୍ଷ୍ୟ । ଏହି ଲକ୍ଷ୍ୟକୁ ବ୍ୟକ୍ତି ଯଥାର୍ଥଭାବେ ଗ୍ରହଣ କଲେ ଲକ୍ଷ୍ୟପ୍ରାପ୍ତିର ପ୍ରତିକୂଳ ଅସତ୍ କର୍ମକୁ ସତତ ସଚେତ ହୋଇ ତ୍ୟାଗ କରେ ଏବଂ ସଦ୍‌ଗୁଣ ପ୍ରାପ୍ତ ହୁଏ । ବ୍ୟକ୍ତିର କୌଣସି ଉଚ୍ଚ ଲକ୍ଷ୍ୟ ନ ଥିଲେ ପାରିପାର୍ଶ୍ୱିକ ପ୍ରଭାବ ଅନୁସାରେ ସେ ସତ୍ କର୍ମ କରିପାରେ ଅଥବା ଅସତ୍ କର୍ମରେ ପ୍ରବୃତ୍ତ ହୋଇ ଜୀବନକୁ ନଷ୍ଟ କରିପାରେ । ପିତାମାତାଙ୍କ ପ୍ରଭାବରୁ ଯାମାଜି ତଥା ଭାଗୀରଥୀର ଭଗବତ୍ ଲକ୍ଷ୍ୟ ନିର୍ଦ୍ଧାରିତ ଥିଲା । ସେହି ଲକ୍ଷ୍ୟପ୍ରାପ୍ତି ସକାଶେ ପିତାମାତାଙ୍କ ସହିତ ସେମାନେ ଘରର ସମସ୍ତ କର୍ମ ଭଗବାନଙ୍କ ସେବାରୂପେ ସମ୍ପାଦନ କରି ଭଗବାନଙ୍କ ଚରଣରେ ନିବେଦନ କରୁଥିଲେ । ଗୃହକର୍ମ ବା ଯେକୌଣସି କର୍ମ କରିବା ସମୟରେ ସେମାନେ ମୁଖରେ ଭଗବତ୍ ନାମ ଅଥବା ଚରିତ ଗାନ କରୁଥିଲେ । ଭୋକୀ-ଶୋଷୀ, ଅତିଥି-ଅଭ୍ୟାଗତ କେହି ନିରାଶ ହୋଇ ଗୃହରୁ ଫେରୁ ନ ଥିଲେ । ଗୃହର କୌଣସି ବ୍ୟକ୍ତିର ମୁଖରେ 'ନାହିଁ' ଶବ୍ଦ ନ ଥିଲା । ସମସ୍ତଙ୍କୁ କୋମଳ, ମଧୁର, ବିନମ୍ର ବଚନରେ ସମ୍ବୋଧନ କରୁଥିଲେ । ତାଙ୍କ ଘର ଯଥାର୍ଥରେ ଅଧ୍ୟାତ୍ମ ସାଧନାଶ୍ରମରେ ପରିଣତ ହୋଇଥିଲା ।

ମନକୋଜି ବୋଧଳା ଦାନଦକ୍ଷିଣାରେ ପଶ୍ଚାତ୍‌ପଦ ହେଉ ନ ଥିଲେ । ତାଙ୍କ ଗୃହ ଧନଧାନ୍ୟ, ସୁନାରୁପା, ଟଙ୍କାପଇସାରେ ପୂର୍ଣ୍ଣ ଥିଲା । ଗୋଶାଳାରେ ଗୋରୁ, ମଇଁଷି ଧାଡ଼ି ଧାଡ଼ି ହୋଇ ବନ୍ଧା ହୋଇଥିଲେ । ଏତେ ଧନସମ୍ପଦ ଥିବା ସତ୍ତ୍ୱେ ମନକୋଜି ଥିଲେ ସେଥିରେ ଅନାସକ୍ତ । ସେ ସମସ୍ତ ସମ୍ପତ୍ତିକୁ ଭଗବାନଙ୍କର ଜାଣିଥିଲେ । ଏହିପରି ଭାବ ଥିଲା ସ୍ତ୍ରୀ ଏବଂ ପୁତ୍ର ତଥା କନ୍ୟାଙ୍କର ।

ଭକ୍ତ ବୋଧଳାଙ୍କର ଇଷ୍ଟ ଥିଲେ ପଣ୍ଢରପୁରର ପଣ୍ଢରୀନାଥ । ସେ ପ୍ରତି ଏକାଦଶୀକୁ ନିୟମିତରୂପେ ପଣ୍ଢରପୁର ଯାଆନ୍ତି । ନିର୍ଜଳା ଏକାଦଶୀ ବ୍ରତ କରନ୍ତି । ପଣ୍ଢରପୁରସ୍ଥ ଚନ୍ଦ୍ରଭାଗା ନଦୀରେ ସ୍ନାନ କରି ରାତ୍ରିରେ ଜାଗରଣ କରନ୍ତି । ଜିହ୍ୱାରେ ଥାଏ ନିରନ୍ତର ନାମ ଉଚ୍ଚାରଣ, ହୃଦୟରେ ଥାଏ ପ୍ରେମପୂର୍ଣ୍ଣ ଭକ୍ତି । ସେ ପଣ୍ଢରୀନାଥଙ୍କ ଦର୍ଶନରେ ନିଜକୁ ଭୁଲି ଯାଆନ୍ତି । ନେତ୍ରରୁ ଅଶ୍ରୁବର୍ଷା

ହୁଏ, କଣ୍ଠ ଗଦ୍‌ଗଦ ହୋଇ ଶବ୍ଦ ଉଚ୍ଚାରିତ ହୋଇପାରେ ନାହିଁ; ରୋମାଞ୍ଚ, କମ୍ପ ଆଦି ଦିବ୍ୟ ସାତ୍ତ୍ୱିକ ଚିହ୍ନ ଶରୀରରେ ପ୍ରକାଶିତ ହୁଏ । ଦର୍ଶନ ସମୟରେ ସେ ବିଭୋର ହୋଇ କେବେ କେବେ ଛିଡ଼ା ହୋଇପାରନ୍ତି ନାହିଁ । ଭଗବାନଙ୍କ ଚରଣରେ ସାଷ୍ଟାଙ୍ଗ ପଡ଼ିଯାଆନ୍ତି । ସେହି ଅବସ୍ଥାରେ ଘଣ୍ଟା ଘଣ୍ଟା ବିତିଯାଏ । ଦ୍ୱାଦଶୀ ଦିନ ଭୋରରୁ ଚନ୍ଦ୍ରଭାଗା ନଦୀରେ ସ୍ନାନ କରି ଭଜନ-ଧ୍ୟାନରୁ ନିବୃତ୍ତ ହୋଇ ବ୍ରାହ୍ମଣ ତଥା ଗରିବଙ୍କୁ ଭୋଜନ କରାନ୍ତି । ଶେଷରେ ସ୍ୱୟଂ ଦ୍ୱାଦଶୀ ପାରଣା କରନ୍ତି । ତ୍ରୟୋଦଶୀ ଦିନ ଘରକୁ ଫେରନ୍ତି । ଏହି ନିୟମ ବହୁତ ବର୍ଷରୁ ତାଙ୍କର ଚାଲି ଆସୁଥିଲା ।

ଭଗବାନଙ୍କ ଚରଣରେ ପହଞ୍ଚିବାରେ ଭକ୍ତିମାର୍ଗ ବହୁତ ସରଳ । ଭଗବାନ୍ ଭକ୍ତିରେହିଁ ବଶ ହୁଅନ୍ତି । ଭକ୍ତ ପ୍ରେମରେ ଭଗବାନ୍ ନିଜ ଐଶ୍ୱର୍ଯ୍ୟ ଏକେବାରେ ଭୁଲି ଭକ୍ତକୁ ଆନନ୍ଦ ଦେବା ସକାଶେ ବହୁବିଧ ଲୀଳା କରନ୍ତି । ଭକ୍ତି ଗୋଟିଏ, ଭାବ ବହୁତ । ଯେତେ ଭକ୍ତ ସେମାନଙ୍କ ସ୍ୱଭାବ ଅନୁସାରେ ତେତେ ପ୍ରକାର ଭିନ୍ନ ଭିନ୍ନ ଭାବ । ଗଛଲତାଗୁଡ଼ିକର ପତ୍ରଗୁଡ଼ିକରେ ଯେପରି ବିଷମତା, ପ୍ରତ୍ୟେକ ମନୁଷ୍ୟର ରୂପ ଏବଂ ସ୍ୱଭାବ ଯେପରି ବିଚିତ୍ର, ସେହିପରି ଭକ୍ତର ଭାବ । ଏକ ଅନ୍ୟ ସଙ୍ଗେ ମିଳେ ନାହିଁ । ଅନ୍ୟର ଭାବକୁ ଅନୁକରଣ କରିବା ଉଚିତ ନୁହେଁ । ଭଗବାନଙ୍କ ପ୍ରତି ଭାବ ନିଜ ନିଜ ଅନ୍ତରରୁ ଉତ୍ପନ୍ନ ହୁଏ । ଏହାହିଁ ମନୁଷ୍ୟର ସ୍ୱଧର୍ମ । ଭକ୍ତିମାର୍ଗ ଯଦ୍ୟପି ସରଳ, ପଦେ ପଦେ ଭଗବତ୍ କୃପା ଏବଂ ରକ୍ଷା ଥାଏ, ତଥାପି ବାଧାବିଘ୍ନରୁ ଖାଲି ନ ଥାଏ । ବାଧାବିଘ୍ନ ଆସେ ନିଜ ମନ-ପ୍ରାଣରୁ । ସେଥିରେ ସହଯୋଗ କରନ୍ତି ପ୍ରତିକୂଳ ଅନ୍ଧକାର ଶକ୍ତି । ଅନ୍ଧକାର ଶକ୍ତିର ଆକ୍ରମଣରେ ଭଗବାନ୍ ବାଧା ଦିଅନ୍ତି ନାହିଁ । କିନ୍ତୁ ତାକୁ ଅତିକ୍ରମ କରିବା ସକାଶେ ଭକ୍ତକୁ ବୁଦ୍ଧି, ବିବେକ, ବଳ, ଧୈର୍ଯ୍ୟ, ସାହସ, ବିଶ୍ୱାସ, ଭରସା ଏବଂ ଶକ୍ତି ଦିଅନ୍ତି । ଏହାରିଦ୍ୱାରା ଭକ୍ତର ଆଧାର ପ୍ରଶସ୍ତ, ଦୃଢ଼ ହୁଏ; ଭବିଷ୍ୟତରେ ଆସୁଥିବା ଭଗବତ୍ ପ୍ରେମ, ଜ୍ଞାନ, ଶକ୍ତିକୁ ଧାରଣ କରିବାକୁ ସମର୍ଥ ହୁଏ । ଏଥିରେ ହୁଏ ଭକ୍ତର ପରୀକ୍ଷା ଏବଂ ସାଧନାରେ ଉନ୍ନତି ।

ଭକ୍ତ ମନକୋଜି ବୋଧଲାଙ୍କର ପରୀକ୍ଷା ସମୟ ଆସିଲା । ଦେଶରେ ଅକାଳ ପଡ଼ିଲା । ବହୁ ବ୍ୟକ୍ତି ଅନ୍ନାଭାବରେ ମୃତ୍ୟୁ ମୁଖରେ ପଡ଼ିଲେ । ବହୁତଙ୍କର ଅସ୍ଥିଚର୍ମାବୃତ କଙ୍କାଳ ମାତ୍ର ରହିଲା । କ୍ଷୁଧାଦେବୀର ତାଣ୍ଡବନୃତ୍ୟ ଚାଲିଲା ସେହି ପ୍ରାନ୍ତରେ । ବୋଧଲାଜି ଭାବିଲେ, ''ଏହି ଧନର ଉପଯୋଗିତା କ'ଣ ? ଏହା କେଉଁ ସକାଶେ ? ଏହା ଭଗବାନଙ୍କର, ଭଗବାନଙ୍କ ସେବାରେ ଲାଗିବା ଉଚିତ । ବର୍ତ୍ତମାନ ଦରିଦ୍ରନାରାୟଣ ଏହି ସେବା ଚାହୁଁଅଛନ୍ତି ।'' ଏହି ପ୍ରସ୍ତାବରେ ସ୍ତ୍ରୀ, ପୁତ୍ର ଏବଂ କନ୍ୟା ଅତ୍ୟନ୍ତ ହର୍ଷୋଲ୍ଲାସ ସହିତ ସମ୍ମତି ଦେଲେ ଏବଂ ସେବା ସକାଶେ ପ୍ରସ୍ତୁତ ହେଲେ । ଅନ୍ନବିତରଣ ଆରମ୍ଭ ହେଲା । ହଜାର ହଜାର କ୍ଷୁଧାର୍ତ୍ତ ଏକତ୍ରିତ ହେଲେ । ଘରେ ଯେତେ ମରେଇ ଥିଲା, ବାହାର ପାଳଗଦାରେ ଯେତେ ଧାନ ଥିଲା ସବୁ ଶେଷ ହେଲା । ଘରେ ଥିବା ଟଙ୍କାପଇସା, ସୁନାରୁପା, ଗାଈଗୋରୁ, ମଇଁଷି ତଥା ଅଳଙ୍କାରପତ୍ର, ଗୃହର ଆସବାବ – ଖଟପଲଙ୍କ, କଂସାବାସନାଦି ବିକ୍ରି ହୋଇ ଧାନ ଖରିଦ କରି ବିତରଣ କରାହେଲା । ଘର ଏବଂ ଅଳ୍ପ କିଛି ଭୂସମ୍ପତ୍ତି ଛଡ଼ା ସମସ୍ତ ଜମି ବିକ୍ରି ହୋଇ ଦରିଦ୍ରଙ୍କ ସେବାରେ ଲାଗିଲା ଏବଂ ଅକାଳର ସମୟ ବ୍ୟତୀତ ହୋଇଗଲା । ବୋଧଲାଜି ସ୍ୱୟଂ ମଜୁରି କରି ସ୍ତ୍ରୀ, ପୁତ୍ର, କନ୍ୟାଙ୍କୁ ପାଳନପୋଷଣ କଲେ । ତାଙ୍କର ସମସ୍ତ ସମ୍ପତ୍ତି ନଷ୍ଟ ହୋଇଯିବାରୁ ସେ ମଜୁରି କରି ଚଳୁଥିଲେ, କିନ୍ତୁ ତାଙ୍କର ତଥା ତାଙ୍କ ପରିବାରର ଦରିଦ୍ରତାର ଦୁଃଖ ଲେଶମାତ୍ର ନ ଥିଲା । ସେମାନେ ଭଗବତ୍ ଭକ୍ତିରେ ମହାନ୍ ଆନନ୍ଦ ଅନୁଭବ କରୁଥିଲେ । ସେହି ଅଭାବ ଅବସ୍ଥାରେ ବି ଭୋକୀ-ଶୋଷୀ, ଅତିଥି-ଅଭ୍ୟାଗତ ଖାଲି ହାତରେ ଫେରୁ ନ ଥିଲେ । ସମ୍ପତ୍ତିରେ ବ୍ୟକ୍ତି ସୁଖୀ ହୁଏ ନାହିଁ, ହୁଏ ଅନ୍ତରରେ ଅଭାବ ନ ଥିଲେ । ଅଭାବ ଦୂର ହୁଏ କେବଳ ଭଗବତ୍ ଭକ୍ତିରେ । ବୋଧଲାଜି ଭଗବାନଙ୍କ ଅପାର କରୁଣାରୁ ଏହି ପ୍ରଥମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଏହାପରେ ଆସିଲା ଦ୍ୱିତୀୟ ପରୀକ୍ଷା ।

ଭଗବାନଙ୍କ ସଂସାର ବିଚିତ୍ର । ଭଗବାନଙ୍କ ଭକ୍ତ ଅନ୍ୟର ହିତ କରନ୍ତି, କିନ୍ତୁ ସେଥିରେ ଗାତ୍ରଦାହ ହୁଏ ଦୁଷ୍ଟ ବ୍ୟକ୍ତିଙ୍କର । ସେମାନେ କାହାର ଉତ୍କର୍ଷ

ବରଦାସ୍ତ କରିପାରନ୍ତି ନାହିଁ । ବୋଧଳାଜିଙ୍କ ନିର୍ଭୀକତା, ଆଡ଼ମ୍ବର-ଶୂନ୍ୟ ଯଥାର୍ଥ ତ୍ୟାଗର ପ୍ରଶଂସା ହେବାକୁ ଲାଗିଲା । ତାଙ୍କର ଯଶଃ ଚାରିଆଡ଼େ ବ୍ୟାପିଗଲା । ସମସ୍ତଙ୍କ ମୁଖରେ ଧନ୍ୟ ଧନ୍ୟ । ଏହି ପ୍ରଶଂସାର ଆକାଶଚୁମ୍ବୀ ଅଗ୍ନିଶିଖାରେ ଦୁଷ୍ଟ ବ୍ୟକ୍ତିଙ୍କର ହୃଦୟ ଜଳିପୋଡ଼ି ଦଗ୍ଧ ହୋଇଗଲା । ସେମାନେ ବୋଧଳାଜିଙ୍କ ଦରିଦ୍ରତାରୁ ଲାଭ ଉଠାଇ ନିଜ ଦଗ୍ଧ ହୃଦୟ ଶାନ୍ତ କରିବା ଉଦ୍ଦେଶ୍ୟରେ କେତେକ ବ୍ୟକ୍ତିଙ୍କୁ ପ୍ରବର୍ତ୍ତାଇ ରାଜାଙ୍କ ଖଜଣା ଅସୁଲ କରୁଥିବା ଅଫିସରଙ୍କ ପାଖରେ କହିଲେ, ''ମନକୋଜି ବୋଧଳାଠାରୁ ନିର୍ଦ୍ଦିଷ୍ଟ ଦିନରେ ପ୍ରଥମରେ ଖଜଣା ଅସୁଲ କର । ସେ ନ ଦେଲେ ଆମ୍ଭେମାନେ କେହି ଦେବୁ ନାହିଁ ।'' ସେମାନେ ଜାଣିଥିଲେ ଯେ ବୋଧଳାଙ୍କ ପାଖରେ ଟଙ୍କା ନାହିଁ । କେହି ମହାଜନ ବି ତାଙ୍କୁ ଟଙ୍କା ଦେବେ ନାହିଁ । ଖଜଣା ଅସୁଲ କରୁଥିବା ଅଫିସର ମନେକଲେ, ''ଦୁର୍ଭିକ୍ଷ କାଳରେ ଜଣକ ଖଜଣା ଦେବାରେ ଯଦି ସହଜରେ ସମସ୍ତଙ୍କ ଖଜଣା ଆଦାୟ ହୋଇଯିବ ତେବେ ସେହି ଜଣକୁ ଧରିବା ଉଚିତ ହେବ ।'' ଏକଥା ଶୁଣିବା ସଙ୍ଗେ ସଙ୍ଗେ ସେ ନିଜ କର୍ମଚାରୀମାନଙ୍କୁ ପଠାଇଦେଲେ । ସେମାନେ ବୋଧଳାଜିଙ୍କୁ ଖଜଣା ଦେବା ସକାଶେ ଜୁଲମ୍ କଲେ । କହିଲେ, ''କାଲି ନିର୍ଦ୍ଦିଷ୍ଟ ସମୟରେ ଖଜଣା ନ ଦେଲେ ଘର କୋରଖ କରାହେବ ଏବଂ ଘରୁ ବାହାର କରିଦିଆ ହେବ ।'' ଏକଥା କହି ସେମାନେ ଚାଲିଗଲେ । ବୋଧଳାଙ୍କ ମଜୁରି ପଇସାରୁ ମାମାତାଇ କିଛି ବଞ୍ଚାଇ ରଖିଥିଲେ । ସେହି ପଇସା ନେଇ ବୋଧଳାଜି ନଗାଉ ନାମରେ ଗୋଟିଏ ମହାଜନଙ୍କ ପାଖରେ ପହଞ୍ଚିଲେ । କହିଲେ, ''ସୁଧ ବାବତରେ ପ୍ରଥମରୁ ମୋଠାରୁ ଏତକ ପଇସା ରଖି ମୋତେ ଏତେ ଟଙ୍କା କରଜ ଦିଅ ।'' ମହାଜନ ବୋଧଳାଙ୍କ ସତ୍ୟତା ଆଗରୁ ଜାଣିଥିଲେ । ସେଥିପାଇଁ କାଲି ସକାଳେ ଟଙ୍କା ଦେବା କଥାକହି ବୋଧଳାଙ୍କୁ ବିଦା କଲେ । ବୋଧଳାଜି ଫେରିବା ପରେ ମହାଜନ ଖବର ପାଇଲେ, ସେ ଦରିଦ୍ରଙ୍କୁ ଅନ୍ନଦାନ କରି ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛନ୍ତି । ମହାଜନଙ୍କ ମନ ପରିବର୍ତ୍ତନ ହୋଇଗଲା । ସେ ଭାବିଲେ, ''ପାଖରେ ଧନ ଥିଲେ ମନୁଷ୍ୟ ସତ୍ୟ ରକ୍ଷାକରେ, ପାଖରେ ନ ଥିଲେ ସତ୍ୟରକ୍ଷା ସକାଶେ ଧନ ଆଣିବ କେଉଁଠୁ ? ତା' ଛଡ଼ା

ଖଜଣା ସକାଶେ ଟଙ୍କା ନ ରଖି ଗୋରୁଗାଈ, କଂସାଥାଳି ପର୍ଯ୍ୟନ୍ତ ବିକ୍ରିକରି ଦାନଦେବା ବ୍ୟକ୍ତିକୁ କରଜ ଦେବା ଉଚିତ ନୁହେଁ।'' ତହିଁ ଆରଦିନ ସକାଳୁ ବୋଧଲାଜି ଆସିବା ସଙ୍ଗେ ସଙ୍ଗେ ଟଙ୍କା ଦେବାକୁ ଅସ୍ୱୀକାର କରି ମହାଜନ ତାଙ୍କୁ ଫେରାଇ ଦେଲେ। ବୋଧଲାଜି ନିରାଶ ହୋଇ ଘରକୁ ଫେରିଆସି ମାମାତାଇଙ୍କୁ ସମସ୍ତ ଘଟଣା ଜଣାଇଦେଲେ ଏବଂ କହିଲେ, ''ଚିନ୍ତାକର ନାହିଁ, ଆମ ପଣ୍ଡରୀନାଥ ଆମକୁ ନିଶ୍ଚୟ ରକ୍ଷା କରିବେ।'' ଏତିକି କହି ସେ ଚାଲିଗଲେ ଅନ୍ୟ ମହାଜନ ପାଖକୁ। ଦ୍ୱିପ୍ରହର ହୋଇଗଲା। ହାବିଲଦାର ପିଆଦାମାନଙ୍କୁ ସଙ୍ଗରେ ନେଇ ବୋଧଲାଙ୍କ ଘରେ ପହଞ୍ଚିଲେ। ସେହି ଅବସରରେ ଦୁଷ୍ଟ ଲୋକମାନେ ପ୍ରଚାର କରିଦେଲେ ଯେ ଟଙ୍କା ନ ଦେଇ ପାରିବାରୁ ବୋଧଲା ଲୁଚି ପଳାଇଗଲା। ପରସ୍ପର କହିବାକୁ ଲାଗିଲେ, ''ବଡ଼ ଦାନୀ ହୋଇଥିଲା। ପଣ୍ଡରୀନାଥ, ପଣ୍ଡରୀନାଥ କହି ପାଗଳଙ୍କ ପରି ନାଚୁ ଥିଲା। ଏବେ ପଣ୍ଡରୀନାଥ ଆସି ବଚାକୁ ରଖନ୍ତୁ।'' ସେ ସମୟରେ ରାଜାମାନଙ୍କ ଶାସନରେ ଖଜଣା ସକାଶେ କୋର୍ଟରେ ନାଲିସ କରିବା ପ୍ରଣାଳୀ ନ ଥିଲା। କାସ୍ତକାର ବା ମକଦମା ନିର୍ଦ୍ଧାରିତ ଦିନରେ ଟଙ୍କା ନ ଦେଇପାରିଲେ ଉପରିସ୍ଥ ଅଫିସରଙ୍କ ହୁକୁମରେ ହାବିଲଦାର ଘର କୋରଖ କରୁଥିଲେ ଏବଂ ଘରୁ ବ୍ୟକ୍ତିଙ୍କୁ ବାହାର କରି ତାଲା ବନ୍ଦ କରିଦେଉଥିଲେ। ବୋଧଲାଜି ନିର୍ଦ୍ଦିଷ୍ଟ ଦିନରେ ଖଜଣା ଦେଇପାରିଲେ ନାହିଁ, ହାବିଲଦାର ମାମାତାଇ ତଥା ତାଙ୍କ ପୁତ୍ରପୁତ୍ରୀଙ୍କୁ ଘରୁ ବାହାର କରିଦେଲେ; ଘରେ ପଶି ଟଙ୍କାକର ଜିନିଷ ମଧ୍ୟ ପାଇଲେ ନାହିଁ, ଏବଂ ଘରେ ତାଲା ବନ୍ଦ କରିଦେଲେ। ମାମାତାଇ ପୁତ୍ରକନ୍ୟାଙ୍କ ସଙ୍ଗେ ଆସି ବସିଲେ ଦାଣ୍ଡରେ, ଗୋଟିଏ ଗଛ ମୂଳରେ। ଏହି ଦୃଶ୍ୟରେ ଷଡ଼ଯନ୍ତ୍ରକାରୀ ଦୁଷ୍ଟମାନଙ୍କ ଆନନ୍ଦର ସୀମା ରହିଲା ନାହିଁ। ସେମାନେ ଅନ୍ୟକୁ ଶୁଣାଇ ଶୁଣାଇ କହିଲେ, ''ଦେଖିଲ ବୋଧଲାର ଭକ୍ତିର ପ୍ରଭାବ ? ଧାନଚାଉଳ, ସମ୍ପତ୍ତିବାଡ଼ି, ଟଙ୍କାପଇସା ଭିକମଗାମାନଙ୍କୁ ଖୁଆଇଦେଇ ସ୍ତ୍ରୀ, ପୁତ୍ରକନ୍ୟାଙ୍କୁ ଗଛମୂଳେ ବସାଇ ଦେଲା। ମଥା ଖରାପ ନ ହେଲେ ଏପରି ହୁଅନ୍ତା ?'' ଅନ୍ୟ ଜଣେ ଦୁଷ୍ଟ ବ୍ୟକ୍ତି କହିଲା, ''ସେ ରାତ୍ରିରେ ବିଠଲ୍, ବିଠଲ୍ କହି ପାଗଳ

ପରି ନାଚୁଥିଲା, ନିଜେ ଶୋଉ ନ ଥିଲା କି ଅନ୍ୟକୁ ଶୁଆଇ ଦେଉ ନ ଥିଲା । ନ ଶୋଇବା ଯୋଗୁଁ ମସ୍ତିଷ୍କବିକୃତି ହୋଇଗଲା ।''

ଭଗବାନ୍ ଭକ୍ତର ଦୁଃଖ ବରଦାସ୍ତ କରିପାରନ୍ତି ନାହିଁ । ଭକ୍ତକୁ ରକ୍ଷା କରିବା ସକାଶେ ଭକ୍ତ ସଙ୍ଗେ ଛାୟା ସଦୃଶ ରହିଥାଆନ୍ତି, ଭକ୍ତର ବିପଦକୁ ଦୂର କରନ୍ତି, ଭକ୍ତ ଉପରେ ଆସୁଥିବା ପ୍ରହାରକୁ ନିଜ ଉପରେ ନେଇନିଅନ୍ତି । ଠିକ୍ ସେହି ସମୟରେ ଧାମଣ ଗ୍ରାମର ବିଠ୍ୟା ମହାଁର (ମହାଁର ହେଲେ ବାଉରି ସଦୃଶ ଏକ ଜାତି) ଆସି ବୋଧଳାଙ୍କ ଘରେ ଚାବି ବନ୍ଦ କରିଥିବା ଅଫିସରଙ୍କୁ ବିନୀତ ଭାବରେ ଜୁହାର କଲେ । ସେ କହିଲେ, ''ଏହି ଖଜଣା ମନକୋଜି ବୋଧଳା ପଠାଇଛନ୍ତି । ଏହାକୁ ନେଇ ରସିଦ ଦିଅନ୍ତୁ ।'' ଅଫିସର ଟଙ୍କା ଗଣିନେଲେ ତଥା ରସିଦ ଲେଖି ଦସ୍ତଖତ କରି ଦେଇଦେଲେ । ସେ ସଙ୍ଗେ ସଙ୍ଗେ ଘର ଚାବି ଖୋଲିଦେଲେ ଏବଂ ମାମାତାଇ ତଥା ତାଙ୍କ ପୁତ୍ରକନ୍ୟାଙ୍କୁ ଘରକୁ ଯିବା ସକାଶେ ଆଦରସତ୍କାରପୂର୍ବକ କହିଲେ । ସେ ମନକୋଜିଙ୍କ ପ୍ରତିଜ୍ଞା ସତ୍ୟ ଦେଖି ବିଶେଷ ଆନନ୍ଦିତ ହେଲେ । ଘରେ ଟଙ୍କାକର ଜିନିଷ ନ ଥିବା ସତ୍ତ୍ୱେ ନିଜ ବଚନ ରକ୍ଷା କରିବା ସକାଶେ ପୁତ୍ରକନ୍ୟାଙ୍କୁ ଉପବାସ ରଖି ଏତେ ଟଙ୍କା ଦେଇଦେବା ଦେଖି ଅଫିସର ଭକ୍ତ ମନକୋଜି ବୋଧଳାଙ୍କୁ ମନେ ମନେ ବିଶେଷ ପ୍ରଶଂସା କଲେ । ତାଙ୍କ ପ୍ରତି ବିଶେଷ ଅନୁରକ୍ତି ଏବଂ ସହାନୁଭୂତି ଉତ୍ପନ୍ନ ହେଲା । ଭକ୍ତ ବୋଧଳାଙ୍କ ବିରୋଧରେ କହିଥିବା ଦୁଷ୍ଟ ବ୍ୟକ୍ତିଙ୍କ ଉପରେ ସେ ଭୟଙ୍କର ଭାବେ ରାଗିଗଲେ ଏବଂ ଏକପ୍ରହର ମଧ୍ୟରେ ଖଜଣା ନ ଦେଲେ ସମସ୍ତଙ୍କ ଘର କୋରଖ ହେବା କଥା ରୋଷଯୁକ୍ତ ଭାବରେ ଦୃଢ଼ତା ସହିତ କହିଲେ ଏବଂ ନିଜ କର୍ମଚାରୀମାନଙ୍କୁ ହୁକୁମ ମଧ୍ୟ ଦେଇଦେଲେ । ଦରିଦ୍ର ଅବସ୍ଥାରେ ମନକୋଜି ବୋଧଳା ଏତେ ଟଙ୍କା କେଉଁଠୁ ଆଣିଲେ, ଏହି କଥାରେ ଦୁଷ୍ଟ ଲୋକମାନେ ବିଶେଷ ଆଶ୍ଚର୍ଯ୍ୟ ହୋଇପଡ଼ିଲେ ଏବଂ ନିଜ ନିଜ ଘର କୋରଖ ହେବା ହୁକୁମ ଶୁଣି ଭୟରେ ସେମାନଙ୍କ ହୃଦୟ କମ୍ପିଲା । ପ୍ରହରକ ମଧ୍ୟରେ କଂସାବାସନ ବନ୍ଧକ ଦେଇ, ଗୋରୁ ବାଛୁରୀ ବିକି ଏବଂ ଟଙ୍କାକ ଧନ ଆଠ ଅଣାରେ ଦେଇ କୌଣସିମତେ ଖଜଣା ପରିଶୋଧ କରି ଅଫିସରଙ୍କୁ ବିଦାକଲେ ।

ଭକ୍ତ ମନକୋଜି ବୋଧଲା ଟଙ୍କା କରଜ ପାଇଁ ବହୁ ଜାଗା ବୁଲି ବୁଲି ଫେରିଲେ । କିଏ ଅବା ଦିଅନ୍ତା ? ସୁଧ ସହିତ ସୁରୁଖୁରୁରେ ମୂଳଧନ ଆଦାୟ ହେବାର ଆଶା ନ ଦେଖିଲେ ମହାଜନମାନେ କରଜ କାହିଁକି ଦିଅନ୍ତେ ? ତାଙ୍କ ଘରେ କ'ଣ ଟଙ୍କା ଶଢ଼ିଯାଉଥିଲା ? ବୋଧଲାଜି ସତ୍ୟବାଦୀ । ସେ ନିର୍ଦ୍ଦିଷ୍ଟ ଦିନରେ ଖଜଣା ଦେବା କଥା କହି କିପରି ମନା କରିବେ ? ସେ ଘରକୁ ଫେରିଲେ ନାହିଁ । ଶେଷରେ ଗୋଟିଏ ସ୍ଥାନରୁ ଟଙ୍କା ପାଇ ସିଧା ଅଫିସରଙ୍କ କଚେରିକୁ ଗଲେ । ଅଫିସରଙ୍କୁ କହିଲେ, ''ହଜୁର, ଟଙ୍କା ଯୋଗାଡ଼ ହେବାରେ ବିଳମ୍ବ ହୋଇଗଲା, କ୍ଷମା କରନ୍ତୁ, ଖଜଣା ଟଙ୍କା ଗଣି ନିଅନ୍ତୁ ।'' ଅଫିସର କହିଲେ, ''ତୁମେ ଘରେ ନ ଥିବା ସମୟରେ ତୁମ ସ୍ତ୍ରୀ କେଉଁଠୁ ଟଙ୍କା ମଗାଇ ପଠାଇ ଦେଇଛନ୍ତି । ଦେଖ, ମୁଁ ରସିଦ କାଟି ଦେଇଛି । ମୁଁ ଯାଇ ଘର କୋରଖ କରି ତୁମ ଘରେ ତାଲା ବନ୍ଦ କରାଇ ଦେଇଥିଲି, କିନ୍ତୁ ତୁମ ଚାକର ବିଠ୍ୟା ମହାଁର ଟଙ୍କା ଆଣି ଦେବାରୁ ସଙ୍ଗେ ସଙ୍ଗେ ତୁମ ଘର ଖୋଲାଇ ଦେଲି ଏବଂ ରସିଦ ମଧ କାଟିଦେଲି । ରସିଦ ବହି ଦେଖିନିଅ । ବୋଧହୁଏ ତୁମ ଚାକର ବିଠ୍ୟା କେଉଁଠୁ ଟଙ୍କା ଆଣିଥିବ ।'' ଏକଥା ଶୁଣି ବୋଧଲାଜି ଘରକୁ ଆସି ମାମାତାଇଙ୍କୁ ପଚାରିଲେ, ''ତୁମେ ଟଙ୍କା କେଉଁଠୁ ଆଣି ବିଠ୍ୟା ମହାଁର ଦ୍ୱାରା ଅଫିସରଙ୍କୁ ଖଜଣା ଦେଲ ?'' ମାମାତାଇ କହିଲେ – ''ମୁଁ ଟଙ୍କା କେଉଁଠୁ ଆଣନ୍ତି ?'' ତା'ପରେ ବୋଧଲାଜି ସିଧା ଗଲେ ବିଠ୍ୟା ମହାଁର ଘରକୁ । ବିଠ୍ୟା ମହାଁର କହିଲା, ''ଟଙ୍କା କିଏ, ମୁଁ କିଏ ? ମୋ ଘର ବିକିଲେ ସେତେ ଟଙ୍କା ହେବ ନାହିଁ, ମୋତେ ବା ଟଙ୍କା ଦେବ କିଏ ? ମୁଁ ତ କାଲି ଦିନସାରା ଘରୁ ବାହାରି ନାହିଁ ।'' ଏକଥା ଶୁଣି ଭକ୍ତ ମନକୋଜିଙ୍କ ହୃଦୟ ଭଗବାନଙ୍କ ପ୍ରତି କୃତଜ୍ଞତାରେ ଉଛୁଳି ପଡ଼ିଲା । ଆଉ ସେ ନିଜକୁ ସମ୍ଭାଳି ପାରିଲେ ନାହିଁ । ଆଖିରୁ ଲୁହଧାର ବହି ଚାଲିଲା । ଶରୀର କମ୍ପିବାକୁ ଲାଗିଲା, ଲୋମ ଟାଙ୍କୁରି ଉଠିଲା; ସମସ୍ତ ଶରୀରରୁ ଝାଳ ବହିଗଲା । ଏହାହିଁ ଉତ୍କୃଷ୍ଟ ଭକ୍ତିର ଲକ୍ଷଣ । ଭଗବାନ୍ ବିଠ୍ୟା ବାଉରି ରୂପ ଧାରଣ କରି ଅଫିସରଙ୍କୁ ଜୁହାର କରି ଟଙ୍କା ଦେବା କଥା ସ୍ମରଣ ହେବାମାତ୍ରେ ତାଙ୍କର ହୃଦୟ ବିଦୀର୍ଣ୍ଣ ହୋଇଗଲା । ଏହି

କଥାଟିକୁ ସେ ଆଉ ଭୁଲିପାରିଲେ ନାହିଁ । ସବୁ ସମୟରେ ଭଗବାନଙ୍କ ନାମ ସ୍ମରଣରେ ବୁଡି ରହିଲେ । ଭଗବତ୍ ଦର୍ଶନ ସକାଶେ ତାଙ୍କର ସମସ୍ତ ସତ୍ତା ବ୍ୟାକୁଳ ହୋଇ ଉଠିଲା ।

ଭଗବାନ୍ କରୁଣାମୟ, ଭକ୍ତବତ୍ସଳ । ସେ ଭକ୍ତର ଇଚ୍ଛା ପୂର୍ଣ୍ଣ କରିବାରେ ସର୍ବଥା ତତ୍ପର ଥାଆନ୍ତି । ଭକ୍ତ ବୋଧଳାଙ୍କର ତୀବ୍ର ଅଭୀପ୍‌ସା ଦେଖି ଭଗବାନ୍ ପ୍ରକଟ ହୋଇ ଦର୍ଶନ ଦେଲେ । ବୋଧଳାଙ୍କର ଭଗବତ୍ ପ୍ରେମ ଅଧିକାଧିକ ବଢ଼ିଚାଲିଲା ।

ପ୍ରତ୍ୟେକ ଭକ୍ତର ସ୍ୱଭାବ ତଥା ତା'ର ଆତ୍ମାର ସ୍ଥିତି ଅନୁସାରେ ଭଗବାନ୍ ତା'ର ବିଧାନ କରନ୍ତି । ଭଗବାନଙ୍କ ପ୍ରତ୍ୟେକ ବିଧାନ ହୁଏ ଭକ୍ତର କଲ୍ୟାଣ ସକାଶେ । ସେଥିରେ ତା'ର ହୃଦୟ ପବିତ୍ର ହୁଏ, ସେ ଭଗବାନଙ୍କ କରୁଣା ଅନୁଭବ କରେ, ତା'ର ସାହସ, ଧୈର୍ଯ୍ୟ ବୃଦ୍ଧିପାଏ, ସେ ପ୍ରତିକୂଳ ଶକ୍ତିର ଆକ୍ରମଣକୁ ଅତିକ୍ରମ କରିବା ସକାଶେ ଭଗବାନଙ୍କ ସାହାଯ୍ୟ ପାଇପାରେ । ଭଗବାନଙ୍କ କରୁଣା ହୁଏ ଭିନ୍ନ ଭିନ୍ନରୂପେ । କାହା ଉପରେ ସମସ୍ତ ଐଶ୍ୱର୍ଯ୍ୟ ଢାଳି ଦିଅନ୍ତି ତ କାହାକୁ ସୁଦାମା ସଦୃଶ ଭିକ୍ଷୁକ ଅବସ୍ଥାରେ ରଖନ୍ତି । ଏହି ଉଭୟ ଅବସ୍ଥାରେ ଥାଏ ଭଗବାନଙ୍କର ଅସୀମ କରୁଣା ।

ବୋଧଳାଙ୍କର ଐଶ୍ୱର୍ଯ୍ୟର ଅବସ୍ଥା ଗତ ହୋଇଯାଇଛି, ଆସିଛି ଦରିଦ୍ର ଅବସ୍ଥା । ଐଶ୍ୱର୍ଯ୍ୟ ପରେ ଦରିଦ୍ର ଅବସ୍ଥାରେ ହୁଏ ଭକ୍ତିର ଯଥାର୍ଥ ପରୀକ୍ଷା । ଘରେ କାଣିକଉଡ଼ିର ସମ୍ପତ୍ତି ନାହିଁ । ବିକ୍ରି ହୋଇ ନ ଥିବା ଯାହା ଅଳ୍ପ ଜମି ଥିଲା ସେଥିରୁ ଫସଲ କଟା ହୋଇ ନ ଥାଏ । ଗ୍ରାମରେ ପ୍ରତିଦିନ ମୂଲ ମିଳେ ନାହିଁ । ଏକାଦଶୀ ଆସିଲା । ପୂର୍ବ ନିୟମାନୁସାରେ ବୋଧଳାଜି ପଣ୍ଡରପୁର ଯିବେ । ପଇସା ଅଭାବର ଚିନ୍ତା ଆସିଲା ମାମାତାଇଙ୍କୁ । ବୋଧଳାଜି କିନ୍ତୁ ଅବିଚଳ । ଜଙ୍ଗଲରୁ କାଠ ଭାଙ୍ଗି ଆଣିଲେ; ତାକୁ ବିକ୍ରି କରି ଘରେ ସ୍ତ୍ରୀପିଲାଙ୍କ ପାଇଁ ଭୋଜନର ବ୍ୟବସ୍ଥା କରି ସେ ଯାତ୍ରା କଲେ ପଣ୍ଡରପୁର । ପୂର୍ବ ନିୟମ ଅନୁସାରେ ଏକାଦଶୀ ଦିନ ନିର୍ଜଳା ଉପବାସ କଲେ । ପଣ୍ଡରୀନାଥଙ୍କ ଦର୍ଶନରେ ସେ ଶରୀରର ବୁଦ୍ଧିଶୁଦ୍ଧି ସବୁ ଭୁଲିଗଲେ । ତାଙ୍କ ଚେତନା ଭକ୍ତିର ତୀବ୍ର ସ୍ରୋତରେ

ଭାସିଗଲା । ଏକାଦଶୀକୁ ବହୁତ ଭକ୍ତ ପଣ୍ଡରପୁର ଆସନ୍ତି ଏବଂ ସମସ୍ତ ରାତ୍ରି ଜାଗରଣ କରି କୀର୍ତ୍ତନ କରନ୍ତି । ବହୁ ଭକ୍ତଙ୍କ ସମ୍ମିଳିତ କୀର୍ତ୍ତନରେ ଭଗବତ୍ ଭକ୍ତିର ବାତାବରଣ ସୃଷ୍ଟି ହୁଏ । ସେହି କୀର୍ତ୍ତନରେ ଯିଏ ସମ୍ମିଳିତ ହୁଏ ତା' ହୃଦୟରେ ଭଗବତ୍ ପ୍ରେମ ଉଛୁଳି ପଡ଼େ । ବୋଧଲାଜିଙ୍କ କଥା ଛାଡ଼ । କୀର୍ତ୍ତନ ପଦ ଗାଇବା ମାତ୍ରେ ତାଙ୍କ ଚେତନା ଭଗବତ୍ ପ୍ରେମ ଉଛୁଳି ପଡ଼େ । ବୋଧଲାଜିଙ୍କ କଥା ଛାଡ଼ । କୀର୍ତ୍ତନ ପଦ ଗାଇବା ମାତ୍ରେ ତାଙ୍କ ଚେତନା ଭଗବତ୍ ଦିବ୍ୟଧାମରେ ବିଚରଣ କରେ । ସେ ଉନ୍ମତ୍ତ ହୋଇ କେବେ ନାଚନ୍ତି, କେବେ ଭଗବତ୍ ପ୍ରେମରେ ବିଭୋର ହୋଇ କାନ୍ଦନ୍ତି । ଏହିପରି ଦିବ୍ୟାନନ୍ଦ ଅବସ୍ଥାରେ ରାତ୍ରି ଶେଷ ହେଲା । ଦ୍ୱାଦଶୀ ଦିନ ପ୍ରାତଃସ୍ନାନ ଶେଷ କରି ପଣ୍ଡରୀନାଥଙ୍କ ଦର୍ଶନ କଲେ । ତାଙ୍କର ନିୟମ ଥିଲା ଦ୍ୱାଦଶୀକୁ ଚନ୍ଦ୍ରଭାଗା ନଦୀକୂଳରେ ବ୍ରାହ୍ମଣଭୋଜନ ଏବଂ ଦରିଦ୍ର ଭୋଜନ କରାଇ ସେହିଦିନ ସେଠାରେ ରହି ତ୍ରୟୋଦଶୀ ଦିନ ଘରକୁ ଫେରିବା । ତାଙ୍କ ପାଖରେ ଗୋଟିଏ ବୋଲି ପଇସା ନ ଥିଲା । କିନ୍ତୁ ନିୟମନିଷ୍ଠ ବୋଧଲା ହିମତ ନ ହାରି ଜଙ୍ଗଲକୁ ଗଲେ, ବିଡ଼ାଏ କାଠ ଭାଙ୍ଗିଆଣିଲେ । ସେତେବେଳେ ସବୁ ଜିନିଷ ଥିଲା ଶସ୍ତା । ତିନି ପଇସାରେ କାଠ ବିଡ଼ାଟି ବିକ୍ରି କରି ଅଟା କିଣିଲେ । କେବଳ ଶୁଖିଲା ଅଟା । ବ୍ରାହ୍ମଣଭୋଜନର ପ୍ରଶ୍ନ ନ ଥିଲା । କେହି ବ୍ରାହ୍ମଣ ନେବାକୁ ରାଜି ହେଲେ ନାହିଁ । ସେଠାରେ ବଡ଼ ବଡ଼ ଶେଠ, ସାହୁକାରମାନଙ୍କର ନାନାବିଧ ମିଷ୍ଟାନ୍ନଭୋଜନ, ଅଣ୍ଟାପୂରା ଦକ୍ଷିଣା ଛାଡ଼ି ଶୁଖିଲା ଅଟା କିଏ ନିଅନ୍ତା ! ଶେଷରେ ଆସିଲେ ଅସ୍ଥିକଙ୍କାଳବିଶିଷ୍ଟ ବୃଦ୍ଧ ବ୍ରାହ୍ମଣ । ବାଡ଼ି ଧରି ଆସ୍ତେ ଆସ୍ତେ ଆସି ବୋଧଲାଙ୍କ ପାଖରେ ପହଞ୍ଚିଲେ । ଏପରି ବୃଦ୍ଧ ବ୍ରାହ୍ମଣଙ୍କୁ ଶୁଖିଲା ଅଟା ଯାଚିବାର ସାହସ ବୋଧଲାଙ୍କର ନ ଥିଲା । ବୃଦ୍ଧ ସ୍ୱୟଂ କହିଲେ, ''ଭଗତ, ମୋତେ ବହୁତ ଭୋକ ଲାଗିଛି, କିଛି ଭୋଜନ ଦେ ।'' ବୋଧଲାଜି ଉତ୍ତର ଦେଲେ, ''ମହାରାଜ, କେବଳ ଶୁଖିଲା ଅଟା ଛଡ଼ା ଆଉ କିଛି ନାହିଁ ।'' ବ୍ରାହ୍ମଣଦେବତା କହିଲେ, ''ଗୋବର ଘଷି ପଡ଼ିଆରେ ପଡ଼ିଛି, ଯା' ଶୀଘ୍ର ଗୋଟେଇ ଆଣ, ମୁଁ ଏହି ଅଟାକୁ ଭିଜାଇ ବାଟି ତିଆରି କରି କ୍ଷୁଧା ନିବୃତ୍ତି

କରିବି ।'' ଏଥିରେ ବୋଧଲାଙ୍କର ଅତ୍ୟନ୍ତ ପ୍ରସନ୍ନତା ହେଲା । ଭଗବାନଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ହୃଦୟ ପୂର୍ଣ୍ଣ ହୋଇଗଲା । ଭଗବାନ୍ ଦୟାକରି ତାଙ୍କ ନିୟମ ରକ୍ଷା କରିବା ସକାଶେ ବ୍ରାହ୍ମଣଙ୍କୁ ପଠାଇଦେଲେ ବୋଲି ସେ ଭାବିଲେ । ବାଟି ତିଆରି ପରେ ନଇଁ ନଇଁ ବାଡ଼ି ଧରି ଆସିଲେ ଅତ୍ୟନ୍ତ ବୃଦ୍ଧା । ତାଙ୍କର ଦାନ୍ତ ବୋଲି କିଛି ନ ଥାଏ । ବ୍ରାହ୍ମଣଙ୍କୁ କହିଲେ, ''ତୁମେ ଭୋଜନ କରିବ, ମୁଁ ଉପବାସ ରହିବି ? ଭଗତ ଦାନରେ ମୋର କ'ଣ ହିଁସା ନାହିଁ ?'' ବ୍ରାହ୍ମଣ ପରିହାସରେ କହିଲେ; ''ତୋର ସବୁ ସମୟରେ ହିଁସା ଅଛି; ବସ୍, ଭୋଜନ କର ।'' ଭଗତ ବୁଝିପାରିଲେ ଯେ ସେହି ବୃଦ୍ଧା ବ୍ରାହ୍ମଣଦେବତାଙ୍କ ପତ୍ନୀ । ବାଟି ତୟାର ହେଲା, ଭଗତ ପତ୍ର ମାଗି ଆଣିଲେ । ବ୍ରାହ୍ମଣ ଏବଂ ବ୍ରାହ୍ମଣୀ ଭୋଜନରେ ବସିଲେ ଏବଂ କହିଲେ, ''ଭଗତ, ତୁ ବି ଭୋଜନ କର ।'' ବୋଧଲାଜି ଭାବିଲେ, ''ତିନିପଇସାରେ ଅଟା, ଜଣକୁ ନିଅଣ୍ଟ, ଫେର୍ ଦୁଇଜଣ, ସେଥିରେ ପୁଣି ମୁଁ ?'' ଭଗତ ହାତ ଯୋଡ଼ି କହିଲେ, ''ମହାରାଜ, ଆପଣ ଏବଂ ମା' ଭୋଜନ କରନ୍ତୁ, ଶେଷରେ ପତ୍ରରେ ଲାଗିଥିବା ପ୍ରସାଦ ଏକକଣିକା ମୁଁ ନେଇନେବି । ମୋର ପ୍ରାର୍ଥନା, ଆପଣ ସନ୍ତୁଷ୍ଟ ହୋଇ ଭୋଜନ କରନ୍ତୁ, ମୋ ସକାଶେ ବଞ୍ଚାଇ ରଖନ୍ତୁ ନାହିଁ ।'' ବ୍ରାହ୍ମଣ ବ୍ରାହ୍ମଣୀଙ୍କ ଭୋଜନ ଶେଷ ହେଲା, ସେମାନେ ପୂର୍ଣ୍ଣ ତୃପ୍ତ ହୋଇଥିବା ଭଗତ ବୁଝିପାରିଲେ, କିନ୍ତୁ ପତ୍ରରେ ବଳିଥିଲା ଜଣେ ବ୍ୟକ୍ତିର ଭୋଜନ । ଭଗତ ସମ୍ମୁଖରେ ସେମାନେ ପୂରା ଭୋଜନ କଲେ, ପୁଣି ଏତେ ବଞ୍ଚିଲା କିପରି ? ବ୍ରାହ୍ମଣବ୍ରାହ୍ମଣୀ ବହୁତ ସନ୍ତୁଷ୍ଟ ହୋଇ ଭଗତକୁ ଆଶୀର୍ବାଦ ଦେଲେ; କହିଲେ, ''ଭଗତ, ଆଜି ତୋ ଅନ୍ନରେ ଯେତେ ସ୍ୱାଦ ଥିଲା ବହୁବର୍ଷରୁ କୌଣସି ଭୋଜନରେ ଏପରି ସ୍ୱାଦ ପାଇ ନ ଥିଲୁ । ତୁ ଭୋଜନ କର, ଆମେ ଯାଉଛୁ ।'' ତାଙ୍କ ମୁଖରୁ ବାକ୍ୟ ସମାପ୍ତ ହେବା ସଙ୍ଗେ ସଙ୍ଗେ ସେମାନେ ସେହିଠାରେ ଅଦୃଶ୍ୟ । ଭ୍ରମ ହେବାର କୌଣସି କାରଣ ନ ଥିଲା, ଏକେବାରେ ପ୍ରତ୍ୟକ୍ଷ ଘଟଣା । ଶ୍ରୀକୃଷ୍ଣ ଓ ମା' ରୁକ୍ମିଣୀ ବୃଦ୍ଧ ବ୍ରାହ୍ମଣ ଓ ବୃଦ୍ଧା ବ୍ରାହ୍ମଣୀ ରୂପରେ ଆସି ଭଗତଙ୍କ ପ୍ରେମ-ଉତ୍ସର୍ଗ ଭୋଜନ ଗ୍ରହଣ କଲେ, ଏହା ସ୍ପଷ୍ଟରୂପେ ଭଗତ ଅନ୍ତରରେ ଅନୁଭବ କଲେ । ତାଙ୍କର

ଆନନ୍ଦର ପାରାବାର ରହିଲା ନାହିଁ । ସେ ସାକ୍ଷାତ୍ ଭଗବତ୍ ପ୍ରସାଦ ଗ୍ରହଣ କଲେ । ସେହି ପ୍ରସାଦ-ସେବନରେ ତାଙ୍କର ଜନ୍ମ କୃତାର୍ଥ ହୋଇଗଲା । ସମସ୍ତ ପିତୃଲୋକ ଉଦ୍ଧାର ହୋଇଗଲେ । ସେହି ପ୍ରସାଦର ସ୍ୱାଦ ସେ କଳ୍ପନା କରିପାରିଲେ ନାହିଁ । ସେ ସ୍ୱାଦ ଥିଲା ଦିବ୍ୟଲୋକର ଅମୃତର ସ୍ୱାଦ । ଉତ୍ତର ପ୍ରଦେଶରେ ଅଟାରେ ବହୁବିଧ ମସଲା ଏବଂ ଘୃତ ଦେଇ ଅଟା ମାଡ଼ି ଗୋଲ ଗୋଲ ମଣ୍ଡାପିଠା ସଦୃଶ କରି ଘଷିନିଆଁରେ ରଖିଦିଅନ୍ତି । ଅଗ୍ନିରେ ପାକ ହୁଏ । ତାହାର ସ୍ୱାଦ ଭଲ ହୁଏ । କିନ୍ତୁ ଖାଲି ଅଟାବାଟିକୁ କେବଳ କ୍ଷୁଧାନିବୃତ୍ତି ସକାଶେ ଲୋକେ ଖାଆନ୍ତି, ସେଥିରେ ସ୍ୱାଦ ନ ଥାଏ । ସେଦିନ ଖାଲି ଅଟାବାଟିରେ ଥିଲା ଅମୃତର ସ୍ୱାଦ । ଭଗତ ଉଦରପୂର୍ଣ୍ଣ ଭୋଜନ କଲେ । ଭଗବାନଙ୍କ ପ୍ରସାଦ ଜାଣି ପତ୍ର ଚାଟିକରି ଖାଇଲେ । ଭଗବତ୍ ପ୍ରେମରେ ତାଙ୍କ ମନ-ପ୍ରାଣ-ଶରୀର ପୂର୍ଣ୍ଣ ହୋଇଗଲା । ପ୍ରସାଦସେବନ ପରେ ପ୍ରେମବିହ୍ୱଳ ହୋଇ ସେହି ନଦୀକୂଳରେ ସମାଧିସ୍ଥ ହୋଇ ରହିଲେ । ରାତ୍ରି ମଧ୍ୟ ବିତିଗଲା । କେବଳ ଆନନ୍ଦହିଁ ଆନନ୍ଦ । ନିଦ୍ରାର ସ୍ଥାନ ନ ଥିଲା । ତ୍ରୟୋଦଶୀ ଦିନ ଭୋରରୁ ଚନ୍ଦ୍ରଭାଗା ନଦୀରେ ସ୍ନାନ କରି ପଣ୍ଡରୀନାଥଙ୍କୁ ଦର୍ଶନ କଲେ । ସେ ଅନୁଭବ କଲେ ଯେପରି ତାଙ୍କୁ ଦେଖି ଭଗବାନ୍ ହସୁଛନ୍ତି । ବୋଧଲା ଅତ୍ୟନ୍ତ ପ୍ରେମ ଗଦ୍‌ଗଦ ସ୍ୱରରେ କହିଲେ, ''ପ୍ରଭୁ, ତୁମ ଦୟାକୁ ଧନ୍ୟ । ତୁମେ ନାନାପ୍ରକାର ମିଷ୍ଟାନ୍ନ ଛାଡ଼ି ଶୁଖିଲା ଅଟାର ବାଟି ନିଜେ ତିଆରି କରି ଭୋଜନ କଲ । ଏହା ତୁମର ଅପାର କରୁଣା ଏବଂ ଦୟା ।''

ଭଗବାନ୍ କହିଲେ, ''ଭାଇ, ତୋ ପରି ଭକ୍ତର ପତ୍ର, ଫଳ, ତଣ୍ଡୁଳକୁ ମୁଁ ଅପେକ୍ଷା କରିଥାଏ । ପାଇବାମାତ୍ରେ କୋଟିନିଧି ପରି ଗ୍ରହଣ କରେ । ବଡ଼ ବଡ଼ ଧନୀମାନେ ବହୁବିଧ ମିଷ୍ଟାନ୍ନ ଭୋଜନ କରାନ୍ତି, କିନ୍ତୁ ମୋତେ ଦିଅନ୍ତି ନାହିଁ । ତୁ ଯଦି ଦେଖିବାକୁ ଚାହୁଁ କାଲି ଅମୁକ ସ୍ଥାନକୁ ଯିବୁ, ମୁଁ ମଧ୍ୟ ସେଠାକୁ ଯିବି ।''

ତହିଁ ଆରଦିନ ବୋଧଲା ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଗଲେ । ସେଠାରେ ବହୁପ୍ରକାର ମିଷ୍ଟାନ୍ନ ତିଆରି ହୋଇଥିଲା । ହଜାର ସଂଖ୍ୟାର ବ୍ରାହ୍ମଣ ଭୋଜନ

ସକାଶେ ନିମନ୍ତ୍ରିତ ହୋଇ ଆସିଥିଲେ । ଶେଠଜି ସ୍ୱୟଂ ଛିଡ଼ା ହୋଇଥା'ନ୍ତି । ତାଙ୍କ ବିଶ୍ୱସ୍ତ ସେବକ ତାଲିକାଖାତାରୁ ନାମ ଦେଖି ବ୍ରାହ୍ମଣମାନଙ୍କୁ ବସାଉଥା'ନ୍ତି । ସେହି ସମୟରେ ଗୋଟିଏ କୁରୂପ ଅସ୍ଥିକଙ୍କାଳଯୁକ୍ତ ବୃଦ୍ଧ ବ୍ରାହ୍ମଣ ମଇଳା ଗାମୁଛା ପିନ୍ଧି ବାଡ଼ି ଧରି ନଇଁ ନଇଁ ଟଳଟଳ ହୋଇ ଚାଲି ପହଞ୍ଚିଲେ । କହିଲେ, ''ଶେଠଜି, ମୋତେ ବହୁତ କ୍ଷୁଧା ଲାଗୁଛି । ମୁଁ ଭୋଜନ କରିବାକୁ ଚାହେଁ ।'' ଶେଠଜି ପଚାରିଲେ, ''ଏହାର ନାମ ଖାତାରେ ଅଛି କି ?'' ତାଲିକାଖାତା ଦେଖୁଥିବା ବ୍ୟକ୍ତି ନାମ ପଚାରି ଖାତା ଦେଖି ମନାକରିଦେଲେ । ଶେଠଜି କହିଲେ, ''ବିନା ନିମନ୍ତ୍ରିତ ବ୍ରାହ୍ମଣକୁ ଭୋଜନ ଦେଲେ ହଜାର ହଜାର ସଂଖ୍ୟାର କାଙ୍ଗାଳ, ଜାତି କୁଜାତି ପଇତାଟାଏ ପକାଇ ପହଞ୍ଚିଯିବେ, ଧର୍ମକର୍ମ ଭ୍ରଷ୍ଟ ହେବ । ଏଠାରେ ବିନା ନିମନ୍ତ୍ରିତ ବ୍ୟକ୍ତିଙ୍କୁ ଭୋଜନ ମିଳିବ ନାହିଁ ।'' କିନ୍ତୁ ବ୍ରାହ୍ମଣ ଅତ୍ୟନ୍ତ ଆଗ୍ରହରେ କହିଲେ, ''ଏଠାରେ ଏତେ ବ୍ରାହ୍ମଣ ଭୋଜନ କରିବେ, ସେଥିରେ ଆଉ ଜଣେ ମିଶିଲେ କମି ପଡ଼ିବ ନାହିଁ ।'' ଏହା କହି ପରଷା ହେଉଥିବା ପଙ୍‌କ୍ତିରେ ବସିପଡ଼ିଲେ । ଏପରି ଧୃଷ୍ଟତା ଶେଠମହାଶୟ ବରଦାସ୍ତ କରିପାରିଲେ ନାହିଁ, କେତେ କ'ଣ କହି ବୃଦ୍ଧ ବ୍ରାହ୍ମଣଙ୍କୁ ବାହାର କରିଦେବା ସକାଶେ ଚପରାସୀକୁ ହୁକୁମ ଦେଲେ । ସେ ବ୍ରାହ୍ମଣଙ୍କ ବାହୁ ଧରି ଟାଣି ଟାଣି ପଂକ୍ତିରୁ ବାହାର କରିଦେଲେ । ବୋଧଲା ଦୂରରେ ଛିଡ଼ାହୋଇ ସବୁ ତାମସା ଦେଖୁଥାଆନ୍ତି । ବ୍ରାହ୍ମଣଙ୍କ ପଂକ୍ତି ଲାଗିଥାଏ । ବହୁପ୍ରକାର ମିଷ୍ଟାନ୍ନ ପରଷା ହେଉଥାଏ । ହଠାତ୍ ଆକାଶରେ ଘୋଟି ଆସିଲା ଘୋର ବରଷା ସଙ୍ଗେ ପ୍ରବଳ ଝଡ଼ବତାସ । ଏଣେ ବ୍ରାହ୍ମଣମାନଙ୍କ ପରଷାପତ୍ର ଉଡ଼ିଗଲା ଓ ପାଣିରେ ଭାସିଗଲା । ବ୍ରାହ୍ମଣମାନେ ଏଣେତେଣେ ପଳାଇଗଲେ । ବୃଦ୍ଧ ବ୍ରାହ୍ମଣ ଭକ୍ତ ବୋଧଲାଙ୍କୁ କହିଲେ, ''ଦେଖିଲୁ, ଧନାଭିମାନୀ ବ୍ୟକ୍ତି ମୋତେ କିଛି ଦିଅନ୍ତି ? ଦିଅନ୍ତି କେବଳ ନିଜ ଅଭିମାନ, ଅହଂକାର ତଥା ନାମଯଶଃକୁ ।'' ବୋଧଲାଜି ଭଗବାନଙ୍କୁ ପ୍ରଣାମ କଲେ ଓ ଭଗବାନ୍ ଅନ୍ତର୍ଦ୍ଧାନ ହୋଇଗଲେ । ବୋଧଲାଜି ପଣ୍ଡରପୁର ଫେରିଆସି ରାତ୍ରିରେ ରହିଲେ । ତହିଁ ଆରଦିନ ଭଗବାନଙ୍କୁ ଦର୍ଶନ କରି ଘରକୁ ଯାତ୍ରା କଲେ ।

ଭକ୍ତ ବୋଧଳା ଭଗବତ୍ ପ୍ରେମରେ ବିଭୋର ହୋଇ ଚାଲୁଥାଆନ୍ତି । କ୍ଷୁଧାତୃଷାର ଧାରଣା ନ ଥାଏ । କିନ୍ତୁ ଦ୍ୱିପ୍ରହରର ତୀବ୍ର ଖରା ଥାଏ । ମାର୍ଗ ମଧ୍ୟରେ ଦେଖିଲେ ଗୋଟିଏ ବଗିଚା । ଫଳଫୁଲରେ ପୂର୍ଣ୍ଣ । ସେ ଭାବିଲେ, ''ଏ ରାସ୍ତାରେ ମୁଁ ବରାବର ଯାଏ, ଏ ବଗିଚା କେବେ ଦେଖି ନାହିଁ, ଏ ଆସିଲା କୁଆଡୁ ?'' ସେ ପୁଣି ମନେକଲେ, ''ଏଠାରେ ବଗିଚା ଥିବ, ବୋଧହୁଏ ମୁଁ ଲକ୍ଷ୍ୟ କରି ନ ଥିବି ।'' ଠିକ୍ ସେହି ସମୟରେ ଗୋଟିଏ ସ୍ତ୍ରୀଲୋକ ଟୋକେଇ ମୁଣ୍ଡାଇ ଭଗତଙ୍କ ପାଖରେ ପହଞ୍ଚିଲେ । ସେ କହିଲେ, ''ଭଗତଜି, ତୁମେ କ୍ଷୁଧାର୍ତ୍ତ ମନେ ହେଉଛ । ଏହି ବଗିଚାର ମାଳୀ ମୋର ପତି । ସେ ପଣ୍ଡରୀନାଥଙ୍କ ଯାତ୍ରୀଙ୍କୁ ବହୁତ ସମ୍ମାନ କରନ୍ତି । ତୁମେ ପଣ୍ଡରୀନାଥଙ୍କ ଯାତ୍ରୀ, ବଗିଚାକୁ ଚାଲ, ଆମ ବଗିଚାକୁ ତୁମ ଚରଣରଜ ସ୍ପର୍ଶରେ ପବିତ୍ର କର । କିଛି ଭୋଜନ କରି, ବିଶ୍ରାମ କରି ଘରକୁ ଯାଅ ।'' ମା'ଙ୍କ ସ୍ନେହକରୁଣାପୂର୍ଣ୍ଣ ଅମୃତମୟ ବାଣୀରେ ଭଗତଙ୍କ କଣ୍ଠ ଗଦ୍‌ଗଦ ହୋଇଗଲା । ସେ ମା'ଙ୍କ ସଙ୍ଗେ ବଗିଚାକୁ ଆସିଲେ । ବଗିଚାର ମାଳୀ ଭଗତଙ୍କୁ ଦେଖି କୋଟିନିଧି ମିଳିଲା ପରି ଆନନ୍ଦିତ ହେଲେ । ଭଗତଙ୍କୁ ବହୁତ ଆଦରସତ୍କାର ସହିତ ବସାଇ ଭୋଜନ କରିବାକୁ ବିନତି କଲେ । ମା' ଟୋକେଇରୁ ରୁଟି, ତରକାରି ଓ ଗରମ ଦୁଧ ବାହାର କରି ଗୋଟିଏ ପତରରେ ପରଷି ଦେଲେ । ବଗିଚାର ଫଳ ମଧ୍ୟ ଭୋଜନ ଶେଷରେ ଦେଲେ । ଭଗତ ଅମୃତ ତୁଲ୍ୟ ଭୋଜନ କରି ବିଶ୍ରାମ ନେଲେ । ଖରା ନଇଁବାରୁ ବଗିଚାର ମାଳୀ ଏବଂ ମାଳିନୀଙ୍କୁ ପ୍ରଣାମ କରି ବାହାରିଲେ । ବଗିଚାରୁ ବାହାରି ପଛକୁ ଚାହିଁବା ମାତ୍ରେ ବଗିଚାର ଚିହ୍ନବର୍ଣ୍ଣ ନ ଥିଲା । ମାଳୀ ଏବଂ ମାଳିନୀ ଆସିବେ କୁଆଡୁ ? ତାଙ୍କୁ ଭୋଜନ ଓ ବିଶ୍ରାମ ଦେବା ସକାଶେ ପ୍ରଭୁ ଏହି ଲୀଳା କଲେ ବୋଲି ଭଗତ ବୁଝିପାରି ଆନନ୍ଦମଗ୍ନ ହୋଇ ଘରକୁ ଯାତ୍ରା କଲେ ।

ଭଗତ ସବୁ ସମୟରେ ଭଗବାନଙ୍କ ପ୍ରେମଭକ୍ତିରେ ମଗ୍ନ । ତାଙ୍କ ଦୃଷ୍ଟିରେ ସମସ୍ତ କିଛି ଭଗବନ୍ମୟ । କାହା ସଙ୍ଗେ ବୈର ନା ବିରୋଧ । ତାଙ୍କର ସମସ୍ତ ସତ୍ତାରେ ଭଗବତ୍ ଭକ୍ତି ଓତପ୍ରୋତ ଥାଏ, କିନ୍ତୁ କାର୍ଯ୍ୟ କରନ୍ତି

ଶରୀରରେ । ତାଙ୍କ କ୍ଷେତରେ ବହୁତ ଯୁଆର ଫଳିଥାଏ । ଯୁଆରକୁ ଖାଆନ୍ତି ପକ୍ଷୀ । ପକ୍ଷୀ ହୁରୁଡ଼େଇବା ସକାଶେ ସେ ଯାଆନ୍ତି କ୍ଷେତକୁ । ପ୍ରତ୍ୟେକ ବସ୍ତୁ, ପ୍ରତ୍ୟେକ ପ୍ରାଣୀର ପଶ୍ଚାତ୍‌ରେ ସେ ଦେଖନ୍ତି ନିଜ ଇଷ୍ଟଦେବଙ୍କୁ । ପକ୍ଷୀମାନଙ୍କୁ ସେ ଉଡ଼ାଇବେ କିପରି ? ସେ ହିଡ଼ମୁଣ୍ଡରେ ବସି ଭଗବତ୍ ନାମ ସ୍ମରଣ କରନ୍ତି, ପକ୍ଷୀସବୁ ଖାଆନ୍ତି ଫସଲ । ଗାଁ ଲୋକେ ଏହି ଘଟଣା କହିଲେ ତାଙ୍କ ପତ୍ନୀ ମାମାତାଇଙ୍କୁ । ଏପରି ବି କହିଲେ, ‘‘ଯୁଆର ଯେ ମାଗେ, ତାକୁ ଭଗତଜି ଦେଇଦିଅନ୍ତି ।’’ ମାମାତାଇ ଯଦ୍ୟପି ଭଗବାନଙ୍କ କୃପା ପାଇଥିଲେ ତଥାପି ସବୁ ସମୟ ସମାନ ନ ଥାଏ । ସେ ଭାବିଲେ, ‘‘ଯଦି ସବୁ ଫସଲ ଜମିରେ ବିତରଣ ହେବ, ଘର କିପରି ଚଳିବ ?’’ ସେ କ୍ଷେତକୁ ଯାଇ ପତିଙ୍କୁ କୀର୍ତ୍ତନ କରିବାର ଦେଖିଲେ; କହିଲେ, ‘‘ପଣ୍ଡରୀନାଥଙ୍କ ଶପଥ ଦେଇ କହୁଛି, ଆଜିଠାରୁ ତୁମେ ଯୁଆର ଗଛରୁ ଭାଙ୍ଗି ଗୋଟିଏ ବି କାହାକୁ ଦେବ ନାହିଁ ।’’

ତା’ପରେ ଗୋଟିଏ ସାଧୁମଣ୍ଡଳୀ ଆସି ଭଗତଜିଙ୍କୁ କହିଲେ, ‘‘କିଛି ଯୁଆର ଦିଅ, ଆମେ ଅଗ୍ନିରେ ପୋଡ଼ି ଖାଇବୁ ।’’ ଭଗତଜି କହିଲେ, ‘‘ମୋ ସ୍ତ୍ରୀ ପଣ୍ଡରୀନାଥଙ୍କ ଶପଥ ଦେଇ କହିଛି ମୁଁ ନିଜ ହାତରେ ଯୁଆର ଭାଙ୍ଗି ଦେଇପାରିବି ନାହିଁ ।’’ ସାଧୁମାନେ କହିଲେ, ‘‘ତୁମେ ହାତରେ ନ ଭାଙ୍ଗ, ଆମେ ଭାଙ୍ଗିନେବୁ ।’’ ସାଧୁମାନେ ଭଗତଜିଙ୍କୁ ଜାଣନ୍ତି, ସେ ସାଧୁମାନଙ୍କୁ ବାଧାଦେବେ ନାହିଁ । ଜଣେ ସାଧୁ ଭାଙ୍ଗିବାକୁ ଆରମ୍ଭ କଲେ, ତାଙ୍କ ପଛରେ ସମସ୍ତ ସାଧୁ କିଆରିରେ ପଶି ଯୁଆର ଭାଙ୍ଗିଲେ । ତାଙ୍କ ଦେଖାଦେଖି ଅନ୍ୟାନ୍ୟ ଯାତ୍ରୀ ମଧ୍ୟ ଯୁଆର ଭାଙ୍ଗିନେଲେ । କିଛି ଘଣ୍ଟା ପରେ ଭଗତଙ୍କ କ୍ଷେତରୁ ଫସଲ ଶେଷ ହୋଇଗଲା । ସେ ଘରକୁ ଫେରିଆସିଲେ । ଏହି ଖବର ମାମାତାଇ ପାଇ ଭଗତଙ୍କୁ ପଚାରିଲେ । ଭଗତ କହିଲେ, ‘‘ତୋରି ଶପଥ ମୁଁ ବରାବର ପାଳନ କରିଛି । ଗୋଟିଏ ଯୁଆର ନିଜ ହାତରେ ଭାଙ୍ଗି କାହାକୁ ଦେଇ ନାହିଁ । କିନ୍ତୁ ଭଗବତ୍ ଭକ୍ତ, ସାଧୁ ତଥା ପଣ୍ଡରୀନାଥଙ୍କ ଯାତ୍ରୀଙ୍କୁ ମନା କରନ୍ତି କିପରି ? ଏହା ତ ଭଗବାନଙ୍କ କୃପା; ଭଗବାନଙ୍କ କ୍ଷେତ, ଭଗବତ୍ ଭକ୍ତଙ୍କ ସେବାରେ ଲାଗିଲା ।’’ ଏଥିରେ ମାମାତାଇ ଖୁବ୍ ପ୍ରସନ୍ନ ହେଲେ ।

ବର୍ତ୍ତମାନ ଯୁଆର ଶେଷ ହୋଇଗଲା । ଆଉ ଜଗିବା କାମ ନ ଥିଲା । ଭଗତଜି କ୍ଷେତକୁ ଆଉ ଯାଉ ନ ଥିଲେ । କିନ୍ତୁ ଗ୍ରାମର ଲୋକ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ – ବୋଧଲାଜିଙ୍କ ଉଜୁଡ଼ି ଯାଇଥିବା କ୍ଷେତ ପୁଣି ଯୁଆରରେ ପୂର୍ଣ୍ଣ ହୋଇଛି । ଆଶ୍ଚର୍ଯ୍ୟାନ୍ୱିତ ହୋଇ କେତେ ଲୋକ ଏକଥା ବୋଧଲା ଓ ମାମାତାଇଙ୍କୁ କହିଲେ । ସେମାନେ ଏହା ଶୁଣି କୌତୂହଳରେ ଯାଇ କ୍ଷେତ ଦେଖି ଭଗବତ୍ ପ୍ରେମ-ସମୁଦ୍ରରେ ବୁଡ଼ିଗଲେ । କ୍ଷେତ ଯୁଆରରେ ପୂର୍ଣ୍ଣ । ଏପରି ଫଳ ସେମାନେ କେବେ ଦେଖି ନ ଥିଲେ । ଭଗବତ୍ କୃପାରେ ସବୁ ଅସମ୍ଭବ ସମ୍ଭବ ହୋଇପାରେ । ଯୁଆର କାଟିଆଣି ଅମଳ କରି ଘରେ ରଖିଲେ । ଭଗବାନଙ୍କ ଭରସାରେ ନିର୍ଭୟ, ନିଶ୍ଚିନ୍ତ ହୋଇ ଭଗବାନଙ୍କ ପ୍ରେମଭକ୍ତିରେ ଶେଷ ଜୀବନ ବ୍ୟତୀତ କଲେ । ଭଗବାନଙ୍କ ନାମ ସ୍ମରଣପୂର୍ବକ ଏହି ନଶ୍ୱର ଶରୀର ତ୍ୟାଗ କରି ଭଗବାନଙ୍କ ଦିବ୍ୟଧାମରେ ଭଗବତ୍ ସେବା ପ୍ରାପ୍ତ ହେଲେ ।

ବୋଲ ଭକ୍ତ ଏବଂ ଭଗବାନଙ୍କ ଜୟ ।

(ଭକ୍ତ-ଚରିତ ଆଧାରରେ ଲିଖିତ)

# 'ଭକ୍ତମାଳ'ର ରଚୟିତା ପରମ ଭକ୍ତ ନାଭାଜି

ନାଭାଜି ହିନ୍ଦୀ ଭାଷାରେ ସୁନ୍ଦର କବିତାରେ ଭାରତର ସମସ୍ତ ପ୍ରାନ୍ତର ସମସ୍ତ ସଂପ୍ରଦାୟର ଅନେକ ଭକ୍ତଙ୍କ ଜୀବନଚରିତ ଲେଖିଛନ୍ତି । କବିତାଗୁଡ଼ିକ ଯେପରି ଶ୍ରୁତିମଧୁର, ଚରିତ ସେହିପରି ମନୋମୁଗ୍ଧକର । ପଢ଼ିଲେ ଛାଡ଼ିବାକୁ ଇଚ୍ଛା ହୁଏ ନାହିଁ । ତାଙ୍କ 'ଭକ୍ତମାଳା' ସନ୍ଥସମାଜ ତଥା ସାଧାରଣ ଜନତାରେ ଯେପରି ପ୍ରାମାଣିକ, ସେହିପରି ଆଦରଣୀୟ । ସମସ୍ତ ଧର୍ମ-ସଂପ୍ରଦାୟର ଧାର୍ମିକ ବ୍ୟକ୍ତିମାନେ ଅତ୍ୟନ୍ତ ଆଦରରେ ନାଭାଜିଙ୍କ 'ଭକ୍ତମାଳ' ଅଧ୍ୟୟନ କରନ୍ତି । ଅନେକ ସ୍ଥଳରେ ପଣ୍ଡିତମାନେ ବ୍ୟାସଗାଦିରେ 'ଭକ୍ତମାଳ'ରେ ଥିବା ଚରିତ ପୁରାଣରୂପେ ବ୍ୟାଖ୍ୟା କରନ୍ତି । ସଭାସଦ୍‌ଗଣ ନୀରବ ହୋଇ ଶୁଣି ମୁଗ୍ଧ ହୋଇଯାଆନ୍ତି । ନାଭାଜିଙ୍କ 'ଭକ୍ତମାଳ' ଅଧ୍ୟୟନ ଦ୍ୱାରା ଅସଂଖ୍ୟ ମାର୍ଗଚ୍ୟୁତି ନରନାରୀ ଭଗବତ୍ ଶରଣ ହୋଇ ପରମାନନ୍ଦ ଲାଭ କରିଛନ୍ତି; ଜନ୍ମମରଣରୁ ନିବୃତ୍ତି ଲାଭ କରି ପରମପଦ ପ୍ରାପ୍ତ ହୋଇଛନ୍ତି । ନାଭାଜି ସେହି ଗ୍ରନ୍ଥର ନାମ ନିଜେହିଁ ରଖିଛନ୍ତି 'ଭକ୍ତମାଳା' । ଅର୍ଥାତ୍ ସେ ବିଭିନ୍ନପ୍ରକାର ଭକ୍ତଙ୍କ ଚରିତ ଏକତ୍ର ରଚନା କରି ଭିନ୍ନ ଭିନ୍ନ ରଙ୍ଗର 'ପୁଷ୍ପ' ମାଳା ସଦୃଶ ଗୁନ୍ଥି ଶୋଭାବୃଦ୍ଧି କରିଛନ୍ତି । ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପୁଷ୍ପ ଶୋଭାୟମାନ ହୋଇଥାଏ, କିନ୍ତୁ ବହୁ ରଙ୍ଗର ପୁଷ୍ପ ମାଳାଯୁକ୍ତ ହେଲେ ତା'ର ଶୋଭା ଅତ୍ୟନ୍ତ ବୃଦ୍ଧି ହୁଏ । ସେହିପରି ଭକ୍ତମାନଙ୍କ ଚରିତ । ଭକ୍ତମାନଙ୍କର ବହୁପ୍ରକାର ଭାବଭକ୍ତି ଚିତ୍ରିତ ହୋଇ ଗୋଟିଏ ସୁନ୍ଦର ମାଳାରେ ପରିଣତ ହୋଇଛି । ପାଠକମାନେ ଏହି ସୁନ୍ଦର ମାଳାକୁ ନିଜ ହୃଦୟରୂପ ଗଳାରେ ଧାରଣ କଲେ ସେମାନଙ୍କର ଶୋଭା ଏତେ ବୃଦ୍ଧି ପାଏ ଏବଂ ରୂପ ଏତେ ପରିବର୍ତ୍ତିତ ହୋଇଯାଏ ଯେ ଭଗବାନ୍ ସେମାନଙ୍କୁ ଏହି ମୃତ୍ୟୁପୁରୀରେ ରହିବାକୁ ଦିଅନ୍ତି ନାହିଁ । ସେମାନଙ୍କୁ ନିଜ ଦିବ୍ୟଧାମ, ସାକେତ, ଗୋଲୋକ, ବୈକୁଣ୍ଠରେ ଶୋଭାମଣ୍ଡିତ ହେବା ପାଇଁ ସେଠାକୁ ନେଇଯାଆନ୍ତି । ଅର୍ଥାତ୍ ସେମାନେ ଜନ୍ମ-ମରଣ-ଦ୍ୱନ୍ଦ୍ୱରୁ ନିବୃତ୍ତ ହୋଇ ଭଗବତ୍ ଦିବ୍ୟଧାମକୁ ପ୍ରାପ୍ତ ହୁଅନ୍ତି ।

ଭକ୍ତ-ଚରିତରେ ସାମ୍ପ୍ରଦାୟିକ ସଂକୀର୍ଣ୍ଣ ମନୋଭାବ ନ ଥାଏ । ତାଙ୍କ ଜୀବନର ପ୍ରତ୍ୟେକ ଘଟଣାରେ ଭଗବତ୍ ବିଶ୍ୱାସ, ଭଗବତ୍ ନିଷ୍ଠା, ଭଗବାନଙ୍କ ପ୍ରତି ସମର୍ପଣ, ଭଗବତ୍ ଆନନ୍ଦ ସିନ୍ଧୁରେ ନିମଜ୍ଜନାଦି ଭାବର ସ୍ରୋତ ପ୍ରବାହିତ ହେଉଥାଏ । ବକ୍ତା ଓ ଶ୍ରୋତାର ମନ-ପ୍ରାଣଜନିତ ମଳିନତା ସେହି ଭାବସ୍ରୋତରେ ପ୍ରବାହିତ ହୋଇଯାଏ । ସେମାନଙ୍କର ଆତ୍ମଭାବ ଜାଗ୍ରତ ହୁଏ । ଭକ୍ତମାନଙ୍କ ଦିବ୍ୟ ଭାବରୂପ ସୂର୍ଯ୍ୟ ସେମାନଙ୍କ ଚରିତରେ ସର୍ବଦା ପ୍ରକାଶିତ ହୋଇଥାଏ, ବକ୍ତା ଓ ଶ୍ରୋତାମାନେ ସେହି ଦିବ୍ୟ ଚରିତର ସଂସ୍ପର୍ଶରେ ଆସିଲେ ସେମାନଙ୍କ ମୋହାନ୍ଧକାର ଦୂର ହୁଏ, ସେମାନଙ୍କ ଅନ୍ତଃକରଣରେ ତାହାର ପ୍ରଭାବ ପଡ଼େ । ସେତେବେଳେ ସେମାନେ ଭଗବତ୍ ଭକ୍ତିରସ ଆସ୍ୱାଦନ କରନ୍ତି । ଅନ୍ୟାନ୍ୟ ଯେତେପ୍ରକାର ସାଧନା ଅଛି, ସବୁଠାରୁ ସହଜ ଏବଂ ସଦ୍ୟଫଳପ୍ରସୂ ସାଧନା ହେଉଛି ଭକ୍ତମାନଙ୍କ ଚରିତ ଅଧ୍ୟୟନ । ନାଭାଜି ସ୍ୱୟଂ ଲେଖିଛନ୍ତି :

''ଭକ୍ତି ଭକ୍ତ ଭଗବନ୍ତ ଗୁରୁ, ଚତୁର ନାମ ବପୁ ଏକ ।
ଇନକେ ପଦ ବନ୍ଦନ କିଏ, ନାଶତ ବିଘ୍ନ ଅନେକ ॥୧॥
ମଙ୍ଗଳ ଆଦି ବିଚାରି ରହ, ବସ୍ତୁ ନ ଔର ଅନୂପ ।
ହରିଜନ କୌ ୟଶ ଗାବତେ, ହରିଜନ ମଙ୍ଗଳରୂପ ॥୨॥
ସବ ସନ୍ତନ ନିର୍ଣ୍ଣୟ କିୟୌ, ଶ୍ରୁତି ପୁରାଣ ଇତିହାସ ।
ଭଜିବେ କୋ ଦୋଇ ସୁଘର, କୈ ହରି, କୈ ହରିଦାସ ॥୩॥
(ଶ୍ରୀଗୁରୁ) ଅଗ୍ରଦେବ ଆଜ୍ଞା ଦଈ, ଭକ୍ତନ କୌ ୟଶ ଗାଓ ।
ଭବସାଗର କେ ତରନ କୌ, ନାହିନ ଔର ଉପାଓ ॥୪॥''

ଭାବାର୍ଥ – ('ଭକ୍ତମାଳ'ର ଆରମ୍ଭରେ ନାଭାଜି ଏହି ମନ୍ତ୍ର ଉଚ୍ଚାରଣ କରିଛନ୍ତି) ଭକ୍ତି, ଭକ୍ତ, ଭଗବାନ୍, ଗୁରୁ – ଏହି ନାମ ଚାରି, କିନ୍ତୁ ତତ୍ତ୍ୱତଃ ଏକ । ଏମାନଙ୍କ ଚରଣ ବନ୍ଦନା କଲେ ଅନେକ ବିଘ୍ନ ନାଶ ହୁଏ । ଅର୍ଥାତ୍ ଜନ୍ମ-ମରଣ-ବିଘ୍ନରୁ ବ୍ୟକ୍ତି ମୁକ୍ତି ପାଏ ।

ସଂସାରରେ ଯେତେ ମଙ୍ଗଳମୟ କର୍ମ ଅଛି, ସବୁଠାରୁ ଉତ୍ତମ ହେଉଛି

ଭକ୍ତମାନଙ୍କ ଚରିତ । ସେମାନେ ମଙ୍ଗଳସ୍ୱରୂପ, ସେମାନଙ୍କ ଚରିତ ଅଧ୍ୟୟନ ଦ୍ୱାରା ବ୍ୟକ୍ତି ମଙ୍ଗଳସ୍ୱରୂପ ହୋଇଯାଏ । ସବୁ ସନ୍ଥ, ମହାତ୍ମା ନିଜ ଅନୁଭବ ତଥା ବେଦ, ଶାସ୍ତ୍ର ମନ୍ଥନପୂର୍ବକ ନିର୍ଣ୍ଣୟ କରିଛନ୍ତି ଯେ ଜନ୍ମମରଣରୁ ନିବୃତ୍ତ ହେବା ତଥା ଜୀବନରେ କଲ୍ୟାଣ ପ୍ରାପ୍ତ ହେବା ସକାଶେ ଉପାୟ ହେଲା ଭଗବତ୍ ଭଜନ ବା ଭକ୍ତଙ୍କ ଭଜନ । ଏଥିସକାଶେ ପୂଜ୍ୟ ନାଭାଜିଙ୍କ ଗୁରୁଦେବ ଶ୍ରୀ ଅଗ୍ରଦାସଜି ତାଙ୍କୁ 'ଭକ୍ତମାଳ' ରଚନା କରିବା ସକାଶେ ଆଜ୍ଞା ଦେଲେ । ସଂସାର ଜନ୍ମ-ମରଣ-ସିନ୍ଧୁ ପାର ହେବା ସକାଶେ ଆଉ ଅନ୍ୟ ଉପାୟ ନାହିଁ । ଭଗବାନ୍ ଏବଂ ଭକ୍ତଙ୍କ ଉପାସନା ଛଡ଼ା ଜନ୍ମମରଣରୁ ମୁକ୍ତ ହେବାର ଅନ୍ୟ ସମସ୍ତପ୍ରକାର ସାଧନ କୁହୁକ ସଦୃଶ ମିଥ୍ୟା, ମାୟା, ଭ୍ରମ । ଏହା ଅକାଟ୍ୟ ସିଦ୍ଧାନ୍ତ । ଭକ୍ତଙ୍କ ଚରିତଗାନ ଦ୍ୱାରା ବ୍ୟକ୍ତିଚେତନାରେ ଭକ୍ତଙ୍କ ଭାବ ପ୍ରବେଶ କରେ ଏବଂ ତା'ର ଭଗବତ୍ ଭକ୍ତିରେ ସ୍ୱତଃସ୍ଫୂର୍ତ୍ତଭାବେ ସ୍ପୃହା ଜାଗ୍ରତ ହୁଏ । ଏହି କାରଣରୁ ଭକ୍ତ-ଚରିତ ଅଧ୍ୟୟନ ଭଗବତ୍ ପ୍ରାପ୍ତିର ସହଜ ଉପାୟ ।

'ଭକ୍ତମାଳ'ର ରଚୟିତା ଶ୍ରୀ ନାଭାଜି ମହାରାଜଙ୍କ ଜୀବନଚରିତ 'ଭକ୍ତମାଳ'ର ଟୀକାକାର ଶ୍ରୀ ପ୍ରିୟାଦାସଜି ମହାରାଜ ଲେଖିଛନ୍ତି ।

## ନାଭାଜି

ନାଭାଜିଙ୍କର ଜନ୍ମ ହୋଇଥିଲା ଦକ୍ଷିଣ ପ୍ରାନ୍ତରେ । ତାଙ୍କ ପିତାମାତାଙ୍କ ନାମ ଉଲ୍ଲେଖ ନାହିଁ । ଜନ୍ମତିଥି ଏବଂ ସମ୍ୱତ୍ ମଧ୍ୟ ନିର୍ଣ୍ଣୟ ହୋଇ ନାହିଁ । କିନ୍ତୁ ଶ୍ରୀ ନାଭାଜି ଥିଲେ ଶ୍ରୀ ସମ୍ପ୍ରଦାୟର ଅନ୍ୟତମ ଆଚାର୍ଯ୍ୟ ଶ୍ରୀ ରାମାନନ୍ଦ ମହାରାଜଙ୍କ ପ୍ରଶିଷ୍ୟ । ଅର୍ଥାତ୍ ତାଙ୍କର ଦୁଇପିଢ଼ି ଗାଦି ପରେ ନାଭାଜି ହୋଇଥିଲେ ।

ସେ ସମୟରେ ଦକ୍ଷିଣ ପ୍ରଦେଶରେ ଭୟଙ୍କର ଦୁର୍ଭିକ୍ଷ ପଡ଼ିଥିଲା । ଅନ୍ନାଭାବରେ ବହୁ ବ୍ୟକ୍ତି ମୃତ୍ୟୁମୁଖରେ ପତିତ ହେଲେ । ନାଭାଜି ଥିଲେ ଜନ୍ମରୁ ଅନ୍ଧ । ଭୋଜନ ଅଭାବରୁ ଉଦରଜ୍ୱାଳା ବରଦାସ୍ତ ନ କରିପାରି ତାଙ୍କ

ମାତା ତାଙ୍କୁ ସଙ୍ଗରେ ନେଇ ଘରୁ ବାହାରି ଆସିଥିଲେ । ମାତ୍ର ଅନ୍ନାଭାବରୁ ବ୍ୟାକୁଳ ଅବସ୍ଥାରେ ପୁତ୍ରର ମୃତ୍ୟୁ ସ୍ୱଚକ୍ଷୁରେ ଦେଖି ବରଦାସ୍ତ ନ କରିପାରିବା ଯୋଗୁଁ ଭଗବାନଙ୍କ ଭରସାରେ ତାଙ୍କୁ ଏକାକୀ ଛାଡ଼ି ଚାଲିଗଲେ । ଅନ୍ଧ ନାଭାଜି ଗୋଟିଏ ନିର୍ଜନ ସ୍ଥାନରେ ଅସହାୟରୂପେ ଥିଲେ ଏକା ।

ସେତେବେଳେ ପ୍ରସିଦ୍ଧ ସିଦ୍ଧ ମହାତ୍ମା କୀଲ୍‌ହଜି ଏବଂ ଅଗ୍ରଦାସଜି ମହାରାଜ ଦକ୍ଷିଣ ପ୍ରାନ୍ତରେ ଭ୍ରମଣ କରୁଥିଲେ । ନିର୍ଜନ ସ୍ଥାନରେ ଅନ୍ଧ ନାଭାଜିଙ୍କୁ ମହାତ୍ମା ଦୁଇଜଣ ଦେଖିବାମାତ୍ରେ ତାଙ୍କ ପ୍ରତି ଦୟା ଆସିଗଲା । ନାଭାଜିଙ୍କର ବୟସ ସେତେବେଳେ ଥିଲା ପାଞ୍ଚ । କିନ୍ତୁ ସାଧାରଣ ପାଞ୍ଚବର୍ଷର ବାଳକ ଅପେକ୍ଷା ତାଙ୍କ ବୁଦ୍ଧି ଏବଂ ଜ୍ଞାନ ଅଧିକ ବିକଶିତ ହୋଇଥିଲା । ପଚାରିବାରୁ ନିଜ ନାମ ନାରାୟଣ ବୋଲି କହିଲେ ତଥା ଦୁଃଖରେ କାନ୍ଦିବାକୁ ଲାଗିଲେ । ତାଙ୍କ ନିଃସହାୟ ଦୈନ୍ୟ ଅବସ୍ଥାରେ ମହାତ୍ମାଙ୍କ ହୃଦୟ ବିଗଳିତ ହୋଇଗଲା । ମହାତ୍ମା ତାଙ୍କ ଅନ୍ତରତମ ପ୍ରଦେଶରେ ପ୍ରବେଶ କରି ନିଜ ଦିବ୍ୟଦୃଷ୍ଟିରେ ତାଙ୍କ ଭବିଷ୍ୟତ କର୍ମ ଏବଂ ତାଙ୍କ ଆତ୍ମାର ମହାନତା ଦେଖି ପାରିଲେ । କୀଲ୍‌ହଜି ନିଜ କମଣ୍ଡଳୁରୁ ମୁଠିଏ ଜଳ ନାଭାଜିଙ୍କ ନେତ୍ରରେ ସିଞ୍ଚିଦେଲେ । ଜଳ ସ୍ପର୍ଶ ସଙ୍ଗେ ସଙ୍ଗେ ତାଙ୍କ ନେତ୍ର ଖୋଲିଗଲା । ସେ ଗଦ୍‌ଗଦ ହୋଇ ମହାତ୍ମାଙ୍କ ଚରଣରେ ପଡ଼ିଗଲେ । ତାଙ୍କ ହୃଦୟ ମହାତ୍ମାଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । କୀଲ୍‌ହଜି ତାଙ୍କୁ ଉଠାଇ ବସାଇ ଆଶ୍ୱାସନା ଦେଇ କହିଲେ, ''ବତ୍ସ, ଆଉ ଭୟ ନାହିଁ, ତୁ କ'ଣ ଚାହୁଁଛୁ ?'' ନାରାୟଣ ଶୋକଯୁକ୍ତ ଅସ୍ପଷ୍ଟ ଶବ୍ଦରେ ନିଜ ଜୀବନ ମହାତ୍ମାଙ୍କ ସେବାରେ ଉତ୍ସର୍ଗ କରିବା ସକାଶେ ପ୍ରାର୍ଥନା କଲେ । କୀଲ୍‌ହଜି ନିଜ ଦିବ୍ୟଦୃଷ୍ଟିରେ ନାଭାଜିଙ୍କ ଭବିଷ୍ୟତ୍ ଏବଂ ଭଗବତ୍ ଭକ୍ତିର ଲକ୍ଷଣ ଦେଖିପାରିଲେ ଏବଂ ତାଙ୍କୁ ସଙ୍ଗରେ ନେଇ ଉତ୍ତର ଭାରତର ଜୟପୁର ଅନ୍ତର୍ଗତ ପ୍ରସିଦ୍ଧ 'ଗଳତାଗାଦି'କୁ ଗଲେ । ସେହି 'ଗଳତାଗାଦି' ଆଜି ବି ରାମାନନ୍ଦୀ ବୈଷ୍ଣବମାନଙ୍କ ପୀଠସ୍ଥାନ ରୂପେ ବିଦିତ । ସେଠାରେ ନାରାୟଣଙ୍କୁ ମାଳା, ତିଳକ, କୌପୀନ, ଆଡ଼ବନ୍ଧ ଏବଂ ନାମ — ଏହି ପଞ୍ଚ ସଂସ୍କାର ସହ ଶ୍ରୀରାମତାରକମନ୍ତ୍ର ଦୀକ୍ଷା ଦେବାକୁ ଶ୍ରୀ କୀଲ୍‌ହଜି ତାଙ୍କ ଛୋଟ ଗୁରୁଭାଇ ଶ୍ରୀ

ଅଗ୍ରଦାସଜିଙ୍କୁ ଆଦେଶ ଦେଲେ । ଶ୍ରୀ ଅଗ୍ରଦାସଜି ନାରାୟଣଙ୍କ ନାମ ରଖିଲେ 'ନାଭା' । ପରେ ସନ୍ଥମାନଙ୍କ ଦ୍ୱାରା 'ନାଭାଜି' ନାମରେ ପ୍ରସିଦ୍ଧ ହୋଇଗଲେ । ଗାର୍ହସ୍ଥ୍ୟ ଆଶ୍ରମ ପରିତ୍ୟାଗ କରି ବ୍ୟକ୍ତି ସନ୍ନ୍ୟାସ ଆଶ୍ରମରେ ପ୍ରବେଶ କଲେ ଦୀକ୍ଷାଗ୍ରହଣ ଦ୍ୱାରା ତା'ର ନୂତନ ଜନ୍ମ ମାନ୍ୟ ହୁଏ । ତା'ର ନାମ, ଜାତି, ଗୋତ୍ର ଇତ୍ୟାଦି ପରିବର୍ତ୍ତିତ ହୁଏ । ସେ ହୁଏ ଭଗବାନଙ୍କ ଦାସ । ଯଥାର୍ଥରେ ବ୍ୟକ୍ତି ଦୀକ୍ଷା ଗ୍ରହଣ କରିବାମାତ୍ରେ ତା' ଚେତନାରେ ଏପରି ଗଭୀର ପ୍ରଭାବ ପଡ଼େ ଯେ ସେ ନିଜକୁ ଗାର୍ହସ୍ଥ୍ୟ ଆଶ୍ରମରୁ ପୃଥକ୍ ବୋଲି ଅନୁଭବ କରେ । ନାଭାଜି ନିଜକୁ ଏକେବାରେ ନୂତନ ଜନ୍ମ ଗ୍ରହଣ କରିବା ସଦୃଶ ଅନୁଭବ କଲେ । ତାଙ୍କ ମନ, ପ୍ରାଣ, ଚେତନାରେ ଏକ ନୂତନ ଭାବଧାରା ପ୍ରବାହିତ ହେଲା । ଗୁରୁଦେବ ତାଙ୍କୁ ନାମଜପ ଏବଂ ମନ୍ତ୍ରଜପର ବିଧିବିଧାନ କହିଦେଲେ, ହୃଦୟରେ ଧ୍ୟାନର ପ୍ରଣାଳୀ ବତାଇଦେଲେ । ନାଭାଜିଙ୍କ ଉତ୍ସାହ ଶୁକ୍ଳପକ୍ଷର ଚନ୍ଦ୍ରମା ସଦୃଶ ବୃଦ୍ଧି ହେବାକୁ ଲାଗିଲା ।

ବୈଷ୍ଣବ ସନ୍ଥମାନେ ଧ୍ୟାନଧାରଣା, ଜପତପ ଦ୍ୱାରା ଆନ୍ତରିକ ଶୁଦ୍ଧିକୁ ଯେପରି ମହତ୍ତ୍ୱ ଦିଅନ୍ତି ସେହିପରି ବାହ୍ୟ ସ୍ନାନ, ଶୌଚ, ପବିତ୍ରତାକୁ ମଧ୍ୟ ମହତ୍ତ୍ୱ ଦେଇଥା'ନ୍ତି । ନୂତନ ଶିଷ୍ୟ ହେଲେ ବାହ୍ୟ ପବିତ୍ରତାର ନୀତିନିୟମ କଠୋରତା ସହ ପାଳନ କରିବାକୁ ହୁଏ । ଯେପର୍ଯ୍ୟନ୍ତ ବାହ୍ୟ ନିୟମ ଶିଷ୍ୟର ସ୍ୱଭାବରେ ପରିଣତ ନ ହୁଏ ସେପର୍ଯ୍ୟନ୍ତ ତାଙ୍କୁ ପଙ୍ଗତରେ ସାଧୁମାନେ ବସାନ୍ତି ନାହିଁ । କିଛି ଦୂରରେ ଭୋଜନ ଦିଅନ୍ତି । ନାଭାଜିଙ୍କର ଅତ୍ୟନ୍ତ ଉତ୍ସାହ ଥିବାରୁ ଅଳ୍ପ ବୟସ ହେଲେ ବି ଖୁବ୍ କମ୍ ଦିନରେ ସେ ସନ୍ଥମାନଙ୍କ ନିୟମ ପାଳନ କରିପାରିଥିଲେ । ସନ୍ଥ ଏବଂ ଗୁରୁଙ୍କ ସେବା କରିବାକୁ ତାଙ୍କର ଅତ୍ୟନ୍ତ ଆଗ୍ରହ ଥିଲା । ମନୁଷ୍ୟ ସତ୍ୟଭାବରେ ଯାହା ଚାହେଁ ତାହା ଅବଶ୍ୟ ପାଏ । ସେ ସ୍ୱତଃପ୍ରେରିତ ହୋଇ ସନ୍ଥ ତଥା ଗୁରୁଙ୍କ ସେବାରେ ନିଜକୁ ନିୟୋଜିତ କଲେ । ତାଙ୍କ ସେବାରେ ଗୁରୁଦେବ ଅତ୍ୟନ୍ତ ପ୍ରସନ୍ନ ହେଲେ । ସନ୍ଥଙ୍କ ସେବା, ସନ୍ଥମାନଙ୍କ ଭୋଜନ ପରେ ପତ୍ରରେ ଅବଶିଷ୍ଟ ଥିବା ପ୍ରସାଦ ସେବନ କରିବା ସକାଶେ ଗୁରୁ ଆଜ୍ଞା ଦେଲେ । ଗୁରୁ ଶିଷ୍ୟ ଉପରେ ନିଜ ମତ ଲଦି ଦିଅନ୍ତି

ନାହିଁ, ନିର୍ଦ୍ଦେଶ ଦିଅନ୍ତି ସେହି ଶିଷ୍ୟର ଆନ୍ତର ଭାବ ଅନୁସାରେ । ନାଭାଜିଙ୍କର ଗୁରୁ ତଥା ସନ୍ଥସେବାରେ ପ୍ରବୃତ୍ତି ଥିଲା । ସେହି ସକାଶେ ଶ୍ରୀ ଅଗ୍ରଦାସଜି ମହାରାଜ ତାଙ୍କୁ ସନ୍ଥସେବା ତଥା ସନ୍ଥଙ୍କ ଭୋଜନର ଅବଶିଷ୍ଟ ଉଚ୍ଛିଷ୍ଟ (ସିଦ୍‌ପ୍ରସାଦ) ସେବନ କରିବାକୁ ନିର୍ଦ୍ଦେଶ ଦେଲେ । ଏଥିରେ ତାଙ୍କ ଉତ୍ସାହ ବହୁଗୁଣରେ ବଢ଼ିଗଲା । ସେ ଅତ୍ୟନ୍ତ ଆଗ୍ରହ ସହ ସନ୍ଥ ଏବଂ ଗୁରୁଙ୍କ ସେବାରେ ନିଜକୁ ନିଯୁକ୍ତ କରିଦେଲେ, ସନ୍ଥମାନଙ୍କ ପ୍ରସାଦ ଆନନ୍ଦରେ ସେବନ କରିବାକୁ ଲାଗିଲେ । ବସ୍ତୁର ଗୁଣ ନିର୍ଭର କରେ ହୃଦୟର ଭାବ ଉପରେ । ଭୋଜନର ଅବଶିଷ୍ଟାଂଶ ହୁଏ ଉଚ୍ଛିଷ୍ଟ । ଉଚ୍ଛିଷ୍ଟ ସର୍ବଥା ଦୁର୍ଗୁଣ । ଗୀତା ତାହାକୁ ତାମସିକ ଭୋଜନ କହିଛି । ଉଚ୍ଛିଷ୍ଟ ଭୋଜନରେ ନାନାପ୍ରକାର ରୋଗ ଉତ୍ପନ୍ନ ହୁଏ । ବ୍ୟକ୍ତିର ଯେଉଁ ରୋଗ ବା କୁପ୍ରବୃତ୍ତି ଥାଏ ସେହି ରୋଗ ଓ ବୃତ୍ତିର ପ୍ରଭାବ ପଡ଼େ ଉଚ୍ଛିଷ୍ଟ ଆହାର କରୁଥିବା ବ୍ୟକ୍ତି ଉପରେ । ଅତଏବ ଉଚ୍ଛିଷ୍ଟ ସର୍ବଥା ବର୍ଜନୀୟ । କିନ୍ତୁ ହୃଦୟର ପବିତ୍ର ଭାବରେ ବସ୍ତୁର ପ୍ରଭାବ ସର୍ବଥା ସୁନ୍ଦର ଫଳ ଦିଏ । ହୃଦୟର ପବିତ୍ର ଭାବ, ଶ୍ରଦ୍ଧାଭକ୍ତି ସହ ଗୁରୁ ତଥା ଶ୍ରେଷ୍ଠ ଅଧ୍ୟାତ୍ମ ସାଧୁସନ୍ଥଙ୍କ ଉଚ୍ଛିଷ୍ଟ ଭୋଜନରେ ବ୍ୟକ୍ତିର ମନ, ପ୍ରାଣ, ଶରୀରରେ ସେମାନଙ୍କର ଦିବ୍ୟଗୁଣ ଏବଂ ଦିବ୍ୟଭାବର ପ୍ରଭାବ ପଡ଼େ । ମନ, ପ୍ରାଣ, ଶରୀର ଶୁଦ୍ଧ ହୁଏ, ଅନ୍ତରାତ୍ମା ଜାଗ୍ରତ ହୁଏ । ଆନ୍ତରିକତା ସହ ଯଦି ବ୍ୟକ୍ତି ଗୁରୁ ଏବଂ ସନ୍ଥମାନଙ୍କ ସେବା କରେ, ତେବେ ସେ କୌଣସି ସାଧନା ନ କରି ବି ବିନା ପ୍ରୟାସରେ ଲକ୍ଷ୍ୟସିଦ୍ଧି କରିପାରେ । କିନ୍ତୁ ନିଷ୍ଠା ହେବା ଉଚିତ ଆନ୍ତରିକ ଏବଂ ସ୍ୱତଃସ୍ଫୂର୍ତ୍ତ । ଅନ୍ୟର ଅନୁକରଣରେ ବିଶେଷ ଫଳ ହୁଏ ନାହିଁ । ଭଗବତ୍ ପ୍ରାପ୍ତିର ମାର୍ଗ ଅନେକ; ତା' ମଧ୍ୟରୁ ଗୁରୁ ଏବଂ ସନ୍ଥସେବା ଗୋଟିଏ । ସନ୍ଥ ଏବଂ ଗୁରୁସେବାନିଷ୍ଠା ଦ୍ୱାରା ବହୁ ଭକ୍ତ ଭଗବତ୍ ପ୍ରାପ୍ତି କରିଛନ୍ତି । ଏହାର ଏକ ସୁନ୍ଦର ଉଦାହରଣ ହେଉଛନ୍ତି ଶଙ୍କରାଚାର୍ଯ୍ୟଙ୍କର ଏକ ଶିଷ୍ୟ ।

ପୃଥିବୀବିଖ୍ୟାତ ଶଙ୍କରାଚାର୍ଯ୍ୟଙ୍କର ବହୁ ଶିଷ୍ୟ ଥିଲେ । ସେମାନେ ଥିଲେ ଉଚ୍ଚକୋଟୀର ଏବଂ ବିଦ୍ୱାନ୍ । ସେମାନଙ୍କ ମଧ୍ୟରେ ଜଣେ ଥିଲେ ଯେ କି ବିଦ୍ୟାଲାଭ କରି ନ ଥିଲେ, କିନ୍ତୁ ଆନ୍ତରିକ ନିଷ୍ଠା, ଶ୍ରଦ୍ଧା ଓ ଭକ୍ତି ସହିତ

ଗୁରୁସେବା କରୁଥିଲେ । ଏହାଛଡ଼ା ସେ ଆଉ କିଛି ଜାଣନ୍ତି ନାହିଁ । ପ୍ରତିଦିନ ଆଚାର୍ଯ୍ୟ ଶାସ୍ତ୍ରର ବ୍ୟାଖ୍ୟା କରି ଶିଷ୍ୟମାନଙ୍କୁ ଶୁଣାନ୍ତି । ତାହାର ଗୂଢ଼ ମର୍ମ ବୁଝନ୍ତି ବିଦ୍ୱାନ୍ ଶିଷ୍ୟମାନେ । ନ ପଢ଼ିଥିବା ଗୁରୁସେବକ ଶିଷ୍ୟଜଣକ କେବଳ ଗୋଟିଏ ଜାଗାରେ ବସି ଶୁଣନ୍ତି । ଶିଷ୍ୟମାନଙ୍କ ଧାରଣାରେ ସେ କିଛି ବୁଝନ୍ତି ନାହିଁ । ଦିନେ ଆଚାର୍ଯ୍ୟ ସମସ୍ତ ଶିଷ୍ୟଙ୍କୁ କହିଲେ, ''କାଲି ବେଦାନ୍ତର ଗୂଢ଼ତତ୍ତ୍ୱ, ସାଧନାର ଗୁପ୍ତ ରହସ୍ୟ ଆଲୋଚନା ହେବ, ତୁମେମାନେ ସାବଧାନ ହୋଇ ଶୁଣିବ । ତହିଁ ଆରଦିନ ସବୁ ଶିଷ୍ୟ ଅତି ଉତ୍ସାହରେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଉପସ୍ଥିତ ହେଲେ; ସମୟ ହୋଇଗଲା, ବ୍ୟାଖ୍ୟା ଆରମ୍ଭ ହେଉ ନ ଥାଏ । ପ୍ରଧାନ ଶିଷ୍ୟ ପଦ୍ମପାଦ ହାତ ଯୋଡ଼ି କହିଲେ, ''ଭଗବନ୍, ସମୟ ହୋଇଗଲାଣି, ସମସ୍ତ ଶିଷ୍ୟ ଉପସ୍ଥିତ ଅଛନ୍ତି ।'' ଆଚାର୍ଯ୍ୟ ପାଦ ସବୁ ଦିଗକୁ ଦୃଷ୍ଟି ଦେଇ ଦେଖିଲେ ଏବଂ ନୀରବ ରହିଲେ । କିଛି ସମୟ ପରେ ପୁନରାୟ ପଦ୍ମପାଦ କହିଲେ, ''ଭଗବନ୍, ଆଜି ଭାଷଣ ଆରମ୍ଭ କରୁ ନାହାନ୍ତି କାହିଁକି ?'' ଆଚାର୍ଯ୍ୟ କହିଲେ ''ଅମୁକ ଶିଷ୍ୟ ଆସୁ ।'' ଅନ୍ୟ ଜଣେ ବିଦ୍ୱାନ୍ ଶିଷ୍ୟ ଆଶ୍ଚର୍ଯ୍ୟ ହୋଇ କହିଲେ, ''ଭଗବନ୍, ସେ କିଛି ପଢ଼ାଲେଖା ଜାଣେ ନାହିଁ, କିଛି ବୁଝେ ବି ନାହିଁ, କେବଳ ଏଠାରେ ବସିଥାଏ, ତାକୁ କାହିଁକି ଅପେକ୍ଷା କରୁଛନ୍ତି ?''

ସମସ୍ତେ ନୀରବ । ସେହି ସମୟରେ ଜଣେ ଶିଷ୍ୟ ଦୌଡ଼ିକରି ଗଲେ ତାଙ୍କୁ ଡାକିଆଣିବା ସକାଶେ । ସେତେବେଳେ ସେ ଆଚାର୍ଯ୍ୟଙ୍କ କୌପୀନ ଧୋଇ ଶୁଖାଉଥିଲେ । ସେ ସ୍ୱପ୍ନରେ ବି କେବେ କଳ୍ପନା କରି ନ ଥିଲେ ଯେ ତାଙ୍କ ସକାଶେ ଆଚାର୍ଯ୍ୟଙ୍କ ଭାଷଣ ଅପେକ୍ଷା କରିପାରେ । ଖବର ପାଇବାମାତ୍ରେ ତାଙ୍କ ହୃଦୟ ସଂକୋଚ, ଭୟ ଓ କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ସେ ଏକ ନିଃଶ୍ୱାସରେ ଦୌଡ଼ି ଆଚାର୍ଯ୍ୟଙ୍କ ପାଖରେ ପହଞ୍ଚି ତାଙ୍କ ଚରଣସ୍ପର୍ଶ ସହ ପ୍ରଣାମ କଲେ । ଆଚାର୍ଯ୍ୟ ଗମ୍ଭୀର ଶବ୍ଦରେ କହିଲେ, ''ବେଦାନ୍ତ ତଥା ସାଧନାର ଏହି ଗୂଢ଼ ରହସ୍ୟ ଆଜି ତୁ ବ୍ୟାଖ୍ୟା କର ।'' ଆଚାର୍ଯ୍ୟଙ୍କର ଆଜ୍ଞା, ସେଥିରେ ଆପତ୍ତି କରିବାର କିଛି ନ ଥିଲା । ସେ ସୁନ୍ଦରଭାବେ ବ୍ୟାଖ୍ୟା କରି ଚାଲିଲେ । ଏପରି ଗୂଢ଼ ବିଷୟକୁ ଏପରି ସରଳ ଭାଷାରେ ପଣ୍ଡିତମାନଙ୍କ

କଳ୍ପନାର ଅତୀତ ଥିଲା । ସେମାନେ ଶୁଣି ଆଶ୍ଚର୍ଯ୍ୟରେ ଡୁବିଗଲେ । ଏହା ଥିଲା ଗୁରୁସେବାର ମହତ୍ତ୍ୱ । ସେବା ଦ୍ୱାରା ଗୁରୁ ଏବଂ ସନ୍ଥ ପ୍ରସନ୍ନ ହୁଅନ୍ତି । ତାଙ୍କ ଅନ୍ତଃକରଣରୁ ସେବକର କଲ୍ୟାଣ ଭାବନା ସ୍ୱତଃସ୍ଫୂର୍ତ୍ତଭାବେ ଜାଗ୍ରତ ହୁଏ । ସେହି ଶୁଭ ଭାବନା ସେବକର ଅଶୁଦ୍ଧ ମନ, ପ୍ରାଣ, ଶରୀରକୁ ଶୁଦ୍ଧ କରିଦିଏ । ଏହି କାରଣରୁ ଗୁରୁ-ସନ୍ଥ-ସେବାର ମହତ୍ତ୍ୱ ଶାସ୍ତ୍ରପୁରାଣରେ ବିଶେଷଭାବେ ବର୍ଣ୍ଣିତ ହୋଇଛି ।

ନାଭାଜି ଥିଲେ ବାଳକ । ସନ୍ଥ ଓ ଗୁରୁଙ୍କ ସେବାରେ ଥିଲା ଶ୍ରଦ୍ଧା ଏବଂ ଭକ୍ତି । ଉତ୍ସାହ ଆଳସ୍ୟକୁ ଭକ୍ଷଣ କରିଯାଏ । ସେ ବାଳକ ଅବସ୍ଥାରେ ସନ୍ଥମାନଙ୍କ ସକାଶେ ଦାନ୍ତକାଠି ଭାଙ୍ଗିଆଣି ଦିଅନ୍ତି । କମଣ୍ଡଳୁରେ ଜଳ ଭରି ନେଇଆସନ୍ତି । ତାଙ୍କ ଆସନ ଝାଡ଼ି ସଫା କରନ୍ତି । ତାଙ୍କ ରହିବା ସ୍ଥାନରେ ଝାଡୁ ଦେଇ, ଲିପି ପରିଷ୍କାର କରନ୍ତି । ସେମାନଙ୍କ କୌପୀନ, ଆଞ୍ଚୋଲା ଧୋଇଆଣି ଶୁଖାନ୍ତି । ଯେତେବେଳେ ସନ୍ଥମାନେ ବିଶ୍ରାମ କରନ୍ତି, ସେ ସେମାନଙ୍କ ପଦସେବା କରନ୍ତି । ତାଙ୍କ ସେବାରେ ସନ୍ଥମାନେ ବିଶେଷ ସନ୍ତୁଷ୍ଟ ହୁଅନ୍ତି ଏବଂ ଆନ୍ତରିକ ସ୍ନେହରେ ନିଜ ଉଚ୍ଛିଷ୍ଟ ପ୍ରସାଦ ତାଙ୍କୁ ଭୋଜନ କରିବାକୁ ଦିଅନ୍ତି । ତାଙ୍କର ଆନ୍ତରିକ ଉତ୍ସାହ ଯୋଗୁଁ ଦିନକୁ ଦିନ ଗୁରୁ ତଥା ସନ୍ଥସେବାରେ ଶ୍ରଦ୍ଧା ବଢ଼ିଲା । ଆଳସ୍ୟ ଦୂର ହୋଇଗଲା । ଯେଉଁ ବାଲ୍ୟ ଅବସ୍ଥାରେ ବାଳକ ଅନ୍ତତଃପକ୍ଷେ ଆଠ ଘଣ୍ଟା ଶୁଏ, ସେହି ବାଳକ ଅବସ୍ଥାରେ ନାଭାଜିଙ୍କର ନିଦ୍ରା ବହୁତ କମ୍ ହୋଇଗଲା । ନିଦ୍ରା ଦ୍ୱାରା ଶରୀର ଯେଉଁ ବିଶ୍ରାମ ପାଏ ଏବଂ କ୍ଳାନ୍ତି ଦୂର ହୋଇଯାଏ, ତାହା ପୂରା ହେଲା ତାଙ୍କର ସନ୍ଥମାନଙ୍କ ସେବାରେ ଉତ୍ସାହ ଓ ଶ୍ରଦ୍ଧା ଦ୍ୱାରା । ପ୍ରତିଦିନ ସନ୍ଥ ତଥା ଗୁରୁଙ୍କ ବିଶ୍ରାମ ପରେ ସେ ବିଶ୍ରାମ କରନ୍ତି । କିନ୍ତୁ ସେମାନଙ୍କ ଉଠିବା ପୂର୍ବରୁ ନାଭାଜି ସ୍ନାନଶୌଚରୁ ନିବୃତ୍ତ ହୋଇ ସେମାନଙ୍କ ସେବାରେ ଉପସ୍ଥିତ ହୁଅନ୍ତି । ତାଙ୍କର ଏହି ଗୁରୁ-ସନ୍ଥ-ସେବା ଦ୍ୱାରା ଜ୍ଞାନ, ବିବେକ, ଭକ୍ତି କ୍ରମଶଃ ବୃଦ୍ଧି ହେଲା ଏବଂ ଅସଦ୍‌ଗୁଣ ଦୂର ହୋଇଗଲା ।

ଶ୍ରୀ ଗୁରୁଦେବ ଅଗ୍ରଦାସଜି ମହାରାଜଙ୍କ ସ୍ନାନ ପରେ ନାଭାଜି ତାଙ୍କ ଲେଙ୍ଗୁଟି ଧୋଇଦିଅନ୍ତି । ସ୍ନାନରୁ ଫେରିବା ପୂର୍ବରୁ ତାଙ୍କ ପୂଜାସ୍ଥାନ ଗୋବରରେ

ଲିପି ଆସନ ବିଛାଇଦିଅନ୍ତି । ପୂଜା ନିମିତ୍ତ ପୁଷ୍ପ, ତୁଳସୀ ଆଣି ରଖନ୍ତି । ଗୁରୁଦେବ ତିଳକ ଧାରଣ କରିବା ପରେ ପାତ୍ର ଧୋଇ ଯଥାସ୍ଥାନରେ ରଖିଦିଅନ୍ତି । ଗୁରୁଦେବ ଆଖି ବନ୍ଦ କରି ଆନ୍ତର ମାନସ ସେବାରେ ତଲ୍ଲୀନ ରହନ୍ତି, ନାଭାଜି ସେଠାରେ ନୀରବରେ ଛିଡ଼ାହୋଇ ଆସ୍ତେ ଆସ୍ତେ ପଙ୍ଖା କରନ୍ତି ।

## ମାନସ ସେବା

ମାନସ ପୂଜାର ଅର୍ଥ ଭଗବାନଙ୍କୁ ମାନସିକ କଳ୍ପନାରେ ପୂଜା କରିବା । ମାନସ ପୂଜା ହୁଏ ହୃଦୟ ଗଭୀରରେ ଅଥବା ହାର୍ଦ୍ଦିକ ଭାବନା ଦ୍ୱାରା ସାକେତ, ଗୋଲୋକ, ବୈକୁଣ୍ଠରେ । ମାନସ ପୂଜାରେ ବ୍ୟକ୍ତିର ମନ ଲାଗିଗଲେ ସେ ନିଦ୍ରାରୁ ଉଠିବାଠାରୁ ରାତ୍ରିରେ ଶୋଇବା ପର୍ଯ୍ୟନ୍ତ ସେହି ପୂଜା ଆନନ୍ଦରେ ବୁଡ଼ି ରହିଥାଏ । ପ୍ରତିଦିନ ନିୟମ ଅନୁସାରେ ଶ୍ରୀ ଅଗ୍ରଦାସଜି ମହାରାଜ ମାନସ ପୂଜାରେ ନିମଗ୍ନ ହୋଇଥିଲେ । ଶ୍ରୀ ନାଭାଜି ପଙ୍ଖା କରୁଥିଲେ । ସେହି ସମୟରେ ଶ୍ରୀ ଅଗ୍ରଦାସଜି ମହାରାଜଙ୍କ ଜନୈକ ଶିଷ୍ୟ ଜାହାଜରେ ସମୁଦ୍ରଯାତ୍ରା କରୁଥିଲେ । ଜାହାଜ ପଡ଼ିଲା ଗୋଟିଏ ସମୁଦ୍ର ଆବର୍ତ୍ତରେ । ବାହକର ସମସ୍ତ ପ୍ରୟାସ ବ୍ୟର୍ଥ ହେଲା । ଜାହାଜ ବୁଡ଼ିବା ଅବସ୍ଥାରେ । ସେହି ଶିଷ୍ୟ ବ୍ୟାକୁଳତାରେ ଜାହାଜ ରକ୍ଷା ସକାଶେ ଶ୍ରୀ ଅଗ୍ରଦାସଜିଙ୍କୁ ସ୍ମରଣ କଲେ । ତାଙ୍କ ବ୍ୟାକୁଳ ପ୍ରାର୍ଥନା ଯୋଗୁଁ ଶ୍ରୀ ଅଗ୍ରଦାସଜିଙ୍କ ବୃତ୍ତି ମାନସ ପୂଜାରୁ ହଟିଗଲା । ନାଭାଜି ସମସ୍ତ ଘଟଣା ଦିବ୍ୟ ଦୃଷ୍ଟିରେ ଦେଖୁଥିଲେ । ଗୁରୁଦେବଙ୍କ ମାନସ ପୂଜାରେ ବାଧା ପଡ଼ିବା ଜାଣି ଜାହାଜକୁ ପଙ୍ଖାହାୱାରେ ଆବର୍ତ୍ତରୁ ପାର କରିଦେଲେ ଏବଂ ଗୁରୁଦେବଙ୍କୁ କହିଲେ, ''ଆପଣ ଆନନ୍ଦରେ ମାନସ ପୂଜା କରନ୍ତୁ । ଜାହାଜ ରକ୍ଷା ହୋଇ ବହୁଦୂର ଯାଇସାରିଛି ।'' ଏକଥା ଶୁଣି ଆନ୍ତରିକ ଧ୍ୟାନ ଅବସ୍ଥାରେ ଗମ୍ଭୀର ଶବ୍ଦରେ ଗୁରୁଦେବ ପଚାରିଲେ, ''କହିବା ବ୍ୟକ୍ତି କିଏ ?'' ଏହା କହି ଆଖି ଖୋଲି ସମ୍ମୁଖରେ ପଙ୍ଖା କରୁଥିବା ପ୍ରିୟ ଶିଷ୍ୟ ନାଭାଜିଙ୍କୁ ଦେଖିଲେ ।

ନାଭାଜି ହାତ ଯୋଡ଼ି ବିନୀତନମ୍ର ସ୍ୱରରେ ଉତ୍ତର ଦେଲେ, ''ପ୍ରଭୁ, ଯେଉଁ ଅନାଥ ବାଳକକୁ ସିଦ୍‌ପ୍ରସାଦ ଦେଇ ସ୍ନେହରେ ପାଳନ କରିଥିଲେ, କହିବା ବ୍ୟକ୍ତି ସେହି ।'' ଏକଥା ଶୁଣି ଗୁରୁଜିଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେ ଭାବିଲେ, ''ସନ୍ଥମାନଙ୍କ ସେବା, ସେମାନଙ୍କ ପ୍ରସାଦସେବନ ତଥା ସେମାନଙ୍କ ଅତ୍ୟନ୍ତ କୃପାରୁ ଏହାକୁ ଏତେ ସାମର୍ଥ୍ୟ ଏବଂ ଦିବ୍ୟଦୃଷ୍ଟି ପ୍ରାପ୍ତ ହୋଇଛି । ଏଠାରେ ପଙ୍ଖା କରୁଥିବା ଅବସ୍ଥାରେ ମୋ ଅନ୍ତରର ମାନସ ପୂଜା ଏବଂ ସମୁଦ୍ରସ୍ଥ ଜାହାଜର ସମସ୍ତ ଘଟଣା ଦେଖିପାରିଲା ତଥା ଜାହାଜ ରକ୍ଷା କରିପାରିଲା ।'' ତାଙ୍କୁ ଆଜ୍ଞା ଦେଲେ, ''ବତ୍ସ, ସନ୍ଥମାନଙ୍କ କୃପା ତୁ ଲାଭ କରିଛୁ । ତାଙ୍କରି କୃପାରୁ ତାଙ୍କରି ଜୀବନଚରିତ, ଗୁପ୍ତ ଓ ପ୍ରକଟ ଗୁଣ, ସ୍ୱରୂପ, ହୃଦୟର ଭାବ ବର୍ଣ୍ଣନା କର ।'' ଏହି ବିଷୟ ପ୍ରିୟାଦାସଜି ମହାରାଜ ଲେଖିଛନ୍ତି :

''ମାନସୀ ସ୍ୱରୂପ ମେଁ ଲଗେ ହେଁ ଅଗ୍ରଦାସ ଜୂବେ,
କରତ ବୟାର ନାଭା ମଧୁର ସଁଭାର ସୌଁ ।
ଚଢ଼୍ୟୋ ହୋ ଜହାଜ ପୈ ଜୁ ଶିଷ୍ୟ ଏକ, ଆପଦା ମୈ କର୍‌ୟୋ
ଧ୍ୟାନ, ଖିଚ୍ୟୌ ମନ ଛୁଟ୍ୟୌ ରୂପସାର ସୌଁ ॥
କହତ ସମର୍ଥ ଗୟୌ ବୋହିତ ବହୁତ ଦୂରି ଆଓ ଛବି ପୂରି,
ଫିର ଢରୌ ତାହୀ ଢାର ସୌଁ ।
ଲୋଚନ ଉଘାରି କୈ ନିହାରି, କହ୍ୟୌ ବୋଲ୍ୟୌ କୌନ ?
ବହି ଜୌନ ପାଲ୍ୟୌ ସୀଥ ଦୈ ଦୈ ସୁକୁଁବାର ସୌଁ ॥
ଅଚରଜ ଦୟୋ ନୟୋ ୟହାଁ ଲୌଁ ପ୍ରବେଶ ଭୟୋ,
ମନ ସୁଖ ଛୟୋ ଜାନ୍ୟୋ ସଂତନ ପ୍ରଭାବ କୋ ।
ଆଜ୍ଞା ତବ ଦଈ ଭଈ ତୋପୈ ସାଧୁ କୃପା,
ଉନହୀଁ କୋ ରୂପ ଗୁଣ କହୋ ହିୟ ଭାବ କୋ ।''

ଗୁରୁଦେବଙ୍କର ଏହି ଆଜ୍ଞା ଶୁଣି ନାଭାଜି ହାତ ଯୋଡ଼ି ବିନୀତ ଭାବରେ ପ୍ରାର୍ଥନା କଲେ, ''ପ୍ରଭୁ, ଆପଣଙ୍କ କୃପାରୁ ଭଗବାନଙ୍କ ଚରିତ ରଚନା କରିବାକୁ ସାହସ କରିପାରେ, କିନ୍ତୁ ସନ୍ଥମାନଙ୍କ ଚରିତ ଜାଣିବା ମହାନ୍ କଠିନ । ତାହା

ଅତ୍ୟନ୍ତ ଗୁପ୍ତ । ସନ୍ଥଭକ୍ତଙ୍କର ଭଗବାନଙ୍କ ପ୍ରତି ହାର୍ଦ୍ଦିକ ଭାବ ଯେପରି ବିଚିତ୍ର ସେହିପରି ଭକ୍ତିର ସ୍ୱରୂପ ବି ଅଗମ୍ୟ ।'' ଅଗ୍ରଦାସଜି ମହାରାଜ କହିଲେ, ''ଯିଏ ସମୁଦ୍ର ମଧ୍ୟରେ ଜାହାଜ ତୋତେ ଦେଖାଇ ଦେଲେ ସେହି ତୋ ହୃଦୟରେ ବସି ସନ୍ଥଭକ୍ତଙ୍କ ଗୁପ୍ତ ଭକ୍ତିଭାବର ରହସ୍ୟ କହିବେ ।''

''ବୋଲ୍ୟୋ କର ଜୋରି ୟାକୋ ପାବତ ନ ଓର ଛୋର,
ଗାଓଁ ରାମକୃଷ୍ଣ ନହୀଁ ପାଓଁ ଭକ୍ତି ଦାବ କୋ ।
କହୀ ସମୁଝାଇ ଓଇ ହୃଦୟ ଆଇ କହେଁ ସବ,
ଜିନ ଲୈ ଦିଖାଇ ଦଈ ସାଗର ମେଁ ନାବ କୋ ॥''

ଗୁରୁଦେବ ଶ୍ରୀ ଅଗ୍ରଦାସଜି ମହାରାଜଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ଶ୍ରୀ ନାଭାଜି ମହାରାଜ ଭକ୍ତ-ଚରିତ ସୁନ୍ଦର କବିତାରେ ରଚନା କଲେ । ସେହି ଗ୍ରନ୍ଥର ନାମ ରଖିଲେ 'ଭକ୍ତମାଳ' । ସେହି 'ଭକ୍ତମାଳ' କବିତାର ଟୀକା କଲେ ବୃନ୍ଦାବନବାସୀ ସନ୍ଥ ପ୍ରିୟାଦାସଜି ମହାରାଜ । ଶ୍ରୀ ନାଭାଜି ଥିଲେ ରାମଉପାସକ, ଶ୍ରୀ ରାମାନନ୍ଦ ସଂପ୍ରଦାୟର । ସେ ନିବାସ କରୁଥିଲେ ଜୟପୁର ଅନ୍ତର୍ଗତ ପ୍ରସିଦ୍ଧ ଗଳତାଗାଦିରେ । ରାମାନନ୍ଦୀ ବୈଷ୍ଣବଙ୍କର ସେହି ପବିତ୍ର ପୀଠସ୍ଥାନ ଏବେ ମଧ୍ୟ ବିଦ୍ୟମାନ ଅଛି । ଶ୍ରୀ ପ୍ରିୟାଦାସଜି ଥିଲେ କୃଷ୍ଣ-ଉପାସକ, ନିମ୍ବାର୍କ ସଂପ୍ରଦାୟର । ତାଙ୍କ ନିବାସସ୍ଥାନ ଥିଲା ବୃନ୍ଦାବନରେ । ସେ ଥିଲେ ନାଭାଜିଙ୍କର ସମକାଳୀନ କିଂବା କିଛି ଅଳ୍ପ ବର୍ଷ ଅନ୍ତରରେ । ଶ୍ରୀ ଅଗ୍ରଦାସଜି ମହାରାଜ 'ଭକ୍ତମାଳା' ରଚନା କରିବାକୁ ଶ୍ରୀ ନାଭାଜି ଆଜ୍ଞା ଦେଇଥିବା ବିଷୟ ଶ୍ରୀ ନାଭାଜି 'ଭକ୍ତମାଳ' ଆରମ୍ଭରେ ସ୍ୱୟଂ କବିତାରେ ବର୍ଣ୍ଣନ କରିଛନ୍ତି । 'ଭକ୍ତମାଳ'କୁ ଆଧାର କରି ସନ୍ଥମାନଙ୍କ ସାହାଯ୍ୟରେ ଶ୍ରୀ ନାଭାଜିଙ୍କ ଜୀବନଚରିତ ଯେତିକି ଉପଲବ୍ଧ ହୋଇପାରିଲା ଶ୍ରୀ ପ୍ରିୟାଦାସଜି ମହାରାଜ ତାହାହିଁ ବର୍ଣ୍ଣନା କଲେ । କିନ୍ତୁ ଏହାଛଡ଼ା ତାଙ୍କ ଜୀବନରେ ବହୁତ ଆଶ୍ଚର୍ଯ୍ୟଜନକ ଘଟଣା ଆଜି ବି ସନ୍ଥସମାଜରେ ବିଶେଷ ପ୍ରଚଳିତ । କାରଣ ଶ୍ରୀ ନାଭାଜି ମହାରାଜଙ୍କ ପରମ୍ପରାରେ ବହୁ ସଂଖ୍ୟାରେ ବୈଷ୍ଣବ ଥିଲେ ଏବଂ ମଠ ସ୍ଥାପନା ହୋଇଥିଲା । ସେହି ସକାଶେ ତାଙ୍କ ଜୀବନଚରିତ ପରମ୍ପରାଗତ ପ୍ରାପ୍ତ ହୋଇଆସୁଛି ।

ଶ୍ରୀ ରାମାନନ୍ଦ ସଂପ୍ରଦାୟରେ ବୈଷ୍ଣବ ଭାଷାରେ କୁହାହୁଏ 'ବାରଟି ଦ୍ୱାରା' । ଅର୍ଥାତ୍ ସେ ସଂପ୍ରଦାୟର ବହୁତ ସିଦ୍ଧ ମହାପୁରୁଷ ଥିଲେ । ତନ୍ମଧ୍ୟରେ ଥିଲେ ବାରଜଣ ପ୍ରଧାନ । ଏହିମାନଙ୍କର ବହୁ ସଂଖ୍ୟାରେ ଅନୁଯାୟୀ ହେଲେ ଏବଂ ମଠ ସ୍ଥାପନା ହେଲା । ଏହିମାନଙ୍କ ନାମ ପ୍ରଚଳିତ 'ଦ୍ୱାରା' । ଏହି 'ଦ୍ୱାରା' ଶବ୍ଦଟି ବିଶେଷ ମହତ୍ତ୍ୱପୂର୍ଣ୍ଣ ଓ ରହସ୍ୟମୟ । ସାଧୁମାନେ ତୀର୍ଥଯାତ୍ରାରେ ଯାଆନ୍ତି । ସେମାନଙ୍କୁ ଅନୁସରଣ କରନ୍ତି ଭିକାରି । ସେମାନେ ସାଧୁବେଶ ଧାରଣ କରି ବୈଷ୍ଣବମାନଙ୍କ ଆଶ୍ରମରେ ପହଞ୍ଚି ଯାଆନ୍ତି । ତିଳକ ଲଗାନ୍ତି, କଣ୍ଠି, କୌପୀନ ଏବଂ ଆଞ୍ଚଲା ଧାରଣ କରନ୍ତି ବୈଷ୍ଣବଙ୍କ ସଦୃଶ । ତିଳକ ଏବଂ କଣ୍ଠିରେ ଯେଉଁ ପ୍ରଭେଦ ଥାଏ ସେମାନେ ଜାଣନ୍ତି ନାହିଁ । ସେଥିରେ ସେମାନେ ଧରାପଡ଼ିଯାଆନ୍ତି । ଏଥିରୁ ବହୁପରିମାଣରେ ରକ୍ଷା ପାଆନ୍ତି ଗୁପ୍ତ ପୁଲିସ । ସେମାନେ ଧରାପଡ଼ନ୍ତି 'ଦ୍ୱାରା' ଶବ୍ଦଟି ପଚାରିବାରେ । ଅର୍ଥାତ୍ ପଚରା ହୁଏ, ''ତୁମର କେଉଁ 'ଦ୍ୱାରା' ?'' ଏହାର ଉତ୍ତର ସେମାନେ ଦେଇପାରନ୍ତି ନାହିଁ । ଗୁପ୍ତ ପୁଲିସମାନଙ୍କୁ ନିୟମିତରୂପେ ସନ୍ଥମାନଙ୍କ ଆଶ୍ରମରେ ରହି ଦୀକ୍ଷା ଗ୍ରହଣ କରିବାକୁ ହୁଏ, ଏବଂ ଚାରି ଛଅ ମାସ ରହି ସେବା କରି ଏହିସବୁ ଗୁପ୍ତରହସ୍ୟ ଜାଣିବାକୁ ହୁଏ, ତେବେ ସେମାନେ ସନ୍ଥମାନଙ୍କ ମଠରେ ପ୍ରବେଶ କରିପାରନ୍ତି । ଶ୍ରୀ ନାଭାଜି ହେଉଛନ୍ତି ଶ୍ରୀ ସଂପ୍ରଦାୟର 'ବାରଟି ଦ୍ୱାରା' ମଧ୍ୟରୁ ଗୋଟିଏ 'ଦ୍ୱାରା'ର ପ୍ରବର୍ତ୍ତକ । ତାଙ୍କର ବହୁ ଅନୁଯାୟୀ ଏବଂ ମହୁ ମଠ । ତାଙ୍କ ଦ୍ୱାରା ବୈଷ୍ଣବ ମଧ୍ୟରେ ବହୁତ ସିଦ୍ଧ ମହାତ୍ମା ହୋଇଛନ୍ତି । ଶ୍ରୀ ନାଭାଜି ମହାରାଜ ଥିଲେ ଶ୍ରୀ ତୁଳସୀଦାସଜି ମହାରାଜଙ୍କ ସମସାମୟିକ । ନାଭାଜିଙ୍କ 'ଭକ୍ତମାଳ' ସନ୍ଥସମାଜ ତଥା ସାଧାରଣ ଜନତା ମଧ୍ୟରେ ବିଶେଷ ଆଦୃତ । ତାଙ୍କ 'ଭକ୍ତମାଳ' କୋଟି କୋଟି ନରନାରୀଙ୍କ ଜାଗତିକ ଦୁଃଖକଷ୍ଟତପ୍ତ ହୃଦୟରେ ସୁଶୀତଳ ଭକ୍ତଭାଗୀରଥୀର ସ୍ରୋତ ପ୍ରବାହିତ କରି ଜନ୍ମମରଣର ମହାବନ୍ଧନରୁ ମୁକ୍ତ କରିଛି । ଆଜି ଆମ୍ଭେମାନେ ଶ୍ରୀ ନାଭାଜିଙ୍କ ଜୀବନଚରିତ ପାଠ କରିବା ଦ୍ୱାରା ଆମ୍ଭମାନଙ୍କ ଜୀବନ କୃତାର୍ଥ ହେଲା ।

ବୋଲ ଭକ୍ତ ଏବଂ ଭକ୍ତବତ୍ସଳ ଭଗବାନଙ୍କୁ ଜୟ ।

# ଭକ୍ତ ନାମଦେବଜି

ପରମ ଭକ୍ତ ନାମଦେବଜି ମହାରାଷ୍ଟ୍ର ସନ୍ଥସମାଜରେ ପ୍ରସିଦ୍ଧ ମହାତ୍ମା ଥିଲେ । (ସେ ଜନ୍ମଗ୍ରହଣ କରିଥିଲେ ବିକ୍ରମ ସମ୍ବତ୍ ୧୩୨୭ କାର୍ତ୍ତିକ ଶୁକ୍ଳ ପ୍ରତିପଦ ରବିବାର ସୂର୍ଯ୍ୟୋଦୟ ସମୟରେ । ଗ୍ରାମର ନାମ ଥିଲା ନରସିବ୍ରାହ୍ମଣୀ । ବର୍ତ୍ତମାନ ତା'ର ନାମ ହୋଇଛି 'ନରସିଂହପୁର' । ଦକ୍ଷିଣପ୍ରାନ୍ତ ହାଇଦ୍ରାବାଦ ଅନ୍ତର୍ଗତ କୃଷ୍ଣାନଦୀ କୂଳରେ ଏହା ଅବସ୍ଥିତ ।) ନାମଦେବଜିଙ୍କ ପିତାଙ୍କ ନାମ ଥିଲା ଦାମା ସେଠ, ମାତାଙ୍କ ନାମ ଗୋଣାଇ । ଗୋଣାଇଙ୍କ ପିତାଙ୍କ ନାମ ଥିଲା ବାମଦେବ । ସେ ଜାତିରେ ଥିଲେ ଦରଜି ।

ନାମଦେବଙ୍କ ପିତା ଦାମା ସେଠଙ୍କ ପୂର୍ବ ଚାରିପିଢ଼ିରେ ଯଦୁ ସେଠ ଥିଲେ ଭଗବାନ୍ ପାଣ୍ଡୁରଙ୍ଗଙ୍କର ପ୍ରସିଦ୍ଧ ଅନନ୍ୟ ଭକ୍ତ । ନାମଦେବଙ୍କ ମାତା ଗୋଣାଇଙ୍କର ବାଲ୍ୟାବସ୍ଥାରେ ଦାମା ସେଠଙ୍କ ସହିତ ବିବାହ ହୋଇଥିଲା । କିନ୍ତୁ ବିବାହର କିଛି ସମୟ ପରେ ତାଙ୍କ ପତି ପରଲୋକ ଗମନ କରିବାରୁ ସେ ଆସି ପିତା ବାମଦେବଙ୍କ ଗୃହରେ ନିବାସ କରିଥିଲେ । ବାମଦେବ ଥିଲେ ଭଗବାନ୍ (ବିଠଲ) ପାଣ୍ଡୁରଙ୍ଗଙ୍କ ଅନନ୍ୟ ଭକ୍ତ । ଘରେ ଭଗବାନ୍ ବିଠଲଙ୍କ ପ୍ରତିମା ପ୍ରତିଷ୍ଠା କରି ସେବା ପୂଜା କରନ୍ତି । ଏବଂ ବିଠଲ ଭଗବାନଙ୍କୁ ଘରର ମାଲିକ ମନେକରି ତାଙ୍କରି ସେବା ଭାବରେ ସମସ୍ତ କାର୍ଯ୍ୟ କରନ୍ତି । ସେ ସବୁକିଛି ସମର୍ପଣ କରିଥାଆନ୍ତି ଶ୍ରୀ ପାଣ୍ଡୁରଙ୍ଗଙ୍କ ଚରଣରେ ।

ପୁତ୍ରୀ ଗୋଣାଇଙ୍କର ବାଲ୍ୟାବସ୍ଥାରୁ ବିଠଲ ଭଗବାନଙ୍କ ପ୍ରତି ଅନନ୍ୟ ଭକ୍ତି ଥିଲା । କିନ୍ତୁ ତାଙ୍କର ବାର ବର୍ଷ ବୟସରେ ଭଗବାନଙ୍କ ପ୍ରତି ଅତ୍ୟନ୍ତ ଶ୍ରଦ୍ଧା, ଆଗ୍ରହ ଦେଖି ପିତା ବାମଦେବ ତାଙ୍କୁ ଭଗବାନ୍ ପାଣ୍ଡୁରଙ୍ଗଙ୍କ ସେବା ପୂଜା କରିବା ସକାଶେ ସ୍ୱୀକୃତି ଦେଇଦେଲେ ଏବଂ ଯାହା ଆବଶ୍ୟକ ତାଙ୍କରିଠାରୁ ମାଗିନେବାକୁ କହିଲେ । ପିତାଙ୍କଠାରୁ ଅନୁମତି ପାଇ ଗୋଣାଇଙ୍କୁ ବିଶେଷ ଆନନ୍ଦ ହେଲା । ପୂର୍ବଠାରୁ ସେ ଅଧିକ ଉତ୍ସାହରେ ନିରନ୍ତର ଭଗବାନଙ୍କ

ନାମ ସ୍ମରଣ କଲେ ଏବଂ ଘରର ସମସ୍ତ କର୍ମ ଭଗବାନ୍ ପାଣ୍ଡୁରଙ୍ଗଙ୍କ ପ୍ରୀତ୍ୟର୍ଥେ ସମ୍ପାଦନ କଲେ । ଭୋରରୁ ନିଦ ଭାଙ୍ଗିବା ସଙ୍ଗେ ଭଗବାନଙ୍କ ନାମ ସ୍ମରଣପୂର୍ବକ ଉଠି ବସି କିଛି ସମୟ ଧ୍ୟାନ କରନ୍ତି । ପରେ ବିଛଣା ତ୍ୟାଗ କରି ଭଗବତ୍ ସେବା ଭାବରେ ଘରଦ୍ୱାର ସଫା କରି ଚୌକା ଲଗାଇ ସ୍ନାନ କରି ଭଗବାନଙ୍କ ପୂଜା ସେବା ସକାଶେ ତୁଳସୀ, ପୁଷ୍ପ ଆଣି ରଖିଦିଅନ୍ତି । ଭଗବାନଙ୍କ ସେବା ପୂଜା ପାରଖତ (ପାତ୍ର) ମାଜି, ଧୋଇ, ଚନ୍ଦନ ଘଷି ରଖିଦିଅନ୍ତି ଏବଂ ଭଗବାନଙ୍କୁ ଭୋଗ ଲଗାଇବା ସକାଶେ ରୋଷେଇରେ ଲାଗିପଡ଼ନ୍ତି । ପରେ ପିତା ବାମଦେବ ଆସି ଠାକୁରଙ୍କୁ ସ୍ନାନ କରାଇ ବସ୍ତ୍ର ଅଳଙ୍କାର ପିନ୍ଧାଇ ଚନ୍ଦନ, ପୁଷ୍ପ ମଣ୍ଡନ କରି ଧୂପ, ଆଳତି କରନ୍ତି ଏବଂ କନ୍ୟା କରିଥିବା ରୋଷାଇଦ୍ରବ୍ୟ ଭୋଗ ଲଗାନ୍ତି । ଭଗବତ୍ ସେବା ଭାବରେ କର୍ମ କରିବାରେ ଗୋଣାଇଙ୍କୁ ଏପରି ଆନନ୍ଦ ମିଳେ ଯେ ଚାଲିବାରେ ତାଙ୍କ ପାଦ ତଳେ ଲାଗେ ନାହିଁ । ଭଗବତ୍ ନାମ ଗୋଟିଏ ମୁଖରେ ଜପ କରିବାରେ ତାଙ୍କୁ ସନ୍ତୋଷ ହୁଏ ନାହିଁ । ସେ ଚାହାନ୍ତି ତାଙ୍କର ହଜାର ଜିହ୍ୱା ହୋଇଥିଲେ ସେ ଭଗବତ୍ ନାମ ସ୍ମରଣ କରନ୍ତେ । କ୍ରମଶଃ ତାଙ୍କର ଭଗବତ୍ ପ୍ରେମ-ଭକ୍ତି ବୃଦ୍ଧି ହେବା ସଙ୍ଗେ ସଙ୍ଗେ ତାଙ୍କୁ ଯୌବନ ଅବସ୍ଥା ମଧ୍ୟ ପ୍ରାପ୍ତ ହେଲା । ଜୀବନ ମଧ୍ୟରେ ଯୌବନ ଅବସ୍ଥାହିଁ ଶକ୍ତିଶାଳୀ । ଯୌବନ ଅବସ୍ଥାରେ ବ୍ୟକ୍ତି ମନ୍ଦ ଅଥବା ଉତ୍ତମ ଯେକୌଣସି କାର୍ଯ୍ୟ କରିବାରେ ତତ୍ପର ହେଲେ ସେ ତାହା ସିଦ୍ଧ କରିପାରେ । ଏହି ଅବସ୍ଥାରେ ବ୍ୟକ୍ତିର ପ୍ରାଣ ଶକ୍ତିଶାଳୀ ଥାଏ । ତା'ର ଉଚ୍ଚ ଆଦର୍ଶ ନ ଥିଲେ ଶକ୍ତିଶାଳୀ ନିମ୍ନ ପ୍ରାଣ ତାକୁ ପତନାଭିମୁଖେ ଟାଣିନିଏ ଏବଂ ପତନ କରାଏ । ଏହି ଅବସ୍ଥାରେ ଶକ୍ତିଶାଳୀ ପ୍ରାଣ ଯଦି ଭଗବତ୍ ଅଭିମୁଖୀ ହୁଏ ତେବେ ଭଗବତ୍ ପ୍ରାପ୍ତି କିଂବା ଭଗବତ୍ ଦର୍ଶନରେ ବିଳମ୍ବ ହୁଏ ନାହିଁ । ଗୋଣାଇଙ୍କର ଭଗବତ୍ ଦର୍ଶନ ଅଭିଳାଷ ତୀବ୍ରରୁ ତୀବ୍ରତର ହେବାକୁ ଲାଗିଲା । ତାଙ୍କ ଚେତନାରେ କେବଳ ଭଗବତ୍ ଦର୍ଶନ ଛଡ଼ା ଅନ୍ୟ କିଛି କାମନା ରହିଲା ନାହିଁ । ଭଗବାନ୍ ତ ସର୍ବତ୍ର ବିଦ୍ୟମାନ ଥା'ନ୍ତି କିନ୍ତୁ ବ୍ୟକ୍ତିର ଆନ୍ତରିକ ଭକ୍ତି ତଥା ତୀବ୍ର ଅଭୀପ୍ସା ହେଲେ ସେ ଦର୍ଶନ ଦିଅନ୍ତି । ଗୋଣାଇଙ୍କ ନିଷ୍କପଟ ଭକ୍ତି ଯୋଗୁଁ ଭଗବାନ୍

ତ୍ରିଭୁବନମୋହନ ତାଙ୍କ ସମ୍ମୁଖରେ ପ୍ରକଟ ହେଲେ । ଭଗବାନଙ୍କ ଅତୁଳନୀୟ ସୌନ୍ଦର୍ଯ୍ୟରୂପ ଦର୍ଶନରେ ଗୋଣାଇ ଆନନ୍ଦ-ସମୁଦ୍ରରେ ବୁଡିଗଲେ । ତାଙ୍କର ବାହ୍ୟ ଜ୍ଞାନ ରହିଲା ନାହିଁ । ସେ ଭଗବାନଙ୍କ ଚରଣରେ ପଡ଼ିଗଲେ । ଭଗବାନ୍ ବରଦ ହସ୍ତରେ ଗୋଣାଇଙ୍କୁ ଉଠାଇନେଲେ ଏବଂ ଅତ୍ୟନ୍ତ କୋମଳ ଶବ୍ଦରେ ଆଶ୍ୱାସନା ଦେଇ ଈପ୍‌ସିତ ବର ମାଗିବାକୁ କହିଲେ । ଭଗବାନଙ୍କ ଦର୍ଶନରେ ଭକ୍ତର କାମନା ରହେ ନାହିଁ । କିନ୍ତୁ କୌଣସି ଭକ୍ତ ଯଦି ଭଗବାନଙ୍କଠାରୁ କିଛି ମାଗେ ତେବେ ସେଥିରେ ଭଗବାନଙ୍କର ପ୍ରେରଣା ଥାଏ କିଂବା ପୂର୍ବର ସୁପ୍ତ କାମନା ଥାଏ । କେବେକେବେ ଭଗବାନ୍ କୃପା କରି ସେହି ପୂର୍ବ କାମନାରେ ପ୍ରେରଣା ଭକ୍ତ ଅନ୍ତରରେ ଜାଗ୍ରତ କରାଇ ଦିଅନ୍ତି । ଅଥବା ତାଙ୍କ ଅନନ୍ୟ ଭକ୍ତା ଗୋଣାଇଙ୍କ ଗର୍ଭରୁ ପରମ ଭକ୍ତ ଉତ୍ପନ୍ନ ହୋଇ ତାଙ୍କୁ ପୁତ୍ର ସୁଖ ଦେବାରେ ଭଗବାନଙ୍କ ଅଭିପ୍ରାୟ ଥାଇପାରେ । ଯାହା ବି ହେଉ ଗୋଣାଇଙ୍କର ପୁତ୍ରକାମନା ଉତ୍ପନ୍ନ ହେଲା । ସେ ଭଗବାନଙ୍କଠାରୁ ଗୋଟିଏ ପୁତ୍ର ମାଗିଲେ । ଭଗବାନ୍ ତଥାସ୍ତୁ କହି ଗୋଣାଇଙ୍କୁ ସ୍ପର୍ଶ କରି ଅନ୍ତର୍ଦ୍ଧାନ ହୋଇଗଲେ । ସେହି ସମୟରୁ ଗୋଣାଇଙ୍କର ଗର୍ଭସଞ୍ଚାର ହେଲା ।

ଭଗବାନ୍ ସର୍ବସମର୍ଥ ହେବା ସଙ୍ଗେ ସଙ୍ଗେ ସେ ଭକ୍ତବାଞ୍ଛାକଳ୍ପତରୁ । ଭକ୍ତ ସକାଶେ ତାଙ୍କର ଅଦେୟ କିଛି ନ ଥାଏ । ସେ ସର୍ବଥା ସ୍ୱତନ୍ତ୍ର; ପ୍ରକୃତିର ନିର୍ଦ୍ଧାରିତ ନିୟମର ବହୁ ଊର୍ଦ୍ଧ୍ୱରେ । ଭକ୍ତ ସକାଶେ ସେ ସମସ୍ତପ୍ରକାର ମର୍ଯ୍ୟାଦା ଭଙ୍ଗ କରିବାରେ ପଶ୍ଚାତ୍‌ପଦ ନ ହୋଇ ପିତା, ପୁତ୍ର, ପତି, ଭୃତ୍ୟ ହୋଇପାରନ୍ତି । ବିଧବା ଗୋଣାଇଙ୍କୁ ପୁତ୍ରସନ୍ତାନ ଦେବାରେ ତାଙ୍କ ପକ୍ଷେ ଆଶ୍ଚର୍ଯ୍ୟ କିଛି ନ ଥିଲା । ଭଗବାନଙ୍କ କୃପାରୁ ଗୋଣାଇଙ୍କ ଗର୍ଭ ବୃଦ୍ଧି ହେବାକୁ ଲାଗିଲା । ଗର୍ଭର ଲକ୍ଷଣ ଦେଖି ଗ୍ରାମର ମହିଳାମାନେ ପରସ୍ପର ଚର୍ଚ୍ଚା କରିବାକୁ ଲାଗିଲେ । କେତେକ ଦୁଷ୍ଟପ୍ରକୃତିର ବ୍ୟକ୍ତି ଥାଆନ୍ତି, ସେମାନେ ଅନ୍ୟର ସୋରିଷ ସଦୃଶ ଦୋଷକୁ ପାହାଡ଼ କରି ଛିଡ଼ା କରାନ୍ତି, ଭଲରେ ମନ୍ଦ ଆରୋପ କରନ୍ତି । ପରନିନ୍ଦା କରିବାରେ ସେମାନଙ୍କର ସହସ୍ର ଜିହ୍ୱା ହୋଇଯାଏ । ବିଧବା ଗୋଣାଇଙ୍କ ଗର୍ଭ ହେବା ଖବର ଅକ୍ଳାନ୍ତଭାବେ ପ୍ରଚାର କଲେ । ଏହି ଖବର ପିତା

ବାମଦେବଙ୍କ କାନ ପର୍ଯ୍ୟନ୍ତ ଆସିଲା । ବାମଦେବ ନିଜ କନ୍ୟା ଗୋଣାଇଙ୍କ ସ୍ୱଭାବରେ ପରିଚିତ ଥିଲେ । କନ୍ୟା ଗୋଣାଇ ଯଥାର୍ଥ ସତ୍ୟ ଘଟଣା ପ୍ରକାଶ କରିବ ବୋଲି ସେ ବିଶ୍ୱାସ କରୁଥିଲେ । ସେହି ସକାଶେ ସେ ଗୋଣାଇଙ୍କୁ ଡାକି ଶୁଣିଥିବା ଘଟଣା ପଚାରିଲେ । ପିତାଙ୍କ ପ୍ରଶ୍ନରେ ଗୋଣାଇ ଭଗବାନଙ୍କ ଦର୍ଶନ ଏବଂ ଭଗବାନଙ୍କଠାରୁ ପୁତ୍ର ଚାହିଁଥିବା ତଥା ଭଗବାନଙ୍କ ସଂସ୍ପର୍ଶରେ ଗର୍ଭ ରହିଥିବା ସତ୍ୟ ଘଟଣା କହିଦେଲେ । ଯେଉଁମାନଙ୍କର ଭଗବତ୍ ଭକ୍ତିରେ ହୃଦୟ ଶୁଦ୍ଧ ହୋଇଯାଏ ସେମାନଙ୍କୁ ସତ୍ୟାସତ୍ୟ ବୁଝିବାରେ ଅସୁବିଧା ହୁଏ ନାହିଁ । ପିତା ବାମଦେବ ପୁତ୍ରୀର ସତ୍ୟ ବାକ୍ୟ ନିଜ ଅନ୍ତରରେ ଉପଲବ୍ଧି କଲେ । ଏବଂ ଭଗବତ୍ ସଂସ୍ପର୍ଶରେ ତଥା ଭଗବତ୍ କୃପାସ୍ୱରୂପ ସନ୍ତାନକୁ ଗର୍ଭରେ ଧାରଣ କରିଥିବାରୁ ଗୋଣାଇଙ୍କ ଚେହେରା ତଥା ତାଙ୍କ ମୁଖମଣ୍ଡଳରେ ଅସାଧାରଣ କାନ୍ତି ପ୍ରତ୍ୟକ୍ଷଭାବେ ପିତା ବାମଦେବ ଦେଖିପାରିଲେ । ଭଗବାନଙ୍କ ସାକ୍ଷାତ୍ କୃପା ତାଙ୍କ ପୁତ୍ରୀ ପ୍ରତି ହୋଇଥିବା ଜାଣି ସେ ଆନନ୍ଦରେ ଅଭିଭୂତ ହୋଇପଡ଼ିଲେ । ଭଗବାନଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ହୃଦୟ ପୂର୍ଣ୍ଣ ହୋଇଗଲା ।

ଗୋଣାଇଙ୍କ ଗର୍ଭବୃଦ୍ଧି ସଙ୍ଗେ ସଙ୍ଗେ ଭଗବାନଙ୍କ ପ୍ରତି ତାଙ୍କ ଭକ୍ତି ବିବୃଦ୍ଧି ହେଉଥାଏ । ସେ ଘରର ସମସ୍ତ କାର୍ଯ୍ୟ କରୁଥାଆନ୍ତି କିନ୍ତୁ ମୁଖରେ ଭଗବତ୍ ନାମଚରିତ ଗାନ କରୁଥାଆନ୍ତି । ତାଙ୍କ ମନ ଭଗବାନଙ୍କ ଲଳିତ ଲୀଳାରେ ବିଚରଣ କରୁଥାଏ । ତାଙ୍କ ଗର୍ଭସ୍ଥ ସନ୍ତାନ ସାକ୍ଷାତ୍ ଭଗବତ୍ କୃପାର ମୂର୍ତ୍ତିମାନ୍ ବିଗ୍ରହ ଥିଲେ । ସେଥିରେ ମା ଗୋଣାଇଙ୍କର ଦିବାନିଶି ଭଗବତ୍ ସ୍ମରଣ ସୁବର୍ଣ୍ଣରେ ସୁଗନ୍ଧସ୍ୱରୂପ ପରମ ସୁଯୋଗ ପ୍ରାପ୍ତ ହେଲା । ଗର୍ଭସ୍ଥ ଶିଶୁର ମନ-ପ୍ରାଣ-ଶରୀର ତତ୍ତ୍ୱରେହିଁ ଭଗବତ୍ ଭକ୍ତି ସଂସ୍କାରରୂପେ ନିହିତ ରହିଲା ।

ଆନନ୍ଦର ଦିନ ଯିବାରେ ବିଳମ୍ବ ହୁଏ ନାହିଁ । ଦେଖୁ ଦେଖୁ ଗୋଣାଇଙ୍କର ପ୍ରସବର ସମୟ ଆସିଗଲା । ସମ୍ୱତ୍ ୧୩୨୭ କାର୍ତ୍ତିକ ଶୁକ୍ଳପକ୍ଷ ପ୍ରତିପଦ ରବିବାର ସୂର୍ଯ୍ୟୋଦୟ ସମୟରେ ଶିଶୁ ଗୋଣାଇଙ୍କ ଗର୍ଭରୁ ଭୂମିଷ୍ଠ ହେଲେ । ଅଜା ବାମଦେବଙ୍କ ଆନନ୍ଦର ସୀମା ରହିଲା ନାହିଁ । ରହିବ ବା କିପରି ? ଭଗବାନଙ୍କର ସାଧାରଣ କୃପା ତ ନୁହେଁ, ସାକ୍ଷାତ୍ ଭଗବତ୍ କୃପା ଶିଶୁରୂପେ

ତାଙ୍କ ଗୃହରେ ଜନ୍ମଗ୍ରହଣ କରିଛନ୍ତି । ଅଜା ବାମଦେବ ଆନନ୍ଦରେ ବିଭୋର ହୋଇ ସାଧୁ, ସନ୍ଥ, ବ୍ରାହ୍ମଣ ତଥା ଦରିଦ୍ରଙ୍କୁ ଦାନ ଦେଲେ । ଗୃହରେ ବହୁ ସମାରୋହରେ ଉତ୍ସବ ହେଲା ଏବଂ ଯଥାର୍ଥ ସମୟରେ ପୁତ୍ରର ନାମ ରଖାହେଲା ନାମଦେବ ।

ନାମଦେବ ଶୁକ୍ଳପକ୍ଷ ଚନ୍ଦ୍ରମା ସଦୃଶ ବଢ଼ିବାକୁ ଲାଗିଲେ । ତାଙ୍କ ବାଲ୍ୟାବସ୍ଥାରୁହିଁ ଭଗବତ୍ ଭକ୍ତିର ଲକ୍ଷଣ ତାଙ୍କ ଅଙ୍ଗରେ ଶୋଭା ପାଉଥିଲା । ତାଙ୍କ ମା ନାମଦେବଙ୍କୁ କ୍ଷୀରପାନ କରାଇବା ସମୟରେ ଭଗବତ୍ ନାମ, ଭଗବତ୍ ଚରିତ ଗାନ କରନ୍ତି, ନାମଦେବ କ୍ଷୀରପାନ ବନ୍ଦ କରି କାନ ଦେଇ ମନ୍ତ୍ରମୁଗ୍ଧ ସଦୃଶ ଶୁଣନ୍ତି । ଅଜା ବାମଦେବ ଭଗବାନଙ୍କୁ ସ୍ନାନ କରାଇ ଆଭୂଷଣ ଧାରଣ କରାଇ ଆଳତି କରିବା ସମୟରେ ନାମଦେବ ମା କୋଳରୁ ଓହ୍ଲାଇ ଭଗବତ୍ ପ୍ରତିମା ଧରିବାକୁ ଆଣ୍ଠେଇ ଆଣ୍ଠେଇ ଚାଲିଯାଆନ୍ତି । ଭଗବତ୍ ଚରିତ ଗାନ କିଂବା ଭଗବତ୍ ନାମ କୀର୍ତ୍ତନ ହେଲେ ସେ ପାଷାଣ ପ୍ରତିମା ସଦୃଶ ଅଚଳ, ଅବିକମ୍ପିତ ଅବସ୍ଥାରେ କାନ ଡେରି ଶୁଣନ୍ତି ।

ନାମଦେବଜି ଅସ୍ପଷ୍ଟଭାବେ କଥା କହିବାକୁ ଆରମ୍ଭ କଲେ ବିଠଲଙ୍କ ନାମ ଉଚ୍ଚାରଣରେ । ସ୍ତୁତି କରିବା ଶିଖିଲେ ଅଜା ତଥା ମା'ଙ୍କ ସଙ୍ଗରେ । ନମସ୍କାର କଲେ ସେମାନଙ୍କ ନମସ୍କାର ଦେଖି । ତାଙ୍କର ଖେଳ ହେଉଥିଲା ମା'ଙ୍କଠାରୁ ଶୁଣିଥିବା ଭଗବତ୍ ଲୀଳାର । ନାମଦେବଜିଙ୍କର ବାଲ୍ୟାବସ୍ଥାରେ ଭଗବତ୍ ଭକ୍ତିର ପ୍ରଭାବ ସମସ୍ତ ସତ୍ତାରେ ଓତପ୍ରୋତ ହୋଇଥିଲା । ନାମଦେବଜି କ୍ରମଶଃ ବଡ଼ ହେବା ସଙ୍ଗେ ସଙ୍ଗେ ତାଙ୍କ ଭକ୍ତିଲତା ପଲ୍ଲବିତ ହେବାକୁ ଲାଗିଲା । ପୂର୍ବ ସଂସ୍କାର ତଥା ଅଜା ଏବଂ ମା'ଙ୍କ ଆଚରଣର ପ୍ରଭାବ ତାଙ୍କ ଜୀବନରେ ବିଶେଷରୂପେ ପଡ଼ିଥିଲା । ସେ ବାଲ୍ୟାବସ୍ଥାରୁ ନିରନ୍ତର ବିଠଲଙ୍କ ନାମ, ବିଠଲଙ୍କ ଗୁଣ ଗାନ କରୁଥିଲେ । ଭଲ ପଥର ପାଇଲେ ବିଠଲ ଭାବି ତାଙ୍କୁ ସ୍ନାନ କରାଇ, ଲୁଗା ପିନ୍ଧାଇ, ଫୁଲ ଦେଇ ଧୂପ-ଆଳତି କରୁଥିଲେ । ବିଠଲଙ୍କ ପ୍ରତି ତାଙ୍କର ଅଗାଧ ଭକ୍ତି ଉତ୍ପନ୍ନ ହୋଇଥିଲା । ସେ କିଛି ବଡ଼ ହେବା ପରେ ବିଠଲଙ୍କୁ ପୂଜା କରିବାକୁ ବାରଂବାର ଆଗ୍ରହ ପ୍ରକାଶ କଲେ । କିନ୍ତୁ ଅଜା ଏବଂ

ମାତା ବାଳକ ଜାଣି ପୂଜା କରିବାକୁ ଅନୁମତି ଦେଉ ନ ଥିଲେ । ଆଜିକାଲି ନୂତନ ସଭ୍ୟତାରେ ଅନୁପ୍ରାଣିତ ଆଧୁନିକ ଶିକ୍ଷିତ ବ୍ୟକ୍ତିଗଣ ଛୋଟପିଲାଙ୍କ ସାମନାରେ ମିଥ୍ୟା କହନ୍ତି, ଅସତ୍, ଅନ୍ୟାୟ ଆଚରଣ କରନ୍ତି, ସିଗାରେଟ୍ ଖାଆନ୍ତି, ମଦ ପିଅନ୍ତି ଏବଂ ବିଛୁଆତି ଗଛ ଲଗାଇ ସେଥିରୁ ତୁଳସୀର ଗୁଣ ଆଶା କରିବା ସଦୃଶ ସନ୍ତାନଠାରୁ ସତ୍ ଚରିତ୍ର ଆଶା କରନ୍ତି । ସେମାନଙ୍କ ଆଶା ଆଶାରେହିଁ ରହିଯାଏ । ପିତାମାତାଙ୍କ ବିଶେଷ ପ୍ରଭାବ ପଡ଼େ ସନ୍ତାନ ଉପରେ । ନିଜ ସନ୍ତାନଠାରୁ ସଦ୍‌ଗୁଣ ଆଶା କରୁଥିବା ପିତାମାତା ସଦ୍‌ଗୁଣ ଗ୍ରହଣ କରିବା ଉଚିତ । ନିଜେ ଅସତ୍ ଆଚରଣ କରି ସନ୍ତାନମାନଙ୍କଠାରୁ ସଦ୍‌ଗୁଣ ଆଶା କରିବା ସର୍ବଥା ବୃଥା ।

କିନ୍ତୁ ଭଗବାନ୍ ଭକ୍ତବାଞ୍ଛାକଳ୍ପତରୁ । ଭକ୍ତର ନିଷ୍କପଟ ଆନ୍ତରିକ ଇଚ୍ଛାକୁ ସର୍ବଦା ପୂରଣ କରନ୍ତି । ଭଗବାନଙ୍କ ପାଖରେ ଅସମ୍ଭବ ବୋଲି କିଛି ନ ଥାଏ । ସେ ସର୍ବସମର୍ଥ । ସମସ୍ତ ଅସମ୍ଭବକୁ ସମ୍ଭବ କରିପାରନ୍ତି । ଅନନ୍ୟ ଶ୍ରଦ୍ଧାଳୁ ବାଳକ ନାମଦେବଙ୍କ ଇଚ୍ଛା ଭଗବାନ୍ ପୂରା କଲେ । ଦିନେ ନାମଦେବଙ୍କ ଅଜାଙ୍କୁ କୌଣସି କାର୍ଯ୍ୟବଶତଃ ବାହାରକୁ ଯିବାକୁ ପଡ଼ିଲା । ବିଠଲଙ୍କୁ ସେବା କରିବା ସକାଶେ ସେ ନାମଦେବଙ୍କୁ ନିର୍ଦ୍ଦେଶ ଦେଲେ । ସମ୍ଭବତଃ ଏହା ଥିଲା ବିଠଲଙ୍କ ପ୍ରେରଣା । ସେ କହିଲେ, ''ନାମ, ବିଠଲଙ୍କୁ ପୂଜା କରିବୁ, ଭୋଗ ଦେଇ ପ୍ରସାଦ ନେବୁ ।''

ନାମଦେବ ଏହି ଆଦେଶ ଶୁଣିବା ସମୟରୁ ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ରାତିରେ ନିଦ ହେଲା ନାହିଁ । ବିଠଲଙ୍କୁ ପୂଜା କରିବା ଆନନ୍ଦରେ ବିଭୋର । କିପରି ରାତି ପାହିଲେ ସେ ବିଠଲଙ୍କ ପୂଜାରେ ଉପସ୍ଥିତ ହେବେ । ରାତି ପାହିବାମାତ୍ରେ ପ୍ରଥମରେ ସ୍ନାନ କରି ତୁଳସୀ, ପୁଷ୍ପ ଆଣି ରଖିଲେ । ଅଜାଙ୍କ ପୂଜା ଦେଖିବା ଅନୁସାରେ ଭଗବାନଙ୍କୁ ସ୍ନାନ କରାଇ, ବସ୍ତ୍ର ପରିଧାନ କରାଇ, ଚନ୍ଦନ-ପୁଷ୍ପ-ତୁଳସୀରେ ମଣ୍ଡନ କଲେ । ମା'ଙ୍କ ନିର୍ଦ୍ଦେଶରେ ଦୁଧ ଆଉଟିଲେ । ସେଥିରେ ମିଶ୍ରି ପକାଇ ଭଗବାନଙ୍କ ସମ୍ମୁଖରେ ଗୋଟିଏ ବଡ଼ କଟରାରେ ଆଣି ରଖିଲେ । ଭଗବାନ୍ ଅତ୍ୟନ୍ତ ପ୍ରସନ୍ନତାରେ ହସୁଥିବା ପରି

ସେ ଅନୁଭବ କରୁଥିଲେ । ପରଦା ଲଗାଇ ପରଦାର ବାହାରେ ବସିଲେ । ପ୍ରତିମା ସାକ୍ଷାତ୍‌ରୂପେ ଭୋଗ ଭକ୍ଷଣ କରନ୍ତି ନାହିଁ ବୋଲି ସେ ଜାଣି ନ ଥିଲେ । ତାଙ୍କର ଦୃଢ଼ ବିଶ୍ୱାସ ଥିଲା ପ୍ରତିମା ଭୋଗ ଭକ୍ଷଣ କରନ୍ତି । କିଛି କିଛି ସମୟ ପରେ ପରଦା ହଟାଇ ଭଗବାନ୍ ଦୁଧ ପିଉଛନ୍ତି କି ନାହିଁ ଦେଖୁ ଥାଆନ୍ତି । ଏହିପରି ବହୁତ ସମୟ ବ୍ୟତୀତ ହୋଇଗଲା, କିନ୍ତୁ ବିଠଲ ଦୁଧ ପିଇଲେ ନାହିଁ । ଏଥିରେ ନାମଦେବଙ୍କୁ ବଡ଼ କଷ୍ଟ ହେଲା । ସେ ଭାବିଲେ, ''ପୂଜାରେ ତ୍ରୁଟି ଥିବା ଯୋଗୁଁ ଭଗବାନ୍ ମୋ ଭୋଗ ସ୍ୱୀକାର କଲେ ନାହିଁ । ଭଗବାନ୍ ଖାଇଲେ ନାହିଁ, ମୁଁ କିପରି ଖାଇବି ?'' ଦୁଧ ଢାଳିଦେଲେ, ମା'ଙ୍କୁ କିଛି କହିଲେ ନାହିଁ । ମା'ର ମନେହେଲା, ''ନାମଦେବ ଠାକୁରଙ୍କୁ ଭୋଗ ଲଗାଇ ଦୁଧ ପିଇଦେଇଛି ।'' ସେ ଆଉ ଭୋଜନ ସକାଶେ ଆଗ୍ରହ କଲେ ନାହିଁ । କିନ୍ତୁ ନାମଦେବଙ୍କର ଗୋଟିଏ ଚିନ୍ତା, ''ପୂଜାରେ କ'ଣ ତ୍ରୁଟି ରହିବାରୁ ଭଗବାନ୍ ଭୋଗ ସ୍ୱୀକାର କଲେ ନାହିଁ ?'' ଏହା ଭାବି ଆଖିରୁ ଲୁହ ବୁହାଉଥାଆନ୍ତି । ରାତ୍ରିରେ ନିଦ ନାହିଁ । ଭୋର ହେଲା । ପୂର୍ବପରି ସ୍ନାନ କରି ବହୁତ ସାବଧାନରେ ପୂଜା କରିବା ପରେ ଦୁଧ ଆଣି ରଖିଲେ । ପ୍ରତିମାଙ୍କ ମୁଖମଣ୍ଡଳ ଦେଦୀପ୍ୟମାନ ହୋଇଥାଏ । ନାମଦେବ ହାତ ଯୋଡ଼ି ପ୍ରାର୍ଥନା କଲେ, ''ପ୍ରଭୁ, ମୁଁ ବାଳକ, ତୁମ ପୂଜାପଦ୍ଧତି କିଛି ଜାଣେ ନାହିଁ । କାଲିଠାରୁ ତୁମେ ଉପବାସ ଅଛ, ଦୟାକରି ଆଜି ଦୁଧ ପିଇନିଅ ।''

ନାମଦେବ ପରଦା ଟାଣିଦେଇ ବାହାରେ ବସିଲେ । ବାରଂବାର ପରଦାରେ ମୁଣ୍ଡ ଗଳାଇ ଦେଖୁଥାଆନ୍ତି । ଦୁଧ ସେହିପରି ରଖା ହୋଇଥାଏ । ବହୁତ ସମୟ ପରେ ନିରାଶ ହୋଇ ଦୁଧକୁ ବାହାରେ ଢାଳିଦେଇ ଦୁଃଖରେ ବସି କାନ୍ଦିଲେ । ଏହିପରି ଦୁଃଖ ଏବଂ ଚିନ୍ତାରେ ଦିନ ତଥା ରାତି ବ୍ୟତୀତ ହେଲା । ତହିଁ ଆରଦିନ ଭୋରରୁ ଉଠି ସ୍ନାନ କରି ପୂର୍ବାପେକ୍ଷା ବହୁତ ସାବଧାନ ହୋଇ ପୂଜା ଶେଷ କରି ସେ ଦୁଧ ଭଗବାନଙ୍କ ସମ୍ମୁଖରେ ରଖିଲେ । ମନେହେଉଥିଲା ଯେପରି ଭଗବାନ୍ ଗତକାଲିଠାରୁ ଆଜି ଅଧିକ ପ୍ରସନ୍ନ ଅଛନ୍ତି ଏବଂ ନାମଦେବଙ୍କୁ ଡାକୁଛନ୍ତି । ପରଦା ଲଗାଇ ହାତ ଯୋଡ଼ି କହିଲେ, ''ବାସ୍

ପ୍ରଭୁ, ଦୁଇଦିନ ହେଲା ପୂର୍ଣ୍ଣ ଉପବାସ ଅଛ, ଆଜି ଦୁଧ ପିଇବାକୁ ପଡ଼ିବ ।'' ଏହା କହି ପରଦା ବାହାରେ ବସିଲେ । କିଛି ସମୟ ପରେ ଦେଖିଲେ ଦୁଧ ରଖାହୋଇଛି । ସେ ଭାବିଲେ ଭଗବାନ୍ ଯଦି ସେବା ସ୍ୱୀକାର ନ କଲେ, ତେବେ ଏ ଶରୀର ରଖି ଲାଭ କ'ଣ ?'' ଗୋଟିଏ ତୀକ୍ଷ୍ଣ ଛୁରୀ ଆଣି ଭଗବାନଙ୍କ ସମ୍ମୁଖରେ ନିଜ ବେକରେ ଭୁସିଦେଲେ । ବେକରେ ଛୁରୀ ଲାଗିବା ପୂର୍ବରୁ ଭଗବାନ୍ ପ୍ରକଟ ହୋଇ ନାମଦେବଙ୍କ ହାତ ଧରିପକାଇ କହିଲେ, ''ଆଚ୍ଛା, ମୁଁ ଦୁଧ ପିଇନେଉଛି ।''* ଏହା କହି ଭଗବାନ୍ ସ୍ୱୟଂ ଦୁଧ କଟାରା ନେଇ ପିଇବାକୁ ଆରମ୍ଭ କଲେ । ଭଗବାନଙ୍କ ଦର୍ଶନରେ ନାମଦେବଙ୍କ ସମସ୍ତ ଇନ୍ଦ୍ରିୟ ସ୍ଥଗିତ ହୋଇଗଲା । ତାଙ୍କ ହୃଦୟ ଆନନ୍ଦରେ ପୂର୍ଣ୍ଣ ହୋଇଗଲା । ସେ ନିସ୍ତବ୍ଧ ହୋଇ ଏକ ଦୃଷ୍ଟିରେ ଭଗବାନଙ୍କୁ କେବଳ ଦେଖୁଥାଆନ୍ତି । ନେତ୍ରରୁ ଆନନ୍ଦାଶ୍ରୁ ବର୍ଷା ହେଉଥାଏ । ତାଙ୍କର ଯଦି ହଜାର ନେତ୍ର ଥାଆନ୍ତା, ତଥାପି ଭଗବାନଙ୍କ ଦର୍ଶନରେ ସେ ତୃପ୍ତ ହୋଇ ନ ଥାଆନ୍ତେ । ମାତ୍ର ଦୁଇଟି ନେତ୍ର, ସେଥିରେ ତୃପ୍ତ ହେବେ କିପରି ? ସେ ଚାହୁଁଥାଆନ୍ତି ଭଗବାନଙ୍କୁହିଁ ଆଖିରେ ରଖିନେବାକୁ । ଭଗବାନଙ୍କ ପ୍ରେରଣାରେ କିଛି ସମୟ ପରେ ନାମଦେବ ସାବଧାନ ହେଲେ । କହିଲେ, ''ପ୍ରଭୁ, ସବୁ ଦୁଧ ପିଇନେବ, ମୋତେ ପ୍ରସାଦ ମିଳିବ ନାହିଁ ?'' ଭଗବାନ୍ ବାଳକର ସରଳ ଭକ୍ତିରେ ମୁଗ୍ଧ ହୋଇ ତାଙ୍କ ମସ୍ତକରେ ଅତ୍ୟନ୍ତ ସ୍ନେହରେ ହସ୍ତ ରଖି କହିଲେ, ''ନାମଦେବ, ନେ ।'' ଏହା କହି କରାଟ ନାମଦେବଙ୍କ ହାତକୁ ବଢ଼ାଇ ଦେଲେ । ଭଗବାନଙ୍କ ପ୍ରସାଦ ଗ୍ରହଣ କରି ଏବଂ ଭଗବାନଙ୍କ ଦର୍ଶନ ପାଇ ନାମଦେବଙ୍କ ଜନ୍ମ କୃତାର୍ଥ ହୋଇଗଲା । ତାଙ୍କ ନେତ୍ର ଏବଂ ମୁଖମଣ୍ଡଳ ଗୋଟିଏ ଦିବ୍ୟତେଜଃରେ ଉଦ୍ଭାସିତ

---

* ନାମଦେବଙ୍କ ହୃଦୟରେ ଭକ୍ତି ଥିଲା । ସେ ଭକ୍ତିରେ ବିଭୋର ହୋଇ ଗଳାରେ ଛୁରୀ ମାରିଥିଲେ । ତାଙ୍କ ସରଳ ଭକ୍ତି ପ୍ରଭାବରୁ ଭଗବାନ୍ ପ୍ରକଟ ହୋଇ ତାଙ୍କ ହାତରୁ ଛୁରୀ ଧରିନେଲେ । ଭଗବାନଙ୍କୁ ଦର୍ଶନ କରିବା ସକାଶେ ଛୁରୀ ନିଜ ଗଳାରେ ମାରିବା ପଦ୍ଧତି ନୁହେଁ । ଏପରି ଭ୍ରମ ଧାରଣା କରିବା କୌଣସି ବ୍ୟକ୍ତି ପକ୍ଷେ ଆଦୌ ଉଚିତ ନୁହେଁ ।

ହୋଇଗଲା । ନାମଦେବ ବିଶେଷ ଆନନ୍ଦରେ ମନ୍ଦିରରୁ ବାହାରି ଆସିଲେ । ସେ ନିବାସ କରୁଥା'ନ୍ତି ଶରୀରରେ, ତାଙ୍କ ଚେତନା ବିଚରଣ କରୁଥାଏ ଭଗବାନଙ୍କ ଦିବ୍ୟ ଆନନ୍ଦ, ସୌନ୍ଦର୍ଯ୍ୟଲାବଣ୍ୟାଦି ଦିବ୍ୟଗୁଣବିଭୂଷିତ ଅଲୌକିକ ରୂପରେ । ସୂର୍ଯ୍ୟଦେବ ଅସ୍ତାଚଳକୁ ବିଜେ କଲେ । ନାମଦେବଙ୍କୁ ସମସ୍ତ ଦିନ ଏକକ୍ଷଣ ସଦୃଶ ବୋଧ ହେଲା ।

ସଂଧ୍ୟା ସମୟରେ ଆସିଲେ ବାମଦେବ । ନାମଦେବଙ୍କ ଚେହେରାରେ କିଛି ଭିନ୍ନତା ଅନୁଭବ କଲେ । ପ୍ରଥମେ ପଚାରିଲେ, ''ନାମଦେବ, ତୁ ଭଗବାନଙ୍କୁ ପୂଜା କରି ଭୋଗ ଲଗାଇଥିଲୁ ?'' ନାମଦେବ ଉତ୍ତର ଦେଲେ, ''ଭଗବାନଙ୍କ ସହିତ ମୋର ପରିଚୟ ନ ଥିଲା, ମୁଁ ପୂଜାପଦ୍ଧତି ଜାଣି ନ ଥିଲି । ସେ ଦୁଇଦିନ ଭୋଗ ସ୍ୱୀକାର କଲେ ନାହିଁ । ତୃତୀୟ ଦିନ ଅତି କଷ୍ଟରେ ଦୁଧ ପିଇବାକୁ ଆରମ୍ଭ କଲେ । ମୋ ସକାଶେ ପ୍ରସାଦ ଛାଡ଼ିବାକୁ ଚାହୁଁ ନ ଥିଲେ । ମୁଁ ମାଗିବାରୁ ମୋତେ ପ୍ରସାଦ ଦେଲେ ।'' ବାମଦେବ କିଛି ସମୟ ନୀରବ ହୋଇ ଗମ୍ଭୀରତାରେ ପଚାରିଲେ, ''ଭଗବାନ୍ କ'ଣ ତୋ ସାମନାରେ ଦୁଧ ପିଇଲେ ?'' ନାମଦେବ କହିଲେ, ''ସାମନାରେ କ'ଣ ? ମୁଁ ଦେଖୁଥିଲି ସେ ନିଜ ହାତରେ କଟରା ନେଇ ଦୁଧ ପିଉଥିଲେ । ମୋତେ ଟିକିଏ ପ୍ରସାଦ ଦେବାକୁ ଚାହୁଁ ନ ଥିଲେ ।'' ''ଆଚ୍ଛା, କାଲି ସକାଳେ ମୋ ଆଗରେ ତୁ ଯଦି ଠାକୁରଜିଙ୍କୁ ଦୁଧ ପିଆଇଦେବୁ, ତେବେ ମୁଁ ତୋ କଥା ବିଶ୍ୱାସ କରିବି ।'' ନାମଦେବ କହିଲେ, ''ବହୁତ ଆଚ୍ଛା । କାଲି ସକାଳେ ଦେଖିନିଅ ।'' ବାମଦେବ ମନେମନେ ଭାବିଲେ, ''ବାଳକ ଉପରେ ଭଗବାନ୍ କୃପା କରି ଦର୍ଶନ ଦେଇଛନ୍ତି । ଭଗବତ୍ ଦର୍ଶନ ପ୍ରଭାବରେ ତା'ର ମୁଖମଣ୍ଡଳ ତେଜୋମୟ ହୋଇଥିବାର ଦେଖାଯାଉଛି ।''

ସକାଳ ହେଲା । ନିୟମାନୁସାରେ ବାମଦେବ ଭଗବାନଙ୍କ ସେବାପୂଜା ସମାପ୍ତ କଲେ । ନାମଦେବଜି ଦୁଧ କଟରା ନେଇ ରଖିଲେ, କିନ୍ତୁ ଭଗବାନ୍ ପିଇଲେ ନାହିଁ । କିଛି ସମୟ ପରେ ନାମଦେବଜି ଦୁଧ ପିଇବାକୁ ବହୁତ ଅନୁନୟବିନୟ କରିବାରୁ ତାଙ୍କ ବାକ୍ୟ ସତ୍ୟ କରିବା ସକାଶେ ଭଗବାନ୍ ଦୁଧ

ପିଇଲେ । ଏହା ଦେଖି ବାମଦେବ କୃତକୃତ୍ୟ ହୋଇଗଲେ । ନାମଦେବଙ୍କ ପ୍ରପିତା ହେବା କେବଳ ଭଗବାନଙ୍କ ଅପାର କରୁଣା ବୋଲି ସେ ବୁଝିପାରିଲେ । ନାଭାଜି ସ୍ୱୟଂ ଲେଖିଛନ୍ତି – ''ବାଲଦସା ବିଠଲ ପାନି ଜାକେ ପୟ ପୀୟୋ ।'' ''ବାଳକ ଅବସ୍ଥାରେ ଯାହା ହାତରୁ ବିଠଲ ଦୁଧ ପିଇଥିଲେ ।'' ନାମଦେବଙ୍କ ଭକ୍ତି ପ୍ରଭାବରେ ଭଗବାନ୍ ଓ ତାଙ୍କ ମଧ୍ୟରେ ଥିବା ପରଦା ବହୁ ପରିମାଣରେ ଦୂର ହୋଇଗଲା । ଭଗବାନ୍ ପ୍ରଘଟ ହୋଇ ତାଙ୍କ ସହିତ କଥାବାର୍ତ୍ତା କରୁଥିଲେ । ଏହା ଘଟିଥିଲା ତାଙ୍କ ବାଲ୍ୟକାଳରେ । ସେହିଦିନଠାରୁ ତାଙ୍କ ଭକ୍ତିର ପ୍ରଭାବ ଚାରିଦିଗରେ ବିଚ୍ଛୁରିତ ହୋଇଗଲା ।

ନାମଦେବଜି ନଅବର୍ଷ ବୟସରେ ପଣ୍ଡରପୁର ବାରକରି ଭକ୍ତମଣ୍ଡଳୀରେ ବାଳଭାଗବତ ନାମରେ ପ୍ରସିଦ୍ଧି ଲାଭ କରିଥିଲେ । ସେଠିକାର ସାମାଜିକ ପ୍ରଥାନୁସାରେ ସେହି ଅଳ୍ପ ବୟସରେ ତାଙ୍କୁ ଗୋବିନ୍ଦ ସେଠ ସଦାବର୍ତ୍ତୀଙ୍କ କନ୍ୟା ରାଜାଈଙ୍କ ସହିତ ବିବାହ କରିଦିଆହେଲା । ସେ ଅତି ଛୋଟ ଅବସ୍ଥାରୁ ଭଗବତ୍ ଭକ୍ତିରେ ବୁଡି ରହୁଥିଲେ । ସଂସାରର ଜ୍ଞାନ କିଛି ନ ଥିଲା । ବିବାହର ପ୍ରଭାବ ତାଙ୍କ ଉପରେ କିଛି ପଡ଼ିଲା ନାହିଁ । ତାଙ୍କ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଭଗବତ୍ ଭକ୍ତି ମଧ୍ୟ ଉତ୍ତରୋତ୍ତର ପ୍ରଗାଢ଼ରୁ ପ୍ରଗାଢ଼ତର ହେଲା । ତାଙ୍କ ମନ ସଂସାରକର୍ମରେ ଲାଗିଲା ନାହିଁ । ସେ ଦିନରାତି ଭଜନକୀର୍ତ୍ତନରେ ବୁଡିରହୁଥିଲେ । ଏହି ଅବସ୍ଥାରେ ତାଙ୍କ ପ୍ରପିତାଙ୍କ ପରଲୋକବାସ ହୋଇଗଲା । ଘରର ଭାର ପଡ଼ିଲା ନାମଦେବଙ୍କ ଉପରେ । ମା ଏବଂ ସ୍ତ୍ରୀର ତାଡ଼ନାରେ ସେ ଲୁଗା ବ୍ୟାପାର କଲେ । ସେ ଶରୀରରେ କୌଣସିପ୍ରକାରେ କାର୍ଯ୍ୟ କରନ୍ତି, କିନ୍ତୁ ତାଙ୍କର ସମସ୍ତ ବୃତ୍ତି ଲାଗିରହୁଥାଏ ଭଗବାନଙ୍କ ଚରଣରେ । ତାଙ୍କ ନାମ ଶୁଣି ତାଙ୍କ ଦର୍ଶନ ସକାଶେ ବହୁଦୂରରୁ ସାଧୁସନ୍ଥମାନେ ଆସୁଥାଆନ୍ତି । ତାଙ୍କ ପାଖରେ ଯାହା ଥାଏ, ସମସ୍ତ ସନ୍ଥସେବାରେ ଲଗାଇଦିଅନ୍ତି । ଦିନେ ଗୋଟିଏ ସନ୍ଥମଣ୍ଡଳୀକୁ ସମସ୍ତ ଲୁଗା ବାଣ୍ଟିଦେଲେ । ମୂଳଧନ ବି ରଖିଲେ ନାହିଁ । ସେହି ଦିନରୁ ହେଲା ବ୍ୟାପାର ବନ୍ଦ । ସ୍ତ୍ରୀ ଏବଂ ମା'ଙ୍କର ଆଗ୍ରହ ଏବଂ ଜବରଦସ୍ତି ଯୋଗୁଁ ଆରମ୍ଭ କଲେ କୁଳଗତ ସିଲାଇ କାମ । ସେଥିରେ ଯାହା ମିଳେ ପରିବାର

ପୋଷଣ ହୁଏ, ସନ୍ଥସେବା ମଧ୍ୟ ହୁଏ । ତାଙ୍କର ଭଗବତ୍ ନାମରେ ଦୃଢ଼ ବିଶ୍ୱାସ ଥିବାରୁ ସେ ସର୍ବଥା ନିର୍ଭୀକ ରହୁଥିଲେ ।

ତାଙ୍କ ଭକ୍ତି ପ୍ରଭାବ ଶୁଣି ଦିଲ୍ଲୀ ବାଦଶାହ ସିକନ୍ଦର ଲୋଦ୍ଧୀ ତାଙ୍କୁ ଥରେ ଡକାଇ କହିଲେ, ''ମୁଁ ଶୁଣିଛି ତୁମେ ଭଗବାନ୍(ସାହେବ)ଙ୍କ ସାକ୍ଷାତ୍‌କାର ପାଇଛ । ମୋତେ ସାହେବଙ୍କୁ ଦର୍ଶନ କରାଇଦିଅ ଏବଂ କୌଣସିପ୍ରକାର କରାମତି ଦେଖାଅ ।'' ନାମଦେବ ଉତ୍ତର ଦେଲେ, ''ଯଦି ମୋର କରାମତି ଥାଆନ୍ତା, ତେବେ ମୁଁ ଉଦରପାଳନ ସକାଶେ ଦରଜି କାମ କରନ୍ତି କାହିଁକି ? ସମସ୍ତ ଦିନ ପରିଶ୍ରମ କରିବାରେ ଯାହା ପ୍ରାପ୍ତ ହୁଏ ସନ୍ଥମାନଙ୍କ ସହିତ ବାଣ୍ଟି ଭୋଜନ କରେ । କେବଳ ସନ୍ଥମାନଙ୍କ କୃପାରୁ ମୋତେ ଭକ୍ତ ବୋଲି ଲୋକେ କହନ୍ତି ।'' ବାଦଶାହ କହିଲେ, ''ତାହା ହେବ ନାହିଁ, ଏଇ ମୃତ ଗାଈକୁ ବଞ୍ଚାଇଦେଇ ଘରକୁ ଚାଲିଯାଅ । ଅନ୍ୟଥା ଏଠାରୁ ଯାଇପାରିବ ନାହିଁ ।'' ଏକଥା ଶୁଣି ନାମଦେବଜି ଗୋଟିଏ ପଦ ଗାଇଲେ –

''ବିନତୀ ସୁନୁ ଜଗଦୀଶ ହମାରୀ ।
ତେରୌ ଦାସ ଆସ ମୋହିଁ ତେରୀ, ଇତ କରୁ କାନ ମୁରାରୀ ॥
ଦୀନାନାଥ ! ଦୀନ ହ୍ୱୈ ଟେରତ, ଗାୟହିଁ କ୍ୟୌଁ ନ ଜିୟାଓ ।
ଆଛେ ସବୈ ଅଙ୍ଗ ହୈଁ ୟାକେ, ମେରେ ୟଶହିଁ ବଢ଼ାଓ ॥
ଜୋ କହୋ ୟାକେ କରମହିଁ ମେଁ ନହିଁ ଜୀବନ ଲିଖ୍ୟୋ ବିଧାତା ।
ତୋ ଅବ ନାମଦେବ ଆୟୁଷ ତେଁ ହୋହୁ ତୁମହିଁ ଦାତା ॥''

''ହେ ପ୍ରଭୁ, ମୋ ପ୍ରାର୍ଥନା ଶୁଣ, ମୁଁ ତୁମରି ଦାସ ଏବଂ ତୁମରି ଆଶ୍ରୟ ଛଡ଼ା ମୋର ଅନ୍ୟ ଆଶ୍ରୟ ନାହିଁ, ମୋ ପ୍ରାର୍ଥନା ପ୍ରତି ଟିକିଏ କର୍ଣ୍ଣ ଦିଅ । ତୁମେ ଦୀନନାଥ, ମୁଁ ଦୀନ ହୋଇ ତୁମକୁ ଡାକୁଛି, ଗାଈକୁ ଜୀବିତ କରିଦିଅ, ଏହାର ସମସ୍ତ ଅଙ୍ଗ ଭଲ ଅଛି ଏବଂ ଜୀବଦାନ ଦେବ ତୁମେ, ଏଥିରେ ମୋର କିଛି କରିବାର ନାହିଁ; କିନ୍ତୁ ଏହି କାର୍ଯ୍ୟ ଦ୍ୱାରା ତୁମେ ମୋ

ଯଶଃକୁ ବଢ଼ାଅ । ଯଦି କହ ଏହାର କର୍ମରେ ବିଧାତା ଜୀବନ ଲେଖି ନାହିଁ, ତେବେ ହେ ପ୍ରଭୁ, ନାମଦେବ ଆୟୁଷରୁ ଏହାକୁ ଦାନ କର ।''

ଭକ୍ତ ପ୍ରାର୍ଥନା ଭଗବାନ୍ ଶୁଣି ଗାଈକୁ ଜୀବିତ କରିଦେଲେ । ଏହି ଚମତ୍କାରିତା ଦେଖି ମୁସଲମାନ ବାଦଶାହ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ କିଛି ଗ୍ରାମ ଦେବାକୁ ଆଗ୍ରହ କଲେ । ନାମଦେବଜି ଦୃଢ଼ତା ସହ ତାହା ଅସ୍ୱୀକାର କଲେ । ଶେଷରେ ବାଦଶାହ ସୁବର୍ଣ୍ଣ ଓ ମଣିଜଡ଼ିତ ବହୁମୂଲ୍ୟ ଗୋଟିଏ ପଲଙ୍କ ଦେଲେ । ବାଦଶାହଙ୍କର ବହୁତ ଆଗ୍ରହ ଦେଖି ନାମଦେବଜି ସେହି ପଲଙ୍କକୁ ମୁଣ୍ଡାଇ ଚାଲିବାକୁ ଆରମ୍ଭ କଲେ । ବାଦଶାହ କହିଲେ, ''ପଲଙ୍କ ନେବାର ଲୋକ ତୁମ ସଙ୍ଗେ ପଠାଉଛି, ସେମାନେ ତୁମ ଘରେ ଦେଇ ଫେରିଆସିବେ ।'' କିନ୍ତୁ ନାମଦେବଜି ନିଜ ମଥାରେ ମୁଣ୍ଡାଇନେବା ପସନ୍ଦ କରିବାରୁ ବାଦଶାହ ଅଧିକ ଜୋର୍ କଲେ ନାହିଁ । କିନ୍ତୁ ବହୁମୂଲ୍ୟ ପଲଙ୍କ ଡକାୟତ ରାସ୍ତାରେ ଛଡ଼ାଇ ନେଇପାରନ୍ତି, ସେହି ଆଶଙ୍କାରେ ତାଙ୍କ ପଛରେ ପଲଙ୍କ ରକ୍ଷା ସକାଶେ କିଛି ଲୋକ ପଠାଇଦେଲେ । ନାମଦେବଜି ପଲଙ୍କ ଆଣି ଭଗବାନଙ୍କୁ ସମର୍ପଣ କରି ଯମୁନାଜଳରେ ପକାଇ ଦେଇ ଘରକୁ ଫେରିଆସିଲେ । ବାଦଶାହଙ୍କ ସେବକମାନେ ଏ ଘଟଣା ଦେଖି ସେହିଠାରୁ ଫେରି ବାଦଶାହଙ୍କୁ ସମସ୍ତ ଘଟଣା କହିଦେଲେ । ଏହି ଘଟଣା ଶୁଣି ବାଦଶାହ କ୍ରୋଧ ସହିତ ତାଙ୍କ ନିର୍ଲୋଭତାରେ ଆଶ୍ଚର୍ଯ୍ୟ ବି ହେଲେ । ସେହିକ୍ଷଣି ଲୋକ ପଠାଇ ନାମଦେବଜିଙ୍କୁ ଡକାଇ ଆଣିଲେ । ନାମଦେବଜି ଆସି ବାଦଶାହଙ୍କୁ କହିଲେ, ''ମୋତେ ପୁନରାୟ କାହିଁକି ଡାକିଲେ ?'' ବାଦଶାହ କହିଲେ, ''ମୁଁ ସେହିପରି ଗୋଟିଏ ପଲଙ୍କ ତୟାର କରାଉଛି, କାରିଗରମାନେ ସେ ପଲଙ୍କଟିକୁ ଥରେ ଦେଖିବାକୁ ଚାହୁଁଛନ୍ତି; ତୁମେ ସେଇଟିକୁ ଥରେ ଦେଖିବାକୁ ଦିଅ ।'' ଏହି କଥାରେ ନାମଦେବଜି କୌଣସି ଉତ୍ତର ନ ଦେବାରୁ ସେଥିରେ ତାଙ୍କର ସମ୍ମତି ଥିବାର ଜଣାଗଲା । ଏଥିରେ ବାଦଶାହ ଅଧିକ ସନ୍ଦେହ ସହ ବିସ୍ମିତ ହେଲେ ଏବଂ ଏହି ରହସ୍ୟ ଜାଣିବା ବିଳମ୍ବତାରେ ଧୈର୍ଯ୍ୟ ରଖିପାରିଲେ ନାହିଁ । ମନ୍ତ୍ରୀ ତଥା ଦରବାରର ଅନ୍ୟ ସେବକମାନଙ୍କ ସହିତ ସେ ସ୍ୱୟଂ ନାମଦେବଙ୍କ ସଙ୍ଗେ ଯାତ୍ରା କଲେ ।

ନାମଦେବଜି ଯମୁନା କୂଳରେ ପହଞ୍ଚି ଜଳରେ ପ୍ରବେଶ କରିଗଲେ ଏବଂ ସେହି ଜଳ ମଧ୍ୟରୁ ଗୋଟା ଗୋଟା କରି ବହୁତ ପଲଙ୍କ ବାହାର କରିଆଣି କୂଳରେ ରଖିଲେ । ବାଦଶାହଙ୍କୁ କହିଲେ, ''ଏହା ମଧ୍ୟରୁ ତୁମର ଯେଉଁ ଗୋଟିକ ହୋଇଥିବ ଚିହ୍ନି ନିଅ ।'' ଏହି ଘଟଣାରେ ବାଦଶାହ ବହୁତ ଭୟଭୀତ ହୋଇ ନାମଦେବଜିଙ୍କୁ ପ୍ରାର୍ଥନା କରି କହିଲେ, ''ମୋଦ୍ୱାରା ଭକ୍ତ-ଅପରାଧ ହେବାରୁ ଭଗବାନ୍ ମୋ ଉପରେ ଅପ୍ରସନ୍ନ ହୋଇଛନ୍ତି, ମୋ ଅପରାଧ କ୍ଷମା କରାଇଦିଅନ୍ତୁ ।'' ନାମଦେବଜି କହିଲେ, ''ଆଜିଠାରୁ ସନ୍ଥମାନଙ୍କୁ କୌଣସିପ୍ରକାର କଷ୍ଟ ନ ଦେବାକୁ ପ୍ରତିଜ୍ଞା କର, ତେବେ ତୁମ ଅପରାଧ ଭଗବାନ୍ କ୍ଷମା କରିଦେବେ ।'' ବାଦଶାହ ପ୍ରତିଜ୍ଞା କଲେ ତଥା ନାମଦେବଙ୍କୁ ବହୁତ ଅନୁନୟବିନୟ କରି ଫେରିଯିବାକୁ ଚାହିଁଲେ । ବାଦଶାହ ଯିବା ସମୟରେ ନାମଦେବଜି କହିଲେ, ''ମୋତେ ପୁନର୍ବାର କେବେ ଡକାଇବ ନାହିଁ ।'' ଏହା ମଧ୍ୟ ସେ ଶିରୋଧାର୍ଯ୍ୟ କଲେ ।

ନାମଦେବଜିଙ୍କ ହୃଦୟ ଭଗବାନଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ସେ ପଣ୍ଡରୀନାଥଙ୍କ ଦର୍ଶନ କରି ଘରକୁ ଫେରିବା ନିଶ୍ଚୟ କରି ଯାତ୍ରା ଆରମ୍ଭ କଲେ । ଦର୍ଶନ କରିବା ମନୋରଥ ଯୋଗୁଁ ଭଗବାନଙ୍କ ଭକ୍ତି-ସ୍ରୋତରେ ତାଙ୍କର ସମସ୍ତ ଇନ୍ଦ୍ରିୟ ନିମଜ୍ଜିତ ହୋଇଗଲା । ତାଙ୍କର ସମସ୍ତ ବୃତ୍ତି ଭଗବତ୍ ଚିନ୍ତନରେ ବୁଡିଗଲା । ସେ ଯନ୍ତ୍ରବତ୍ ଚାଲି ପଣ୍ଡରପୁରରେ ବିଠଲଙ୍କ ମନ୍ଦିରରେ ପହଞ୍ଚିଲେ । ମନ୍ଦିରରେ ଦର୍ଶନାର୍ଥୀଙ୍କର ଥିଲା ବହୁତ ଭିଡ଼ । ମନ୍ଦିର ବାହାରେ ଥିଲା ସେମାନଙ୍କର ବହୁତ ଜୋତା । ତାଙ୍କର ଏକେବାରେ ବାହ୍ୟଜ୍ଞାନ ନ ଥିଲା, ସେ ନିଜ ଜୋତାକୁ କେଉଁଠି ରଖିବେ ଭାବିପାରିଲେ ନାହିଁ । ଜୋତାକୁ ଚାଦରରେ ରଖି ଅଣ୍ଟାରେ ବାନ୍ଧି ଲୋକ ଭିଡ଼କୁ ଦୁଇହାତରେ ପାଖେଇ ଦେଇ ସିଧା ଭଗବାନଙ୍କ ପାଖରେ ପହଞ୍ଚିଗଲେ । ଦର୍ଶନରେ ତାଙ୍କ ପାର୍ଥିବ ଚେତନା ଭଗବତ୍ ରୂପାନନ୍ଦରେ ନିମଗ୍ନ ହୋଇଗଲା । ସେ ପଦ ଗାଇବାକୁ ଆରମ୍ଭ କରୁଥିଲେ । ସେହି ସମୟରେ କୌଣସି ବ୍ୟକ୍ତି ତାଙ୍କ ଅଣ୍ଟାରେ ବନ୍ଧା ହୋଇଥିବା ଜୋତାକୁ ଦେଖିନେଲେ । ଭଗବାନଙ୍କ ମନ୍ଦିର ଅତ୍ୟନ୍ତ ପବିତ୍ର ସ୍ଥାନକୁ ଜୋତା

ଆଣିବା ତାଙ୍କୁ ସହ୍ୟ ହେଲା ନାହିଁ । ଏହା ଭଗବାନଙ୍କ ପ୍ରତି ଅପମାନ ବୋଲି ସେ ମନେକଲେ । ତାଙ୍କର ହେଲା ଭୟଙ୍କର ରାଗ । ସେ ରାଗରେ ଉତ୍ତେଜିତ ହୋଇ ନାମଦେବଙ୍କ ଉପରେ ବିଧା, ଚାପୁଡ଼ା ବୃଷ୍ଟି କଲେ । ଏଥିରେ ସହଯୋଗ କଲେ ମନ୍ଦିରର ପୂଜାରୀ ତଥା ଅନ୍ୟ ଦର୍ଶନାର୍ଥୀମାନେ । ନାମଦେବଜିଙ୍କୁ ପେଲାପେଲି, ଧକ୍‌କାଧକ୍‌କି କରି ଟାଣିଓଟାରି ମନ୍ଦିରରୁ ବାହାର କରିଦେଲେ । ନାମଦେବଜିଙ୍କର ହୋସ୍ ଆସିଲା । ସେ ନିଜ ଅପରାଧ ବୁଝିପାରିଲେ । ଦେଉଳ ପଛଆଡ଼େ ବସି ଯାହା କହିଥିଲେ, ନାଭାଜିଙ୍କ 'ଭକ୍ତମାଳ'ର ଟୀକାକାର ପ୍ରିୟାଦାସଜି ଲେଖିଛନ୍ତି –

''ବେଠେ ପିଛବାରେ ଜାଇ 'କୀନୀ ଜୁ ଉଚିତ ୟହ,
ଲୀନୀ ଜୋ ଲଗାଇ ଚୋଟ, ମେରେ ମନ ଭାଇୟୈ ।
କାନ ଦୈକେଁ ସୁନୋ ଅବ, ଚାହତ ନ ଔର କଛୁ,
ଠୌର ମୋକୌଁ ୟହୀ, ନିତ ନେମ-ପଦ ଗାଇୟୈ' ।
ମୂନତ ହୀ ଆନି କରି କରୁନା-ବିକଲ ଭୟୋ,
ଫେର୍‍ୟୋ ଦ୍ୱାର, ଇତୈଁ ଗହି ମନ୍ଦିର ଫିରାଇୟୈଁ ।
ଜେତିକ ବେ ସୋତୀ ମୋତୀ ଆବ-ସୀ ଉତରି ଗଈ,
ଭଈ ହିୟେ ପ୍ରୀତି, ଗହେ ପାୟଁ ସୁଖଦାଇୟୈଁ ॥''

''ଦେଉଳ ପଛଆଡ଼େ ବସି କହିଲେ, 'ପ୍ରଭୁ, ଲୋକେ ମୋତେ ମାରି ଆଘାତ କରି ମନ୍ଦିରରୁ ବାହାର କରିଦେବା ଉଚିତ ଥିଲା । ମୁଁ ଦୋଷ କରିଥିଲି, ଦଣ୍ଡ ପାଇବା ସ୍ୱାଭାବିକ ଥିଲା । ସେ ସକାଶେ ମୁଁ ଦୁଃଖ ମନେକରୁ ନାହିଁ । କିନ୍ତୁ ମୋ ସକାଶେ ଅନ୍ୟ କୌଣସି ସ୍ଥାନ ନାହିଁ । କେବଳ ତୁମରି ଦରବାରହିଁ ମୋର ଆଶ୍ରୟସ୍ଥଳ । ପ୍ରଭୁ, ମୋ ପ୍ରାର୍ଥନାକୁ ଟିକିଏ କାନ ଦେଇ ଶୁଣ । ପ୍ରଭୁ, ମୁଁ ଆଉ କିଛି ଚାହୁଁ ନାହିଁ, ଚାହୁଁଛି ତୁମ ପାଖରେ ଯେପରି ସ୍ତୁତିଗାନ କରି ତୁମକୁ ଶୁଣାଉଥିଲି ସେହିପରି ଶୁଣାଇବି ।' ଏତିକି ପ୍ରାର୍ଥନା କରି ପଦ ଗାଇବା ଆରମ୍ଭ କଲେ । ଭଗବାନ୍ ଭକ୍ତର ଆନ୍ତରିକ କରୁଣ ପ୍ରାର୍ଥନାରେ ଦ୍ରବିତ ହୋଇଗଲେ । ଭଗବାନଙ୍କ କୃପାରେ ମନ୍ଦିର ବୁଲି ନାମଦେବଜି ଯେଉଁଠି

ବସିଥିଲେ ସେହି ଦିଗକୁ ଦ୍ୱାର ହୋଇଗଲା । ଏହି ଆଶ୍ଚର୍ଯ୍ୟ ଘଟଣା ଦେଖି ବଡ଼ ବଡ଼ ବେଦଜ୍ଞ ବ୍ରାହ୍ମଣମାନଙ୍କର ମୋତିରୁ ପାଣି ଉତରି ଯିବା ସଦୃଶ ମୁଖ ଶୁଖିଗଲା । ନାମଦେବଙ୍କ ପ୍ରତି ସେମାନଙ୍କର ଭକ୍ତି ଏବଂ ସମ୍ମାନ ଭାବ ଉତ୍ପନ୍ନ ହେଲା । ସେମାନେ ନାମଦେବଜିଙ୍କ ଚରଣରେ ପଡ଼ି ନିଜ ଅପରାଧର କ୍ଷମା ଚାହିଁଲେ ।''

ଭଗବାନଙ୍କ କୃପା ଦେଖି ନାମଦେବଙ୍କ ହୃଦୟ କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ସେ ଭଗବାନଙ୍କ ସ୍ତୁତିଗାନରେ ଶରୀରର ଶୁଦ୍ଧି ବୁଦ୍ଧି ଭୁଲିଗଲେ ।

ଭଗବାନଙ୍କ ସହିତ ନାମଦେବଙ୍କର ଏକତ୍ୱବୋଧ ଅଧିକରୁ ଅଧିକ ହେବାକୁ ଲାଗିଲା । ସେ ପ୍ରତ୍ୟେକ କାର୍ଯ୍ୟ ଭଗବାନଙ୍କ ସାକ୍ଷାତ୍ ନିର୍ଦ୍ଦେଶ ତଥା ପ୍ରେରଣାରେ କରୁଥିଲେ ।

ଦିନେ ସନ୍ଧ୍ୟା ସମୟରେ ନାମଦେବଜିଙ୍କ ଛପର ଘରେ ଅଗ୍ନି ଲାଗିଲା । ସେ ସବୁ ବସ୍ତୁ, ସମସ୍ତ ଘଟଣାରେ ଭଗବାନଙ୍କୁ ଅନୁଭବ କରୁଥିଲେ । ''ଭଗବାନଙ୍କ ବିଧାନ ଛଡ଼ା ଅନ୍ୟ କିଛି ଘଟେ ନାହିଁ''– ଏଥିରେ ତାଙ୍କର ଅଟଳ, ଦୃଢ଼ ବିଶ୍ୱାସ ଥିଲା । ସେ ଅଗ୍ନିରେହିଁ ନିଜ ଇଷ୍ଟଦେବ ପ୍ରାଣପ୍ରିୟଙ୍କୁ ଦେଖିପାରିଲେ । ଅଗ୍ନିରୂପେ ଭଗବାନ୍ ପ୍ରକଟ ହୋଇଥିବାରୁ ପୂଜାରୂପେ ଘରର ସମସ୍ତ ବସ୍ତୁ ଆଣି ଆନନ୍ଦରେ ଅଗ୍ନିରେ ପକାଉଥିଲେ । ତାଙ୍କର ଏପରି ଭାବ ଦେଖି ଭଗବାନ୍ ପ୍ରକଟ ହୋଇ କହିଲେ, ''ନାମଦେବ, ତୁ ଅଗ୍ନିରେ ବି ମୋତେ ଦେଖୁଛୁ ?'' ନାମଦେବ ହାତ ଯୋଡ଼ି କହିଲେ, ''ପ୍ରଭୁ, ତୁମେ କେଉଁଠି ନାହଁ ? ଘର ତୁମର, ତୁମ ଘରେ ତୁମ ଛଡ଼ା ଅନ୍ୟ କେହି ଆସିପାରେ ?'' – ''ତୁମ୍ହରୋ ଭବନ ଔର ସର୍କେ କୌନ ଆଇ ଇହାଁ ?''

ଏକଥା ଶୁଣି ଭଗବାନ୍ ପ୍ରସନ୍ନ ହେଲେ ଏବଂ ରାତିକ ମଧ୍ୟରେ ଘର ଛପର କରିଦେଲେ । – ''ଭଏ ଯୌଁ ପ୍ରସନ, ଛାନି ଛାଇ ଆପ ସାରିୟୈ ।''

ସନ୍ଧ୍ୟାରେ ଗ୍ରାମର ସମସ୍ତ ଲୋକ ଘର ପୋଡ଼ିଯାଇଥିବା ଦେଖିଥିଲେ । ସକାଳେ ପୂର୍ବାପେକ୍ଷା ଅଧିକ ସୁନ୍ଦର ଛପର ଦେଖି ସେମାନଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଏପରି ସୁନ୍ଦର ଛପର ଗ୍ରାମବାସୀମାନେ କେବେ ଦେଖି

ନ ଥିଲେ । ସେମାନେ କହିଲେ, ''ନାମଦେବଜି, ତୁମ ଘର ଯେଉଁ ବ୍ୟକ୍ତି ଛପର କରିଛନ୍ତି ତାଙ୍କ ନାମ କହ, ଆମ୍ଭେମାନେ ତାଙ୍କୁ ଅଧିକ ମଜୁରି ଦେଇ ଆମ ଘର ଛପର କରାଇ ନେବୁ ।'' ନାମଦେବଜି ଲେଖିଛନ୍ତି –

''ଲୋଗ ପରୋସିନ ପୂଛେଁ ରେ ନାମା କିନ ଯହ ଛାନି ଛୟାଇ ।
ତାତେ ଅଧିକ ମଜୁରୀ ଦୈହୋଁ, ବେଗହି ଦେଉ ବତାଇ ।''
ନାମଦେବଜି ସେମାନଙ୍କୁ ଉତ୍ତର ଦେଇଛନ୍ତି –
''ବୈଠିୟା ପ୍ରୀତି ମଜୁରୀ ମାଁଗୈ, ଜୋ କୋଇ ଛାନି ଛବାବୈ ।

ଭାଇ ବନ୍ଧୁ ସଗେ ସୋଁ ତୋରେ ବୈଠିୟା ଆପୁ ହୀ ଆବୈ ॥
ଜୁଁ ଠେ ଫଲ ସବରୀ କେ ଖାୟେ ରଷି ସ୍ଥାନ ବିସରାବୈ ।
ଦୁର୍ଯୋଧନ କେ ମେବାତ୍ୟାଗେ ସାଗ ବିଦୁର ଘର ଖାବୈ ॥
କଚନ ଛାନି ପଦ୍ମପଟ ଦୀନେ ପ୍ରୀତି କୀ ଗାଁଠ ଜୁରାଇ ।
ଗୋବିନ୍ଦ କେ ଗୁନ ଭନେ 'ନାମଦେବ' ଜିନ ଯହ ଛାନି ଛବାଇ ॥''

''ଛପର କରିବା ବ୍ୟକ୍ତି ବିଠଲ ଟଙ୍କାପଇସା ଚାହେଁ ନାହିଁ । ସେ କେବଳ ଛପର କରାଇବା ବ୍ୟକ୍ତିଙ୍କଠାରୁ ପ୍ରେମଭକ୍ତି ଚାହେଁ । ଭାଇବନ୍ଧୁ, କୁଟୁମ୍ବ, ପରିବାରରୁ ମମତା ତ୍ୟାଗ କଲେ ବିଠଲ ଆପେ ଆସନ୍ତି । ସେହି ବିଠଲ ରଷିମାନଙ୍କ ସ୍ଥାନକୁ ନ ଯାଇ ପଚାରି ପଚାରି ଶବରୀ କୁଟିଆକୁ ଯାଇ ଅଇଁଠା ଫଳ ଖାଇଥିଲେ । ଦୁର୍ଯୋ୍ୟାଧନର ନାନାପ୍ରକାର ଉତ୍ତମ ଭୋଜନ ତ୍ୟାଗ କରି ପ୍ରେମବଶରେ ବିଦୁର ଘରେ ଶାଗ ଖାଇ ମହାନ୍ ଆନନ୍ଦ ଅନୁଭବ କରିଥିଲେ । ସେହି ଭଗବାନ୍ ତାଙ୍କର କୃପାରୂପ କାଞ୍ଚନ ଓ ପଦ୍ମରାଗମଣିରେ ଛପର କରି ପ୍ରେମରୂପ ଗଣ୍ଠି ଦିଅନ୍ତି । ଏହିପରି ଛପର କରିଥିବା ବ୍ୟକ୍ତି ଗୋବିନ୍ଦଙ୍କର ଗୁଣ ନାମଦେବ ଗାନ କରେ ।''

ଏହିସବୁ ଘଟଣାରେ ନାମଦେବଜିଙ୍କର ଭକ୍ତି ବିଶେଷରୂପେ ପ୍ରସାରିତ ହେବାକୁ ଲାଗିଲା । ସେ ପୂର୍ବରୁ ଅଧିକାଂଶ ସମୟ ଘରୁ ଆସି ପଣ୍ଡରପୁରରେ ରହୁଥିଲେ । ଶେଷରେ ଘର ଛାଡ଼ି ଆସି ପଣ୍ଡରପୁରରେ ନିବାସ କଲେ ।

ସେ ସମୟରେ ପଣ୍ଡରପୁରରେ ବହୁତ ଉଚ୍ଚକୋଟୀର ଭକ୍ତ ଥିଲେ । ସେମାନଙ୍କ ସମ୍ପର୍କରେ ନାମଦେବଙ୍କୁ ବିଶେଷ ପ୍ରସନ୍ନତା ହେଉଥିଲା ।

ପଣ୍ଡରପୁରରେ ଜଣେ ଶେଠ ନିବାସ କରୁଥିଲେ । ସେ ଥିଲେ ସରଳ ଓ ହୃଦୟବାନ୍ ବ୍ୟକ୍ତି । ପ୍ରାୟ ସାଧୁ ବ୍ରାହ୍ମଣ, ଦୁଃଖୀରଙ୍କୀଙ୍କୁ କିଛି କିଛି ଦାନ କରୁଥିଲେ । ଦିନେ ତାଙ୍କ ମନରେ ଜାଗିଲା ନିଜ ଶରୀର ଓଜନରେ ସୁବର୍ଣ୍ଣ ଦାନ କରିବାକୁ । ଦିନ ନିର୍ଦ୍ଦିଷ୍ଟ ହେଲା । ସାଧୁ ବ୍ରାହ୍ମଣଙ୍କୁ ନିମନ୍ତ୍ରଣ ହେଲା । ନିଜ ଶରୀର ଓଜନରେ ସୁବର୍ଣ୍ଣ ତଉଲି ସେଥିରୁ ଦାନ କଲେ । ବହୁତ ବ୍ୟକ୍ତି ଆସିଲେ, ଦାନ ନେଇ ଚାଲିଗଲେ । ଏତେ ସୁବର୍ଣ୍ଣ ଦାନ ଦେବା ତ ସହଜ ନୁହେଁ, ଏଥିରେ ତାଙ୍କର ଗର୍ବ ହେବା ସ୍ୱାଭାବିକ ଥିଲା । କିନ୍ତୁ ତାଙ୍କ ଦୃଷ୍ଟି ଥିଲା ନାମଦେବଜିଙ୍କ ଉପରେ । ନାମଦେବଜି ଆସିଲେ ନାହିଁ । ଏତେ ବଡ଼ ଭକ୍ତ ନାମଦେବଜି ନ ଆସିଲେ ଦାନ ପୂରା ହେବ କିପରି ? ଶେଷରେ ତାଙ୍କୁ ବହୁତ ବିନୟ କରି ଡକାଇ ଆଣିଲେ । ନାମଦେବଜି କହିଲେ, ''ଶେଠଜି, ଏତେ ସନ୍ଥମହାତ୍ମା, ବ୍ରାହ୍ମଣଙ୍କୁ ଦାନ ଦେଇଛ, ସେଥିରେ ତୁମ ଦାନ ସାର୍ଥକ ହୋଇସାରିଛି ।'' ଶେଠଜି ହାତ ଯୋଡ଼ି କହିଲେ, ''ନାହିଁ ମହାରାଜ, ତୁମେ କିଛି ସ୍ୱୀକାର କର ।'' ଶେଠଜିଙ୍କର ବହୁତ ଆଗ୍ରହ ଏବଂ ଅନ୍ତରରେ ଦାନର ଗର୍ବ ନାମଦେବଜି ଦେଖିପାରିଲେ । ଶେଠଙ୍କ କଲ୍ୟାଣ ସକାଶେ ଭଗବାନଙ୍କ ପ୍ରେରଣାରେ ଗୋଟିଏ ତୁଳସୀପତ୍ରରେ ରାମନାମରୁ ଅଧା କେବଳ 'ରା' ଲେଖି କହିଲେ, ''ଆଚ୍ଛା, ତୁମର ଯଦି ଅଧିକ ଆଗ୍ରହ ତେବେ ଏହାରି ଓଜନରେ ସୁବର୍ଣ୍ଣ ମୋତେ ଦେଇଦିଅ ।'' ଶେଠଜି ହାତ ଯୋଡ଼ି କହିଲେ, ''ମହାରାଜ, କୃପା କରି ଏତେ କଷ୍ଟ ସ୍ୱୀକାର କରି, ଏତେ ଦୂରରୁ ଆସିଛନ୍ତି, ଏତେ ଟିକିଏ ସୁନା ନେବେ କ'ଣ ? ଅଧିକ କିଛି ନିଅନ୍ତୁ ।'' ନାମଦେବଜି କହିଲେ ''ପ୍ରଥମରେ ମୋତେ ଏହାରି ଓଜନରେ ଦେଇଦିଅ, ପରେ ଯେତେ ଇଚ୍ଛା, ତେତେ ଦେବ ।'' ତରାଜୁ ଆସିଲା । ଗୋଟିଏ ପାଖରେ ରଖା ହେଲା ଅଧା ରାମନାମ ଲିଖିତ ତୁଳସୀପତ୍ର, ଅନ୍ୟ ପାଖରେ ରହିଲା ସୁନା । ପ୍ରଥମରେ ଅଳ୍ପ ସୁନା ରଖାଗଲା । କିନ୍ତୁ ତୁଳସୀପତ୍ର ଥିବା ପଲା ନ ଉଠିବାରୁ କ୍ରମଶଃ ଅଧିକ ଅଧିକ ସୁବର୍ଣ୍ଣ

ରଖାଗଲା । ଶେଠଙ୍କ ଶରୀର ସମାନ ଓଜନ ହୋଇଥିବା ସୁନା ମଧ୍ୟରୁ ଅବଶିଷ୍ଟ ଥିବା ସୁନା ପଲାରେ ରଖିବା ସମାପ୍ତ ହେବାରୁ ଘରେ ରଖାହୋଇଥିବା ସୁବର୍ଣ୍ଣ ଆସିଲା । ଶେଷରେ ଆସିଲା ଅଳଙ୍କାରପତ୍ର, ତଥାପି ତୁଳସୀପତ୍ର ଥିବା ପଲା ଉଠିଲା ନାହିଁ । ଘରେ ଥିବା ଟଙ୍କାପଇସା ଅଣାଇ ଶେଠଜି ରଖିଲେ, କୌଣସିମତେ ତରାଜୁ ସମାନ ହେଲା ନାହିଁ । ସମସ୍ତ ସମ୍ପତ୍ତି ଶେଷ ହେଲାପରେ ନାମଦେବଜି କହିଲେ, ''ଶେଠଜି, ତୁମ ଜୀବନରେ କରିଥିବା ଦାନପୁଣ୍ୟ, ତୀର୍ଥବ୍ରତ ସମସ୍ତ ସଂକଳ୍ପ କରି ରଖି ଦେଖ ।'' ଶେଠଜି ତାହାହିଁ କଲେ । ସେଥିରେ ତରାଜୁ ସମାନ ନ ହେବାରୁ ଶେଠଜିଙ୍କର ଦାନପୁଣ୍ୟର ଦମ୍ଭ ଦୂର ହେଲା । ସେ ନାମଦେବଜିଙ୍କ ଚରଣରେ ପଡ଼ି ନିଜ ଉଦ୍ଧାର ସକାଶେ କାତର ହୋଇ ପ୍ରାର୍ଥନା କଲେ । ଭଗବାନଙ୍କ କୃପାରୁ ଶେଠଜିଙ୍କ ଆନ୍ତରିକ ବ୍ୟାକୁଳତା ଦେଖି ନାମଦେବଜି କହିଲେ, ''ଭାଇ, ଦାନପୁଣ୍ୟ, ତୀର୍ଥବ୍ରତାଦି ଉତ୍ତମ କର୍ମ । ସେଥିରେ ଚିତ୍ତ ଶୁଦ୍ଧି ହୁଏ, କିନ୍ତୁ ଭଗବାନଙ୍କ ଚରଣରେ ବ୍ୟକ୍ତି ନିଜକୁ ଅର୍ପଣ ନ କଲେ ଜୀବନର ଯଥାର୍ଥ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି କରିପାରେ ନାହିଁ କିଂବା ଜନ୍ମମରଣ, ଦୁଃଖକଷ୍ଟରୁ ଉଦ୍ଧାର ହୋଇ ପରମାନନ୍ଦ ମଧ୍ୟରେ ନିବାସ କରିପାରେ ନାହିଁ । ଜୀବନର ଯଥାର୍ଥ ସୁଖ ପ୍ରାପ୍ତ ହୁଏ ଭଗବତ୍ ଭକ୍ତିରେ । ସଂସାରରେ ଯାହାକିଛି ଦେଖୁଛ, ସମସ୍ତ ଭଗବାନଙ୍କର । ତୁମେ ନିଜକୁ ଭଗବାନଙ୍କ ଚରଣରେ ନିବେଦନ କରିଦିଅ । ଘର, ପରିବାର, ସମ୍ପତ୍ତି ଭଗବାନଙ୍କର ବୋଲି ମାନିନିଅ । ନିଜକୁ ଭଗବାନଙ୍କ ସେବକ ମନେକରି ଭଗବତ୍ ସେବାରୂପେ ସମସ୍ତ କର୍ମ କରି ଭଗବାନଙ୍କ ଚରଣରେ ତାହା ସମର୍ପଣ କର । ନିରନ୍ତର ଭଗବାନଙ୍କ ନାମ ସ୍ମରଣ କର ।'' ଶେଠଜି ଧର୍ମପରାୟଣ ବ୍ୟକ୍ତି ଥିଲେ । ଭଗବାନଙ୍କ ନାମ ସ୍ମରଣ କରୁଥିଲେ, ଭକ୍ତି ମଧ୍ୟ ଥିଲା । କିନ୍ତୁ ଭଗବାନଙ୍କ ଅପେକ୍ଷା ଅଧିକ ଭରସା ଥିଲା ଦାନପୁଣ୍ୟ, ତୀର୍ଥୋପବାସ ଉପରେ । ଭଗବତ୍ ଉପଲବ୍ଧି ହୁଏ ସମସ୍ତ ଦାନପୁଣ୍ୟକୁ ଭଗବତ୍ ଚରଣରେ ଅର୍ପଣ କରି, ସମସ୍ତ ଆଶ୍ରୟ ତ୍ୟାଗ କରି ଏକମାତ୍ର ଭଗବାନଙ୍କ ଆଶ୍ରୟ ନେବାରେ । ଏହି ଜ୍ଞାନ ପ୍ରାପ୍ତ ହୁଏ ସନ୍ଥ, ଗୁରୁ, ଭଗବତ୍ କୃପାରେ । ଶେଠଜିଙ୍କ ଉପରେ ଭଗବାନ୍ କୃପା କରିବାରୁ ସନ୍ଥ

ନାମଦେବଜି ତାଙ୍କୁ ପ୍ରାପ୍ତ ହେଲେ ଏବଂ ତାଙ୍କର ମୋହାବରଣ ଦୂର କଲେ । ତାଙ୍କର ଦାନପୁଣ୍ୟ ଉପରେ ଥିବା ଭରସା ଦୂର ହେଲା, ନାମଦେବଙ୍କ କୃପାରୁ ସେ ଭଗବାନଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଭରସା ରଖି ଭକ୍ତି କଲେ ।

ନାମଦେବଜିଙ୍କର ଭଗବାନଙ୍କ ସହିତ ଅତ୍ୟନ୍ତ ଘନିଷ୍ଠ ସମ୍ବନ୍ଧ ହୋଇଯାଇଥିଲା । ଭଗବାନ୍ ତାଙ୍କ ସହିତ ଖେଳକୌତୁକ ବରାବର କରୁଥିଲେ । ସେ ତ ଆନନ୍ଦ ସ୍ୱରୂପ । ଭକ୍ତ ସହିତ ଖେଳ କରିବାକୁ ଭଲ ପାଆନ୍ତି । ପଣ୍ଡରପୁରରେ ଏକାଦଶୀ ବ୍ରତ ବହୁତ ପ୍ରଚଳିତ । ଏକାଦଶୀ ଦିନ ସମସ୍ତ ଭକ୍ତ ବାହାରୁ ଆସି ପଣ୍ଡରପୁରରେ ଏକତ୍ର ହୁଅନ୍ତି । ସମସ୍ତ ଦିନ ନିର୍ଜଳା ଉପବାସ କରି ଭଜନ, ଧ୍ୟାନ କରନ୍ତି । ରାତ୍ରିରେ ଜାଗରଣ କରି କୀର୍ତ୍ତନ କରନ୍ତି । ଏକାଦଶୀ ବ୍ୟତୀତ ହେବା ପରେ ଦ୍ୱାଦଶୀ ଦିନ ଅନ୍ନଗ୍ରହଣ କରନ୍ତି । ଦିନେ ଏକାଦଶୀ ବ୍ରତ ଥିଲା । ଜଣେ ଅତ୍ୟନ୍ତ ଦୁର୍ବଳ, ବୃଦ୍ଧ ବ୍ରାହ୍ମଣ ଆସି ନାମଦେବଙ୍କୁ କହିଲେ, ''ମୁଁ ବହୁତ କ୍ଷୁଧାର୍ତ୍ତ, ମୋତେ ଅନ୍ନଭୋଜନ ଦେଇ ମୋ ପ୍ରାଣରକ୍ଷା କର ।'' ନାମଦେବଜି କହିଲେ, ''ବ୍ରାହ୍ମଣଦେବ, ଆଜି ଏକାଦଶୀ, ଆଜି କୌଣସିମତେ ଅନ୍ନ ଦେଇପାରିବି ନାହିଁ ।'' ନାମଦେବଜି ନିଜ ନିଷ୍ଠାରେ ଅଟଳ ରହିଲେ । ଶେଷରେ ଅନ୍ନ ଅଭାବରୁ ବୃଦ୍ଧ ବ୍ରାହ୍ମଣଙ୍କ ପ୍ରାଣପକ୍ଷୀ ଶରୀର ଛାଡ଼ି ଚାଲିଗଲା । ସମସ୍ତ ବ୍ୟକ୍ତି କହିଲେ, ନାମଦେବଙ୍କୁ ବ୍ରହ୍ମହତ୍ୟାପାପ ଲାଗିଲା । କିନ୍ତୁ ନାମଦେବଜି ଟିକିଏ ମାତ୍ର ବିଚଳିତ ହେଉ ନ ଥା'ନ୍ତି । ବ୍ରାହ୍ମଣଙ୍କ ଶବଦାହ କରିବା ସକାଶେ ଚନ୍ଦ୍ରଭାଗା ନଦୀ କୂଳରେ କାଷ୍ଠ ଏକତ୍ର କରାଗଲା । ନାମଦେବଜି ବ୍ରାହ୍ମଣଙ୍କ ଶବ ନେଇ ଚିତାରେ ସ୍ୱୟଂ ବସିଗଲେ ଏବଂ ଅଗ୍ନି ଲଗାଇବାକୁ ନିଜ ସାଥୀଲୋକଙ୍କୁ କହିଦେଲେ । ମୃତ ବ୍ରାହ୍ମଣ ଭଗବାନଙ୍କ ରୂପରେ ପ୍ରକଟ ହୋଇ ନାମଦେବଙ୍କୁ ଚିତାରୁ ଟାଣିଆଣିଲେ । ନାମଦେବଜି ଖୁବ୍ ଆନନ୍ଦିତ ହେଲେ ଓ ଭଗବାନଙ୍କ ଚରଣରେ ମସ୍ତକ ରଖିଦେଲେ ।

ପ୍ରତି ଏକାଦଶୀ ନିୟମ ଅନୁସାରେ ଥରେ ରାତ୍ରିଜାଗରଣ ଏବଂ କୀର୍ତ୍ତନ ହେଉଥିଲା । ଦୈବାତ୍ ସେଦିନ ଘରେ ଜଳ ନ ଥିଲା । ଜଳ ପିଇବା ସକାଶେ ଚନ୍ଦ୍ରଭାଗା ନଦୀରୁ ଜଳ ଆଣିବା ଛଡ଼ା ଅନ୍ୟ ଉପାୟ ନ ଥାଏ । ଚନ୍ଦ୍ରଭାଗା

ନଦୀଘାଟରେ ଥାଆନ୍ତି ବହୁତ ଭୟଙ୍କର ପ୍ରେତ । ଯିଏ ଯାଏ, ସେଠାରେ ସେ ମୃତ୍ୟୁପ୍ରାପ୍ତ ହୁଏ । ସେହି ସକାଶେ ସେଠାକୁ ରାତ୍ରିରେ କେହି ଯାଆନ୍ତି ନାହିଁ । ନାମଦେବଙ୍କର ଭୟ ନ ଥାଏ । ସେ ଭୟ କରିବେ କାହାକୁ ? ସେ ତ ପ୍ରତ୍ୟେକ ବସ୍ତୁରେ ଭଗବାନଙ୍କୁ ଦେଖନ୍ତି । ନାମଦେବ ସ୍ୱୟଂ ଜଳ ଆଣିବାକୁ ଗଲେ । କେତେଗୁଡ଼ିଏ ପ୍ରେତ ଭୟଙ୍କର ବିକରାଳ ରୂପ ଧାରଣ କରି ପ୍ରକଟ ହେଲେ । ସେହି ପ୍ରେତମାନଙ୍କ ମଧ୍ୟରେ ନିଜ ପ୍ରଭୁଙ୍କୁ ଦେଖି ନାମଦେବଜି ଭକ୍ତିଭରେ ଏହି ପଦ ଗାଇଲେ –

''ୟେ ଆଏ ମେରେ ଲମ୍ୱକନାଥ ।
ଧରତୀ ପାଁବ ସ୍ୱର୍ଗ ଲୌଁ ମାଥୌ ଜୋଜନ ଭରି-ଭରି ହାଥ ॥
ଶିବ ସନକାଦିକ ପାର ନ ପାବେଁ ତୈସେଇ ସଖା ବିରାଜତ ସାଥ ।
ନାମଦେବକେ ସ୍ୱାମୀ ଅନ୍ତର୍ଯାମୀ କୀହ୍ନ୍ୟୋ ମୋହି ସନାଥ ॥''

ଭଗବାନ୍ ଯଦ୍ୟପି ପ୍ରତ୍ୟେକ ବସ୍ତୁରେ ବିଦ୍ୟମାନ ଥାଆନ୍ତି, ତଥାପି ବ୍ୟକ୍ତି ମାନସିକ ଚେତନାର ସୀମାରେ ବନ୍ଦି ହୋଇ ରହିଥିବାରୁ ଦୃଶ୍ୟମାନ ବସ୍ତୁକୁ ଭେଦ କରି ତା'ର ଅଭ୍ୟନ୍ତରସ୍ଥ ଭଗବାନଙ୍କୁ ଦେଖିପାରେ ନାହିଁ । ସେ ଏହି ପୃଥକତ୍ୱ, ଭେଦ, ମୋହ, ଅଜ୍ଞାନରେ ପଡ଼ି ବିଭିନ୍ନ ବସ୍ତୁ ବା ରୂପର ପାର୍ଥିବ ଗୁଣଧର୍ମ ଅନୁସାରେ ଦୁଃଖୀ-ସୁଖୀ ହୁଏ; ଶତ୍ରୁ-ମିତ୍ର ଧାରଣା କରେ । ନାମଦେବଜି ଏହି ଅଜ୍ଞାନମୋହକୁ ଅତିକ୍ରମ କରିସାରିଥିଲେ । ସେ ପ୍ରତ୍ୟେକ ବସ୍ତୁର ଅନ୍ତରାଳରେ ଭଗବାନଙ୍କୁ ଦେଖୁଥିଲେ । ଭଗବାନ୍ ଥିଲେ ତାଙ୍କ ସମ୍ମୁଖରେ ନିରାବରଣ । ଭଗବାନ୍ ପ୍ରକଟ ହୋଇ ନାମଦେବଙ୍କୁ ଅତ୍ୟନ୍ତ କୋମଳ ମେଘଗମ୍ଭୀର ସ୍ୱରରେ କହିଲେ, ''ନାମଦେବ ତୁ ପ୍ରେତ ମଧ୍ୟରେ ବି ମୋତେ ଦେଖୁଛୁ ?'' ନାମଦେବ ହାତ ଯୋଡ଼ି ଅତ୍ୟନ୍ତ ବିନୀତ ହୋଇ ପ୍ରେମଭରେ କହିଲେ, ''ପ୍ରଭୁ, ତୁମେ କେଉଁଠାରେ ନ ଥାଅ ? ତୁମ ଛଡ଼ା କ'ଣ କୌଣସି ରୂପ ହୋଇପାରେ, ମୋତେ କହନ୍ତୁ ?'' ଭଗବାନ୍ ଅତ୍ୟନ୍ତ ପ୍ରସନ୍ନ ହୋଇ ନାମଦେବଙ୍କ ମସ୍ତକରେ ବରଦ ହସ୍ତ ରଖିଦେଲେ ।

ମହାରାଷ୍ଟ୍ରରେ ଜ୍ଞାନେଶ୍ୱର ନାମରେ ଜଣେ ମହାନ୍ ପ୍ରସିଦ୍ଧ ସିଦ୍ଧମହାତ୍ମା

ଥିଲେ । ତାଙ୍କର ଭଗବାନଙ୍କ ସହିତ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତ ହୋଇଥିଲା । ସେ ତୀର୍ଥଯାତ୍ରାକୁ ଯିବା ସମୟରେ ନାମଦେବଜିଙ୍କୁ ତାଙ୍କ ସଙ୍ଗରେ ଯିବାକୁ କହିଲେ । ନାମଦେବଜି ଉତ୍ତର ଦେଲେ, ''ତୁମେ ବିଠଲ ଭଗବାନଙ୍କଠାରୁ ଆଜ୍ଞା ନେଇନିଅ, ମୁଁ ତୁମ ସଙ୍ଗରେ ଯିବି ।'' ଜ୍ଞାନେଶ୍ୱରଜି ବିଠଲଙ୍କୁ ପଚାରିଲେ । ବିଠଲ ଉତ୍ତର ଦେଲେ, ''ତୁ ନାମଦେବକୁ ସଙ୍ଗରେ ନେଇପାରୁ, କିନ୍ତୁ ତା'ର ସମସ୍ତ ଭାର ତୋ ଉପରେ ରହିବ ।''— ଏହା କହି ନାମଦେବଙ୍କୁ ଜ୍ଞାନେଶ୍ୱରଙ୍କ ହାତରେ ଦେଇଦେଲେ । ଜ୍ଞାନେଶ୍ୱରଙ୍କ ସହିତ ନାମଦେବଜି ବହୁତ ତୀର୍ଥ ଭ୍ରମଣ କରି ବିକାନେର ସମୀପବର୍ତ୍ତୀ କୌଣସି ସ୍ଥାନରେ ପହଞ୍ଚିଲେ । ଦୁଇଜଣ ବିଶେଷ ତୃଷାର୍ତ୍ତ ହୋଇପଡ଼ିଲେ । ସେ ସ୍ଥାନରେ ଜଳର ଅଭାବ ସବୁ ସମୟରେ ଥାଏ । ଜଳ ଖୋଜି ଖୋଜି ଦୁଇ ମହାତ୍ମା ପହଞ୍ଚିଲେ ଗୋଟିଏ କୂପ ପାଖରେ । କୂପ ଥିଲା ବହୁତ ଗଭୀର । ଜ୍ଞାନେଶ୍ୱରଙ୍କୁ ବହୁ ପ୍ରକାର ସିଦ୍ଧି ପ୍ରାପ୍ତ ଥିଲା । ସେ ଲଘିମା ସିଦ୍ଧି ଦ୍ୱାରା କୂପ ମଧ୍ୟରେ ପ୍ରବେଶ କରି ଜଳପାନ କରିନେଲେ ଏବଂ ନାମଦେବଜିଙ୍କ ସକାଶେ ଜଳ ଘେନିଆସିଲେ । ନାମଦେବଜି କହିଲେ, ''କ'ଣ ମୋ ଚିନ୍ତା ମୋ ପ୍ରଭୁ ବିଠଲଙ୍କୁ ନାହିଁ ? ସେ କ'ଣ ମୋତେ ଜଳ ଦେଇପାରିବେ ନାହିଁ ?'' ତାଙ୍କ ମୁଖରୁ ଏତିକି ଶବ୍ଦ ବାହାରିବା ମାତ୍ରେ କୂପ ଜଳରେ ପୂର୍ଣ୍ଣ ହୋଇ ବାହାରକୁ ବହିବାକୁ ଲାଗିଲା । ନାମଦେବଜି ସେହିଠାରେ ଜଳପାନ କରିନେଲେ । ସମସ୍ତ ତୀର୍ଥଯାତ୍ରା ଶେଷ କରି ସେ ପଣ୍ଢରପୁରରେ ପହଞ୍ଚିଲେ । ଭଗବାନଙ୍କୁ ଦର୍ଶନ କରି ଗଦ୍‌ଗଦ ହୋଇ କହିଲେ, ''ପ୍ରଭୁ, କେବଳ ମୋର ଭ୍ରମ ଦୂର କରିବା ସକାଶେ ମୋତେ ତୀର୍ଥଯାତ୍ରାକୁ ପଠାଇଥିଲ । କିନ୍ତୁ ତୁମ ଦର୍ଶନରେ ଯେଉଁ ପରମାନନ୍ଦ ପ୍ରାପ୍ତ ହୁଏ, ତୀର୍ଥରେ ତାହା ପାଇଲି ନାହିଁ ।''

ଦିନେ ଗୋଟିଏ ଭଣ୍ଡାର (ଭୋଜନ ପଙ୍ଗତ) ହୋଇଥିଲା । ସେଥିରେ ବହୁତ ସନ୍ଥ ଏକତ୍ରିତ ହୋଇଥିଲେ । ସେ ସମୟରେ ଥିଲେ ପ୍ରସିଦ୍ଧ ମହାତ୍ମା ଗୋରା କୁମ୍ଭାର, ବିଶୋବା ଖେଚର, ନାମଦେବଜି, ଜ୍ଞାନଦେବଜି, ସୋପାନଦେବ, ଚାଙ୍ଗଦେବ, ମୁକ୍ତାବାଈ ତଥା ଅନ୍ୟ ବହୁତ ସନ୍ଥ ଏବଂ ଭକ୍ତ । ମୁକ୍ତାବାଈଙ୍କର ବୟସ ଥିଲା କମ୍ । ଗୋରା କୁମ୍ଭାର ଥିଲେ ସମସ୍ତଙ୍କଠାରୁ

ବୟୋବୃଦ୍ଧ । ତାଙ୍କୁ ସମସ୍ତେ ଚାଚାଜି (ଅଜା) କହନ୍ତି । ନାମଦେବଙ୍କ ସହିତ ସମସ୍ତ ସନ୍ଥ ଭୋଜନ କରୁଥିଲେ । ମୁକ୍ତାବାଈ ହାତରେ ହାଣ୍ଡି ବାଡ଼େଇବା କାଠର ଥପି ଧରି ଗୋରା କୁମ୍ଭାରଙ୍କୁ କହିଲେ, ''ଚାଚାଜି, ଏ କ'ଣ ହୁଏ ?'' ଗୋରା କୁମ୍ଭାର ଉତ୍ତର ଦେଲେ, ''ଏଥିରେ କଚା ହାଣ୍ଡି ଗଢ଼ା ହୁଏ ।'' ମୁକ୍ତାବାଈ କହିଲେ, ''ଆମେ ସମସ୍ତେ କଚା ହାଣ୍ଡି ସଦୃଶ, ଆମ୍ଭମାନଙ୍କୁ ଗଢ଼ ।'' ଗୋରାଜି କହିଲେ, ''ଆଚ୍ଛା, ବର୍ତ୍ତମାନ ଦେଖୁଛି, କିଏ କଚା ଅଛି ।'' ଏହା କହି ସେହି ହାଣ୍ଡି ବାଡ଼େଇବା ଥପି ଉଠାଇ ଭୋଜନ କରୁଥିବା ସନ୍ଥମାନଙ୍କ ମୁଣ୍ଡରେ ପାହାରେ ପାହାରେ ଲଗାଇଲେ । କିନ୍ତୁ ନାମଦେବଙ୍କ ମଥାରେ ବାଡ଼େଇବା ସମୟରେ ନାମଦେବ ରାଗିଗଲେ । ଗୋରା କୁମ୍ଭାର ମୁକ୍ତାବାଈଙ୍କୁ ସମ୍ବୋଧନ କରି କହିଲେ, ''ଏହି ନାମା କଚା ।'' ଏଥିରେ ନାମଦେବଙ୍କୁ ବହୁତ ଦୁଃଖ ହେଲା । ସମ୍ଭବତଃ ଏହି ଘଟଣାର ପ୍ରେରକ ଥିଲେ ବିଠଲ । ନାମଦେବ ସିଧା ବିଠଲଙ୍କ ମନ୍ଦିରକୁ ଆସି ସମସ୍ତ ଘଟଣା କହିଲେ । ବିଠଲ ଉତ୍ତର ଦେଲେ, ''ଗୋରା ଠିକ୍ କହିଛି, ତୁ ଏ ପର୍ଯ୍ୟନ୍ତ ଗୁରୁ କରି ନାହୁଁ ।'' ନାମଦେବ କହିଲେ, ''ପ୍ରଭୁ, ଗୁରୁଙ୍କ ଦ୍ୱାରା ତୁମେ ପ୍ରାପ୍ତ ହୁଅ, ତୁମେ ତ ପ୍ରାପ୍ତ ହୋଇଛ, ପୁଣି ଗୁରୁଙ୍କର ଆବଶ୍ୟକତା କ'ଣ ?'' ବିଠଲ କହିଲେ, ''ଗୁରୁଙ୍କ ଛଡ଼ା ଦୃଢ଼ ସମତ୍ୱର ଜ୍ଞାନ ପ୍ରାପ୍ତ ହୁଏ ନାହିଁ ।'' ନାମଦେବ କହିଲେ, ''ପ୍ରଭୁ, ତୁମେ କହିଦିଅ ମୁଁ କାହାକୁ ଗୁରୁରୂପେ ଗ୍ରହଣ କରିବି ।'' ବିଠଲ କହିଲେ, ''ବିଶୋବା ଖେଚର ।'' ନାମଦେବଜି ସେହିଦିନଠାରୁ ବିଶୋବା ଖେଚରଙ୍କୁ ଖୋଜିବାକୁ ଯାତ୍ରାରମ୍ଭ କଲେ । ବହୁତ ବ୍ୟକ୍ତିଙ୍କୁ ପଚାରି ବୁଝି କେତେଦିନ ପରେ ବିଶୋବା ଖେଚରଙ୍କ ପାଖରେ ପହଞ୍ଚିଲେ । ସେ ସମୟରେ ବିଶୋବା ଖେଚର ଗୋଟିଏ ଶିବ ମନ୍ଦିରରେ ଶିବଲିଙ୍ଗ ଉପରେ ଗୋଡ଼ ରଖି ଶୋଇଥିଲେ । ନାମଦେବ ଦେଖିବାମାତ୍ରେ ତାଙ୍କ ମନରେ ଆସିଲା, ''ଯିଏ ଶିବଲିଙ୍ଗ ଉପରେ ଗୋଡ଼ ରଖି ଶୋଇଛନ୍ତି, ତାଙ୍କୁ ଗୁରୁ କରିବା ସକାଶେ ବିଠଲ ପଠାଇଲେ !'' ନାମଦେବ ପଚାରିଲେ, ''ଗୁରୁଦେବ, ତୁମେ ଶିବଲିଙ୍ଗ ଉପରେ ଗୋଡ଼ କାହିଁକି ରଖିଛ ?'' ସେ କହିଲେ, ''ନାମଦେବ, ଶିବଲିଙ୍ଗ ନ ଥିବା ସ୍ଥାନରେ ମୋ ଗୋଡ଼ ରଖି ଦେ ।'' ନାମଦେବ

ତାହାହିଁ କଲେ । କିନ୍ତୁ ଯେଉଁଠାରେ ଗୋଡ଼ ରଖନ୍ତି ସେଠାରେ ଶିବଲିଙ୍ଗ । ଶିବଲିଙ୍ଗ ଛଡ଼ା ଅନ୍ୟ ସ୍ଥାନ ତାଙ୍କୁ ମିଳିଲା ନାହିଁ । ସେ ହାତ ଯୋଡ଼ି କହିଲେ, ''ପ୍ରଭୁ, ମୋତେ ଶିଷ୍ୟରୂପେ ଗ୍ରହଣ କରି ଉପଦେଶ ଦିଅ ।'' ସେ କହିଲେ, ''ତୋତେ ବିଠଲ ପଠାଇଛନ୍ତି, ମୁଁ ଜାଣେ; କିନ୍ତୁ ତୁ ଏପର୍ଯ୍ୟନ୍ତ ଉପଦେଶ ପାଇ ନାହୁଁ ?'' ନାମଦେବ ଉତ୍ତର ଦେଲେ, ''ପ୍ରଭୁ, ଏପର୍ଯ୍ୟନ୍ତ ଉପଦେଶ ପାଇ ନ ଥିଲି, ବର୍ତ୍ତମାନ ଯଥାର୍ଥ ଜ୍ଞାନ ତୁମରି କୃପାରୁ ଲାଭ କଲି । ବିଠଲ ଏହି ସକାଶେ ମୋତେ ତୁମ ପାଖକୁ ପଠାଇଲେ ।'' ଗୁରୁଦେବ କହିଲେ, ''ଭଗବାନ୍ ସର୍ବତ୍ର ପରିପୂର୍ଣ୍ଣ । ଭଗବାନଙ୍କ ଛଡ଼ା କୌଣସି ସ୍ଥାନ କିଂବା କୌଣସି ବସ୍ତୁ ନାହିଁ । ଏହି ଉପଲବ୍ଧିହିଁ ଯଥାର୍ଥ ସମତା ।'' ବୋଧହୁଏ ନାମଦେବଙ୍କୁ ଦୀକ୍ଷା ଗ୍ରହଣ କରାଇବା ଉଦ୍ଦେଶ୍ୟରେ ଏହି ଅପୂର୍ଣ୍ଣତାକୁ ଭଗବାନ୍ ପୂରଣ କରାଇ ନ ଥିଲେ । ସେ ଗୁରୁଙ୍କଠାରୁ ଉପଦେଶ ଗ୍ରହଣ କରି ଆସି ସିଧା ମନ୍ଦିରରେ ପହଞ୍ଚିଲେ । ଭଗବାନଙ୍କ ଦର୍ଶନରେ ତାଙ୍କ ହୃଦୟ ଉଛୁଳି ପଡ଼ିଲା । ସେ ଆନନ୍ଦରେ କୃତକୃତ୍ୟ ହୋଇଗଲେ । କହିଲେ, ''ଭଗବାନ୍, ସବୁ ତୁମ୍ଭରି ଲୀଳା ।'' ଭଗବାନ୍ ଅତ୍ୟନ୍ତ ପ୍ରସନ୍ନ ହୋଇ ନାମଦେବଙ୍କୁ ବିଦାକଲେ ।

ନାମଦେବଙ୍କ କୁଟିଆରେ ବରାବର କୀର୍ତ୍ତନ ଏବଂ ସତ୍‌ସଙ୍ଗ ହୁଏ । ବହୁତ ଭକ୍ତ ବହୁତ ଦୂରରୁ ଆସି ନାମଦେବଙ୍କୁ ଦର୍ଶନ କରନ୍ତି ଏବଂ ତାଙ୍କ ସତ୍‌ସଙ୍ଗ ଲାଭ କରନ୍ତି; ସେମାନଙ୍କ ହୃଦୟରେ ଭଗବତ୍ ଭକ୍ତି-ସ୍ରୋତ ପ୍ରବାହିତ ହୁଏ । ନାମଦେବଙ୍କ ସଂସ୍ପର୍ଶରେ ଆସି ବହୁତ ନାସ୍ତିକ ଭଗବାନଙ୍କ ଭକ୍ତ ହୋଇଗଲେ, କେତେ ଦୁଃଖତାପପୀଡ଼ିତ ବ୍ୟକ୍ତି ଜନ୍ମମରଣରୂପ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ପରମପଦ ପ୍ରାପ୍ତ ହେଲେ । ନାମଦେବଙ୍କ ଯଶଃ ବହୁଦୂରରେ ବ୍ୟାପ୍ତ ହୋଇଗଲା । ଭଗବତ୍ ଭକ୍ତଙ୍କ ହୃଦୟରେ କାହା ପ୍ରତି ଦ୍ୱେଷଭାବ ନ ଥାଏ । ସେ ସର୍ବବସ୍ତୁରେ ନିଜ ଇଷ୍ଟଦେବଙ୍କୁ ଦେଖନ୍ତି ଏବଂ ସମସ୍ତଙ୍କର କଲ୍ୟାଣ ଚାହାନ୍ତି । କିନ୍ତୁ ଏପରି ସନ୍ଥଙ୍କ ପ୍ରତି ବିଦ୍ୱେଷ ରଖିବା ବ୍ୟକ୍ତିଙ୍କର କେବେ ବି ଅଭାବ ନ ଥାଏ । ବିନା କାରଣରେ ପରୋପକାରୀ ସନ୍ଥଙ୍କୁ ସେମାନେ ନିନ୍ଦା କରନ୍ତି, ତାଙ୍କ ବିରୋଧରେ ମିଥ୍ୟା ପ୍ରଚାର କରନ୍ତି, ତାଙ୍କର ଅନିଷ୍ଟ କରିବା ସକାଶେ

ସର୍ବଥା ତତ୍ପର ଥାଆନ୍ତି । କିନ୍ତୁ ସେଥିରେ ତାଙ୍କର କିଛି କ୍ଷତି ହୁଏ ନାହିଁ । ବରଂ ସେଥିରେ ତାଙ୍କ ଆନ୍ତର ଚେତନାରେ ସମତ୍ୱ ବୃଦ୍ଧି ହୁଏ । କ୍ଷତି ହୁଏ ଦ୍ୱେଷ ରଖିଥିବା ନିନ୍ଦୁକ ବ୍ୟକ୍ତିଙ୍କର । ଏପରି ପରମ ସନ୍ଥ ନାମଦେବଙ୍କ ପ୍ରତି ବି ବହୁତ ବ୍ୟକ୍ତି ଦ୍ୱେଷ ରଖିଥାଆନ୍ତି । ନାମଦେବଙ୍କ କୀର୍ତ୍ତି ପ୍ରସାରିତ ହେବା ସଙ୍ଗେ ସଙ୍ଗେ ସେମାନଙ୍କ ଦ୍ୱେଷ ବି ବୃଦ୍ଧି ପାଉଥାଏ । ସେମାନେ କହନ୍ତି — ନାମଦେବ ଧୂର୍ତ୍ତ ଏବଂ ଭଣ୍ଡ ସାଧୁ । କେତେକ ଯାଦୁମନ୍ତ୍ରରେ ଲୋକଙ୍କୁ ଚମତ୍କାରିତା ଦେଖାଇ ପ୍ରଭାବିତ କରି ଠକାଉଛି । ସେମାନଙ୍କର ଏହି ପ୍ରଚାରରେ ସେହିପରି ପ୍ରକୃତିର ଲୋକ ବି ବିଶ୍ୱାସ କରନ୍ତି । କିନ୍ତୁ ଯେଉଁମାନଙ୍କ ଆତ୍ମା ଟିକିଏ ଜାଗ୍ରତ ଥାଏ, ମନ-ପ୍ରାଣ ଶୁଦ୍ଧ ଥାଏ, ସେମାନେ ଏସବୁ ମିଥ୍ୟା ରଚନାକୁ କର୍ଣ୍ଣପାତ ନ କରି ନାମଦେବଙ୍କ ସତ୍‌ସଙ୍ଗରେ ମହାନ୍ ଲାଭ ପ୍ରାପ୍ତ ହୁଅନ୍ତି । ସେହି ଗ୍ରାମରେ ଜଣେ ବ୍ରାହ୍ମଣୀ ଥିଲେ । ସେ ନାମଦେବଙ୍କ ସତ୍‌ସଙ୍ଗକୁ ବରାବର ଆସୁଥିଲେ । ତାଙ୍କର ଭଗବାନଙ୍କ ପ୍ରତି ଭକ୍ତି ଥିଲା । ନାମଦେବଙ୍କ ସତ୍‌ସଙ୍ଗରେ ତାଙ୍କର ଭଗବତ୍ ଭକ୍ତି ବୃଦ୍ଧି ପାଇବାକୁ ଲାଗିଲା । ନାମଦେବଙ୍କ ସତ୍‌ସଙ୍ଗରେ ଏବଂ କୀର୍ତ୍ତନରେ ନରନାରୀ ସମସ୍ତେ ଆସନ୍ତି । ବ୍ରାହ୍ମଣୀ ମହିଳାମାନଙ୍କ ସହିତ ବସି ସତ୍‌ସଙ୍ଗ ଶୁଣନ୍ତି ଏବଂ କୀର୍ତ୍ତନ କରନ୍ତି । ଏଥିରେ ବ୍ରାହ୍ମଣୀଙ୍କ ପତିଙ୍କୁ ବହୁତ ଖରାପ ଲାଗେ । ସେ କହନ୍ତି, ''ଆମେ ଉଚ୍ଚବର୍ଣ୍ଣ ବ୍ରାହ୍ମଣ, ଆମେ କାହିଁକି ମୂର୍ଖ ଦରଜି ପାଖକୁ ଯିବା ?'' ଏଥିରେ କିନ୍ତୁ ବ୍ରାହ୍ମଣୀ ପ୍ରଭାବିତ ହୁଅନ୍ତି ନାହିଁ କିଂବା ନାମଦେବଙ୍କ ସତ୍‌ସଙ୍ଗକୁ ଯିବା ବନ୍ଦ କରନ୍ତି ନାହିଁ । ପତ୍ନୀର ଏହି କାର୍ଯ୍ୟ ପତିଙ୍କର ଯଦ୍ୟପି ଅପ୍ରିୟ ଥିଲା ତଥାପି ତାଙ୍କର ବୁଦ୍ଧି, ବିନୟ, ସଦାଚାରିତା, ପତିପରାୟଣତା ତଥା ଗୃହକର୍ମରେ ଅତ୍ୟନ୍ତ ଦକ୍ଷତା ଯୋଗୁଁ ତାଙ୍କ ଉପରେ ଅତ୍ୟାଚାର କରୁ ନ ଥିଲେ । କିନ୍ତୁ ଲୋକଙ୍କଠାରୁ ଏହି କାର୍ଯ୍ୟ ବିରୋଧରେ ଶୁଣିଲେ ପତ୍ନୀ ପ୍ରତି ରାଗ କରୁଥିଲେ । ତାଙ୍କର ଗୋଟିଏ ମାତ୍ର ପୁତ୍ର ଥିଲା, ଦୈବଯୋଗେ ତା'ର ମୃତ୍ୟୁ ହେଲା । ନାମଦେବଙ୍କ ପ୍ରତି ବିରୋଧଭାବ ରଖୁଥିବା ବ୍ୟକ୍ତି ଥିଲେ ବ୍ରାହ୍ମଣର ମିତ୍ର । ସେମାନେ କହିଲେ, ''ତୁମ ପତ୍ନୀ ନୀଚଜାତି ଦରଜିର ସତ୍‌ସଙ୍ଗକୁ ଯିବା ପାପରୁ ପୁତ୍ରର ମୃତ୍ୟୁ ହେଲା ।'' ଶୋକ, ମୋହ,

କାମ, କ୍ରୋଧ ଇତ୍ୟାଦି ଅବସ୍ଥାରେ ବ୍ୟକ୍ତିର ବିବେକ ନଷ୍ଟ ହୋଇଯାଏ । ବିବେକ ବିହୀନ ବ୍ୟକ୍ତି ଭଲମନ୍ଦ ବିଚାର କରିପାରେ ନାହିଁ । କୁସଙ୍ଗରେ ପଡ଼ି କୌଣସିପ୍ରକାର ଅବିହିତ କାର୍ଯ୍ୟ କରିପାରେ । ପୁତ୍ରଶୋକରେ ବ୍ରାହ୍ମଣର ବୁଦ୍ଧି ଭ୍ରଷ୍ଟ ହୋଇଯାଇଥିଲା । ଅନ୍ୟ ଲୋକଙ୍କଠାରୁ ଏପରି ଶୁଣି ଶୋକ ଅବସ୍ଥାରେ ଭୟଙ୍କର କ୍ରୋଧ ଜାତ ହେଲା । ବିବେକର ନାମ ରହିଲା ନାହିଁ । ପୁତ୍ରଶୋକାକୁଳା ପତ୍ନୀକୁ ନାନାପ୍ରକାରେ କୁବାକ୍ୟ କହି ମାରି ଘରୁ ବାହାର କରିଦେଲେ । କହିଲେ — ''ଏହି ମୃତ ପୁତ୍ରକୁ ନେଇ ଦରଜିଘରେ ଯାଇ ରହ ।'' ବ୍ରାହ୍ମଣୀ ଥିଲେ ଭଗବାନଙ୍କ ଭକ୍ତା । କେତେ ବିପତ୍ତିରେ ବି ଭକ୍ତ ଭଗବାନଙ୍କ ଆଶ୍ରୟ ଭୁଲେ ନାହିଁ । ବ୍ରାହ୍ମଣୀ ମୃତ ପୁତ୍ରକୁ ଧରି ନାମଦେବଙ୍କ ଚରଣରେ ମସ୍ତକ ରଖି ଅତ୍ୟନ୍ତ ବ୍ୟାକୁଳ ହୋଇ କାନ୍ଦିଲେ । ତାଙ୍କ ହୃଦୟବିଦାରକ କ୍ରନ୍ଦନଧ୍ୱନି ଉପସ୍ଥିତ ବ୍ୟକ୍ତିଙ୍କ ହୃଦୟକୁ ବିଦୀର୍ଣ୍ଣ କରିଦେଲା । ସମସ୍ତଙ୍କ ନେତ୍ରରୁ ଅଶ୍ରୁ ବର୍ଷା ହେଲା । ନାମଦେବ ସାନ୍ତ୍ୱନା ଦେଇ ପଚାରିବାରୁ ବ୍ରାହ୍ମଣୀ ସମସ୍ତ ଘଟଣା କହିଲେ ।

ଏକଥା ଶୁଣି ଭଗବତ୍ ବିଶ୍ୱାସୀ ନାମଦେବ ଭଗବାନଙ୍କ ଚରଣାମୃତ ଆଣି ମୃତ ପୁତ୍ରର ମୁଖରେ ଦେଇଦେଲେ । ଚରଣାମୃତ ସ୍ପର୍ଶମାତ୍ରେ ମୃତ ପୁତ୍ର ଜୀବିତ ହୋଇଉଠିଲା । ବ୍ରାହ୍ମଣୀ ଆସିବା ପରେ ବ୍ରାହ୍ମଣ ଆଉ ଗୃହରେ ଶାନ୍ତିରେ ରହି ପାରିଲେ ନାହିଁ । ସେ ମଧ୍ୟ ବ୍ୟାକୁଳ ହୋଇ ବ୍ରାହ୍ମଣୀ ପଛେ ପଛେ ଆସି ଏହିସବୁ ଦୃଶ୍ୟ ଦେଖୁଥିଲେ । ସେ ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ । ନାମଦେବଙ୍କ ଚରଣରେ ସାଷ୍ଟାଙ୍ଗ ପଡ଼ି ରଡ଼ିଛାଡ଼ି କାନ୍ଦିଲେ । ନାମଦେବଜି ସାନ୍ତ୍ୱନା ଦେଇ ଉଠାଇ ବସାଇଲେ । ସେ ନାମଦେବଙ୍କ ଚରଣ ଧରି କହିଲେ, ''ପ୍ରଭୁ, ତୁମେ ଯେପରି ପରମସନ୍ଥ, ତୁମର ମୁଁ ଘୋର ଅପରାଧ କରିଛି,— ଭଗବାନ୍ ମୋର ଏହି ଅପରାଧ କ୍ଷମା କରିବେ ନାହିଁ ? ପ୍ରଭୁ, ଏପରି ପାପୀର ଉଦ୍ଧାର କ'ଣ ନାହିଁ ?'' ନାମଦେବ ତାଙ୍କୁ ବହୁତ ବୁଝାଇ ଉପଦେଶ ଦେଲେ । ସେ ପତ୍ନୀ ପାଖରେ ନିଜ ଦୋଷ ସ୍ୱୀକାର କରି ପତ୍ନୀ ଏବଂ ପୁତ୍ରକୁ ନେଇ ଘରକୁ ଗଲେ । ସେହିଦିନଠାରୁ ବ୍ରାହ୍ମଣ ନାମଦେବଙ୍କ ଭକ୍ତ ହୋଇଗଲେ । ପ୍ରତିଦିନ ପୁତ୍ର ଏବଂ ପତ୍ନୀ ସହିତ ସେ ନାମଦେବଙ୍କ ସତ୍‌ସଙ୍ଗ ଏବଂ କୀର୍ତ୍ତନରେ

ଯୋଗ ଦେଲେ । ନାମଦେବଙ୍କର ଏହିସବୁ କୀର୍ତ୍ତି ବୃଦ୍ଧି ସଙ୍ଗେ ସଙ୍ଗେ କେତେ ଦୁଷ୍ଟ, ହିଂସ୍ର ମନୋବୃତ୍ତିସମ୍ପନ୍ନ ବ୍ୟକ୍ତିଙ୍କର ଦ୍ୱେଷ ବି ବୃଦ୍ଧି ହେବାକୁ ଲାଗିଲା ।

ଦିନେ ଜଣେ ଭକ୍ତ ବ୍ରାହ୍ମଣ ଭଣ୍ଡାର (ଭୋଜନ) ତୟାର କରି ସାଧୁ ଏବଂ ବ୍ରାହ୍ମଣମାନଙ୍କୁ ନିମନ୍ତ୍ରଣ କଲେ । ଭୋଜନର ସମୟ ଆସିଲା । ବ୍ରାହ୍ମଣ ଏବଂ ସନ୍ଥ ଏକତ୍ରିତ ହେଲେ । ସନ୍ଥମଣ୍ଡଳୀରେ ଆସିଲେ ନାମଦେବ । ପତର ପଡ଼ିବାର ସମୟ ହେଲା । ନାମଦେବଙ୍କ ପ୍ରତି ବିରୋଧ ରଖିଥିବା କେତେକ ବ୍ରାହ୍ମଣ କହିଲେ, ''ଜାତି, କୁଳ, ଗୋତ୍ର ନ ଥିବା କୁଜାତି ଦରଜି ସହିତ ଆମ୍ଭେମାନେ ଭୋଜନ କରିବୁ ନାହିଁ ।'' ଏଥିରେ ପ୍ରତିବାଦ ମଧ କଲେ ସାଧୁମାନେ । ଶେଷରେ ନାମଦେବ ନିର୍ଣ୍ଣୟ କରାଇ ଦେଲେ ଯେ ପ୍ରଥମେ ବ୍ରାହ୍ମଣମାନେ ଭୋଜନ କରନ୍ତୁ, ପରେ ସନ୍ଥମାନେ ଭୋଜନ କରିବେ । ଏହି ନିର୍ଣ୍ଣୟ ସାଧୁମାନଙ୍କର ଏକେବାରେ ପସନ୍ଦ ନ ଥିଲା । ତଥାପି ନାମଦେବଙ୍କ ନିର୍ଣ୍ଣୟ ଭାଙ୍ଗି ପାରିଲେ ନାହିଁ । ବ୍ରାହ୍ମଣଙ୍କ ମଧରୁ ଯେଉଁମାନେ ଦ୍ୱେଷ ରଖିଥିଲେ ସେମାନେ ସମସ୍ତ ବ୍ରାହ୍ମଣଙ୍କୁ ପରାମର୍ଶ ଦେଲେ, ''ଆମ୍ଭେମାନେ ଆବଶ୍ୟକ ଭୋଜନ ଅପେକ୍ଷା ଅଧିକ ଭୋଜନ ନେଇ ପତରରେ ଅଇଁଠା ଛାଡ଼ିଯିବା । ଅଧିକ ଭୋଜନ ନେଲେ ଭୋଜନଦ୍ରବ୍ୟ କମ୍ ପଡ଼ିବ, ଫଳରେ ସାଧୁମାନେ ଭୋଜନ କରିପାରିବେ ନାହିଁ ।'' ଏହି ମନୋଭାବ ରଖି ଅଧିକ ଅଧିକ ପରଷାଇ ନେଲେ । ଭୋଜନ ଆରମ୍ଭ ସଙ୍ଗେ ସଙ୍ଗେ ହେଲା ଜଳ ସହିତ ପଥର ବୃଷ୍ଟି । ବାହାରେ ବସିଥିବା ସାଧୁମାନେ ଘର ଭିତରକୁ ଚାଲିଗଲେ । ଘରେ ବା ଛପର ତଳେ ଆଉ ସ୍ଥାନ ନ ଥିଲା । ପଥର ଆଘାତ ସହ୍ୟ କରି ନ ପାରି ବ୍ରାହ୍ମଣମାନେ ପତର ଛାଡ଼ି ପଳାଇଲେ । କିନ୍ତୁ ପଥର ଆଘାତରୁ ରକ୍ଷା ହେବାର ସ୍ଥାନ ପାଇଲେ ନାହିଁ । ସେମାନଙ୍କ ମଧରୁ ଯେଉଁମାନେ ନିଷ୍କପଟ ସ୍ୱଭାବର ଥିଲେ, ସାଧୁମାନଙ୍କ ପ୍ରତି ଦ୍ୱେଷ ରଖି ନ ଥିଲେ, ସେହିମାନେ କହିଲେ, ''ପରମ ସନ୍ଥ ନାମଦେବଙ୍କର ଅପରାଧ କରିବାର ଏହି ଫଳ, ଚାଲ ନାମଦେବଙ୍କୁ କ୍ଷମାପ୍ରାର୍ଥନା କରିବା ।'' ପ୍ରାଣ ସଂକଟ ସମୟରେ ବ୍ୟକ୍ତିର ଅହଂ କାମ କରେ ନାହିଁ । ନାମଦେବଙ୍କ ପ୍ରତି ବିରୋଧ ମନୋଭାବ ରଖିଥିବା ବ୍ୟକ୍ତି ଆର୍ତ୍ତସ୍ୱରରେ

ନାମଦେବଙ୍କୁ ପ୍ରାର୍ଥନା କଲେ । ନାମଦେବଙ୍କର ତ କାହା ପ୍ରତି ବୈରଭାବ ନ ଥାଏ । ପଥର ବୃଷ୍ଟି ହେବା ସଙ୍ଗେ ସଙ୍ଗେ ବ୍ରାହ୍ମଣମାନଙ୍କ ରକ୍ଷା ସକାଶେ ସେ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ । ବ୍ରାହ୍ମଣମାନେ ନାମଦେବଙ୍କ ପାଖରେ ନିଜ ଦୋଷ ସ୍ୱୀକାର କରିବା ମାତ୍ରେ ଶିଳାବୃଷ୍ଟି ବନ୍ଦ ହେଲା, ବ୍ରାହ୍ମଣମାନେ ସୁସ୍ଥ ହେଲେ । ନାମଦେବଙ୍କ ପାଖରେ ବହୁତ ଅନୁନୟବିନୟ କରି ନିଜ ଅପରାଧର କ୍ଷମା ଚାହିଁଲେ ଏବଂ କହିଲେ, ''କାଲି ଆମ୍ଭେମାନେ ଭଣ୍ଡାର କରିବୁ, ପ୍ରଥମରେ ସନ୍ଥମାନେ ଭୋଜନ କରିବେ, ପରେ ଆମ୍ଭେମାନେ ଭୋଜନ କରିବୁ ।'' ନାମଦେବଜି କହିଲେ, ''ଆଜି କାହିଁକି ଉପବାସରେ ଫେରିବେ ? ଚାଲ ବସ, ବର୍ତ୍ତମାନ ସମସ୍ତେ ପୂର୍ଣ୍ଣ ଭୋଜନ କରି ପରେ ଯିବେ ।'' ବ୍ରାହ୍ମଣମାନେ ନାମଦେବଙ୍କ ମହିମା ଜାଣିଥିଲେ, ସେଥିସକାଶେ ଏକଥା ଅସମ୍ଭବ ମନେ ନ କରି ଭୋଜନ ସକାଶେ ସାଧୁ ଏବଂ ବ୍ରାହ୍ମଣମାନେ ପଙ୍ଗତରେ ବସିଲେ । ନାମଦେବଜି ରୋଷାଇ ଘରକୁ ଗଲେ । ଭୋଜନଦ୍ରବ୍ୟ ଥିଲା ଖୁବ୍ କମ୍ । ସେଥିରୁ ନାମଦେବଜି ଦେବାକୁ ଆରମ୍ଭ କଲେ । ସାଧୁ, ବ୍ରାହ୍ମଣ ତଥା ଯେକୌଣସି ବ୍ୟକ୍ତି ଆସିଲେ, ସମସ୍ତ ବ୍ୟକ୍ତି ପୂର୍ଣ୍ଣ ଭୋଜନ କଲେ, ଶେଷରେ ବି ବଞ୍ଚି ରହିଲା । ଭୋଜନ ପରେ ନାମଦେବଙ୍କ ସନ୍ଥସ୍ୱଭାବକୁ ପ୍ରଶଂସା କରି ସମସ୍ତେ ନିଜ ନିଜ ସ୍ଥାନକୁ ଫେରିଲେ ।

ଥରେ ନାମଦେବଜି ପଥଯାତ୍ରା କରିବା ସମୟରେ ଗୋଟିଏ ସ୍ଥାନରେ ରୋଟି ତିଆର କଲେ । ଘିଅ ଆଣି ଆସିବା ସମୟରେ ଦେଖିଲେ ହଠାତ୍ ଗୋଟିଏ କୁକୁର ଆସି ସମସ୍ତ ରୋଟି ନେଇଗଲା । ନାମଦେବଜି ଘିଅ କଟରା ହାତରେ ଧରି ତା' ପଛରେ ଦୌଡ଼ିଲେ ଏବଂ କହିଲେ, ''ରୋଟିରେ ଘିଅ ଲଗା ହୋଇ ନାହିଁ, ରୋଟି ଖାଇବ କିପରି ? ଘିଅ ଲଗାଇ ଦେବି, ତେବେ ଖାଇବ ।'' କୁକୁର ନାମଦେବଜିଙ୍କ କଥା ନ ଶୁଣି ଦୌଡୁଥାଏ, ନାମଦେବଜି ତା' ପଛରେ ଦୌଡୁଥାଆନ୍ତି । ସେ ଦୌଡ଼ି ଦୌଡ଼ି ବହୁତ କ୍ଲାନ୍ତ ହୋଇଗଲେ, ଆଉ ଦୌଡ଼ିବାର ଶକ୍ତି ରହିଲା ନାହିଁ । ଭଗବାନ୍ କୁକୁର ମଧ୍ୟରୁ ପ୍ରକଟ ହୋଇ କହିଲେ, ''ଆଚ୍ଛା, ରୋଟିରେ ଘିଅ ଲଗାଇ ଦେ । ତୁ ଦୌଡ଼ି ଦୌଡ଼ି

ଥକିଗଲୁଣି ।'' ଭଗବାନଙ୍କ ଦର୍ଶନରେ ନାମଦେବଜି କୃତକୃତ୍ୟ ହୋଇଗଲେ । ଏହିପରି ଭଗବାନ୍ ନାମଦେବଜିଙ୍କ ସହ ବହୁତ ଖେଳକୌତୁକ କରୁଥିଲେ । ନାମଦେବଜିଙ୍କ ଚେତନା ଭଗବନ୍ମୟ ହୋଇ ଯାଇଥିଲା । ଭଗବାନ୍ ନାମଦେବଙ୍କ ପାଖରୁ ପୃଥକ୍ ହୋଇପାରୁ ନ ଥିଲେ । ନାମଦେବଜିଙ୍କ ଦ୍ୱାରା ବହୁ ନରନାରୀ ଭଗବତ୍ ଭକ୍ତି ପ୍ରାପ୍ତ ହୋଇ ଜନ୍ମ-ମରଣ-ଦ୍ୱନ୍ଦ୍ୱରୁ ମୁକ୍ତ ହୋଇଥିଲେ । ପଣ୍ଡରପୁରର ବାରକରି ସଂପ୍ରଦାୟ ନାମଦେବଜିଙ୍କ ଦ୍ୱାରା ବିଶେଷରୂପେ ପରିବର୍ଦ୍ଧିତ ହୋଇଥିଲା । ସେ ବିଃ ସଂଃ ୧୪୦୭ରେ ଅଶୀବର୍ଷ ବୟସରେ ଇହଧାମ-ଲୀଳା-ସମ୍ବରଣ କରିଥିଲେ । ତାଙ୍କ ଶରୀର ଅଦୃଶ୍ୟ ହୋଇଛି, କିନ୍ତୁ ତାଙ୍କ ଯଶୋକୀର୍ତ୍ତି, ତାଙ୍କ ଭଗବତ୍ ଭକ୍ତିର ପ୍ରଭାବ ଆଜି ବି ସନ୍ଥଜନମାନଙ୍କ ହୃଦୟାନନ୍ଦକୁ ପରିବର୍ଦ୍ଧିତ କରୁଛି । ମହାରାଷ୍ଟ୍ର ସନ୍ଥସମାଜରେ ତାଙ୍କ ଯଶଃ, ତାଙ୍କ ଦ୍ୱାରା ରଚିତ ଜ୍ଞାନ-ଭକ୍ତି, ଭଗବତ୍ ଯଶୋଗାନ ଆଜି ବି ଗାନ ହେଉଛି ।

ଭକ୍ତ ନାମଦେବଜିଙ୍କ ଜୀବନରେ ବହୁତ ଚମତ୍କାରପୂର୍ଣ୍ଣ ଘଟଣା ଘଟିଥିଲା । ସେଥିମଧ୍ୟରୁ କେତେକ ଘଟଣା ''ଭକ୍ତମାଳ'' ରଚୟିତା ଶ୍ରୀ ନାଭାଜି ବହୁତ ସଂକ୍ଷେପରେ ତାଙ୍କ ''ଭକ୍ତମାଳ'' ଗ୍ରନ୍ଥରେ କବିତାରେ ବର୍ଣ୍ଣନ କରିଛନ୍ତି । ତାଙ୍କ କବିତା ଏଠାରେ ଉଦ୍ଧୃତ ହେଲା :

''ବାଲଦସା ବୀଠଲ୍ଲ ପାନି ଜାକେ ପୟ ପୀୟୌ ।
ମୃତକ ଗଊ ଜିବାୟ ପରଚୌ ଅସୁରନ କୌଁ ଦୀୟୌ ॥
ସେଜ ସଲିଲ ତେଁ କାଢ଼ି ପହିଲେ ଜୈସେଁହୀ ହୋତୀ ।
ଦେବଲ ଓଲଟ୍ୟୋ ଦେଖି ସକୁଚି ରହେ ସବ ହୀ ସୋତୀ ॥
ପଁଡୁରନାଥ କୃତ ଅନୁଗ ଜ୍ୟୌଁ ଛାନି ସ୍ୱକର ଛଇ ଘାସ କୀ ।
ନାମଦେବ ପ୍ରତିଗ୍ୟା ନିର୍ବହୀ (ଜ୍ୟୌଁ) ତ୍ରେତା ନରହରିଦାସ କୀ ॥''

ଏହାର ଭାବାର୍ଥ ଏହି ଯେ — ନାମଦେବଙ୍କ ବାଲ୍ୟାବସ୍ଥାରେ ତାଙ୍କ ହାତରୁ ଭଗବାନ୍ ଦୁଧ ପିଇଥିଲେ । ମୃତ ଗାଈକୁ ଜୀବଦାନ ଦେଇ ମୁସଲମାନ ରାଜାକୁ ଭଗବାନଙ୍କ ପରିଚୟ ଦେଇଥିଲେ । ମୁସଲମାନ ବାଦଶାହ ଦେଇଥିବା

ରତ୍ନଜଡ଼ିତ ପଲଙ୍କକୁ ଯମୁନା ନଦୀରେ ପକାଇ ଦେଇଥିଲେ ଏବଂ ପୁନରାୟ ନଦୀଜଳରୁ ସେହିପରି ବହୁ ପଲଙ୍କ ବାହାର କରି ଦେଇଥିଲେ । ତାଙ୍କ ପ୍ରାର୍ଥନାରେ ପଣ୍ଡରୀନାଥଙ୍କ ଦେଉଳ ବୁଲିଯାଇଥିଲା । ଭଗବାନ୍ ଭାଇ ସଦୃଶ ନିଜ ହାତରେ ତାଙ୍କ ଘର ଘାସରେ ଛପର କରିଥିଲେ । ଭଗବାନ୍ ତ୍ରେତୟା ଯୁଗରେ ଯେପରି ନରହରିଦାସ, ପ୍ରହ୍ଲାଦଙ୍କ ପ୍ରତିଜ୍ଞା ରଖି ଖମ୍ବରୁ ବାହାର ହୋଇଥିଲେ, ସେହିପରି ନାମଦେବଙ୍କ ସକାଶେ ମୃତ ବ୍ରାହ୍ମଣ ତଥା ପ୍ରେତ ମଧ୍ୟରେ ପ୍ରକଟ ହୋଇ ନାମଦେବଜିଙ୍କୁ ପରମ ଆନନ୍ଦ ଦେଇଥିଲେ ।

ନାମଦେବଜିଙ୍କ ଜୀବନଚରିତ ମରାଠୀ ତଥା ଅନ୍ୟାନ୍ୟ ଭାଷାରେ ବହୁତ ବିସ୍ତୃତଭାବେ ଲିପିବଦ୍ଧ ଅଛି । ନାଭାଜି ତାଙ୍କ ''ଭକ୍ତମାଳ'' ଗ୍ରନ୍ଥରେ ବହୁତ ସଂକ୍ଷେପରେ ନାମଦେବଜିଙ୍କ ଜୀବନର କେତେକ ଘଟଣା କବିତାରେ ବର୍ଣ୍ଣନ କରିଛନ୍ତି । ପ୍ରିୟାଦାସଜି ସେହି କବିତାର ଟୀକା କରିବା ସମୟରେ ଅନ୍ୟାନ୍ୟ ଭାଷାରେ ଲିଖିତ ନାମଦେବଜିଙ୍କ ଜୀବନଚରିତ ମିଳାଇ ତା'ର ସତ୍ୟାସତ୍ୟ ନିର୍ଣ୍ଣୟ କରି ସେଥିରେ ଆଉ କେତେକ ଘଟଣା ସମ୍ମିଳିତ କରିଛନ୍ତି । ପ୍ରିୟାଦାସଜି ନାଭାଜିଙ୍କ ''ଭକ୍ତମାଳା''ର ଟୀକା କରିବା ସମୟରେ ନାମଦେବଙ୍କ ଶରୀର ତ୍ୟାଗ ବେଶୀ ଦିନ ହୋଇ ନ ଥିଲା । ପ୍ରିୟାଦାସଜି ସନ୍ଥ ଥିଲେ । ସେ ସ୍ୱୟଂ ଭ୍ରମଣ କରି ଭକ୍ତମାନଙ୍କ ରହିବା ସ୍ଥାନକୁ ଯାଇ ସେମାନଙ୍କ ଜୀବନର ଘଟଣା ଜାଣି ଟୀକା ଲେଖିଥିଲେ । ଅତଏବ ପ୍ରିୟାଦାସଜୀଙ୍କ ଟୀକା ବିଶେଷ ପ୍ରାମାଣିକ । ତଥାପି ଏହି ଲେଖାରେ ଶ୍ରୀ ନାଭାଜିଙ୍କ ଲିଖିତ ନାମଦେବଜିଙ୍କ ଜୀବନର ଘଟଣାବଳି ନିଆ ହୋଇଛି । ପାଠକମାନେ ଶ୍ରୀ ନାଭାଜିଙ୍କ କବିତାରୁ ବୁଝିପାରିବେ । ଅନ୍ୟ କେତେକ ଘଟଣା ପ୍ରିୟାଦାସଜିଙ୍କ ଟୀକା ତଥା ଅନ୍ୟାନ୍ୟ ଭାଷାରେ ଲେଖା ହୋଇଥିବା ନାମଦେବଙ୍କ ଜୀବନଚରିତରୁ ନିଆ ହୋଇଛି । ଆଶାକରେ ପାଠକମାନେ ଏଥିରୁ ବିଶେଷ ଉପକୃତ ହେବେ ।

ବୋଲ ଭକ୍ତ ଓ ଭଗବାନଙ୍କୁ ଜୟ ।

## ଭକ୍ତ ପ୍ରତାପ ରାୟ

ଭଗବାନଙ୍କ ସଂସାର ଯେପରି ବିଚିତ୍ର, ମନୁଷ୍ୟମାନଙ୍କ ସ୍ୱଭାବ ଯେପରି ବିଭିନ୍ନ, ସେହିପରି ଭକ୍ତଙ୍କର ଭାବ । ଯେତେ ଭକ୍ତ ସେତେ ଭାବ । ଦୁଇଟି ଭକ୍ତଙ୍କର ଭାବ ଏକ ସଦୃଶ ହୁଏ ନାହିଁ । କେହି କେହି ଭକ୍ତ ଭଗବାନଙ୍କୁ ଭକ୍ତି କରନ୍ତି, ତାଙ୍କଠାରୁ ସାଂସାରିକ ବସ୍ତୁ, ଧନ, ପୁତ୍ର ଚାହାନ୍ତି । କେହି କେହି ଏସବୁ ନ ଚାହିଁ ଭଗବତ୍ ମାର୍ଗରେ ବାଧାରୂପେ ଛିଡ଼ାହୋଇଥିବା ପ୍ରତିକୂଳ ଅବସ୍ଥାରୁ ମୁକ୍ତି ଚାହାନ୍ତି । କେହି ଏସବୁ ନ ଚାହିଁ କେବଳ ଭଗବାନଙ୍କ ଦର୍ଶନ ଚାହାନ୍ତି । ଏହି ସମସ୍ତ ଭକ୍ତ, ଭଗବାନଙ୍କୁ ବିଶ୍ୱାସ ନ କରିବା ବ୍ୟକ୍ତି ବା ଭଗବାନଙ୍କୁ ଭକ୍ତି ନ କରିବା ବ୍ୟକ୍ତିଙ୍କଠାରୁ ଅତ୍ୟନ୍ତ ଉତ୍ତମ । କାରଣ ଭଗବାନ୍ ଆପ୍ତକାମ । ମନୁଷ୍ୟ କାମନାର କୀଟ । ପ୍ରଥମରେ ବ୍ୟକ୍ତି ଭଗବାନଙ୍କ ସମ୍ମୁଖୀନ ହେବା ସମୟରେ ତା'ର କାମନାବାସନା ପୂର୍ଣ୍ଣ ଥାଏ । ସେହି ସକାଶେ ସେ ଭଗବାନଙ୍କଠାରୁ ସାଂସାରିକ ବସ୍ତୁ ମାଗେ । ଭଗବାନଙ୍କ ସଂସ୍ପର୍ଶ ପାଇବା ଦ୍ୱାରା କ୍ରମଶଃ ତା' ମନ-ପ୍ରାଣ ଶୁଦ୍ଧ ହୁଏ, କାମନା କ୍ଷୀଣ ହୁଏ । ତେବେ ସେ ସାଂସାରିକ ବସ୍ତୁ ଚାହେଁ ନାହିଁ, କେବଳ ଭଗବତ୍ ପ୍ରାପ୍ତି ମାର୍ଗରେ ବାଧା ଦୂର କରିବାକୁ ଚାହେଁ; ଆଉ କିଛି ମାର୍ଗ ଅଗ୍ରସର ହେବାପରେ ବାଧା ଅଧିକ ପରିମାଣରେ ଦୂର ହୋଇଗଲେ ଭଗବାନଙ୍କ ପ୍ରତି ଅଧିକ ବିଶ୍ୱାସ ଓ ନିର୍ଭରତା ଉତ୍ପନ୍ନ ହୁଏ । ତା' ସତ୍ତାସବୁ ଭଗବାନଙ୍କ ଦର୍ଶନ ସକାଶେ ବ୍ୟାକୁଳ ହୋଇପଡ଼ନ୍ତି । ସେ ଭଗବାନଙ୍କ ଦର୍ଶନ ଚାହେଁ । ଏହାପରେ ଆସେ ଭଗବାନଙ୍କ ଉପରେ ପୂର୍ଣ୍ଣ ନିର୍ଭରତାର ଅବସ୍ଥା, ବ୍ୟକ୍ତି ସବୁ ସମୟରେ ଭଗବାନଙ୍କ ଉପସ୍ଥିତି ଅନୁଭବ କରେ । ଭଗବାନ୍ ତା' ନିଜର ବୋଲି ଦୃଢ଼ ବିଶ୍ୱାସ ଉତ୍ପନ୍ନ ହୁଏ । ସେତେବେଳେ ବ୍ୟକ୍ତି ଭଗବାନଙ୍କ ଦର୍ଶନ ବା ମୋକ୍ଷ ଚାହେଁ ନାହିଁ । ତାକୁ ଭଗବତ୍ ଦର୍ଶନ ଏବଂ ମୁକ୍ତି, ଏହି ଉଭୟ ଅବସ୍ଥା ପ୍ରାପ୍ତ ହୋଇଥାଏ । ତା' ସକାଶେ ନିନ୍ଦା-ପ୍ରଶଂସା, ମାନ-ଅପମାନ, ସୁଖ-ଦୁଃଖ ସବୁ ସମାନ; ସମସ୍ତ ଘଟଣାରେ ସେ

ଭଗବାନଙ୍କ ବିଧାନ ଦେଖେ । ଭଗବାନଙ୍କ ସହିତ ତା' ଚେତନା ଏକ ହୋଇଯାଇଥାଏ; ତା' ଦୃଷ୍ଟିରେ ଭଗବାନଙ୍କଠାରୁ ଭିନ୍ନ କୌଣସି ବସ୍ତୁ ନ ଥାଏ । ତା'ର ଅନିଷ୍ଟକାରୀ ବ୍ୟକ୍ତି ମଧ୍ୟରେ ସେ ଭଗବାନଙ୍କୁ ଦେଖେ; ମହାନ୍ ପ୍ରତିକୂଳ ଅବସ୍ଥାରେ ବି ସେ ବିଚଳିତ ହୁଏ ନାହିଁ । କିନ୍ତୁ ଏହି ଅବସ୍ଥାରେ ସିଧା ସିଧା ବ୍ୟକ୍ତି ପହଞ୍ଚି ପାରେ ନାହିଁ । ପ୍ରତି ଅବସ୍ଥାରେ ପରୀକ୍ଷା ଦେବାକୁ ହୁଏ, ତେବେ ସେ ଶେଷ ଲକ୍ଷ୍ୟରେ ପହଞ୍ଚେ । ଏହି ଅବସ୍ଥା ସାଧାରଣ ବ୍ୟକ୍ତିର କଳ୍ପନାରେ ଆସେ ନାହିଁ । ଏପରି ଜଣେ ଭକ୍ତଙ୍କ ଚରିତ ଆଜି ଆମ୍ଭେମାନେ ଅଧ୍ୟୟନ କରିବା ।

ଭକ୍ତ ପ୍ରତାପ ରାୟ ଜାତିରେ କ୍ଷତ୍ରିୟ ଥିଲେ । ତାଙ୍କ ପୂର୍ବଜ ବହୁ ବର୍ଷ ପୂର୍ବରୁ ହିନ୍ଦୀ ଭାଷାଭାଷୀ ପ୍ରାନ୍ତରୁ ଆସି ପଶ୍ଚିମ ବଙ୍ଗଳା ହରସୋଲା ନାମକ ଗ୍ରାମରେ ବାସ କରିଥିଲେ । ବହୁ ବର୍ଷରୁ ବଙ୍ଗଳାରେ ରହିବା ଯୋଗୁଁ ତାଙ୍କ ପଢ଼ିବା ଲେଖିବା ବୋଲଚାଲ ପ୍ରାନ୍ତ ଅନୁରୂପ ହୋଇଥିଲା । କିନ୍ତୁ ତାଙ୍କ ପରମ୍ପରାକ୍ରମେ ବୈଷ୍ଣବ ଧର୍ମ ଚାଲିଆସୁଥିବାରୁ ଭୋଜନରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା । ତାଙ୍କ ପିତାଙ୍କ ନାମ ଥିଲା ଭାନୁ ରାୟ । ମାତାଙ୍କ ନାମ କୁସୁମୀ । ମାତାପିତା ଦୁଇଜଣ ଭଗବଦ୍ ଭକ୍ତ ଏବଂ ଧାର୍ମିକପ୍ରକୃତିର ବ୍ୟକ୍ତି ଥିଲେ । ଭାନୁ ରାୟଙ୍କର ଜମିବାଡ଼ି, ଗୋରୁଗାଈ, ଧନସମ୍ପତ୍ତି ପ୍ରଚୁର ଥିଲା । ମହାଜନୀ କାରବାର ମଧ୍ୟ ଚାଲୁଥିଲା । ଅଳ୍ପ ସୁଧରେ ଟଙ୍କାପଇସା ଓ ଧାନଚାଉଳ କରଜ ଦେଉଥିଲେ । କିନ୍ତୁ ଭଗବାନଙ୍କ ଭଜନରେ ମସ୍ତ ରହୁଥିଲେ । ଲୋକଙ୍କ ପାଖରେ ତାଙ୍କ ଆଚରଣର ସମ୍ମାନ ଥିଲା । ତାଙ୍କ ସତ୍ୟ ଓ ନ୍ୟାୟପରାୟଣତା ଯୋଗୁଁ ସେ ଅତ୍ୟନ୍ତ ଲୋକପ୍ରିୟ ଥିଲେ । ପ୍ରତାପ ରାୟ ଥିଲେ ତାଙ୍କର ଏକମାତ୍ର ପୁତ୍ର ଏବଂ ଲକ୍ଷ୍ମୀ ଓ ମାଧବୀ ନାମ୍ନୀ ତାଙ୍କର ଦୁଇ କନ୍ୟା ଥିଲେ ।

ସନ୍ତାନର ସଂସ୍କାର ଏବଂ ସ୍ୱଭାବ ନିର୍ମିତ ହୁଏ ମାତା ଗର୍ଭରୁ । ମା'ର ବିଚାର, ଆଚରଣ, ଭୋଜନ ତଥା ବ୍ୟବହାର ସନ୍ତାନର ରକ୍ତ ସଙ୍ଗେ ମିଶିଯାଏ । ସେହି ସକାଶେ ପୂର୍ବେ ମା'ମାନେ ଗର୍ଭାଧାନ ସମୟରୁ ଧାର୍ମିକ, ଆଧ୍ୟାତ୍ମିକ ଶାସ୍ତ୍ର ଓ ପୁରାଣ, ଭକ୍ତ, ବୀର ଯୋଦ୍ଧାଙ୍କ ଚରିତ ପଢ଼ନ୍ତି; ଦେବମନ୍ଦିର,

ସନ୍ଥମହାତ୍ମା ଓ ମହାପୁରୁଷଙ୍କୁ ମଧ୍ୟ ଦର୍ଶନ କରନ୍ତି । ନିୟମିତରୂପେ ସତ୍ୟ ଆଚରଣ, ସତ୍ୟ ଭାଷଣ ଓ ନିୟମିତ ଆହାର କରନ୍ତି । ଇନ୍ଦ୍ରିୟସଂଯମପୂର୍ବକ ତପସ୍ୱିନୀ ଜୀବନ ବ୍ୟତୀତ କରନ୍ତି । ଏହିପରି ସୁମାତାଠାରୁ ଉତ୍ପନ୍ନ ହୁଅନ୍ତି ସୁସନ୍ତାନ । ପ୍ରତାପ ରାୟଙ୍କର ମାତା ଥିଲେ ଏହିପରି ସୁମାତା । ଏହିପରି ସୁମାତାଙ୍କ ଗର୍ଭରେ ଉନ୍ନତ ଆତ୍ମା ଜନ୍ମଗ୍ରହଣ କରନ୍ତି । ପ୍ରତାପ ରାୟଙ୍କୁ ମାତା ଗର୍ଭରୁ ଯେପରି ଉତ୍ତମ ସଂସ୍କାର ପ୍ରାପ୍ତ ଥିଲା, ସେହିପରି ଥିଲା ତାଙ୍କ ଗୃହର ପବିତ୍ର ବାତାବରଣ । ସେ ଭୂମିଷ୍ଠ ହେବା ଦିନରୁ ସେହି ଗର୍ଭସ୍ଥ ଉତ୍ତମ ସଂସ୍କାର ବୃଦ୍ଧି ହେବାକୁ ଲାଗିଲା । ତାଙ୍କ ପିତାମାତା ଥିଲେ ଶ୍ରୀକୃଷ୍ଣଙ୍କ ଭକ୍ତ । ଘରେ ଗୋପାଳଜିଙ୍କ ପ୍ରତିମା ରଖି ପୂଜା କରନ୍ତି । ସ୍ତୁତି ପଢ଼ି ନମସ୍କାର କରନ୍ତି । ଘରେ ଭାଗବତ ବୋଲାହୁଏ, ଭଗବତ୍ ନାମକୀର୍ତ୍ତନ ହେଉଥାଏ । ସମୟ ସମୟରେ ସାଧୁମହାତ୍ମାମାନେ ଘରକୁ ଆସି ଭଗବତ୍ ଚର୍ଚ୍ଚା କରନ୍ତି । ଏହିସବୁ ଉତ୍ତମ କର୍ମ ଦ୍ୱାରା ଘରର ବାତାବରଣ ଶୁଦ୍ଧ ଥାଏ । ଏହିପରି ଶୁଦ୍ଧ ବାତାବରଣ ତଥା ପିତାମାତାଙ୍କ ଉତ୍ତମ ଆଚରଣ ପ୍ରଭାବରେ ପ୍ରତାପ ରାୟ ଲାଳିତପାଳିତ ହେଲେ । ପ୍ରତିକୂଳ ପ୍ରଭାବ ତାଙ୍କୁ ସ୍ପର୍ଶ କରିପାରିଲା ନାହିଁ । ସେ କଥା କହିବା ଆରମ୍ଭ କରିବା ସମୟରୁ ପିତାମାତାଙ୍କ ପ୍ରଭାବରେ ଭଗବତ୍ ସ୍ମରଣ, କୀର୍ତ୍ତନ କରୁଥିଲେ ଏବଂ ଭଗବାନଙ୍କର ବହୁ ସ୍ତୁତି ମୁଖସ୍ଥ କରି ଗୋପାଳଜିଙ୍କ ସମ୍ମୁଖରେ ଗାନ କରୁଥିଲେ । ତାଙ୍କର ଭଗବାନଙ୍କ ପ୍ରତି ସ୍ୱତଃସ୍ଫୂର୍ତ୍ତଭାବେ ପ୍ରେମଭକ୍ତି ଉତ୍ପନ୍ନ ହେଉଥିଲା । ବାଲ୍ୟ ଅବସ୍ଥାରେ ସନ୍ତାନ ପିତାମାତାଙ୍କର ଯେଉଁ ସଂସ୍କାର ଗ୍ରହଣ କରେ, ଯେଉଁ ଶିକ୍ଷା ପାଏ, ତାହା ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ବିକଶିତ ହେଉଥାଏ ।

ଭାନୁ ରାୟଙ୍କର ପ୍ରତାପ ରାୟ ଏକମାତ୍ର ପୁତ୍ର ଥିବାରୁ ପିତାମାତା ତାଙ୍କୁ ସ୍ନେହ କରୁଥିଲେ; କିନ୍ତୁ ସେ ସ୍ନେହ ଦ୍ୱାରା ତାଙ୍କ ଜୀବନରେ ପ୍ରତିକୂଳ ଅଭ୍ୟାସ ହେଉ ନ ଥିଲା । ସେ ପିତାମାତାଙ୍କ ପାଖରେ ଜିଦ୍ କରୁ ନ ଥିଲେ । ତାଙ୍କର ଭଉଣୀମାନଙ୍କ ପ୍ରତି ଈର୍ଷାଭାବ ନ ଥିଲା; ସ୍ନାନ, ଭୋଜନ, ନିଜର ଲୁଗା ଧୋଇବା, ବିଛଣା କରିବା ଇତ୍ୟାଦି ନିଜ ହାତରେ କରିନେଉଥିଲେ ।

ଘରେ ପର୍ଯ୍ୟାପ୍ତ ସମ୍ପତ୍ତି ଥିବାସତ୍ତ୍ୱେ ତାଙ୍କର ବିଳାସବ୍ୟସନ ନ ଥିଲା । ଅଳିଅଳରେ ବା ବ୍ୟର୍ଥରେ ପଇସା ଖର୍ଚ୍ଚ କରୁ ନ ଥିଲେ । ନିଜ କାମ ସକାଶେ ଅନ୍ୟ ଉପରେ ନିର୍ଭର ନ ରଖି ସ୍ୱୟଂ କରିନେଉଥିଲେ । ବାଲ୍ୟାବସ୍ଥାରୁ ଯେଉଁମାନଙ୍କର ଆତ୍ମନିର୍ଭରଶୀଳ ଅଭ୍ୟାସ ଥାଏ ସେମାନେ କୌଣସି ଅବସ୍ଥାରେ ଦୁଃଖ ଅନୁଭବ କରନ୍ତି ନାହିଁ । ଯେଉଁ ପିତାମାତାମାନେ ପୁତ୍ରସ୍ନେହରେ ଏହି ଅଭ୍ୟାସରୁ ସନ୍ତାନକୁ ବଞ୍ଚିତ ରଖନ୍ତି ସେମାନେ ଅଜ୍ଞାତରେ ସନ୍ତାନର ଅହିତ କରନ୍ତି । ତୁଳସୀ ଦୁଇପତ୍ରରୁ ବାସିବା ନ୍ୟାୟରେ ପ୍ରତାପ ରାୟଙ୍କର ସ୍ୱଭାବରେ ବାଲ୍ୟାବସ୍ଥାରୁ ସଦ୍‌ଗୁଣ ପ୍ରତିଷ୍ଠିତ ହୋଇଥିଲା । ତାଙ୍କ ବ୍ୟବହାର ଥିଲା ମନୋମୁଗ୍ଧକର । ଯାହା ସହିତ ସେ ଥରେ କଥାବାର୍ତ୍ତା କରୁଥିଲେ ସେ ତାଙ୍କୁ ଭୁଲୁ ନ ଥିଲେ । ପ୍ରତାପ ରାୟଙ୍କର ବଡ଼ ଭଉଣୀର ନାମ ଲକ୍ଷ୍ମୀ, ଛୋଟ ଭଉଣୀର ନାମ ମାଧବୀ ଥିଲା । ସେସମୟରେ ବାଲ୍ୟ ଅବସ୍ଥାରେ ବିବାହ ହେଉଥିଲା । ଲକ୍ଷ୍ମୀର ବିବାହ ଆଗେ ହୋଇଯାଇଥିଲା । ପ୍ରତାପ ରାୟଙ୍କ ବିବାହ ହେଲା ତେର ବର୍ଷ ବୟସରେ । ମାଧବୀର ବିବାହ ହେଲା ଏଗାର ବର୍ଷ ବୟସରେ । ସାଧାରଣତଃ ତେର ବର୍ଷ ବୟସରେ ପିଲାମାନଙ୍କର ବିଷୟ ଜ୍ଞାନ ହୁଏ ନାହିଁ; ପ୍ରତାପ ରାୟ ବାଲ୍ୟାବସ୍ଥାରୁ ଭଗବତ୍ ଭକ୍ତ ଥିବାରୁ ତାଙ୍କର ବିବାହ ସମ୍ବନ୍ଧରେ କୌଣସି ଧାରଣା ନ ଥିଲା । ସେ ସକାଶେ ସେ ବିବାହ ବିରୋଧରେ ପ୍ରତିବାଦ କରିବାର କୌଣସି ପ୍ରଶ୍ନ ଉଠିଲା ନାହିଁ । ତାଙ୍କୁ ତେର ବର୍ଷ ବୟସରେ ତାଙ୍କ ପିତାମାତା ଉତ୍ତମ କୁଳ, ସୁଲକ୍ଷଣା, ରୂପଗୁଣସମ୍ପନ୍ନା ମାଳତୀ ନାମ୍ନୀ କନ୍ୟା ସହିତ ବିବାହ କରିଦେଲେ । ପ୍ରତାପ ରାୟଙ୍କ ବିବାହର ଚାରି ପାଞ୍ଚ ଦିନ ପରେ ତାଙ୍କ ଛୋଟ ଭଉଣୀ ମାଧବୀର ଏଗାର ବର୍ଷ ବୟସରେ ମଧ ବିବାହ ସମ୍ପନ୍ନ ହେଲା । ସେସମୟର ପ୍ରଥା ଅନୁସାରେ ବିବାହ ପରେ ପ୍ରତାପ ରାୟଙ୍କ ପତ୍ନୀ ରହିଲେ ତାଙ୍କ ପିତା ଗୃହରେ । ପ୍ରତାପ ରାୟ ନିଜ ଗୃହରେ ରହି ବିଦ୍ୟାଧ୍ୟୟନ କଲେ । ସେତେବେଳେ ମୁସଲମାନ ଶାସନ ଥିଲା । ସ୍କୁଲ କଲେଜ କିଛି ନ ଥିଲା । ଜଣେ ପଣ୍ଡିତଙ୍କ ଦ୍ୱାରା ପ୍ରତାପ ରାୟଙ୍କ ବିଦ୍ୟାଧ୍ୟୟନ ସମାପ୍ତ ହେବାରୁ ସେ ପିତାଙ୍କ ମହାଜନି, ଜମିଦାରି ତଥା ଚାଷ ଆଦି ଅନ୍ୟାନ୍ୟ କାର୍ଯ୍ୟରେ

ସହଯୋଗ କଲେ । ସମୟ ଅନୁସାରେ ବୋହୂ ବି ଘରକୁ ଆସିଲା । କିଛି ବର୍ଷ ପରେ ପ୍ରତାପ ରାୟଙ୍କର ଗୋଟିଏ ସୁସନ୍ତାନ ଉତ୍ପନ୍ନ ହେଲା । ତା' ନାମ ରଖାଗଲା ଦୀନବନ୍ଧୁ । ପ୍ରତାପ ରାୟଙ୍କ ୨୩ ବର୍ଷ ବୟସରେ ତାଙ୍କ ପିତା ଭାନୁ ରାୟ ଏହି ନଶ୍ୱର ଶରୀର ତ୍ୟାଗ କରି ପରଲୋକ ଗମନ କଲେ । ପିତୃବିୟୋଗ ସଙ୍ଗେ ସଙ୍ଗେ ଘରର ସମସ୍ତ ଦାୟିତ୍ୱ ତାଙ୍କ ଉପରେ ପଡ଼ିବାରୁ ସେ ବିଶେଷ ଦୁଃଖିତ ହେବା ସ୍ୱାଭାବିକ ଥିଲା । କିନ୍ତୁ ତାଙ୍କ ହୃଦୟରେ ଭଗବତ୍ ଭକ୍ତି ଏବଂ ଜ୍ଞାନ ପ୍ରକାଶ ହୋଇ ଥିବାରୁ ସେ ସଂସାରର ଗତି ହୃଦୟଙ୍ଗମ କରି ପାରିଥିଲେ । ଏହାହିଁ ସଂସାରର ନିୟମ ତଥା ଭଗବାନଙ୍କ ବିଧାନ ଜାଣି ବିଚଳିତ ହେଲେ ନାହିଁ ।

ପିତା ଭଗବତ୍ ଭକ୍ତ ଥିଲେ; ସମସ୍ତ ବସ୍ତୁ ଭଗବାନଙ୍କର ଜାଣିଥିବାରୁ ତାଙ୍କର କୌଣସି ବସ୍ତୁରେ ଆସକ୍ତି ନ ଥିଲା, ଭଗବତ୍ ନାମ ସ୍ମରଣପୂର୍ବକ ସେ ଶରୀରତ୍ୟାଗ କଲେ । ଏପରି ଅବସ୍ଥାରେ ବ୍ୟକ୍ତି ଶରୀରତ୍ୟାଗ କରି ଦିବ୍ୟଧାମରେ ଭଗବତ୍ ସେବା ପ୍ରାପ୍ତ ହୁଏ । ସେହି ଦିବ୍ୟଧାମର ପରମାନନ୍ଦ ମନୁଷ୍ୟର କଳ୍ପନାର ଅତୀତ । ଏହା ପ୍ରତାପ ରାୟ ଜାଣିଥିଲେ । ଫେର୍ ପିତାଙ୍କ ସକାଶେ ଦୁଃଖ କରନ୍ତେ କାହିଁକି ? ଦୁଃଖ କରନ୍ତି ମୋହଗ୍ରସ୍ତ ଅଜ୍ଞାନ ପ୍ରାଣୀ । ସେ ପିତାଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ଅନ୍ନବସ୍ତ୍ର, ଧନ ଉଦାର ହୃଦୟରେ ଦାନ କଲେ । ପ୍ରତାପ ରାୟ ଥିଲେ ଭକ୍ତ । ଭଗବାନଙ୍କ କୃପାରୁ ସମ୍ପତ୍ତିରେ ତାଙ୍କର ମୋହ ନ ଥିଲା । ସେ ଘର, ପରିବାର, ସମସ୍ତ ସମ୍ପତ୍ତି ଭଗବାନଙ୍କର ଜାଣି ଭଗବତ୍ ସେବା ଭାବରେ କର୍ମ କରି ଭଗବାନଙ୍କୁ ସମର୍ପଣ କରନ୍ତି । ଭଗବାନ୍ ମାଲିକ, ସେ ସେବକଭାବେ କାର୍ଯ୍ୟ କରିବାରୁ କର୍ମରେ ମହାନ୍ ଆନନ୍ଦ ଅନୁଭବ କରନ୍ତି । କର୍ମ କରନ୍ତି ଶରୀରରେ, ମନ ଲାଗିଥାଏ ଭଗବାନଙ୍କ ଚରଣକମଳରେ ।

ମା'ର ବୃଦ୍ଧାବସ୍ଥା । ପ୍ରତାପ ରାୟ ଏବଂ ତାଙ୍କ ପତିବ୍ରତା ଧର୍ମପରାୟଣା ପତ୍ନୀ ମାଳତୀ ଉତ୍ସାହ ସହିତ ମା'ଙ୍କ ସେବା କରନ୍ତି । ପିତା ଭାନୁ ରାୟଙ୍କ ଶରୀରତ୍ୟାଗର କିଛି ବର୍ଷ ପରେ ମା' ସାମାନ୍ୟ ବେମାର ହେଲେ; ସେ ସମୟରେ ତାଙ୍କ ସେବାରେ ପୁତ୍ର ଏବଂ ପୁତ୍ରବଧୂ ଉଭୟ ଉପସ୍ଥିତ ଥାଇ ଭଗବତ୍

ନାମ ଶୁଣାଉଥିଲେ । ସେହି ସମୟରେ ସେ ନିଜେ ଭଗବତ୍ ନାମ ଉଚ୍ଚାରଣପୂର୍ବକ ନଶ୍ୱର ଶରୀର ତ୍ୟାଗ କଲେ । ପ୍ରତାପ ରାୟ ମା'ଙ୍କ ଅନ୍ତ୍ୟେଷ୍ଟି କ୍ରିୟା ବହୁତ ଉତ୍ସାହରେ କଲେ ଏବଂ ମୁକ୍ତ ହସ୍ତରେ ଦାନ ଦକ୍ଷିଣା ଦେଇ ବ୍ରାହ୍ମଣମାନଙ୍କୁ ସନ୍ତୁଷ୍ଟ କଲେ । ମା' ବୃଦ୍ଧା ଥିଲେ, ଘରର କାର୍ଯ୍ୟ କିଛି ବୁଝୁ ନ ଥିଲେ । ସମସ୍ତ କାର୍ଯ୍ୟ କରୁଥିଲେ ପ୍ରତାପ ରାୟ, କିନ୍ତୁ ମାନସିକ ଧାରଣା ଅନୁସାରେ ପିତାଙ୍କ ଅନ୍ତେ ସେ ଥିଲେ ମା'ଙ୍କ ଛତ୍ର ଛାୟାରେ । ମା' ଚାଲିଯିବାରୁ ପୂର୍ଣ୍ଣରୂପେ ସମସ୍ତ ଦାୟିତ୍ୱ ପଡ଼ିଲା ପ୍ରତାପ ରାୟଙ୍କ ଉପରେ । ପ୍ରତାପ ରାୟଙ୍କର ଆସିଲା ଗୋଟିକ ପରେ ଗୋଟିଏ ପରୀକ୍ଷାର ସମୟ । ବିପଦରେହିଁ ଭକ୍ତର ହୁଏ ଭଗବାନଙ୍କ ପ୍ରତି ବିଶ୍ୱାସ ଏବଂ ନିର୍ଭରତାର ପରୀକ୍ଷା । ସବୁ ଅନୁକୂଳ, ଯାହା ଦରକାର ତାହା ଭଗବାନଙ୍କଠାରୁ ଚାହିଁଲେ ମିଳିଯାଏ, ରୋଗ ଦୂର ହୁଏ, ମକଦ୍ଦମାରେ ଜୟ ହୁଏ, ଶତ୍ରୁ ପରାସ୍ତ ହୁଏ । ଏହାହିଁ ଭଗବାନଙ୍କ ମହିମା, ଏହାହିଁ ଭଗବତ୍ ଭକ୍ତିର ପ୍ରତାପ । ଏଥିରେ ବିଶ୍ୱାସ ହେବା ସ୍ୱାଭାବିକ । ଏପରି ଅବସ୍ଥାରେ ନାସ୍ତିକ ବି ବିଶ୍ୱାସ କରେ । କିନ୍ତୁ ଭକ୍ତିର ପରୀକ୍ଷା ହୁଏ ପ୍ରତିକୂଳ ଅବସ୍ଥାରେ । ଯେତେବେଳେ ବିପଦର ମେଘ ଗର୍ଜନ କରି ଚାରିଆଡୁ ଘୋଟିଆସେ, ମିତ୍ର ଶତ୍ରୁରେ ପରିଣତ ହୁଏ, ପ୍ରଶଂସା ସ୍ଥାନରେ ଆସେ ତୀବ୍ର ନିନ୍ଦା, ଆଦର ସ୍ଥାନରେ ଆସେ ଘୃଣା, ସମ୍ପତ୍ତି ସ୍ଥାନରେ ଆସେ ଦରିଦ୍ରତା, ସମସ୍ତ କାର୍ଯ୍ୟରେ ହୁଏ ବିଫଳତା, ସେତିକିବେଳେ ହୁଏ ଭକ୍ତର ପରୀକ୍ଷା । ସେହି ବିପଦ ସମୟରେ ଯଦି ଭକ୍ତ ଭଗବାନଙ୍କ ଉପରେ ଦୃଢ଼ ନିର୍ଭରଶୀଳ ହୋଇ ଅବିଚଳିତ ରହେ, ଭଗବାନଙ୍କ କରୁଣା ଅନୁଭବ କରେ ତେବେ ତା' ଭକ୍ତି-ସୁନା ଅଗ୍ନିରେ ପୋଡ଼ି ବଣିଆ ନିହାଇରେ ପିଟିବାରେ ତା'ର ଯଥାର୍ଥ ବର୍ଣ୍ଣ ଚମକିବା ସଦୃଶ ତା' ଭକ୍ତି-ଭାନୁ ଦେଦୀପ୍ୟମାନ ହୁଏ । ବିପଦ ସମୟରେ ବି ଭଗବାନ୍ ଭକ୍ତକୁ ଛାଡ଼ି ଯାଆନ୍ତି ନାହିଁ । ସେ ତା' ଅନ୍ତରାଳରେ ରହି ତା' ମସ୍ତକରେ ବରଦ ହସ୍ତ ରଖିଥାଆନ୍ତି । ବିଶ୍ୱାସୀ ଭକ୍ତ ତାହା ଦେଖିପାରେ, ଅନୁଭବ କରିପାରେ । ସେହି ବଳରେ ସେ ନିର୍ଭୀକ ରହେ । ବିପଦକୁ ପରବାୟ କରେ ନାହିଁ । କିନ୍ତୁ ଯେଉଁମାନେ ସ୍ୱାର୍ଥୀ ଭକ୍ତ, କେବଳ ଭଗବାନଙ୍କଠାରୁ ସ୍ୱାର୍ଥ

ସିଦ୍ଧି କରିବା ଚାହାନ୍ତି, ସେହିମାନେ ବିପଦରେ ବିଚଳିତ ହୁଅନ୍ତି ଏବଂ ଭଗବାନଙ୍କ ପ୍ରତି ବିଶ୍ୱାସ ହରାନ୍ତି, ସେମାନେ ଭଗବାନଙ୍କ ଚରଣରେ ଯଥାର୍ଥରେ ନିଜକୁ ସମର୍ପଣ କରି ନ ଥା'ନ୍ତି ।

ପ୍ରତାପ ରାୟଙ୍କର ଜାଗତିକ ଦୃଷ୍ଟିରେ ସୁଖର ସମୟ ବ୍ୟତୀତ ହେଲା । ବିପଦ ପରେ ବିପଦର ଅଧ୍ୟାୟ ଆରମ୍ଭ ହେଲା । କିନ୍ତୁ ପ୍ରତାପ ରାୟ ତଥା ତାଙ୍କ ଧର୍ମପତ୍ନୀ ମାଳତୀ ମହାନ୍ ବିପଦରେହିଁ ଭଗବତ୍ ଦିବ୍ୟାନନ୍ଦ ଅନୁଭବ କରୁଥିଲେ । ପ୍ରତାପ ରାୟଙ୍କ ପିତା ଏବଂ ମାତା ଜଣକ ପରେ ଜଣେ ଏହି ସଂସାର ତ୍ୟାଗ କରି ଚାଲିଗଲେ । ତାଙ୍କର ଥିଲା ଏକମାତ୍ର ବାରବର୍ଷ ବୟସର ସନ୍ତାନ ଦୀନବନ୍ଧୁ । ତା'ର ରୂପ ଯେପରି ସୁନ୍ଦର, ଗୁଣ ସେହିପରି ମଧୁର । ତା' ସହିତ ସୁନାରେ ସୁଗନ୍ଧ ସଦୃଶ ଥିଲା ଭଗବତ୍ ଭକ୍ତି । ଏପରି ରୂପଗୁଣସମ୍ପନ୍ନ ଏକମାତ୍ର ସନ୍ତାନ ପ୍ରତି ପିତାମାତାଙ୍କର ଅସାଧାରଣ ସ୍ନେହ ହେବା ସ୍ୱାଭାବିକ । ସଂସାରୀ ବ୍ୟକ୍ତିଙ୍କର ତ' ପୁତ୍ର ନିଜ ପ୍ରାଣରୁ ଅତ୍ୟଧିକ ପ୍ରିୟ ।

ପ୍ରତାପ ରାୟଙ୍କ ପୁତ୍ର ଦୀନବନ୍ଧୁକୁ ବାରବର୍ଷ ବୟସରେ ହଠାତ୍ ଦିନେ ଜ୍ୱର ହେଲା । ମା' ମାଳତୀ ବ୍ୟସ୍ତ ହୋଇ ପତିଦେବଙ୍କୁ କହିଲେ । ସଙ୍ଗେ ସଙ୍ଗେ ବୈଦ୍ୟ ଡକା ହେଲା, ଉପଚାର ଆରମ୍ଭ ହେଲା । କିନ୍ତୁ ଔଷଧର କିଛି ଫଳ ହେଲା ନାହିଁ, ଜ୍ୱର ବଢ଼ିବାକୁ ଲାଗିଲା । ଶେଷରେ ହେଲା ସନ୍ନିପାତ । ସେ ସମୟର ଭଲ ଭଲ ବୈଦ୍ୟ ଏବଂ ମୁସଲମାନ ହକିମ ଆସିଲେ, ବହୁ ପ୍ରକାର ଔଷଧ ଦେଲେ, ସବୁ ହେଲା ବ୍ୟର୍ଥ । କିନ୍ତୁ ଏକମାତ୍ର ପୁତ୍ର ମୃତ୍ୟୁମୁଖରେ ଥିବା ଅବସ୍ଥାରେ ପ୍ରତାପ ରାୟ ଏବଂ ତାଙ୍କ ସାଧ୍ୱୀ ପତ୍ନୀ ମାଳତୀ ତା' ଖଟ ଉପରେ ବସି ସେବା କରୁଥାଆନ୍ତି । ପୁତ୍ରର ମୃତ୍ୟୁର ସମସ୍ତ ଲକ୍ଷଣ ଦେଖି ସେମାନେ ଧୈର୍ଯ୍ୟଚ୍ୟୁତ ନ ହୋଇ, ପୁତ୍ରକୁ ସଚେତ କରି, ସଂସାର ଅସାର ଏବଂ ଏକମାତ୍ର ଭଗବାନ୍ ସାର ବୋଲି ବୁଝାଉଥାଆନ୍ତି ଏବଂ ଭଗବତ୍ ନାମ ସ୍ମରଣ କରିବାକୁ ପ୍ରେରଣା ଦେଉଥାନ୍ତି । ସ୍ୱୟଂ ମଧ୍ୟ ଭଗବତ୍ ନାମ ସ୍ମରଣ କରୁଥାଆନ୍ତି । ପୁତ୍ରର ଅନ୍ତିମ ସମୟରେ ନିଜ କୋଳରେ ବସାଇ ଭଗବତ୍ ନାମ ଉଚ୍ଚାରଣ କରୁ କରୁ ତା' ପ୍ରାଣପକ୍ଷୀ ଉଡ଼ିଗଲା । ଏହାହିଁ ଯଥାର୍ଥ ସେବା ।

ଏଥିରେହିଁ ମନୁଷ୍ୟ ଜନ୍ମମରଣ ମହାନ୍ ଦୁଃଖରୁ ନିବୃତ୍ତ ହୁଏ । ଜ୍ଞାନ-ସୂର୍ଯ୍ୟ ନିଜ ହୃଦୟାକାଶରେ ପ୍ରକାଶ ନ ହେଲେ ବ୍ୟକ୍ତି ନିଜ ସନ୍ତାନସନ୍ତତିଙ୍କର ମୃତ୍ୟୁ ବିୟୋଗରେ ଦାରୁଣ ଦୁଃଖ ଅନୁଭବ କରେ; ପରିବାରର ବ୍ୟାକୁଳତାର ପ୍ରତିକ୍ରିୟାସ୍ୱରୂପ ମୃତ ଆତ୍ମା ତା'ର ସୂକ୍ଷ୍ମ ଭୌତିକ ଶରୀର ନଷ୍ଟ ନ ହେବା ପର୍ଯ୍ୟନ୍ତ ବହୁତ କଷ୍ଟ ପାଏ । ପ୍ରତାପ ରାୟ ଏବଂ ତାଙ୍କ ଧର୍ମପତ୍ନୀ ଭଗବତ୍ ଭକ୍ତି ପ୍ରଭାବରେ ସଂସାରର ମୋହକୁ ଅତିକ୍ରମ କରି ପାରିଥିଲେ । ସେ ସଂସାରର ମୋହମାୟା, ପିତାପୁତ୍ରର ଅସ୍ଥାୟୀ ସମ୍ବନ୍ଧ ପଶ୍ଚାତ୍‌ରେ ଆତ୍ମାକୁ ଅନୁଭବ କରୁଥିଲେ । ସେହି ସକାଶେ ସେ ଗୋଟିଏ ମାତ୍ର ସଦ୍‌ଗୁଣବିଭୂଷିତ ପୁତ୍ରର ମୃତ୍ୟୁରେ ଅଧୈର୍ଯ୍ୟ ନ ହୋଇ ଅବିଚଳିତ ରହିଲେ । ସେ ସ୍ପଷ୍ଟଭାବେ ବୁଝି ପାରିଥିଲେ ଯେ ସଂସାର ଭଗବାନଙ୍କର, ଆତ୍ମା ଭଗବାନଙ୍କ ଅଂଶ ବା ପ୍ରତିଭୂ । ବିକାଶ ସକାଶେ ଜନ୍ମମରଣ ଅବଶ୍ୟମ୍ଭାବୀ । ଆତ୍ମା ଜନ୍ମ ନିଏ, ଭଗବତ୍ ବିଧାନ ଅନୁସାରେ ମାତାପିତା ହୁଅନ୍ତି, ମୃତ୍ୟୁ ପରେ ସେ ଅନ୍ୟତ୍ର ବିକାଶ ସକାଶେ ଚାଲିଯାଏ । ଏହା ଭଗବାନଙ୍କ ସୃଷ୍ଟିର ଲୀଳା । ନାଟକ ସଦୃଶ ସଂସାରକୁ ସତ୍ୟ ମାନି ଏହା ସକାଶେ ଶୋକ କରିବା କେବଳ ମୋହ ଏବଂ ଅଜ୍ଞାନତା । ବ୍ୟକ୍ତିକୁ ଜ୍ଞାନ ପ୍ରାପ୍ତ ହେଲେ ସେ ନିଜ ଉପରେ ଆସିବା ଦୁଃଖରେ ବିଚଳିତ ହୁଏ ନାହିଁ । ଏହି ପରୀକ୍ଷା ହେଲା ତାଙ୍କ ପୁତ୍ରର ମୃତ୍ୟୁରେ । ସେହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ପ୍ରତାପ ରାୟ । ଏହାର କିଛି ଦିନ ପରେ ଆସିଲା ଅନ୍ୟ ଗୋଟିଏ ଘଟଣା ।

ପ୍ରତାପ ରାୟଙ୍କ ଛୋଟ ଭଉଣୀ ମାଧବୀର ପତି ବଲ୍ଲଭ ରାୟ ବେମାର ହେଲେ । ବହୁତପ୍ରକାର ଚିକିତ୍ସାରେ ମଧ ଭଲ ହେଲେ ନାହିଁ । ରୋଗ ବୃଦ୍ଧି ହେଲା, ସେ ମୃତ୍ୟୁଶଯ୍ୟାରେ ପଡ଼ିଲେ । ଚିକିତ୍ସା ବ୍ୟର୍ଥ ହେବାରୁ ପ୍ରତାପ ରାୟଙ୍କ ବଡ଼ ଭଉଣୀ ଲକ୍ଷ୍ମୀ ବ୍ୟାକୁଳ ହୋଇ ପ୍ରତାପ ରାୟଙ୍କୁ କହିଲେ, ''ପ୍ରତାପ, ତୁ ମାଧବୀକୁ ବିପଦରୁ ରକ୍ଷା କରିବା ସକାଶେ ଭଗବାନଙ୍କୁ ପ୍ରାର୍ଥନା କର । ଭଗବାନ୍ ତୋ ପ୍ରାର୍ଥନା ଅବଶ୍ୟ ଶୁଣିବେ ଏବଂ ବଲ୍ଲଭ ରାୟଙ୍କୁ ମୃତ୍ୟୁମୁଖରୁ ନିଶ୍ଚୟ ଉଦ୍ଧାର କରିବେ ।''

ପ୍ରତାପ ରାୟ ଭଗବାନଙ୍କ ଚରଣରେ ନିଜକୁ ସମ୍ପୂର୍ଣ୍ଣରୂପେ ସମର୍ପଣ କରିଦେଇଥିଲେ । ତାଙ୍କର ଦୃଢ଼ ବିଶ୍ୱାସ ଥିଲା, ତାଙ୍କ ନିଜର ହିତ ତାଙ୍କଠାରୁ ଅନନ୍ତ ଗୁଣେ ଭଗବାନ୍ ଜାଣନ୍ତି ଏବଂ ତାହାର ବିଧାନ କରନ୍ତି । ସେହି ସକାଶେ ଲୋକଦୃଷ୍ଟିରେ ମହାନ୍ ବିପଦରେ ବି ସେ ଭଗବାନଙ୍କ କୃପା ଅନୁଭବ କରନ୍ତି । ଭଗବତ୍ ଭକ୍ତିର ପ୍ରାରମ୍ଭିକ ଅବସ୍ଥାରେ ବ୍ୟକ୍ତି ଏହି ରହସ୍ୟ ଠିକ୍ ଠିକ୍ ବୁଝିପାରେ ନାହିଁ, ଏବଂ ସେଥିରେ ଦୃଢ଼ ରହିପାରେ ନାହିଁ । ନିଜ ସୀମିତ ବୁଦ୍ଧିରେ ସେ ଯାହା ଉତ୍ତମ ବୋଲି ମନେକରେ ତା' ସକାଶେ ଭଗବାନଙ୍କ ପାଖରେ ପ୍ରାର୍ଥନା କରେ । ବହୁତ ସମୟରେ ହୁଏ ଭଗବାନଙ୍କ ବିଧାନର ବିପରୀତ । ସେଥିରେ ହୁଏ ନିଜ ସାଧନା ବ୍ୟାହତ ଏବଂ ମାର୍ଗ ହୁଏ ଜଟିଳ । ଏହି କାରଣରୁ ଭଗବାନଙ୍କଠାରୁ ଅନ୍ୟ କିଛି ନ ଚାହିଁ କେବଳ ସମର୍ପଣ କରିବାକୁ ଅଭୀପ୍ସା କରିବା ଉତ୍ତମ । ଯଦି ଚାହିଁବାକୁ ହୁଏ, କେବଳ ପ୍ରତିକୂଳ ଅବସ୍ଥାରେ ଧୈର୍ଯ୍ୟ, ସାହସ ରଖି ସମର୍ପଣ, ଅଭୀପ୍ସା କରିବାକୁ ଚାହିଁବା ଉଚିତ । ଚାହିଁବା ଦ୍ୱାରା କିପରି ଭଗବାନଙ୍କ ବିଧାନ ବ୍ୟାହତ ହୁଏ, ବଲ୍ଲଭ ରାୟଙ୍କୁ ମୃତ୍ୟୁରୁ ରକ୍ଷା କରିବା ସକାଶେ ପ୍ରତାପ ରାୟଙ୍କ ପ୍ରାର୍ଥନାରୁ ତାହା ବୁଝିପାରିବା ।

ଭଗବାନଙ୍କଠାରୁ କିଛି ଚାହିଁବାରେ ଭୁଲ୍ ହୁଏ ବୋଲି ପ୍ରତାପ ରାୟ ଜାଣିଥିଲେ । କିନ୍ତୁ ବଡ଼ ଭଉଣୀ ଲକ୍ଷ୍ମୀର ଆଗ୍ରହ, ସାନ ଭଉଣୀ ମାଧବୀ ବ୍ୟାକୁଳ ହୋଇପଡ଼ିବା ଆଶଙ୍କାରେ ସେ ଭଗବାନଙ୍କୁ ପ୍ରାର୍ଥନା କରିବାକୁ ସ୍ୱୀକାର କଲେ । ଏଥିରେ ଲକ୍ଷ୍ମୀକୁ ସନ୍ତୋଷ ହେଲା । ସେ ବିଶ୍ୱାସ କଲା ପ୍ରତାପ ରାୟର ପ୍ରାର୍ଥନାରେ ଭଗବାନଙ୍କ କୃପାରୁ ବଲ୍ଲଭ ରାୟ ଆରୋଗ୍ୟ ହୋଇଯିବେ ।

ବଲ୍ଲଭ ରାୟଙ୍କ ମୃତ୍ୟୁଶଯ୍ୟାର ଗୋଟିଏ ପାଖରେ ପ୍ରତାପ ରାୟ, ଅନ୍ୟ ପାଖରେ ଲକ୍ଷ୍ମୀ ଏବଂ ମାଧବୀ ଦୁଇ ଭଉଣୀ ଥାଆନ୍ତି । ରାତ୍ରିର ତୃତୀୟ ପ୍ରହର । ପ୍ରତାପ ରାୟଙ୍କୁ କିଛି ପରିମାଣରେ ତନ୍ଦ୍ରା ଆସିଗଲା । କିନ୍ତୁ ପୂର୍ଣ୍ଣ ରୂପେ ସଚେତନ ଥିଲେ । ସେହି ତନ୍ଦ୍ରାବସ୍ଥାରେ ଦେଖିଲେ, ଘର ହଠାତ୍ ଜ୍ୟୋତିଃରେ ଜକଜକ ହୋଇଗଲା । ଦିବ୍ୟ ଶରୀରଧାରୀ ଚାରୀ ଭଗବତ୍ ପାର୍ଷଦ ସେହି ଜ୍ୟୋତିଃ ମଧ୍ୟରେ ପ୍ରକଟ ହେଲେ । ବଲ୍ଲଭଙ୍କର ଆତ୍ମାଙ୍କୁ କହିଲେ,

''ତୁମେ ବହୁତ ପୁଣ୍ୟବାନ୍ । ପୂର୍ବଜନ୍ମରେ ତୁମେ ଭଗବତ୍ ଦିବ୍ୟ ଧାମ ପ୍ରାପ୍ତ ହୋଇଥାଆନ୍ତ, କିନ୍ତୁ ମାଧବୀ ପ୍ରତି ତୁମର କିଛି ଅଂଶରେ ଆସକ୍ତି ବାକୀ ରହିଯାଇ
ଥିବାରୁ ତୁମକୁ ଏହି ଜନ୍ମ ନେବାକୁ ପଡ଼ିଲା । ବର୍ତ୍ତମାନ ତାହା ପୂର୍ଣ୍ଣ ହୋଇଯାଇଛି । ତୁମେ ଭଗବତ୍ ଧାମର ଅଧିକାରୀ । ମାଧବୀର ମଧ୍ୟ ଆଉ ବାସନା ବାକୀ ନାହିଁ । ସେ ସତୀ ହୋଇ ତୁମ ଚିତାରେ ଦେହ ତ୍ୟାଗ କରି ତୁମ ସହିତ ପରମଧାମକୁ ପ୍ରାପ୍ତ ହେବ । କିନ୍ତୁ ଏହି କାର୍ଯ୍ୟରେ ପ୍ରତାପ ରାୟ ବାଧା ଦେଇପାରନ୍ତି । ସେ ତୁମ ଜୀବନରକ୍ଷା ସକାଶେ ପ୍ରାର୍ଥନା କରିବାକୁ ଚାହୁଁଛନ୍ତି । ସେ ଯଦି ପ୍ରାର୍ଥନା କରିବେ ତେବେ ତାଙ୍କର ପ୍ରାର୍ଥନା ଭଗବାନ୍ ଅବଶ୍ୟ ରକ୍ଷା କରିବେ । ଆମ୍ଭେମାନେ ଫେରିଯିବୁ ।'' ଏ କଥା ଶୁଣି ବଲ୍ଲଭଙ୍କ ଆତ୍ମା ଉତ୍ତର ଦେଲେ, ''ଭଗବାନ୍, ପ୍ରତାପ ରାୟ ଭଗବତ୍ ଭକ୍ତ । ସଂସାରୀ ମୋହମାୟା ପରେ ତାଙ୍କ ଚେତନା । ସେ ଭଗବାନଙ୍କ ବିଧାନରେହିଁ ସର୍ବଦା ଆନନ୍ଦିତ ହୁଅନ୍ତି ଏବଂ ଜାଣନ୍ତି ମନୁଷ୍ୟଜନ୍ମର ସାର୍ଥକତା ଭଗବତ୍ ପ୍ରାପ୍ତିରେ । ମୋର ଜନ୍ମଜନ୍ମାନ୍ତରର ଆଶା ପୂର୍ଣ୍ଣ ହେବାର ସୁଯୋଗ ଆସିଛି । ଏପରି ସୁଅବସରରେ ସେ କାହିଁକି ବାଧା ଦେବେ ? ଭଗବନ୍, ଆଉ ବିଳମ୍ବ କର ନାହିଁ; ମୋତେ ଶୀଘ୍ର ନେଇଚାଲ । ଅନନ୍ତ କାଳରୁ ବିୟୋଗ ହୋଇଥିବା ପ୍ରଭୁଙ୍କ ସାମୀପ୍ୟ ପ୍ରାପ୍ତ ହୋଇ ମୁଁ କୃତକୃତ୍ୟ ହେବି ।'' ଏହି ସମୟରେ ପ୍ରତାପ ରାୟଙ୍କ ନେତ୍ର ଖୋଲିଗଲା । ତାଙ୍କ ମନ, ପ୍ରାଣ, ଶରୀରାଦି ସମସ୍ତ ସତ୍ତାରେ ଗୋଟିଏ ଆନନ୍ଦସ୍ରୋତ ପ୍ରବାହିତ ହେଉଥିବାର ସେ ଅନୁଭବ କଲେ । ତାଙ୍କ ଦୃଷ୍ଟି ପଡ଼ିଲା ବଲ୍ଲଭଙ୍କ ଚେହେରା ଉପରେ । ସେ ଅଚେତନ ଅବସ୍ଥାରେ ଥିଲେ । ତାଙ୍କ ଶରୀରରେ ଜ୍ୟୋତିଃ ଜକଜକ ହେଉଥିଲା । ପ୍ରତାପ ରାୟଙ୍କ ସମସ୍ତ ସତ୍ତା ଆନନ୍ଦରେ ପୂର୍ଣ୍ଣ ଥିବାରୁ ତାଙ୍କ ମୁଖରୁ ଗୋଟିଏ ହେଲେ ଶବ୍ଦ ବାହାରୁ ନ ଥିଲା । ସେହି ସମୟରେ ମାଧବୀ ଆନନ୍ଦରେ ବିଭୋର ହୋଇ ପ୍ରତାପ ରାୟଙ୍କୁ ସମ୍ବୋଧନ କରି କହିଲେ, ''ଭାଇ, ମୁଁ ବର୍ତ୍ତମାନ ଗୋଟିଏ ବିଚିତ୍ର ସ୍ୱପ୍ନ ଦେଖିଲି । ଭଗବାନଙ୍କ ପାର୍ଷଦ ପତିଦେବଙ୍କୁ ନେବା ସକାଶେ ଗୋଟିଏ ଦିବ୍ୟ

ରଥ ଆଣି ଆସିଥିଲେ । ମୋତେ ସେହି ରଥରେ ବସାଇ ଦିବ୍ୟ ବୈକୁଣ୍ଠଧାମ ଦର୍ଶନ କରାଇଲେ । କହିଲେ, ‘‘ତୋତେ ଏବଂ ତୋ ପତିଦେବଙ୍କୁ ଏହି ଧାମକୁ ନେଇଆସିବାକୁ ଆସିଛୁ, କିନ୍ତୁ ତୋ ଭାଇ ପ୍ରତାପ ରାୟ ଏଥିରେ ବାଧା ଦେବାକୁ ଚାହୁଁଛି ।’’ ଏତିକି କହି ମାଧବୀ ପୁନରାୟ ସଂଜ୍ଞାହୀନ ହୋଇଗଲେ ଏବଂ କିଛି ସମୟ ପରେ ସଚେତ ହୋଇ ପ୍ରତାପ ରାୟଙ୍କୁ କହିଲେ, ‘‘ଭାଇ, ଆମ୍ଭେମାନେ ମରୁ ନାହୁଁ । ଋଷି, ମୁନି ଜନ୍ମଜନ୍ମାନ୍ତର ତପସ୍ୟା କରି ଯେଉଁ ଧାମକୁ ପ୍ରାପ୍ତ ହୁଅନ୍ତି ସେଠାକୁ ଆମ୍ଭେମାନେ ଯାଉଅଛୁ । ଆମ୍ଭମାନଙ୍କ ଏହି ପରମ ସୌଭାଗ୍ୟ ସୁଖରେ ତୁମେ କାହିଁକି ବାଧା ଦେବ ?’’ ଏହା କହିବା ପରେ ସମସ୍ତ ସ୍ୱପ୍ନର ଘଟଣା ପ୍ରତାପ ରାୟଙ୍କୁ ଶୁଣାଇ ଦେଲେ । ପ୍ରତାପ ରାୟ ଯେଉଁ ସ୍ୱପ୍ନ ବା ସୂକ୍ଷ୍ମ ଦୃଶ୍ୟ ଦେଖିଥିଲେ ମାଧବୀ ଠିକ୍ ତାହାହିଁ କହିଲେ । ଏଥିରେ ପ୍ରତାପ ରାୟଙ୍କ ସ୍ୱପ୍ନ ଅଧିକରୁ ଅଧିକ ସତ୍ୟ ପ୍ରତୀତ ହେଲା । ଏହିପରି ଦୃଶ୍ୟ ବା ସ୍ୱପ୍ନ ଯେଉଁମାନଙ୍କୁ ହୁଏ ତାହାର ସତ୍ୟତାରେ ସ୍ୱପ୍ନଦ୍ରଷ୍ଟାର ତିଳେ ହେଲେ ସନ୍ଦେହ ନ ଥାଏ । କିନ୍ତୁ ଯେଉଁମାନଙ୍କୁ ଏହି ଅନୁଭୂତି ପ୍ରାପ୍ତ ନ ଥାଏ ସେମାନେ ନିଜର ସନ୍ଦେହାତ୍ମକ ମନରେ କଳ୍ପନା ବା ଧାରଣା ବୋଲି କହିପାରନ୍ତି । ପ୍ରତାପ ରାୟ ମନେ ମନେ କହିଲେ, ‘‘ମୁଁ ଭଗବାନଙ୍କ ବିଧାନର ବରୋଧ ବଲ୍ଲଭକୁ ଜୀବିତ ରଖିବା ସକାଶେ ଭଗବାନଙ୍କୁ ପ୍ରାର୍ଥନା କରି କେତେ ବଡ଼ ଭୁଲ୍ କରିବାକୁ ଯାଉଥିଲି । ଭଗବାନ୍ ସର୍ବଶକ୍ତିମାନ୍, ସର୍ବନିୟନ୍ତା ଏବଂ ଦୟାକରୁଣାଦି ଦିବ୍ୟଗୁଣର ଆଧାର । ସେ ସର୍ବଦା ଆମ୍ଭମାନଙ୍କ ଉତ୍ତମରୁ ଉତ୍ତମ ମଙ୍ଗଳ କରନ୍ତି । କିନ୍ତୁ ଆମ୍ଭେମାନେ ଅଜ୍ଞାନ, ମୋହମାୟାର ବଶବର୍ତ୍ତୀ ହୋଇ ଭବିଷ୍ୟତ୍ ଜ୍ଞାନ ଅଭାବରୁ କ୍ଷୁଦ୍ର ବୁଦ୍ଧି ସୀମାରେ ନିଜର ଯେଉଁ ମଙ୍ଗଳ ଚାହୁଁ ତାହା ଯଥାର୍ଥରେ ଅମଙ୍ଗଳ । ନିଜ କଲ୍ୟାଣ ସକାଶେ ଭଗବାନଙ୍କଠାରୁ କିଛି ଚାହିଁବାର ଅର୍ଥ ନିଜକୁ ଠକିବା । କେବେ କେବେ ଆମ୍ଭେମାନେ ଭଗବାନଙ୍କଠାରୁ ଅଜ୍ଞାନତାବଶତଃ ନିଜ କଲ୍ୟାଣର ବିପରୀତ ବସ୍ତୁ ମାଗିନେଉ । କିନ୍ତୁ ଭଗବାନ୍ କରୁଣାସିନ୍ଧୁ ଏବଂ ଦୀନବନ୍ଧୁ । ଆମ୍ଭମାନଙ୍କ ମୂର୍ଖତାପୂର୍ଣ୍ଣ କର୍ତ୍ତବ୍ୟକୁ ଦୃଷ୍ଟି ନ ଦେଇ ଆମ୍ଭମାନଙ୍କ ଭୁଲ୍ ବୁଝାଇଦିଅନ୍ତି ତଥା ଆମ୍ଭମାନଙ୍କର ଅକଲ୍ୟାଣ ବସ୍ତୁ

ଦିଅନ୍ତି ନାହିଁ । ସବୁଠାରୁ ଭଲ ହୁଏ ଭଗବାନଙ୍କଠାରୁ କିଛି ନ ଚାହିଁ କେବଳ ତାଙ୍କ ଚରଣରେ ନିଜକୁ ନିବେଦନ କରିଦେବା ।'' ମାଧବୀର ସ୍ୱପ୍ନ ଘଟଣା ବଡ଼ ଭଉଣୀ ଲକ୍ଷ୍ମୀ ଶୁଣି ତାକୁ ବି ସନ୍ତୋଷ ହେଲା । ଏହି ସମୟରେ ବଲ୍ଲଭଙ୍କ ଆଖି ଖୋଲିଗଲା । ତାଙ୍କ ଚେହେରାରେ ଗୋଟିଏ ଜ୍ୟୋତିଃ ଜକଜକ ହେଲା । ଭଗବତ୍ ନାମ ଉଚ୍ଚାରଣ କରୁ କରୁ ତାଙ୍କ ବ୍ରହ୍ମାଣ୍ଡ ଫାଟିଗଲା ଏବଂ ପ୍ରାଣପକ୍ଷୀ ଉଡ଼ିଗଲା । ପତିର ଚିତାରେ ମାଧବୀ ସତୀ ହୋଇ ଶରୀର ତ୍ୟାଗ କଲେ । ଏହି ଘଟଣାରେ ପ୍ରତାପ ରାୟଙ୍କ ଭଗବତ୍ ବିଶ୍ୱାସ ଦୃଢ଼ରୁ ଦୃଢ଼ତର ହେଲା ।

ମନୁଷ୍ୟ ଯେଉଁ ଆସକ୍ତିବଶତଃ ନାନାପ୍ରକାର ଅସତ୍ୟ, ଅନ୍ୟାୟ କାର୍ଯ୍ୟ କରେ, ପ୍ରତାପ ରାୟଙ୍କର ସେହି ସମସ୍ତ ଆସକ୍ତି ଭଗବତ୍ ଚରଣରେ ସମର୍ପିତ ହୋଇସାରିଥିଲା । ସେ ଭଗବତ୍ ସେବା ଭାବରେ ଗୃହର ସମସ୍ତ କାର୍ଯ୍ୟ କରୁଥିଲେ । ତାଙ୍କର ପରମ୍ପରାରୁ ମହାଜନୀ କାମ ଚାଲିଆସିଥିଲା । ସେ ଲୋକଙ୍କ ସୁବିଧା ସକାଶେ ଅତି ଅଳ୍ପ ସୁଧରେ ଟଙ୍କା, ଧାନ, ଚାଉଳ ଆଦି କରଜ ଦେଉଥିଲେ । ସେ ରଖିଥିଲେ ଗୋଟାଏ ଲୁହାର ବଡ଼ ସିନ୍ଦୁକ । ଯେଉଁମାନେ କରଜ ନେଉଥିଲେ ସେମାନେ ସୁନାରୁପା ଆଣି ସେହି ସିନ୍ଦୁକରେ ନିଜ ନାମ ସହ କେତେ ଟଙ୍କା ନେଲେ ତାହା ଲେଖି ବନ୍ଧକ ଦ୍ରବ୍ୟ ରଖି ଦେଉଥିଲେ, ସୁବିଧା ଅନୁସାରେ ଟଙ୍କା ଫେରସ୍ତ ଦେଇ ନିଜ ବସ୍ତୁ ନେଇ ଯାଉଥିଲେ । ପ୍ରତାପ ରାୟ କେବଳ ତାଙ୍କ ଖାତାରେ ନାମ ଏବଂ ଟଙ୍କା ଲେଖି ନେଉଥିଲେ । ଯେଉଁ ଗରିବ ବ୍ୟକ୍ତି ସୁଧ ଦେଇ ପାରୁ ନ ଥିଲା ତାକୁ ମାଫ୍ କରିଦେଉଥିଲେ । ତାଙ୍କର ଏହି ସତ୍ୟ, ଦୟା ବ୍ୟବହାର ତଥା ଭଗବତ୍ ଭକ୍ତିର ପ୍ରଭାବରେ ସମସ୍ତ ବ୍ୟକ୍ତି ହୃଦୟରେ ଆଦରସମ୍ମାନ କରିବାକୁ ଲାଗିଲେ । ତାଙ୍କ ଯଶଃ କ୍ରମଶଃ ବିସ୍ତାର ହେବାକୁ ଲାଗିଲା ।

ସଂସାରରେ କେତେକ ଲୋକ ଥାଆନ୍ତି, ଅନ୍ୟର ସଦ୍‌ଗୁଣ ତଥା ଯଶଃରେ ସେମାନଙ୍କ ଗାତ୍ରଦାହ ହୁଏ ସେମାନେ ସଜ୍ଜନ, ସନ୍ଥସ୍ୱଭାବ ବ୍ୟକ୍ତିଙ୍କ ଅନିଷ୍ଟ ଚିନ୍ତାରେ ସୁଖନିଦ୍ରା ପାଇ ପାରନ୍ତି ନାହିଁ । ଏହି ସ୍ୱଭାବର କେତେକ ବ୍ୟକ୍ତି ପ୍ରତାପ ରାୟଙ୍କ ଯଶଃ ବରଦାସ୍ତ କରିପାରିଲେ ନାହିଁ । ତାଙ୍କ ଯଶଃରେ

କଳଙ୍କ ଲଗାଇବାର ଉପାୟ ଖୋଜିବାକୁ ଲାଗିଲେ । ପ୍ରତାପ ରାୟଙ୍କ ସରଳତା, ନିଷ୍କପଟତା ଓ ନିର୍ବୈରତାରୁ ଲାଭ ଉଠାଇବା ସକାଶେ କେତେକ ଦୁଷ୍ଟସ୍ୱଭାବର ଧୂର୍ତ୍ତ ଲୋକ ପରାମର୍ଶ କରି, ଗୋଟିଏ ଗୋଟିଏ ଅତ୍ୟନ୍ତ ସୁନ୍ଦର ଥଳିରେ ବାଲିଗରଡ଼ା ଏବଂ ପଥର ରଖି ଜଣ ଜଣ ହୋଇ ପ୍ରତାପ ରାୟଙ୍କ ପାଖକୁ ଆସିଲେ । ପ୍ରତାପ ରାୟଙ୍କୁ କହିଲେ, ''ଆମ୍ଭର ଟଙ୍କା ବହୁତ ଦରକାର, ଏହି ସୁନାରୁପାର ଗହଣାଥଳିଟି ରଖି ଏତେ ଟଙ୍କା ଦିଅ, କିଛି ମାସ ପରେ ମୂଳ ସହିତ ସୁଧ ଦେଇ ଆମ ଗହଣା ଆମେ ନେଇନେବୁ ।'' ଏହିପରି ଭିନ୍ନ ଭିନ୍ନ ରୂପେ ସମସ୍ତେ କହିଲେ । ପ୍ରତାପ ରାୟ ସେଥିରେ ସମ୍ମତ ହେଲେ ଏବଂ ଟଙ୍କା ଗଣିଦେଲେ । ସେମାନଙ୍କ ନାମ ଲେଖି ସେମାନଙ୍କୁ କହିଲେ, ''ତୁମ ଥଳି ନିଜ ନିଜ ହାତରେ ରଖ, ଟଙ୍କା ଦେଇ ଉଠାଇ ନେବ ।'' ସେମାନେ ତାହାହିଁ କଲେ । ସେମାନଙ୍କ ଷଡ଼ଯନ୍ତ୍ର ଅନୁସାରେ ସେ ସମୟରେ ସେ ସ୍ଥାନକୁ ନିଜ ଦଳର ବ୍ୟକ୍ତି ଛଡ଼ା ନ ଜାଣିଥିବା ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ବି ଡାକି ଆଣିଥିଲେ । ପ୍ରତାପ ରାୟଙ୍କର ଧନରେ ଲୋଭ ନ ଥିଲା, ସେ ଭଗବାନଙ୍କ ସେବାରୂପେ କାମ କରୁଥିଲେ । ଏହିପରି କାରବାର ତାଙ୍କର ବହୁ ଦିନରୁ ଚାଲି ଆସୁଥିଲା । ତାଙ୍କ ସତ୍ୟତାରେ ଲୋକଙ୍କର ଅତ୍ୟନ୍ତ ବିଶ୍ୱାସ ଥିଲା । ଦେବାନେବାରେ ମଧ୍ୟ କୌଣସି ଅସୁବିଧା ହେଉ ନ ଥିଲା । ଏହି ନୀଚସ୍ୱଭାବ ବ୍ୟକ୍ତିଙ୍କ କପଟତା ସମ୍ବନ୍ଧରେ ତାଙ୍କର କୌଣସି ଧାରଣା ହେଲା ନାହିଁ । ସେ କେବେ ବି ସେମାନଙ୍କ ଥଳି ଖୋଲି ଦେଖି ନ ଥିଲେ, ତାହା ଯେପରି ଥିଲା ସେପରି ରଖା ହୋଇଥିଲା । ଏକ ନିର୍ଦ୍ଦିଷ୍ଟ ଦିନରେ ଟଙ୍କା ଆଣି ସେମାନେ ପହଞ୍ଚିଲେ । ସୁଧ ସହିତ ମୂଳଧନ ପ୍ରତାପ ରାୟଙ୍କୁ ଦେଇ ନିଜ ନିଜ ଥଳି ନେଇ ସମସ୍ତଙ୍କ ସାମନାରେ ଖୋଲିଲେ । ଥଳିରୁ ବାହାରିଲା ଖଣ୍ଡପଥର ଓ ବାଲିଗରଡ଼ା ତଥା ଲୁହା ଓ ପିତଳର ଅଳଙ୍କାର । ସେ ସମୟରେ ପିତଳ ଓ କଂସାର ଅଳଙ୍କାର ବ୍ୟବହାର ହେଉଥିଲା । ଏହା ସମସ୍ତଙ୍କ ସାମନାରେ ଦେଖାଇ ପ୍ରତାପ ରାୟଙ୍କୁ ଚୋର, ଠକ, ଧୂର୍ତ୍ତ କହି ବହୁତ ତିରସ୍କାର କରି ପୋଲିସକୁ ଡାକିଆଣିଲେ । ଥଳି ରଖିବା ସମୟରେ ବହୁତ ବ୍ୟକ୍ତି ସାକ୍ଷୀ ଥିଲେ, ଖୋଲିବା ସମୟରେ ବି ବହୁତ ଲୋକ ଦେଖିଲେ ।

ସେତେବେଳେ ଥିଲା ମୁସଲମାନ ଶାସନ । ଧୂର୍ତ୍ତମାନେ ମୁସଲମାନ କାଜିଙ୍କୁ କହିଲେ, ''ପ୍ରତାପ ରାୟ ଖୁବ୍ ଚାଲାକ, ଏହିପରି ଠକବୃତ୍ତି କରି ବହୁତ ସମ୍ପତ୍ତି ଏକତ୍ର କରିଛି । ସେ ଆମ୍ଭମାନଙ୍କର ସୁନାରୁପା ଯାହା ଆତ୍ମସାତ୍ କରିଛି, ତାହା ଆମ୍ଭେମାନେ ପାଇଲେ ତୁମ୍ଭଙ୍କୁ ଅଧେ ଦେଇଦେବୁ ।'' ଏହିପରି ମିଥ୍ୟା କହି କାଜିଙ୍କୁ ପ୍ରଲୋଭନ ଦେଇ ପ୍ରତାପ ରାୟଙ୍କ ଉପରେ ମିଥ୍ୟାରେ ଅତ୍ୟଧିକ ସୁନାରୁପା ଦାବି କଲେ । କୋର୍ଟରେ ନାଲିସ୍ କଲେ, ''ଆମ୍ଭେମାନେ ଏତେ ଏତେ ଟଙ୍କାର ସୁନା ଓ ରୁପାର ଗହଣା ରଖି ଟଙ୍କା ଆଣିଥିଲୁ, ଟଙ୍କା ଶୁଝିବା ପରେ ଧୂର୍ତ୍ତ ପ୍ରତାପ ରାୟ ଆମ୍ଭମାନଙ୍କ ଅଳଙ୍କାର ଆତ୍ମସାତ୍ କରି ଆମ୍ଭମାନଙ୍କ ଥଳିରେ ପଥର ଭର୍ତ୍ତି କରି ରଖିଛି । ଆମ୍ଭେମାନେ ଅଳଙ୍କାର ଥଳି ରଖିବା ସମୟରେ ବହୁତ ଲୋକ ସାକ୍ଷୀ ଅଛନ୍ତି ଏବଂ ଆମ୍ଭେମାନେ ଟଙ୍କା ପରିଶୋଧ କରି ଥଳି ନେଇ ଖୋଲିବା ସମୟରେ ଥଳିରୁ ବାଲିଗରଡ଼ା ଏବଂ ପଥର ବାହାରିବାର ମଧ୍ୟ ବହୁତ ଲୋକ ଦେଖିଛନ୍ତି ।'' ଏହା କହି ଦୁଷ୍ଟ ଲୋକମାନେ କୋର୍ଟରେ ଥଳିସବୁ ଖୋଲି ପଥର ଦେଖାଇ ଦେଲେ । ଜଜ୍‌ଙ୍କ ପ୍ରଶ୍ନରେ ପ୍ରତାପ ରାୟ କହିଲେ, ''ଏମାନେ ଥଳି ଆଣି ନିଜ ହାତରେ ସିନ୍ଦୁକରେ ଯେଉଁ ଯେଉଁ ସ୍ଥାନରେ ରଖିଥିଲେ ସେହି ସ୍ଥାନରୁ ସେମାନେ ଉଠାଇ ନେଇଛନ୍ତି, ମୁଁ ଥଳି ଖୋଲି ନାହିଁ କି ଦେଖି ନାହିଁ । ମୁଁ ସମସ୍ତ ବ୍ୟକ୍ତିଙ୍କ ସହିତ ଏହିପରି କରେ ।'' ଜଜ୍ ପଚାରିଲେ, ''ସିନ୍ଦୁକ ଚାବି କାହା ପାଖରେ ଥାଏ, ତୁମ ପାଖରେ ନା ଖାତକଙ୍କ ପାଖରେ ?'' ପ୍ରତାପ ରାୟ ଉତ୍ତର ଦେଲେ, ''ମୋ ପାଖରେ ।''

ଦୁଷ୍ଟ ଲୋକମାନେ କହିଲେ, ''ନିରୀହ, ସରଳ, ଗରିବ ଲୋକଙ୍କୁ ପ୍ରତାପ ରାୟ ଏହିପରି ବରାବର ଠକାଏ । ସେମାନଙ୍କ ସୁନାରୁପା ସେମାନଙ୍କ ଦ୍ୱାରା ରଖାଇନିଏ, ପରେ ସେଥିରୁ ବାହାର କରି କେତେକ ରଖି କହିଦିଏ, 'ମୁଁ ତୁମ ଥଳି ଖୋଲି ନାହିଁ, ତୁମେ ଯାହା ରଖିଥିଲ ତାହାହିଁ ଅଛି ।' ସେମାନେ ମୁହଁ କାନ ଆଉଁସି ରହନ୍ତି ।'' ସେହି ସମୟରେ ଆଉ କେତେକ ଧୂର୍ତ୍ତ ଲୋକ କହିଲେ, ''ଆମ୍ଭମାନଙ୍କ ସହିତ ଏହିପରି କରିଛି ।'' ସେମାନଙ୍କ କହିବା ଅନୁସାରେ ସେମାନଙ୍କ ସୁନାରୁପା ହିସାବ ହେଲା । ଅନ୍ୟଠାରୁ ମିଥ୍ୟା କହି

ବିନା ପରିଶ୍ରମରେ ଠକିନେବାର ଲୋକ ତ ଅଭାବ ନ ଥା'ନ୍ତି, ବହୁତ ଲୋକ ବାହାରିଲେ; ପ୍ରତାପ ରାୟଙ୍କ ସମ୍ପତ୍ତିଠାରୁ ଲୋକଙ୍କ ଦାବି ଅଧିକ ହୋଇ ପଡ଼ିଲା । ପ୍ରତାପ ରାୟଙ୍କ ସମସ୍ତ ସମ୍ପତ୍ତି ଜବତ୍ କରାଗଲା ଏବଂ ତାଙ୍କୁ କାରାଦଣ୍ଡର ରାୟ ଶୁଣାଇ ଦିଆହେଲା ।

ଜନତା ମତ 'ଭେଡ଼ିଆ ଧଷାଣ' । ଗୋଟିଏ ମେଣ୍ଢା କୂଅରେ ପଡ଼ିଲେ ଅନ୍ୟ ସମସ୍ତ ମେଣ୍ଢା ବିଚାର ନ କରି ତାକୁହିଁ ଅନୁସରଣ କରନ୍ତି । ଜନତା ସେହିପରି । ସେମାନଙ୍କର ସତ୍ୟ, ଅସତ୍ୟ, ସାଧୁ, ଅସାଧୁ ବିଚାର କରିବାର ଶକ୍ତି ନ ଥାଏ । ଆଜି ଯାହାକୁ  କେତେକ ବୁଦ୍ଧିବାଦୀ ବ୍ୟକ୍ତି କହନ୍ତି ସାଧୁ, ଜନତା ତାଙ୍କରି ଗୁଣ ଗାନ କରେ, କାଲି ସେହିମାନେ ସେହି ବ୍ୟକ୍ତିକୁ ଚୋର କହିଲେ, ଜନତା କିଛି ବିଚାର ନ କରି ସେହିମାନଙ୍କ ସ୍ୱରରେ ସ୍ୱର ମିଳାଏ । ପ୍ରତାପ ରାୟଙ୍କ ପ୍ରତି ହେଲା ଠିକ୍ ସେହିପରି ।

ଏକ ଦିନ ପୂର୍ବେ ଜନତା ହୃଦୟରେ ପ୍ରତାପ ରାୟ ଥିଲେ ସଜ୍ଜନ, ସତ୍ୟବାଦୀ ମହାନ୍ ସନ୍ଥ । ଆଜି ଯେଉଁଠି ଦେଖ ସେଇଠି ପ୍ରତାପ ରାୟଙ୍କ ନିନ୍ଦା, ତାଙ୍କରି ଆଲୋଚନା । କେହି କହୁଥାଏ, ''କଳିର ଶେଷ ସମୟ, ନ ହେଲେ ଏପରି ଠକ, ଧୂର୍ତ୍ତ, କପଟୀ ବକ ଭକ୍ତକୁ ପୃଥିବୀ ଧାରଣ କରନ୍ତା କିପରି ?'' ଅନ୍ୟ କହେ, ''ପ୍ରତାପ ରାୟ ପକ୍‌କା ଚୋର, ଲୋକଙ୍କୁ ଠକିବା ସକାଶେ ମସ୍ତକରେ ଚିତା କାଟି, ଗଳାରେ ମାଳା ପିନ୍ଧି ମୁଖରେ ହରିନାମ କହିବା ସମୟରେ କିଏ ତାକୁ ଠକ ବୋଲି କହିପାରିବ ?'' ରାସ୍ତାରେ ସ୍ଥାନେ ସ୍ଥାନେ ପୁରୁଷ, ସ୍ତ୍ରୀ, ବାଳକ, ବୃଦ୍ଧ ଛିଡ଼ାହୋଇ ଆଶ୍ଚର୍ଯ୍ୟ ତଥା ଘୃଣାଦୃଷ୍ଟିରେ ପ୍ରତାପ ରାୟଙ୍କ ମୁଖକୁ କଟମଟ କରି ଚାହିଁଥାଆନ୍ତି । କେହି କେହି ତାଙ୍କ ମୁହଁରେ କହିଦେଉ ଥାଆନ୍ତି, ''ଦେଖନା, ଏ ପକ୍‌କା ଚୋର, ଅସତ୍ୟର ଭାଣ୍ଡ ଫୁଟି ସାରିଲାଣି, ଜେଲ୍ ଭୋଗିବାକୁ ଯାଉଛି, କିନ୍ତୁ ଜେଲ୍‌କୁ ଭ୍ରୁକ୍ଷେପ ନାହିଁ କିଂବା ଟିକିଏ ହେଲେ ଚେହେରାରେ ଉଦାସୀନତା ନାହିଁ । ମୁଖରେ ପୁଣି ହରି ହରି । ଏହି ଧୂର୍ତ୍ତ ବ୍ୟକ୍ତିମାନେ ସାଧୁସନ୍ଥଙ୍କୁ ବଦନାମ କଲେ । ମୁଖରେ ନାମ, ଅଣ୍ଟାରେ ଛୁରୀ ।'' ଯାହା ମନରେ ଯାହା ଆସେ ତାହା ଉଦ୍‌ଗାର କରୁଥାଆନ୍ତି ।

ଲୋକଙ୍କୁ ନିନ୍ଦା କରିବା ସାଧାରଣତଃ ଅଧିକାଂଶ ବ୍ୟକ୍ତିଙ୍କର ସ୍ୱଭାବ । କାହାରି କାହାରି ପରନିନ୍ଦା ସକାଶେ ହଜାର ଜିହ୍ୱା ବାହାରି ଆସେ ।

ପ୍ରତାପ ରାୟଙ୍କ ଚେତନା ମାନସ ସ୍ତରର ବହୁ ଊର୍ଦ୍ଧ୍ୱରେ ଥିଲା । ବ୍ୟକ୍ତି ଯେଉଁ ଅପଯଶଃ ଅପମାନ ସହି ନ ପାରି ନିଜ ନିର୍ଦ୍ଦୋଷୀ ସ୍ତ୍ରୀ, କନ୍ୟାକୁ ନିର୍ବାସିତ କରି ସେହି ଗ୍ଲାନିରେ ମୃତ୍ୟୁ ବରଣ କରନ୍ତି ଅଥବା ମହାନ୍ ପାପକୁ ଭ୍ରୁକ୍ଷେପ ନ କରି ଆତ୍ମହତ୍ୟା କରନ୍ତି ସେହି ଅପମାନ ପ୍ରତାପ ରାୟଙ୍କୁ ସ୍ପର୍ଶ କରି ପାରୁ ନାହିଁ । ତାଙ୍କ ଚେତନା ରମଣ କରୁଛି ଭଗବାନଙ୍କ ଅଲୌକିକ ସୌନ୍ଦର୍ଯ୍ୟ-ମାଧୁର୍ଯ୍ୟ-ଲାବଣ୍ୟଯୁକ୍ତ ଚରଣକମଳରେ । ତାଙ୍କ ମନ ନିନ୍ଦା ଅପଯଶଃରୁ ଅସ୍ପୃଷ୍ଟ ରହୁଛି ଜଳରେ କମଳପତ୍ର ଥିବା ସଦୃଶ । ତାଙ୍କ ହାତରେ ହାତକଡ଼ି ପଡ଼ିଛି, ଅଣ୍ଟାରେ ଦଉଡ଼ି ବନ୍ଧା ହୋଇଅଛି, ମଝି ସଡ଼କରେ ପୋଲିସ ଚୋରକୁ ନେଇଯିବା ସଦୃଶ ନେଇ ଯାଉଅଛନ୍ତି । ସଡ଼କର ଦୁଇ କଡ଼ରେ ଲୋକଙ୍କ ଭିଡ଼ ଲାଗିଛି, ଦୁଷ୍ଟ ଲୋକମାନେ ତାଙ୍କୁ ଯେତେ ଧିକ୍କାରି ପାରିବେ ଧିକ୍କାରୁଛନ୍ତି । କିନ୍ତୁ ତାଙ୍କୁ କିଛି ସ୍ପର୍ଶ କରୁ ନାହିଁ । ସେ ଭଗବତ୍ ଆନନ୍ଦରେ ନିମଗ୍ନ ରହିଛନ୍ତି । ଏହି ଅବସ୍ଥାର ନାମ ସମତା । ଅନୁଭବୀ ଛଡ଼ା ଏହି ଅବସ୍ଥା ଅନ୍ୟ କେହି ଜାଣିପାରନ୍ତି ନାହିଁ, ନିଜେ ବାସ କରିଥିବା ଅବସ୍ଥାନୁସାରେ ଅନ୍ୟକୁ ବିଚାର କରନ୍ତି । ପ୍ରତାପ ରାୟଙ୍କ ଦେବଦୁର୍ଲଭ ଅବସ୍ଥା ଅଜ୍ଞାନ ଜନତା ପାଖରେ ଛଳନା । ପ୍ରତାପ ରାୟ ରହିଲେ କାରାଗାରରେ ।

କୋର୍ଟରୁ ପ୍ରତାପ ରାୟ କାରାଗୃହକୁ ଯିବା ସମୟରେ ସେ ତାଙ୍କ ସ୍ତ୍ରୀଙ୍କୁ କହିଲେ, ''କଠିନରୁ କଠିନ ପରିସ୍ଥିତିରେ ଭଗବତ୍ କୃପା ଉପରେ ନିର୍ଭର ରହି ଭଗବତ୍ ସ୍ମରଣ କରିବୁ । କୌଣସି ପରିସ୍ଥିତିରେ ଭଗବାନଙ୍କ ପ୍ରତି ଅବିଶ୍ୱାସ କରିବୁ ନାହିଁ । ଭାଇ ଗୃହରେ  ରହି ଭଗବତ୍ ସ୍ମରଣ କରିବୁ ।'' ପତିଙ୍କର ଏତିକି ଉପଦେଶ ଶୁଣିବା ସମୟରେ ତାଙ୍କ ଆଖିରୁ ଝର ଝର ହୋଇ ଅଶ୍ରୁ ଝରିପଡ଼ିଲା, ପଣତରେ ଆଖି ପୋଛି ଭଗବାନଙ୍କ ନାମ ସ୍ମରଣ କରି ଘରକୁ ଆସିଲେ । କିଛି ସମୟ ପରେ ପୋଲିସ ଆସି ପ୍ରତାପ ରାୟଙ୍କ ସ୍ତ୍ରୀଙ୍କୁ ଘରୁ ବାହାର କରି ଘରେ ତାଲା ବନ୍ଦ କରିଦେଲେ । ପ୍ରତାପ ରାୟଙ୍କ ସ୍ତ୍ରୀ ଆସିବା

ସମୟରେ ଠାକୁରଙ୍କ ମୂର୍ତ୍ତି ଏବଂ ଠାକୁରଙ୍କର ଯେତେ ଅଳଙ୍କାର ଥିଲା ସମସ୍ତ ଲୁଗାପେଟରାରେ ରଖି ନେଇଆସିଲେ । ଏହା ଦେଖିଥିଲେ ବିପକ୍ଷ ଲୋକ ମଧ୍ୟରୁ କେହି ଜଣେ । ସେ ସଙ୍ଗେ ସଙ୍ଗେ ପୋଲିସଙ୍କୁ ଜଣାଇଦେଲେ । ପୋଲିସ ପେଟରା ଖୋଲି ଠାକୁରଙ୍କର ଅଳଙ୍କାରକୁ ନେଇଗଲେ ଏବଂ ଜବତ ହୋଇଥିବା ସମ୍ପତ୍ତି ଚୋରି କରି ନେଇଯିବା ଅଭିଯୋଗ କରି ତାଙ୍କୁ ବି ଜେଲ୍ ପଠାଇଦେଲେ । ଜେଲ୍‌ର କର୍ତ୍ତୃପକ୍ଷ ଥିଲେ ଭଲ ଲୋକ, ପ୍ରତାପ ରାୟଙ୍କ ସ୍ତ୍ରୀଙ୍କୁ ପ୍ରତାପ ରାୟଙ୍କ ପାଖରେ ରହିବାକୁ ଦେଲେ ।

ପ୍ରତାପ ରାୟ ବାଲ୍ୟାବସ୍ଥାରୁ ଭଗବତ୍ ଭକ୍ତି କରିଆସୁଥିଲେ । ସମସ୍ତ ଜୀବନ ଥିଲା ତାଙ୍କର ସତ୍ୟ ଏବଂ ନ୍ୟାୟର ଭିତ୍ତିରେ ପ୍ରତିଷ୍ଠିତ । ତାଙ୍କ ଉପରେ ଗୋଟିଏ ପରେ ଗୋଟିଏ ହୋଇ ବହୁ ଭୟଙ୍କର ବିପଦ ଆସିଲା, ଯାହାକି ଚୋର, ଡକାୟତ ଜୀବନରେ ଘଟେ ନାହିଁ । ଶେଷରେ ଜେଲ୍, ତା'ପରେ ନିଜ ଠାକୁର ଅଳଙ୍କାର ନେଇଆସିବାରେ ହେଲା ଚୋରର ଅପରାଧ ! ସାଧାରଣ ବ୍ୟକ୍ତି ଏହିସବୁ ଘଟଣାରେ ଭଗବତ୍ ଭକ୍ତି ଛାଡ଼ିଦେଇ କହିଥା'ନ୍ତେ, ''ଭଗବାନ୍ ବୋଲି କିଛି ନାହିଁ । ଗଜ, ଧ୍ରୁବ, ପ୍ରହ୍ଲାଦ, ଦ୍ରୌପଦୀ କଥାସବୁ କବିକଳ୍ପନା । ମୁନି, ଋଷି, ସାଧୁ, ସନ୍ଥ, ଭକ୍ତ ସବୁ ଠକ । ଭଗବାନ୍ ଯଦି ଥାଆନ୍ତେ ତାଙ୍କ ନିଜ ଆଶ୍ରିତକୁ ରକ୍ଷା କରନ୍ତେ ନାହିଁ ? ଯଦି ରକ୍ଷା ନ କରିପାରନ୍ତି ତେବେ ତାଙ୍କୁ ଭକ୍ତି କରିବା ଆବଶ୍ୟକ କ'ଣ ?'' କିନ୍ତୁ ପ୍ରତାପ ରାୟ ଅନନ୍ୟ ଭକ୍ତ । ସେ ନିଜକୁ ଭଗବାନଙ୍କ ଚରଣରେ ନିବେଦନ କରିସାରିଥିଲେ । ଭଗବାନ୍ ତାଙ୍କ ରକ୍ଷକ, ଭଗବାନଙ୍କ ଇଚ୍ଛା ବିରୋଧରେ କିଛି ଘଟେ ନାହିଁ ବୋଲି ସେ ଅନୁଭବ କରିସାରିଥିଲେ । ସେ ସକାଶେ କୌଣସି ପରିସ୍ଥିତିରେ ବିଚଳିତ ନ ହୋଇ ଜେଲ୍‌ରେ ପ୍ରାର୍ଥନା କଲେ, ''ପ୍ରଭୁ, ତୁମେ କରୁଣାମୟ । ଆମ୍ଭେମାନେ ପତିତ ଜୀବ, ମୋହବଶତଃ ଧନ ପରିବାର ସମ୍ବନ୍ଧରେ ଆସକ୍ତ ହୋଇ ତୁମକୁ ଭୁଲିଯାଉ, ସେଥିରୁ ତୁମେ ଦୟାକରି ଉଦ୍ଧାର କର । ତା'ପରେ ଆସେ ଧର୍ମ, ପରୋପକାର, ଲୋକସେବାର ମୋହ ତଥା ଲୋକପ୍ରଶଂସା ଓ ସମ୍ମାନର ଅମୃତରୂପ ବିଷ । ଏହି ଛଦ୍ମରୂପଧାରୀ ବିଷର ଯଥାର୍ଥ ସ୍ୱରୂପ ବ୍ୟକ୍ତି ବୁଝି ନ

ପାରି ଏହାକୁ ଆଗ୍ରହରେ ପାନ କରେ ଏବଂ ତୁମ ଅଭୟ ଚରଣରୁ ଦୂରରେ ରହେ । ତୁମେ ଯାହା ଉପରେ ଦୟାକର ଏହିସବୁ ଆସକ୍ତି ଦୂର କରିଦିଅ । ପ୍ରଭୁ, ଆଜିପର୍ଯ୍ୟନ୍ତ ଯେଉଁ ଧର୍ମଭାବର ବନ୍ଧନକୁ ମୁଁ ଚିହ୍ନିପାରି ନ ଥିଲି, ତ୍ୟାଗ କରିପାରି ନ ଥିଲି, ଯେଉଁ ପ୍ରଶଂସା ମୋର ପ୍ରିୟ ଥିଲା, ତୁମେ ଅତ୍ୟନ୍ତ ଦୟାକରି ଆଜି ତାହାସବୁ ଦୂର କରିଦେଇଛ । ତୁମକୁ ସ୍ମରଣ କରିବାର ଏକାନ୍ତବାସର ସୁଯୋଗ ଦେଇଛ । ଏହା ତୁମର ପରମ ଦୟା । ସଂସାରରେ ଯେଉଁ ନିନ୍ଦା ଏବଂ ପ୍ରଶଂସା, ଏସବୁ ମୂଲ୍ୟହୀନ ଏବଂ ସ୍ୱପ୍ନବତ୍ । କିନ୍ତୁ ଆମ୍ଭେମାନେ ମୋହଗ୍ରସ୍ତ ଜୀବ, ସେହି ସ୍ୱପ୍ନକୁ ସତ୍ୟ ମାନି ତା' ସକାଶେ ପ୍ରଯତ୍ନ କରୁ ଏବଂ ଦେବଦୁର୍ଲଭ ମନୁଷ୍ୟ ଶରୀର ପାଇ ଜନ୍ମମରଣ ଦ୍ୱନ୍ଦ୍ୱରୁ ମୁକ୍ତ ହେବାର ଉପାୟ ନ କରି ଜୀବନ ନଷ୍ଟ କରୁ । ପ୍ରଭୁ, ତୁମରି ନିର୍ହେତୁକୀ କୃପାରୁ ବ୍ୟକ୍ତି ଏହା ବୁଝିପାରେ ଏବଂ ତୁମରି କରୁଣାରୁ ଏଥିରୁ ଉଦ୍ଧାର ହୁଏ । ପ୍ରଭୁ, ଆଉ ଯେପରି କୌଣସି କାମନା ଉତ୍ପନ୍ନ ନ ହୁଏ, ଏହାହିଁ ମୋର ପ୍ରାର୍ଥନା । ପ୍ରଭୁ, ମୁଁ ଅତ୍ୟନ୍ତ ନୀଚ, ତୁମ ଦର୍ଶନର ଅଧିକାରୀ ନୁହେଁ; ତୁମ ଦର୍ଶନ ବଡ଼ ବଡ଼ ଋଷି ଏବଂ ମହାନ୍ ସାଧକମାନଙ୍କୁ ହୁଏ । ମୋର ଏତିକି ମାତ୍ର ପ୍ରାର୍ଥନା, ତୁମ ଚରଣରେ ପ୍ରେମ, ତୁମ ଭଜନ ଉତ୍ତରୋତ୍ତର ବଢୁଥାଉ ।'' ପ୍ରତାପ ରାୟଙ୍କ ଏହି ପ୍ରାର୍ଥନାରେ ମାଳତୀଙ୍କ ଚେତନା ଏପରି ତାଦାତ୍ମ୍ୟ ହୋଇଥାଏ ଯେ ଗୋଟିଏ ମୁଖରେ ଦୁଇଜଣଙ୍କ ଶବ୍ଦ ପ୍ରକାଶ ହେବା ସଦୃଶ ଭଗବାନ୍ ଗ୍ରହଣ କରୁଥା'ନ୍ତି ।

ହଠାତ୍ ଜେଲ୍‌ର କୋଠରିଟିରେ ସହସ୍ର ସୂର୍ଯ୍ୟର ଅମୃତମୟ ଜ୍ୟୋତିଃ ବିଚ୍ଛୁରିତ ହୋଇଗଲା । ସେହି ଜ୍ୟୋତିଃ ମଧ୍ୟରୁ ପ୍ରଘଟ ହେଲେ ତ୍ରିଭଙ୍ଗୀ ମୂର୍ତ୍ତି ଶ୍ରୀକୃଷ୍ଣ । ତାଙ୍କ ମୁନି-ମନ-ମୋହନ ଅଲୌକିକ ରୂପ ଦର୍ଶନରେ ପ୍ରତାପ ରାୟ ଏବଂ ମାଳତୀଙ୍କ ଦେହର ବୁଦ୍ଧିଶୁଦ୍ଧି ବିଲୋପ ହୋଇଗଲା । ସେ ଚିତ୍ର ପ୍ରତିମା ସଦୃଶ ତୃଷିତ ନିର୍ନିମେଷ ନେତ୍ରରେ ଭଗବତ୍ ରୂପସୁଧା ପାନ କରିବାକୁ ଲାଗିଲେ । ଭଗବାନ୍ ମେଘଗମ୍ଭୀର ଶବ୍ଦରେ କହିଲେ, ''ବତ୍ସ ପ୍ରତାପ ! ତୁମ୍ଭମାନଙ୍କ ନିଷ୍ଠା, ନିଷ୍କାମ ପ୍ରେମଭକ୍ତିରେ ଅତ୍ୟନ୍ତ ପ୍ରସନ୍ନ ହୋଇ ତୁମକୁ ଦର୍ଶନ

ଦେବାକୁ ଆସିଲି । ମୋ ଦର୍ଶନ ଉତ୍‌କଣ୍ଠାରେ ଯେଉଁମାନେ ଅତ୍ୟନ୍ତ ବ୍ୟାକୁଳ ହୋଇ ଏକ ନିମିଷକୁଯୁଗ ସଦୃଶ ବ୍ୟତୀତ କରନ୍ତି ସେହି ପ୍ରିୟ ଭକ୍ତକୁ ମୁଁ ଦର୍ଶନ ଦିଏ । କିନ୍ତୁ ଯେଉଁମାନେ ମୋ ଦର୍ଶନ ନ ଚାହିଁ ନିଜକୁ ସର୍ବତୋଭାବରେ ମୋତେ ଅର୍ପଣ କରି ନିରନ୍ତର ମୋତେ ସ୍ମରଣ କରନ୍ତି, ମୋ ସ୍ୱରୂପହିଁ ଯେଉଁମାନଙ୍କ ଜୀବନର ଆଧାର ସେହିମାନେ ମୋର ଅତ୍ୟନ୍ତ ପ୍ରିୟ ଏବଂ ସେମାନେ ନ ଚାହିଁବା ସତ୍ତ୍ୱେ ସେମାନଙ୍କୁ ମୁଁ ପ୍ରଥମରେ ଦର୍ଶନ ଦିଏ । ତୁ ଏବଂ ମାଳତୀ କଠିନ ଅଗ୍ନିପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛ । ମୁଁ ଭକ୍ତକୁ ପରୀକ୍ଷା କରେ ନାହିଁ, ସାହାଯ୍ୟ କରେ । କିନ୍ତୁ ଭକ୍ତର ଭକ୍ତି ବୃଦ୍ଧି ଓ ମୋ ପ୍ରାପ୍ତି ପାଇଁ ତା'ର ଆଧାର ତିଆରି ହେବା ସକାଶେ ଶତ୍ରୁଶକ୍ତି ଦ୍ୱାରା ବିପଦ ଆସିଲେ ତାହା ମୁଁ ନିବାରଣ କରେ ନାହିଁ, ତାହା ଅତିକ୍ରମ କରିବା ସକାଶେ ତାକୁ ଆବଶ୍ୟକ ଶାନ୍ତି, ଜ୍ଞାନ, ବିବେକ, ଧୈର୍ଯ୍ୟ ଓ ସାହସ ଦିଏ ଏବଂ ରକ୍ଷା କରେ । ମୋହରି ସାହାଯ୍ୟରେ ସେ ପ୍ରତିକୂଳ ଅବସ୍ଥାସବୁ ଅତିକ୍ରମ କରିବା ଦ୍ୱାରା ଲକ୍ଷ୍ୟ ଦିଗରେ ତୀବ୍ରଭାବେ ଅଗ୍ରସର ହୁଏ । କିନ୍ତୁ ଏହି ରହସ୍ୟ ସାଧାରଣ ଲୋକେ ଜାଣନ୍ତି ନାହିଁ, ଏହି ରହସ୍ୟ ଜାଣେ ମୋ ଭକ୍ତ । ସେ କୌଣସି ପରିସ୍ଥିତିରେ ବିଚଳିତ ନ ହୋଇ ଅଧିକାଧିକ ମୋ କୃପା ଅନୁଭବ କରେ । ତୁ ମୋର ଅତ୍ୟନ୍ତ ପ୍ରିୟ ଭକ୍ତମାନଙ୍କ ମଧ୍ୟରୁ ଜଣେ । ମାଳତୀ ତୋତେ ପତିରୂପେ ପାଇ କୃତାର୍ଥ ହୋଇଛି । ମୋ ଭକ୍ତ ସହିତ ଯାହାର ନିଷ୍କପଟ ସମ୍ପର୍କ ଥାଏ, ସେ ମଧ୍ୟ ମୋ ଦର୍ଶନ ପ୍ରାପ୍ତ ହୁଏ । ପ୍ରତାପ, ତୋର ଯାହା ଇଚ୍ଛା ତାହା ମାଗିନେ ।'' ପ୍ରତାପ ରାୟ କହିଲେ, ''ପ୍ରଭୁ, ଦୟାକରି ଏହାହିଁ ଦିଅନ୍ତୁ, ତୁମ ଭଜନ ସ୍ମରଣରେ ଉତ୍ତରୋତ୍ତର ନିତ୍ୟନୂତନ ରୁଚି ଉତ୍ପନ୍ନ ହେଉ ।'' ଭଗବାନ୍ 'ତଥାସ୍ତୁ' କହି ତତ୍‌କ୍ଷଣାତ୍ ଅନ୍ତର୍ଦ୍ଧାନ ହୋଇଗଲେ ।

ପ୍ରତାପ ରାୟ ଓ ମାଳତୀଙ୍କ ସ୍ଥିତି ବିଚିତ୍ର । ସେମାନଙ୍କ ଶରୀର ଥାଏ ଜେଲ୍‌ରେ, ଚେତନା ନିମଜ୍ଜନ କରିଥାଏ ପରମାନନ୍ଦ ପରମଶାନ୍ତିର ସମୁଦ୍ରରେ । ତାଙ୍କ ଆନନ୍ଦର ବାତାବରଣର ପ୍ରଭାବ ପ୍ରସାରିତ ହୋଇଥାଏ ସମସ୍ତ ଜେଲ୍‌ରେ । ଜେଲ୍ କର୍ମଚାରୀମାନେ ପ୍ରତାପ ରାୟ ତଥା ମାଳତୀଙ୍କୁ ଦେବତା ସଦୃଶ

ସମ୍ମାନ କରନ୍ତି । ତାଙ୍କର କୌଣସିପ୍ରକାର ଅସୁବିଧା ହେବାକୁ ଦିଅନ୍ତି ନାହିଁ । ତାଙ୍କ ସକାଶେ ଜେଲ୍‌ଖାନା ହୋଇଥାଏ ସାଧନାର ଆଶ୍ରମ । କଏଦୀମାନେ ବି ତାଙ୍କୁ ହୃଦୟ ଗଭୀରରେ ସମ୍ମାନ କରନ୍ତି । କଏଦୀ ଏବଂ କର୍ମଚାରୀମାନେ ପ୍ରତାପ ରାୟ ତଥା ମାଳତୀଙ୍କର କୌଣସିପ୍ରକାର ସେବାର ସୁଯୋଗକୁ ଅପେକ୍ଷା କରି ରହିଥାଆନ୍ତି ।

ଏବେ ମିଥ୍ୟା ଷଡ଼ଯନ୍ତ୍ରକାରୀଙ୍କ ଅବସ୍ଥା ଆଲୋଚନା କରିବା । ବିନା ଦୋଷରେ ପ୍ରତାପ ରାୟ ତଥା ମାଳତୀଙ୍କୁ ଜେଲ୍‌ଦେବା ଦିନଠାରୁ ଷଡ଼ଯନ୍ତ୍ରକାରୀ ଏବଂ ବିଚାରାଧୀଶ କାଜିଙ୍କ ଘରେ ହେଲା କଳହ, ପଡ଼ୋଶୀମାନଙ୍କ ସହିତ ହେଲା ବିବାଦ, ଉପର ଅଫିସରଙ୍କ ସଙ୍ଗେ ମନୋମାଳିନ୍ୟ ହେବାରୁ ମନରେ ହେଲା ଅଶାନ୍ତି । ଚୋରି, ଦଗାବାଜି ତଥା ପୁତ୍ରକନ୍ୟାମାନଙ୍କର ବିଳାସବ୍ୟସନ ଏବଂ ଅସତ୍ କର୍ମରେ ଧନ ହେଲା ନଷ୍ଟ, ନିନ୍ଦା ଅପଯଶଃ ହେଲା ସମାଜରେ । ଅସତ୍ୟର ଭାଣ୍ଡ ଫୁଟିଗଲା । ଜନତାଠାରୁ ଆରମ୍ଭ କରି ସରକାରୀ ଅଫିସର, କର୍ମଚାରୀ ପର୍ଯ୍ୟନ୍ତ ପ୍ରତାପ ରାୟଙ୍କ ସତ୍ୟତା ଏବଂ ଷଡ଼ଯନ୍ତ୍ରକାରୀ ତଥା କାଜିଙ୍କ ଅନ୍ୟାୟ-ଅତ୍ୟାଚାରିତା ପ୍ରସାର ହେବାକୁ ଲାଗିଲା । ସେମାନେ ସମସ୍ତଙ୍କର ହେଲେ ଘୃଣାର ପାତ୍ର । ଏହି ମାନସିକ ଦୁଶ୍ଚିନ୍ତା ସଙ୍ଗେ ସଙ୍ଗେ କାଜି ତଥା କେତେକ ଷଡ଼ଯନ୍ତ୍ରକାରୀଙ୍କୁ କୁଷ୍ଠରୋଗ ହେଲା । ମାନସିକ ଦୁଶ୍ଚିନ୍ତା ସହିତ ଭୟଙ୍କର ଶାରୀରିକ ରୋଗ ଯୋଗୁଁ ସେମାନେ ନରକଯନ୍ତ୍ରଣା ଭୋଗିବାକୁ ଲାଗିଲେ ।

କାଜିର ସ୍ତ୍ରୀ ଥିଲା ବହୁତ ବୁଦ୍ଧିମତୀ । ସେ ପ୍ରଥମେ ପତିର ପ୍ରତାପ ରାୟଙ୍କ ପ୍ରତି ଅନ୍ୟାୟର ବିରୋଧ କରିଥିଲା । କିନ୍ତୁ ସେତେବେଳେ କାଜି ସ୍ତ୍ରୀର କଥାକୁ ଭ୍ରୂକ୍ଷେପ କରି ନ ଥିଲା । କିନ୍ତୁ ପତି ବିପଦରେ ପଡ଼ିବା ଆଶଙ୍କାରେ ସ୍ତ୍ରୀ ବହୁତ ଦୁଃଖିତା ହେଉଥିଲା । ପତି ଉପରେ ଏକ ଏକ କରି ଭୟଙ୍କର ବିପଦ ଆସିବାରୁ ସେ ପତିର ବୁଦ୍ଧି ପରିବର୍ତ୍ତନ ସକାଶେ ଭଗବାନଙ୍କ ପାଖରେ ପ୍ରାର୍ଥନା କଲା ଏବଂ ପତିକୁ ବିନୀତ ଭାବରେ ବୁଝାଇ କହିଲା, ''ପ୍ରତାପ ରାୟ ଏବଂ ମାଳତୀ ଭଗବାନଙ୍କ ଅନନ୍ୟ ଭକ୍ତ ଏବଂ ସତ୍ୟ ତଥା

ନ୍ୟାୟପରାୟଣ, ନିରପରାଧ ଏବଂ ଅନ୍ୟର ହିତ କରିବା ବ୍ୟକ୍ତି । ସେମାନଙ୍କୁ ମିଥ୍ୟା ଓ ଅନ୍ୟାୟରେ ଦଣ୍ଡ ଦେବାରୁ ଏହି ଭୟଙ୍କର କୁଫଳ ଭୋଗିବାକୁ ପଡୁଛି । ଏହି ଘୋର ବିପଦରୁ ଉଦ୍ଧାର ଓ ଆତ୍ମାର ସଦ୍‌ଗତି ସକାଶେ ପ୍ରତାପ ରାୟଙ୍କ ଚରଣରେ ପଡ଼ି କ୍ଷମାଭିକ୍ଷା କର, ତାଙ୍କୁ ଜେଲ୍‌ରୁ ମୁକ୍ତ କରି ସମସ୍ତ ସମ୍ପତ୍ତି ଫେରସ୍ତ ଦିଅ ।'' ସମ୍ପଦ ସମୟରେ ବ୍ୟକ୍ତି ଇନ୍ଦ୍ରଚନ୍ଦ୍ରଙ୍କୁ ମାନେ ନାହିଁ । ବିପଦରେ ପଡ଼ିଲେ ମନୁଷ୍ୟର ହୋସ୍ ଆସେ । କାଜି ସ୍ତ୍ରୀର କଥା ଏଡ଼ାଇ ପାରିଲେ ନାହିଁ । ପ୍ରଥମରେ ଉଜିରମାନଙ୍କୁ ପ୍ରତାପ ରାୟଙ୍କ ପ୍ରତି ଭୁଲ୍‌ରେ ଅନ୍ୟାୟ ହୋଇଥିବା କଥା କହି ତାଙ୍କ ସମ୍ପତ୍ତି ଫେରସ୍ତ ଏବଂ ଜେଲ୍‌ରୁ ମୁକ୍ତି ସକାଶେ ଆଦେଶ ଦେଲେ; ସ୍ତ୍ରୀ ସହିତ ଜେଲ୍‌ରେ ପ୍ରତାପ ରାୟଙ୍କ ପାଖକୁ ଯାଇ ତାଙ୍କ ଚରଣରେ ପ୍ରଣାମ କରି ନିଜ ଅପରାଧ ପାଇଁ କ୍ଷମାପ୍ରାର୍ଥନା କଲେ । ଏହି ଖବର ସାରା ସହରରେ ବ୍ୟାପ୍ତ ହୋଇଗଲା । ଷଡ଼ଯନ୍ତ୍ରକାରୀମାନେ ବି ଜେଲ୍‌ରେ ପ୍ରତାପ ରାୟଙ୍କ ପାଖରେ ପହଞ୍ଚି ଚରଣରେ ପଡ଼ି କ୍ଷମାପ୍ରାର୍ଥନା କଲେ । ପ୍ରତାପ ରାୟଙ୍କ ପ୍ରାର୍ଥନାରେ ସେମାନଙ୍କ ରୋଗ ଦୂର ହେବାକୁ ଆରମ୍ଭ କଲା । ପ୍ରତାପ ରାୟ ଏବଂ ମାଳତୀ ଜେଲ୍‌ରୁ ମୁକ୍ତ ହେବା ସମୟରେ ରାସ୍ତାରେ ଲୋକାରଣ୍ୟ ହୋଇଗଲା । ତାଙ୍କୁ ବହୁତ ସମାରୋହରେ ଆଣି ତାଙ୍କ ନିଜ ଗୃହରେ ପହଞ୍ଚାଇ ଦେଲେ । ଦର୍ଶନାର୍ଥୀମାନେ ଭଗବାନଙ୍କ କୃପା, ଭକ୍ତର ମହିମା ଓ ଗୁଣ ଗାନ କରି ଘରକୁ ଫେରିଲେ । ପ୍ରତାପ ରାୟ ସମସ୍ତ ସମ୍ପତ୍ତି ଧାର୍ମିକ ସଂସ୍ଥା ତଥା ଗରିବଙ୍କୁ ଦାନ କରି ମାଳତୀ ସହିତ ବୃନ୍ଦାବନକୁ ଚାଲିଗଲେ । ସେଠାରେ ତିରିଶ ବର୍ଷ ଭଗବତ୍ ଭଜନ କରି ନଶ୍ୱର ଶରୀର ତ୍ୟାଗ କରି ନିତ୍ୟ ଗୋଲୋକରେ ଶ୍ରୀରାଧାକୃଷ୍ଣଙ୍କ ନିତ୍ୟସେବା ପ୍ରାପ୍ତ ହେଲେ ।

ଏହି ଭକ୍ତଚରିତରୁ ଶିକ୍ଷା କରିବାର ପ୍ରଧାନ ବିଷୟ ତିନୋଟି । ପ୍ରଥମଟି ଭଗବତ୍ ଚରଣରେ ନିଜକୁ ସମର୍ପଣ କରିବା ଏବଂ କୌଣସି ପ୍ରତିକୂଳ ଘଟଣାରେ ଅଧୈର୍ଯ୍ୟ ନ ହୋଇ ଭଗବତ୍ ରକ୍ଷାରେ ତଥା ବିଧାନରେ ଦୃଢ଼ ବିଶ୍ୱାସ ରଖି ଭଗବାନଙ୍କଠାରୁ କିଛି ନ ଚାହିଁବା । ଏହାର ଉଦାହରଣ ହେଉଛନ୍ତି ପରମ ଭକ୍ତ ପ୍ରତାପ ରାୟ । ଦ୍ୱିତୀୟଟି ବିନା ଅପରାଧରେ କୌଣସି ବ୍ୟକ୍ତିର ଅନିଷ୍ଟ କଲେ

ପରିଣାମରେ କିପରି ଭୟଙ୍କର ଦଣ୍ଡ ମିଳେ ତାହାର ଉଦାହରଣ ହେଉଛନ୍ତି କାଜି ଏବଂ ଅନ୍ୟ ଷଡ଼ଯନ୍ତ୍ରକାରୀମାନେ । ତୃତୀୟଟି କ୍ଷମା । ଶତ୍ରୁ ଯଦି ବିପଦରୁ ରକ୍ଷା ପାଇବାକୁ ପ୍ରାର୍ଥନା କରେ ତାକୁ ରକ୍ଷା କରିବା । ଏହି ଚରିତରୁ ପ୍ରଧାନତଃ ଏହି ତିନୋଟି ବିଷୟ ଆମ୍ଭେମାନେ ଶିକ୍ଷା କରିପାରିବା ।

ବୋଲ ଭକ୍ତ ଏବଂ ଭଗବାନଙ୍କ ଜୟ ।

# ସନ୍ଥ ବିଶୋବା ସରାଫ

ସନ୍ଥ ବିଶୋବା ସରାଫ ଥିଲେ ନାମଦେବଙ୍କ ଗୁରୁ । ପଣ୍ଡରୀଦେବଙ୍କ ଆଜ୍ଞାରେ ପ୍ରସିଦ୍ଧ ସନ୍ଥ ନାମଦେବ ଏହି ସନ୍ଥଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ଏହି ସନ୍ଥ ବିଶୋବା ଥିଲେ ଜ୍ଞାନଦେବଙ୍କ ଶିଷ୍ୟ । ତାଙ୍କୁ କେଉଁଠି ବିଶୋବା ସରାଫ ଏବଂ କେଉଁଠି ବିଶୋବା ଖେଚର ନାମରେ କୁହାଯାଇଛି । ଯଥାର୍ଥରେ ଏହି ଦୁଇ ନାମ ଗୋଟିଏ ବ୍ୟକ୍ତିର । ଅନୁମାନ ହୁଏ ତାଙ୍କ ନାମ ଥିଲା ବିଶୋବା ଖେଚର । ସେ ବ୍ୟବସାୟ କରୁଥିବାରୁ ଲୋକେ ତାଙ୍କୁ କହୁଥିଲେ ବିଶୋବା ସରାଫ । ସେ ସମୟରେ ବ୍ୟବସାୟୀ ବ୍ୟକ୍ତିଙ୍କୁ ମହାରାଷ୍ଟ୍ର ପ୍ରାନ୍ତରେ ସରାଫ କହୁଥିଲେ । ତାଙ୍କ ଜନ୍ମସ୍ଥାନ ଥିଲା ପଣ୍ଡରପୁରଠାରୁ ପଚାଶ କୋଶ ଦୂର ପ୍ରାଚୀନ ଶିବକ୍ଷେତ୍ର ନାଗନାଥ ଔଡିଆ ଗ୍ରାମରେ । ଏହି ସ୍ଥାନ ବିଶେଷ ଜାଗ୍ରତ ଏବଂ ଶଙ୍କରଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଏହି ନାଗନାଥ ଗୋଟିଏ । ସନ୍ଥ ବିଶୋବା ଜନ୍ମଗ୍ରହଣ କରିଥିଲେ ଯଜୁର୍ବେଦୀ ବ୍ରାହ୍ମଣ କୁଳରେ ।

ଭକ୍ତ ବିଶୋବାଙ୍କର ଥିଲେ ସତୀ ସାଧ୍ୱୀ ପତିଆଜ୍ଞାକାରିଣୀ ଧର୍ମପତ୍ନୀ ଏବଂ ଚାରି ପୁତ୍ର । ସେମାନଙ୍କର ଜୀବନ ଥିଲା ଶୁଦ୍ଧ ସାତ୍ତ୍ୱିକ ସରଳ । ସେମାନେ ଆନ୍ତରିକ ଭକ୍ତିଭାବରେ ସନ୍ଥସେବା କରୁଥିଲେ । ଭକ୍ତ ବିଶୋବା ବ୍ୟବସାୟ କରିବା ସତ୍ତ୍ୱେ ତାଙ୍କ ଚିତ୍ତ ନିରନ୍ତର ଭଗବାନଙ୍କ ଚରଣକମଳରେ ନିବାସ କରୁଥିଲା । ସେ ଜଣେ ଆଦର୍ଶ ଗୃହସ୍ଥ ସନ୍ଥ ଥିଲେ ଏବଂ ଗାର୍ହସ୍ଥ୍ୟ ଧର୍ମର ନିୟମ ଅନୁସାରେ ସାଧୁସେବା କରୁଥିଲେ । ତାଙ୍କର ଅତିଥିସେବା ପ୍ରାଣରୁ ଅଧିକ ପ୍ରିୟ ଥିଲା । ରୋଷେଇ ତିଆରି ହେବା ପରେ ଯଦି କେହି ସାଧୁସନ୍ଥ ଅଭ୍ୟାଗତ ଅଥବା କ୍ଷୁଧାର୍ତ୍ତ ତାଙ୍କ ଘରକୁ ଆସୁଥିଲେ ପ୍ରତ୍ୟେକ ସନ୍ତାନ ଆଗ୍ରହରେ କହୁଥିଲେ, ''ମୁଁ ବିନା ଭୋଜନରେ ରହିବି, ମୋ ଭୋଜନ ଅଭ୍ୟାଗତଙ୍କୁ ଦିଆଯାଉ ।'' ପିଲାମାନଙ୍କର ଏପରି ମନୋଭାବ ଏବଂ ସାଧୁସେବାରେ ଆଗ୍ରହ ଦେଖି ବିଶୋବାଙ୍କୁ ବହୁତ ଆନନ୍ଦ ପ୍ରାପ୍ତ ହେଉଥିଲା । ବିଶୋବା ଅଭ୍ୟାଗତମାନଙ୍କୁ

ସାକ୍ଷାତ୍ ଭଗବାନଙ୍କ ରୂପରେ ଦେଖୁଥିଲେ । ସେମାନଙ୍କୁ କେବଳ ଭୋଜନ ଦେଇ ବିଦାକରି ଦେଉ ନ ଥିଲେ । ଜଣେ ସନ୍ଥ ଅଭ୍ୟାଗତଙ୍କୁ ଦେଖିବା ମାତ୍ରେ ତାଙ୍କ ଆନନ୍ଦର ସୀମା ରହୁ ନ ଥିଲା, ହୃଦୟ ଉଲ୍ଲାସରେ ପରିପୂର୍ଣ୍ଣ ହେଉଥିଲା, ସେ ପ୍ରେମରେ ବିଭୋର ହୋଇପଡୁଥିଲେ, ଅତିଥିଙ୍କ ପ୍ରସନ୍ନତା ସକାଶେ ସବୁପ୍ରକାର ସେବା କରୁଥିଲେ । ପତିଙ୍କ ଆନ୍ତରିକ ଇଚ୍ଛା ଅନୁସାରେ ପତ୍ନୀ ତାଙ୍କ ଆଜ୍ଞା ପାଳନ କରିବାକୁ ସତତ ତତ୍ପର ରହୁଥିଲେ । ଏହି ଆଚରଣ ତଥା ମନୋଭାବର ପ୍ରଭାବ ପଡୁଥିଲା ସନ୍ତାନମାନଙ୍କ ଉପରେ । ସେମାନଙ୍କ ସଦ୍‌ଗୁଣ ଜୀବନରେ ବିକାଶ ହେଉଥିଲା ।

ଜଣେ ଅତିଥି ସନ୍ଥ ବିଶୋବାଙ୍କ ଘରକୁ ଆସିଲେ, ସେ ତାଙ୍କୁ ଆଦର ସତ୍କାରରେ ଚରଣ ଧୋଇ ଆସନରେ ବସାଇ ପତ୍ନୀ ତଥା ସନ୍ତାନମାନଙ୍କୁ କହୁଥିଲେ, ''ଆଜି ଆମ୍ଭମାନଙ୍କର ବଡ଼ ସୌଭାଗ୍ୟର ଦିନ । ଭଗବାନ୍ କୃପା କରି ଅତିଥି ବେଶରେ ଆମ ଗୃହ ପବିତ୍ର କରିବା ସକାଶେ ଆସିଛନ୍ତି । ତାଙ୍କ ସେବାରେ ଆମ୍ଭମାନଙ୍କ ଜୀବନ କୃତାର୍ଥ କରିବା ।'' ଏ କଥା ଶୁଣି ପତ୍ନୀ ତଥା ସନ୍ତାନମାନଙ୍କର ଅତିଥିସେବାରେ ଦୁଇଗୁଣ ଉତ୍ସାହ ବୃଦ୍ଧି ହେଉଥିଲା । ସେମାନେ ଆନ୍ତରିକ ନିଷ୍କପଟ ଭାବରେ ସେବା କରୁଥିଲେ । ସୁନା ପୋଡ଼ିଲେ ଯେପରି ଶୁଦ୍ଧ ହୁଏ ସେହିପରି ବିପଦ ପଡ଼ିଲେ ଭକ୍ତି ଉଜ୍ଜ୍ୱଳ ହୁଏ । ଯେପର୍ଯ୍ୟନ୍ତ କୌଣସି ବାଧାବିଘ୍ନ ନାହିଁ, ସବୁ କାର୍ଯ୍ୟ ଠିକ୍ ଠିକ୍ ଚାଲୁଥାଏ, ତାହା ଯଥାର୍ଥ କି ଅଯଥାର୍ଥ ବୁଝାଯାଏ ନାହିଁ, ବୁଝାଯାଏ ପରୀକ୍ଷାରେ । ଭଗବାନ୍ ଭକ୍ତଙ୍କୁ ପରୀକ୍ଷା କରନ୍ତି ନାହିଁ କିଂବା ବିପଦ ତାଙ୍କ ଉପରେ ଲଦନ୍ତି ନାହିଁ । ବିପଦରେ ଭଗବାନ୍ ସାହାଯ୍ୟ କରନ୍ତି କିନ୍ତୁ ପରୀକ୍ଷା କରନ୍ତି ବିରୋଧୀ ଶକ୍ତି । ଭକ୍ତର ଭକ୍ତି ଦୃଢ଼ କରିବା ସକାଶେ ଭଗବାନ୍ ବିରୋଧୀ ଶକ୍ତିର ଆକ୍ରମଣକୁ ପ୍ରତିରୋଧ କରନ୍ତି ନାହିଁ କିନ୍ତୁ ତହିଁରୁ ରକ୍ଷା କରନ୍ତି । କୌଣସି ଉଚ୍ଚ କାର୍ଯ୍ୟରେ ଅବଶ୍ୟମ୍ଭାବୀ ରୂପେ ପରୀକ୍ଷା ଆସେ ।

ଦକ୍ଷିଣ ପ୍ରାନ୍ତରେ ଭୟଙ୍କର ଦୁର୍ଭିକ୍ଷ ପଡ଼ିଲା । ସେ ସମୟରେ ଅନ୍ନ ମହଣ ଦୁଇଟଙ୍କା ଥିଲା, କିନ୍ତୁ ଦୁର୍ଭିକ୍ଷ ଯୋଗୁଁ ଟଙ୍କାରେ ଦୁଇସେର ଚାଉଳ ବିକ୍ରି

ହେଲା – ଆଜିକାଲି ପରି ସେ ସମୟରେ ପଇସା ଶସ୍ତା ନ ଥିଲା । ସାଧାରଣ ଗ୍ରାମର ଲୋକଙ୍କ ପାଖରେ ପଇସା ବହୁତ କମ୍ ଥିଲା । ଅଧିକ ସ୍ଥଳରେ ଜିନିଷପତ୍ର ବଦଳରେ ବସ୍ତୁ ମିଳୁଥିଲା । ପଇସା ଥିଲା ମଧ୍ୟବିତ୍ତ ଶ୍ରେଣୀ ଅଥବା ଧନୀ ମହାଜନଙ୍କ ପାଖରେ । ସେ ସମୟରେ ରେଳ ନ ଥିଲା । ଗୋଟିଏ ପ୍ରାନ୍ତରୁ ଧାନ ଚାଉଳ ଯାଇ ଅନ୍ୟ ପ୍ରାନ୍ତର ଅଭାବ ଦୂର କରିବାର ଉପାୟ ନ ଥିଲା । ସେହି ସକାଶେ ସବୁ ସ୍ଥାନରେ ପଇସା ହେଲେ ବି ଅନ୍ନ ପ୍ରାପ୍ତ ହେଉ ନ ଥିଲା । ବହୁତ ବ୍ୟକ୍ତି ଅନ୍ନାଭାବରେ ଶରୀର ତ୍ୟାଗ କଲେ । ଚାରିଆଡ଼େ ହାହାକାର ପଡ଼ିଲା ।

ବିଶୋବାଙ୍କ ନାମ ଶୁଣି କ୍ଷୁଧାର୍ତ୍ତ ବିଶୋବାଙ୍କ ଦ୍ୱାରରେ ଠୁଳ ହେବାକୁ ଲାଗିଲେ । ଅଭ୍ୟାଗତଙ୍କୁ ଭଗବତ୍ ସ୍ୱରୂପ ମାନୁଥିବା ଭକ୍ତ ବିଶୋବାଙ୍କ ହୃଦୟ ବିଗଳିତ ହୋଇଗଲା । ତାଙ୍କ ଘରେ ଥିବା ଧାନ ଅମାର ଖୋଲି ଦରିଦ୍ରନାରାୟଣଙ୍କ ସେବା କରିବାକୁ ଲାଗିଲେ । ଯେଉଁଠି ଗୁଡ଼ ଥାଏ ପିମ୍ପୁଡ଼ି ସେଇଠି ଲାଗନ୍ତି । ବିଶୋବାଙ୍କ ଅପେକ୍ଷା ବହୁତ ବଡ଼ ବଡ଼ ଧନୀ ଲୋକ ଥିଲେ । କିନ୍ତୁ କ୍ଷୁଧାର୍ତ୍ତ ସେମାନଙ୍କ ଦ୍ୱାରକୁ ଯାଉ ନ ଥିଲେ । ଅଧିକରୁ ଅଧିକ ସଂଖ୍ୟାରେ ଠୁଳ ହେଉଥିଲେ ବିଶୋବାଙ୍କ ଦ୍ୱାରରେ । ସେମାନଙ୍କ ଆର୍ତ୍ତ କରୁଣ ଶବ୍ଦ ହୃଦୟ ବିଗଳିତ କରି ଦେଉଥିଲା । ବିଶୋବା କିଛି ନ ଭାବି ପ୍ରସନ୍ନତା ଏବଂ ଉତ୍ସାହରେ ସମସ୍ତ ଅତିଥିଙ୍କୁ ଅନ୍ନଦାନ କରୁଥିଲେ । ଏପରି ଦାନରେ କୁବେରଙ୍କ ଭଣ୍ଡାର ବି ଖାଲି ହୋଇପାରେ ।

ଅଳ୍ପ ଦିନ ମଧ୍ୟରେ ଧାନ ଅମାର ସବୁ ଖାଲି ହୋଇଗଲା, ଘରେ ଥିବା ଟଙ୍କାରେ ଧାନ କ୍ରୟ କରି ଦାନ କଲେ, ଦିନକୁ ଦିନ କ୍ଷୁଧାର୍ତ୍ତ ବୃଦ୍ଧି ପାଉଥାଆନ୍ତି । ଟଙ୍କା ଶେଷ ହେବା ପରେ ଘରର ଗୋରୁଗାଈ, ଜିନିଷପତ୍ର ବିକ୍ରି କରି ଧାନ ଖର୍ଦ୍ଦି କରି ଅତିଥିସେବା କଲେ । ଏହା ବି କେତେ ଦିନ ଚାଲନ୍ତା ? ଶେଷରେ ସ୍ତ୍ରୀଙ୍କ ଅଳଙ୍କାର, କଂସାବାସନ, ଆସବାବପତ୍ର ବିକ୍ରି ଶେଷ ହେଲା । ଘରେ କିଛି ନାହିଁ, ଦରିଦ୍ରନାରାୟଣଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବୃଦ୍ଧି ହେବାକୁ ଲାଗୁଥାଏ, ବିଶୋବାଙ୍କର ଧନ ଶେଷ ହୋଇଥିଲା କିନ୍ତୁ ହୃଦୟ ଦରିଦ୍ର ହୋଇ

ନ ଥିଲା, କ୍ଷୁଧାର୍ତ୍ତଙ୍କ ଆର୍ତ୍ତନାଦ ସେ ବରଦାସ୍ତ କରି ପାରୁ ନ ଥିଲେ । ସେ ନିଜ ଗ୍ରାମରୁ କେତେ କୋଶ ଦୂରରେ ଥିବା କାସେଗାଁଓ ନିବାସୀ ଜଣେ ଧନାଢ୍ୟ ପଠାଣଙ୍କଠାରୁ ଟଙ୍କା କରଜ ଆଣିବାକୁ ଗଲେ । ବିଶୋବାଙ୍କ ଧନାଢ୍ୟତା ତଥା ସତ୍ୟବାଦିତା ସମ୍ବନ୍ଧେ ମୁସଲମାନ ପରିଚିତ ଥିଲେ । ପ୍ରଚଳିତ ସୁଧ ଅପେକ୍ଷା ଅଧିକ ସୁଧରେ ବିଶୋବାଙ୍କୁ କେଇ ହଜାର ଟଙ୍କା ଦେଇ ତାଙ୍କଠାରୁ ହେଣ୍ଡ୍ ନୋଟ୍ ଲେଖାଇ ନେଲେ । ବିଶୋବା ଟଙ୍କା ପାଇବା ପରେ ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ମନେ ମନେ ଭାବିଲେ, ''ଏହି ଟଙ୍କାରେ ଅନ୍ନ ଖର୍ଦ୍ଦି ହେଲେ କେତେଦିନ ପର୍ଯ୍ୟନ୍ତ ଦରିଦ୍ରନାରାୟଣଙ୍କ ସେବା ଚାଲିବ । ତା'ପରେ ସମ୍ଭବତଃ ଦୁର୍ଭିକ୍ଷ କମ୍ ହୋଇଯିବ ।'' ଟଙ୍କା ଆଣି ଘରେ ପହଞ୍ଚିଲେ । ଅନ୍ନ ଖର୍ଦ୍ଦି ହେଲା, ଦରିଦ୍ରନାରାୟଣଙ୍କୁ ଅନ୍ନ ବଣ୍ଟାହେଲା । ଏହି କାର୍ଯ୍ୟରେ ବିଶୋବାଙ୍କ ସହିତ ତାଙ୍କ ପରିବାର ବିଶେଷ ଆନନ୍ଦ ଅନୁଭବ କଲେ । ଅତିଥିସେବାରେ ଆଳସ୍ୟ ଆସୁ ନ ଥିଲା କିଂବା ଭୋକ ଲାଗୁ ନ ଥିଲା । ଦିନରାତି ପରିଶ୍ରମ କରିବା ସତ୍ତ୍ୱେ ସେମାନଙ୍କର କ୍ଳାନ୍ତି ବି ଆସୁ ନ ଥିଲା ।

ଭକ୍ତ ବିଶୋବାଙ୍କର ଦରିଦ୍ର ଅବସ୍ଥାରେ ଭକ୍ତିପୂର୍ଣ୍ଣ ସେବାଭାବ ଦେଖି ଭଗବାନଙ୍କ ସିଂହାସନ ହଲିଗଲା । ଭଗବାନଙ୍କର ଭକ୍ତ ଅତ୍ୟନ୍ତ ପ୍ରିୟ । ଛୋଟ ଶିଶୁର ଖେଳ ଖେଳିବା ଦେଖି ଯେପରି ପିତାମାତା ଆନନ୍ଦିତ ହୁଅନ୍ତି ସେହିପରି ଭକ୍ତର ନିଷ୍କପଟ ଭକ୍ତିଯୁକ୍ତ ଭଗବତ୍ କର୍ମରେ ଶାଶ୍ୱତ ଆନନ୍ଦସ୍ୱରୂପ ଭଗବାନ୍ ବି ଆନନ୍ଦିତ ହୁଅନ୍ତି । ଭକ୍ତ ସହିତ ଖେଳିବା ତାଙ୍କର ଅତ୍ୟନ୍ତ ପ୍ରିୟ । ଭକ୍ତମାନଙ୍କ ସଙ୍ଗେ ଖେଳିବା ପାଇଁ ସେମାନଙ୍କୁ ପିତାମାତା ରୂପେ ସ୍ୱୀକାର କରି ସେମାନଙ୍କ ଗର୍ଭରେ ଅନାଦି ଅଜନ୍ମା ଭଗବାନ୍ ଜନ୍ମଗ୍ରହଣ କରନ୍ତି । ନାନାପ୍ରକାର ଶିଶୁସୁଲଭ ଖେଳକୌତୁକରେ ଭକ୍ତମାନଙ୍କୁ ଆନନ୍ଦ ଦିଅନ୍ତି ।

ଆଜି ଭଗବାନ୍ ଗୋଟିଏ ନୂତନ ଖେଳ ଖେଳିବା ସକାଶେ ଭକ୍ତ ବିଶୋବାଙ୍କ ଦ୍ୱାରରେ ଉପସ୍ଥିତ ହେଲେ । ଶହ ଶହ ଦରିଦ୍ର ନାରାୟଣ ଅନ୍ନ ସକାଶେ ବିଶୋବାଙ୍କ ଦ୍ୱାରରେ ଏକତ୍ରିତ ହୋଇ ଭକ୍ତ ବିଶୋବା ତଥା ତାଙ୍କ ଭଗବାନଙ୍କ ଜୟ ଜୟକାର କରୁଥାଆନ୍ତି । ବିଶୋବା ଧର୍ମପତ୍ନୀ ତଥା ପୁତ୍ରମାନଙ୍କ

ସହିତ ଅତ୍ୟନ୍ତ ଭକ୍ତିଭାବରେ ଅତିଥିନାରାୟଣଙ୍କୁ ଅନ୍ନ ବିତରଣ କରୁଥାଆନ୍ତି । ଏହି ସମୟରେ କ୍ଷୁଧାର୍ତ୍ତମାନଙ୍କ ପଶ୍ଚାତ୍‌ରେ ଗୋଟିଏ ଅସ୍ଥିକଙ୍କାଳଯୁକ୍ତ ଅତ୍ୟନ୍ତ ବୃଦ୍ଧ ବ୍ୟକ୍ତି ଉପସ୍ଥିତ ହେଲେ । ତାଙ୍କ ମସ୍ତକର ଶୁଭ୍ର କେଶ ତେଲ ଅଭାବରୁ ଫୁରୁଫୁରୁ ହୋଇ ଉଡୁଥିଲା, ମୁଖ ଦନ୍ତଶୂନ୍ୟ, ଶରୀରର ଚର୍ମାବୃତ ଅସ୍ଥି ସହଜରେ ଗଣି ହୋଇ ପାରୁଥିଲା । ପିନ୍ଧିଥିବା ଛିଣ୍ଡା ମଇଳା ଲୁଗା ଅଗ୍ନିରେ ପକାଇଲେ ଜଳିବାରେ ସନ୍ଦେହ ଥିଲା । ଅନ୍ନାଭାବରୁ ବି ବାଡ଼ି ଆଶ୍ରୟରେ ଛିଡ଼ା ହେବାରେ ଥର ଥର ହୋଇ ପଡ଼ିଯିବାର ଗତି ହେଉଥିଲା । ଥର ଥର ଦୁର୍ବଳ କଣ୍ଠସ୍ୱରରେ ଅନ୍ନଦାତାଙ୍କୁ ଜୟ, ମାଲିକଙ୍କୁ ଜୟ ଶବ୍ଦ ଶୁଣାଯାଉଥିଲା । ଜୟ ସଙ୍ଗେସଙ୍ଗେ ଶୁଣାଯାଉଥିଲା, ''ମୁଁ ବହୁତ ଦିନରୁ ଉପାସ, ପେଟରେ ଗୋଟିଏ ଦାନା ନାହିଁ । ମୁଠାଏ ଅନ୍ନ ଦେବା ଦୂରର କଥା, କେହି ଦୁଃଖ ଶୁଣିବାକୁ ଚାହୁଁ ନାହାନ୍ତି କିଂବା କଥା ପଦେ କହୁ ନାହାନ୍ତି । ତୁମର ନାମ ଶୁଣି ଆସିଛି, ମୁଠିଏ ଅନ୍ନ ଦୟା କର । ଭଗବାନ୍ ତୁମର ମଙ୍ଗଳ କରିବେ । ନାରାୟଣ ହରି ।''

ବିଶୋବା କ୍ଷୁଧାର୍ତ୍ତଙ୍କୁ ଅନ୍ନ ବିତରଣ କରୁଥିବା ସମୟରେ ସେମାନଙ୍କ ପଛଆଡୁ ଏହି ଆର୍ତ୍ତ ଶବ୍ଦ ଶୁଣି ଶବ୍ଦ ଆସୁଥିବା ସ୍ଥାନକୁ ଦୃଷ୍ଟି ଦେଲେ । ବୃଦ୍ଧଙ୍କ ଦୈନ୍ୟ, ଦୁର୍ବଳ, ଅସହାୟ ଅବସ୍ଥା ଦେଖି ତାଙ୍କ ହୃଦୟ ଦ୍ରବିତ ହୋଇଗଲା । ଶୀଘ୍ର ଶୀଘ୍ର ଅନ୍ନବିତରଣ ଶେଷ କରି ଦୌଡ଼ି ବୃଦ୍ଧଙ୍କ ପାଖରେ ପହଞ୍ଚିଲେ । ତାଙ୍କୁ କିଛି ନ କହି, କିଛି ନ ପଚାରି ପିନ୍ଧିଥିବା ଅତ୍ୟନ୍ତ ଛିଣ୍ଡା, ମଇଳା ବସ୍ତ୍ରକୁ ଘୃଣା ନ କରି ତାଙ୍କୁ ଦୁଇ ହାତରେ ଉଠାଇ ଘରକୁ ନେଇଆସିଲେ । ତାଙ୍କୁ ନିଜେ ପରିଷ୍କାର ଭାବରେ ସ୍ନାନ କରାଇ, ବସ୍ତ୍ର ପିନ୍ଧାଇ ଉତ୍ତମ ଆସନରେ ବସାଇଲେ । ସମସ୍ତ ପରିବାର ପ୍ରଫୁଲ୍ଲ ହୃଦୟରେ ବୃଦ୍ଧ ଅତିଥିଙ୍କୁ ତୃପ୍ତିପୂର୍ବକ ଭୋଜନ କରାଇବାକୁ ଚାହୁଁଥାଆନ୍ତି । ଘରେ ରୋଷାଇ ହେଉଥିବା ଅନ୍ନବ୍ୟଞ୍ଜନ ତଥା ଅନ୍ୟାନ୍ୟ ଖାଦ୍ୟବସ୍ତୁ ଯାହା ଥିଲା, ଏବଂ ଅଳ୍ପ ସମୟ ମଧ୍ୟରେ ଯାହା ଉତ୍ତମ ଖାଦ୍ୟ ତିଆରି ହୋଇପାରିଥିଲା ତାହା ତାଙ୍କୁ ପରଷି ଦେଲେ । ବିଚିତ୍ର ବୃଦ୍ଧଙ୍କର ଆନନ୍ଦର ସୀମା ରହିଲା ନାହିଁ । ଶରୀର ଦୁର୍ବଳ ଯୋଗୁଁ ହାତରେ ଗ୍ରାସ ଉଠାଇ ମୁଖରେ ଦେବାରେ ହାତ ଥର ଥର ହୋଇ କମ୍ପୁଥିଲା । କିନ୍ତୁ

ମୁଖରେ ଗ୍ରାସ ଦେବାରେ ତ୍ରୁଟି ହେଉ ନ ଥିଲା । ଯେକୌଣସି ଭୋଜନ ବସ୍ତୁ ଶେଷ ହେବା ପୂର୍ବରୁ ବିଶୋବାଙ୍କ ସ୍ତ୍ରୀ ଅତ୍ୟନ୍ତ ହର୍ଷରେ ପରଷି ଦେଉଥିଲେ । ବିଶୋବା ବସି ଆସ୍ତେ ଆସ୍ତେ ପଙ୍ଖା କରୁଥିଲେ । ସମସ୍ତ ପରିବାରର ଗୋଟିଏ କାର୍ଯ୍ୟ, ଗୋଟିଏ ହାର୍ଦ୍ଦିକ ଭାବ ଓ ଗୋଟିଏ ଉଦ୍ଦେଶ୍ୟ ଥିଲା – ବହୁ ଦିନରୁ କ୍ଷୁଧାର୍ତ୍ତ, ବୃଦ୍ଧ, ଦୁର୍ବଳ ଅତିଥିଙ୍କୁ ଉତ୍ତମ ଭୋଜନରେ ସନ୍ତୁଷ୍ଟ କରିବା ।

ମନୁଷ୍ୟର ସମସ୍ତ କର୍ମ ନିର୍ଭର କରେ ଆନ୍ତରିକ ନିଷ୍କପଟ ଭାବ ଉପରେ । ଯେଉଁ ବ୍ୟକ୍ତି ନାମ, ଯଶଃ, ପ୍ରତିଷ୍ଠା ଅଥବା ଅର୍ଥପ୍ରାପ୍ତି ଉଦ୍ଦେଶ୍ୟରେ ଦାନ କରନ୍ତି ବା କର୍ମ କରନ୍ତି ସେମାନଙ୍କୁ ତାହାହିଁ ମିଳେ । ସେମାନଙ୍କ ଦ୍ୱାରକୁ ଭଗବାନ୍ ବାର ବାର ଆସନ୍ତି, ଅନୁନୟ ବିନୟ କରି ହୃଦୟ-ଗୃହରେ ପ୍ରବେଶ କରିବାକୁ ଚାହାନ୍ତି । କିନ୍ତୁ ଦ୍ୱାର ଅହଂସ୍ୱାର୍ଥରେ ଦୃଢ଼ରୂପେ ବନ୍ଦ ଥାଏ, ପ୍ରବେଶ କରି ପାରନ୍ତି ନାହିଁ । ଦ୍ୱାର ଖୋଲିବାର ଉପାୟରୂପେ ଯଦି କୌଣସି ବସ୍ତୁ ଭଗବାନ୍ ଚାହାନ୍ତି, ବ୍ୟକ୍ତି ଦୃଷ୍ଟିରେ ସେ ଅପାତ୍ର ବା ଅନଧିକାରୀ ପ୍ରତୀତ ହୁଅନ୍ତି । ପ୍ରତିଥର ତାଙ୍କୁ ଫେରିଯିବାକୁ ପଡ଼େ । କିନ୍ତୁ ନିଷ୍କପଟ ହୃଦୟରେ, ଭଗବତ୍ ସେବାଭାବ ସହ କର୍ମରେ ଯେଉଁ ବ୍ୟକ୍ତିର ହୃଦୟ-ମନ୍ଦିର ଉନ୍ମୁକ୍ତ ହୋଇଯାଏ, ଭଗବାନ୍ ତହିଁରେ ବିରାଜମାନ ହୁଅନ୍ତି ।

ବିଶୋବା ଏବଂ ତାଙ୍କ ପରିବାରଙ୍କ ଅତିଥିସେବାରେ ଅହଂ, ସ୍ୱାର୍ଥ, ନାମଯଶଃ ଅଥବା କୌଣସି ସାଂସାରିକ ବସ୍ତୁର ଲାଳସା ବା ଲୋଭ ନ ଥିଲା । ସେମାନେ ଭଗବାନଙ୍କୁ ପ୍ରାପ୍ତି ଉଦ୍ଦେଶ୍ୟରେ ଅତିଥିକୁ ଭଗବତ୍ ସ୍ୱରୂପ ଭାବି ସେବା କରୁଥିଲେ । ସେହି ସେବାରେ ସେମାନଙ୍କ ହୃଦୟରୁ ଆବରଣ ଦୂର ହୋଇଯାଇଥିଲା । ଭଗବାନ୍ ଯଦ୍ୟପି ଆସିଥିଲେ ଛଦ୍ମରୂପରେ, ସେମାନେ ଭଗବାନଙ୍କ ଯଥାର୍ଥ ସ୍ୱରୂପ ଯଦ୍ୟପି ଜାଣିପାରି ନ ଥିଲେ ତଥାପି ସେମାନଙ୍କ ହୃଦୟ-ଆବରଣ ଦୂର ହୋଇଥିବାରୁ ସେମାନଙ୍କ ଆତ୍ମାର ପ୍ରେରଣା ସେମାନେ ପାଇଲେ । ସେମାନେ ଅଜ୍ଞାନରେ ଆତ୍ମାର ପ୍ରଭାବରେ ପ୍ରଭାବିତ ହୋଇ ସ୍ୱତଃସ୍ଫୂର୍ତ୍ତ ଭାବରେ ଅତିଥିକୁ ନିଷ୍କପଟ ହାର୍ଦ୍ଦିକ ପ୍ରେମରେ ସେବା କରି ପାରିଲେ । ଯେଉଁମାନେ ନିଷ୍କପଟ ଆନ୍ତରିକ ଭଗବତ୍ ସେବା ଭାବରେ କୌଣସି କର୍ମ

କରନ୍ତି ସେମାନେ କୌଣସି ପରିସ୍ଥିତିରେ ଭୁଲ୍ କରି ବିପଦରେ ପଡ଼ନ୍ତି ନାହିଁ । ସେମାନଙ୍କୁ ସବୁ ସମୟରେ ଭଗବତ୍ ଶକ୍ତି ଛୋଟ ଶିଶୁକୁ ମା' ରକ୍ଷା କରିବା ସଦୃଶ ସଙ୍ଗେ ସଙ୍ଗେ ଛାୟା ସଦୃଶ ରହି ରକ୍ଷା କରେ । ଏହିପରି ଘଟଣାରେ ଆମ୍ଭେମାନେ ଧାରଣା କରୁ ଭଗବାନ୍ ଭକ୍ତର ପରୀକ୍ଷା କରିବାକୁ ଛଦ୍ମବେଶରେ ଆସନ୍ତି । କିନ୍ତୁ ଯଥାର୍ଥରେ ତାହା ନୁହେଁ । ଭଗବାନ୍ ଯଦି ସର୍ବଜ୍ଞ ନ ହୋଇଥା'ନ୍ତେ ତେବେ ପରୀକ୍ଷା କରନ୍ତେ । ଭଗବାନଙ୍କ ପାଖରେ ଭକ୍ତର ଆନ୍ତରିକ ଭାବ ଗୁପ୍ତ ନ ଥାଏ । ସେଥିପାଇଁ ତାଙ୍କୁ ପରୀକ୍ଷା କରିବାକୁ ପଡ଼େ ନାହିଁ । ଭଗବାନ୍ ଭକ୍ତର ଭାବରେ ବିଭୋର ହୋଇ ଆସନ୍ତି ଭକ୍ତ ସହିତ ଖେଳ ଖେଳିବାକୁ । ଭକ୍ତ ପାଖରେ ସେ ତାଙ୍କର ସମସ୍ତ ଐଶ୍ୱର୍ଯ୍ୟ ଭୁଲିଯାଆନ୍ତି । ଭକ୍ତକୁ ଆନନ୍ଦ ଦେବା ସକାଶେ ସେ ବହୁତ ରୂପରେ ଆସନ୍ତି ।

ଆଜି ବିଶୋବା ତଥା ତାଙ୍କ ପରିବାର ଧନ୍ୟ ହୋଇଗଲେ । ଆଜି ଭଗବାନ୍ ତାଙ୍କ ଘରେ ଅତିଥି ରୂପରେ ବସି ଭୋଜନ କରୁଛନ୍ତି । ସମସ୍ତ ପରିବାର ଆନନ୍ଦରେ ଭୋଜନ କରାଉଛନ୍ତି । ଭୋଜନ ସମାପ୍ତ ହେଲା – ଭକ୍ତ ପ୍ରେମରେ ଭଗବାନ୍ ଆଉ ନିଜକୁ ଅପ୍ରକଟ ରଖିପାରିଲେ ନାହିଁ । ଭଗବାନ୍ ନିଜ ସ୍ୱରୂପରେ ସମସ୍ତଙ୍କୁ ଆଶୀର୍ବାଦ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ । ଭକ୍ତ ପରିବାରଙ୍କର ଜୀବନ କୃତାର୍ଥ ହୋଇଗଲା । ସମସ୍ତ ସାଧନାର ପରମ ଫଳ ସେମାନେ ପାଇଗଲେ । ସଂସାର ବିଚିତ୍ର । ସେଥିରେ ସବୁପ୍ରକାର ବ୍ୟକ୍ତି ଆସନ୍ତି । ଯେଉଁ ଭଗବତ୍ ଭକ୍ତମାନେ ସମସ୍ତ ପ୍ରାଣୀରେ ଭଗବାନଙ୍କୁ ଦେଖନ୍ତି, ସେମାନଙ୍କର କାହା ସହିତ ବିରୋଧ ନ ଥାଏ । ସେମାନଙ୍କ ପ୍ରତି ଦ୍ୱେଷ ରଖିବା ବ୍ୟକ୍ତିଙ୍କର ବି ଅଭାବ ନ ଥାଏ । ବିଶୋବାଙ୍କ ନିଷ୍କପଟ ଦାନଶୀଳତାର ପ୍ରସାରିତ ଯଶଃ କେତେକ ଦୁଷ୍ଟସ୍ୱଭାବ ବ୍ୟକ୍ତି ସହିପାରୁ ନ ଥା'ନ୍ତି । ତାଙ୍କୁ ବିପଦରେ ପକାଇବା ସକାଶେ ବାରଂବାର ଛିଦ୍ର ଖୋଜୁଥା'ନ୍ତି । ତାଙ୍କର ସମସ୍ତ ସଂପତ୍ତି ଦାନରେ ସମାପ୍ତ ହେବା ପରେ ବି ପୂର୍ବବତ୍ ଅନ୍ନଦାନ ଚାଲୁଥିବା ଦେଖି ସେମାନେ ସଂଧାନ କରି ମୁସଲମାନଠାରୁ କରଜ ଆଣିଥିବା ଜାଣିପାରିଲେ । ସେମାନେ ସ୍ୱଷ୍ଟଭାବେ ବୁଝିପାରିଥିଲେ ଯେ ସେହି ସମୟରେ ବିଶୋବାଙ୍କ

ପାଖରେ ଟଙ୍କା ନ ଥିଲା । ଦୁର୍ଭିକ୍ଷ ସମୟରେ ଦାନରେ ଦେବାଳିଆ ବ୍ୟକ୍ତିଙ୍କୁ ଅନ୍ୟାନ୍ୟ ମହାଜନଙ୍କଠାରୁ କରଜ ମିଳିବା ଆଶା ନ ଥିଲା । ଏହି ସୁଯୋଗ ପାଇ ବିଶୋବାଙ୍କ ଯଶଃ ସହିପାରୁ ନ ଥିବା ବ୍ୟକ୍ତିମାନେ ମୁସଲମାନ ମହାଜନଙ୍କ ପାଖରେ ପହଞ୍ଚିଲେ ଏବଂ ବିଶୋବାଙ୍କ ଦରିଦ୍ରତା ବିଷୟରେ ସମସ୍ତ କହିଲେ । ସେମାନେ କହିଲେ, ''ପୂର୍ବ ସତ୍ୟବାଦୀ, ପ୍ରତିଜ୍ଞାନିଷ୍ଠ ବିଶୋବା ବର୍ତ୍ତମାନ ସେପରି ନାହିଁ । ସେ ସେପରି ବର୍ତ୍ତମାନ ଅର୍ଦ୍ଧପାଗଳ । ଭିକାରିକାଙ୍ଗାଳୀଙ୍କୁ ସମସ୍ତ ସମ୍ପତ୍ତି ବାଣ୍ଟି ସାରିଲାଣି । ସେ ବର୍ତ୍ତମାନ ଦରିଦ୍ର, ରାସ୍ତାର ଭିକାରି; ତୁମର ଏତେ ହଜାର ଟଙ୍କା ସେ ଦେଇପାରିବ ନାହିଁ ।'' ଏ କଥା ଶୁଣି ମୁସଲମାନ ମହାଜନ ଆଶ୍ଚର୍ଯ୍ୟ ହୋଇଗଲେ । କହିଲେ, ''ବିଶୋବାଙ୍କ ଦରିଦ୍ରତା ସମ୍ବନ୍ଧେ ମୁଁ କିଛି ଜାଣି ନ ଥିଲି । ତାଙ୍କୁ ବଡ଼ ବ୍ୟବସାୟୀ ତଥା ସତ୍ୟନିଷ୍ଠ ବୋଲି ଜାଣିଥିଲି । ସେ ପ୍ରକୃତରେ ସତ୍ୟନିଷ୍ଠ । କିନ୍ତୁ ଦରିଦ୍ର ଅବସ୍ଥାରେ ସତ୍ୟ ରଖିବେ କିପରି ?'' ଏହା କହି କିଛି ସିପାହି ସଙ୍ଗେ ନେଇ ବିଶୋବାଙ୍କ ଘରେ ପହଞ୍ଚିଲେ । ତାଙ୍କୁ କହିଲେ, ''ତୁମେ ମୋଠାରୁ ବିଶ୍ୱାସଘାତକତାରେ ଟଙ୍କା ଆଣିଛ । ତୁମ ଦରିଦ୍ରତା ବିଷୟରେ ଜାଣିଥିଲେ ଟଙ୍କା ଦେଇ ନ ଥା'ନ୍ତି ।'' ବିଶୋବା କହିଲେ, ''ଦରିଦ୍ର ହେଲେ କ'ଣ ହେବ, ମୋ ସତ୍ୟତା ଭଗବାନ୍ ଅବଶ୍ୟ ରଖିବେ ।'' ମୁସଲମାନ ବହୁତ ରାଗିଯାଇ କହିଲା, ''ତୁମ ଭଗବାନ୍ ଫଗବାନ୍ ମୁଁ ଜାଣେ ନାହିଁ, ସଙ୍ଗେ ସଙ୍ଗେ ଟଙ୍କା ଆଣ ।'' ବିଶୋବା ତାଙ୍କୁ ଶାନ୍ତ କରିବାକୁ ଯେତେ ଚେଷ୍ଟା କରୁଥା'ନ୍ତି ମୁସଲମାନର ସେତେ ରାଗ ବଢୁଥାଏ, କିନ୍ତୁ ସତ୍ୟତାର ସବୁ ସମୟରେ ସମ୍ମାନ ଥାଏ । ଭଗବାନଙ୍କ ଭକ୍ତର କେବେ ଅନିଷ୍ଟ ହୁଏ ନାହିଁ । ତାଙ୍କୁ ରକ୍ଷା କରନ୍ତି ଭଗବାନ୍ । ଠିକ୍ ସେହି ସମୟରେ ସେହି ଅଞ୍ଚଳରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ବିଶୋବାଙ୍କ ପାଖକୁ ଆସିଲେ । ସେ ବିଶୋବାଙ୍କୁ ବିଶେଷ ସମ୍ମାନ କରନ୍ତି, ବିଶୋବାଙ୍କ ସତ୍ୟତାରେ ତାଙ୍କର କେବେ ବି ଅବିଶ୍ୱାସ ନ ଥାଏ । ସେ ମହାଜନ ଏବଂ ଖାତକଙ୍କ ସହିତ କଥାବାର୍ତ୍ତା କରି ସାତଦିନରେ ବିଶୋବା ସମସ୍ତ ଟଙ୍କା ପରିଶୋଧ କରିବା ନିର୍ଣ୍ଣୟ କରିଦେଲେ ଏବଂ ସ୍ୱୟଂ ଜାମିନି ହେଲେ ।

ଦୃଢ଼ବିଶ୍ୱାସୀ ବିଶୋବା ଭଗବାନଙ୍କ ନିର୍ଭରତାରେ ଆନନ୍ଦରେ ରହିଲେ । ପାଞ୍ଚଦିନ ସମାପ୍ତ ହୋଇ ଛଅଦିନ ଆସିଲା । ରାତି ପାହିଲେ ସାତଦିନ ହେବ । କିନ୍ତୁ ବିଶୋବାଙ୍କ ପାଖରେ ଫଟାପାହୁଲା ନ ଥାଏ । ସେହି ଦୁର୍ଭିକ୍ଷ ସମୟରେ ଏତେ ହଜାର ଟଙ୍କା କେହି ଦେବେ, ଏହା ସ୍ୱପ୍ନରେ ବି ଆଶା କରାଯାଇପାରେ ନାହିଁ । ବିଶୋବାଙ୍କ ସୁଦୃଢ଼ ଆଶ୍ରୟ ଏକମାତ୍ର ଭଗବାନଙ୍କ ଛଡ଼ା ଆଉ କେହି ନ ଥିଲେ । ସେହି ଆଶ୍ରୟ କେବେ ବି ବ୍ୟର୍ଥ ହୁଏ ନାହିଁ । କୁରୁସଭାରେ ପିତାମହ ଭୀଷ୍ମ ଏବଂ ଦ୍ରୋଣାଚାର୍ଯ୍ୟଙ୍କ ଉପସ୍ଥିତିରେ କୁଳବଧୂ ଦ୍ରୌପଦୀଙ୍କ ବସ୍ତ୍ର ଶେଷ ହେଲା ନାହିଁ । ବିବସ୍ତ୍ରକରିବା ସମୟରେ ଭଗବାନ୍ ଦ୍ରୋପଦୀଙ୍କ ଲଜ୍ୟା ରକ୍ଷା କରିଥିଲେ । ଦୁଃଶାସନର ଶହେ ହାତୀର ଥିବା ବଳ ଥକିଗଲା । ଦ୍ରୋପଦୀଙ୍କ ବସ୍ତ୍ର ଶେଷ ହେଲା ନାହିଁ ।

ସେହି ଭଗବାନଙ୍କ ଆଶ୍ରିତ ଭକ୍ତ ବିଶୋବା ଭଗବାନଙ୍କୁ ପ୍ରାର୍ଥନା କଲେ, ''ହେ ମୋର ପରମ ଆଶ୍ରୟ ପ୍ରଭୁ, ଆଜିପର୍ଯ୍ୟନ୍ତ ମୋତେ ସବୁ ସମୟରେ ରକ୍ଷାକରି ଆସିଛ । ଆଜି ରକ୍ଷାକର । ମୋ ବଚନ ଅସତ୍ୟ ହେବା ସକାଶେ ମୋତେ ଅଧିକ ଚିନ୍ତା ନାହିଁ । ଅଧିକ ଚିନ୍ତା ତୁମ ଭକ୍ତିରେ କଳଙ୍କ ଲାଗିବାରେ । ପ୍ରଭୁ, ମୁଁ ଯଥାର୍ଥରେ ତୁମ ଭକ୍ତ ହେବା ଯୋଗ୍ୟ ନୁହେଁ । ମୋ ମଧ୍ୟରେ ଭକ୍ତିବିରୋଧୀ ଦୁର୍ଗୁଣ ପୂର୍ଣ୍ଣ ହୋଇ ରହିଛି । କିନ୍ତୁ ଲୋକେ କହନ୍ତି, 'ବିଶୋବା ଭଗବାନଙ୍କ ଭକ୍ତ', ମୋ ସତ୍ୟଭଙ୍ଗ ହେବାରେ ତୁମ ବିମୁଖ ବ୍ୟକ୍ତିଙ୍କୁ ଭଗବାନ୍ ନ ଥିବା କଥା କହିବାର ସୁଯୋଗ ମିଳିବ । ତା' ଛଡ଼ା ପ୍ରଭୁ, ମୋ ସକାଶେ ଯେଉଁ ବ୍ୟକ୍ତି ଜାମିନି ହୋଇଛନ୍ତି ତାଙ୍କ ଗତି କ'ଣ ହେବ ? ଏହି ସଂକଟରେ ଏକମାତ୍ର ସାହା ତୁମେ । ପ୍ରଭୁ, ତୁମେ ମୋର ପିତା, ମାତା, ଭାଇ, ବନ୍ଧୁ, ଜନ୍ମମରଣର ସାଥୀ; ତୁମେ ମୋ ସକାଶେ ଯାହା ନିର୍ଦ୍ଧାରଣ କରିବ, ତାହାହିଁ ମୋର ଶିରୋଧାର୍ଯ୍ୟ । ତୁମେ ଯଦି ମୋ ସକାଶେ ମୃତ୍ୟୁ ଆଣିଦେବ ସେଥିରେହିଁ ମୋର ପରମ କଲ୍ୟାଣ । ତୁମ ଚରଣ ଆଶ୍ରୟ ଛଡ଼ା ମୋର ଅନ୍ୟ କିଛି ନାହିଁ ।'' ଏପରି ପ୍ରାର୍ଥନାରେ ବିଶୋବାଙ୍କ କଣ୍ଠ ରୁଦ୍ଧ ହୋଇଗଲା, ଦୁଇ ନେତ୍ରରୁ ଅନବରତ ଅଶ୍ରୁ ବର୍ଷଣ ହେଉଥାଏ । ପୁଲକ, କମ୍ପ, ସ୍ୱେଦ, ରୋମାଞ୍ଚ ଆଦି

ପ୍ରେମର ଅଷ୍ଟ ସାତ୍ତ୍ୱିକ ଭାବ ତାଙ୍କ ଶରୀରରେ ପ୍ରକାଶ ହେଲା — ସେ ଭଗବତ୍ ପ୍ରେମାନନ୍ଦସମୁଦ୍ରରେ ବୁଡ଼ିଗଲେ ।

ଭଗବାନ୍ ଭକ୍ତକୁ ରକ୍ଷା କରିବାରେ ସତତ ସଜାଗ ଥା'ନ୍ତି । ବିଶୋବାଙ୍କ ଚୁକ୍ତିର ଛ'ଦିନ ଶେଷ ହୋଇ ସାତଦିନ ସକାଳୁ ଭକ୍ତବତ୍ସଳ ଭଗବାନ୍ ବିଶୋବାଙ୍କ ଗୁମାସ୍ତା ରୂପ ଧାରଣ କରି ମହାଜନ ମୁସଲମାନଙ୍କ କଚେରିରେ ଉପସ୍ଥିତ ହେଲେ । ମୁସଲମାନ ମହାଜନଙ୍କୁ ସଲାମ କରି କହିଲେ, ''ମାଲିକ, ମୁଁ ବିଶୋବାଙ୍କ ଗୁମାସ୍ତା । ଆପଣଙ୍କଠାରୁ ନେଇଥିବା କରଜ ଟଙ୍କା ପରିଶୋଧ କରିବା ସକାଶେ ସେ ମୋତେ ପଠାଇଛନ୍ତି । ଆପଣ ମୂଳ ଏବଂ ସୁଧ ହିସାବ କରି ଟଙ୍କା ନେଇ ହେଣ୍ଡ୍ ନୋଟ୍ ଫେରସ୍ତ ଦିଅନ୍ତୁ ।'' ଗୁମାସ୍ତା ସାଧାରଣ ଗୁମାସ୍ତା ନ ଥିଲେ । ତାଙ୍କ ଶବ୍ଦରେ ଅମୃତ ବର୍ଷା ହେଉଥିଲା — ମୁସଲମାନ ମହାଜନ କୌଣସି ସୁକୃତରୁ ଭକ୍ତ ବିଶୋବାଙ୍କ ସହିତ ମହାଜନୀ ସମ୍ବନ୍ଧ ଯୋଗୁଁ ଏହି ସୁଯୋଗ ପାଇଲେ । ବିଶୋବାଙ୍କ ସତ୍ୟତାରେ ମୁସଲମାନ ମୁଗ୍ଧ ହୋଇ ତାଙ୍କ ସହିତ କରିଥିବା ଦୁର୍ବ୍ୟବହାର ସ୍ମରଣ କରି ଲଜ୍ଜିତ ହେବାକୁ ଲାଗିଲେ । ବହୁତ ସ୍ନେହରେ ଗୁମାସ୍ତାଙ୍କୁ ପାଖରେ ବସାଇ ଦେଇଥିବା ଟଙ୍କା ଏବଂ ସୁଧ ହିସାବ କରିଦେଲେ । ଗୁମାସ୍ତା ମୂଳ ଟଙ୍କା ସହିତ କଡ଼ା ବରକଡ଼ା ସୁଧ ପରିଶୋଧ କରିଦେଲେ । ମହାଜନ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ବିଶୋବା ଦେଇଥିବା ହେଣ୍ଡ୍ ନୋଟ୍ ଚିରି କରି ଗୁମାସ୍ତାଙ୍କୁ ଦେଇଦେଲେ ।

ବିଶୋବା ଭଗବତ୍ ପ୍ରେମାନନ୍ଦରେ ରାତ୍ରି ବ୍ୟତୀତ କରି ନିତ୍ୟ ନିୟମାନୁସାରେ ଭୋରରୁ ସ୍ନାନ କରି ଭଗବତ୍ ଧ୍ୟାନ ଏବଂ ସ୍ମରଣ କଲେ । ଭଗବଦ୍‌ଗୀତା ପୋଥି ପଢ଼ିବା ସକାଶେ ଖୋଲିବାରୁ ତା' ମଧ୍ୟରୁ ବାହାରିଲା ଚିରା ହେଣ୍ଡ୍ ନୋଟ୍, ଯେଉଁ ହେଣ୍ଡ୍ ନୋଟ୍ ମୁସଲମାନ ମହାଜନଙ୍କୁ ଦେଇ ଟଙ୍କା ଆଣିଥିଲେ । ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସଙ୍ଗେ ସଙ୍ଗେ ସିଧା ମୁସଲମାନ ମହାଜନଙ୍କ ପାଖକୁ ଗଲେ । ସେ ଦେଖିବା ମାତ୍ରେ ବିଶୋବାଙ୍କୁ ବହୁତ ସମ୍ମାନ କରି ବସାଇ, ଆସିବାର କାରଣ ପଚାରିଲେ । ବିଶୋବାଙ୍କ ହୃଦୟ ସରଳ ଥିଲା, ସେ ତରତରରେ କହିଲେ, ''ଆଜି ଆପଣଙ୍କ ଟଙ୍କା

ପରିଶୋଧ କରିବାର ନିର୍ଦ୍ଦିଷ୍ଟ ଦିନ । କିନ୍ତୁ ଏ ପର୍ଯ୍ୟନ୍ତ ଟଙ୍କାର ବ୍ୟବସ୍ଥା ହୋଇପାରି ନାହିଁ ।'' ମହାଜନ ଆଶ୍ଚର୍ଯ୍ୟରେ କହିଲେ, ''ଆଜି ତୁମ ଗୁମାସ୍ତା ଆସି ସମସ୍ତ ଟଙ୍କା ଦେଇ ହେଣ୍ଡ୍‌ନୋଟ ଫେରସ୍ତ କରି ନେଇ ଯାଇଛି । ମୁଁ ନିଜେ ନିଜେ ଟଙ୍କା ରଖି ହେଣ୍ଡ୍ ନୋଟ୍ ଚିରି ତାକୁ ଦେଇଥିଲି । ମୋ ମହାଜନୀ ଖାତାରେ ଅସୁଲ ଦିଆ ହୋଇଛି । ତୁମେ ସ୍ୱୟଂ ଦେଖିନିଅ ଏବଂ ମୋ କର୍ମଚାରୀମାନଙ୍କୁ ପଚାର, ସେମାନଙ୍କ ସମ୍ମୁଖରେ ମୁଁ ଟଙ୍କା ରଖିଛି ।'' ଏ କଥା ଶୁଣି ବିଶୋବା ସିଧା ଗୁମାସ୍ତାଙ୍କ ଘରକୁ ଯାଇ ପଚାରିଲେ, ''ତୁମେ କେଉଁଠାରୁ ଟଙ୍କା ଆଣି ମୁସଲମାନ ମହାଜନଙ୍କ ଋଣ ପରିଶୋଧ କରିଛ ?'' ଏହା ଶୁଣିବା ମାତ୍ରେ ଗୁମାସ୍ତା ଆଶ୍ଚର୍ଯ୍ୟ ହୋଇ ବିଶୋବାଙ୍କ ଆଡ଼କୁ ଚାହିଁ କହିଲେ, ''ଆଜିକାଲି ସମୟରେ ମୋତେ ଏତେ ଟଙ୍କା କିଏ ଦେବ ? ମୁଁ ଆପଣଙ୍କୁ ନ ପଚାରି ମହାଜନଙ୍କ ଋଣ ପରିଶୋଧ କରନ୍ତି କିପରି ?'' ଏହା ଶୁଣିବା ମାତ୍ରେ ବିଶୋବା ଭଗବାନଙ୍କ ଦୟା ବୁଝିପାରିଲେ । ଭଗବାନ୍ ଗୁମାସ୍ତା ବେଶ ଧାରଣ କରି ମୁସଲମାନ ଘରକୁ ଯାଇ ସଲାମ କରି ଟଙ୍କା ଦେବା କଥା ସ୍ମରଣ କରି ଭଗବାନଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ହୃଦୟ ବିଦୀର୍ଣ୍ଣ ହୋଇପଡ଼ିଲା, ଗଳା ରୁଦ୍ଧ ହୋଇଗଲା, ଦୁଇ ନେତ୍ରରୁ ଅଶ୍ରୁଧାରା ପ୍ରବାହିତ ହେଲା, ସେ ଭଗବତ୍ ପ୍ରେମସମାଧିରେ ବାହ୍ୟଜ୍ଞାନଶୂନ୍ୟ ହୋଇଗଲେ । ଏହି ଘଟଣା କଥା କଥାରେ ବିଜୁଳି ସଦୃଶ ଚାରିଆଡ଼େ ପ୍ରସାର ହୋଇଗଲା । ବହୁତ ଲୋକ ଏକତ୍ର ହୋଇଗଲେ । କେତେ ଘଣ୍ଟା ପରେ ବିଶୋବା ବାହ୍ୟଜ୍ଞାନ ପ୍ରାପ୍ତ ହେବାରୁ ଏକତ୍ର ହୋଇଥିବା ବ୍ୟକ୍ତି ବିଶୋବାଙ୍କ ପ୍ରତି ଭଗବାନଙ୍କ ଦୟା, ବିଶୋବାଙ୍କ ଭକ୍ତି, ଦାନ ଏବଂ ନିଷ୍ଠା ଗୁଣ ଗାନ କରି ଧୀରେ ଧୀରେ ନିଜ ଘରକୁ ଚାଲିଗଲେ । ବିଶୋବା ସେହି ସମୟରେ ସ୍ତ୍ରୀ ଓ ପୁତ୍ରମାନଙ୍କୁ ଘରର ଦାୟିତ୍ୱ ଦେଇ ଘର ଛାଡ଼ି ପଣ୍ଢରପୁର ଚାଲିଗଲେ ।

ସେଠାରେ ତାଙ୍କ ବୈରାଗ୍ୟ ଏବଂ ଭଗବତ୍ ଭକ୍ତି କେତେଗୁଣ ବଢ଼ିଗଲା । ସେ ନିରନ୍ତର ଭଗବାନଙ୍କ ନାମସ୍ମରଣ ଏବଂ ଭଗବାନଙ୍କ ଧ୍ୟାନରେ ମଗ୍ନ ରହୁଥା'ନ୍ତି । ଭଗବାନଙ୍କ ପ୍ରେମ ଓ ଭକ୍ତିରେ ହୃଦୟ ଉଲ୍ଲସିତ ହେଉଥାଏ । ଜାଗ୍ରତ ଅବସ୍ଥାରେ ଯେପରି ଭଗବତ୍ ଭକ୍ତିରେ ନିରନ୍ତର ନିମଗ୍ନ ହୋଇ

ରହିଥା'ନ୍ତି, ସେହିପରି ରାତ୍ରିରେ । କିଛି ସମୟ ନିଦ୍ରା ଆସିଲେ ସ୍ୱପ୍ନରାଜ୍ୟରେ ବି ଭଗବାନଙ୍କ ସହିତ ଭଗବତ୍ ସେବାରେ ବିଚରଣ କରୁଥା'ନ୍ତି । ତାଙ୍କର ଭଗବତ୍ ଭକ୍ତି ଦିନକୁ ଦିନ ବଢ଼ୁଥାଏ ।

ସେହି ସମୟରେ ଜ୍ଞାନଦେବ ବି ଅଳ୍ପ ବୟସରେ ପଣ୍ଡରପୁରରେ ବହୁତ ଉଚ୍ଚକୋଟୀର ମହାପୁରୁଷରୂପେ ମାନ୍ୟ ହୋଇଥିଲେ । ଚଉଦଶହ ବର୍ଷର ହଠଯୋଗୀ ଚାଙ୍ଗଦେବ ତାଙ୍କରି ଆଜ୍ଞାରେ ତାଙ୍କ ଛୋଟ ଭଉଣୀ ମୁକ୍ତାବାଈଙ୍କଠାରୁ ଦୀକ୍ଷା ଗ୍ରହଣ କରି ଶିଷ୍ୟତ୍ୱ ସ୍ୱୀକାର କରିଥିଲେ । ଭକ୍ତି ଏବଂ ଜ୍ଞାନ ମଧ୍ୟରେ ହୋଇଥିବା ବିବାଦର ସମନ୍ୱୟ କରିବାକୁ ଜ୍ଞାନଦେବ ଚେଷ୍ଟା କରିଥିଲେ । କିନ୍ତୁ ଏହାର ପୂର୍ଣ୍ଣ ସମନ୍ୱୟ ହୁଏ ଅତିମାନସ ଚେତନାରେ ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା ।

ଭକ୍ତ ବିଶୋବାଙ୍କୁ ଭକ୍ତି ପ୍ରାପ୍ତ ହୋଇଥିଲା । ସେ ଜ୍ଞାନଦେବଙ୍କ ଜ୍ଞାନ ଏବଂ ଯୋଗରେ ପ୍ରଭାବିତ ହୋଇ ତାଙ୍କଠାରୁ ଦୀକ୍ଷା ଗ୍ରହଣ କଲେ ଏବଂ ଜ୍ଞାନେଶ୍ୱର ମଣ୍ଡଳରେ ସମ୍ମିଳିତ ହେଲେ । ସେ ତାଙ୍କ ଅଭଙ୍ଗ କବିତାରେ ସ୍ପଷ୍ଟଭାବେ ଲେଖିଛନ୍ତି :

''ମେରେ ଗୁରୁ ହୈ ଜ୍ଞାନେଶ୍ୱର
ଜୋ ମହାବିଷ୍ଣୁ କା ଅବତାର ।''

ତାଙ୍କ ଗୁରୁ ଥିଲେ ଜ୍ଞାନେଶ୍ୱର କିନ୍ତୁ ସେ ଜ୍ଞାନେଶ୍ୱରଙ୍କ ବଡ଼ଭାଇ ସୋପାନଦେବଙ୍କୁ ବି ଗୁରୁରୂପେ ମାନୁଥିଲେ । ବିଶୋବା ଯଥାର୍ଥରେ ଭକ୍ତି ଏବଂ ଜ୍ଞାନରେ ସିଦ୍ଧ ମହାତ୍ମା ଥିଲେ । ସେ ପଣ୍ଡରପୁରରେ ବାସ କରୁଥିଲେ, କେବେ କେବେ ଅନ୍ୟତ୍ର ବି ଭ୍ରମଣ କରୁଥିଲେ ।

ଥରେ ପଣ୍ଡରୀନାଥ ନାମଦେବଙ୍କୁ ବିଶୋବାଙ୍କଠାରୁ ଗୁରୁଦୀକ୍ଷା ନେବାକୁ ପଠାଇଥିଲେ । ପଣ୍ଡରୀନାଥଙ୍କ କହିବାନୁସାରେ ନାମଦେବ ବିଶୋବାଙ୍କ ପାଖକୁ ଗଲେ । ଏହା ଜାଣି ବିଶୋବା ଗୋଟିଏ ଶିବଲିଙ୍ଗ ଉପରେ ଗୋଡ଼ ରଖି ଶୋଇଥିଲେ । ନାମଦେବ ତାଙ୍କ ପାଖରେ ପହଞ୍ଚି ଏ ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ନାମଦେବ ଥିଲେ ଭକ୍ତ, ଶିବଲିଙ୍ଗ ଉପରେ ଗୋଡ଼ ରଖିବା

ତାଙ୍କ ଦୃଷ୍ଟିରେ ଅନୁଚିତ ଥିଲା । ବିଶୋବା ନାମଦେବଙ୍କ ମନୋଭାବ ଜାଣି କହିଲେ, ''ଯେଉଁଠାରେ ଶିବଲିଙ୍ଗ ନାହିଁ ସେହିଠାରେ ମୋ ଗୋଡ଼ ରଖିଦେ ।'' ନାମଦେବ ଯେଉଁଠି ବିଶୋବାଙ୍କ ଗୋଡ଼ ରଖୁଥିଲେ, ସେଠାରେ ଶିବଲିଙ୍ଗ ପ୍ରକଟ ହେଉଥିଲେ । ନାମଦେବ ଦୀକ୍ଷା ପାଇ ଗୁରୁଙ୍କ ଚରଣ ଧରି ପଡ଼ିଗଲେ । ନାମଦେବଙ୍କ ଦୀକ୍ଷାର ଅର୍ଥ ହେଲା, ଭଗବାନ୍ ସର୍ବସ୍ଥାନରେ ପରିପୂର୍ଣ୍ଣ । ଏହି ଜ୍ଞାନ ଉପଲବ୍ଧି ଥିଲା ବିଶୋବାଙ୍କର, ସେ ନିଜକୁ ମଧ୍ୟ ଭଗବାନଙ୍କଠାରୁ ପୃଥକ୍ ମନେକରୁ ନ ଥିଲେ । ନାମଦେବ ସଦ୍‌ଗୁରୁ ବିଶୋବାଙ୍କ ମହିମା ନିଜ ଅଭଙ୍ଗ କବିତାରେ ଗାନ କରିଛନ୍ତି । ବିଶୋବା ଭକ୍ତି ଏବଂ ଜ୍ଞାନ ଏହି ଉଭୟରେ ସିଦ୍ଧିଲାଭ କରିଥିଲେ । ପଣ୍ଡରପୁର ଭକ୍ତମଣ୍ଡଳୀରେ ବିଶୋବା ମହାନ୍ ପ୍ରସିଦ୍ଧିଲାଭ କରିଥିଲେ ।

ମହାଜ୍ଞାନୀ ପରମ ଭକ୍ତ ବିଶୋବାଙ୍କର ଜୟ ।

## ସନ୍ଥ ରୂପକଳାଜି

ସନ୍ଥଙ୍କ ମହିମା ଅପାର । ଶାସ୍ତ୍ର, ପୁରାଣ, କବି, ପଣ୍ଡିତମାନେ ସନ୍ଥମାନଙ୍କ ଚରିତ୍ରର ବହୁବିଧ ବର୍ଣ୍ଣନ କରିଛନ୍ତି । କେହି କେହି ମହାତ୍ମା ଭଗବାନଙ୍କଠାରୁ ଭକ୍ତକୁ ଅଧିକ ଗୌରବ ଦିଅନ୍ତି :

''ମୋରେ ମନ ପ୍ରଭୁ ଅଶ ବିଶ୍ୱାସା
ରାମତେ ଅଧିକ ରାମକର ଦାସା,
ରାମସିନ୍ଧୁ ଘନ ସଜ୍ଜନ ଧିରା
ଚନ୍ଦନ ତରୁ ହରି ସନ୍ତ ସମୀରା ।''

ଶ୍ରୀ ଗୋସ୍ୱାମୀ ତୁଳସୀ ଦାସ କହୁଛନ୍ତି, ''ହେ ପ୍ରଭୁ, ଭଗବାନ୍ ରାମଙ୍କଠାରୁ ତାଙ୍କ ସେବକ ଅଧିକ ବୋଲି ମୋର ବିଶ୍ୱାସ । କାରଣ ଭକ୍ତ ଦ୍ୱାରାହିଁ ଭଗବାନଙ୍କୁ ଆମ୍ଭେମାନେ ଜାଣିପାରୁ । ଅନ୍ୟଥା ଭଗବାନଙ୍କୁ ଜାଣିବାର ଉପାୟ ନ ଥିଲା । ଶ୍ରୀରାମ ସମୁଦ୍ର ସଦୃଶ । ସମୁଦ୍ର ଜଳ ଯେପରି ପ୍ରତ୍ୟେକ ବ୍ୟକ୍ତିକୁ ପ୍ରାପ୍ତ ହୁଏ ନାହିଁ, ସେହିପରି ଭଗବାନଙ୍କୁ ବି ଆମ୍ଭେମାନେ ଜାଣୁ ନାହିଁ । ମେଘ ଯେପରି ସମୁଦ୍ରରୁ ଜଳ ନେଇ ବର୍ଷା କରି ସମସ୍ତଙ୍କୁ ଦିଏ, ସେହିପରି ସନ୍ଥମାନେ ସାଧନା କରି ଭଗବାନଙ୍କୁ ଉପଲବ୍ଧି କରନ୍ତି ଏବଂ ଆମ୍ଭମାନଙ୍କୁ ଉପଦେଶ ଦେଇ, ଶାସ୍ତ୍ର ଲେଖି ସଂସାର ଦୁଃଖାଗ୍ନିରେ ଜଳୁଥିବା ଆମ୍ଭମାନଙ୍କ ହୃଦୟରେ ଭଗବାନଙ୍କ ଜ୍ଞାନ, ଭକ୍ତି, ଦୟା, କରୁଣା ଜଳ ବର୍ଷାକରି ଶାନ୍ତି ପ୍ରଦାନ କରନ୍ତି । ଚନ୍ଦନତରୁ ସଦୃଶ ଭଗବାନଙ୍କ ଲଳିତ ଲୀଳା ବିଦ୍ୟମାନ ଥାଏ, କିନ୍ତୁ ସନ୍ଥମାନେ ସମୀର ସଦୃଶ ଭଗବତ୍ ଲୀଳାକୁ ସ୍ପର୍ଶ ବା ପ୍ରାପ୍ତ କରି ଆମ୍ଭମାନଙ୍କର ଦୁଃଖତାପରେ ତପ୍ତ ହୃଦୟକୁ ଶୀତଳ କରନ୍ତି ।'' ଅର୍ଥାତ୍ ପରମାନନ୍ଦସ୍ୱରୂପ ଭଗବାନ୍ ସନ୍ଥମାନଙ୍କ ଦ୍ୱାରା ପ୍ରାପ୍ତ ହେଉଥିବାରୁ ଭକ୍ତ ଦୃଷ୍ଟିରେ ଭଗବାନଙ୍କଠାରୁ ଭଗବାନଙ୍କ ସେବକ ଅଧିକ ଆଦରର ପାତ୍ର । ଯଥାର୍ଥରେ ସନ୍ଥମାନଙ୍କ ଦ୍ୱାରାହିଁ ଭଗବାନଙ୍କ ଜ୍ଞାନ, ଭକ୍ତି ପ୍ରାପ୍ତ କରି ବ୍ୟକ୍ତି ଦୁଃଖଦ୍ୱନ୍ଦ୍ୱ,

ଜନ୍ମମରଣର ମହାନ୍ ବିପଦରୁ ରକ୍ଷା ପାଆନ୍ତି । ଆଜି ଆମ୍ଭେମାନେ ଏହିପରି ପରମ ଭକ୍ତ ଅଯୋଧ୍ୟାନିବାସୀ ସନ୍ଥ ଶ୍ରୀ ରୂପକଳାଜିଙ୍କ ଚରିତ ପାଠ କରି ଜୀବନକୁ ସଫଳ କରିବା ।

ପ୍ରସିଦ୍ଧ ସନ୍ଥ ରୂପକଳାଜି ବିହାର ପ୍ରାନ୍ତ ଛାପରା ଜିଲା ମୋବାରକପୁର ଗ୍ରାମରେ ଭକ୍ତ କେବଳକୃଷ୍ଣଙ୍କ ପୁତ୍ର ତପସ୍ୱୀରାମଙ୍କ ଦ୍ୱିତୀୟ ଧର୍ମପତ୍ନୀଙ୍କ ଗର୍ଭରୁ ଆନୁମାନିକ ୧୮୪୦ରୁ ୧୮୪୫ ମସିହା ମଧ୍ୟରେ ଶ୍ରାବଣ କୃଷ୍ଣପକ୍ଷ ନବମୀ ତିଥିରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ନାମ ରଖାହୋଇଥିଲା ସୀତାରାମଶରଣ ଭଗବାନପ୍ରସାଦ । କିନ୍ତୁ ତାଙ୍କ ନାମ ପ୍ରଚଳିତ ଥିଲା ଭଗବାନପ୍ରସାଦ ।

ଅନୁମାନ ହୁଏ ଶିଶୁ ଭଗବାନପ୍ରସାଦଙ୍କର ପୂର୍ବଜନ୍ମରେ ଯୋଗସିଦ୍ଧି ପୂର୍ଣ୍ଣ ହେବାର କିଛି ବାକି ଥିଲା । ସେହି ସକାଶେ ଗୀତାବାକ୍ୟ ଅନୁସାରେ ସେ ଗୋଟିଏ ଭକ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । କେବଳକୃଷ୍ଣ ଥିଲେ ଉଚ୍ଚକୋଟୀର ଭକ୍ତ । ତାଙ୍କର ତିନିପୁତ୍ର ମଧ୍ୟରୁ ଗୋଟିଏ ପୁତ୍ର ଗୃହସଂସାର ତ୍ୟାଗ କରି ଅଯୋଧ୍ୟାରେ ପ୍ରସିଦ୍ଧ ସନ୍ଥ ହୋଇଥିଲେ । ଅନ୍ୟ ପୁତ୍ର ଭଗବାନପ୍ରସାଦଙ୍କ ପିତା ଏବଂ ତାଙ୍କ ପିତାଙ୍କ ଭାଇ ଯଦ୍ୟପି ଥିଲେ ଗୃହସ୍ଥାଶ୍ରମରେ ତଥାପି ତାଙ୍କ ଆଚରଣ ଥିଲା ଭକ୍ତର । ଭକ୍ତ ପରିବାରରେ ଭଗବାନପ୍ରସାଦଙ୍କର ଜନ୍ମ ହେବାରୁ ମାତାଗର୍ଭରୁ ତାଙ୍କ ସଂସ୍କାର ତଥା ରକ୍ତରେ ଭଗବତ୍ ଭକ୍ତି ଓତପ୍ରୋତ ହୋଇଥିଲା ।

ସେ ସମୟରେ କେବଳକୃଷ୍ଣ ଚାକିରି କରୁଥିଲେ ପ୍ରୟାଗ (ଏଲାହାବାଦ)ରେ, ଗୋଟିଏ ନୀଳରଙ୍ଗ କମ୍ପାନୀରେ । ତାଙ୍କ ପାଖରେ ସମସ୍ତ ପରିବାର ସହିତ ଥିଲେ ଭଗବାନପ୍ରସାଦଙ୍କ ମା । ଭଗବାନପ୍ରସାଦ ଜନ୍ମ ଗ୍ରହଣ କରିଥିଲେ ତୀର୍ଥରାଜ ପ୍ରୟାଗରେ । ଭଗବାନପ୍ରସାଦଙ୍କ ଜନ୍ମର ଚାରିପାଞ୍ଚଦିନ ମଧ୍ୟରେ ତାଙ୍କ ପିତା ତପସ୍ୱୀରାମଙ୍କ ଚାକିରିରେ ପଦୋନ୍ନତି ହେଲା ଏବଂ ପ୍ରପିତା କେବଳକୃଷ୍ଣ ସତ୍ୟନ୍ୟାୟପୂର୍ବକ ଦକ୍ଷତା ସହ କାର୍ଯ୍ୟ କରିଥିବା ଯୋଗୁଁ ତାଙ୍କୁ କମ୍ପାନୀ ତରଫରୁ ବହୁମୂଲ୍ୟ ପାରିତୋଷିକ ଉପହାର ମିଳିଥିଲା । ଏହିସବୁ ଘଟନା ସୁପୁତ୍ର ଭଗବାନପ୍ରସାଦଙ୍କ ଜନ୍ମର ଶୁଭ ଲକ୍ଷଣ ବୋଲି ଲୋକେ ଅନୁମାନ

କରୁଥିଲେ । ଅଜା କେବଳକୃଷ୍ଣଙ୍କର ଶିଶୁ ଭଗବାନପ୍ରସାଦଙ୍କ ପ୍ରତି ଅତ୍ୟନ୍ତ ସ୍ନେହ ଥିଲା । ସେ ଅଫିସରୁ ଆସି ନାତିର ବାଲ୍ୟ କଲ୍ଲୋଳ ଖେଳ ଘଣ୍ଟାଏ ଦେଖି ଆନନ୍ଦ ଅନୁଭବ କରିବା ପରେ ଅନ୍ୟ କାର୍ଯ୍ୟ କରୁଥିଲେ । ଏହିପରି ବି ଥିଲା ଘରର ଏବଂ ସାହିପଡ଼ିଶା ଲୋକଙ୍କର । କ୍ରମଶଃ ଭଗବାନପ୍ରସାଦ ବଢ଼ିବାକୁ ଲାଗିଲା । ଅଜା କେବଳକୃଷ୍ଣଙ୍କ ଭକ୍ତି ପ୍ରଭାବ ତଥା ଭକ୍ତ ପରିବାରର ଆଚରଣର ପ୍ରଭାବରୁ ଶିଶୁ ଭଗବାନପ୍ରସାଦ କଥା କହିବା ଆରମ୍ଭ କରିବା ସଙ୍ଗେ ସଙ୍ଗେ ସୀତାରାମ ନାମ ଏବଂ ରାମାୟଣର ପଦ ଶୁଣି ଅସ୍ପଷ୍ଟ ଶବ୍ଦରେ ଉଚ୍ଚାରଣ କରିବାକୁ ଲାଗିଲେ । ଏଥିରେ ଭକ୍ତ ପରିବାରକୁ ବିଶେଷ ଆନନ୍ଦ ହେଉଥିଲା ଏବଂ ସେମାନେ ବାଳକକୁ ବାରଂବାର ଭଗବତ୍ ନାମ ଓ ରାମାୟଣ ପଦ ଗାଇବାକୁ ଉତ୍ସାହିତ କରୁଥିଲେ ।

ଭକ୍ତମାନଙ୍କ ସ୍ୱଭାବ ହେଉଛି ସନ୍ଥ ମହାତ୍ମାଙ୍କ ଦର୍ଶନ । କେବଳକୃଷ୍ଣ ବରାବର ସନ୍ଥ ମହାତ୍ମାଙ୍କ ଦର୍ଶନକୁ ଯାଆନ୍ତି ଏବଂ ଶିଶୁ ଭଗବାନପ୍ରସାଦଙ୍କୁ ସଙ୍ଗେ ନେଇଯା'ନ୍ତି । ସନ୍ଥମାନଙ୍କ ଆଶ୍ରମରେ ଭଗବତ୍ ସ୍ତୁତି ଏବଂ କୀର୍ତ୍ତନ ହୁଏ । ଶିଶୁ ଭଗବାନପ୍ରସାଦ ସାଧୁମାନଙ୍କ ଆଶ୍ରମକୁ ଯିବା ସଙ୍ଗେସଙ୍ଗେ ସେମାନଙ୍କ ସହିତ କୀର୍ତ୍ତନ କରନ୍ତି ଏବଂ ଭଗବତ୍ ସ୍ତୁତି ଗାନ କରନ୍ତି । ଶିଶୁର କୋମଳ କଣ୍ଠରେ କୀର୍ତ୍ତନ ଏବଂ ଭଗବତ୍ ପ୍ରାର୍ଥନା ଶୁଣିବାକୁ ଅତ୍ୟନ୍ତ ପ୍ରିୟ ଲାଗେ । ସନ୍ଥମାନେ ଅତ୍ୟନ୍ତ ପ୍ରସନ୍ନ ହୋଇ ତାଙ୍କୁ ବହୁତ ଭଗବତ୍ ପ୍ରାର୍ଥନା ଗୀତ ଶିଖାଇଦେଲେ । ଏହା ଫଳରେ ଶିଶୁ ଭଗବାନପ୍ରସାଦ ଖେଳିବା, ବୁଲିବା, ସ୍ନାନ କରିବା, ଭୋଜନ କରିବା ସମୟରେ ଭଗବତ୍ ନାମଜପ ଅଥବା ପ୍ରାର୍ଥନା ଗାଉଥିଲେ । ଛ' ସାତବର୍ଷ ବୟସରେ ଗୋଟିଏ ପଥରକୁ ଭଗବାନଙ୍କ ବିଗ୍ରହ ଭାବରେ ପୂଜା ମଧ୍ୟ କରୁଥିଲେ । ଭଗବାନପ୍ରସାଦଙ୍କର କୀର୍ତ୍ତନ, ପ୍ରାର୍ଥନାରେ ମୁଗ୍ଧ ହୋଇ ଅଜା କେବଳକୃଷ୍ଣ ଆଠବର୍ଷ ବୟସ ପର୍ଯ୍ୟନ୍ତ ସ୍କୁଲକୁ ପଠାଇ ନ ଥିଲେ ।

## ସ୍କୁଲଶିକ୍ଷା

ଭଗବାନପ୍ରସାଦ ଆଠବର୍ଷ ବୟସରେ ସ୍କୁଲରେ ପ୍ରବେଶ କଲେ । ସେସମୟର ଶିକ୍ଷାପଦ୍ଧତି ଅନୁସାରେ ତାଙ୍କୁ ହିନ୍ଦୀ ଏବଂ ପାର୍ସୀ ପଢ଼ିବାକୁ ହେଲା । ତାଙ୍କ ବୁଦ୍ଧି ତୀକ୍ଷ୍ଣ ଥିଲା । ଭଗବତ୍ ଭକ୍ତି ପ୍ରଭାବରେ ତାହା ଶୁଦ୍ଧ ହେବାରୁ ସେ ଶିଶୁ ଅବସ୍ଥାରୁ ଅଳ୍ପ ପ୍ରୟାସରେ ସମସ୍ତ କାର୍ଯ୍ୟ ଉତ୍ତମରୂପେ ସମ୍ପାଦନ କରିପାରୁଥିଲେ । ଅଳ୍ପ ଦିନରେ ସେ ତୁଳସୀଦାସଙ୍କ ରାମାୟଣ ପଢ଼ିବା ଆରମ୍ଭ କଲେ । ତୁଳସୀଦାସଙ୍କ ରାମାୟଣ ଗୋଟିଏ ଅଦ୍ୱିତୀୟ ଭକ୍ତିସାହିତ୍ୟ । ରାମାୟଣର ଶିକ୍ଷା ଯଦି କେହି କିଛି ଅଂଶରେ ଗ୍ରହଣ କରିପାରେ ତେବେ ତା'ର ଜୀବନ ସର୍ବାଙ୍ଗସୁନ୍ଦର ହେବାରେ ସନ୍ଦେହ ନ ଥାଏ ।

ଭକ୍ତମାନଙ୍କର ଜୀବନ ଆଧାରହିଁ ରାମାୟଣ । ଶିଶୁ ଭଗବାନପ୍ରସାଦଙ୍କ ହୃଦୟରେ ଭକ୍ତିସ୍ରୋତ ପ୍ରବାହିତ ହେଉଥିଲା । ରାମାୟଣ ସଂଯୋଗରେ ତାହା ତୀବ୍ରବେଗ ଧାରଣ କଲା । ସ୍କୁଲ ମାଷ୍ଟର ଥିଲେ ଶ୍ରୀରାମଙ୍କ ଭକ୍ତ, ରାମାୟଣର ଜ୍ଞାତା । ଭକ୍ତମାନଙ୍କର ଭକ୍ତଙ୍କ ସଙ୍ଗେ ସାକ୍ଷାତ ହେଲେ ତାଙ୍କୁ ଭଗବତ୍ ଦର୍ଶନ ସଦୃଶ ଆନନ୍ଦ ପ୍ରାପ୍ତ ହୁଏ । ଶିଶୁ ଭଗବାନପ୍ରସାଦଙ୍କର ଭଗବତ୍ ଭକ୍ତି ତଥା ମିତଭାଷତା, ଶାନ୍ତ, ବିନୟାଦି ସଦ୍‌ଗୁଣ ଦେଖି ଶିକ୍ଷକ ବିଶେଷ ମୁଗ୍ଧ ହୋଇ ତାଙ୍କୁ ଅତ୍ୟନ୍ତ ସ୍ନେହରେ ପଢ଼ାଉଥିଲେ; ଏବଂ ଭଗବତ୍ ଭକ୍ତି ତଥା ରାମାୟଣର ଗୂଢ଼ ବିଷୟରେ ଭଗବାନପ୍ରସାଦଙ୍କ ପ୍ରଶ୍ନର ଉତ୍ତର ପ୍ରସନ୍ନତା ସହିତ ଦେଉଥିଲେ । ସ୍କୁଲରେ ଭଗବାନପ୍ରସାଦଙ୍କର କେବଳ ଭୌତିକ ବିଦ୍ୟା ଶିକ୍ଷା ନ ଥିଲା, ତା' ସଙ୍ଗେ ଥିଲା ଅଧ୍ୟାତ୍ମ ଶିକ୍ଷା । ଭଗବାନଙ୍କ କୃପାରୁ ତାଙ୍କୁ ସ୍କୁଲ ମାଷ୍ଟର ସଦ୍‌ଗୁରୁରୂପେ ପ୍ରାପ୍ତ ହୋଇଥିଲେ । ସେ ଅଳ୍ପ ଦିନରେ ପ୍ରଥମ ଶ୍ରେଣୀରେ ନିମ୍ନ ମାଧ୍ୟମିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ପାଇ ଉଚ୍ଚଶିକ୍ଷା ସକାଶେ ଛାପରା ହାଇସ୍କୁଲରେ ପ୍ରବେଶ କଲେ । ତାଙ୍କର ଦୁଇଟି କାର୍ଯ୍ୟ ପ୍ରଧାନ ଥିଲା । ଗୋଟିଏ ପଢ଼ିବା, ଅନ୍ୟଟି ଭଗବତ୍ ସ୍ମରଣ । ସ୍କୁଲ ପଢ଼ା ପରେ ଅନ୍ୟ ସମୟରେ ଭଗବତ୍ ସ୍ମରଣ ସକାଶେ ସେ ଏକାନ୍ତତାକୁ ବିଶେଷ ପସନ୍ଦ କରୁଥିଲେ ।

ଏହା ନିଶ୍ଚୟ, ଭଗବାନଙ୍କ ଆଶ୍ରିତ ବ୍ୟକ୍ତିଙ୍କୁ ଭଗବାନ୍ ସବୁ ସମୟରେ ସାହାଯ୍ୟ କରନ୍ତି ଏବଂ ସଙ୍ଗେ ସଙ୍ଗେ ଛାୟା ସଦୃଶ ରହି ରକ୍ଷା କରନ୍ତି । ଏହାର ଉଦାହରଣ ଛାତ୍ର ଭଗବାନପ୍ରସାଦଙ୍କ ଜୀବନରେ ବହୁତ ଘଟନାରେ ପାଇପାରିବା ।

ବିହାରର ପନ୍ଥା ହେଉଛି, କୌଣସି ବନ୍ଧୁବାନ୍ଧବଙ୍କ ଘରେ ପ୍ରଥମ ସନ୍ତାନ ହେଲେ ତାଙ୍କ ଘରକୁ ନୂଆ ଲୁଗା ଏବଂ ମିଠାଇ ପଠାଇବାକୁ ହୁଏ । ଭଗବାନପ୍ରସାଦଙ୍କ ପରିବାରର ଜଣେ ବନ୍ଧୁ, ମୁନ୍‌ସି ରାମାନୁଗ୍ରହ ସିଂହ ମୁକ୍ତିଆର ଛାପରାସହରର ଦହିଆବାଁ ମହଲାରେ ସପରିବାର ରହୁଥିଲେ । ତାଙ୍କ ପରିବାରରେ ଗୋଟିଏ ସନ୍ତାନ ଜନ୍ମଗ୍ରହଣ କରିଥିଲା । ସେ ସକାଶେ ଭଗବାନପ୍ରସାଦଙ୍କ ପିତା କେତେକ ନୂଆ ଲୁଗା ଗୋଟିଏ ପୁଡ଼ିଆରେ ବାନ୍ଧି ମିଠାଇ ସହିତ ତାଙ୍କ ବନ୍ଧୁ ମୁନ୍‌ସିଙ୍କ ଘରକୁ ନେବା ସକାଶେ ଭଗବାନପ୍ରସାଦଙ୍କୁ କହିଲେ ଏବଂ ତାଙ୍କ ସଙ୍ଗେ ଗୋଟିଏ ଚାକର ଦେଲେ । ସେ ପ୍ରାନ୍ତରେ ଗୋଟିଏ ଘୋଡ଼ା ଦ୍ୱାରା ପରିଚାଳିତ 'ଏକା' ସବାରିରେ ଲୋକେ ଯାତାୟାତ କରୁଥିଲେ । ଭଗବାନପ୍ରସାଦ ଚାକର ଏବଂ ମିଠାଇ ତଥା ଲୁଗାପୁଡ଼ା ସହିତ ଏକାରେ ବସି ଭଗବାନଙ୍କ ସ୍ମରଣରେ ମସ୍ତ ହୋଇଗଲେ । ଘୋଡ଼ା ଦୌଡ଼ିବା ସମୟରେ ଗାଡ଼ିଟା ଅଧିକା ହଲେ । ଯଦି ବ୍ୟକ୍ତି ଅସାବଧାନ ଥାଏ ତେବେ ପଡ଼ିଯାଇପାରେ । ଏକାବାଲା ପ୍ରାୟହିଁ ଘୋଡ଼ାକୁ ଦୌଡ଼ାନ୍ତି । ଘୋଡ଼ା ଦୌଡ଼ିବା ସମୟରେ ରାସ୍ତାରେ ଲୁଗା ପୁଡ଼ା ଏବଂ ମିଠାଇ ପୁଡ଼ା ପଡ଼ିଯାଇଛି । ଭଗବାନପ୍ରସାଦ ଭଗବତ୍ ସ୍ମରଣ ଯୋଗୁଁ ପୁଡ଼ାକୁ ଲକ୍ଷ୍ୟ କରି ନ ଥିଲେ, ଚାକର ଅସାବଧାନ ଥିଲା । ମୁନସିଙ୍କ ଘର ନିକଟରେ ପହଞ୍ଚି ଲୁଗା ଏବଂ ମିଠାଇ ପୁଡ଼ା ନ ଦେଖି ବିଶେଷ ଅନୁତାପ କରି ଭଗବାନପ୍ରସାଦ କାନ୍ଦିବାକୁ ଲାଗିଲେ । 'ଏକା' ମୁନ୍‌ସିଙ୍କ ଦାଣ୍ଡରେ ପହଞ୍ଚିଲା । ଏକା ଦେଖିବା ମାତ୍ରେ ମୁନ୍‌ସି ପାଛୋଟି ଆସି ଭଗବାନପ୍ରସାଦଙ୍କୁ କାନ୍ଦୁଥିବାର ଦେଖି ଚକିତ ହୋଇ ପଚାରି ଚାକରଠାରୁ ସମସ୍ତ ଘଟନା ବୁଝିଲେ ଏବଂ ଭଗବାନପ୍ରସାଦଙ୍କୁ ସାନ୍ତ୍ୱନା ଦେଇ ଏକାରୁ ଉତାରି ନେଲେ । ଠିକ୍ ସେହି ସମୟରେ ମୁନ୍‌ସିଙ୍କର ଜଣେ ଚାକର ସେହି ଲୁଗା ଏବଂ ମିଠାଇଗଣ୍ଠିଲିଟି ଆଣି

କହିଲେ, ''ଏ ଗଣ୍ଠିଲିଟି ରାସ୍ତାରୁ ପାଇଛି, ଏହା ତୁମ୍ଭର ନୁହେଁ କି ?'' ନିଜ ଲୁଗା ଏବଂ ମିଠାଇ ଗଣ୍ଠିଲି ପାଇ ଭଗବାନପ୍ରସାଦ ବିଶେଷ ଆନନ୍ଦିତ ହେଲେ ଏବଂ ଭଗବାନଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ହୃଦୟ ପୂର୍ଣ୍ଣ ହୋଇଗଲା ।

ବ୍ୟକ୍ତି ଭଗବାନଙ୍କ ଉପରେ ନିର୍ଭରଶୀଳ ହେଲେ ପ୍ରତି ସମୟରେ ଭଗବାନ୍ କିପରି ପ୍ରେରଣା ଦିଅନ୍ତି ଭଗବାନ-ପ୍ରସାଦଙ୍କର ଅନ୍ୟ ଗୋଟିଏ ଘଟନାରୁ ବୁଝି ପାରିବା । ଭଗବାନଙ୍କ କୃପାରୁ ସେ ଭଲ ପଢ଼ନ୍ତି । କିନ୍ତୁ ଯେତେବେଳେ ମନରେ ଅନୁରାଗ ହୁଏ ସେତେବେଳେ ସେ ପଢ଼ା ବନ୍ଦ କରି ଭଗବାନଙ୍କୁ ସ୍ମରଣ କରନ୍ତି । ଦିନେ ସେ ଛପୟା ରାମାୟଣ ମନେ ମନେ ଗାନ କରୁଥିଲେ :

''ଶ୍ରୀପତି, ରଘୁପତି, ଅବଧପତି ରାଖଲେହୁ ଶରଣ ଆପନା
କୃପା କରହୁ ଶ୍ରୀରାମଚନ୍ଦ୍ର, ମମହରହୁ ଶୋକ ସନ୍ତାପନା ॥''

ସେହି ସମୟରେ ମାଷ୍ଟର କ୍ଲାସରେ ପିଲାମାନଙ୍କୁ ପ୍ରଶ୍ନ ପଚାରୁ ଥିଲେ । କିନ୍ତୁ ଭଗବାନପ୍ରସାଦଙ୍କର ପଢ଼ା ସମୟରେ ଅନ୍ୟମନସ୍କତା ଦେଖି ମାଷ୍ଟର ବିରକ୍ତ ହୋଇ ପ୍ରଶ୍ନ କଲେ, ''ରଘୁବଂଶୀ ରାଜାଙ୍କ ରାଜଧାନୀର ନାମ କ'ଣ ?'' ତାଙ୍କ ଗାନ ଶ୍ରୀପତି, ରଘୁପତି ଶେଷ ହୋଇଥିଲା, ତା'ପରେ ଅବଧପତି କହିବା ସ୍ୱାଭାବିକ ଥିଲା । ତାଙ୍କ ମନ ଭଗବାନଙ୍କ ତରଫ ଲାଗି ରହିଥିଲା, ମାଷ୍ଟରଙ୍କ ପ୍ରଶ୍ନ ପ୍ରତି ସେ ଏକେବାରେ ଅସାବଧାନ ଥିଲେ । ସେହି ଅସାବଧାନ ଅବସ୍ଥାରେ ତାଙ୍କ ମୁହଁରୁ ଜୋରରେ ଉଚ୍ଚାରଣ ହେଲା ''ଅବଧ'' । ଏହି ଉତ୍ତରରେ ମାଷ୍ଟର ଏକେବାରେ ଆଶ୍ଚର୍ଯ୍ୟ ହୋଇ କହିଲେ, ''ଏ ଅସାବଧାନ ଅବସ୍ଥାରେ ଏପରି ଯଥାର୍ଥ ଉତ୍ତର ଦେଇପାରେ !''

ଭଗବାନପ୍ରସାଦ ଖୁବ୍ ଭଲ ପଢୁଥିଲେ । ମେଟ୍ରିକ ଶେଷ ବର୍ଷରେ ସେ ''ତନମନକି ସ୍ୱରୂପ'' ନାମରେ ହିନ୍ଦୀ ଭାଷାରେ ଗୋଟିଏ ପୁସ୍ତକ ଲେଖି ସ୍କୁଲ ଇନ୍ସପେକ୍ଟର ଡକ୍ଟର ଫୈଲନ୍ ସାହେବଙ୍କୁ ଦେଇଥିଲେ । ସେ ପୁସ୍ତକ ଦେଖି ଇନ୍ସପେକ୍ଟର ବହୁତ ପ୍ରସନ୍ନ ହୋଇ ଭଗବାନପ୍ରସାଦଙ୍କୁ ସ୍କୁଲର ସବ୍‌ଇନ୍ସପେକ୍ଟର ପୋଷ୍ଟରେ ମାସିକ ୩୦ଟଙ୍କା ବେତନରେ ନିଯୁକ୍ତ

କରିଦେଲେ । ଚାକିରି କରିବାର କିଛିଦିନ ପରେ ଛପରା ଜିଲ୍ଲା ପୁରଗ୍ରାମନିବାସୀ ମୁନ୍‌ସି ଠାକୁରପ୍ରସାଦଙ୍କ କୁଳଶୀଳସମ୍ପନ୍ନା କନ୍ୟା ସହିତ ତାଙ୍କର ବିବାହ ହୋଇଥିଲା । ତେତ୍ରିଶ ବର୍ଷ ଗୃହସ୍ଥାଶ୍ରମରେ ରହିବା ପରେ ଧର୍ମପତ୍ନୀଙ୍କର ସ୍ୱର୍ଗବାସ ହୋଇଗଲା । କିନ୍ତୁ କୌଣସି ସନ୍ତାନ ନ ହେବା ସତ୍ତ୍ୱେ ଭଗବାନପ୍ରସାଦ ଆଉ ଦ୍ୱିତୀୟ ବିବାହ କରି ନ ଥିଲେ ।

ଭଗବାନପ୍ରସାଦ ବାଲ୍ୟ ଅବସ୍ଥାରୁ ଯଦ୍ୟପି ଭଗବତ୍ ଭକ୍ତିରସ ଆସ୍ୱାଦ କରିଆସୁଥିଲେ ତଥାପି ଗୁରୁ ବିନା ତାହାର ସର୍ବାଙ୍ଗୀଣ ବିକାଶ ହୋଇ ନ ଥିଲା । ମହାତ୍ମା ଶ୍ରୀରାମଚରଣ ଦାସଜିଙ୍କର B.N. ରେଲ୍‌ୱେ ଏକମା ଷ୍ଟେସନ ସମୀପ ପରସା ଗ୍ରାମରେ ମଠ ଥିଲା । କିନ୍ତୁ ସେ ପ୍ରତିବର୍ଷ କେତେକ ସନ୍ଥଙ୍କ ସହିତ ସାରା କାର୍ତ୍ତିକ ମାସ ସରଯୁ କୂଳେ ଗୋଦନାସେମରିଆରେ ନିବାସ କରୁଥିଲେ । ଭଗବାନପ୍ରସାଦ ବିବାହର ଏକ ବର୍ଷ ପରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଏହି ମହାତ୍ମାଙ୍କଠାରୁ ସେହି ସ୍ଥାନରେ ଦୀକ୍ଷା ଗ୍ରହଣ କରିଥିଲେ । ଆଜି ବି ସେହି ସ୍ଥାନରେ ସେହି କାର୍ତ୍ତିକ ପୂର୍ଣ୍ଣମାସୀରେ ବଡ଼ ସମାରୋହରେ ଯାତ୍ରା ବା ମେଳା ହେଉଛି । ଏହିଠାରେ ଋଷି ଗୌତମଙ୍କ ଆଶ୍ରମ ଥିଲା ଏବଂ ତାଙ୍କ ପତ୍ନୀ ଅହଲ୍ୟାଙ୍କ ଉଦ୍ଧାର ହୋଇଥିବାର ଲୋକପ୍ରବାଦ ଅଛି ।

## ଚାକିରି ଜୀବନ

ଏହି ସଂକ୍ଷିପ୍ତ ଜୀବନଚରିତରେ ଯେଉଁ ମସିହା ଦିଆହୋଇଛି ତାହା ଏକେବାରେ ନିର୍ଦ୍ଦିଷ୍ଟ ବୋଲି ମନେ ହେଉ ନାହିଁ । କେବଳ ସମୟ ଜାଣିବା ସକାଶେ ଆନୁମାନିକଭାବେ ଉଲ୍ଲେଖ କରାହୋଇଛି । ପ୍ରାୟ ୧୮୬୩ ଅଗଷ୍ଟ ତା. ୧୪କୁ ଭଗବାନପ୍ରସାଦ ୩୦ ଟଙ୍କା ବେତନରେ ସ୍କୁଲ ସବ୍‌ଇନ୍‌ସ୍ପେକ୍‌ଟର କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ । ଏକ ବର୍ଷ ପରେ ୧୮୬୪ ମସିହାରେ ତାଙ୍କ ବେତନ ୫୦ ଟଙ୍କା କରାହେଲା ଏବଂ ସ୍କୁଲ ଡେପୁଟି ଇନ୍‌ସ୍ପେକ୍‌ଟର କାର୍ଯ୍ୟରେ ସାରନପୁରୀକୁ ବଦଳି କରାଗଲା ।

ସମ୍ଭବତଃ ଚାକିରିର ପ୍ରଥମ ଅବସ୍ଥାରେ ତାଙ୍କ ଭଗବତ୍ ଭକ୍ତି କିଛିମାତ୍ରାରେ ଶିଥିଳ ହୋଇଥିଲା । ସାଧନା ଅବସ୍ଥାରେ ଅନୁକୂଳ ଏବଂ ପ୍ରତିକୂଳ ପରିବେଶରେ ସାଧନା ସାମୟିକରୂପେ ଶିଥିଳ ଏବଂ ତୀବ୍ର ହୋଇଥାଏ । କିଛି ବର୍ଷ ପରେ ସେ ବିଶେଷ ସାବଧାନ ହୋଇ ପୁନରାୟ ସାଧନାରେ ପ୍ରବୃତ୍ତ ହେଲେ । ଭଗବତ୍ କୃପା ତଥା ଭଗବତ୍ ଭକ୍ତି ଯୋଗୁଁ ବୁଦ୍ଧି ଶୁଦ୍ଧ ହୋଇଥିବାରୁ ଭଗବାନପ୍ରସାଦ କୁଶଳତା ପୂର୍ବକ କର୍ମ କରୁଥିଲେ । ତାଙ୍କ କାର୍ଯ୍ୟର ଦକ୍ଷତା ଦେଖି ଉଚ୍ଚ ଅଫିସରମାନେ ତାଙ୍କ ପଦୋନ୍ନତି କରିଥିଲେ । ୧୮୬୭ ମସିହାରେ ତାଙ୍କ ବେତନ ୮୦ ଟଙ୍କା କରାହେଲା ଏବଂ ପୂର୍ଣ୍ଣିୟା ଜିଲ୍ଲାର ଜିଲ୍ଲା ସ୍କୁଲ ଡେପୁଟି ଇନ୍ସ୍ପେକ୍ଟର ପଦରେ ନିଯୁକ୍ତ କରାହେଲା ତଥା ସେହି ସଙ୍ଗେ ସେହି ସ୍କୁଲରେ ହେଡ୍‌ମାଷ୍ଟର କାର୍ଯ୍ୟରେ ମଧ୍ୟ ନିଯୁକ୍ତ ହେଲେ ଏବଂ ସେ ଏହି ଦୁଇଟି କାର୍ଯ୍ୟ ଦକ୍ଷତା ସହିତ ସଂପାଦନ କରୁଥିଲେ । ଅଳ୍ପ ଦିନରେ ସ୍କୁଲର ବହୁତ ଉନ୍ନତି ହେଲା । ତାଙ୍କର କାର୍ଯ୍ୟଦକ୍ଷତା ଦେଖି ସେହି ଜିଲ୍ଲାର କଲେକ୍ଟର ବାର୍ଗନ ସାହେବ ତାଙ୍କୁ ସଂସ୍କୃତ ତଥା ପାର୍ସୀ ପଢ଼ିବାକୁ ପ୍ରେରଣା ଦେଲେ । ସେହି ସମୟରେ ସେ ବଙ୍ଗଳା ଭାଷା ମଧ୍ୟ ଶିଖି ନେଇଥିଲେ । ଦୁଇବର୍ଷ ମଧ୍ୟରେ ଉଭୟ କାର୍ଯ୍ୟରେ ତଥା ପଢ଼ାରେ ତାଙ୍କ ଦକ୍ଷତା ଦେଖି ଉପର ଅଫିସର ତାଙ୍କୁ ୧୮୬୯ ମସିହାରେ ମାସିକ ବେତନ ୧୦୦ ଟଙ୍କାରେ ମୁଙ୍ଗେର ଜିଲ୍ଲାକୁ ବଦଳି କରିଦେଲେ । ତାଙ୍କର କାର୍ଯ୍ୟରେ ଯେପରି ଦକ୍ଷତା ଥିଲା ସେହିପରି ଭଗବତ୍ ଭକ୍ତିରେ ବି ତୀବ୍ରତା ଥିଲା । ସେ ଯଦ୍ୟପି ରାମ-ଉପାସକ ବୈଷ୍ଣବ ଥିଲେ ଏବଂ କଣ୍ଠି, ତିଳକ ଧାରଣ କରିଥିଲେ ତଥାପି ଅନ୍ୟ ଧର୍ମକୁ ଘୃଣା କରୁ ନ ଥିଲେ, ବରଂ ଯଥେଷ୍ଟ ସମ୍ମାନ କରୁଥିଲେ ।

ଥରେ ଭଗବାନପ୍ରସାଦ ଯେଉଁ ରେଳଗାଡ଼ି କକ୍ଷରେ ଯାତ୍ରା କରୁଥିଲେ ସେହି କକ୍ଷରେ ସୟଦ୍ ଅବ୍‌ଦୁଲ୍ ଗଫୁର ଆସି ବସିଲେ । ଏହି ଦୁଇଜଣଙ୍କ ବ୍ୟତୀତ ଅନ୍ୟ କେହି ନ ଥିଲେ । ଭଗବାନପ୍ରସାଦଙ୍କ ମସ୍ତକରେ ତିଳକ, ଗଳାରେ ମାଳା ଦେଖି ସୟଦ୍ ଅବ୍‌ଦୁଲ୍ ଗଫୁର ବିଶେଷ ଘୃଣାଦୃଷ୍ଟିରେ ଦେଖିଲେ ଏବଂ କିଛି ସମୟ ପରେ ନମାଜ ପଢ଼ିବା ଆରମ୍ଭ କଲେ । ତାଙ୍କ ନମାଜ ପଢ଼ିବା

ସମୟରେ ଭଗବାନପ୍ରସାଦ ଉଠି ଛିଡ଼ା ହୋଇ ଭଗବତ୍ ସ୍ମରଣରେ ଲୀନ ହୋଇଗଲେ । ମୌଲବିସାହେବ ନମାଜ ସମାପ୍ତ କରି ପ୍ରଶ୍ନ କଲେ, ''ତୁମେ କାହିଁକି ଛିଡ଼ାହେଲ ?'' ଭଗବାନପ୍ରସାଦ ଉତ୍ତର ଦେଲେ, ''ଭଗବାନଙ୍କ ଉପସ୍ଥିତି ଯୋଗୁଁ । କାରଣ, ଯିଏ ଯେଉଁଠାରେ ଭଗବାନଙ୍କୁ ସ୍ମରଣ କରେ ଭଗବାନ୍ ସେହିଠାରେ ଉପସ୍ଥିତ ହୁଅନ୍ତି ।'' ମୌଲବି କହିଲେ —''ତୁମେ କ'ଣ ଭାବ ଖୁଦା ଏକ ?'' ଭଗବାନପ୍ରସାଦ ଉତ୍ତର ଦେଲେ, ''ବେସକ, ଖୁଦା ଏକ, ଏକ ଖୁଦାକୁ ବ୍ୟକ୍ତି ଭିନ୍ନ ଭିନ୍ନ ନାମରେ ଉପାସନା କରନ୍ତି ।'' ଏହି ଉତ୍ତରରେ ମୌଲବି ସାହେବ ବହୁତ ଖୁସିହେଲେ ଏବଂ ଧର୍ମ ସମ୍ବନ୍ଧେ ତାଙ୍କ ସହିତ ବହୁତ ଆଳାପ ଆଲୋଚନା କଲେ । ତାଙ୍କ ଠିକଣା ନେଇ ତାଙ୍କ ସହିତ ପତ୍ର ବ୍ୟବହାର ମଧ୍ୟ କରୁଥିଲେ ।

୧୮୭୩ ମସିହାରେ ବିହାରରେ ଭୟଙ୍କର ଦୁର୍ଭିକ୍ଷ ପଡ଼ିଥିଲା । ଅନ୍ନ ଅଭାବରୁ ହଜାର ହଜାର ଲୋକ କାଳ ଦ୍ୱାରା କବଳିତ ହେଲେ । ଭଗବାନପ୍ରସାଦ ଲୋକଙ୍କ ଦୁର୍ଦଶା ବରଦାସ୍ତ କରି ନ ପାରି ସ୍ୱେଚ୍ଛାରେ ଜିଲ୍ଲା କଲେକ୍ଟରଙ୍କୁ କହି ସରକାରଙ୍କ ତରଫରୁ ଅନ୍ନ ବିତରଣ କାର୍ଯ୍ୟ କରିଥିଲେ । ମୁଙ୍ଗେର ଜିଲ୍ଲାର ସେ ସମୟର ଜଏଣ୍ଟ ମାଜିଷ୍ଟ୍ରେଟ୍ ଏଚ୍. ଜେ. ନ୍ୟୁବେରୀ ସାହେବ ଲେଖିଥିଲେ, ''ଭଗବାନପ୍ରସାଦ ଅନ୍ନ ରଖିବା ଏବଂ ବିତରଣ କରିବାର ବ୍ୟବସ୍ଥା ସେହିପରି ସାହସ, ପରିଶ୍ରମ ଏବଂ ଦକ୍ଷତା ସହିତ କଲେ ଯେପରି ସେ ସ୍କୁଲ ବ୍ୟବସ୍ଥା ଦକ୍ଷତା ସହ କରନ୍ତି ।''

୧୮୭୫ ମସିହାରେ ତାଙ୍କର ମାସିକ ବେତନ ୧୫୦ ଟଙ୍କା ଏବଂ ୧୮୭୮ରେ ୨୦୦ ଟଙ୍କା ହେଲା । ସେ ଚାକିରି କରିବା ସମୟରେ ବିହାରର ବହୁତ ଜିଲ୍ଲାରେ କାର୍ଯ୍ୟ କରିଥିଲେ, କିନ୍ତୁ ମୁଙ୍ଗେର ଜିଲ୍ଲାରେ ୧୨ ବର୍ଷ ରହିଥିଲେ । ଭଗବାନପ୍ରସାଦ ସାଧୁସେବାରେ ବହୁତ ଟଙ୍କା ଖର୍ଚ୍ଚ କରୁଥିଲେ । ଥରେ ବହୁତ ସାଧୁ ମୁଙ୍ଗେର ଆସିଥିଲେ, ସେମାନଙ୍କ ସେବାରେ ତାଙ୍କର ସମସ୍ତ ଟଙ୍କା ଖର୍ଚ୍ଚ ହୋଇଗଲା, ନିଜ ଖର୍ଚ୍ଚ ସକାଶେ କିଛି ନ ଥିଲା । ଜଣେ ମୁସଲମାନ ମୁକ୍ତାରକୁ ସ୍ୱପ୍ନ ହେବାରୁ ଭଗବାନପ୍ରସାଦଙ୍କର ଯେତିକି ଟଙ୍କା

ଆବଶ୍ୟକ ଥିଲା ସେତିକି ଟଙ୍କା ଆଣି ତାଙ୍କୁ ଦେଲେ ଏବଂ ସ୍ୱପ୍ନରେ ଆଦେଶ ହୋଇଥିବା କଥା କହିବାରୁ ସେ ଭଗବାନଙ୍କ ପ୍ରସାଦ ମନେକରି ଗ୍ରହଣ କଲେ ।

## ଭଗବତ୍‌କୃପା

ଥରେ ଭଗବାନପ୍ରସାଦ ଛୁଟି ନେଇ ଇଷ୍ଟଧାମ ଶ୍ରୀ ଅଯୋଧ୍ୟା ଯାଇଥିଲେ । ସେଠାରେ ରାମକୋଟରେ ଆନନ୍ଦଭବନ ମହାତ୍ମା ଶ୍ରୀ ପ୍ରେମଲତାଜିଙ୍କ ପାଖରେ ଶ୍ରୀସୀତାରାମଙ୍କର ଚିତ୍ରପଟ ଦେଖି ଏପରି ମୁଗ୍ଧ ହୋଇଗଲେ ଯେ ଛୁଟି ପୂରା ହୋଇଯିବାର କେତେଦିନ ପରେ ବହୁ କଷ୍ଟରେ ଅଯୋଧ୍ୟାରୁ ଫେରି ଆସିଲେ ଓ ତାଙ୍କ ବିଳମ୍ବର କାରଣ ସ୍ୱଷ୍ଟରୂପେ ଉପରିସ୍ଥ ଅଫିସରଙ୍କୁ କହିଦେଲେ । ତାଙ୍କର ସତ୍ୟ ତଥା ନିଷ୍କପଟ ବାକ୍ୟ ଶୁଣି ସେ ପ୍ରସନ୍ନତା ପୂର୍ବକ ଭଗବାନପ୍ରସାଦ ଯେତେ ଅଧିକ ଦିନ ଥିଲେ ସେଥିସକାଶେ ଛୁଟି ମଞ୍ଜୁର କରିଦେଲେ ।

ଥରେ ଛାପରା ଜିଲାର ବୈଷ୍ଣବ ରାମାନନ୍ଦ ସଂପ୍ରଦାୟର ମହନ୍ତ ଶ୍ରୀ ରାମଧ୍ୟାନ ଦାସଜି ତାଙ୍କ ମଠରେ ରାମଲୀଳାର ବ୍ୟବସ୍ଥା କରିଥିଲେ । ଏହି ଲୀଳା ହୋଇଥିଲା ଫାଲ୍‌ଗୁନ ଅମାବାସ୍ୟାରୁ ଚୈତ୍ର କୃଷ୍ଣପକ୍ଷ ଦଶମୀ ପର୍ଯ୍ୟନ୍ତ । ଏଥିରେ ବହୁତ ଟଙ୍କା ଖର୍ଚ୍ଚ ହୋଇଥିଲା ଏବଂ ବହୁ ରାମଲୀଳା-ମଣ୍ଡଳୀକୁ ନିମନ୍ତ୍ରଣ କରା ହୋଇଥିଲା ।*

ଏହି କାର୍ଯ୍ୟରେ ହାତୁଆରାଜା ତଥା ବିହାରର ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ଭଗବାନପ୍ରସାଦଙ୍କ ପିତା ଅର୍ଥ ସାହାଯ୍ୟ କରିଥିଲେ ଏବଂ ସେଥିରେ

* ଓଡ଼ିଶାରେ ଯାତ୍ରାଦଳ ସଦୃଶ ବିହାର ଏବଂ ଉତ୍ତର ପ୍ରଦେଶରେ ରାମଲୀଳା-ମଣ୍ଡଳୀ ଅଛନ୍ତି । ରାମଲୀଳାକୁ ରାମାୟଣର ପ୍ରତୀକରୂପେ ମାନ୍ୟ କରାହୁଏ । ଅର୍ଥାତ୍ ମନ୍ଦିର ପ୍ରତିମାକୁ ଯେପରି ଭଗବାନ୍ ମାନି ପୂଜା କରାହୁଏ, ସେହିପରି ସୀତା, ରାମ, ହନୁମାନ ଓଗେର ଲୀଳାର ପାତ୍ରଙ୍କୁ ତାଙ୍କ ଯଥାର୍ଥ ସ୍ୱରୂପର ପ୍ରତୀକରୂପେ ମାନ୍ୟ କରାହୁଏ ଏବଂ ଭକ୍ତିଭାବରେ ପୂଜା ବି କରାହୁଏ । ଲୀଳାମଣ୍ଡଳୀ ପ୍ରତି ଦର୍ଶକମାନଙ୍କର ଶୁଦ୍ଧ ଭକ୍ତିଭାବ ଥାଏ ।

କାର୍ଯ୍ୟ କରିଥିଲେ । ସେ ସଭାରେ ବଡ଼ ବଡ଼ ଅଫିସର ଏବଂ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଭଗବାନପ୍ରସାଦ ଖବର ପାଇ ଛୁଟି ନେଇ ସେହି ଉତ୍ସବରେ ସମ୍ମିଳିତ ହୋଇଥିଲେ ।

ପୂର୍ବେ କୁହା ହୋଇଛି ଭଗବାନପ୍ରସାଦ ରାମ-ଉପାସକ ଥିଲେ ଏବଂ ରାମମନ୍ତ୍ର ଦୀକ୍ଷା ନେଇଥିଲେ । ବୈଷ୍ଣବ ସଂପ୍ରଦାୟରେ ଭଗବାନଙ୍କୁ ଯେଉଁଭାବେ ବା ଯେଉଁ ସମ୍ବନ୍ଧ ରଖି ଉପାସନା କରାହୁଏ ତାକୁ କୁହାଯାଏ ରସ ବା ସମ୍ବନ୍ଧ । ଦାସ୍ୟ, ବାତ୍ସଲ୍ୟ, ସଖ୍ୟ, ଶାନ୍ତ ଏବଂ ମଧୁର – ଏହାହିଁ ପାଞ୍ଚ ପ୍ରକାର ସମ୍ବନ୍ଧ ବା ପଞ୍ଚରସ । ଭଗବାନପ୍ରସାଦଙ୍କର ଥିଲା ମଧୁର ରସ । ସେ ନିଜକୁ ସୀତାଙ୍କର ଦାସୀ ଭାବରେ ଉପାସନା କରୁଥିଲେ । ତାଙ୍କର ସମ୍ବନ୍ଧ ନାମ ଥିଲା ରୂପକଳା । ସେ ଶ୍ରୀ ଅବଧ ଯିବାପରେ ଏହି ନାମରେ ପ୍ରଖ୍ୟାତ ଥିଲେ । କିନ୍ତୁ ଚାକିରି କରିବା ସମୟରେ ଏହି ଭାବରେ ତନ୍ମୟ ହୋଇ ଉପାସନା କରୁଥିଲେ । ସେଠାରେ ରାମଲୀଳାର ଭିନ୍ନ ଭିନ୍ନ ପ୍ରକରଣ ହେଉଥିଲା । ସୀତାରାମ ପୋଷାକରେ ଦୁଇଟି ଛୋଟ ଛୋଟ ପିଲା ସିଂହାସନରେ ବିରାଜମାନ ହୋଇଥିଲେ । ତାଙ୍କ ପାଖରେ ସେହି ରାମଲୀଳାମଣ୍ଡଳୀର ଷୋଳଟି ପିଲା ସଖୀ ବେଶରେ ପୋଷାକ ପିନ୍ଧି ନୃତ୍ୟ ସହ ଗାନ କରିବାକୁ ଲାଗିଲେ । ସେଠାକାର ବାତାବରଣ ଭଗବତ୍ ଉପସ୍ଥିତିରେ ପୂର୍ଣ୍ଣ ହୋଇଗଲା । ସମସ୍ତ ଦର୍ଶନାର୍ଥୀ ମନ୍ତ୍ରମୁଗ୍ଧ ହୋଇ ଦେଖୁଥିଲେ । ଭଗବାନପ୍ରସାଦ ସେହି ଲୀଳାରେ ଏକେବାରେ ତନ୍ମୟ ହୋଇଗଲେ । ବାହ୍ୟଜ୍ଞାନ ଅନ୍ତର୍ଚେତନାରେ ଲୀନ ହୋଇଗଲା । ସେ ସାକେତ ଦିବ୍ୟଧାମରେ ସୀତାରାମଙ୍କ ସମ୍ମୁଖରେ ସଖୀରୂପେ ନୃତ୍ୟ କରୁଥିବା ଆବେଶ ତାଙ୍କ ସ୍ଥୂଳ ଚେତନାକୁ ଆବୃତ କରିଦେଲା । ସଭାରେ ତାଙ୍କ ପିତା, ହାତୁଆରାଜା ତଥା ବଡ଼ ବଡ଼ ଅଫିସର ଥିବା ସତ୍ତ୍ୱେ ସେ ଉଠି ନୃତ୍ୟ କରୁଥିବା ସଖୀମାନଙ୍କ ସହିତ ସମ୍ମିଳିତ ହୋଇ ନୃତ୍ୟ କରିବାକୁ ଲାଗିଲେ । ପୂର୍ବର ଯେଉଁ ବାତାବରଣ ଥିଲା ଭଗବାନପ୍ରସାଦଙ୍କ ଆନ୍ତରିକ ପ୍ରବଳ ଭାବ ଏବଂ ଭାବର ଆବେଶ ଦ୍ୱାରା ତାହା ଆହୁରି ଘନୀଭୂତ ହୋଇଗଲା । ସମସ୍ତ ସଭା ନିସ୍ତବ୍ଧ; ସମସ୍ତ ଦର୍ଶନାର୍ଥୀ ପ୍ରତିମା ସଦୃଶ ନିଶ୍ଚଳ । କାହାରି ମୁଖରେ

ଗୋଟିଏ ଶବ୍ଦ ନ ଥାଏ । ଏହିପରି ଘଣ୍ଟାଏ ଦେଢ଼ଘଣ୍ଟା ନୃତ୍ୟ କରିବା ପରେ ତାଙ୍କ ସ୍ଥୂଳ ଶରୀର ଭଗବତ୍ ଭକ୍ତିରସର ଦିବ୍ୟ ଆବେଶ ଆଉ ବରଦାସ୍ତ କରି ପାରିଲା ନାହିଁ । ସେ ସେଠାରେ ମୂର୍ଚ୍ଛିତ ହୋଇ ପଡ଼ିଗଲେ । ନୃତ୍ୟ ବନ୍ଦ ହୋଇଗଲା । ସଭାର ନିସ୍ତବ୍‌ଧତା ଭଙ୍ଗହେଲା । କେତେଜଣ ଭଗବାନପ୍ରସାଦଙ୍କୁ ଉଠେଇ ନେଇ ଉପଚାର କଲେ; ବହୁତ ସମୟ ପରେ ସେ ସଚେତ ହେଲେ । ସେହିଦିନଠାରୁ ତାଙ୍କ ଭଗବତ୍ ଭକ୍ତିଭାବ ଦ୍ୱାରା ତାଙ୍କ ସଂପର୍କୀୟ ବହୁତ ବ୍ୟକ୍ତି ପ୍ରଭାବିତ ହେଲେ ।

ଭଗବାନପ୍ରସାଦ ଡେପୁଟି ଇନ୍‌ସ୍ପେକ୍‌ଟର ଥିବା ସମୟରେ ସ୍କୁଲ ପରିଦର୍ଶନ କରିବାକୁ ଗୋପାଳ କାନ୍ଧେଇ ଥିବା ସବାରିରେ ଯାତାୟାତ କରୁଥିଲେ । ଥରେ ଭାଗଲପୁର ଜିଲ୍ଲାରେ ସ୍କୁଲ ପରିଦର୍ଶନକୁ ଯିବା ସମୟରେ ରାସ୍ତାରେ ଗୋଟିଏ ପାହାଡ଼ୀ ଶୁଖିଲା ନଦୀ ପାର ହେବାକୁ ପଡ଼ିଲା । ନଦୀବନ୍ଧ ତୀକ୍ଷ୍ଣ ଥିବାରୁ ସେ ସବାରିରୁ ଉତରି ପଡ଼ିଲେ । ଗୋପାଳମାନେ ନଦୀ ପାର ହୋଇ ଅନ୍ୟ କୂଳରେ ପହଞ୍ଚିଗଲେ । ଭଗବାନପ୍ରସାଦ ଆସ୍ତେ ଆସ୍ତେ ଚାଲି ଠିକ୍ ମଝି ନଦୀରେ ହୋଇଛନ୍ତି ସେହି ସମୟରେ ବହୁତ ଜୋରରେ ତାଙ୍କ ଶରୀର ଅପେକ୍ଷା ଅଧିକ ଉଚ୍ଚରେ ନଈବଢ଼ି ଆସିଗଲା । ପାହାଡ଼ୀ ନଦୀରେ ଏହିପରି ବଢ଼ି ହୁଏ । ପ୍ରଖର ସ୍ରୋତ ତାଙ୍କୁ ବୁଡ଼େଇ ଭସେଇ ନେଇଯାଇ ଥାଆନ୍ତା । କିନ୍ତୁ ସେ ଯେଉଁଠାରେ ଛିଡ଼ା ହୋଇଥିଲେ ସେଠାରେ ତାଙ୍କୁ ହୋଇଥିଲା ଆଣ୍ଠୁଏ ପାଣି । ତାଙ୍କ ଲୁଗା ପର୍ଯ୍ୟନ୍ତ ଓଦା ହୋଇ ନ ଥିଲା । ସେ ଛିଡ଼ା ହୋଇଥିବା ସ୍ଥାନର ଚାରିଦିଗରେ ଜଳର ସ୍ରୋତ ଏତେ ଗଭୀର ଏବଂ ତୀବ୍ର ଥିଲା ଯେ ତାଙ୍କର ଆଗକୁ ବା ପଛକୁ ଯିବାର ଉପାୟ ନ ଥିଲା । ସେ ସେହି ନଦୀସ୍ରୋତ ମଝିରେ ବହୁତ ସମୟ ଛିଡ଼ା ହୋଇ ରହିଲେ । ପରେ ପାଣି କମ୍ ହୋଇଗଲା । ସେ ନିରାପଦରେ ନଦୀ ପାରହୋଇ ଆସିଲେ । ଏହି ଆଶ୍ଚର୍ଯ୍ୟ ଘଟନା ଦେଖୁଥିଲେ ସବାରିବାହକ ଗୋପାଳମାନେ । ପରେ ପଚାରିବାରୁ ଜଣାଗଲା ସେ ଯେଉଁଠି ଛିଡ଼ା ହୋଇଥିଲେ ସେ ସ୍ଥାନ ଗୋଟିଏ ଉଚ୍ଚ ପଥର ସଦୃଶ ସେ ଅନୁଭବ କରୁଥିଲେ । ସେଠାରୁ ତାଙ୍କ ପାଦ ଚଳୁ ନ ଥିଲା । ଏହା

ଥିଲା ଭଗବାନଙ୍କ ଶକ୍ତିର ପ୍ରଭାବ । ବଢ଼ି ଛାଡ଼ିବାପରେ ଦେଖାଗଲା ସେଠାରେ ପ୍ରକୃତରେ କୌଣସି ପଥର ନ ଥିଲା ।

ଭକ୍ତ ଭଗବାନପ୍ରସାଦଙ୍କ ହୃଦୟ ଥିଲା ବହୁତ ଉଦାର ଏବଂ ଦୟାପୂର୍ଣ୍ଣ । ଅନ୍ୟର ଦୁଃଖ ଦେଖି ସେ ବରଦାସ୍ତ କରିପାରୁ ନ ଥିଲେ । କୌଣସି ବ୍ୟକ୍ତିକୁ ବିପଦରୁ ଉଦ୍ଧାର କରିବା ସକାଶେ ନିଜ ପାଖରେ ଟଙ୍କା ନ ଥିଲେ ଅନ୍ୟଠାରୁ ଧାର କରି ସାହାଯ୍ୟ କରୁଥିଲେ । ସେ ଥିଲେ ଅତ୍ୟନ୍ତ ନିଷ୍ପାପର ବ୍ୟକ୍ତି; ନିଜ ବେତନ ଛଡ଼ା ଚାକିରି ସଂପର୍କରେ ଅନ୍ୟଠାରୁ ଗୋଟିଏ ପଇସାର ବସ୍ତୁ ଗ୍ରହଣ କରୁ ନ ଥିଲେ । ଥରେ କେତେକ ଟଙ୍କା ନିର୍ଦ୍ଦିଷ୍ଟ ଦିନରେ ଦେବା ସକାଶେ କହି ଅନ୍ୟଠାରୁ ଧାର ଆଣିଲେ । ନିର୍ଦ୍ଦିଷ୍ଟ ସମୟ ମାତ୍ର ଏକ ଦିନ ବାକି ଥିଲା । ଟଙ୍କା ପରିଶୋଧ ସକାଶେ ତାଙ୍କ ପାଖରେ କିଛି ଟଙ୍କା ନ ଥିଲା । ତାଙ୍କ ବାକ୍ୟ ଅସତ୍ୟ ହେବାଯୋଗୁଁ ସେ ବିଶେଷ ଚିନ୍ତିତ ହୋଇ ଭଗବତ୍ ସ୍ମରଣ କରୁଥିଲେ । ଠିକ୍ ସନ୍ଧ୍ୟା ସମୟ । ଜଣେ ବ୍ୟକ୍ତି ତାଙ୍କ ପାଖରେ ପହଞ୍ଚି କହିଲେ – ''ମୁଁ କାଶୀର ଅମୁକ ମାରଓ୍ୱାଡ଼ିଙ୍କ ଚାକର । ଆପଣଙ୍କ ସତ୍ୟବାଦିତା ବିଷୟରେ ମୋ ମାଲିକ ବିଶେଷ ପରିଚିତ । ଆପଣଙ୍କର ଏତେ ଟଙ୍କା ଆବଶ୍ୟକ ଜାଣି ସେ ଟଙ୍କା ଦେଇ ମୋତେ ପଠାଇଛନ୍ତି, ଆପଣ ରଖନ୍ତୁ ଏବଂ ଖର୍ଚ୍ଚ କରନ୍ତୁ । କାଲି ମାଲିକଙ୍କ ଗୁମାସ୍ତା ଆସି ଆପଣଙ୍କଠାରୁ ହ୍ୟାଣ୍ଡନୋଟ୍ କରାଇ ନେବେ । ଆମ ମାଲିକଙ୍କର ଆପଣଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ।'' ଏହା କହି ଟଙ୍କା ଦେଇ ନମସ୍କାର କରି ଚାଲିଗଲେ । ବାବୁ ଭଗବାନପ୍ରସାଦ ଭଗବାନଙ୍କ ପ୍ରେରଣା ଜାଣି ପ୍ରସନ୍ନତା ସହିତ ଟଙ୍କା ରଖିଲେ । ତହିଁ ଆରଦିନ ସକାଳୁ ନିତ୍ୟକର୍ମ ସାରି ଯାହାଙ୍କୁ ଟଙ୍କା ଦେବାର ଥିଲା ତାଙ୍କୁ ଦେଇଦେଲେ ଏବଂ ହ୍ୟାଣ୍ଡନୋଟ୍ ଲେଖି ଟଙ୍କା ଦେଇଥିବା ବ୍ୟକ୍ତିଙ୍କୁ ପ୍ରତୀକ୍ଷା କରିବାକୁ ଲାଗିଲେ । ସନ୍ଧ୍ୟା ହେଲା, ରାତ୍ରି ପ୍ରହରେ ବିତିଗଲା, କିନ୍ତୁ କୌଣସି ବ୍ୟକ୍ତିର ଦେଖା ସାକ୍ଷାତ୍ ନାହିଁ । ତିନି ଚାରିଦିନ ପରେ କାଶୀରେ ଥିବା ତାଙ୍କ ପରିଚିତ ମିତ୍ରମାନଙ୍କ ପାଖକୁ ପତ୍ର ଲେଖି ଲୋକ ପଠାଇଲେ । ସେମାନେ ମହାଜନ ମାରଓ୍ୱାଡ଼ି ବ୍ୟକ୍ତିଙ୍କ ନାମ ପଚାରି ବହୁତ ଅନୁସନ୍ଧାନ କରିବାରେ ଜଣାହେଲା ସେହି ନାମର ମହାଜନ

ମାରଓ୍ୱାଡ଼ି କାଶୀରେ କେହି ନ ଥିଲେ । ଏହାଥିଲା ଭକ୍ତଙ୍କ ''ଯୋଗକ୍ଷେମଂ ବହାମ୍ୟହମ୍'' ଭଗବାନଙ୍କ ପ୍ରତିଜ୍ଞାର ପ୍ରତ୍ୟକ୍ଷ କୃପା ।

ଥରେ ଭଗବାନପ୍ରସାଦବାବୁ ବିହାର ପ୍ରାନ୍ତ ବାଙ୍କିପୁରରେ ବସି ସ୍ୱାଭାବିକଭାବେ ଭଗବତ୍ ସ୍ମରଣ କରୁଥିଲେ । ତାଙ୍କ ଚେତନା ଭଗବତ୍ ସ୍ମରଣରେ ଏକୀଭୂତ ହୋଇଗଲା, ତାଙ୍କର ବାହ୍ୟଜ୍ଞାନ ରହିଲା ନାହିଁ । ଏହି ଅବସ୍ଥାରେ କିଛି ସମୟ ରହିବା ପରେ ସେ ସଚେତ ହୋଇ ନିଜକୁ ଗୋଟିଏ ନୂତନ ସ୍ଥାନରେ ପାଇଲେ । ସେ ସ୍ଥାନରେ ଥିଲେ ତାଙ୍କ ଭାଇ ରାମଚନ୍ଦ୍ର ପ୍ରସାଦ ତଥା ତାଙ୍କର ଜଣେ ମିତ୍ର ଶ୍ରୀ ରାମହିତ ଉପାଧ୍ୟାୟ । ସେଠିକାର ଲୋକଙ୍କୁ ପଚାରିବାରେ ଜଣାଗଲା ସେ ସ୍ଥାନ ବୃନ୍ଦାବନ । ଏଥିରେ ସେ ଯେପରି ଆଶ୍ଚର୍ଯ୍ୟ ହେଲେ ସେହିପରି ଆନନ୍ଦର ସୀମା ରହିଲା ନାହିଁ । ଭଗବାନଙ୍କ କୃପା, ଦୟା ତଥା ଖେଳର ଅନୁଭବରେ ତାଙ୍କ ହୃଦୟ କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ଭଗବତ୍ ପ୍ରେମରେ ବିଭୋର ହୋଇ ସେମାନେ ତିନିଜଣଯାକ ବୃନ୍ଦାବନ, ବଂଶୀବଟ, ଯମୁନାତଟ, ବିବିଧଘାଟ, ନିଧିବନ ଓ ବିହାରୀଜିଙ୍କୁ ଦର୍ଶନ କଲେ ଏବଂ ପ୍ରସାଦସେବନ କଲେ । ଭୋଜନ ପରେ ସେ ସେହି ଭଗବତ୍ ପ୍ରେମାନନ୍ଦରେ ବୁଡ଼ିଗଲେ । ସଚେତ ହୋଇ ନିଜକୁ ପୂର୍ବେ ଥିବା ବାଙ୍କିପୁରରେ ପାଇଲେ । ବୃନ୍ଦାବନ ଦର୍ଶନ ଏକେବାରେ ସ୍ଥୂଳ ଶରୀରରେ ପ୍ରତ୍ୟକ୍ଷରୂପେ ହୋଇଥିଲା । ସ୍ୱପ୍ନଧାରଣା କରି ନିଜକୁ ବୁଝାଇ ଦେବା ସମ୍ଭବ ନ ଥିଲା । ସ୍ଥୂଳ ଶରୀର ବିହାରରୁ ବୃନ୍ଦାବନ ଗଲା କିପରି ? ଏହାହିଁ ଆଶ୍ଚର୍ଯ୍ୟ ଘଟନା । ବ୍ୟକ୍ତି ସମ୍ମୁଖରେ କୌଣସି ଆଶ୍ଚର୍ଯ୍ୟଜନକ ଘଟନା ପ୍ରତ୍ୟକ୍ଷରୂପେ ଘଟିଲେ ସେଥିରେ ଅବିଶ୍ୱାସ ନ ଥାଏ, ତଥାପି ଅନ୍ୟଠାରୁ ତାହାର ସତ୍ୟାସତ୍ୟ ଜାଣିବାକୁ ଇଚ୍ଛା ହୁଏ । ଭଗବାନପ୍ରସାଦବାବୁଙ୍କର ସ୍ଥୂଳ ଶରୀରରେ ବୃନ୍ଦାବନ ଦର୍ଶନରେ ଯଦ୍ୟପି ଅବିଶ୍ୱାସ ନ ଥିଲା ତଥାପି ବୃନ୍ଦାବନରେ ତାଙ୍କ ସଙ୍ଗେ ଥିବା ତାଙ୍କ ଭାଇ ରାମଚନ୍ଦ୍ରପ୍ରସାଦ ଏବଂ ରାମହିତ ଉପାଧ୍ୟାୟଙ୍କୁ ପତ୍ର ଲେଖି ପଚାରିଲେ । ସେମାନଙ୍କ ସହିତ ସ୍ଥୂଳ ଶରୀରରେ ବୃନ୍ଦାବନରେ ଦେଖା ହୋଇଥିବା କଥା ସେମାନେ ମଧ୍ୟ ପତ୍ରର ଉତ୍ତରରେ ଲେଖିଥିଲେ ।

୧୮୮୪ ମସିହାରେ ଭଗବାନପ୍ରସାଦବାବୁଙ୍କୁ ଗେଜେଟେଡ୍ ଅଫିସର କରାହେଲା ଏବଂ ମାସିକ ବେତନ ୩୦୦ ଟଙ୍କା କରି ଦିଆହେଲା । କିଛି ଦିନ ପରେ ପାଟଣା ବଦଳି କରାହେଲା । ୧୮୯୧ ମସିହାରେ ତାଙ୍କ ଧର୍ମପତ୍ନୀଙ୍କ ସ୍ୱର୍ଗବାସ ହୋଇଥିଲା ।

ପୂର୍ବରୁ କୁହାହୋଇଛି, ତାଙ୍କ କାର୍ଯ୍ୟ ଥିଲା ସ୍କୁଲ ପରିଦର୍ଶନ କରିବା । ଥରେ ସେ ସ୍କୁଲ ପରିଦର୍ଶନ କରିବାକୁ ଯାଇଥିଲେ । ସେହି ସମୟରେ ସ୍କୁଲବିଭାଗ ଇନ୍ସ୍ପେକ୍ଟର ମାର୍ଟିନ୍ ସାହେବ ଗୋଟିଏ ପତ୍ର ଦ୍ୱାରା ଲେଖି ପଠାଇଥିଲେ, ‘‘ଅମୁକ ତାରିଖରେ ଶିକ୍ଷାବିଭାଗ ଡିରେକ୍ଟର ସାହେବ ଚାଲିଯିବେ । ତା’ ପୂର୍ବରୁ ଅମୁକ ସ୍ଥାନରେ ତୁମେ ତାଙ୍କୁ ଦେଖା କରି ଅମୁକ ବିଷୟରେ ତାଙ୍କ ସମ୍ମତି ନେଇନିଅ ।’’ ମାର୍ଟିନ୍ ସାହେବ ଚିଠି ପଠାଇଥିଲେ ଠିକ୍ ସମୟରେ, କିନ୍ତୁ କୌଣସି କାରଣରୁ ଭଗବାନପ୍ରସାଦ ପାଇଲେ ବିଳମ୍ବରେ । ସେହିଦିନ ଡିରେକ୍ଟରଙ୍କ ଚାଲିଯିବାର କଥା । କୌଣସିପ୍ରକାରେ ତାଙ୍କ ପାଖରେ ପହଞ୍ଚିବାର ଉପାୟ ନ ଥିଲା । ଭଗବାନପ୍ରସାଦ ବିଶେଷ ଚିନ୍ତିତ ହୋଇପଡ଼ିଲେ । କୌଣସି ବିପଦ ଆସିଲେ ସେ ଭଗବାନଙ୍କୁ ସ୍ମରଣ କରନ୍ତି । ସେହି ସମୟରେ ସେ ଭଗବତ୍ ସ୍ମରଣରେ ତଲ୍ଲୀନ ହୋଇଗଲେ । ବାହ୍ୟ ଚେତନା ଆନ୍ତର ଚେତନାରେ ବୁଡ଼ିଗଲା । ସେହି ଅବସ୍ଥାରେ କେତେ ସମୟ ବ୍ୟତୀତ ହୋଇଗଲା । ଘଣ୍ଟି ଶବ୍ଦ ଶୁଣି ଆଖି ଖୋଲିଗଲା, ସେ ଉଠି ବସିପଡ଼ିଲେ । ନିଜକୁ ବାଙ୍କିପୁର ରେଲ ଷ୍ଟେସନ ବିଶ୍ରାମାଗାରରେ ପାଇଲେ । ତାଙ୍କର ସାଧାରଣ ବସ୍ତ୍ର ପରିବର୍ତ୍ତେ ଅଫିସ ପୋଷାକ ଏବଂ ତାଙ୍କ ସଙ୍ଗେ ଡିରେକ୍ଟରଙ୍କଠାରୁ ଅର୍ଡ଼ର ନେବା ଫାଇଲ୍ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । ସେ ଶୁଣିଥିଲେ ଡିରେକ୍ଟର ବାଙ୍କିପୁର ଆସୁଥିବା ଡାକଗାଡ଼ିରେ ଦାନପୁରରୁ ଛାଡ଼ିବାର ଘଣ୍ଟାର ଶବ୍ଦ । ଷ୍ଟେସନରେ ଗାଡ଼ି ପହଞ୍ଚିବା ପୂର୍ବରୁ ଭଗବାନପ୍ରସାଦ ପ୍ଲାଟଫର୍ମରେ ପହଞ୍ଚିଗଲେ । ଡିରେକ୍ଟରଙ୍କ ସହିତ ଦେଖା କରି ଆବଶ୍ୟକ ବିଷୟରେ ଫାଇଲ୍‌ରେ ସାହେବଙ୍କଠାରୁ ଦସ୍ତଖତ କରାଇ ନେଲେ । ଗାଡ଼ି ଚାଲିଗଲା, ସେ ପୁନରାୟ ବିଶ୍ରାମାଗାରରେ ଆସି ବସିଲେ, ଭଗବାନଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ହୃଦୟ

ପୂର୍ଣ୍ଣ ହୋଇଗଲା । ସେ ଭଗବତ୍ ପ୍ରେମରେ ଡୁବିଗଲେ । ବାହ୍ୟଜ୍ଞାନ ଶୂନ୍ୟ ହୋଇଗଲା । କିଛି ସମୟ ପରେ ସେ ଡିରେକ୍‌ଟରଙ୍କୁ ଦେଖା କରିବା ସମୟରେ ପୋଷାକ ତଥା ଫାଇଲ୍ ସହିତ ପୂର୍ବ ସ୍ଥାନରେ ନିଜକୁ ପାଇଲେ । ଭକ୍ତ ଭଗବାନପ୍ରସାଦଙ୍କର ଚାକିରିଜୀବନ ସମୟରେ ଏହିପରି ଅଲୌକିକ ଘଟନା ବାରଂବାର ଘଟିଥିଲା ।

ଯେଉଁମାନେ ଏ ବିଷୟ ଠିକ୍ ଠିକ୍ ଜାଣନ୍ତି ନାହିଁ ସେମାନେ ଅବିଶ୍ୱାସ କରିପାରନ୍ତି । ଏହା ତ ମନୁଷ୍ୟ ମନର ଧର୍ମ । ଏହିସବୁ ଘଟନା ସତ୍ୟ । ଭଗବାନପ୍ରସାଦ ଚାକିରିରୁ ଅବ୍ୟାହତି ପାଇବା ପରେ ଅଯୋଧ୍ୟାରେ ଶେଷ ଜୀବନ ପର୍ଯ୍ୟନ୍ତ ସାଧୁ ବେଶରେ ବାସ କରିଥିଲେ । ସେ ଜୀବିତ ଅବସ୍ଥାରେ ଥିବା ସମୟରେ ଲେଖକ ଅଯୋଧ୍ୟାରେ ଥିଲା । ଏହିସବୁ ଘଟନା ସେ ସମୟରେ ଲୋକ ମୁଖରେ ବିଶେଷ ପ୍ରଚଳିତ ଥିଲା । ତାଙ୍କ ସମକାଳୀନ ତଥା ତାଙ୍କ ସହିତ ରହିଥିବା ବହୁତ ବ୍ୟକ୍ତିଙ୍କଠାରୁ ଏହିସବୁ ଘଟନା ଶୁଣାଯାଇଛି । ତାଙ୍କ ଜୀବନୀ ''ରୂପକଳାଚରିତାମୃତ''ରେ ଏହିସବୁ ଘଟନା ବିସ୍ତୃତଭାବେ ଆଲୋଚିତ ହୋଇଛି ।

ଭଗବାନଙ୍କର ବାରଂବାର ଏହିପରି ଅଲୌକିକ କୃପା ଅନୁଭବ କରି ଭଗବାନପ୍ରସାଦ ନିଶ୍ଚୟ କରିଥିଲେ ଯେ କାର୍ଯ୍ୟରୁ ଅବ୍ୟାହତ ପାଇବା ସଙ୍ଗେ ସଙ୍ଗେ ଅଯୋଧ୍ୟା ଯାଇ ଶେଷ ଜୀବନ ପର୍ଯ୍ୟନ୍ତ ସାଧନା କରିବେ । ସେ କାର୍ଯ୍ୟ କରିବା ସମୟରେ କେବେ ରୋଗଗ୍ରସ୍ତ ହୋଇ ନ ଥିଲେ । ତାଙ୍କର ଭୋଜନ, ବିଶ୍ରାମ, ସ୍ନାନ ନିର୍ଦ୍ଦିଷ୍ଟ ନିୟମିତ ଥିଲା । ଭଗବାନଙ୍କ ଭକ୍ତି ଯୋଗୁଁ ତାଙ୍କର କାର୍ଯ୍ୟଦକ୍ଷତାକୁ ସମସ୍ତ ଉପରିସ୍ଥ ଅଫିସର ଏବଂ ନିମ୍ନସ୍ଥ କର୍ମଚାରୀ ମୁକ୍ତକଣ୍ଠରେ ପ୍ରଶଂସା କରୁଥିଲେ । ୩୦ ବର୍ଷ ଚାକିରି କରିବା ପରେ ୧୬୪ ଟଙ୍କା ପେନ୍‌ସନ୍ ପାଇ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମସ୍ଥାନ ଅଯୋଧ୍ୟାଧାମରେ ଶେଷ ଜୀବନ ପର୍ଯ୍ୟନ୍ତ ସେ ଭଗବତ୍ ଭକ୍ତିରେ ମଗ୍ନ ରହିଥିଲେ ।

## ଅଯୋଧ୍ୟାବାସ

ଭଗବାନପ୍ରସାଦ ଚାକିରିରୁ ଅବସର ନେଇ ଅଯୋଧ୍ୟା ଆସିଲେ । ସେ ପୂର୍ବରୁ ଯଦ୍ୟପି ଭଗବାନଙ୍କର ଅନନ୍ୟ ଭକ୍ତ ଥିଲେ ଏବଂ ମନ୍ତ୍ରଦୀକ୍ଷା ପ୍ରାପ୍ତ କରିଥିଲେ ତଥାପି ଗୃହତ୍ୟାଗୀ ବୈରାଗୀ ବୈଷ୍ଣବ ହେବାକୁ ହେଲେ କୌଣସି ସିଦ୍ଧମହାତ୍ମାଙ୍କୁ ସଦ୍‌ଗୁରୁ ରୂପେ ବରଣ କରି ତାଙ୍କଠାରୁ ପଞ୍ଚସଂସ୍କାର ସହିତ ଆଞ୍ଚୋଲା ଲେଙ୍ଗୁଟି ଗ୍ରହଣ କରିବାକୁ ହୁଏ । ଏହି ପ୍ରଥା ଅନୁସାରେ ଅଯୋଧ୍ୟାରେ ପ୍ରମୋଦବନନିବାସୀ ପ୍ରସିଦ୍ଧ ମହାତ୍ମା ଶ୍ରୀ ରାମଚରଣ ଦାସଙ୍କଠାରୁ ଭକ୍ତ ଭଗବାନପ୍ରସାଦ ଆଞ୍ଚୋଲା ଲେଙ୍ଗୁଟି ଗ୍ରହଣ କଲେ ଏବଂ ବୈରାଗୀ ସନ୍ଥବେଶରେ ମହାତ୍ମାଙ୍କ ଆଶ୍ରମରେ ରହିଲେ । ତାଙ୍କର ସନ୍ଥନାମ ହେଲା ''ରୂପକଳା'' ।

ମହାତ୍ମା ରୂପକଳାଜି ସନ୍ଥବେଶରେ ଅଯୋଧ୍ୟାରେ ବାସ କରିବା ସମୟରେ ଶେଷ ଜୀବନ ପର୍ଯ୍ୟନ୍ତ ଅଯୋଧ୍ୟା ବାହାରେ କେବେ ବି ପାଦ ରଖି ନ ଥିଲେ । ଶ୍ରୀ ଅଯୋଧ୍ୟାଧାମ ପ୍ରତି ତାଙ୍କର କିପରି ନିଷ୍ଠାଥିଲା ତାହା ଭାଷାରେ ବ୍ୟକ୍ତ କରିବା ସମ୍ଭବ ନୁହେଁ । ସେ ବିହାରରୁ ଅଯୋଧ୍ୟା ଆସିବା ସମୟରେ ମୋଗଲସରାଇ ଜଙ୍କ୍‌ସନ୍‌ରେ ଗାଡ଼ି ବହୁତ ସମୟ ବିଶ୍ରାମକରେ । ବହୁସ୍ଥାନର ଗାଡ଼ି ସେ ଜଙ୍କ୍‌ସନ୍‌ଦେଇ ଯାତାୟତ କରେ । ସେ ଗାଡ଼ିରେ ବସିଥିଲେ । ଗୋଟିଏ ଗାଡ଼ି ଅଯୋଧ୍ୟା ହୋଇ ଆସିଥିବା ଶୁଣି ସେ ନିଜକୁ ସମ୍ଭାଳି ପାରିଲେ ନାହିଁ । ଆନନ୍ଦରେ ବିଭୋର ହୋଇ ଗାଡ଼ିରୁ ଓହ୍ଲାଇ ଅଯୋଧ୍ୟାଦେଇ ଫେରିଆସିଥିବା ଗାଡ଼ିକୁ ସାଷ୍ଟାଙ୍ଗ ଦଣ୍ଡବତ କଲେ, ଦୁଇନେତ୍ରରୁ ଆନନ୍ଦାଶ୍ରୁ ଧାରା ପ୍ରବାହିତ ହେଲା । ତାଙ୍କର ଭଗବାନ୍ ଶ୍ରୀରାମଙ୍କ ପ୍ରତି ଯେପରି ଅକୃତ୍ରିମ ଅନନ୍ୟ ଭକ୍ତି ଥିଲା, ସେହିପରି ଶ୍ରୀ ଅଯୋଧ୍ୟା ଧାମ ପ୍ରତି ମଧ୍ୟ ଥିଲା ।

ଶ୍ରୀ ରୂପକଳାଜି ଅଯୋଧ୍ୟାରେ ପ୍ରମୋଦବନର ଶ୍ରୀ ମହାତ୍ମା ରାମଚରଣ ଦାସଜିଙ୍କ ଆଶ୍ରମରେ ରହିବା ଦିନରୁ କ୍ରମଶଃ ବିହାର ଅବଧପ୍ରାନ୍ତ, ମଧ୍ୟପ୍ରଦେଶ ତଥା ଅନ୍ୟାନ୍ୟ ସ୍ଥାନରୁ ତାଙ୍କ ଦର୍ଶନକୁ ଭକ୍ତଲୋକ ଆସୁଥିଲେ ଏବଂ ତାଙ୍କ ସଦୁପଦେଶରେ ଅସଂଖ୍ୟ ନରନାରୀ ଭଗବଦ୍ ଆଶ୍ରିତ ହୋଇ ଭବସାଗରରୁ

ଉଦ୍ଧାର ହେଉଥିଲେ । ରୂପକଳାଜି ସବୁ ସମୟରେ ଦର୍ଶନାର୍ଥୀଙ୍କ ସହିତ ଦେଖା କରୁ ନ ଥିଲେ । ତାଙ୍କ ନିର୍ଦ୍ଧାରିତ ସମୟ ଥିଲା ଅପରାହ୍ଣ ସାଢ଼େ ତିନିଟା ସମୟ । ସେହି ସମୟରେ ଭକ୍ତଲୋକ ଆସି ଦର୍ଶନ କରୁଥିଲେ ଏବଂ ନାନାପ୍ରକାର ପ୍ରଶ୍ନ-ଉତ୍ତର ଏବଂ ସତ୍‌ସଙ୍ଗ ଆଲୋଚନା ହେଉଥିଲା ।

ମହାତ୍ମା ରୂପକଳାଜିଙ୍କର ଧର୍ମକାର୍ଯ୍ୟରେ ଅର୍ଥବ୍ୟୟ କରିବା ସ୍ୱଭାବ ଥିଲା । ସେହି ସକାଶେ କେବେ କେବେ ଅର୍ଥର ଅଭାବ ହେଉଥିଲା । ଅର୍ଥ ଅଭାବ ସମୟରେ ଭଗବାନ୍ ବରାବର ଗୁପ୍ତରୂପେ ସାହାଯ୍ୟ କରୁଥିଲେ । କେବେ ତାଙ୍କ ତକିଆ ତଳୁ କିଂବା ବିଛଣା ତଳୁ ଅକସ୍ମାତ୍ ଭାବେ ଟଙ୍କା କିଂବା ନୋଟ୍ ମିଳୁଥିଲା । କିଂବା କେହି ଅପରିଚିତ ବ୍ୟକ୍ତି ଆକସ୍ମିକଭାବେ ଦେଇ ଯାଉଥିଲେ । ଥରେ ଟଙ୍କାର ଅଭାବ ଥିଲା । ଜଣେ ଅପରିଚିତ ବ୍ୟକ୍ତି ଗୋଟିଏ ସାଦା ଲଫାପା ଆଣି ଶ୍ରୀ ରୂପକଳାଜିଙ୍କ ହସ୍ତକୁ ଦେଇ କହିଲେ, ''ଏହାକୁ ରଖନ୍ତୁ, ମୁଁ ବର୍ତ୍ତମାନ ଆସୁଛି ।'' ରୂପକଳାଜି ବହୁତ ସମୟ ଅପେକ୍ଷା କଲେ, ସେ ବ୍ୟକ୍ତି ନ ଆସିବାରୁ ଖୋଲା ଲଫାପା ମଧ୍ୟରୁ ୪୫୦ ଟଙ୍କାର ନୋଟ ଦେଖି ସେହିପରି ରଖିଦେଲେ । ଛଅଦିନ ପରେ ସ୍ୱପ୍ନରେ ଭଗବାନ୍ କହିଲେ, ''ଲଫାପା ଟଙ୍କା ତୋ ଖର୍ଚ୍ଚ ସକାଶେ ।''

ଥରେ ସୀତାମତି ବୁଲାକିପୁର ନିବାସୀ ଓକିଲ ବଳଦେବନାରାୟଣ ସିଂହ ଅଯୋଧ୍ୟା ଆସିଥିଲେ । ଅଯୋଧ୍ୟା ଷ୍ଟେସନରେ ତୀର୍ଥସ୍ଥାନର ନିୟମ ଅନୁସାରେ ପଣ୍ଡାମାନେ ତାଙ୍କୁ ଘେରିଗଲେ । ସେ କହିଲେ ପଇସା ନ ନେଉଥିବା ମହାତ୍ମା ଯଦି ଥାଆନ୍ତି ମୁଁ ତାଙ୍କୁ ଦର୍ଶନ କରିବାକୁ ଚାହେଁ । ସେମାନେ ମହାତ୍ମା ରୂପକଳାଙ୍କ ନାମ ଏବଂ ବାସସ୍ଥାନ ତଥା ଦର୍ଶନର ସମସ୍ତ ବୃତ୍ତାନ୍ତ କହିବାରୁ ସେ ଦଶବାରଟି ପ୍ରଶ୍ନ ରଚନା କରି ତାଙ୍କ ଦର୍ଶନକୁ ଗଲେ । ରୂପକଳାଜିଙ୍କୁ ଦର୍ଶନ କରି ତାଙ୍କ ନିର୍ଦ୍ଦେଶ ଅନୁସାରେ ତାଙ୍କ ସମୀପରେ ବସିଲେ । ସେ ପ୍ରଶ୍ନ କରିବା ପୂର୍ବରୁ ତାଙ୍କ ମନରେ ଯେଉଁସବୁ ପ୍ରଶ୍ନ ଥିଲା ଶ୍ରୀ ରୂପକଳାଜି ସେହିସବୁ ପ୍ରଶ୍ନର ଉତ୍ତର ଦେଇଦେଲେ । ଏହି ଘଟନା ପରେ ସେ ଅତ୍ୟନ୍ତ ପ୍ରଭାବିତ ହୋଇ ସେହିଦିନଠାରୁ ଶ୍ରୀରାମଙ୍କ ଭକ୍ତ ହୋଇଗଲେ ।

ଥରେ ଖେଦନଲାଲ ଏବଂ ତାଙ୍କ ଧର୍ମପତ୍ନୀ ଅଯୋଧ୍ୟା ଦର୍ଶନ କରିବାକୁ

ଆସିଥିଲେ । ଘରକୁ ଫେରିଯିବା ବେଳେ ଷ୍ଟେସନକୁ ଯିବା ସମୟରେ ଶ୍ରୀ ରୂପକଳାଜିଙ୍କୁ ଦର୍ଶନ କଲେ; ତାଙ୍କଠାରୁ ବିଦାୟ ନେଇ ସେହି ଆଶ୍ରମର ଠାକୁରଙ୍କୁ ଦର୍ଶନ କରିବାକୁ ଗଲେ । ପ୍ରଥମରେ ଗଲେ ତାଙ୍କ ସ୍ତ୍ରୀ, ପଛରେ କିଛି ଦୂରରେ ଥିଲେ ଖେଦନଲାଲ୍ । ତାଙ୍କ ସ୍ତ୍ରୀଙ୍କ ଦୃଷ୍ଟି ଶ୍ରୀସୀତାରାମଙ୍କ ପ୍ରତିମା ଉପରେ ପଡ଼ିବା ମାତ୍ରେ ଉଭୟ ପ୍ରତିମା ମନ୍ଦିରରୁ ବାହାରି ତାଙ୍କ ଆଡ଼କୁ ଚାଲି ଚାଲି ଆସିବାକୁ ଆରମ୍ଭ କଲେ । ପ୍ରତିମା ଚାଲିବା ଆଶ୍ଚର୍ଯ୍ୟଜନକ ଘଟନା ସେ ଦେଖିଲେ । ଏହି ଆଶ୍ଚର୍ଯ୍ୟ ଘଟନା ଯୋଗୁଁ ଅଥବା ମନ, ପ୍ରାଣ ଅଶୁଦ୍ଧ ଥିବାରୁ ସେ ଭୟଭୀତ ହୋଇଗଲେ । ଭୟ ହେବା ସଙ୍ଗେ ସଙ୍ଗେ ଚାଲି ଆସୁଥିବା ଭଗବାନଙ୍କ ମୂର୍ତ୍ତି ଅନ୍ତର୍ଦ୍ଧାନ ହୋଇଗଲେ । ପତି ଓ ପତ୍ନୀ ଉଭୟେ ମନ୍ଦିରରେ ଦର୍ଶନ ସାରି ସିଧା ଷ୍ଟେସନକୁ ଆସିଲେ ଏବଂ ଗାଡ଼ିରେ ବସି ଘରକୁ ଚାଲିଗଲେ । ଏହି ଘଟନା ପତ୍ନୀ ପତିଙ୍କୁ କହି ନ ଥିଲେ । ଘରେ ପହଞ୍ଚିବାର ଦିନକ ପରେ ରୂପକଳାଜିଙ୍କ ପତ୍ର ପାଇଲେ । ସେଥିରେ ଲେଖାଥିଲା – ‘‘ତୁମ ପତ୍ନୀଙ୍କୁ ଭଗବାନଙ୍କ ଦର୍ଶନ ହୋଇଥିଲା । ସେ ଯଦି ଭୟଭୀତ ହୋଇ ନ ଥା’ନ୍ତେ ତେବେ ତାଙ୍କ ଉପରେ ଆହୁରି ଅଧିକ କୃପା ହୋଇଥା’ନ୍ତା ।’’ ପତ୍ର ପଢ଼ି ସେ କିଛି ବୁଝିପାରିଲେ ନାହିଁ, କିନ୍ତୁ ପତ୍ନୀଙ୍କୁ ପଚାରି ସମସ୍ତ ଘଟଣା ଜାଣି ବିଶେଷ ଆଶ୍ଚର୍ଯ୍ୟ ହେଲେ ।

ସେ ସମୟରେ ଯେଉଁମାନଙ୍କର ତୀବ୍ର ବୈରାଗ୍ୟ ହେଉଥିଲା ସେମାନେ ଘରସଂସାର ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରୁଥିଲେ । ସମାଜର ଅଧିକାଂଶ ବ୍ୟକ୍ତି ନ୍ୟାୟ, ଅନ୍ୟାୟରେ ପରିବାର ପାଳନପୋଷଣ ଓ ନିଜ ସୁଖସୁବିଧାରେ ବ୍ୟସ୍ତ ରହୁଥିଲେ । ଖୁବ୍ କମ୍ ସଂଖ୍ୟାରେ ବ୍ୟକ୍ତି ସାଧାରଣ ନୈତିକ ଧର୍ମ ପାଳନ କରୁଥିଲେ । ଅଧ୍ୟାତ୍ମ ସତ୍ୟରେ ପ୍ରତିଷ୍ଠିତ ହୋଇ ସଂସାର କର୍ମ କରିବା ସାଧାରଣ ଜନତା ବିଶେଷତଃ ବିହାର ପ୍ରାନ୍ତ ବ୍ୟକ୍ତିଙ୍କ ଧାରଣାରେ ନ ଥିଲା । ସେମାନେ ବିଦେଶୀ ଆଦର୍ଶର ପ୍ରଭାବରେ ପ୍ରଭାବିତ ହୋଇ ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି କେବେ ଭାବୁ ନ ଥିଲେ । ଅନୁମାନ ହୁଏ, ଅଧ୍ୟାତ୍ମ ସତ୍ୟ ଭିତ୍ତିରେ ସଂସାର, ସମାଜ ଓ ଚାକିରିରେ ରହି କର୍ମ କରିବା ଆଦର୍ଶ

ବିହାର ପ୍ରାନ୍ତର ବ୍ୟକ୍ତିମାନଙ୍କୁ ଦେବା ସକାଶେ ମହାତ୍ମା ଶ୍ରୀ ରୂପକଳାଜି ତଥା ଅନ୍ୟ ମହାତ୍ମା ଶ୍ରୀ ରାମାଜି ସେହି ବିହାର ପ୍ରାନ୍ତରେ, ସେହି ଏକହିଁ ସମୟରେ ଜନ୍ମଗ୍ରହଣ କରିଥିଲେ । ଏହି ଦୁଇ ମହାତ୍ମାଙ୍କ ଦ୍ୱାରା ବିହାର ପ୍ରାନ୍ତରେ ସେହି ସମୟରେ ଅଧ୍ୟାତ୍ମ ସତ୍ୟ ନଦୀବନ୍ୟା ସଦୃଶ ପ୍ରସାରିତ ହୋଇଥିଲା ।

ଶ୍ରୀ ରୂପକଳାଜିଙ୍କର ଚାକିରିଜୀବନ ତଥା ସନ୍ଥଜୀବନର ପ୍ରଭାବ ଜନତା ଉପରେ କିପରି ପଡ଼ିଥିଲା ଏଠାରେ ତାହା ଖୁବ୍ ସଂକ୍ଷେପରେ ଆଲୋଚନା କରିବା । ତାଙ୍କ ଜୀବନରେ ଭଗବାନଙ୍କ କୃପା, ଭଗବାନଙ୍କ ସାହାଯ୍ୟ, ଭଗବାନଙ୍କ ରକ୍ଷା ଯେପରି ପଦେ ପଦେ ଥିଲା ସେହିପରି ସେ ଭଗବାନଙ୍କ ପ୍ରେମାନନ୍ଦରେ ସବୁ ସମୟରେ ନିମଗ୍ନ ରହୁଥିଲେ । ସେ ସର୍ବଦା ଆନନ୍ଦ ଏବଂ ଶାନ୍ତିରେ ନିବାସ କରୁଥିବାରୁ ପ୍ରତ୍ୟେକ ବ୍ୟକ୍ତି ସହିତ ତାଙ୍କ ବ୍ୟବହାର ଅତ୍ୟନ୍ତ ମଧୁର ଥିଲା । ତାଙ୍କ ବ୍ୟବହାରରେ ତାଙ୍କ ନିଜର ଅର୍ଦଳି (ଚପରାସୀ) ଠାରୁ ଉପରିସ୍ଥ ଅଫିସର ପର୍ଯ୍ୟନ୍ତ ଖୁସି ରହୁଥିଲେ । ତାଙ୍କର ଭଗବାନଙ୍କ ଉପରେ ବିଶ୍ୱାସ, ନିର୍ଭରତା ଥିବାରୁ ତାଙ୍କ ମଧ୍ୟରେ ଭଗବାନଙ୍କ ଶକ୍ତି ପ୍ରେରଣା ଦେଉଥିଲା । ସେ ଭଗବାନଙ୍କ ଶକ୍ତି ସାହାଯ୍ୟରେ ବିଶେଷ ଦକ୍ଷତା ସହିତ ସମସ୍ତ କର୍ମ ସଂପାଦନ କରୁଥିଲେ । ତାଙ୍କ କର୍ମକୁଶଳତା ଯୋଗୁଁ ସମୟ ସମୟରେ ଜିଲା କଲେକ୍ଟର ତାଙ୍କୁ ସାମୟିକ ରୂପେ ବିଭିନ୍ନ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ଦେଉଥିଲେ ଏବଂ ତାଙ୍କ କର୍ମକୁଶଳତାକୁ ସମସ୍ଥ ଉପରିସ୍ଥ ଅଫିସର ଭୂରି ଭୂରି ପ୍ରଶଂସା କରୁଥିଲେ । କାର୍ଯ୍ୟଦକ୍ଷତା ପ୍ରାପ୍ତ ହୁଏ ଅଧ୍ୟାତ୍ମ ସତ୍ୟ ଭିତ୍ତିରେ କର୍ମ କରିବାରେ । କାରଣ, ଅଧ୍ୟାତ୍ମ ସତ୍ୟ ପ୍ରାପ୍ତିରେ ବ୍ୟକ୍ତିର ସ୍ୱାର୍ଥ ତଥା ହିଂସା ଦୂର ହୋଇଯାଏ ଏବଂ ଭଗବାନଙ୍କ ସହିତ ବ୍ୟକ୍ତି କେତେକ ଅଂଶରେ ଏକତ୍ୱ ପ୍ରାପ୍ତ ହୁଏ । ଏହି ଏକତ୍ୱପ୍ରାପ୍ତି ଯୋଗୁଁ ଭାଗବତୀ ଶକ୍ତି ବ୍ୟକ୍ତିକୁ କର୍ମର ପ୍ରେରଣା ଏବଂ କର୍ମ କରିବାର ଶକ୍ତି ତଥା କୌଶଳ ଦିଏ । ଭାଗବତୀ ଶକ୍ତି ସାହାଯ୍ୟରେ ବ୍ୟକ୍ତି ସାଧାରଣ ବ୍ୟକ୍ତିଙ୍କ ଅପେକ୍ଷା ଯେକୌଣସି କର୍ମ ଉତ୍ତମ ତଥା ନିଖୁଣ ରୂପେ କରିପାରେ । ବର୍ତ୍ତମାନ ସଂସାରର ଯେଉଁ ବିଶୃଙ୍ଖଳା, କର୍ମରେ ଅବହେଳା, ତାହା ଦୂର ହେବ କେବଳ ଅଧ୍ୟାତ୍ମ ସତ୍ୟ ଭିତ୍ତିରେ କର୍ମ କରିବାରେ ।

ଶ୍ରୀ ରୂପକଳାଜି ଗାର୍ହସ୍ଥ୍ୟ ଆଶ୍ରମରେ ରହି, ଗୃହସଂସାର, ଚାକିରି କରିବା ଅବସ୍ଥାରେ ଅଧ୍ୟାତ୍ମ ସତ୍ୟ ଉପଲବ୍ଧି, ଭଗବାନଙ୍କ ପ୍ରତ୍ୟକ୍ଷ କୃପା ଲାଭ କରିବା ଆଦର୍ଶର ପ୍ରଭାବ ବିହାର ପ୍ରାନ୍ତର ଜନସାଧାରଣଙ୍କ ଉପରେ ବିଶେଷରୂପେ ପଡ଼ିଥିଲା । ସେହି ସମୟରେ ଅଧିକସଂଖ୍ୟକ ବ୍ୟକ୍ତି ଭଗବାନଙ୍କ ଭକ୍ତ ହୋଇଥିଲେ ।

ଶ୍ରୀ ରୂପକଳାଜି ଚାକିରିରୁ ଅବସର ନେଇ ଅଯୋଧ୍ୟାରେ ବୈରାଗୀ ବୈଷ୍ଣବ ଦୀକ୍ଷା ଗ୍ରହଣ କରିବା ପରେ ଶେଷ ଜୀବନ ପର୍ଯ୍ୟନ୍ତ ଅଯୋଧ୍ୟା ସୀମାର ବାହାରେ ପାଦ ରଖି ନ ଥିଲେ । କିନ୍ତୁ ଅଯୋଧ୍ୟାରେ ରହି ଉତ୍ତରପ୍ରଦେଶ ଏବଂ ବିଶେଷତଃ ବିହାର ପ୍ରାନ୍ତରେ ଅଧ୍ୟାତ୍ମ ସତ୍ୟ ପ୍ରସାର କରିବାରେ ବହୁ ପ୍ରୟାସ କରି ସଫଳତା ପ୍ରାପ୍ତ ହୋଇଥିଲେ । ଅଯୋଧ୍ୟାରେ ରହିବା ପରଠାରୁ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ବିହାରରୁ ସବୁ ଶ୍ରେଣୀର ବହୁ ବ୍ୟକ୍ତି ତାଙ୍କ ପାଖକୁ ଆସୁଥିଲେ । ସେହିମାନଙ୍କ ଦ୍ୱାରା ବିହାରରେ ଗ୍ରାମେ ଗ୍ରାମେ କୀର୍ତ୍ତନମଣ୍ଡଳୀ ସ୍ଥାପନ କରାଇଥିଲେ ଏବଂ ପ୍ରତିବର୍ଷ ସେହି କୀର୍ତ୍ତନମଣ୍ଡଳୀଗୁଡ଼ିକର ଗୋଟିଏ ସମ୍ମିଳନୀ ଉତ୍ତରପ୍ରଦେଶ ଏବଂ ବିହାରର ବିଶେଷ ସ୍ଥାନରେ ବହୁ ସମାରୋହରେ କରାଉଥିଲେ । ସେହି ସମ୍ମିଳନୀ-ଅନୁଷ୍ଠାନ ପ୍ରତିବର୍ଷ ଡିସେମ୍ବର ମାସ ଶେଷ ସପ୍ତାହରେ ତିନିଦିନ ବ୍ୟାପୀ ହେଉଥିଲା । ସେଥିରେ ବିଭିନ୍ନ ସ୍ଥାନରେ ବହୁ କୀର୍ତ୍ତନମଣ୍ଡଳୀ, ବହୁ ସାଧୁସନ୍ଥ, ଭକ୍ତ ତଥା ବିଦ୍ୱାନ୍ ବ୍ୟକ୍ତି ଯୋଗ ଦେଉଥିଲେ । ଦୂରରୁ ଆସିଥିବା ଦର୍ଶନାର୍ଥୀଙ୍କ ସଂଖ୍ୟା ପାଞ୍ଚ ହଜାରରୁ ଦଶହଜାର ପର୍ଯ୍ୟନ୍ତ ହେଉଥିଲା ଏବଂ ସେମାନଙ୍କ ରହିବା ତଥା ଭୋଜନର ସମସ୍ତ ବ୍ୟବସ୍ଥା କରାଯାଉଥିଲା । ସେହି ସମ୍ମିଳନୀରେ ପ୍ରଥମ ଦିନ ସମସ୍ତ କୀର୍ତ୍ତନମଣ୍ଡଳୀର କୀର୍ତ୍ତନ ହେଉଥିଲା, ଦ୍ୱିତୀୟ ଦିନ ଭକ୍ତ, ସନ୍ଥ ଓ ପଣ୍ଡିତମାନଙ୍କର ଭଗବତ୍ ଭକ୍ତି, କୀର୍ତ୍ତନର ଉପଯୋଗିତା, ଜୀବନର ଲକ୍ଷ୍ୟ, ମନୁଷ୍ୟର କର୍ତ୍ତବ୍ୟ ଇତ୍ୟାଦି ବିଷୟରେ ଭାଷଣ ଦିଆ ହେଉଥିଲା । ଶେଷ ଦିନ ବିଶେଷ ସମାରୋହରେ ନଗରକୀର୍ତ୍ତନ ହେଉଥିଲା । ସେହି ସ୍ଥାନର ବାତାବରଣ ଏପରି ପ୍ରଭାବଶାଳୀ ହେଉଥିଲା ଯେ ସେଥିରେ ଯୋଗ ଦେଉଥିବା ଅଧିକାଂଶ

ବ୍ୟକ୍ତି ନିଜ ନିଜ ଗ୍ରାମରେ କୀର୍ତ୍ତନମଣ୍ଡଳୀ ସ୍ଥାପନ କରୁଥିଲେ ଏବଂ ଅଷ୍ଟପ୍ରହରୀ, ଚବିଶପ୍ରହରୀ, ନବାହ୍ନିକ (ଅଖଣ୍ଡଭାବେ ନଅ ଦିନ) କୀର୍ତ୍ତନ ଅନୁଷ୍ଠାନ ତଥା ମହୋତ୍ସବ କରାଉଥିଲେ । ଏହା ଦ୍ୱାରା ନିଜ ଗ୍ରାମର ତଥା ଅନ୍ୟ ଗ୍ରାମର ବହୁ ବ୍ୟକ୍ତିଙ୍କର କଲ୍ୟାଣ ହେଉଥିଲା ।

ଶ୍ରୀ ରୂପକଳାଜି ଦୁଇଟି ବିଶେଷ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ । ଗୋଟିଏ ଶ୍ରୀ ନାଭାଜିଙ୍କ ଭକ୍ତମାଳାର ବିସ୍ତାର ଟୀକା ଏବଂ ଅଧ୍ୟାତ୍ମ ଗ୍ରନ୍ଥ ରଚନା, ଅନ୍ୟଟି ଅଖିଳଭାରତ କୀର୍ତ୍ତନମଣ୍ଡଳୀ ଏବଂ ସମ୍ମିଳନୀର ପ୍ରତିଷ୍ଠା । ଏହି ଦୁଇଟି କାର୍ଯ୍ୟ ଦ୍ୱାରା ବହୁ ନରନାରୀଙ୍କର କଲ୍ୟାଣ ହୋଇଛି, ବହୁ ପତିତ ବିପଦଗାମୀ ବ୍ୟକ୍ତି ଭକ୍ତ ହୋଇଛନ୍ତି । ଶ୍ରୀ ରୂପକଳାଜି ଏହି ସଂସାର ତ୍ୟାଗ କରିଯିବା ପରେ ବି ତାଙ୍କର ଦୃଢ଼ ସଂକଳ୍ପ ଦ୍ୱାରା ପ୍ରତିଷ୍ଠିତ କୀର୍ତ୍ତନ ସମ୍ମିଳନୀ ଆଜିପର୍ଯ୍ୟନ୍ତ ପୂର୍ବପରି ଚାଲୁଛି । ସେ ଗୋଟିଏ ସ୍ଥାନରେ ରହି ତାଙ୍କ ଭଗବତ୍ ଭକ୍ତିର ପ୍ରଭାବରେ ଯେଉଁ ମହତ୍ତ୍ୱପୂର୍ଣ୍ଣ ଜନକଲ୍ୟାଣ କାର୍ଯ୍ୟ କରିଯାଇଛନ୍ତି ତାହା କଳ୍ପନା କରିବା ଅସମ୍ଭବ ।

ଭଗବାନ୍ ତାଙ୍କୁ ଅସାଧାରଣ ଶକ୍ତି ଦେଇଥିଲେ । ତାଙ୍କ ଜୀବନ ଚମତ୍କାର ଘଟନାରେ ପରିପୂର୍ଣ୍ଣ । ବହୁ ଭକ୍ତ ତାଙ୍କର ଦର୍ଶନ କରିବାକୁ ଆସୁଥିଲେ । ସେମାନେ ଆସିବା ପୂର୍ବରୁ ତାଙ୍କ ପାଖକୁ କୌଣସି ସୂଚନା ଦେଇ ନ ଥାନ୍ତି କିନ୍ତୁ ଶ୍ରୀ ରୂପକଳାଜି ପୂର୍ବରୁ ସେମାନଙ୍କ ରହିବା ଓ ଭୋଜନ କରିବାର ସମସ୍ତ ବ୍ୟବସ୍ଥା କରି ରଖିଥା'ନ୍ତି । ବହୁ ବ୍ୟକ୍ତି ତାଙ୍କୁ ନାନା ପ୍ରଶ୍ନ ପଚାରିବାକୁ ଲେଖିକରି ଆଣିଥା'ନ୍ତି, କିନ୍ତୁ ସେହି ପ୍ରଶ୍ନସବୁ ପଚାରିବା ପୂର୍ବରୁ ଶ୍ରୀ ରୂପକଳାଜି ଉତ୍ତର ଦେଇଦିଅନ୍ତି । କେତେକ ଭକ୍ତଙ୍କର ଅସାଧାରଣ ଦୁର୍ଘଟନା ହୁଏ, ସେମାନେ ତାଙ୍କୁ ତାହା ଜଣାଇବା ପୂର୍ବରୁ ଶ୍ରୀ ରୂପକଳାଜିଙ୍କ ତାରବାର୍ତ୍ତା ପହଞ୍ଚେ ଏବଂ ସେମାନେ ଶୀଘ୍ର ଭଲ ହୁଅନ୍ତି । ତାଙ୍କ ଆଶୀର୍ବାଦରେ ବହୁ ସଂଖ୍ୟକ ରୋଗୀ ଅସାଧାରଣ ରୋଗରୁ ମୁକ୍ତ ହୋଇଛନ୍ତି । ତାଙ୍କ ସଂସ୍ପର୍ଶରେ ଆସିଥିବା ବହୁ ବ୍ୟକ୍ତି ଭଗବତ୍ ଭକ୍ତ ହୋଇଛନ୍ତି, ସେ ବହୁ ବ୍ୟକ୍ତିଙ୍କୁ ଦାରିଦ୍ର୍ୟ, ରୋଗଶୋକରୁ ମୁକ୍ତ କରିଛନ୍ତି, ବହୁ ବ୍ୟକ୍ତିଙ୍କୁ ଅଧ୍ୟାତ୍ମ ସାଧନାରେ ସାହାଯ୍ୟ କରିଛନ୍ତି । କିନ୍ତୁ

ବିଶେଷଭାବେ ଉପକୃତ ହୋଇଛନ୍ତି ବିହାର ପ୍ରାନ୍ତର ବହୁ ବ୍ୟକ୍ତି । ସେହି ସମୟରେ ବିହାର ପ୍ରାନ୍ତର ଗ୍ରାମମାନଙ୍କରେ କୌଣସି କୌଣସି ସ୍ଥାନରେ ଲୋକେ ଏକତ୍ର ହୋଇ ଗଞ୍ଜେଇ, ଅଫିମ, ଧୂମପାନ ତଥା ମଦ୍ୟପାନରେ ମସ୍ତ ହୋଇ ନାନା ପ୍ରକାର ନିରର୍ଥକ ଗପ ଓ ତାସ, ପଶାଖେଳ ଆଦିରେ ସମୟ ତଥା ଜୀବନ ନଷ୍ଟ କରୁଥିଲେ । ଶ୍ରୀ ରୂପକଳାଜିଙ୍କ ପ୍ରଭାବରେ ସେହିସବୁ ସ୍ଥାନରେ ପ୍ରତିଷ୍ଠିତ ହୋଇଥିଲା କୀର୍ତ୍ତନମଣ୍ଡଳୀ । ଅଫିମ, ଗଞ୍ଜେଇ, ମଦ୍ୟପାନ କରୁଥିବା ବ୍ୟକ୍ତି ସେହିସବୁ ଦୁର୍ବ୍ୟସନ ତ୍ୟାଗ କରି ହୋଇଥିଲେ ଭଗବାନଙ୍କର ଭକ୍ତ ଏବଂ କରୁଥିଲେ ସଂକୀର୍ତ୍ତନ । ଏହିରୂପେ ବହୁ ନରନାରୀଙ୍କୁ ଉଦ୍ଧାର କରି ଶ୍ରୀରୂପକଳାଜି ୧୯୩୨ ମସିହା ଜାନୁୟାରି ୪ ତାରିଖ ଭୋର ତିନିଘଣ୍ଟା ପନ୍ଦର ମିନିଟରେ ଏହି ନଶ୍ୱର ଶରୀର ତ୍ୟାଗ କରି ସାକେତ ଧାମରେ ଶ୍ରୀ ସୀତାରାମଙ୍କ ନିତ୍ୟସେବାରେ ସମ୍ମିଳିତ ହୋଇଥିଲେ ।

ଏହା ପୂର୍ବରୁ ଶ୍ରୀ ରୂପକଳାଜି ଶରୀର ତ୍ୟାଗ କରିବା ବିଷୟ ପତ୍ର ଦ୍ୱାରା ତାଙ୍କ ଭକ୍ତମାନଙ୍କୁ ଜଣାଇ ଦେଇଥିଲେ ଏବଂ ସମସ୍ତ ଭକ୍ତମଣ୍ଡଳୀ ତା ୩୦.୧୨.୧୯୩୧ ରିଖରେ ଏକତ୍ରିତ ହୋଇ ତାଙ୍କୁ ଦର୍ଶନ କରିଥିଲେ ଏବଂ କଥାବାର୍ତ୍ତା କରି ତାଙ୍କ ଶ୍ରୀହସ୍ତରୁ ପ୍ରସାଦସେବନ କରିଥିଲେ । ତାଙ୍କ କୃପାରୁ ଅସଂଖ୍ୟ ନରନାରୀଙ୍କର ବହୁ କଲ୍ୟାଣ ସାଧିତ ହୋଇଥିଲା, ସେମାନେ ତାଙ୍କୁ ଗୁରୁଙ୍କଠାରୁ ଅଧିକ ସମ୍ମାନ ଏବଂ ଭକ୍ତି କରୁଥିଲେ କିନ୍ତୁ ସେ କାହାକୁ ଦୀକ୍ଷା ଦେଇ ନ ଥିଲେ ।

ଶ୍ରୀ ରୂପକଳାଜି ମହାରାଜ ଅଯୋଧ୍ୟାରେ ଜୀବିତ ଅବସ୍ଥାରେ ଥିବା ସମୟରେ ଏହି ପ୍ରବନ୍ଧର ଲେଖକ ସେଠାରେ ଥିଲା ଏବଂ ତାଙ୍କର ବହୁତ କୃପାପାତ୍ର ତଥା ଭକ୍ତମାନଙ୍କ ସହିତ ଘନିଷ୍ଠ ସମ୍ବନ୍ଧ ମଧ୍ୟ ଥିଲା । ଶ୍ରୀରୂପକଳାଜିଙ୍କ ଜୀବନରେ ଯେଉଁସବୁ ଚମତ୍କାର ଘଟନା ଘଟିଥିଲା ସେ ସବୁ ତାଙ୍କର ଜୀବନୀ ''ଶ୍ରୀ ରୂପକଳା ଚରିତାମୃତ'' ନାମକ ପୁସ୍ତକରେ ଆଲୋଚିତ ହୋଇଛି ଏବଂ ଲୋକମୁଖରେ ପ୍ରଚଳିତ ଅଛି । ତାଙ୍କର ବହୁ କୃପାପାତ୍ର ଭକ୍ତମାନଙ୍କ ସହିତ ଯେଉଁସବୁ ଚମତ୍କାର ଘଟନା ଘଟିଥିଲା ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଏହି

ଲେଖକ ଜାଣେ ଏବଂ ସେମାନଙ୍କଠାରୁ ବହୁ ଘଟନା ଶୁଣିଛି । ତାଙ୍କୁ ଗୁରୁରୂପେ ମାନ୍ୟ କରୁଥିବା କେତେଜଣ ମହାତ୍ମାଙ୍କ ସହ ବହୁଦିନ ରହିବାର ସୁଯୋଗ ମଧ୍ୟ ମିଳିଥିଲା । ଶ୍ରୀ ରୂପକଳାଜି ମହାରାଜ ଯଥାର୍ଥରେ ଭଗବାନଙ୍କର ଅନନ୍ୟ ଭକ୍ତ ଥିଲେ । ତାଙ୍କ ଚରିତ ପଠନ କରି ଆମ୍ଭେମାନେ ଭଗବାନଙ୍କ କୃପା ଲାଭ କରି ପାରିବା ।

ବୋଲ ଭକ୍ତ ଏବଂ ଭଗବାନଙ୍କ ଜୟ ।

# ବିଲ୍ୱମଙ୍ଗଳ

ଦକ୍ଷିଣପ୍ରାନ୍ତ କୃଷ୍ଣାବେଣୀ ନଦୀକୂଳରେ ଗୋଟିଏ ଗ୍ରାମରେ ଏକ ବ୍ରାହ୍ମଣ ପରିବାରରେ ବିଲ୍ୱମଙ୍ଗଳ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ରାମଦାସ ସଦାଚାରୀ ବ୍ରାହ୍ମଣ ଥିଲେ ଏବଂ ତାଙ୍କୁ ବାଲ୍ୟାବସ୍ଥାରୁ ଉତ୍ତମ ଶିକ୍ଷା ଦେଇଥିଲେ । ପିତାମାତା ଓ କୁଳ ପ୍ରଭାବରୁ ସେ ନିୟମିତରୂପେ ସନ୍ଧ୍ୟା କରୁଥିଲେ, ଗାୟତ୍ରୀ ମନ୍ତ୍ର ଜପ କରୁଥିଲେ । ସଦାଚାର ଥିଲା ତାଙ୍କ ଜୀବନର ଗୋଟିଏ ପ୍ରଧାନ ଅଙ୍ଗ । ଉପଯୁକ୍ତ ବୟସରେ କୁଳଶୀଳସମ୍ପନ୍ନା ଗୋଟିଏ ସୁନ୍ଦରୀ କନ୍ୟା ସହିତ ତାଙ୍କର ବିବାହ ହେଲା । ତାଙ୍କ ଧର୍ମପତ୍ନୀ ପତିବ୍ରତା, ମଧୁରଭାଷିଣୀ, ସେବାପରାୟଣା ଇତ୍ୟାଦି ଉତ୍ତମ ଗୁଣରେ ବିଭୂଷିତା ଥିଲେ । ସଦ୍‌ଗୁଣବତୀ ପତ୍ନୀ ପାଇ ବିଲ୍ୱମଙ୍ଗଳ ଅତ୍ୟନ୍ତ ପ୍ରସନ୍ନତାରେ କିଛିଦିନ ବ୍ୟତୀତ କଲେ । ବିଲ୍ୱମଙ୍ଗଳଙ୍କ ବିବାହର ଅଳ୍ପ ଦିନ ପରେ ପିତାମାତା ଉଭୟ ଇହସଂସାର ତ୍ୟାଗ କରି ପରଲୋକ ଗମନ କଲେ । ବିଲ୍ୱମଙ୍ଗଳ ଥିଲେ ଯୁବକ, ଧନସମ୍ପତ୍ତି ଥିଲା ପର୍ଯ୍ୟାପ୍ତ । ତାଙ୍କର ଅଭିଭାବକ କେହି ନ ଥିବାରୁ ସେ ହେଲେ ସ୍ୱତନ୍ତ୍ର । ଯୁବାବସ୍ଥାରେ ଧନ ଥାଇ ମୁରବି ନ ରହିଲେ ଅବିବେକୀ ପୁରୁଷର ଯାହା ହୁଏ ବିଲ୍ୱମଙ୍ଗଳଙ୍କର ତାହାହିଁ ହେଲା ।

ଯୌବନଂ ଧନସମ୍ପତ୍ତିଃ ପ୍ରଭୁତ୍ୱମବିବେକିତା ।
ଏକୈକମପ୍ୟନର୍ଥାୟ କିମୁ ଯତ୍ର ଚତୁଷ୍ଟୟମ୍ ॥

''ଯୌବନ, ଧନ, ପ୍ରଭୁତ୍ୱ ତଥା ଅବିବେକ ଏହି ଚାରୋଟି ମଧ୍ୟରୁ ଗୋଟିଏ ଥିଲେ ମହାନ୍ ଅନର୍ଥ କରେ; କିନ୍ତୁ ଯେଉଁଠାରେ ଏହି ଚାରି ଏକତ୍ର ହୁଅନ୍ତି ସେସବୁ ଯେ କ'ଣ କରନ୍ତି ସେକଥା କଳ୍ପନା କରିହୁଏ ନାହିଁ ।'' ଦୁର୍ଭାଗ୍ୟବଶତଃ ବିଲ୍ୱମଙ୍ଗଳଙ୍କୁ ଅସଦାଚାରୀ ମିତ୍ରମାନଙ୍କ ସଙ୍ଗ ପ୍ରାପ୍ତ ହେଲା । କୁସଙ୍ଗର ପ୍ରଭାବ ପଡ଼ିଲା ବିଲ୍ୱମଙ୍ଗଳଙ୍କ ଉପରେ । ଏହାଫଳରେ ତାଙ୍କ କୁପ୍ରବୃତ୍ତି କ୍ରମଶଃ ଜାଗ୍ରତ୍ ହେଲା । କୌଣସି ଦୂଷିତ ମୁହୂର୍ତ୍ତରେ ବିଲ୍ୱମଙ୍ଗଳଙ୍କର ଚିନ୍ତାମଣି

ନାମରେ ଜଣେ ସୁନ୍ଦରୀ ବେଶ୍ୟା ସହିତ ସାକ୍ଷାତ୍ ହୋଇଗଲା । ସେହି ଥରକ ସାକ୍ଷାତରେ ବିଲ୍ୱମଙ୍ଗଳଙ୍କ ଘୋର ପତନ ଘଟିଲା । ସଦ୍‌ଗୁଣବତୀ ସତୀ ସାଧ୍ୱୀ ସୁନ୍ଦରୀ ପତ୍ନୀକୁ ତିରସ୍କାର କରି ସେ ବେଶ୍ୟା କବଳରେ ପଡ଼ିଗଲେ । ବ୍ୟକ୍ତିର ଥରେ ପତନ ହେଲେ ଭଗବତ୍ କୃପା ଛଡ଼ା ସେଥିରୁ ନିଜ ସାମର୍ଥ୍ୟରେ ଉଦ୍ଧାର ହେବା ସମ୍ଭବ ନୁହେଁ । ବରଂ କୁପ୍ରବୃତ୍ତି କ୍ରମଶଃ ବୃଦ୍ଧି ପାଇ ବ୍ୟକ୍ତିକୁ ନରକକୁ ଟାଣିନିଏ । ଏହାହିଁ ହେଲା ବିଲ୍ୱମଙ୍ଗଳଙ୍କର ଅବସ୍ଥା ।

ଚିନ୍ତାମଣିର ମୋହମାୟା କୁହୁକ ଜାଲରେ ପଡ଼ିବା ଦିନଠାରୁ ସେ ଧର୍ମକର୍ମ, ସଦାଚାରକୁ ଜଳାଞ୍ଜଳି ଦେଲେ । ଘରକାମ କରୁଥା'ନ୍ତି, ମନ ଥାଏ ଚିନ୍ତାମଣି ପାଖରେ । ଶେଷରେ ଘରକାମ କରିବାରେ ସେ ଆଉ ସମର୍ଥ ହେଲେ ନାହିଁ । ଦିନରାତି ଚିନ୍ତାମଣି ପାଖରେ ରହିବାକୁ ଲାଗିଲେ । ଘରେ ଯାହା ଗଚ୍ଛିତ ଧନ ଥିଲା ଚିନ୍ତାମଣିକୁ ଦେବାରେ ସମାପ୍ତ ହୋଇଗଲା । ବିଲ୍ୱମଙ୍ଗଳଙ୍କ ଧର୍ମପତ୍ନୀ ଭୂସମ୍ପତ୍ତି ଓ ବାଡ଼ିବଗିଚାର ଆୟରୁ କୌଣସି ଉପାୟରେ ଘରଖର୍ଚ୍ଚ ଚଳାଉଥା'ନ୍ତି । ବିଲ୍ୱମଙ୍ଗଳ ସ୍ତ୍ରୀକୁ ଖୁସିରେ ପଦେ କଥା ବି କୁହନ୍ତି ନାହିଁ । ଭୋଜନ କରି ଘରେ ଯାହା ପଇସା ଥାଏ ତାହା ନେଇ ଚିନ୍ତାମଣି ଘରକୁ ଚାଲିଯା'ନ୍ତି । ପତିବ୍ରତା ସ୍ତ୍ରୀ ବିଚାରୀ କବାଟ କୋଣରେ ବସି କାନ୍ଦି କାନ୍ଦି ଦିନ କଟାଏ ଏବଂ ବିଲ୍ୱମଙ୍ଗଳଙ୍କର ପରିବର୍ତ୍ତନ ନିମିତ୍ତ ଭଗବାନଙ୍କୁ ପ୍ରାର୍ଥନା କରେ ।

ବିଲ୍ୱମଙ୍ଗଳଙ୍କର ଚିନ୍ତାମଣି ପ୍ରତି ଅତ୍ୟଧିକ ମୋହ-ଆସକ୍ତି ବୃଦ୍ଧି ପାଇବାରୁ ବୁଦ୍ଧି ବିବେକ ନଷ୍ଟ ହୋଇଗଲା । ତାଙ୍କ ମନ-ପ୍ରାଣ କେନ୍ଦ୍ରିତ ହେଲା ଚିନ୍ତାମଣିକୁ ଖୁସୀ କରିବାରେ । ଖୁସୀ କରିବାର ଉତ୍କୃଷ୍ଟ ଉପାୟ ଧନ । ସେହି ଧନ ସକାଶେ ବିଲ୍ୱମଙ୍ଗଳଙ୍କୁ ଚୋରି ଡକାୟତି ଆଦି ସମସ୍ତ କୁକର୍ମ କରିବାକୁ ହେଲା । ମନୁଷ୍ୟ କାମାସକ୍ତିରେ କିପରି ନିଷିଦ୍ଧ ଘୃଣିତ କାର୍ଯ୍ୟ କରିପାରେ ତା'ର ପ୍ରତ୍ୟକ୍ଷ ଉଦାହରଣ ହେଲେ ବିଲ୍ୱମଙ୍ଗଳ । ତାଙ୍କର ପ୍ରତ୍ୟେକ ଦିନ ଘରକୁ ଯିବା-ଆସିବା ବନ୍ଦ ହୋଇଗଲା । କେବଳ ଧନର ଅତ୍ୟାବଶ୍ୟକ ହେଲେ ଘର ଅଚଳନ୍ତି ବସ୍ତୁ ବିକ୍ରୟ କରି ଟଙ୍କା ପଇସା ନେବାକୁ ଆସୁଥିଲେ ।

ବିଲ୍ୱମଙ୍ଗଳଙ୍କର ଏପରି ପତନ ପରିସ୍ଥିତିରେ ତାଙ୍କ ସ୍ତ୍ରୀ ତାଙ୍କୁ ଘୃଣା

କରୁ ନ ଥିଲେ କିଂବା କୁବାକ୍ୟ ବା କଟୁ ବାକ୍ୟ କହୁ ନ ଥିଲେ । ବିଲ୍ୱମଙ୍ଗଳଙ୍କର ଯେତେବେଳେ କ୍ଷଣକ ସକାଶେ ପୂର୍ବ ସଂସ୍କାରବଶତଃ ଚେତନା ଆସୁଥିଲା ସେତେବେଳେ ସେ ନିଜ ସ୍ତ୍ରୀଙ୍କୁ ହୃଦୟରେ ସମ୍ମାନ କରୁଥିଲେ ଏବଂ ତାଙ୍କ ପ୍ରତି ନିଜର ବ୍ୟବହାର ଯୋଗୁଁ ପରିତାପ କରୁଥିଲେ । କିନ୍ତୁ ଏହି ଅବସ୍ଥା ହେଉଥିଲା କ୍ଷଣକ ସକାଶେ । ପର ମୁହୂର୍ତ୍ତରେ ସେ ଭୁଲି ଯାଉଥିଲେ ।

ବିଲ୍ୱମଙ୍ଗଳଙ୍କ ପିତୃଶ୍ରାଦ୍ଧ ସକାଶେ ତାଙ୍କ ସ୍ତ୍ରୀ ସବୁ ଜିନିଷପତ୍ର ଆୟୋଜନ କରିଥିଲେ । ପିତୃଶ୍ରାଦ୍ଧ ଦିନ ବିଲ୍ୱମଙ୍ଗଳ ନ ଆସିଲେ ସେ ନିଜେ ଶ୍ରାଦ୍ଧ କରିବା ନିଶ୍ଚିତ କରିଥିଲେ ଏବଂ ବନ୍ଧୁବାନ୍ଧବମାନଙ୍କୁ ନିମନ୍ତ୍ରଣ କରିଥିଲେ । ବିଲ୍ୱମଙ୍ଗଳଙ୍କର ପିତୃଶ୍ରାଦ୍ଧ ଦିବସ ଆସିଲା । ବନ୍ଧୁବାନ୍ଧବ, ସାହିପଡ଼ିଶା ବିଲ୍ୱମଙ୍ଗଳଙ୍କ ଘରକୁ ଆସିଥା'ନ୍ତି । ଶ୍ରାଦ୍ଧର ବ୍ୟବସ୍ଥା ହୋଇଥାଏ । ବିଲ୍ୱମଙ୍ଗଳଙ୍କର ହୋସ୍ କେଉଁଠି ? ତାଙ୍କ ଚେତନାରେ ଚିନ୍ତାମଣି ଛଡ଼ା ଆଉ ତ କିଛି ନ ଥାଏ । ପିତୃଶ୍ରାଦ୍ଧ କଥା ମନେ ପଡ଼ିବ କିପରି ? ସେ ଅଜାଣତରେ କୌଣସି କାରଣରୁ ଘରକୁ ଆସିଲେ । ସ୍ତ୍ରୀର ଅତ୍ୟନ୍ତ ବିନମ୍ର ପ୍ରାର୍ଥନା, ବନ୍ଧୁବାନ୍ଧବମାନଙ୍କର ଲଜ୍ଜାସଙ୍କୋଚବଶତଃ ପିତୃଶ୍ରାଦ୍ଧ ସକାଶେ ବିଲ୍ୱମଙ୍ଗଳଙ୍କୁ ରହିବାକୁ ପଡ଼ିଲା । ସବୁକିଛି ବ୍ୟବସ୍ଥା କରିଥିଲେ ତାଙ୍କ ସ୍ତ୍ରୀ । ବିଲ୍ୱମଙ୍ଗଳ କେବଳ ପୁରୋହିତଙ୍କ ପାଖରେ ବସି ଶ୍ରାଦ୍ଧ କର୍ମ କରିବା କଥା ।

ପୁରୋହିତ ଆସିଲେ ଶ୍ରାଦ୍ଧ ଆରମ୍ଭ ହେଲା । ପୁରୋହିତଙ୍କ ନିର୍ଦ୍ଦେଶ ଅନୁସାରେ ବିଲ୍ୱମଙ୍ଗଳ ଶ୍ରାଦ୍ଧ କର୍ମ କରୁଥା'ନ୍ତି । ତାଙ୍କ ମନ ଚିନ୍ତାମଣି ପାଖରେ ଥାଏ । କୌଣସିମତେ ଶ୍ରାଦ୍ଧ କାର୍ଯ୍ୟ ଶେଷ କରି ଚିନ୍ତାମଣି ପାଖକୁ ଯିବାକୁ ତାଙ୍କ ମନ ଛଟପଟ କରୁଥାଏ । ଶ୍ରାଦ୍ଧ ଶେଷ ହେଲା, ବନ୍ଧୁବାନ୍ଧବମାନଙ୍କର ଖିଆପିଆ ଚାଲିଲା । ଭୋଜନ ଶେଷ ହେବା ପରେ ବିଲ୍ୱମଙ୍ଗଳ ଯିବାକୁ ବାହାରିବା ସମୟରେ ଏପରି ଗୋଟିଏ ଗୋଟିଏ ଘଟନା ଘଟୁଥିଲା ଯେ ତାଙ୍କୁ ବାଧ ହୋଇ ରହିବାକୁ ପଡୁଥିଲା । ସେ ଯିବାକୁ ଅତ୍ୟନ୍ତ ବ୍ୟସ୍ତ ହେବା ସତ୍ତ୍ୱେ ଯାଇପାରୁ ନ ଥିଲେ । ସନ୍ଧ୍ୟା ବ୍ୟତୀତ ହୋଇ ରାତି ହେଲା । ଥିଲା ବର୍ଷା ଦିନ । ଚାରିଦିଗରୁ କଳା ମେଘ ଘୋଟିଥାଏ । ଅନ୍ଧକାର ଯୋଗୁଁ ନିଜ ହାତ

ଦେଖାଯାଉ ନ ଥାଏ । ବିଲ୍ୱମଙ୍ଗଳ ଆଉ ଥୟ ଧରି ରହି ପାରିଲେ ନାହିଁ; ଘରୁ ବାହାରି ପଡ଼ିଲେ । ବାଟ-ଅବାଟ, ସାପ-ବିଛା, ଭୂତ-ପ୍ରେତଙ୍କୁ ଭ୍ରୁକ୍ଷେପ ନ କରି କୃଷ୍ଣାବେଣୀ ନଦୀକୂଳରେ ପହଞ୍ଚିଲେ । ନଦୀ ପାର ହୋଇ ଚିନ୍ତାମଣିର ଘରକୁ ଯିବାକୁ ହେବ । ବଢ଼ି ଯୋଗୁଁ ନଦୀ ଜଳରେ ପୂର୍ଣ୍ଣ । ବର୍ଷା ଆଶଙ୍କାରେ ନାବିକମାନେ ନାବ ବାନ୍ଧି ଘରକୁ ଯାଇଥା'ନ୍ତି । ବିଲ୍ୱମଙ୍ଗଳ ନାବିକମାନଙ୍କୁ ଡାକିଲେ । ଏ ପାଖ ସେ ପାଖ ବହୁତ ଦୌଡ଼ାଦୌଡ଼ି କଲେ । ପାଖରେ ଘରଗ୍ରାମ ନ ଥିଲା, ଶୁଣନ୍ତା କିଏ ? ନଦୀକୂଳରେ ବିଲ୍ୱମଙ୍ଗଳଙ୍କର ବହୁତ ସମୟ ନଷ୍ଟ ହୋଇଗଲା । ସେ ସମୟରେ ପ୍ରାୟ ଅର୍ଦ୍ଧରାତ୍ର । ଚାରିଆଡ଼େ ନିସ୍ତବ୍ଧ । ଜଳପୂର୍ଣ୍ଣ ଦୀର୍ଘ ନଦୀର ତୀବ୍ର ସ୍ରୋତକୁ ପହଁରି ପାର ହୋଇଯିବା କୌଣସି ବ୍ୟକ୍ତି ପକ୍ଷେ ସମ୍ଭବ ନ ଥିଲା । ବିଲ୍ୱମଙ୍ଗଳ ଚିନ୍ତାମଣିର ବିଚ୍ଛେଦ ଆଉ ବରଦାସ୍ତ କରିପାରିଲେ ନାହିଁ । ଜୀବନକୁ ଜଳାଞ୍ଜଳି ଦେଇ ନଦୀକୁ ଡେଇଁପଡ଼ିଲେ । କିଛିଦୂର ପହଁରିବା ପରେ ଗୋଡ଼ହାତ ଥକି ଅବଶ ହୋଇଗଲା । ବିଲ୍ୱମଙ୍ଗଳଙ୍କର ବ୍ୟକ୍ତିଗତ ପ୍ରୟାସ ସମାପ୍ତ । ନଦୀସ୍ରୋତରେ ମୃତ୍ୟୁ ନିଶ୍ଚିତ ।

ଭଗବାନ୍ କରୁଣାମୟ । ପ୍ରାଣୀ ପ୍ରତି ଅହେତୁକୀ କୃପା କରନ୍ତି । ସେ ସବୁ ସ୍ଥାନରେ ବିଦ୍ୟମାନ ଥା'ନ୍ତି । ଆଜି ମହାପତିତ ବିଲ୍ୱମଙ୍ଗଳଙ୍କ ଉପରେ କୃପା କରିବାର ସମୟ ଆସିଛି । ବିଲ୍ୱମଙ୍ଗଳ ଠିକ୍ ବୁଡ଼ିଯିବା ସମୟରେ ଭଗବାନଙ୍କ କୃପାରୁ ତାଙ୍କ ହାତ ପଡ଼ିଗଲା ଗୋଟିଏ ଶବ ଉପରେ । ଭଗବାନଙ୍କ ପ୍ରେରଣାରେ ସେ ଶବ ଉପରେ ବସିଗଲେ ଏବଂ ତୀବ୍ର ସ୍ରୋତକୁ ପାର ହୋଇ ଅନ୍ୟ କୂଳରେ ପହଞ୍ଚିଗଲେ । ଭଗବାନ୍ ଯାହାକୁ ରକ୍ଷା କରନ୍ତି ତାକୁ ମାରିବାର କାହାରି ସାଧ୍ୟ ନ ଥାଏ । କିନ୍ତୁ ବିଲ୍ୱମଙ୍ଗଳ ମହାମୋହରେ ମୋହିତ ହୋଇ ଥିବାରୁ ଭଗବାନଙ୍କର ଏହି କୃପା ବୁଝିପାରୁ ନ ଥା'ନ୍ତି । ତାଙ୍କର ଶରୀରରେ ଜ୍ଞାନ ନ ଥାଏ । ଶବ ଉପରେ ବସିଥିବାରୁ ତାଙ୍କ ଶରୀରରେ ପଚା ମାଂସ ଲାଗିଥାଏ ଏବଂ ଶରୀରରୁ ଦୁର୍ଗନ୍ଧ ବାହାରୁଥାଏ । ଏହି ଜ୍ଞାନ ତାଙ୍କର ନ ଥାଏ । କେବଳ ଚିନ୍ତାମଣି ପାଖରେ ପହଞ୍ଚିବା ଉତ୍ସାହରେ ଜଳରେ ଶରୀର ପରିଷ୍କାର ନ କରି ଦୌଡ଼ି ଦୌଡ଼ି ଚିନ୍ତାମଣି ଘରେ ପହଞ୍ଚିଲେ । ବିଲ୍ୱମଙ୍ଗଳଙ୍କର ପିତୃଶ୍ରାଦ୍ଧ,

ଅନ୍ଧକାର ରାତ୍ରି, କୃଷ୍ଣାନଦୀ ଜଳରେ ପୂର୍ଣ୍ଣ, ଏଣୁ ଏହି ଅସମୟରେ ବିଲ୍ୱମଙ୍ଗଳଙ୍କର ଆସିବାର କୌଣସି ସମ୍ଭାବନା ନ ଥିଲା । ସେଥିପାଇଁ ଚିନ୍ତାମଣି ଦ୍ୱାର ବନ୍ଦ କରି ଘୋର ନିଦ୍ରାରେ ନିମଗ୍ନ ଥିଲା ।

ବିଲ୍ୱମଙ୍ଗଳ ବହୁତ ଡାକିଲେ । କିନ୍ତୁ ଚିନ୍ତାମଣି ଶୁଣିପାରିଲା ନାହିଁ । ବିଲ୍ୱମଙ୍ଗଳ ଅତ୍ୟନ୍ତ ଅସ୍ଥିର ହୋଇପଡ଼ିଲେ । ତାଙ୍କୁ ଏକ ଏକ କ୍ଷଣ ଏକ ଏକ ବର୍ଷ ସଦୃଶ ବୋଧ ହେଲା । ଚାଳ ଡେଇଁ ଚିନ୍ତାମଣି ଘରକୁ ଯିବା ଛଡ଼ା ଅନ୍ୟ ଉପାୟ ନ ଥିଲା । ଚାଳ କିଂବା ପାଚେରିରେ ଓହଳିଥିବା ସର୍ପକୁ ମୋହବଶରେ ଦଉଡ଼ି ମନେ କରି ତାକୁ ଧରି ପାଚେରିରେ ଚଢ଼ି ଚିନ୍ତାମଣି ଦ୍ୱାରକୁ ଡେଇଁ ପଡ଼ିଲେ । ପଡ଼ିଯିବା ଆଘାତ ଯୋଗୁଁ ବିଲ୍ୱମଙ୍ଗଳଙ୍କର ଆଉ ଉଠିବାକୁ ଶକ୍ତି ନ ଥିଲା । ବିଲ୍ୱମଙ୍ଗଳଙ୍କର ପଡ଼ିବା ଶବ୍ଦ ଶୁଣି ଚିନ୍ତାମଣିର ନିଦ ଭାଙ୍ଗିଗଲା ଏବଂ ସେ ଆଲୁଅ ଆଣି ଦ୍ୱାରକୁ ଆସି ବିଲ୍ୱମଙ୍ଗଳ ପଡ଼ିଥିବା ଅବସ୍ଥାରେ ଦେଖି ଆଶ୍ଚର୍ଯ୍ୟ ହୋଇପଡ଼ିଲେ । ଶରୀରରୁ ପଚା ମାଂସର ଦୁର୍ଗନ୍ଧ ବାହାରୁଥାଏ, ପିନ୍ଧିଥିବା ଲୁଗା ଚିରିଚାରି ଯାଇଥାଏ, ଶରୀର କ୍ଷତବିକ୍ଷତ ହୋଇଥାଏ । ଚିନ୍ତାମଣି ବିଲ୍ୱମଙ୍ଗଳକୁ ଉଠାଇନେଇ କୂଅରୁ ପାଣି କାଢ଼ି ସ୍ନାନ କରାଇଦେଲା ଏବଂ ଲୁଗା ପିନ୍ଧିବାକୁ ଦେଇ ଘରକୁ ନେଇ ପଚାରିଲା, ''ତୁମେ ଏପରି ଭୟଙ୍କର ଭାବେ ବଢୁଥିବା ନଦୀ ପାର ହେଲ ଏବଂ କିପରି ଚାଳରେ ଚଢ଼ି ଅଗଣାକୁ ଆସିଲ ?'' ବିଲ୍ୱମଙ୍ଗଳଙ୍କର ସେପର୍ଯ୍ୟନ୍ତ ଭାବିବାର ଯଥାର୍ଥ ବିବେକ ନ ଥାଏ । ସେ କହିଲେ, ''ତୋ'ରି ପଠାଇଥିବା ନାବରେ ମୁଁ ନଦୀ ପାରହେଲି ଏବଂ ମୋ ସକାଶେ ଚାଳରେ ବାନ୍ଧି ରଖିଥିବା ଦୌଡ଼ି ଧରି ଚାଳରେ ଚଢ଼ି ଅଗଣାକୁ ଡେଇଁପଡ଼ିଲି ।''

ପ୍ରିୟାଦାସଜିଙ୍କ ଉକ୍ତି :

''ନବକା ପଠାଇ, ଦ୍ୱାର ଲାବ ଲଟକାଇଁ ଦେଖି ମେରେ
ମନ ଭାଇ, ମୈଁ ତୋ ତବୈ ଲଇ ଜାନି କୈଁ ।''

ବିଲ୍ୱମଙ୍ଗଳଙ୍କର ପାଗଳର ପ୍ରଳାପ ସଦୃଶ ଏହି ଉତ୍ତର ଶୁଣି ତାଙ୍କ ବୁଦ୍ଧିବିବେକ ମୋହରେ ଭ୍ରମ ହୋଇଥିବା ଜାଣି ଚିନ୍ତାମଣି ଅନ୍ତରରେ

ବିଲ୍ୱମଙ୍ଗଳଙ୍କୁ ଘୃଣା କରି, ରାଗରେ କହିଲା, ''ତୋ ସକାଶେ ଯେଉଁ ଦୌଡ଼ି ବାନ୍ଧି ରଖିଥିଲି, ତୁ ଯାହାକୁ ଧରି ପାଚେରି ଚଢ଼ିଥିଲୁ, ଚାଲ ତାକୁଦେଖା ।'' ଚିନ୍ତାମଣି ହାତରେ ଆଲୁଅ ଥାଏ, ବିଲ୍ୱମଙ୍ଗଳ ଯାଇ ଲଟକିଥିବା ସର୍ପକୁ ଦେଖାଇ ଦେବାରୁ ଭୟ ତଥା ଆଶ୍ଚର୍ଯ୍ୟରେ ଚିନ୍ତାମଣି ହାତରୁ ଆଲୁଅ ପଡ଼ିଗଲା । ସେ ଦୁଇ ଆଖିରେ ଦୁଇ ହାତ ଦେଇ କାବା ହୋଇ ଛିଡ଼ା ହୋଇ ରହିଲା । କିଛିକ୍ଷଣ ପରେ ବିଲ୍ୱମଙ୍ଗଳ ପ୍ରତି ଥିବା ରାଗ ଦୁଇଗୁଣ ହୋଇଗଲା । ସେ ବିରକ୍ତ ହୋଇ କହିଲା :

''ଜୈସୋ ମନ ମେରେ ହାଡ଼-ଚାମ ସୌଁ
ଲଗାୟୋ, ତୈସୋ ସ୍ୟାମ ସୌଁ ଲଗାବୈ
ତୋପୈ ଜାନିୟେଁ ସୟାନି କୈଁ
ମୈଁ ତୋ ଭୟେ ଭୋର ଭଜୌଁ ଜୁଗଲକିଶୋର
ଅବ, ତେରୀ ତୁହୀ ଜାନୈ ଚାହୌ କରୌ ମନ ମାନକୈଁ ॥''

''ମୋର ଏହି ହାଡ଼ଚମଯୁକ୍ତ ଶରୀରରେ ତୁ ଯେପରି ପ୍ରେମ କରୁଛୁ (ମନ ଲଗାଉଛୁ) ସେହିପରି ଯଦି ଶ୍ରୀକୃଷ୍ଣ ଭଗବାନ୍ (ଶ୍ୟାମ)ଙ୍କୁ ପ୍ରେମ କରିଥା'ନ୍ତୁ, ତେବେ ମୁଁ ତୋତେ ବୁଦ୍ଧିମାନ୍ ବୋଲି କହନ୍ତି । ତୋର ଯାହା ଇଚ୍ଛା ତାହା କର । କିନ୍ତୁ ଭୋର ହେବା ମାତ୍ରେ ମୁଁ ଭଗବାନଙ୍କ ଶରଣ ନେଇ ଭଗବାନଙ୍କୁ ଭଜନ କରିବି ।''

## ବୈରାଗ୍ୟ

ଯେଉଁ ଚିନ୍ତାମଣି ସକାଶେ ବିଲ୍ୱମଙ୍ଗଳ ସର୍ବସ୍ୱ ଜଳାଞ୍ଜଳି ଦେଇ ପ୍ରାଣର ପ୍ରାଣ, ଜୀବନର ଆଧାର, ଗଳାର ମାଳାରୂପେ ତାକୁ ଧାରଣ କରିଥିଲେ; ଯାହା ସକାଶେ ସେ ଜୀବନକୁ କ୍ଷଣକରେ ତ୍ୟାଗ କରିବାକୁ ପ୍ରସ୍ତୁତ ଥିଲେ, ତା'ର ଏପରି ତୀକ୍ଷ୍ଣ ବାକ୍ୟବାଣ ଯାହା ନିର୍ମମ ପ୍ରାଣଘାତକ ତୀକ୍ଷ୍ଣ ତୀରଠାରୁ ଶକ୍ତିଶାଳୀ, ତାହା ତାଙ୍କ ହୃଦୟର ମୋହ-ଅଜ୍ଞାନ-ଅନ୍ଧକାରକୁ ଛିନ୍ନଭିନ୍ନ

କରିପକାଇଲା । ମୋହାବରଣ ଦୂର ହେବାରୁ ତାଙ୍କ ଅନ୍ତରବାସୀ ଅନ୍ତରାତ୍ମା ମୁକ୍ତ ହୋଇଗଲେ । ବିଲ୍ୱମଙ୍ଗଳ କିଛିକ୍ଷଣ ଥକାହୋଇ ପ୍ରାଣହୀନ କାଷ୍ଠ ସଦୃଶ ନୀରବ ହୋଇ ଛିଡ଼ାହୋଇ ରହିଲେ । ତାଙ୍କ ଅନ୍ତରାତ୍ମା ଅନ୍ତରରୁ କହିଲେ, ''ବିଲ୍ୱମଙ୍ଗଳ, ତୋ ସକାଶେ ଏହି କ୍ଷଣ ଅମୃତ ସୁଯୋଗ । ଚିନ୍ତାମଣିର କଟୁବାକ୍ୟକୁ ଗୁରୁ ଉପଦେଶ ମାନି ଏହି ମୁହୂର୍ତ୍ତରେ ତୋର ଚିରସାଥୀ ଭଗବାନଙ୍କ ଶରଣରେ ଚାଲ । ବିଲ୍ୱମଙ୍ଗଳଙ୍କ ମନ-ପ୍ରାଣ ତଥା ସମସ୍ତ ଇନ୍ଦ୍ରିୟଙ୍କ କୋଳାହଳ ନିସ୍ତବ୍ଧ ଥିଲା । ସେ ଅନ୍ତରାତ୍ମାଙ୍କ ବାଣୀ ସ୍ପଷ୍ଟରୂପେ ଶୁଣିପାରିଲେ ଏବଂ ଭଗବାନଙ୍କ କୃପାରୁ ଚିନ୍ତାମଣିର ବାକ୍ୟକୁ ଗୁରୁ ଉପଦେଶ ସଦୃଶ ଗ୍ରହଣ କରି ଚିନ୍ତାମଣିର ପାଦସ୍ପର୍ଶପୂର୍ବକ ପ୍ରଣାମ କରି କହିଲେ, ''ଚିନ୍ତାମଣି, ତୁ ମୋର ଗୁରୁ, ତୋ ଉପଦେଶ ଶିରୋଧାର୍ଯ୍ୟ ।'' ଏହା କହି ସେଠାରୁ ଚାଲିଗଲେ । ଆଉ ଥରେମାତ୍ର ମୁହଁ ଫେରାଇ ଚିନ୍ତାମଣି ଆଡ଼କୁ ଅନାଇଲେ ନାହିଁ ।

ଏହି ଦୃଶ୍ୟ ଚିନ୍ତାମଣିର ହୃଦୟକୁ ଖୁବ୍ ପ୍ରବଳ ବେଗରେ ଏକ ଧକ୍କା ଦେଲା । ବିଲ୍ୱମଙ୍ଗଳ ଦଉଡ଼ି ମନେକରି ପାଚେରିରେ ଚଢ଼ିବା ସର୍ପକୁ ଦେଖି ଚିନ୍ତାମଣିର ମୋହମାୟା ଦୂର ହୋଇ ଯାଇଥିଲା । ଯାହା ବାକି ଥିଲା ତାହା ବିଲ୍ୱମଙ୍ଗଳଙ୍କୁ ଭଗବତ୍ ଶରଣରେ ଯିବା ଦେଖି ଦୂର ହୋଇଗଲା । ଭୋର ହେବା ମାତ୍ରେ ସେ ସଞ୍ଚିତ ଧନସମ୍ପତ୍ତି, ଅଳଙ୍କାର ତଥା ମୂଲ୍ୟବାନ୍ ବସ୍ତ୍ର ଗରିବଙ୍କୁ ଦାନ କରିଦେଲା । ଗୋଟିଏ ସ୍ୱଚ୍ଛ ବସ୍ତ୍ର ପରିଧାନ କରି, ଲଲାଟରେ ଉର୍ଦ୍ଧ୍ୱପୁଣ୍ଡ୍ର ତିଳକ ଧାରଣ କରି, ହସ୍ତରେ ଗୋଟିଏ ବୀଣା ଗ୍ରହଣ କରି ଭଗବତ୍ ଗୁଣଗାନ କରି ଘରୁ ବାହାରି ପଡ଼ିଲା ।

ଏହାହିଁ ଭଗବାନଙ୍କର ଅହେତୁକୀ କୃପା । ଏହି କୃପା ବିନା କାରଣରେ ଆସେ । ମୃତ ଶରୀର ଦ୍ୱାରା ପ୍ରଖରସ୍ରୋତ ଜଳପୂର୍ଣ୍ଣ ନଦୀ ପାରହେବା ଏବଂ ସର୍ପକୁ ଧରି ପାଚେରିରେ ଚଢ଼ିବା ଏକେବାରେ ଅସ୍ୱାଭାବିକ, କିନ୍ତୁ ଏହାହିଁ ଭଗବାନଙ୍କର କୃପା । ପ୍ରତ୍ୟେକ ବ୍ୟକ୍ତି ଜୀବନରେ କେବେ ନା କେବେ ଭିନ୍ନ ଭିନ୍ନରୂପେ ଭଗବତ୍ କୃପା ପ୍ରାପ୍ତ ହୁଅନ୍ତି । ଯେଉଁ ବ୍ୟକ୍ତି ସଚେତନ ହୋଇ ଭଗବତ୍ କୃପା ଗ୍ରହଣ କରନ୍ତି ତାଙ୍କର ଜୀବନ ସାର୍ଥକ ହୁଏ । ଯେ ଅଚେତନ

ରହି ମନ-ପ୍ରାଣ ଦ୍ୱାରା ଅନ୍ତର ଗୃହକୁ ଦୃଢ଼ଭାବେ ବନ୍ଦ ରଖିଥାଏ, ଭଗବତ୍ କୃପାର ଆବାହନକୁ କାନ ଦିଏ ନାହିଁ, ତା’ ପାଖରୁ ଭଗବତ୍ କୃପା ଫେରିଯାଏ ।

ବିଲ୍ୱମଙ୍ଗଳ ତଥା ଚିନ୍ତାମଣି ସଚେତ ଥିଲେ । ଭଗବତ୍ କୃପାକୁ ଧାରଣ କରି ସେହି ସୁଯୋଗର ଯଥାର୍ଥ ଉପଯୋଗ କଲେ । ବିଲ୍ୱମଙ୍ଗଳ ଗଲେ ଗୋଟିଏ ଦିଗରେ, ଚିନ୍ତାମଣି ଗଲେ ଅନ୍ୟ ଦିଗରେ ।

ବିଲ୍ୱମଙ୍ଗଳଙ୍କର ଅନ୍ତରାତ୍ମା ଜାଗ୍ରତ୍ ହୋଇଛନ୍ତି । ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି ସେ ବୁଝି ପାରିଛନ୍ତି । ତାଙ୍କ ହୃଦୟର ସଂସାରୀ ପ୍ରେମ ପରିବର୍ତ୍ତିତ ହୋଇ ଭଗବତ୍ ପ୍ରେମରେ ପରିଣତ ହୋଇଛି । ସେ ମୁଖରେ ହରିନାମ ଗାନ କରୁଛନ୍ତି । ହୃଦୟରେ ଭଗବତ୍ ପ୍ରେମ ପୂର୍ଣ୍ଣ ହୋଇ ନେତ୍ର ମଧ୍ୟଦେଇ ଲୋତକରୂପେ ପ୍ରବାହିତ ହେଉଛି । ଏହି ଅବସ୍ଥାରେ ଯେଉଁ ଆଡ଼କୁ ମୁଖ ସେଇ ଦିଗରେ ବିଲ୍ୱମଙ୍ଗଳ ଗତି କରୁଛନ୍ତି ।

ଭଗବତ୍ ବିଧାନ ଅନୁସାରେ ବିଲ୍ୱମଙ୍ଗଳଙ୍କୁ ମହାତ୍ମା ସୋମଗିରିଙ୍କର ଦର୍ଶନ ହେଲା । ମହାତ୍ମାଙ୍କୁ ଦର୍ଶନ କରି ବିଲ୍ୱମଙ୍ଗଳ କୃତକୃତ୍ୟ ହୋଇଗଲେ । ତାଙ୍କୁ ପ୍ରଣାମ କରି ଭଗବତ୍ ପ୍ରାପ୍ତିର ଉପାୟ ପ୍ରାର୍ଥନା କଲେ । ଉପଯୁକ୍ତ ଶିଷ୍ୟ ପାଇ ସୋମଗିରି ଅତ୍ୟନ୍ତ ହର୍ଷରେ ବିଲ୍ୱମଙ୍ଗଳଙ୍କୁ ନିଜ ମଠକୁ ନେଇ ବିଧିବିଧାନରେ ପଞ୍ଚସଂସ୍କାର ସହିତ ସନ୍ନ୍ୟାସ ବିଧି ଅନୁସାରେ ଆଞ୍ଚୋଲା, ଲେଙ୍ଗୁଟି, ମାଳା, ତିଳକ ଓ ମନ୍ତ୍ର ଦୀକ୍ଷା ଦେଲେ ଏବଂ ସାଧନାର ଗୂଢ଼ ରହସ୍ୟ ଉପଦେଶ ଦେଲେ । ବିଲ୍ୱମଙ୍ଗଳ ଉପଯୁକ୍ତ ଗୁରୁ ତଥା ଯଥାର୍ଥ ଶିକ୍ଷା ପାଇ ଭକ୍ତିରସଶାସ୍ତ୍ର ଅଧ୍ୟୟନ ଦ୍ୱାରା ତାଙ୍କର ଭଗବତ୍ ପ୍ରେମ ଉତ୍ତରୋତ୍ତର ବିକାଶ ହେବାକୁ ଲାଗିଲା । ସେ ଶ୍ରୀକୃଷ୍ଣଙ୍କ ଦର୍ଶନ ସକାଶେ ଅତ୍ୟନ୍ତ ବ୍ୟାକୁଳ ହୋଇପଡ଼ିଲେ । ଏକ ବର୍ଷ ଗୁରୁଙ୍କ ସେବାରେ ରହିବା ପରେ ଗୁରୁଙ୍କ ଆଜ୍ଞା ପ୍ରାପ୍ତ କରି ଶ୍ରୀକୃଷ୍ଣଙ୍କ ଦର୍ଶନ ସକାଶେ ବୃନ୍ଦାବନ ଯାତ୍ରା ଆରମ୍ଭ କରିଦେଲେ । ସାଧୁ ବିଲ୍ୱମଙ୍ଗଳଙ୍କ ହୃଦୟ ଭଗବତ୍ ପ୍ରେମରେ ପ୍ଲାବିତ ଥିଲା, ମୁଖରେ ହରିନାମ ଗାନ କରୁଥିଲେ, ନେତ୍ରରୁ ପ୍ରେମାଶ୍ରୁ ପ୍ରବାହିତ ହେଉଥିଲା । ସେ ଭଗବତ୍ ପ୍ରେମରେ ଉନ୍ମତ୍ତ ହୋଇ କ୍ଷୁତ୍‌ପିପାସା ଭୁଲି ରାସ୍ତା ଚାଲୁଥିଲେ । ଗ୍ରୀଷ୍ମଋତୁ

ଥିଲା; ପଥଯାତ୍ରାରେ କ୍ଳାନ୍ତ ହୋଇ ଗ୍ରାମ ସମୀପ ଗୋଟିଏ ପୁଷ୍କରିଣୀକୂଳ ଗଛଛାଇରେ ବସି ହରିନାମ ସ୍ମରଣ କଲେ ।

ଗ୍ରାମ୍ୟ ମହିଳାମାନେ ସେହି ପୁଷ୍କରିଣୀରେ ସ୍ନାନ କରୁଥିଲେ । ବିଲ୍ୱମଙ୍ଗଳ କିଛି ସମୟ ବସିବା ପରେ ସ୍ନାନ କରୁଥିବା ମହିଳାମାନଙ୍କ ଉପରେ ତାଙ୍କର ଦୃଷ୍ଟି ପଡ଼ିଲା । ବିଲ୍ୱମଙ୍ଗଳ ଦୃଷ୍ଟି ସଂଯମ କରିବାକୁ ଚେଷ୍ଟା କଲେ କିନ୍ତୁ ପୂର୍ବ କୁପ୍ରକୃତି ଏତେ ପ୍ରବଳଭାବେ ଆକ୍ରମଣ କଲା ଯେ ସେଥିରେ ବିଲ୍ୱମଙ୍ଗଳ ସଫଳ ହୋଇ ପାରିଲେ ନାହିଁ । ତାଙ୍କ ଦୃଷ୍ଟି ଜବରଦସ୍ତି ମହିଳାମାନଙ୍କ ପ୍ରତି ଆକର୍ଷିତ ହୋଇଗଲା । ମହିଳାମାନଙ୍କ ମଧ୍ୟରେ ଜଣେ ଅତ୍ୟନ୍ତ ସୁନ୍ଦରୀ ସ୍ତ୍ରୀ ସ୍ନାନ କରୁଥିଲେ । ତାଙ୍କ ପ୍ରତି ବିଲ୍ୱମଙ୍ଗଳ ଅତ୍ୟନ୍ତ ଆସକ୍ତ ହୋଇପଡ଼ିଲେ । କାମାଗ୍ନିରେ ତାଙ୍କ ହୃଦୟ ଦଗ୍ଧ ହେବାକୁ ଲାଗିଲା । ସେ କାମାନ୍ଧ ହୋଇ ଲଜ୍ଜା ସରମ ଭୁଲିଗଲେ । ସ୍ନାନ ପରେ ସେହି ସୁନ୍ଦରୀ ସ୍ତ୍ରୀଟି ନିଜ ଘରକୁ ଯିବା ସମୟରେ ସେ କିଛି ଦୂରରେ ରହି ତା’ ପଛେ ପଛେ ତା’ ଘରକୁ ଗଲେ । ବିଲ୍ୱମଙ୍ଗଳଙ୍କ ଗତିବୃତ୍ତିରୁ ତାଙ୍କ କୁପ୍ରବୃତ୍ତି ମହିଳା ବୁଝି ପାରିଥିଲେ । ତାଙ୍କ ପଛରେ ଆସୁଥିବା ଦେଖି ତାଙ୍କୁ ଲଜ୍ଜା ହେଉଥିଲା । ସେ ନିଜକୁ ଅପମାନିତା ମନେକରି, ରାଗରେ ଗୃହରେ ପ୍ରବେଶ କରି ଦ୍ୱାର ବନ୍ଦ କରିଦେଇ ନିଜ ପତିଙ୍କୁ ସମସ୍ତ ଘଟନା କହିଦେଲେ । ସାଧୁ ବିଲ୍ୱମଙ୍ଗଳ ବସି ରହିଲେ ଦାଣ୍ଡ ପିଣ୍ଡାରେ ।

ଘରେ ପତିପତ୍ନୀଙ୍କ ଛଡ଼ା ଅନ୍ୟ କେହି ନ ଥିଲେ । ଉଭୟେ ଥିଲେ ଭଗବତ୍ ଭକ୍ତ । ପତ୍ନୀ ପତିଙ୍କୁ ଭଗବତ୍ ବିଗ୍ରହରୂପେ ସେବା କରୁଥିଲେ ଏବଂ ଆଜ୍ଞାପାଳନ କରୁଥିଲେ । ସାଧୁସନ୍ଥଙ୍କୁ ସେବାସମ୍ମାନ କରିବା ସେମାନଙ୍କର ବ୍ରତ ଥିଲା । ପତ୍ନୀଙ୍କଠାରୁ ଏକଥା ଶୁଣି ସେ କିଛି ନିର୍ଣ୍ଣୟ କରି ପାରିଲେ ନାହିଁ । ସନ୍ଥ-ଅତିଥି ଗୃହରେ ଉପସ୍ଥିତ, ତାଙ୍କର ସେବା କରିବା ତାଙ୍କ କର୍ତ୍ତବ୍ୟ । ଅନ୍ୟ ଦୃଷ୍ଟିରୁ ତାଙ୍କ ପତ୍ନୀ ପ୍ରତି ସନ୍ଥଙ୍କର କୁଭାବନା ନୈତିକ ତଥା ଅଧ୍ୟାତ୍ମ ଧର୍ମର ବିପରୀତ । ଏହି ଜଟିଳ ସମସ୍ୟା ସେ ସମାଧାନ କରି ନ ପାରି ଶାନ୍ତ ନୀରବ ହୋଇ ଭଗବାନଙ୍କର ଆଦେଶ ନିଜ ଅନ୍ତରରୁ ଚାହିଁଲେ ଏବଂ ସନ୍ଥ ବିଲ୍ୱମଙ୍ଗଳଙ୍କ ବାସନା ପୂର୍ଣ୍ଣ କରିବା ସକାଶେ ନିଜ ଅନ୍ତରରୁ ଆଦେଶ ପାଇଲେ । ଭଗବତ୍

ନିର୍ଦ୍ଦେଶରେ ମାନସିକ ଉଚିତ-ଅନୁଚିତର ବିଚାର ନ ଥାଏ । ଯେଉଁ ଭକ୍ତମାନେ ନିଷ୍କପଟ ଭାବରେ ଭଗବାନଙ୍କ ଅନ୍ତର ଆଦେଶକୁ ପାଳନ କରନ୍ତି ସେଥିରେ କୌଣସି ପ୍ରକାର ବିପଦ ନ ଥାଏ, ତାହାଦ୍ୱାରା ଭଗବାନ୍ କଲ୍ୟାଣ କରନ୍ତି । ଏହି ଦୃଢ଼ ବିଶ୍ୱାସ ଉକ୍ତ ଦମ୍ପତିଙ୍କର ଥିଲା । ପରେ ଭଗବତ୍ ନିର୍ଦ୍ଦେଶ ପାଇବା ମାତ୍ରେ ଆନନ୍ଦ ଉତ୍ସାହରେ ଦାଣ୍ଡକୁ ଯାଇ ବିଲ୍ୱମଙ୍ଗଳଙ୍କୁ ପ୍ରଣାମ କଲେ ଏବଂ ପାଦ ଧୋଇ ଘରକୁ ଆଣି ଯଥାଯୋଗ୍ୟ ଆଦର ସତ୍କାର କଲେ । ତାଙ୍କୁ ଭୋଜନ କରାଇ ଗୋଟିଏ ଏକାନ୍ତ କକ୍ଷରେ ବିଛଣା କରାଇ ତାଙ୍କ ବାସନା ପୂର୍ଣ୍ଣ କରିବା ସକାଶେ ନିଜ ପତ୍ନୀଙ୍କୁ ଆଦେଶ ଦେଲେ । ପତିପରାୟଣା ପତ୍ନୀ ପତିଙ୍କର ଆଦେଶ ପାଇ ବିଲ୍ୱମଙ୍ଗଳ ବିଶ୍ରାମ କରୁଥିବା କକ୍ଷକୁ ଗଲେ ଏବଂ ବିଲ୍ୱମଙ୍ଗଳ ଯେଉଁ ବାସନା ସକାଶେ ତାଙ୍କ ଗୃହକୁ ଆସିଥିଲେ ତାହା ପୂର୍ଣ୍ଣ କରିବାକୁ କହିଲେ । ଏହା ଭଗବତ୍ ଭକ୍ତା ପତିବ୍ରତାର ବାକ୍ୟ ନ ଥିଲା, ଥିଲା ଭଗବାନଙ୍କ ଜ୍ଞାନଜ୍ୟୋତିଃ । ତାହା ଶବ୍ଦରୂପେ ବିଲ୍ୱମଙ୍ଗଳଙ୍କ ମଧ୍ୟରେ ପ୍ରବେଶ କରି ତାଙ୍କ ହୃଦୟକୁ ପ୍ରକାଶ କରିଦେଲା । ଦିବ୍ୟ ପ୍ରକାଶରେ ମୋହାନ୍ଧକାର ଦୂର ହୋଇଯିବାରୁ ବିଲ୍ୱମଙ୍ଗଳ ପତିପତ୍ନୀଙ୍କ ଭକ୍ତିଭାବ ବୁଝି ପାରିଲେ ଏବଂ ମନେ ମନେ ଭାବିଲେ, ''ଏହି ପତିପତ୍ନୀ ଯଥାର୍ଥରେ ଭଗବାନଙ୍କର ଭକ୍ତ । ଭଗବାନ୍ ଏବଂ ଭକ୍ତ ମଧ୍ୟରେ ଏମାନଙ୍କର ଅଭେଦଭାବନା । ମୋ ପରି ଭଣ୍ଡ ସାଧୁଙ୍କୁ ଭଗବତ୍ ସ୍ୱରୂପ ମାନି ମୋ ଘୃଣ୍ୟ ଭାବ ଯୋଗୁଁ ମୋତେ ଦଣ୍ଡ ନ ଦେଇ ନିଷ୍କପଟ ଭାବରେ ମୋର ସେବା କଲେ । ଭଗବତ୍ ଭକ୍ତି ସକାଶେ ସମାଜର ଶ୍ରେଷ୍ଠ ମହାନ୍ ପତିବ୍ରତା ଧର୍ମକୁ ବିନା ସ୍ୱାର୍ଥରେ ପତିପତ୍ନୀ ଉଭୟେ ତ୍ୟାଗ କରିବାକୁ ପ୍ରସ୍ତୁତ ହେଲେ । ଏହିମାନେ ଯଥାର୍ଥରେ ମୋର ଶିକ୍ଷାଦାତା ଗୁରୁ । ଗୁରୁ ପ୍ରତି ପାପବୁଦ୍ଧି ଏହି ଦୃଷ୍ଟି ଯୋଗୁଁ ହେଉଛି । ଏହି ଦୃଷ୍ଟିହିଁ ପାପର ମୂଳ କାରଣ ।'' ଭକ୍ତିପରାୟଣା ପତିବ୍ରତା ପ୍ରତି ମାତୃଭାବ ରଖି ତାଙ୍କ ଆଡ଼କୁ ଅତ୍ୟନ୍ତ ଭକ୍ତି ଭାବରେ ଚାହିଁ କହିଲେ, ''ଦେବି, ତୁମ କେଶରେ ଥିବା ଲୌହସୂଚୀରୁ ଗୋଟିଏ ମୋତେ ଦିଅ ।'' ସରଳହୃଦୟା ପତିବ୍ରତା କିଛି ନ ଭାବି କେଶରୁ ଗୋଟିଏ ସୂଚୀ ବାହାର କରି ସନ୍ଥ ବିଲ୍ୱମଙ୍ଗଳଙ୍କ ହାତରେ

ଦେଲେ । ସୂଚୀ ପାଇବାମାତ୍ରେ ସେଥିରେ ସେ ନିଜ ଦୁଇ ନେତ୍ରକୁ ଫୋଡ଼ିଦେଲେ ।* ଏହି ଦୃଶ୍ୟ ଦେଖି ମହିଳାଟି ଚିତ୍କାର କରି ବାହାରକୁ ଆସିଲେ । ପତ୍ନୀର ଭୟତ୍ରସ୍ତ ଚିତ୍କାର ଶୁଣି ପତି ଦୌଡ଼ି ଆସି ବିଲ୍ୱମଙ୍ଗଳଙ୍କ ନେତ୍ରରୁ ରକ୍ତ ବାହାରୁଥିବା ଦେଖି ବ୍ୟସ୍ତ ହୋଇପଡ଼ିଲେ । ପତ୍ନୀଠାରୁ ସବୁଘଟନା ଶୁଣି ବିଲ୍ୱମଙ୍ଗଳକୁ ଘରେ ରଖି ସେବା କରିବା ସକାଶେ ପ୍ରାର୍ଥନା କଲେ । ବିଲ୍ୱମଙ୍ଗଳ କହିଲେ, ''ତୁମ୍ଭମାନଙ୍କର ଦୃଢ଼ ଭଗବତ୍ ଭକ୍ତି ଏବଂ ଭକ୍ତ ଭଗବାନ୍ ମଧ୍ୟରେ ଅଭେଦ ଭାବର ପ୍ରତ୍ୟକ୍ଷ ଆଚରଣ ଦ୍ୱାରା ସେବା କରି ମୋତେ ମୋହନିଦ୍ରାରୁ ଜାଗ୍ରତ୍ କରାଇ ଦିବ୍ୟ ଜ୍ଞାନ ପ୍ରଦାନ କରିଛ । ଏହି ସେବାରେ ମୋ ଜୀବନ କୃତାର୍ଥ ହୋଇଛି । ଏହାଠାରୁ ଆଉ ଅଧିକ ସେବା କ'ଣ କରିବ ?'' ସେମାନଙ୍କୁ ଅନୁନୟ ବିନୟ କରି ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କ ଦର୍ଶନ ସକାଶେ ବିଲ୍ୱମଙ୍ଗଳ ବାହାରିପଡ଼ିଲେ ।

## ଭଗବତ୍ ଦର୍ଶନ

ଆଜିଠାରୁ ବିଲ୍ୱମଙ୍ଗଳଙ୍କ ନାମ ହେଲା ସୁରଦାସ । ସୁରଦାସଙ୍କ ବୈରାଗ୍ୟ ତଥା ଭଗବତ୍ ପ୍ରେମ ଦେଖି ଉକ୍ତ ପତି-ପତ୍ନୀ ନିରୁତ୍ତର ହୋଇ ତାଙ୍କ ପଛରେ କିଛିଦୂର ଯାଇ ଫେରି ଆସିଲେ ।

ସୁରଦାସଙ୍କ ନେତ୍ରରୁ ରକ୍ତ ସହିତ ପ୍ରେମାଶ୍ରୁ ପ୍ରବାହିତ ହେଉଥାଏ । କିନ୍ତୁ ସେ ପୀଡ଼ା ଅନୁଭବ କରୁ ନ ଥାନ୍ତି । ମୁଖରେ ହରିନାମ ଗାନ କରୁଥାନ୍ତି; ହୃଦୟ ଭଗବତ୍ କୃତଜ୍ଞତାରେ ପୂର୍ଣ୍ଣ ଥାଏ । ସେ ଶରୀରଜ୍ଞାନ ଭୁଲିଗଲେ, ଯେଉଁଆଡ଼େ ଗୋଡ଼ ପଡୁଥାଏ ସେହିଆଡ଼େ ଚାଲୁଥାନ୍ତି । ଭଗବତ୍ ପ୍ରେମଭକ୍ତିରେ ସେ ଉନ୍ମତ୍ତ । କ୍ଷୁଧା-ତୃଷ୍ଣା, ଖରା-ବର୍ଷା, କଣ୍ଟା-ପଥରର ଜ୍ଞାନ ନ ଥାଏ । କିନ୍ତୁ ମନ-ପ୍ରାଣ ହେଉଛି ଶରୀର ଆଶ୍ରିତ । ଇଞ୍ଜିନ୍‌ରେ କୋଇଲା, ଜଳ ସଦୃଶ

* ସେ ସମୟରେ ମହିଳାମାନେ ମସ୍ତକ କେଶର ବେଣୀକୁ ଲମ୍ବା ଲମ୍ବା ସୂଚୀରେ ଗୁଞ୍ଜି ଥା'ନ୍ତି ।

ଶରୀରର ଆଧାର ହେଉଛି ଅନ୍ନ, ଜଳ । କୋଇଲା, ଜଳ ବିନା ଯେପରି ଇଞ୍ଜିନ୍ ଚାଲେ ନାହିଁ ସେହିପରି ଅନ୍ନ, ଜଳ ବିନା ଶରୀର ଅବଶ ହୋଇଯାଏ । ବିଲ୍ୱମଙ୍ଗଳଙ୍କ ଶରୀର ଅବଶ ହୋଇ ପଡ଼ିଲା । ସେ ଗୋଟିଏ ନିର୍ଜନ ଗହୀର ବିଲରେ ବସିପଡ଼ିଲେ ।

ଯେ ସମସ୍ତ ଆଶାଭରସା ତ୍ୟାଗ କରି ଭଗବାନଙ୍କ ଆଶ୍ରୟ ନିଏ ଭଗବାନ୍ ତା' ସହିତ ଛାୟା ସଦୃଶ ରହି ରକ୍ଷା କରନ୍ତି । ଭକ୍ତ ଭଗବାନଙ୍କୁ ସର୍ବସ୍ୱ ସମର୍ପଣ କରିଦେଲେ ଭଗବାନ୍ ନିଜକୁ ଭକ୍ତ ହସ୍ତରେ ଦେଇଦିଅନ୍ତି । ବିଲ୍ୱମଙ୍ଗଳଙ୍କ ଶରୀର ଅବଶ ହେବାରୁ ସେ ଚାଲିପାରୁ ନ ଥିଲେ; କିନ୍ତୁ ତାଙ୍କ ହୃଦୟ ଭଗବତ୍ ପ୍ରେମରେ ପୂର୍ଣ୍ଣ ଥିଲା । ମୁଖରୁ ଭଗବତ୍ ନାମ, ନେତ୍ରରୁ ପ୍ରେମାଶ୍ରୁ ବର୍ଷା ହେଉଥିଲା । ସେ ଦୁର୍ବଳ ଅବସ୍ଥାରେ ଭଗବତ୍ ଭକ୍ତି ଆନନ୍ଦରେ ନିମଗ୍ନ ଥିଲେ ।

ଗୋଟିଏ ଅଳ୍ପ ବୟସର ଶିଶୁ ଆସି କହିଲେ, ''ସୁରଦାସ, ତୁ କ୍ଷୁଧା ତୃଷ୍ଣାରେ ଅତ୍ୟନ୍ତ ପୀଡ଼ିତ ମନେହେଉଛୁ । ତୋ ସକାଶେ ମୁଁ ଭୋଜନ ଓ ଜଳ ନେଇଆସିଛି, ଭୋଜନ କର, ଜଳ ପିଇନେ ।'' ଶିଶୁର ଶବ୍ଦ ନ ଥିଲା, ଥିଲା ଦିବ୍ୟ ଅମୃତ । ବିଲ୍ୱମଙ୍ଗଳଙ୍କ କର୍ଣ୍ଣରନ୍ଧ୍ର ମଧ୍ୟଦେଇ ତାହା ତାଙ୍କ ଅନ୍ତରରେ ପ୍ରବେଶ କଲା । ସେ ସେହି ଅମୃତ ଆସ୍ୱାଦନ କରି କୃତକୃତ୍ୟ ହୋଇଗଲେ । ତାଙ୍କ ଶରୀରରୁ ସମସ୍ତ ଦୁର୍ବଳତା ଦୂର ହୋଇଗଲା । ସେ ପୂର୍ବାପେକ୍ଷା ଶହେଗୁଣ ବଳ, ତେଜଃ ଲାଭ କରି ଉଠି ବସିଲେ । ଶିଶୁର ଶବ୍ଦ ସୁରଦାସଙ୍କ ହୃଦୟ ଓ ମନକୁ ପୂର୍ଣ୍ଣରୂପେ ଅଧିକାର କରିନେଲା । ସୁରଦାସ କହିଲେ, ''ବାପା, ତୋ ନାମ କ'ଣ ?'' ''ମୋର ବହୁତ ନାମ ।'' ''ତୁ କେଉଁଠି ରହୁ ?'' ''ମୁଁ ଏହି ନିକଟ ଗ୍ରାମରେ ରହି ଗୋରୁ ଚରାଏ । ତୁ ଭୋଜନ ଓ ଜଳପାନ କର ।'' – ଶିଶୁ କହିଲେ । ସୁରଦାସ ଶିଶୁହସ୍ତରୁ ଭୋଜନ ଓ ଜଳ ଗ୍ରହଣ କଲେ । ତାଙ୍କର ଜନ୍ମଜନ୍ମାନ୍ତରର କ୍ଷୁଧା-ତୃଷ୍ଣା ଦୂର ହୋଇଗଲା । ଶିଶୁ କହିଲେ, ''ସୁରଦାସ, ଦିନ ଗଡ଼ିଗଲାଣି, ମୋ ଲାଠି ଧର, ମୋ ସଙ୍ଗେ ସଙ୍ଗେ ଆ ।'' କିଛି ଦୂରରେ ଗୋଟିଏ ତୋଟାରେ ଘନ ବୃକ୍ଷଛାୟାରେ ବସାଇଦେଇ କହିଲେ, ''ତୁ,

ଏହିଠାରେ ବିଶ୍ରାମ କର; ମୁଁ ତୋ ସକାଶେ ପ୍ରତିଦିନ ଭୋଜନ, ଜଳ ଦେଇଯିବି ।'' ଏହା କହି ସୁରଦାସଙ୍କ ମନକୁ ସଙ୍ଗରେ ନେଇ କପଟୀ ଶିଶୁ ଚାଲିଗଲେ । ଅନ୍ଧ ସୁରଦାସ ବିଚରା କ'ଣ କରନ୍ତେ । ଶିଶୁଙ୍କ ପ୍ରଥମ ଶବ୍ଦ ତାଙ୍କ ହୃଦୟକୁ ଅଧିକାର କରି ନେଇଥିଲା । ଶିଶୁବାକ୍ୟକୁ ଉଲ୍ଲଙ୍ଘନ କରିବାର ଶକ୍ତି, ସାମର୍ଥ୍ୟ ତାଙ୍କର ନ ଥିଲା । ସେ ସେଠାରେ ଶିଶୁପ୍ରେମରେ ବିଭୋର ହୋଇ ରହିଲେ । ସବୁ ସମୟରେ ତାଙ୍କ ପାଖରେ ଶିଶୁ ବସି କଥା କହୁଥା'ନ୍ତେ, ସେ ଶୁଣି ଆନନ୍ଦିତ ହୁଅନ୍ତେ – ଏହାହିଁ ସେ ଚାହୁଁଥିଲେ । ସେ ଶ୍ରୀକୃଷ୍ଣଙ୍କ ନାମଗୁଣ ଗାନ କରୁଥା'ନ୍ତି, ନେତ୍ରରୁ ଅଶ୍ରୁବୃଷ୍ଟି ହେଉଥାଏ, କିନ୍ତୁ ହୃଦୟକୁ ପୂର୍ଣ୍ଣରୂପେ ଅଧିକାର କରିଥାଏ ସେହି ମନୋମୋହନକାରୀ ଶିଶୁ । ସୁରଦାସ ସ୍ୱପ୍ନରେ, ଜାଗ୍ରତରେ ଶିଶୁର ପ୍ରତୀକ୍ଷାରେ ରହିଥା'ନ୍ତି । ଶିଶୁ ବରାବର ଭୋଜନ ଦେଇଯାନ୍ତି, ମିଠା ମିଠା ଦୁଇ ପଦ କଥା କହି ସୁରଦାସଙ୍କ ମନ ତଥା ହୃଦୟକୁ ସଙ୍ଗରେ ନେଇ ଚାଲିଯା'ନ୍ତି । ସୁରଦାସ ତାଙ୍କ ପାଇଁ ଛଟପଟ ହେଉଥା'ନ୍ତି । ସୁରଦାସଙ୍କର ସମସ୍ତ ଆସକ୍ତି କେନ୍ଦ୍ରିତ ହେଲା ଶିଶୁର କୋମଳ ମନୋମୋହନକାରୀ ବାକ୍ୟରେ । ସେ କ୍ଷଣକ ପାଇଁ ହେଲେ ଶିଶୁକୁ ଭୁଲି ପାରିଲେ ନାହିଁ । ସେ ଭାବିଲେ, ''ଯେଉଁ ବିପଦ ପାଇଁ ଘର, ପରିବାର, ଚିନ୍ତାମଣିକୁ ଛାଡ଼ିଲି, ଆଖି ଫୁଟାଇ ବସିଲି, ସେହି ବିପଦ ଶିଶୁରୂପେ ଏଠାରେ ପହଞ୍ଚିଲା । ଏହି ପ୍ରବଳ ମୋହ ଶ୍ରୀକୃଷ୍ଣଙ୍କ ଦର୍ଶନରେ ମହାନ୍ ବାଧା । ନା, ଆଉ ଏଠାରେ ରହିବି ନାହିଁ । ଏହା କହି ସୁରଦାସ ଉଠି ଚାଲିବାକୁ ଲାଗିଲେ । ଏହା ଥିଲା ତାଙ୍କ ମନର କ୍ଷଣିକ ବିଚାର । କିନ୍ତୁ ହୃଦୟ ଶିଶୁଠାରେ କ୍ଷଣେ ମାତ୍ର ପୃଥକ୍ ହେବାକୁ ଚାହୁଁ ନ ଥିଲା । ବ୍ୟକ୍ତି ଅନ୍ୟ ସକଳ ବାଧାବିପତ୍ତିରୁ ମୁକ୍ତ ହୋଇପାରେ; କିନ୍ତୁ ଥରେ ଯଦି ସେହି ଚିତ୍ତଚୋରର ହାବୁଡ଼ରେ ପଡ଼େ, ତେବେ ସେଥିରୁ ମୁକ୍ତ ହେବାର ଆଉ ଅନ୍ୟ ଉପାୟ ନ ଥାଏ । ମନୁଷ୍ୟର ମନ-ପ୍ରାଣ-ଆତ୍ମା ସମସ୍ତ ସତ୍ତା ତାଙ୍କରି ଚରଣକମଳରେ ଭ୍ରମର ସଦୃଶ ପ୍ରେମ-ମକରନ୍ଦ ପାନ କରୁଥାଏ । ସୁରଦାସଙ୍କ ଶରୀର ଯାତ୍ରା ଆରମ୍ଭ କଲା । ମାତ୍ର ମନ-ପ୍ରାଣ-ହୃଦୟ ଶିଶୁ ବିୟୋଗରେ ବ୍ୟାକୁଳ ହୋଇପଡ଼ିଲା । ଯେ ସେହି ଶିଶୁକୁ

ଚାହେଁ, ସେ ତା' ଠାରୁ କ୍ଷଣକ ପାଇଁ ପୃଥକ୍ ହୋଇପାରେ ନାହିଁ । ସୁରଦାସଙ୍କ ହୃଦୟର ବ୍ୟାକୁଳତା ଜାଣି ତତ୍‌କ୍ଷଣାତ୍ ସେହି ଶିଶୁ ପହଞ୍ଚିଗଲେ । ମୃଦୁହାସ୍ୟରେ କହିଲେ, ''ସୁରଦାସ, ମୋ ଉପରେ ରାଗି କରି କୁଆଡ଼େ ଚାଲିଯାଉଛୁ ?'' ଶିଶୁର ପ୍ରେମପୂର୍ଣ୍ଣ ମୋହିନୀ ମନ୍ତ୍ରବାଣୀ ଶୁଣିବା ମାତ୍ରେ ସୁରଦାସଙ୍କ ଉପର ମନରେ ଯେଉଁ ବୈରାଗ୍ୟ ଥିଲା ତାହା ସେହିକ୍ଷଣି ଉଭେଇଗଲା ଏବଂ ହୃଦୟ ଆନନ୍ଦରେ ପୂର୍ଣ୍ଣ ହୋଇଗଲା । ସେ ଚାହୁଁ ଥିଲେ ଶିଶୁକୁ ହୃଦୟମନ୍ଦିରରେ ରଖି ବନ୍ଦ କରି ଦେବେ, ଆଉ କେବେ ଛାଡ଼ିବେ ନାହିଁ । ଏହି ହୃଦୟର ଭାବକୁ ପ୍ରକାଶ ନ କରି ସେ କହିଲେ, ''ବାପା, ମୁଁ ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କ ଦର୍ଶନ ସକାଶେ ଯାଉଛି ।''– ''ତୁ ତ ଦେଖିପାରୁ ନାହୁଁ, ଯିବୁ କିପରି ? ମୋ ହାତ ଧର, ମୁଁ ତୋତେ ବୃନ୍ଦାବନରେ ପହଞ୍ଚାଇଦେବି ।'' ଏହା କହି ଶିଶୁ ସୁରଦାସଙ୍କର ହାତ ଆଡ଼କୁ ନିଜ ହାତ ବଢ଼ାଇ ଦେଲେ । ସୁରଦାସ ଶିଶୁର ହାତକୁ ଧରିବା ମାତ୍ରେ ତାଙ୍କର ଅନ୍ତର୍ଦୃଷ୍ଟି ଉନ୍ମୁକ୍ତ ହୋଇଗଲା । ସେ ମନୋମୋହନକାରୀ କପଟୀ ଶିଶୁକୁ ଚିହ୍ନିପାରିଲେ ।

''ପ୍ରଭୁ, ଯେଉଁମାନେ ତୁମରି ଚରଣରେ ସର୍ବସ୍ୱ ସ୍ୱାହା କରି ଦେଇଛନ୍ତି, ସେମାନଙ୍କର ଆଉ ଅଛି କିଏ ? ଅଛ କେବଳ ତୁମେ । ତୁମେ ସେମାନଙ୍କର ସର୍ବସ୍ୱ । ସେହିମାନେ ଯଥାର୍ଥରେ ସନାଥ । ସେମାନଙ୍କର ସମସ୍ତ ଭାର ତୁମ ଉପରେ । ତୁମେ କରୁଣାସାଗର ବାଞ୍ଛାକଳ୍ପତରୁ । ତୁମର ଏହି ଉଦାର ଗୁଣ ଯୋଗୁଁ ସମସ୍ତପ୍ରକାର ଅସହାୟ ବ୍ୟକ୍ତି ତୁମରି ଶରଣ ନିଅନ୍ତି । ଯେ ସମସ୍ତ ଆଶାଭରସାବିହୀନ ହୋଇ ତୁମକୁ ଡାକେ ତା' ଡାକ ଶେଷ ହେବା ପୂର୍ବରୁ ତୁମେ ତାକୁ ରକ୍ଷା କର । ରାଜସଭାରେ ଦ୍ରୌପଦୀ ବିବସ୍ତ୍ର ହେବା ସମୟରେ ତାଙ୍କ ମୁଖରୁ ଶବ୍ଦ ଶେଷ ହେବା ପୂର୍ବରୁ ସେଠାରେ ସ୍ୱୟଂ ବସ୍ତ୍ରରୂପ ଧାରଣ କଲ । ତୁମ ଛଡ଼ା ଅନ୍ଧ ସୁରଦାସଙ୍କ ହାତ ଧରି ପଥ ଦେଖାଇବ କିଏ ? ତୁମଛଡ଼ା ସଂସାରରେ କିଏ ଅଛି ଯେ ଆଶ୍ରିତ ବ୍ୟକ୍ତିର ଆଶ୍ରୟ ହେବ ? ଧନ୍ୟ ପ୍ରଭୁ ତୁମ ଭକ୍ତବତ୍ସଳତା, ଦୟା, କରୁଣା ଗୁଣକୁ । ଏହିପରି ଅସହାୟ ଶରଣାଗତ ବ୍ୟକ୍ତିଙ୍କ ସକାଶେ ତୁମ ଦ୍ୱାର ସର୍ବଥା ବିନା ବାଧାରେ ଉନ୍ମୁକ୍ତ ଥାଏ । ନିଜେ ଦୟାବଶ

ହୋଇ ଅସହାୟ ବ୍ୟକ୍ତିଙ୍କୁ ଅଭୟ ଦେବା ସକାଶେ ବାହୁ ପ୍ରସାର କରି ତୁମେ ବସିଥାଅ । କିନ୍ତୁ ଆମ୍ଭେମାନେ କିପରି ଅଭାଗା, ଏପରି କୃପାସିନ୍ଧୁ ସ୍ୱାମୀଙ୍କୁ ଭୁଲି କାକର ଦ୍ୱାରା ତୃଷା ନିବାରଣ କରିବାକୁ ଚାହୁଁଅଛୁ ।''

## ଅନ୍ତର୍ଦୃଷ୍ଟି ଉନ୍ମୁକ୍ତ

ସେହି ଯଥାର୍ଥରେ ସୁଖୀ, ସଂସାରରେ ଜନ୍ମ ନେବାରେ ତାହାରି ଜୀବନ ସାର୍ଥକ ଯେ ତୁମରି ଚରଣରେ ସର୍ବସ୍ୱ ସମର୍ପଣ କରି ତୁମରି ଅଭୟ ବାହୁ ତଳେ ଆଶ୍ରୟ ନେଇଛି ।

ସୁରଦାସ ଆଜି ଧନ୍ୟ । ଆଖି ଫୋଡ଼ିବାର କଳ୍ପନାତୀତ ଫଳ ସେ ଆଜି ପ୍ରାପ୍ତ ହୋଇଛନ୍ତି । ସ୍ୱୟଂ ଅଶେଷ ବ୍ରାହ୍ମାଣ୍ଡନାୟକ ମୁନି-ମନ-ଅଗୋଚର ପ୍ରଭୁ ସୁରଦାସଙ୍କ ହାତରେ ନିଜ ହାତ ଧରେଇଦେଇ ତାଙ୍କୁ ରାସ୍ତା ଚଳାଉଛନ୍ତି । ସୁରଦାସଙ୍କ ପିତା-ମାତା, ପରିବାର, ବନ୍ଧୁବାନ୍ଧବ ସମସ୍ତେ ଆଜି କୃତାର୍ଥ । ହେ ପ୍ରଭୁ, ତୁମେ ତୁମ ଆଶ୍ରିତକୁ ଯଦି କୋଟିଏ ପିତାମାତା, ବନ୍ଧୁ, ସଖାଠାରୁ ଅନନ୍ତ ଗୁଣରେ ଲାଳନ-ପାଳନ, ସ୍ନେହମମତା ନ କରନ୍ତ, ସମସ୍ତ ବିପଦ-ଆପଦରୁ ରକ୍ଷା ନ କରନ୍ତ, ତେବେ ଭକ୍ତର ଅସ୍ତିତ୍ୱ ରହନ୍ତା କେଉଁଠି ? ଭକ୍ତ ତୁମର ପ୍ରିୟ, ତୁମେ ତାଙ୍କର ପ୍ରାଣର ପ୍ରାଣ ।

ଶ୍ରୀକୃଷ୍ଣ କିଛି ସମୟ ପରେ କହିଲେ, ''ସୁରଦାସ, ତୁ ବୃନ୍ଦାବନରେ ପହଞ୍ଚିଗଲୁ । ଏହାହିଁ ବୃନ୍ଦାବନ । ତୁ ଏଠାରେ ରହ, ମୁଁ ଯାଉଛି । ସୁରଦାସ ଶିଶୁକୁ ଚିହ୍ନି ନ ପାରିବା ଯୋଗୁଁ ପୂର୍ବେ ତାଙ୍କ ପ୍ରତି ବୈରାଗ୍ୟ ଆସିଥିଲା । ଆଜି ସେ ଅନ୍ତର ଦୃଷ୍ଟିରେ ନିଜ ଇଷ୍ଟଦେବଙ୍କୁ ଚିହ୍ନି ନେଇଛନ୍ତି । ତାଙ୍କ ସ୍ନିଗ୍ଧ ଲାବଣ୍ୟ ମନୋମୋହନ ରୂପସମୁଦ୍ରରେ ସେ ବୁଡ଼ି ବିଭୋର ହୋଇ ଯାଇଛନ୍ତି । ତାଙ୍କ ହୃଦୟରେ ଶ୍ରୀକୃଷ୍ଣଙ୍କ ପ୍ରେମାନନ୍ଦ-ସ୍ରୋତ ପ୍ରବଳ ବେଗରେ ପ୍ରବାହିତ ହେଉଛି । ସେ ଚାହୁଁଛନ୍ତି ଶ୍ରୀକୃଷ୍ଣଙ୍କୁ ନିଜ ହୃଦୟରେ ବନ୍ଦ କରି ରଖିନେବେ, କ୍ଷଣକ ସକାଶେ ଛାଡ଼ିବେ ନାହିଁ । ଶ୍ରୀକୃଷ୍ଣଙ୍କ ଯିବା କଥା ଶୁଣି ଶ୍ରୀକୃଷ୍ଣଙ୍କ ହାତକୁ ଆହୁରି ଦୃଢ଼

ଭାବରେ ଧରିଲେ । ଶ୍ରୀକୃଷ୍ଣ କହିଲେ, ‘‘ସୁରଦାସ, ମୋ ହାତ ଛାଡୁଛୁ କି ନାହିଁ ?’’ ‘‘ନା, ମୁଁ ତୁମକୁ ଛାଡ଼ିପାରିବି ନାହିଁ ।’’ ସୁରଦାସ ଉତ୍ତର ଦେଲେ । ଏକଥା ଶୁଣିବା ମାତ୍ରେ ଶ୍ରୀକୃଷ୍ଣ ବଳପୂର୍ବକ ନିଜ ହାତ ସୁରଦାସଙ୍କ ହାତରୁ ଛଡ଼େଇ ନେଲେ । ସୁରଦାସ କହିଲେ :

‘‘ହାଥ ଛୁଡ଼ାଏ ଜାତ ହୌ, ନିବଲ ଜାନିକୈ ମୋହି ।
ହୃଦୟତେଁ ଜବ ଜାହୁଗେ, ସବଲ ବଦୌଁ ଗୋ ତୋହି ।।’’

ଅର୍ଥାତ୍ :

‘‘ମୋତେ ଦୁର୍ବଳ ଜାଣି ହାତ ଛଡ଼େଇ ନେଇଗଲ, ଯଦି ମୋ ହୃଦୟରୁ ଯାଇପାର ତେବେ ତୁମକୁ ସବଳ ବୋଲି କହିବି ।’’

ଏ ତ ନୂଆ କଥା ନୁହେଁ । ଯେଉଁ ଭକ୍ତ ସର୍ବସ୍ୱ ଭଗବାନଙ୍କ ଚରଣରେ ନିବେଦନ କରିସାରିଥାଏ, ଅହଂସ୍ୱାର୍ଥର ନାମଗନ୍ଧ ନ ଥାଏ, ସେହି ଭକ୍ତମାନଙ୍କ ସହିତ ଭଗବାନ୍ ଖେଳକୌତୁକ, ପ୍ରେମକଳହ କରନ୍ତି । ସେଥିରେ ସେ ବହୁତ ମଜା ପା’ନ୍ତି । ସୁରଦାସଙ୍କ ସଙ୍ଗେ କଳି କରି ଶ୍ରୀକୃଷ୍ଣ ଚାଲିଗଲେ, ସୁରଦାସ ସେହିଠାରେ ବସିରହିଲେ ।

ସୁରଦାସ ବର୍ତ୍ତମାନ ବୃନ୍ଦାବନରେ । ଯେଉଁ ବୃନ୍ଦାବନରେ ପ୍ରାଣପ୍ରିୟ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବା ସକାଶେ ସର୍ବସ୍ୱ ତ୍ୟାଗ କରି ଆଖି ଫୋଡ଼ିଥିଲେ ସେହି ବୃନ୍ଦାବନରେ ସେ ପହଞ୍ଚିଛନ୍ତି । ସେହି ବୃନ୍ଦାବନ ତାଙ୍କ ପ୍ରାଣପ୍ରିୟ ଶ୍ରୀକୃଷ୍ଣଙ୍କ ଲୀଳାସ୍ଥଳୀ, ତା’ର ପ୍ରତି ଧୂଳିକଣାରେ ଶ୍ରୀକୃଷ୍ଣଙ୍କ ପଦ ଅଙ୍କିତ ହୋଇଛି । ସମସ୍ତ ବୃକ୍ଷଲତା ଶ୍ରୀକୃଷ୍ଣଙ୍କ ପ୍ରେମରେ ପାଳିତ । ବୃନ୍ଦାବନରେ ପଶୁପକ୍ଷୀ ଶ୍ରୀକୃଷ୍ଣଙ୍କ ପ୍ରେମରେ ପାଗଳ । ବୃନ୍ଦାବନର ସମସ୍ତ ବସ୍ତୁରେ ଶ୍ରୀକୃଷ୍ଣଙ୍କ ପ୍ରେମ ଓତପ୍ରୋତ । ବୃନ୍ଦାବନ ଶ୍ରୀକୃଷ୍ଣଙ୍କ ସ୍ୱରୂପ । ବୃନ୍ଦାବନ ଶ୍ରୀକୃଷ୍ଣଙ୍କ ନିତ୍ୟ ଲୀଳାସ୍ଥଳୀ । ବୃନ୍ଦାବନ ଛାଡ଼ି ଶ୍ରୀକୃଷ୍ଣ ଏକକ୍ଷଣ ଅନ୍ୟତ୍ର ରହିପାରନ୍ତି ନାହିଁ । ଏହି ରହସ୍ୟ ଅନୁଭବ କରନ୍ତି ତାଙ୍କ ଅନ୍ତରଙ୍ଗ ଭକ୍ତ ।

## ଶ୍ରୀକୃଷ୍ଣଙ୍କ ପ୍ରତ୍ୟକ୍ଷ ଦର୍ଶନ

ଆଜି ସେହି ବୃନ୍ଦାବନରେ ସୁରଦାସ ଭଗବତ୍ ପ୍ରେମ-ସମୁଦ୍ରରେ ଭାସୁଛନ୍ତି । ବୃକ୍ଷଲତା, ପଶୁପକ୍ଷୀରେ ସେ ଅନୁଭବ କରୁଛନ୍ତି ଶ୍ରୀକୃଷ୍ଣଙ୍କୁ । ପ୍ରତି ଧୂଳିକଣାରେ ପ୍ରକାଶିତ ହେଉଛି ସେହି ନଟନାଗର ଶ୍ରୀକୃଷ୍ଣଙ୍କ ମୁନିମନୋମୋହିନୀ ରୂପ । କର୍ଣ୍ଣକୁହରରେ ଗୁଞ୍ଜରିତ ହେଉଛି ଶ୍ରୀକୃଷ୍ଣଙ୍କ ବଂଶୀଧ୍ୱନି । ଏହି ଆନନ୍ଦରେ ସୁରଦାସ ନିମଗ୍ନ । କ୍ଷୁଧା, ତୃଷ୍ଣା ଓ ଶରୀରର ଜ୍ଞାନ ନାହିଁ । ଏହି ଅବସ୍ଥାରେ ଶ୍ରୀକୃଷ୍ଣ ହାତରେ ଦୁଧ-ଭାତର ଦାନାଟିଏ ନେଇ ସୁରଦାସଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ବଂଶୀ ବଜାଇବାକୁ ଲାଗିଲେ । ଯେଉଁ ବଂଶୀଧ୍ୱନିରେ ପଥର ତରଳି ଯାଏ, ମହାନ୍ ଜ୍ଞାନୀ-ଋଷି-ମୁନି ବ୍ରହ୍ମଜ୍ଞାନ ଭୁଲି ପ୍ରେମ-ପାଗଳ ହୋଇଯା'ନ୍ତି, ଯେଉଁ ବଂଶୀଧ୍ୱନି ଶୁଣି ଗୋପୀମାନେ ପତିପୁତ୍ର ଘରପରିବାର ତ୍ୟାଗ କରି ବଣକୁ ଦୌଡ଼ି ଆସିଥିଲେ, ସେହି ବଂଶୀଧ୍ୱନି ଶୁଣିବା ମାତ୍ରେ ସୂର୍ଯ୍ୟ ପ୍ରକାଶରେ କମଳ ପ୍ରସ୍ଫୁଟିତ ହେବା ସଦୃଶ ସୁରଦାସ ଯେଉଁ ନେତ୍ରକୁ ସୂଚୀରେ ଫୋଡ଼ି ଅନ୍ଧ ହୋଇଥିଲେ ସେହି ନେତ୍ର ଖୋଲିଗଲା । ଶ୍ରୀକୃଷ୍ଣ ତାଙ୍କ ସମ୍ମୁଖରେ ତ୍ରିଭଙ୍ଗୀ ଠାଣିରେ ଛିଡ଼ା ହୋଇଥା'ନ୍ତି । ଚରଣକମଳରେ ସୁବର୍ଣ୍ଣ ନୂପୁର ଶୋଭା ପାଉଥାଏ । ମୁନି-ମନ-ମୋହିନୀ ବଂଶୀ ବଜାଉଥା'ନ୍ତି । ମସ୍ତକରେ ମୟୂରମୁକୁଟ, ଗଳାରେ ବୈଜୟନ୍ତୀ ମାଳା ଶୋଭା ପାଉଥାଏ । ଶ୍ରୀକୃଷ୍ଣଙ୍କ ଅଲୌକିକ ରୂପଲାବଣ୍ୟସିନ୍ଧୁରେ ସୁରଦାସ ବୁଡ଼ି ତାଙ୍କ ଚରଣରେ ପଡ଼ିଗଲେ । ତାଙ୍କର ଶରୀରସ୍ମୃତି ସଂପୂର୍ଣ୍ଣ ବିଲୁପ୍ତ ହୋଇଗଲା । ଏହି ଅବସ୍ଥାରେ ଶ୍ରୀକୃଷ୍ଣ ସୁରଦାସଙ୍କୁ ଉଠାଇ ହୃଦୟରେ ଲଗାଇଲେ । ଦୁଧଭାତ ଦନା ଦେଇ ଶ୍ରୀକୃଷ୍ଣ ଅନ୍ତର୍ଦ୍ଧାନ ହୋଇଗଲେ । କିନ୍ତୁ ନିବାସ କଲେ ସୁରଦାସଙ୍କ ନେତ୍ରରେ । ସୁରଦାସଙ୍କ ନେତ୍ର ଯେଉଁଠି ପଡ଼େ ସେଇଠି ସେ ଶ୍ରୀକୃଷ୍ଣଙ୍କୁ ଦେଖନ୍ତି । ଶ୍ରୀକୃଷ୍ଣ ଆଉ ତାଙ୍କ ପାଖରୁ ଅନ୍ତର ହୁଅନ୍ତି ନାହିଁ । ଏହି ପ୍ରେମାନନ୍ଦ ଅବସ୍ଥାରେ ସେ ଚିନ୍ତାମଣିକୁ ସ୍ମରଣ କଲେ । ଚିନ୍ତାମଣିର ଉପଦେଶରୁ ତାଙ୍କୁ ଏହି ଅଲୌକିକ ଭଗବତ୍ ପ୍ରେମ ପ୍ରାପ୍ତ ହୋଇଥିବା ଭାବି ସେ ଚିନ୍ତାମଣି ପ୍ରତି ମନେ ମନେ କୃତଜ୍ଞତା ଜ୍ଞାପନ କଲେ ।

ସୁରଦାସ ଚିନ୍ତାମଣିଙ୍କୁ ସ୍ମରଣ କରିଥିବା ନାଭାଜିଙ୍କ ଭକ୍ତମାଳରେ ପ୍ରିୟାଦାସଜି ତାଙ୍କ ଟୀକାରେ ଲେଖିଛନ୍ତି :

''ମାନିକୈ ପ୍ରତାପ ଚିନ୍ତାମଣି ମନ-ମାଁଝ ଭଈ,
'ଚିନ୍ତାମନି ଜୈତି' ଆଦି ବୋଲେ ରସ-ରାସ ହୈ ॥''

''ଚିନ୍ତାମଣିର ଉପଦେଶର ପ୍ରଭାବରୁ ମୋତେ ଭଗବତ୍ ଦର୍ଶନ ଏବଂ ଭଗବତ୍ ପରମ ପ୍ରେମ ପ୍ରାପ୍ତ ହୋଇଛି । ଏହା ଭାବି ଆନନ୍ଦରେ ବିଭୋର ହୋଇ 'ଚିନ୍ତାମଣିର ଜୟ ହେଉ', ଏହି ଶବ୍ଦ ବିଲ୍ୱମଙ୍ଗଳ ଉଚ୍ଚାରଣ କଲେ ।''

ଶ୍ରୀକୃଷ୍ଣଙ୍କ ଦର୍ଶନ ହେବା ପରେ ସୁରଦାସ ସଂସ୍କୃତରେ ସ୍ୱରଚିତ ''ଶ୍ରୀକୃଷ୍ଣକର୍ଣ୍ଣାମୃତ'' ଗ୍ରନ୍ଥରେ ଲେଖିଛନ୍ତି :

''ଚିନ୍ତାମଣିର୍ଜୟତି ସୋମଗିରିର୍ଗୁରୁର୍ମେ
ଶିକ୍ଷାଗୁରୁଶ୍ଚ ଭଗବନ୍ ଶିଖିପୁଚ୍ଛମୌଳିଃ ।''

''ଚିନ୍ତାମଣିର ଜୟ ହେଉ । ମୋର ଦୀକ୍ଷାଗୁରୁ ସୋମଗିରି ଏବଂ ଶିକ୍ଷାଗୁରୁ ମସ୍ତକରେ ମୟୂରମୁକୁଟ ଧାରଣ କରିଥିବା ଶ୍ରୀକୃଷ୍ଣ ।''

## ଚିନ୍ତାମଣିଙ୍କର ଭଗବତ୍ ଦର୍ଶନ

ପାଠକ ଚିନ୍ତାମଣିଙ୍କୁ ଭୁଲି ନ ଥିବେ । ଯେଉଁଦିନ ବିଲ୍ୱମଙ୍ଗଳ ଶ୍ରୀକୃଷ୍ଣଙ୍କ ପ୍ରାପ୍ତି ସକାଶେ ଚିନ୍ତାମଣିର ଉପଦେଶ ଶିରୋଧାର୍ଯ୍ୟ କରି ଚିନ୍ତାମଣିକୁ ଛାଡ଼ି ଆସିଥିଲେ, ସେହିଦିନ ଚିନ୍ତାମଣି ବସ୍ତ୍ର, ଅଳଙ୍କାର, ଧନସମ୍ପତ୍ତି ଗରିବଙ୍କୁ ବାଣ୍ଟି ସନ୍ନ୍ୟାସିନୀ ବେଶରେ ଗୃହତ୍ୟାଗ କରି ଶ୍ରୀକୃଷ୍ଣଙ୍କ ଦର୍ଶନ ସକାଶେ ଯାତ୍ରା କରିଥିଲେ । କେତେ ପୁଣ୍ୟକ୍ଷେତ୍ରରେ ସାଧୁସନ୍ଥଙ୍କୁ ଦର୍ଶନ କରି ଭଗବତ୍ ପ୍ରେମରେ ନିମଗ୍ନ ରହୁଥିଲେ ।

ବୃନ୍ଦାବନରେ ଭକ୍ତ ବିଲ୍ୱମଙ୍ଗଳ ସୁରଦାସଙ୍କୁ ଭଗବତ୍ ଦର୍ଶନ ହୋଇଥିବା ଶୁଣି ସେ ପୂର୍ବ ସ୍ନେହକୁ ସ୍ମରଣ କରି ତାଙ୍କୁ ଦର୍ଶନ କରିବା ସକାଶେ ବୃନ୍ଦାବନରେ ପହଞ୍ଚିଲେ । ଚିନ୍ତାମଣିକୁ ବିଲ୍ୱମଙ୍ଗଳ ଦେଖିବା ମାତ୍ରେ ଅତ୍ୟନ୍ତ ସମ୍ମାନ ସହିତ

ଉଠି ଛିଡ଼ା ହେଲେ ଏବଂ ତାକୁ ଆଦର ସହକାରେ ପାଖରେ ବସାଇ ପ୍ରତ୍ୟହ ଶ୍ରୀକୃଷ୍ଣଙ୍କ ହାତରୁ ପାଉଥିବା ଦୁଧଭାତ ଦନା ଚିନ୍ତାମଣିକୁ ଦେଲେ । ଚିନ୍ତାମଣି ପଚାରିଲେ, ''ଏହି ଦୁଧଭାତ କେଉଁଠୁ ପାଇଲ ?'' ''ଶ୍ରୀକୃଷ୍ଣ ପ୍ରତିଦିନ ମୋତେ ଦେଇଯା'ନ୍ତି''– ସୁରଦାସ ଉତ୍ତର ଦେଲେ । ''ତୁମକୁ ଶ୍ରୀକୃଷ୍ଣ ଦେଇଛନ୍ତି ତୁମେ ଗ୍ରହଣ କର । ମୋତେ ଶ୍ରୀକୃଷ୍ଣ ଦେଲେ ମୁଁ ତାଙ୍କରି ହାତରୁ ଗ୍ରହଣ କରିବି ।'' ଚିନ୍ତାମଣି ଭୋଜନ ନ କରିବାରୁ ସୁରଦାସ ମଧ ଗୋଟିଏ ଦାନା ମୁଖରେ ଦେଲେ ନାହିଁ । ଉଭୟେ ଶ୍ରୀକୃଷ୍ଣଙ୍କ ଗୁଣଗାନ କଲେ । ଶ୍ରୀକୃଷ୍ଣ ସ୍ୱୟଂ ଆସି ଚିନ୍ତାମଣିକୁ ଦର୍ଶନ ଦେଲେ ଏବଂ ଦୁଧଭାତ ଦନା ଦେଇଗଲେ । ଶ୍ରୀକୃଷ୍ଣଙ୍କ ଦର୍ଶନରେ ଚିନ୍ତାମଣି କୃତକୃତ୍ୟ ହୋଇ ଶେଷ ଜୀବନ ପର୍ଯ୍ୟନ୍ତ ବୃନ୍ଦାବନରେ ବାସ କରିଥିଲେ ।

ବିଲ୍ୱମଙ୍ଗଳ ଏବଂ ଚିନ୍ତାମଣି ଉଭୟ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରି ଶ୍ରୀକୃଷ୍ଣ ପ୍ରେମ-ସମୁଦ୍ରରେ ଦିବାନିଶି ବୁଡି ରହୁଥିଲେ ଏବଂ ସମୟ କ୍ରମେ ନଶ୍ୱର ଶରୀର ତ୍ୟାଗ କରି ଗୋଲୋକ ନିତ୍ୟ ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କ ସେବା ପ୍ରାପ୍ତ ହେଲେ ।

ଶ୍ରୀ ନାଭାଜି ଭକ୍ତମାଳ ତଥା ଅନ୍ୟାନ୍ୟ ବ୍ୟକ୍ତିଙ୍କଦ୍ୱାରା ରଚିତ ବିଲ୍ୱମଙ୍ଗଳଙ୍କ ଜୀବନଚରିତରେ ତାଙ୍କ ସତୀ ସାଧ୍ୱୀ ଭଗବତ୍ ଭକ୍ତା ପତ୍ନୀଙ୍କ ବିଷୟରେ କିଛି ଉଲ୍ଲେଖ କରାହୋଇ ନାହିଁ । କିନ୍ତୁ ତାଙ୍କର ସଦ୍‌ଗତି ଏବଂ ଭଗବତ୍ ପ୍ରାପ୍ତି ନିଶ୍ଚିତ ହୋଇଥିବ । ସେ ଯେପରି ପତିପରାୟଣା ସତୀ ଥିଲେ ସେହିପରି ଭଗବତ୍ ଭକ୍ତା ଥିଲେ । ଭଗବତ୍ ଭକ୍ତି ଛଡ଼ା ସ୍ୱାର୍ଥ ଏବଂ ଅହଂ କୌଣସି ବ୍ୟକ୍ତି ତ୍ୟାଗ କରିପାରେ ନାହିଁ । ଯୁବାବସ୍ଥାରେ ପତି ଦ୍ୱାରା ତିରସ୍କୃତା ହୋଇ ସେ ପତିକୁ ହିଂସା କରିବା ପରିବର୍ତ୍ତେ ପତିର କଲ୍ୟାଣ ସକାଶେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ ଏବଂ ବିଲ୍ୱମଙ୍ଗଳଙ୍କୁ ସମ୍ମାନ କରୁଥିଲେ । ଅତଏବ ତାଙ୍କର ଉଦ୍ଧାର ନିଶ୍ଚିତ ।

ବୃନ୍ଦାବନରେ ତିନିଜଣ ମହାନ୍ ସନ୍ଥ ସୁରଦାସ ନାମରେ ପ୍ରଖ୍ୟାତ ଥିଲେ । ତିନିଜଣ ଯାକ କବି ଏବଂ ମହାନ୍ ଭକ୍ତ ଥିଲେ । ପ୍ରତ୍ୟେକେ ଭଗବାନଙ୍କୁ ସ୍ଥୂଳ ଦୃଷ୍ଟିରେ ମଧ ଦର୍ଶନ କରିଥିଲେ । ତିନିଜଣ ସନ୍ଥଙ୍କ ମଧରୁ ପ୍ରତ୍ୟେକେ ସୁରଦାସ

ନାମରେ ପରିଚିତ ଥିବାରୁ କେଉଁ ଚରିତ କେଉଁ ସୁରଦାସଙ୍କର ନିର୍ଣ୍ଣୟ କରିବାରେ ପାଠକମାନଙ୍କୁ ଅସୁବିଧା । ଏହି ଅସୁବିଧା ଦୂର କରିବା ସକାଶେ ଏଠାରେ ସୁରଦାସଙ୍କ ପରିଚୟ ଦେବା ଉଚିତ ହେବ । ଉପରୋକ୍ତ 'ଶ୍ରୀକୃଷ୍ଣକର୍ଣ୍ଣାମୃତ' ଗ୍ରନ୍ଥର ରଚୟିତା ହେଉଛନ୍ତି ବିଲ୍ୱମଙ୍ଗଳ ସୁରଦାସ ।

'ସୁରସାଗର' ତଥା ଅନ୍ୟ ବହୁ ଗ୍ରନ୍ଥ ରଚୟିତା, ମହାନ୍ ସଂଗୀତଜ୍ଞ ଆଚାର୍ଯ୍ୟ ବଲ୍ଲଭାଚାର୍ଯ୍ୟଙ୍କ ଶିଷ୍ୟ ସୁରଦାସ ସେମାନଙ୍କ ମଧ୍ୟରୁ ଜଣେ । ତୃତୀୟ ସୁରଦାସଙ୍କ ନାମ ଥିଲା ମଦନମୋହନ ସୁରଦାସ । ସେ ବି କବି ଥିଲେ । ସେ ନେତ୍ରରେ ଦେଖି ପାରୁଥିଲେ । ତାଙ୍କୁ କେଉଁ ସକାଶେ ସୁରଦାସ କୁହାହୋଇଛି ତାହା ଉଲ୍ଲେଖ ନାହିଁ କିନ୍ତୁ ଏହି ମହାନ୍ ସନ୍ଥ ତିନିଜଣ ସୁରଦାସଙ୍କୁ ପାଠକମାନେ ବୁଝିପାରିବା ସକାଶେ ଏଠାରେ ସେମାନଙ୍କର ସଂକ୍ଷିପ୍ତ ପରିଚୟ ଦିଆଗଲା ।

ବୋଲ ଭକ୍ତ ଭଗବାନଙ୍କର ଜୟ ।

## ଭକ୍ତ ରାମଦାସଜି

ନାଭାଜି ତାଙ୍କ ଭକ୍ତମାଳରେ ଭକ୍ତ ରାମଦାସଜିଙ୍କ ଚରିତ୍ର ବର୍ଣ୍ଣନ କରିଛନ୍ତି । ଆଜି ମଧ୍ୟ ଉତ୍ତର ପ୍ରଦେଶ, ଗୁଜରାଟ, ମଧ୍ୟପ୍ରଦେଶ, ବିଶେଷତଃ ଦ୍ୱାରିକା ତଥା ଡାକୋରର ଧାର୍ମିକ ଜନସମାଜରେ ଭକ୍ତ ରାମଦାସଙ୍କ ଭକ୍ତିପ୍ରଭାବ ପରମ୍ପରାକ୍ରମେ ପ୍ରଚଳିତ ଓ ଜନସ୍ମୃତିରେ ଆଲୋଚିତ ହୋଇ ଆସୁଛି । ଆଜି ଆମ୍ଭେମାନେ ନାଭାଜିଙ୍କ ଭକ୍ତମାଳର ପ୍ରିୟାଦାସଜିଙ୍କ ଟୀକା ଆଧାରରେ ଭକ୍ତ ରାମଦାସଜିଙ୍କ ଜୀବନର ଦୃଢ଼ଭକ୍ତି ଓ ନିଷ୍ଠାର ଗୋଟିଏ ଘଟନା ଲେଖି ପଢ଼ି, ଶୁଣି ନିଜ ଜୀବନକୁ ସାର୍ଥକ କରିବା ।

ଭକ୍ତ ରାମଦାସଙ୍କ ଜନ୍ମ ଗୋଟିଏ ବ୍ରାହ୍ମଣ ପରିବାରରେ ଦ୍ୱାରିକା ନିକଟସ୍ଥ ପ୍ରସିଦ୍ଧ ତୀର୍ଥସ୍ଥାନ ଡାକୋରରେ ହୋଇଥିଲା । ପୂର୍ବ ସଂସ୍କାର ଏବଂ ପିତାମାତାଙ୍କ ପ୍ରଭାବରୁ ତାଙ୍କର ବାଲ୍ୟାବସ୍ଥାରୁ ଭଗବତ୍ ଭକ୍ତି ଉତ୍ପନ୍ନ ହୋଇଥିଲା । ସେ ସାଧୁ-ସନ୍ଥ, ଭକ୍ତ ତଥା ଭଗବାନଙ୍କ ବିଗ୍ରହ-ଦର୍ଶନରେ ବିଶେଷ ଆନନ୍ଦିତ ହେଉଥିଲେ । ତାଙ୍କର ଶ୍ରୀକୃଷ୍ଣ ନାମ-ଜପରେ ଅତ୍ୟନ୍ତ ନିଷ୍ଠା ସହିତ ପ୍ରୀତି ଥିଲା । ସେ ନିୟମିତ ରୂପେ ନିଷ୍ଠା ସହିତ ପ୍ରତି ଏକାଦଶୀକୁ ଦ୍ୱାରିକା ଯାଇ ଭଗବାନ୍ ରଣଛୋଡ଼ଜିଙ୍କ ଦର୍ଶନ କରୁଥିଲେ ଏବଂ ରାତ୍ରି ଜାଗରଣ କରି ତହିଁ ଆରଦିନ ସକାଳୁ ଘରକୁ ଫେରି ଯାଉଥିଲେ । ତାଙ୍କ ଭକ୍ତିଭାବ, ନମ୍ରତା, ସରଳତା ତଥା ନିଷ୍କପଟ, ନିର୍ଲୋଭତା ଗୁଣରେ ରଣଛୋଡ଼ଜିଙ୍କ ପୂଜାରୀ ତଥା କାର୍ଯ୍ୟକର୍ତ୍ତା ଏବଂ ଅନ୍ୟ ବ୍ୟକ୍ତିମାନେ ମୁଗ୍ଧ ଥିଲେ । ତାଙ୍କ ବୟସ ବୃଦ୍ଧି ସହିତ ଭଗବତ୍-ଦର୍ଶନ ନିଷ୍ଠା, ଭଗବତ୍ ଭକ୍ତିରେ ଅନୁରାଗ ବୃଦ୍ଧି ହେବାକୁ ଲାଗିଲା । ଭଗବାନ୍ ଦିବ୍ୟ ଗୁଣର ଭଣ୍ଡାର । ଭଗବାନଙ୍କୁ ଭକ୍ତି କଲେ ବ୍ୟକ୍ତିର ଆଧାର ଧାରଣ କରିବା ଶକ୍ତି ଅନୁସାରେ ଶାନ୍ତି, ସନ୍ତୋଷ, ଧୈର୍ଯ୍ୟ, ସାହସ, ସହନଶୀଳତା, ଭକ୍ତି, ଜ୍ଞାନାଦି ଦିବ୍ୟଗୁଣର ପ୍ରକାଶ ହୁଏ । ଏହି ଦିବ୍ୟ ଗୁଣ ଯୋଗୁଁ ସେ କାହାରି ପ୍ରତି ହିଂସା, ଦ୍ୱେଷ ନ ରଖି ପ୍ରାଣିମାତ୍ରରେ ଆତ୍ମଭାବ

ରଖନ୍ତି ଏବଂ ସମସ୍ତଙ୍କର ପ୍ରିୟ ହୁଅନ୍ତି । ତାଙ୍କୁ କୌଣସି ବ୍ୟକ୍ତି ସନ୍ଦେହ ବା ଅବିଶ୍ୱାସ କରନ୍ତି ନାହିଁ । ରାମଦାସଙ୍କର ଏହିସବୁ ଦିବ୍ୟଗୁଣ ମଧ୍ୟରୁ ତାଙ୍କ ଜୀବନରେ ଘଟିଥିବା ଭଗବତ୍ ଭକ୍ତିର ଗୋଟିଏ ଘଟନା ଏଠାରେ ଆଲୋଚନା କରିବା ।

ପ୍ରକୃତିର ନିୟମ ଅନୁସାରେ ରାମଦାସ ବାର୍ଦ୍ଧକ୍ୟ ଅବସ୍ଥା ପ୍ରାପ୍ତ ହେଲେ । କିନ୍ତୁ ସେ ନିୟମିତରୂପେ ତାଙ୍କ ଜନ୍ମସ୍ଥାନ ଡାକୋରରୁ ଦ୍ୱାରିକାକୁ ଏକାଦଶୀ ଜାଗରଣ ତଥା ରଣଛୋଡ଼ଜିଙ୍କ ଦର୍ଶନ କରିବା ସକାଶେ ଆସୁଥିଲେ । ତାଙ୍କ ନିଷ୍କପଟ ଭକ୍ତି, ଅନନ୍ୟ ନିଷ୍ଠା ଯୋଗୁଁ ଭଗବାନ୍ ରଣଛୋଡ଼ଜି ସ୍ୱୟଂ ସାକ୍ଷାତ୍ ଦର୍ଶନ ଦେଇ କହିଲେ ''ରାମଦାସ, ତୁ ବୃଦ୍ଧ ହୋଇଗଲୁଣି, ଚାଲିବାରେ କଷ୍ଟ ହେଉଛି, ତୁ ଆଉ ମୋତେ ଦର୍ଶନ କରିବାକୁ ଆସିବୁ ନାହିଁ ।'' ଭକ୍ତମାନେ ଭଗବାନଙ୍କ ସଙ୍କଳ୍ପରେ ପରିଚାଳିତ ହେବାରେ ନିଜର ସୌଭାଗ୍ୟ ମନେ କରନ୍ତି । ଭଗବାନଙ୍କ ଆଜ୍ଞା ସେମାନଙ୍କ ଶିରୋଧାର୍ଯ୍ୟ କିନ୍ତୁ ଭକ୍ତମାନଙ୍କ ନିଷ୍ଠା ପବିତ୍ର । କେହି କେହି ଭକ୍ତ ଭଗବାନଙ୍କ ସେବା ତଥା ଦର୍ଶନରୁ ବଞ୍ଚିତ ହେବାରେ ଭଗବାନଙ୍କ ଆଜ୍ଞା ପାଳନ କରିବାରେ ଅସମର୍ଥ ହୁଅନ୍ତି । ଭଗବାନ୍ ଭକ୍ତର ନିଷ୍ଠା ବୃଦ୍ଧି କରିବା ସକାଶେ ଅଥବା ଭକ୍ତ ରାମଦାସଙ୍କ ଘରେ ସ୍ୱୟଂ ବିରାଜମାନ ହେବା ସକାଶେ ଏହା କହିଥିଲେ । ରାମଦାସ ଉତ୍ତର ଦେଲେ, ''ଭଗବାନ୍, ତୁମ୍ଭଙ୍କୁ ଏକାଦଶୀ ଦିନ ଦର୍ଶନ ନ କରି ମୁଁ ରହିପାରିବି ନାହିଁ ।'' ଭଗବାନ୍ ଚୁପ୍ ହୋଇଗଲେ । ରାମଦାସ ମଧ୍ୟ ପ୍ରତି ଏକାଦଶୀକୁ ଆସି ଦର୍ଶନ କରିବା ଏବଂ ରାତ୍ରି ଜାଗରଣ କରିବା ବଜାୟ ରଖିଥିଲେ ।

ରାମଦାସଙ୍କର ବୃଦ୍ଧାବସ୍ଥା ଅଧିକରୁ ଅଧିକ ବୃଦ୍ଧି ହେଲା । ଚାଲିବା ଶକ୍ତି ମଧ୍ୟ ହ୍ରାସ ହୋଇପଡ଼ିଲା । ଦିନେ ରଣଛୋଡ଼ଜି ରାମଦାସଙ୍କୁ କହିଲେ, ''ତୁ ଆଗାମୀ ଏକାଦଶୀକୁ ଗୋଟିଏ ଗାଡ଼ି ଆଣି ଆସିବୁ, ରାତ୍ରିରେ ମୋତେ ନେଇ ତୋ ଘରେ ପ୍ରତିଷ୍ଠା କରିବୁ ।'' ଏକଥା ଶୁଣି ରାମଦାସଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ଦିନ ଗଣୁଥାନ୍ତି । ଏକାଦଶୀ ଆସିଲା । ସେଦିନ ସେ ଗୋଟିଏ ବଳଦ ଗାଡ଼ି ଆଣି ଠାକୁରଙ୍କ ବେଢ଼ା ମଧ୍ୟରେ ମନ୍ଦିର ପାଖରେ

ରଖିଦେଲେ ଏବଂ ପୂର୍ବବତ୍ ଭଗବାନଙ୍କୁ ଦର୍ଶନ କରି ରାତ୍ରି ଜାଗରଣ କଲେ । ରାମଦାସଙ୍କୁ ମନ୍ଦିର ପୂଜାରୀ ତଥା କାର୍ଯ୍ୟକର୍ତ୍ତାମାନେ ଜାଣନ୍ତି ଏବଂ ଆଦର ସମ୍ମାନ କରନ୍ତି । ବୃଦ୍ଧାବସ୍ଥା ଯୋଗୁଁ ଚାଲି ପାରୁ ନ ଥିବାରୁ ବଳଦ ଗାଡ଼ିରେ ବସି ଆସିଥିବା ଅନୁମାନ କରି କେହି କୌଣସି ପ୍ରକାର ସନ୍ଦେହ କଲେ ନାହିଁ । ନିତ୍ୟ-ନିୟମ ଅନୁସାରେ ଠାକୁରଙ୍କ ଭୋଗ ଲାଗିଲା । ଶୟନ ଆରତି ପରେ ଠାକୁରଙ୍କୁ ଶୟନ କରାଇ ମନ୍ଦିର ବନ୍ଦକରି ପୂଜାରୀମାନେ ଚାଲିଗଲେ । ଏକାଦଶୀ ଜାଗରଣ କରିବା ବ୍ୟକ୍ତିମାନେ ମନ୍ଦିର ବେଢ଼ାର ଗୋଟିଏ ପାଖରେ ବସିରହି କୀର୍ତ୍ତନ କଲେ । ରାମଦାସ ସେଦିନ କୀର୍ତ୍ତନରେ ବସିଲେ ନାହିଁ । ସେ କେବଳ ଠାକୁରଙ୍କୁ ନେବାର ସୁଯୋଗ ଦେଖୁଥାଆନ୍ତି । ସମୟ ଅର୍ଦ୍ଧନିଶି ହୋଇଗଲା । ମନ୍ଦିର ଶୂନ୍‌ଶାନ୍ । ଜାଗରଣ କରୁଥିବା ବ୍ୟକ୍ତିଙ୍କୁ ମଧ ନିଦ୍ରା ଛାଡ଼ିଲା ନାହିଁ । କେହି କୀର୍ତ୍ତନ କରୁ କରୁ ନିଦ୍ରାଭାରରେ ତାଙ୍କ ବେକ ଝୁଙ୍କିଗଲା । କାହାର 'ହରେ' ଶବ୍ଦଟି ଉଚ୍ଚାରଣ ଶେଷ ନ ହେଉଣୁ ସେ କାନ୍ଥକୁ ଆଉଜି ପଡ଼ିଲେ । କିଏ ବସି ବସି ଘୁଙ୍ଗୁଡ଼ି ମାରିବା ଆରମ୍ଭ କଲେ । ଏହି ଅବସରରେ ରାମଦାସଜି ଠାକୁର ରଣଛୋଡ଼ଜିଙ୍କୁ ନେବା ଉଦ୍ଦେଶ୍ୟରେ କବାଟରେ ହାତ ଦେବା ସଙ୍ଗେ ସଙ୍ଗେ ମନ୍ଦିରର ଦ୍ୱାର ଖୋଲିଗଲା । ମନେହେଲା ଯେପରି ମନ୍ଦିରର ଦ୍ୱାର ବନ୍ଦ ହୋଇ ନ ଥିଲା । ରାମଦାସଜି ପୂର୍ବରୁ ବଳଦଗାଡ଼ି ଠିକ୍‌କରି ମନ୍ଦିର ଦ୍ୱାରରେ ରଖିଥାଆନ୍ତି । ମନ୍ଦିର ମଧରେ ପ୍ରବେଶ କରି କବାଟକୁ ଆଉଜାଇ ଦେଲେ । ଠାକୁରଙ୍କ ଯେତେ ଅଳଙ୍କାର ଥିଲା ସବୁ ଉତାରି ମନ୍ଦିରରେ ରଖିଦେଲେ, କେବଳ ଠାକୁରଙ୍କ ମୂର୍ତ୍ତିକୁ ଉଠେଇ ଗାଡ଼ିରେ ରଖିଦେଲେ । ଏତେବଡ଼ ପାଷାଣମୂର୍ତ୍ତି ଏତେ ଉଶ୍ୱାସ ହୋଇଗଲା ଯେ ରାମଦାସଜିଙ୍କୁ ଉଠାଇ ଆଣିବାରେ କୌଣସି ଅସୁବିଧା ହେଲା ନାହିଁ । ସେ ରଣଛୋଡ଼ଜିଙ୍କୁ ବଳଦଗାଡ଼ିରେ ବସେଇ ଗାଡ଼ି ଚଳେଇ ମନ୍ଦିର ବେଢ଼ାରୁ ବାହାରି ଚାଲିଗଲେ । ବୁଢ଼ା ବଳଦ ଆସ୍ତେ ଆସ୍ତେ ଚାଲୁଥା'ନ୍ତି ଆଉ ରାମଦାସ ଭଗବତ୍ ଭକ୍ତି ତଥା କୃପାର ଆନନ୍ଦରେ ନିମଗ୍ନ ହୋଇ ଗାଡ଼ି ଚଳାଉଥା'ନ୍ତି ।

ଏଣେ ରାତ୍ରିର ଶେଷ ସମୟରେ ପ୍ରତିଦିନ ନିୟମାନୁସାରେ

ପୂଜାରୀମାନେ ସ୍ନାନ କରି ମନ୍ଦିରକୁ ଆସିଲେ । ପ୍ରତିଦିନ ପରି ଦ୍ୱାରରେ ତାଲା ପଡ଼ିଥିଲା । ତାଲା ଖୋଲି କବାଟ ଫିଟାଇ ମନ୍ଦିରରେ ପ୍ରବେଶ କରି ବିଗ୍ରହଶୂନ୍ୟ ସିଂହାସନ ଦେଖି ସେମାନେ ଚକିତ ହୋଇଗଲେ । ରଣଛୋଡ଼ଙ୍କ ସବୁ ଗହଣା ମନ୍ଦିରରେ ପଡ଼ିଛି କିନ୍ତୁ ଠାକୁର ନାହାନ୍ତି । ଦ୍ୱାର ବନ୍ଦ ଅବସ୍ଥାରେ ଠାକୁରଙ୍କୁ କିଏ ନେଲା କିପରି ? ସଙ୍ଗେ ସଙ୍ଗେ ଠାକୁର ଚୋରି ହେବା କଥା ହୁରି ପଡ଼ିଗଲା । ରାମଦାସ ଠାକୁରଙ୍କୁ ଚୋରି କରିଛନ୍ତି ଅନୁମାନ କରି ପୂଜାରୀମାନେ ରାଗରେ ଜର୍ଜରିତ ହୋଇ ମୁହଁରେ ଯାହା ଆସିଲା ରାମଦାସଙ୍କୁ ଗାଳିଦେବାକୁ ଲାଗିଲେ ଏବଂ ପୂଜାରୀ ତଥା ମନ୍ଦିରସଂଚାଳକମାନେ ରାମଦାସଙ୍କୁ ମାରି ପିଟି ଠାକୁରଙ୍କୁ ଛଡ଼ାଇ ଆଣିବା ଉଦ୍ଦେଶ୍ୟରେ ରାମଦାସଙ୍କ ଘର ଅଭିମୁଖେ ଯାତ୍ରା କଲେ । ସମସ୍ତଙ୍କ ଆଖି ରାଗରେ ଲାଲ, ରାମଦାସଙ୍କୁ ଚୋର, ଠକ, କପଟୀ, ବଗୁଲାଭକ୍ତ ଆଦି ଯାହା ତାହା ଗାଳି ଦେଇ ଅତି ଜୋର୍‌ରେ ଚାଲୁଥା'ନ୍ତି ।

ସେତେବେଳକୁ ରାମଦାସଜି ଡାକୋରରେ ନିଜ ଗ୍ରାମର ଗୋଟିଏ ପୁଷ୍କରିଣୀ ପାଖରେ ପହଞ୍ଚିଥା'ନ୍ତି । ମନ୍ଦିରର ପୂଜାରୀମାନେ ଠାକୁରଙ୍କୁ ଛଡ଼େଇ ନେଇଯିବାର ଆଶଙ୍କା ତାଙ୍କର ମଧ୍ୟ ଥିଲା । ସେ ସତର୍କ ହୋଇ ପଛକୁ ଚାହିଁ ଚାହିଁ ଗାଡ଼ି ଚଳାଉଥା'ନ୍ତି । ପଛରେ କେତେଗୁଡ଼ିଏ ଲୋକଙ୍କ ପାଟି ଶୁଭିଲା । ସେ ନିରୀକ୍ଷଣ କରି ପୂଜାରୀମାନଙ୍କୁ ଦେଖି ହଠାତ୍ ଗାଡ଼ିରୁ ଠାକୁରଙ୍କୁ ଆଣି ସେଇ ପାଖ ପୁଷ୍କରିଣୀର ପାଣି ମଧ୍ୟରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ରଖି ଦୌଡ଼ି ଆସି ଗାଡ଼ିରେ ବସି ପୂର୍ବବତ୍ ଗାଡ଼ି ଚଳେଇବାକୁ ଆରମ୍ଭ କଲେ ।

ପୂଜାରୀମାନେ ଆଗରୁ ରାଗିଥିଲେ । ରାମଦାସ ଠାକୁରଙ୍କୁ ଚୋରି କରି ଆଣିବାରେ ସେମାନେ ନିଃସନ୍ଦେହ ଥିଲେ । ଦୂରରୁ ରାମଦାସଙ୍କ ବଳଦଗାଡ଼ି ଦେଖିବା ମାତ୍ରେ ସେମାନଙ୍କ ରାଗ ଦୁଇଗୁଣ ବଢ଼ିଗଲା । ସେମାନେ ଏକ ସଙ୍ଗରେ ଉଚ୍ଚସ୍ୱରରେ କହିଲେ, ''ହେ ଚୋର, କପଟୀ ରାମଦାସ, ଗାଡ଼ି ବନ୍ଦକର । ଚୋରିର ଶାସ୍ତି ପ୍ରଥମରେ ନେ, ପରେ କଥା କହିବୁ । ଏକଥା ଶୁଣି ରାମଦାସ ଗାଡ଼ିରୁ ଓହ୍ଲାଇ ପଡ଼ିଲେ । ସେମାନେ ଗାଡ଼ିରେ ଠାକୁରଙ୍କୁ ନ ଖୋଜି ରାମଦାସଙ୍କୁ ମାରିବାକୁ ଲାଗିଲେ । ରାମଦାସଙ୍କ ଶରୀରରେ କ୍ଷତ ହୋଇ ରକ୍ତ

ବୋହିଲା । ସେ ମୂର୍ଚ୍ଛିତ ହୋଇ ପଡ଼ିଗଲେ । ପୂଜାରୀମାନେ ବୃଦ୍ଧ ରାମଦାସଙ୍କୁ ଆଉ ଅଧିକ ନ ମାରି ଗାଡ଼ିରୁ ଠାକୁରଙ୍କୁ ନେବାକୁ ଗଲେ । କିନ୍ତୁ ଠାକୁରଙ୍କୁ ନ ପାଇ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ପଶ୍ଚାତ୍ତାପ କରିବାକୁ ଲାଗିଲେ । ସେହି ସମୟରେ ଜଣେ କହିଲେ ''ରାମଦାସକୁ ଏହି ପୁଷ୍କରିଣୀ ଆଡ଼କୁ ଆସିବା ମୁଁ ଦେଖିଛି, ସମ୍ଭବ ଠାକୁରଙ୍କୁ ଏହି ପୁଷ୍କରିଣୀରେ ବୁଡ଼ାଇ ଦେଇଥିବ । ଏକଥା ଶୁଣି ସମସ୍ତେ ପୁଷ୍କରିଣୀକୁ ଗଲେ । ଜଳ ଲାଲ ହୋଇଥିବା ଦେଖି କିଛି ନ ଭାବି ପୁଷ୍କରିଣୀ ଜଳମଧ୍ୟରେ ପ୍ରବେଶ କରି ଠାକୁରଙ୍କୁ ଖୋଜିଲେ । ଠାକୁରଙ୍କୁ ପାଇ ବିଶେଷ ଆନନ୍ଦିତ ହେଲେ ଏବଂ ଜଳ ଲାଲ ହେବାର କାରଣ ଭାବିବାକୁ ଲାଗିଲେ । ସେହି ସମୟରେ ଠାକୁରଙ୍କ ପଥର ପ୍ରତିମାରୁ ବାକ୍ୟ ସେମାନେ ଶୁଣିବାକୁ ପାଇଲେ : ''ତୁମ୍ଭେମାନେ ମୋ ବୃଦ୍ଧ ଭକ୍ତ ରାମଦାସକୁ ନୃଶଂସ ଭାବେ ଯେଉଁ ପ୍ରହାର କରିଛ ତାହା ସବୁ ମୁଁ ନିଜେ ଶରୀରରେ ଗ୍ରହଣ କରି ରାମଦାସକୁ ବଞ୍ଚାଇଥିଲି । ସେଇ ପ୍ରହାରରେ ମୋ ଶରୀର କ୍ଷତ-ବିକ୍ଷତ ହେବାରୁ ତା'ର ରକ୍ତରେ ଏହି ପୁଷ୍କରିଣୀର ଜଳ ଲାଲ ହୋଇଯାଇଛି । ମୁଁ ଆଉ ତୁମ୍ଭମାନଙ୍କ ସଙ୍ଗେ ଯିବି ନାହିଁ । ମୋରି ଓଜନର ସୁନା ରାମଦାସଠାରୁ ନେଇ ଚାଲିଯାଅ'' । ପୂଜାରୀମାନଙ୍କୁ ବହୁତ ଭୟ ଏବଂ ଦୁଃଖ ହେଲା । ସେମାନେ ରାମଦାସଙ୍କୁ ନୃଶଂସ ଭାବେ ପ୍ରହାର କରିଥିବା ଦୋଷ ବୁଝି ପାରିଲେ ଏବଂ ତାଙ୍କ ଚରଣରେ ପଡ଼ି କ୍ଷମାଭିକ୍ଷା କଲେ । ଭଗବାନଙ୍କୁ ନେଇଯିବା ସକାଶେ ଭଗବାନଙ୍କୁ ବହୁତ ପ୍ରାର୍ଥନା କଲେ । ଭଗବାନ୍ କହିଲେ ''ମୁଁ ରାମଦାସ ଘରେ ରହିବି । ମୋର ଗୋଟିଏ ପ୍ରସ୍ତର ପ୍ରତିମା ଅମୁକ ସ୍ଥାନରେ ଅଛି, ତାକୁ ନେଇ ପୂଜାକର । ସେଠାରେ ମୋର ଉପସ୍ଥିତି ରହିବ ।'' ଭଗବାନ୍ ରାମଦାସକୁ କହିଲେ, ''ତୋ ଧର୍ମପତ୍ନୀ କାନରେ ଯେଉଁ ବାଉଳି ଅଛି ତାକୁ ଓଜନ କରିଦେ ।'' ଏହି କଥା ରାମଦାସଙ୍କ ଛଡ଼ା ଅନ୍ୟ କେହି ଶୁଣି ପାରିଲେ ନାହିଁ । ରାମଦାସ ସେହିକ୍ଷଣି ଘରକୁ ଯାଇ ତାଙ୍କ ପତ୍ନୀଙ୍କ କାନରେ ଥିବା ସୁନା ବାଉଳି ଆଣିଲେ, ନିକିତିରେ ଠାକୁର ରଣଛୋଡ଼ଜିଙ୍କ ପ୍ରତିମା ଗୋଟିଏ ପାଖରେ, ରାମଦାସଙ୍କ ସୁନାବାଉଳି ଗୋଟିଏ ପାଖରେ ରଖାହେଲା । କିନ୍ତୁ ବାଉଳି ପଲା ଏତେ ଓଜନ ହେଲା ଯେ

ତଳୁ ଉଠିଲା ନାହିଁ । ଭଗବାନ୍ ରାମଦାସଙ୍କ ଘରେ ରହିବାକୁ ଚାହାନ୍ତି, ଏହା ପୂଜାରୀମାନେ ସ୍ପଷ୍ଟ ବୁଝିପାରି ଭଗବାନଙ୍କ ଚରଣରେ ପ୍ରଣାମ କରି ନିଜ ଦୋଷ ସକାଶେ କ୍ଷମା ମାଗି ଦ୍ୱାରିକା ଫେରିଗଲେ । ଭଗବାନଙ୍କ କହିବା ସ୍ଥାନରେ ଭଗବାନଙ୍କ ପ୍ରତିମା ପାଇ ତାଙ୍କୁ ଆଣି ବହୁତ ସମାରୋହରେ ମନ୍ଦିରରେ ପ୍ରତିଷ୍ଠା କଲେ ।

ଭଗବାନଙ୍କ କୃପା ଦେଖି ରାମଦାସଙ୍କ ହୃଦୟ କୃତଜ୍ଞତାରେ ଭରିଗଲା । ସେ ନିଜକୁ ଅଧମ, ଅକିଞ୍ଚନ ଭାବି ଭଗବାନଙ୍କ କରୁଣା ସ୍ମରଣ କରି ଭଗବତ୍ ପ୍ରେମରେ ନିମଗ୍ନ ହୋଇଗଲେ । ଅତ୍ୟନ୍ତ ଆନନ୍ଦରେ ରଣଛୋଡ଼ଜିଙ୍କ ପ୍ରତିମା ଆଣି ନିଜ ଘରେ ପ୍ରତିଷ୍ଠା କଲେ ଏବଂ ଭଗବାନଙ୍କ ସେବାପୂଜାରେ ଡୁବିରହିଲେ । ଦିନ କେତେବେଳେ ହୁଏ, ରାତି କେତେବେଳେ ଆସେ, ସେ ଜାଣି ପାରନ୍ତି ନାହିଁ । ଦିବାନିଶ ଭଗବତ୍ ଭକ୍ତିରେ ନିଜକୁ ଭୁଲି ଯାଇଥାଆନ୍ତି । ଭଗବାନ୍ ସ୍ୱୟଂ ଆସି ରାମଦାସଙ୍କ ଘରେ ରହିବା ଖବର କଥାରେ କଥାରେ ବ୍ୟାପିଗଲା । କେତେ ଭକ୍ତ ଆସି ରାମଦାସଙ୍କ ଘରେ ଠାକୁର ଥିବା ସ୍ଥାନରେ ସୁନ୍ଦର ମନ୍ଦିର ତିଆରି କରାଇ ଦେଇଥିଲେ ଏବଂ ଭଗବାନଙ୍କ ଭୋଗର ବିଶେଷ ବ୍ୟବସ୍ଥା କଲେ । ଆଜି ବି ସକାଳଠାରୁ ରାତ୍ରିରେ ଭଗବାନଙ୍କ ଶୟନ ପର୍ଯ୍ୟନ୍ତ ବହୁତବାର ବହୁପ୍ରକାର ମିଷ୍ଟାନ୍ନ ଭୋଗ ଲାଗେ । ରାମଦାସଙ୍କ ବଂଶଧରମାନେ ଆଜି ମଧ୍ୟ ପରମ୍ପରା କ୍ରମେ ଭଗବାନଙ୍କ ସେବାପୂଜା ଆଦି ବହୁତ ସମାରୋହରେ କରୁଅଛନ୍ତି । ଗୁଜରାଟର ଡ଼ାକୋରରେ ରଣଛୋଡ଼ଜିଙ୍କ ମନ୍ଦିର ବହୁତ ପ୍ରସିଦ୍ଧ ଏବଂ ମହାନ୍ ତୀର୍ଥସ୍ଥାନ ମାନ୍ୟ ହେଉଅଛି । ହଜାର ହଜାର ଲକ୍ଷ ଲକ୍ଷ ନରନାରୀ ଦର୍ଶନକୁ ଯାଉଅଛନ୍ତି । ଚାରିଧାମ ମଧ୍ୟରେ ଦ୍ୱାରିକା ଗୋଟିଏ ଧାମ । କିନ୍ତୁ ଦ୍ୱାରିକା ଧାମ ଯାତ୍ରା ପୂର୍ଣ୍ଣ ହୁଏ ଡ଼ାକୋରରେ ରଣଛୋଡ଼ଜିଙ୍କୁ ଦର୍ଶନ କରିବାରେ ।

## ଭକ୍ତ ହରିପାଳଜି ନିଷ୍କିଚନ

ଭଗବାନ୍ ଭାବଗ୍ରାହୀ । ସେ ହୃଦୟର ନିଷ୍କପଟ ଭାବକୁ ଗ୍ରହଣ କରନ୍ତି । ତାଙ୍କ ପାଖରେ କପଟରେ ଭକ୍ତ ହେବାର ସୁଆଙ୍ଗ ଚଳେ ନାହିଁ । ନୈତିକତା ସଦୃଶ ଭକ୍ତର ଭାବ ନିୟମ-ନିର୍ଦ୍ଧାରିତ ହୋଇ ନ ଥାଏ । ପ୍ରତ୍ୟେକ ଭକ୍ତଙ୍କର ହୃଦୟ-ଗଭୀରରୁ ସ୍ୱତଃସ୍ଫୂର୍ତ୍ତଭାବେ ଭିନ୍ନ ଭିନ୍ନ ଭକ୍ତିଭାବ ପ୍ରକାଶ ହୁଏ । ସେହି ଆନ୍ତରିକ ଭକ୍ତିଭାବଯୁକ୍ତ କର୍ମ ନୈତିକ ଦୃଷ୍ଟିରେ ଅବିହିତ ପ୍ରତୀତ ହେଲେ ମଧ୍ୟ ସେଥିରେ ଯଥାର୍ଥରେ ଦୋଷ ନ ଥାଏ । ସେହି ଆନ୍ତରିକ ଭାବ-ଯୁକ୍ତ ସେବାକୁ ଭଗବାନ୍ ଗ୍ରହଣ କରନ୍ତି । ସେହି ସେବାରେ ଥାଏ ତାଙ୍କର ଆତ୍ମ-ପ୍ରେରଣା । କେତେକ ଭକ୍ତଙ୍କ ଚରିତ୍ରରେ ଦେଖାଯାଏ ଯେ ସେମାନଙ୍କ କର୍ମ ସାମାଜିକତାର ପ୍ରତିକୂଳ ହେଲେ ମଧ୍ୟ ସେହି କର୍ମ ଦ୍ୱାରା ସେମାନେ ଲକ୍ଷ୍ୟ-ସିଦ୍ଧି କରିପାରନ୍ତି ।

ଆଜି ଆମ୍ଭେମାନେ ଏପରି ଜଣେ ଭକ୍ତଙ୍କ ଚରିତ୍ର ଆଲୋଚନା କରିବା ଯାହା ନୈତିକ ଦୃଷ୍ଟିରେ ଅନୁଚିତ ପ୍ରତୀତ ହେଉଥିଲେ ମଧ୍ୟ ସେହି କର୍ମର ପଶ୍ଚାତରେ ତାଙ୍କର ଅହଂ-ସ୍ୱାର୍ଥ-ବିହୀନ ଭକ୍ତି ଥିବାରୁ ସେହି କର୍ମ ଦ୍ୱାରା ସେ ଭଗବାନଙ୍କୁ ପ୍ରାପ୍ତ ହୋଇଥିଲେ । ଏହିପରି ଭକ୍ତମାନଙ୍କ କର୍ମ ଆଦର୍ଶରୂପେ ଗ୍ରହଣ କରାଯାଏ ନାହିଁ । କେବଳ ସେମାନଙ୍କର ଭଗବାନଙ୍କ ପ୍ରତି ଥିବା ଶୁଦ୍ଧ ଭକ୍ତି ଏବଂ ଭାବର ପ୍ରଭାବ ପାଠକ-ପାଠିକାମାନଙ୍କ ହୃଦୟରେ ସୁପ୍ତ ଥିବା ଭଗବତ୍ ଭକ୍ତି ତଥା ବିଶ୍ୱାସକୁ ପ୍ରକାଶିତ କରିବାରେ ବହୁତ ସାହାଯ୍ୟ କରେ । ଏହି ଭକ୍ତ-ଚରିତ ନାଭାଜିଙ୍କ ଭକ୍ତମାଳାରେ ବହୁତ ପ୍ରସିଦ୍ଧ । ସନ୍ଥ ସମାଜରେ ଏହି ଚରିତ୍ରରେ ବହୁତ ଆଦର ଏବଂ ଏହା ପ୍ରାମାଣିକ । ଭକ୍ତ ହରିପାଳଜି ଏକ ବ୍ରାହ୍ମଣ ପରିବାରରେ ଜନ୍ମ-ଗ୍ରହଣ କରିଥିଲେ । ତାଙ୍କ ପିତା-ମାତାଙ୍କ ପ୍ରଭାବରୁ ତଥା ପୂର୍ବଜନ୍ମର ଓ ଭଗବତ୍ ସନ୍ଥଙ୍କ କୃପାରୁ ବାଲ୍ୟକାଳରୁ ତାଙ୍କ ହୃଦୟରେ ଭଗବତ୍ ଭକ୍ତି ଉତ୍ପନ୍ନ ହୋଇଥିଲା । ସେ ନିୟମିତ ରୂପେ ବ୍ରାହ୍ମ ମୁହୂର୍ତ୍ତରେ ଉଠି

ଭଗବତ୍ ନାମ ସ୍ମରଣ କରନ୍ତି । ଭଗବାନ୍ ଶ୍ରୀକୃଷ୍ଣଙ୍କ ବିଗ୍ରହକୁ ହୃଦୟରେ ଧାରଣ କରିଥାଆନ୍ତି । ସେ ଭଗବତ୍ ଭକ୍ତ, ସାଧୁ, ସନ୍ଥଙ୍କ ସେବାରେ ବହୁତ ଆନନ୍ଦ ଅନୁଭବ କରନ୍ତି ।

ଏହି ଘଟନା ପ୍ରାୟ ଷୋଳଶହ ସମ୍ବତ୍ସରରେ ବହୁତ ପୂର୍ବର । ହରିପାଳଜିଙ୍କ ଭକ୍ତି ବୃଦ୍ଧି ହେବା ସଙ୍ଗେ ସଙ୍ଗେ ସନ୍ଥ-ସେବାରେ ତାଙ୍କର ଅଧିକାଧିକ ପ୍ରବୃତ୍ତି ହେଲା । କାଳକ୍ରମେ ପିତା-ମାତା ସ୍ୱର୍ଗବାସ କଲେ । ହରିପାଳଜି ଉପଯୁକ୍ତ ବୟସରେ ଗୋଟିଏ ଗୁଣବତୀ କନ୍ୟାର ପାଣି ଗ୍ରହଣ କଲେ । ସୌଭାଗ୍ୟବଶତଃ ତାଙ୍କ ପତ୍ନୀ ମଧ ହେଲେ ଭଗବତ୍ ଭକ୍ତା ଏବଂ ସନ୍ଥ-ସେବାପରାୟଣା । ଉଭୟଙ୍କର ଏକହିଁ ପ୍ରକାର ମନୋଭାବ ଥିବାରୁ ହରିପାଳଜିଙ୍କୁ ସନ୍ଥ-ସେବାରେ ଅସୁବିଧା ହେଲା ନାହିଁ । ଯେଉଁଠାରେ ସନ୍ଥସେବା ହୁଏ ସେଠାକୁ ସନ୍ଥମାନେ ବରାବର ଆସନ୍ତି । ଭକ୍ତର ଭାବ ସନ୍ଥଙ୍କୁ ଆକର୍ଷିତ କରିଆଣେ । ହରିପାଳଜିଙ୍କ ଘରକୁ ସାଧୁ, ସନ୍ଥ ଆସିଲେ ତାହା ଭଗବାନ୍ ଆସିବା ସଦୃଶ ତାଙ୍କୁ ପ୍ରତୀତ ହୁଏ । ସେ ଅତ୍ୟନ୍ତ ଭକ୍ତି-ଭାବରେ ସନ୍ଥସେବା କରନ୍ତି । ତାଙ୍କ ଆନ୍ତରିକ ଭାବଯୁକ୍ତ ସେବାରେ ସନ୍ଥମାନେ ଅତ୍ୟନ୍ତ ପ୍ରସନ୍ନ ହୋଇ କିଛିଦିନ ରହି ତାଙ୍କୁ ଆଶୀର୍ବାଦ କରି ଚାଲିଯାଆନ୍ତି । ତାଙ୍କ ସାଧୁ-ସେବାର ଚର୍ଚ୍ଚା ଦୂର-ଦୂରାନ୍ତର ବ୍ୟାପିଗଲା । ଅଧିକରୁ ଅଧିକ ସନ୍ଥ ତାଙ୍କ ଗୃହକୁ ଆସିଲେ । ସନ୍ଥଙ୍କ ସେବାରେ ତାଙ୍କ ସମସ୍ତ ସମ୍ପତ୍ତି ଶେଷ ହୋଇଗଲା । କିନ୍ତୁ ସନ୍ଥଙ୍କ ଆସିବା କମ୍ ହେବା ପରିବର୍ତ୍ତେ ବୃଦ୍ଧି ପାଇଲା । ଶେଷରେ ସନ୍ଥ ସେବାର ଅନ୍ୟ ଉପାୟ ନ ଦେଖି ସେ ଭାବିଲେ, ‘‘ବହୁତ କୃପଣ ଲୋକ ଅନ୍ୟାୟ ଅସତ୍ୟରେ ଧନ ଉପାର୍ଜନ କରି ଯକ୍ଷ ସଦୃଶ ସାଇତି ରଖିଅଛନ୍ତି । ସତ୍ କର୍ମରେ ବ୍ୟୟ କରୁ ନାହାନ୍ତି କିଂବା ଦୁଃଖୀ-ଦରିଦ୍ରଙ୍କୁ ଗୋଟିଏ ପଇସା ଦେଉ ନାହାନ୍ତି । ମରିଯିବା ପରେ ସେହି ଧନଟି ପୁତ୍ର-କନ୍ୟାମାନେ ଭୋଗବିଳାସରେ ଉଡ଼ାଉଛନ୍ତି । ସେ ଧନ ସତ୍‌କାର୍ଯ୍ୟରେ ଲାଗୁ ନାହିଁ । ଧନ ଯଥାର୍ଥରେ ଭଗବାନଙ୍କର, ଭଗବାନ୍ କିଂବା ଭଗବାନଙ୍କ ଆଶ୍ରିତ ଭକ୍ତମାନଙ୍କ ସେବାରେ ଲାଗିବା ଉଚିତ । ଲୋଭୀ, ପାଷଣ୍ଡବ୍ୟକ୍ତି ଏହା ବୁଝନ୍ତି ନାହିଁ ।

ସେମାନଙ୍କ ଧନ ଯଦି କୌଣସି ପ୍ରକାରେ ସନ୍ଥ-ସେବାରେ ଲାଗନ୍ତା ସେଥିରେ ସେମାନଙ୍କର କଲ୍ୟାଣ ହୁଅନ୍ତା ।'' ଏହା ଭାବି କୃପଣ ଓ ଲୋଭୀ ବ୍ୟକ୍ତିଙ୍କ ଧନ ଚୋରିକରି ସନ୍ଥସେବାରେ ଲଗାଇଲେ । ସନ୍ଥ-ସେବା ଛଡ଼ା ନିଜ କାର୍ଯ୍ୟରେ ସେହି ଧନର ଗୋଟିଏ ମାତ୍ର ପଇସା ଖର୍ଚ୍ଚ କରୁ ନ ଥିଲେ । ଏହିପରି ସନ୍ଥ-ସେବା ତଥା ଭଗବାନଙ୍କ ପ୍ରତି ଭକ୍ତି ଯୋଗୁଁ ତାଙ୍କର ଭଗବତ୍ ବିଶ୍ୱାସ ଅଧିକରୁ ଅଧିକ ବୃଦ୍ଧି ହେଉଥିଲା । ସେ ନିରନ୍ତର ଭଗବତ୍ ନାମ ସ୍ମରଣ କରୁଥିଲେ । ସନ୍ଥମାନଙ୍କ ଦର୍ଶନରେ ତାଙ୍କ ହୃଦୟ ଆନନ୍ଦରେ ପୂର୍ଣ୍ଣ ହେଉଥିଲା । ସେ ସନ୍ଥ ସେବାରେ କେବେ ତୃପ୍ତ ହେଉ ନ ଥିଲେ, ଅଧିକରୁ ଅଧିକ ସନ୍ଥସେବା କରିବାକୁ ତାଙ୍କର ପ୍ରବୃତ୍ତି ହେଉଥିଲା ।

ଦିନେ ସନ୍ଥ-ମଣ୍ଡଳୀ ଭକ୍ତ ନିଷ୍କିଚନଙ୍କ ଘରକୁ ଆସିଲେ । ସନ୍ଥମାନଙ୍କ ଦର୍ଶନରେ ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ସେମାନଙ୍କୁ ଭୂମିଷ୍ଠ ଦଣ୍ଡବତ କଲେ । ସେମାନଙ୍କ ଚରଣ ନିଜ ହସ୍ତରେ ଧୋଇ ଆସନରେ ବସାଇଲେ । ସେ ଚାହୁଁ ଥାଆନ୍ତି ସନ୍ଥମାନଙ୍କୁ ଉତ୍ତମ ଭୋଜନ କରାଇବାକୁ । କିନ୍ତୁ ଘରେ ଫଟା ପାହୁଲା ନ ଥାଏ । ସୂର୍ଯ୍ୟ ଅସ୍ତ ହେବାର ସମୟ । ସନ୍ଥମାନଙ୍କୁ ରାତ୍ରିରେ ଭୋଜନ କରାଇବାର କଥା । ରଖିଥିବା ଧନ ଯେତେବେଳେ ଇଚ୍ଛା ସେତେବେଳେ ଉଠାଇ ଆଣିବା ସଦୃଶ ଚୋରି କରିବା ସମ୍ଭବ ନୁହେଁ । ଭକ୍ତ ନିଷ୍କିଚନ ସନ୍ଥ ସେବାର ଅନ୍ୟ କୌଣସି ଉପାୟ ନ ଦେଖି ଭଗବାନଙ୍କୁ ସ୍ମରଣ କରି ତାଙ୍କ ଧ୍ୟାନରେ ମଗ୍ନ ହୋଇଗଲେ ।

ଭଗବାନ୍ ନିଷ୍କପଟ ପ୍ରେମ ଚାହାନ୍ତି । ଯେ ସରଳହୃଦୟରେ ଭଗବାନଙ୍କ ଶରଣ ନିଏ ଭଗବାନ୍ ତାକୁ ସବୁ ସମୟରେ ସମସ୍ତ ବିପତ୍ତିରୁ ରକ୍ଷା କରନ୍ତି । ଭକ୍ତ ନିଷ୍କିଚନଙ୍କ ଆନ୍ତରିକ ଆବାହନରେ ଦ୍ୱାରିକାନାଥଙ୍କ ଆସନ ଟଳିଲା । ସେ ଜଣେ ଶେଠରୂପେ ଭକ୍ତ ନିଷ୍କିଚନଙ୍କ ଘରକୁ ଯିବାକୁ ବାହାରିଲେ । ଭଗବାନଙ୍କ ଉଦ୍ଦେଶ୍ୟ ବୁଝି ପାରି ରୁକ୍ମିଣୀଜୀ ମଧ୍ୟ ବହୁମୂଲ୍ୟ ଅଳଙ୍କାରରେ ସଜ୍ଜିତ ହୋଇ ଶେଠରୂପଧାରୀ ଭଗବାନଙ୍କ ପତ୍ନୀ ରୂପେ ତାଙ୍କ ସହିତ ଯାତ୍ରା କଲେ । ଯଥାର୍ଥରେ ତାଙ୍କୁ କେଉଁଠିକୁ ଯିବାଆସିବା କରିବାକୁ ହୁଏ ନାହିଁ, ସେ

ସବୁଠାରେ ଥାଆନ୍ତି । ସେ ଯେଉଁଠାରେ ପ୍ରକଟ ହେବାକୁ ଚାହାନ୍ତି ସେହିଠାରେ ପ୍ରକଟ ହୋଇଥାଆନ୍ତି । ସେତେବେଳେ ସୂର୍ଯ୍ୟ ଅସ୍ତ ହୋଇସାରି ଥିଲେ । ସନ୍ଧ୍ୟା ସମୟ ହୋଇ ଯାଇଥିଲା । ଭକ୍ତ ନିଷ୍କିଚନ ଭଗବାନଙ୍କ ଧ୍ୟାନର ଆନନ୍ଦରେ ବୁଡିଯାଇଥିଲେ । ଶେଠଜି ତାଙ୍କ ପତ୍ନୀଙ୍କ ସହିତ ଭକ୍ତ ନିଷ୍କିଚନଙ୍କ ଦ୍ୱାରରେ ଉପସ୍ଥିତ ହୋଇ ଡାକିଲେ । ଶେଠଜିଙ୍କ ଡାକ ଶୁଣି ନିଷ୍କିଚନ ଘରୁ ବାହାରି ଆସିଲେ ଏବଂ ଶେଠଜିଙ୍କ ଆସିବାର କାରଣ ପଚାରିଲେ । ଶେଠଜି କହିଲେ, ''ଭାଇ ଆଜିକାଲି ଚୋର-ଡକାୟତଙ୍କ ଉପଦ୍ରବ ବହୁତ । ସାମ୍ନାରେ ଜଙ୍ଗଲ, ଏହାକୁ ପାର ହୋଇ ଯିବାକୁ ହେବ । ତୁମେ ଆମ ସଙ୍ଗେ ଆସ, ଏହି ଜଙ୍ଗଲ ପାର କରାଇ ଦେଇ ଫେରିଆସିବ । ମୁଁ ତୁମକୁ କିଛି ପଇସା ଦେଇ ଦେବି ।'' ଭକ୍ତ ଦେଖିଲେ ଶେଠଜି ତଥା ତାଙ୍କ ଧର୍ମପତ୍ନୀଙ୍କ ଗଳାରେ ତୁଳସୀମାଳା, ଲଲାଟରେ ତିଳକ ନାହିଁ । ତାଙ୍କ ସଙ୍ଗେ କଥାବାର୍ତ୍ତା ତଥା ମଜୁରି ନିଶ୍ଚୟ କରିବାରେ ବୁଝିପାରିଲେ ଯେ, ସେ ବହୁତ କୃପଣ ଏବଂ ଅନ୍ୟକୁ ଠକିବାରେ ପ୍ରବୀଣ । କିନ୍ତୁ ଶେଠଜିଙ୍କ ପତ୍ନୀଙ୍କ ଦେହରେ ବହୁମୂଲ୍ୟ ଅଳଙ୍କାର ଥିବା ତାଙ୍କ ଉଦ୍ଦେଶ୍ୟ ପୂରା ହେବା ଧାରଣାରେ ଶେଠଜିଙ୍କ ସହିତ ମଜୁରି ନିର୍ଣ୍ଣୟ କରିବାରେ ବିବାଦ ନ କରି ମୋଟା ଠେଙ୍ଗାଟି ଘରୁ ଆଣି ଶେଠଜିଙ୍କ ଆଗେ ଆଗେ ଚାଲିଲେ । ଜଙ୍ଗଲ ଥିଲା ଖୁବ୍ ନିକଟ । କଥାବାର୍ତ୍ତା କରି ଆସିବାବେଳକୁ ଅନ୍ଧକାର ହୋଇ ଯାଇଥିଲା । ଅଳ୍ପକ୍ଷଣରେ ଜଙ୍ଗଲରେ ପହଞ୍ଚିଗଲେ । ଭକ୍ତଜି ଜାଣିଶୁଣି ଗୋଟିଏ ଅବାଟରେ ସେମାନଙ୍କୁ ନେଇଗଲେ ଏବଂ ଠେଙ୍ଗା ଦେଖାଇ ସେମାନଙ୍କ ସମ୍ମୁଖରେ ଛିଡ଼ାହୋଇ କହିଲେ, ''ତୁମ ପାଖରେ ଯାହା ଟଙ୍କା-ପଇସା ଏବଂ ଗହଣା ଅଛି ତାହା ସବୁ ରଖିଦିଅ ।'' କିନ୍ତୁ ଶେଠଜି ଏକେବାରେନିର୍ଭୀକ ଭାବେ କହିଲେ, ''ଟଙ୍କା ଏବଂ ଅଳଙ୍କାର ନେଇ ତୁ କ'ଣ କରିବୁ ?'' ଭକ୍ତ ଉତ୍ତର ଦେଲେ, ''ସନ୍ଥମାନେ ମୋ ଘରକୁ ଆସିଛନ୍ତି, ତାଙ୍କୁ ଭୋଜନ କରାଇବି ।'' ଶେଠଜି କହିଲେ, ''ଏପରି ଚୋରି-ଡକାୟତି କାର୍ଯ୍ୟ କରି ସନ୍ଥସେବା କରିବାରେ କ'ଣ ଭଗବାନ୍ ପ୍ରସନ୍ନ ହେବେ ? ବରଂ ତୋର ଏହି ଦୁଷ୍କର୍ମର କୁଫଳ ତୋତେ ଭୋଗିବାକୁ ପଡ଼ିବ ।'' ଭକ୍ତ ଉତ୍ତର ଦେଲେ

''ତୁମ୍ଭେମାନେ ଯେପରି ଅସତ୍ୟ-ଅନ୍ୟାୟରେ ଧନ ଉପାର୍ଜନ କରିଛ, ସେହି ଧନ ଚୋରିଡକାୟତି କରି ନେଲେ କୌଣସି ଦୋଷ ଲାଗିବ ନାହିଁ। ବରଂ ସେହି ଧନ ସନ୍ଥ-ସେବାରେ ଲାଗିଲେ ତୁମର ମଙ୍ଗଳ ହେବ । ଏଥିରେ ମୋର କୌଣସି ବ୍ୟକ୍ତିଗତ ସ୍ୱାର୍ଥ ନ ଥିବାରୁ ମୋତେ କୁଫଳ ଭୋଗିବାକୁ ପଡ଼ିବ ନାହିଁ । ଏହା କହି ଠେଙ୍ଗା ଦେଖାଇ କହିଲେ ସନ୍ଥ-ସେବାରେ ବିଳମ୍ବ ହେଉଛି, ଶୀଘ୍ର ସବୁ ଟଙ୍କା ଏବଂ ଅଳଙ୍କାର ଦେଇଦିଅ । ମୁଁ ତୁମ୍ଭମାନଙ୍କୁ ଠିକ୍ ରାସ୍ତାରେ ପହଞ୍ଚାଇ ଦେଇ ଚାଲିଯିବି ।'' ଏକଥା ଶୁଣି ଶେଠଜିଙ୍କ ଧର୍ମପତ୍ନୀ ସମସ୍ତ ଅଳଙ୍କାର ବାହାର କରି ତଳେ ରଖିଦେଲେ । ହରିପାଳଜି ବହୁତ ଖୁସି ହୋଇ ସମସ୍ତ ଅଳଙ୍କାର ଉଠାଇ ବାନ୍ଧିବାର ଦେଖି ଶେଠଜି କହିଲେ, ''ହରିପାଳ, ଆଜିଠାରୁ ଏହି ଚୋରି-ଡକାୟତି ଆଦି ଖରାପ କାର୍ଯ୍ୟ କରିବା ଛାଡ଼ିଦେ ।'' ସେ ବାକ୍ୟରେ ଏତେ ଶକ୍ତି ଥିଲା ଯେ ସେଥିରେ ହରିପାଳ ଭୟଭୀତ ହୋଇ କହିଲେ, ''ଏହି କର୍ମ ଛାଡ଼ିଦେଲେ ସନ୍ଥ-ସେବା କରିବି କିପରି ?'' ଶେଠଜି ଉତ୍ତର ଦେଲେ ''ସନ୍ଥ-ସେବା ସକାଶେ ଯାହା ଦରକାର ହେବ ତାହା ତୋ ଘରେ ପହଞ୍ଚିଯିବ ।'' ଏ କଥା ଶୁଣିବା ମାତ୍ରେ ତାଙ୍କ ଆନ୍ତର ପ୍ରେରଣାରେ ସେ ହାତ ଯୋଡ଼ି କହିଲେ, ''ପ୍ରଭୁ ତୁମେ କିଏ, ତାହା ମୋତେ ସତ ସତ କୁହ ।'' ଶେଠଜି ଉତ୍ତର ଦେଲେ, ''ତୁ ଯାହାର ଦର୍ଶନ ସକାଶେ ସନ୍ଥ-ସେବା କରୁଛୁ ମୁଁ ସେହି ଶ୍ରୀକୃଷ୍ଣ । ଏହା କହି ନିଜ ସ୍ୱରୂପରେ ଶ୍ରୀକୃଷ୍ଣ ଏବଂ ମା ରୁକ୍ମିଣୀ ପ୍ରକଟ ହୋଇଗଲେ । ଭକ୍ତ ହରିପାଳ ଭଗବାନଙ୍କ ସାକ୍ଷାତ୍ ଦର୍ଶନ ପାଇ ଆନନ୍ଦସମୁଦ୍ରରେ ବୁଡ଼ିଗଲେ ଏବଂ ଭଗବାନଙ୍କ ଚରଣରେ ପଡ଼ିଗଲେ । ଭଗବାନ୍ ତାଙ୍କ ମସ୍ତକରେ ଶ୍ରୀହସ୍ତ ରଖି ଉଠେଇ ଦେଲେ ଏବଂ କହିଲେ, ''ହରିପାଳ, ଯେ ମୋତେ ନିଷ୍କପଟ ଭାବେ ଚାହେଁ ମୁଁ ତା' ସଙ୍ଗେ ସଙ୍ଗେ ବରାବର ରହିଥାଏ । ମୃତ୍ୟୁ ପରେ ତୁ ଏବଂ ତୋ ଧର୍ମପତ୍ନୀ ଉଭୟେ ମୋ ଦିବ୍ୟଧାମରେ ମୋର ସେବା-ପ୍ରାପ୍ତ ହେବ ।'' ଏହା କହି ଭଗବାନ୍ ଅନ୍ତର୍ଦ୍ଧାନ ହୋଇଗଲେ । ସେହିଦିନଠାରୁ ହରିପାଳଙ୍କ ସନ୍ଥ-ସେବା ଉତ୍ତରୋତ୍ତର ବୃଦ୍ଧି ହେବାକୁ ଲାଗିଲା । ଯେତେ ସଂଖ୍ୟାରେ ସନ୍ଥ ଆସୁଥିଲେ ସେମାନଙ୍କ ଭୋଜନର ସମସ୍ତ ଦ୍ରବ୍ୟ

ହରିପାଳଜିଙ୍କ ଘରକୁ ଲୋକଙ୍କ ଦ୍ୱାରା ଆସୁଥିଲା । ଭକ୍ତ ହରିପାଳଜି ଯେତେ ଦିନ ଜୀବିତ ଥିଲେ ତାଙ୍କ ଧର୍ମପତ୍ନୀଙ୍କ ସହିତ ସେ ସନ୍ଥ-ସେବା ଏବଂ ଭଗବତ୍ ଭକ୍ତିରେ ସମୟ ଅତିବାହିତ କଲେ । ବୃଦ୍ଧ ଅବସ୍ଥାରେ ଏହି ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ଦିବ୍ୟଧାମରେ ପତ୍ନୀଙ୍କ ସହିତ ଶ୍ରୀକୃଷ୍ଣଙ୍କ ସେବା ପ୍ରାପ୍ତ ହେଲେ ।

ବୋଲ ଭକ୍ତ ଏବଂ ଭଗବାନଙ୍କ ଜୟ ।

# ଭକ୍ତ ବ୍ୟାସଦାସଜି

ସନ୍ଥ ବ୍ୟାସଦାସଜିଙ୍କ ଗାର୍ହସ୍ଥ୍ୟାଶ୍ରମର ନାମ ଥିଲା ଶ୍ରୀ ହରିରାମ ଶୁକ୍ଲ । ଟିକମଗଡ଼ ଅନ୍ତର୍ଗତ ଓରଛା ଧନାଢ଼୍ୟ ବ୍ରାହ୍ମଣ କୁଳରେ ଶ୍ରୀ ସୁମୋଖନ ଶୁକ୍ଲଙ୍କ ଧର୍ମପତ୍ନୀ ପଦ୍ମାବତୀ ଦେବୀଙ୍କ ଗର୍ଭରୁ ସନ ୧୫୬୭ ଇସିବିସନ ୧୫୧୦ ମାର୍ଗଶିର କୃଷ୍ଣ ପଞ୍ଚମୀରେ ସନ୍ଥ ବ୍ୟାସଦାସଜି ଜନ୍ମଗ୍ରହଣ କରିଥିଲେ । ଶ୍ରୀ ସୁମୋଖନଜି ରାଜପୁତନା ଟିକମଗଡ଼ ଓରଛା ମହାରାଜା ମଧୁକର ସା'ଙ୍କର କୁଳପୁରୋହିତ ଥିବା ଯୋଗୁଁ ତାଙ୍କ ଗୃହ ଧନସମ୍ପତ୍ତିରେ ପୂର୍ଣ୍ଣ ଥିଲା । ସେ ପୁତ୍ରର ଜନ୍ମୋତ୍ସବ ମହାସମାରୋହରେ ପାଳନ କଲେ ଏବଂ ସେ ବୈଷ୍ଣବ ଥିବା ଯୋଗୁଁ ପୁତ୍ରର ନାମ ରଖିଲେ ଶ୍ରୀ ହରିରାମ ।

ହରିରାମଙ୍କ ଲାଳନପାଳନ ଉତ୍ତମରୂପେ କରାହେଲା । ଦେଖୁ ଦେଖୁ ଶୁକ୍ଲପକ୍ଷ ଚନ୍ଦ୍ରମାଙ୍କ ସଦୃଶ ସେ କ୍ରମଶଃ ବଡ଼ ହେବାକୁ ଲାଗିଲେ । ବିଦ୍ୟାଶିକ୍ଷାର ସମୟ ଆସିଲା । ସୁମୋଖନଜି ସ୍ୱୟଂ ଧୁରନ୍ଧର ପଣ୍ଡିତ ଥିଲେ । ରାଜପୁରୋହିତ ଥିବା ଯୋଗୁଁ ପୁତ୍ରକୁ ବିଦ୍ୟାଶିକ୍ଷା ଦେବାରେ ଅସୁବିଧା ନ ଥିଲା । ସେ ଚାହୁଁଥିଲେ ତାଙ୍କ ପୁତ୍ର ଦିଗ୍‌ବିଜୟୀ ପଣ୍ଡିତରୂପେ ରାଜଦରବାରରେ ପ୍ରତିଷ୍ଠାଲାଭ କରୁ । ସେ ସକାଶେ ସେ ବାଲ୍ୟକାଳରୁ ସଂସ୍କୃତ ବିଦ୍ୟା ଶିକ୍ଷାର ଉତ୍ତମ ବ୍ୟବସ୍ଥା କରିଦେଲେ । ସେସମୟରେ ବ୍ରାହ୍ମଣ କୁଳରେ ବାଲ୍ୟାବସ୍ଥାରେ ବିବାହର ପ୍ରଥା ଥିଲା । ସେହି ଅନୁସାରେ ହରିରାମଙ୍କୁ ଗୋଟିଏ ରୂପଗୁଣସମ୍ପନ୍ନା ବାଳିକା ସହିତ ବିବାହ କରିଦିଆହେଲା । ବିବାହ ପରେ ଉଚ୍ଚ ବିଦ୍ୟାଶିକ୍ଷା ସକାଶେ ତାଙ୍କୁ ଜଗତ୍ ବିଖ୍ୟାତ ସଂସ୍କୃତ ବିଦ୍ୟାଶିକ୍ଷାର ପ୍ରଧାନ ପୀଠ ବନାରସ (କାଶୀ)କୁ ପଠାଇ ଦିଆହେଲା । ହରିରାମ ଥିଲେ ମେଧାବୀ, ତାଙ୍କ ବୁଦ୍ଧି ଥିଲା ଅତ୍ୟନ୍ତ ତୀକ୍ଷ୍ଣ । ସେ ଅଳ୍ପ ବର୍ଷ ମଧ୍ୟରେ ବେଦ, ଉପନିଷଦ, ଦର୍ଶନ, ନ୍ୟାୟ, ବ୍ୟାକରଣ, ଶାସ୍ତ୍ର, ପୁରାଣରେ ମହାନ୍ ପାଣ୍ଡିତ୍ୟ ଅର୍ଜନ କରିଥିଲେ ।

ସେସମୟରେ ପଣ୍ଡିତମାନେ ଶାସ୍ତ୍ରାର୍ଥ କରି ଅନ୍ୟ ପଣ୍ଡିତମାନଙ୍କୁ ପରାସ୍ତ

କରି ଦିଗ୍‌ବିଜୟୀ ପଣ୍ଡିତ ହେବାର ଗୌରବ ଅର୍ଜନ କରୁଥିଲେ । ହରିରାମ ଯେପରି ମେଧାବୀ ପଣ୍ଡିତ, ରାଜପୁରୋହିତଙ୍କ ପୁତ୍ର, ସେହି କାର୍ଯ୍ୟରୁ କ୍ଷାନ୍ତ ହୁଅନ୍ତେ କିପରି ? ବିଦ୍ୟାଶିକ୍ଷା କରିଥିବା ଗୁରୁଙ୍କ ଛଡ଼ା ବନାରସର ସମସ୍ତ ପ୍ରଧାନ ପଣ୍ଡିତମାନଙ୍କ ସହିତ ଶାସ୍ତ୍ରାର୍ଥ କଲେ ଏବଂ ବିଜୟପ୍ରାପ୍ତ ହୋଇ ଦିଗ୍‌ବିଜୟୀ ପଣ୍ଡିତ ରୂପେ ପ୍ରତିଷ୍ଠିତ ହେଲେ । ଅଳ୍ପ ବୟସରୁ ତାଙ୍କର ଯୋଗ୍ୟତା ଦେଖି ବନାରସ ବିଦ୍ୟାଳୟରେ ତାଙ୍କୁ ଅଧ୍ୟାପନା କାର୍ଯ୍ୟ ଦିଆଗଲା । ଏତେ ଅଳ୍ପ ବୟସରେ ପାଣ୍ଡିତ୍ୟର ପ୍ରଖ୍ୟାତି ଓ ସମ୍ମାନ ଯୋଗୁଁ ତାଙ୍କ ଅହଂକାର ବହୁତ ବୃଦ୍ଧି ହେଲା । ତାଙ୍କୁ ପତନରୁ ରକ୍ଷା କରିବା ସକାଶେ ଦିନେ ରାତିରେ ହରିରାମ ଶୋଇଥିବା ଅବସ୍ଥାରେ ଶ୍ରୀଶଙ୍କରଜି ଜଣେ ସାଧୁ ବେଶରେ ତାଙ୍କୁ ଭଗବଦ୍ ଭକ୍ତି ବିନା ଜୀବନ ତଥା ବିଦ୍ୟାର ବ୍ୟର୍ଥତା ବୁଝାଇ ଭଗବାନଙ୍କ ଭକ୍ତିର ଉପଦେଶ ଦେଇଥିଲେ । ସ୍ୱପ୍ନ ପରେ ତାଙ୍କ ନିଦ୍ରା ଭଙ୍ଗ ହୋଇଯିବାରୁ ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । ସେ ଅନୁଭବ କଲେ ଯେ ତାହା ଏକ ସ୍ୱପ୍ନ ନ ଥିଲା, ଥିଲା ଏକ ବାସ୍ତବ ଘଟନା । ସ୍ୱୟଂ ଶିବ ତାଙ୍କ ଉପରେ ଦୟାକରି ସଦୁପଦେଶ ଦେଲେ । ସେହି ଅନୁଭୂତିରୁ ତାଙ୍କ ଧାରଣା ଓ ମନୋବୃତ୍ତି ସଂପୂର୍ଣ୍ଣ ପରିବର୍ତ୍ତିତ ହୋଇଥିଲା । ସଂସାର ପ୍ରତି ପୂର୍ଣ୍ଣ ବୈରାଗ୍ୟ ଏବଂ ଭଗବଦ୍ ପ୍ରାପ୍ତି ସକାଶେ ଅନ୍ତରରେ ବ୍ୟାକୁଳତାର ବହ୍ନି ପ୍ରଜ୍ୱଳିତ ହେବାକୁ ଲାଗିଲା । ସେ କାଶୀରୁ ଫେରି ନିଜ ଜନ୍ମସ୍ଥାନ ଓରଛା ଆସିଲେ ।

କାଶୀରେ ଦିଗ୍‌ବିଜୟୀ ପଣ୍ଡିତ ଉପାଧି ପ୍ରାପ୍ତ ହେବାରୁ ରାଜଦରବାରରେ ତାଙ୍କର ବହୁତ ସମ୍ମାନ ହେଲା କିନ୍ତୁ ସେ ସାକ୍ଷାତ୍ ଶିବଙ୍କ କୃପା ପ୍ରାପ୍ତି କରିଥିବାରୁ ତାଙ୍କୁ ସେହି ସମ୍ମାନ ଅହଂର ଗହ୍ୱରକୁ ଟାଣି ନେଇ ମୋହାନ୍ଧ କରି ପାରିଲା ନାହିଁ । ସେ ମନେ ମନେ ଗୋଟିଏ ଉତ୍ତମ ଗୁରୁଙ୍କୁ ଖୋଜୁଥିଲେ । ଭଗବାନଙ୍କ ବିଧାନ ଅନୁସାରେ ବୃନ୍ଦାବନର ହିତହରିବଂଶଜିଙ୍କ ଶିଷ୍ୟ ଶ୍ରୀ ନବଳଦାସଜିଙ୍କ ଦର୍ଶନ ପ୍ରାପ୍ତ ହେଲା । ସେ ଅତ୍ୟନ୍ତ ଆଦର ସମ୍ମାନ ସହ ଅନୁନୟ-ବିନୟ କରି ତାଙ୍କୁ ନିଜ ଘରେ ରଖି ସେବା କଲେ । ଭଗବଦ୍ ଭକ୍ତି ବିଷୟରେ ବହୁ ପ୍ରକାର ଆଲୋଚନା ତାଙ୍କ ସହିତ ହେଲା । ନବଳଦାସଙ୍କ ସମ୍ପର୍କ ଅଧିକ ଦିନ ସେ

ଚାହୁଁଥିଲେ । କିନ୍ତୁ ନବଳଦାସ ବୃନ୍ଦାବନ ଯିବାକୁ ବହୁତ ବ୍ୟଗ୍ର ହେବାରୁ ତାଙ୍କୁ ବିଦାୟ ଦେଇ ସେ ନିଜେ ବୃନ୍ଦାବନ ଯିବାକୁ ବ୍ୟଗ୍ର ହୋଇ ପଡ଼ିଲେ; ଏବଂ ବୃନ୍ଦାବନ ଯାଇ ଶ୍ରୀ ହିତହରିବଂଶଜିଙ୍କଠାରୁ ଦୀକ୍ଷାମନ୍ତ୍ର ଉପଦେଶ ନେଲେ । ଗୁରୁଦେବ ତାଙ୍କ ନାମ ରଖିଲେ ବ୍ୟାସଦାସ । ସେ କିଛିଦିନ ଗୁରୁଙ୍କ ସେବାରେ ତାଙ୍କ ସାମୀପ୍ୟରେ ରହି ତାଙ୍କଠାରୁ ସାଧନ-ଭଜନର ପଦ୍ଧତି ଶିକ୍ଷାକରି ଘରକୁ ଫେରିଆସିଲେ । ଘରେ ଶ୍ରୀରାଧାକୃଷ୍ଣଙ୍କ ବିଗ୍ରହ ପ୍ରତିଷ୍ଠା କଲେ ଏବଂ ଭଗବତ୍ ସେବାପୂଜା, ସନ୍ଥସେବା ତଥା ଭଗବତ୍ ଭକ୍ତିରେ ସମୟ ଅତିବାହିତ କଲେ ।

ସେ ଥିଲେ ମହାନ୍ ବିଦ୍ୱାନ୍ । ତା' ସହିତ ଭଗବତ୍ ଭକ୍ତି ବିରାଜମାନ ହେବାରୁ ସୁବର୍ଣ୍ଣରେ ସୁଗନ୍ଧ ସଦୃଶ ଶୋଭା ବୃଦ୍ଧି ହେଲା । ରାଜା ତାଙ୍କୁ ସମ୍ମାନ ସହିତ ଭକ୍ତି କରୁଥିଲେ । ସମୟ ଅନୁସାରେ ତାଙ୍କର ଗୋଟିଏ କନ୍ୟା ଓ ତିନିଗୋଟି ପୁତ୍ରସନ୍ତାନ ହୋଇଥିଲେ । କନ୍ୟାର ବିବାହ ସମୟ ଆସିଲା । ବହୁ ସମାରୋହରେ ବିବାହ ପାଇଁ ପ୍ରସ୍ତୁତି ଚାଲିଲା । ବରଯାତ୍ରୀ ବନ୍ଧୁ ବାନ୍ଧବ, ସାହିପଡ଼ିଶା ଏବଂ ଅନ୍ୟାନ୍ୟ ବ୍ୟକ୍ତିଙ୍କ ଭୋଜନ ସକାଶେ ବହୁ ପ୍ରକାର ମିଷ୍ଟାନ୍ନ ତୟାର କରାହେଲା । ଉତ୍ତମ ମିଷ୍ଟାନ୍ନ ଦେଖି ବ୍ୟାସଦାସଜିଙ୍କ ମନେହେଲା, ''ଏହା ସନ୍ଥଙ୍କ ସେବାରେ ଲାଗିବା ଉଚିତ ।'' ସଙ୍ଗେ ସଙ୍ଗେ ସନ୍ଥମାନଙ୍କୁ ଡାକି ଭୋଜନର ବ୍ୟବସ୍ଥା କରାଇଲେ ଏବଂ ଯେଉଁ ସନ୍ଥମାନେ ଆସି ନ ଥିଲେ ସେମାନଙ୍କ ଆଶ୍ରମରେ ପହଞ୍ଚାଇ ଦେଲେ । ମୁକ୍ତ ହସ୍ତରେ ସନ୍ଥମାନଙ୍କୁ ଭୋଜନ କରାଇ ଦେବା ପରେ ବି ବହୁତ ମିଷ୍ଟାନ୍ନ ବଳି ପଡ଼ିଲା । ବରଯାତ୍ରୀ, ବନ୍ଧୁ-ବାନ୍ଧବ, ସାହିପଡ଼ିଶା, ଦୁଃଖିରଙ୍କୀ ଖାଇ ନେଇ ସାରିବା ପରେ ବି ମିଷ୍ଟାନ୍ନ ଶେଷ ହୋଇ ନ ଥିଲା । ଏହା ସାକ୍ଷାତ୍ ଭଗବତ୍ କୃପା ।

କନ୍ୟାର ବିବାହ ପରେ ଶ୍ରୀ ବ୍ୟାସଦାସଜି ବୃନ୍ଦାବନକୁ ଯିବାକୁ ବ୍ୟଗ୍ର ହୋଇ ପଡ଼ିଲେ । ତାଙ୍କର ସମସ୍ତ ସମ୍ପତ୍ତିକୁ ପୁତ୍ର ରାମଦାସ, ବିଳାସଦାସ, କିଶୋରୀଦାସକୁ ବାଣ୍ଟିଦେବା ଉଦ୍ଦେଶ୍ୟରେ ତିନିଟି ବସ୍ତୁ ରଖିଲେ । ଗୋଟିଏ ଭାଗରେ ରଖିଲେ ଧନସମ୍ପତ୍ତି, ଅନ୍ୟଭାଗରେ ରଖିଲେ ଠାକୁରଙ୍କ ସେବା-ପୂଜା । ତୃତୀୟ ଭାଗରେ ରଖିଲେ ବୈଷ୍ଣବ ସାମ୍ପ୍ରଦାୟିକ ଚିହ୍ନ ଶ୍ୟାମବନ୍ଧନୀ

ଏବଂ ସାମ୍ପ୍ରଦାୟିକ ଛାପ । ପୁତ୍ରମାନଙ୍କୁ କହିଲେ, ''ନିଜ ଇଚ୍ଛା ଅନୁସାରେ ଏହି ତିନି ବସ୍ତୁରୁ ଗୋଟିଏ ଗୋଟିଏ ବସ୍ତୁ ନେଇପାର ।'' ରାମଦାସ ନେଲେ ଧନସମ୍ପତ୍ତି, ବିଳାସଦାସ ଠାକୁରଙ୍କ ସେବା-ପୂଜାକୁ ବାଛିଲେ ଓ କିଶୋରୀଦାସ ନେଲେ ଶ୍ୟାମବନ୍ଧନୀ ଏବଂ ତିଳକ ଛାପ ।

ବ୍ୟାସଦାସଜି କିଶୋରୀଦାସଙ୍କୁ ସ୍ୱାମୀ ହରିଦାସଙ୍କ ଶିଷ୍ୟ କରାଇ ତାଙ୍କୁ ବୈରାଗୀ ବୈଷ୍ଣବ ତିଳକ ଛାପ ଦିଆଇଦେଲେ । ସେ ସ୍ୱାମୀ ହରିଦାସଜି ମହାରାଜଙ୍କ ଆଶ୍ରମରେ ବୈରାଗୀ ବୈଷ୍ଣବରୂପେ ଭଗବତ୍ ଭକ୍ତି ସାଧନାରେ ଲୀନ ରହିଲେ । କିଶୋରୀଦାସଜି ଉଚ୍ଚକୋଟୀର ସନ୍ଥ ହୋଇଥିଲେ । ଦିନେ କିଶୋରୀଦାସଜି ଗାଉଥିବା ଗୋଟିଏ ପଦ ଶ୍ରୀ ବ୍ୟାସଦାସଜି ଶୁଣିଲେ । ସେହିଦିନ ରାତିରେ ନିକୁଞ୍ଜରେ ଶ୍ରୀକୃଷ୍ଣ-ଶ୍ରୀରାଧାଙ୍କ ସମ୍ମୁଖରେ ଲଳିତାଦି ସଖୀ ସେହି ପଦକୁ ଗାଉଥିବାର ଆନ୍ତର ଅନୁଭୂତିରେ ସେ ଦେଖିଲେ । ଶ୍ରୀ ବ୍ୟାସଦାସଜି ଘରର ସମସ୍ତ କାର୍ଯ୍ୟ ଶେଷକରି ବୃନ୍ଦାବନ ଚାଲିଗଲେ ଏବଂ ନିଜ ଗୁରୁ ଶ୍ରୀ ହରିବଂଶଜି ମହାରାଜାଙ୍କଠାରୁ ବୈରାଗୀବେଶ ଧାରଣ କରି ବୃନ୍ଦାବନରେ ଗୋଟିଏ ନିକୁଞ୍ଜରେ ନିବାସ କଲେ ।

ଶ୍ରୀ ବ୍ୟାସଦାସଜି ଓରଛା ରାଜଦରବାର ଛାଡ଼ି ଆସିବାରୁ ରାଜାଙ୍କ ସମେତ ରାଜଦରବାରର ବ୍ୟକ୍ତିଙ୍କୁ ବହୁତ ଦୁଃଖ ହେଲା । ଘରର ବ୍ୟକ୍ତି ତଥା ତାଙ୍କ ଧର୍ମପତ୍ନୀଙ୍କ ଦୁଃଖର କଥା କହିଲେ ସରିଲା ନାହିଁ । ବ୍ୟାସଦାସଜିଙ୍କୁ ଫେରାଇ ଆଣିବା ସକାଶେ ରାଜା ମନ୍ତ୍ରୀଙ୍କୁ ପଠାଇଲେ । ସେ ବୃନ୍ଦାବନରେ ପହଞ୍ଚି ଶ୍ରୀ ବ୍ୟାସଦାସଜିଙ୍କୁ ବହୁତ ପ୍ରକାର ବୁଝାଇ ତାଙ୍କର ପରିବାରଙ୍କ ଦୁଃଖଶୋକ ବର୍ଣ୍ଣନା କରି ବ୍ୟାସଦାସଙ୍କୁ ଫେରାଇ ଘରକୁ ନେଇଯିବା ସକାଶେ ବହୁତ ଚେଷ୍ଟା କଲେ । ଶେଷରେ ମନ୍ତ୍ରୀ ନିରାଶ ହୋଇ ଫେରି ମହାରାଜାଙ୍କୁ ସମସ୍ତ ସମାଚାର କହିଦେଲେ ।

ବ୍ୟାସଦାସଜି ମହାନ୍ ବିଦ୍ୱାନ୍ ଥିଲେ କିନ୍ତୁ ଶଙ୍କର ଭଗବାନଙ୍କ ସ୍ୱପ୍ନାଦେଶ ପାଇବା ଦିନରୁ ତାଙ୍କ ସ୍ୱଭାବ ଏକେବାରେ ପରିବର୍ତ୍ତିତ ହୋଇଯାଇଥିଲା । ନମ୍ରତା, ଅନ୍ୟ ପ୍ରତି ସ୍ନେହ, ଶ୍ରଦ୍ଧା, ସହାନୁଭୂତି ତାଙ୍କ ଜୀବନର ଅଙ୍ଗରୂପେ

ଶୋଭା ପାଉଥିଲା । ମହାନ୍ ପଣ୍ଡିତଙ୍କର ଏପରି ସଦ୍‌ଗୁଣ ପ୍ରାପ୍ତ ହେବାରୁ ସୁବର୍ଣ୍ଣରେ ସୁଗନ୍ଧସଦୃଶ ସମସ୍ତ ବ୍ୟକ୍ତିଙ୍କ ପ୍ରିୟପାତ୍ର ହୋଇଥିଲେ । ଓରଛା ରାଜା ଭଗବତ୍ ଭକ୍ତ ଥିଲେ । ଏପରି ବିଦ୍ୱାନ୍ ଭକ୍ତ କୁଳପୁରୋହିତ ଚାଲିଯିବାରୁ ସେ ବିଶେଷ ଦୁଃଖ ଅନୁଭବ କଲେ । ବ୍ୟାସଦାସଜିଙ୍କର ନ ଆସିବାର ଖବର ମନ୍ତ୍ରୀଙ୍କଠାରୁ ପାଇ ସେ ମନ୍ତ୍ରୀ ତଥା ଅନୁଗତ ବ୍ୟକ୍ତିଙ୍କ ସହିତ ପୁରୋହିତଙ୍କୁ ଫେରାଇ ଆଣିବାକୁ ବୃନ୍ଦାବନ ଯାତ୍ରାକଲେ ।

ଶ୍ରୀକୃଷ୍ଣଙ୍କ ଲୀଳାଭୂମି ବୃନ୍ଦାବନ ଦର୍ଶନରେ ତାଙ୍କର ବିଶେଷ ଆନନ୍ଦ ଅନୁଭବ ହେଲା । ସେସମୟରେ ବ୍ୟାସଦାସଜି ଗୋଟିଏ କୁଟିରରେ ରହି ଭଗବତ୍ ଭକ୍ତିରେ ନିମଗ୍ନ ରହୁଥିଲେ । ରାଜାଙ୍କୁ ତାଙ୍କ ପରିଚାରଙ୍କ ସହିତ ନିଜ କୁଟିରରେ ପାଇ ସେ ବହୁତ ଆନନ୍ଦିତ ହେଲେ । ରାଜାଙ୍କୁ ତାଙ୍କ ପରିସ୍ଥିତି ଅନୁସାରେ ସମ୍ମାନର ସହିତ ସତ୍କାର କଲେ । ବ୍ୟାସଦାସଜିଙ୍କୁ ଓରଛା ଫେରାଇ ଆଣିବା ସକାଶେ ରାଜା ଅତ୍ୟନ୍ତ ଆଗ୍ରହ ପ୍ରକାଶ କଲେ । କିନ୍ତୁ ତାଙ୍କର ଭଗବତ୍ ଭକ୍ତିରେ ଦୃଢ଼ତା ଦେଖି ଗାର୍ହସ୍ଥ୍ୟାଶ୍ରମରେ ରହିବାକୁ ଆଗ୍ରହ କଲେ ନାହିଁ । ଫେରିଯାଇ ସେହି ଓରଛାରେ ବୈରାଗୀ ସନ୍ଥରୂପେ ରହି ସାଧନ-ଭଜନ କରିବାକୁ ବିଶେଷ ଆଗ୍ରହୀ ହେଲେ । ସେ ବୃନ୍ଦାବନ କୌଣସିମତେ ନ ଛାଡ଼ିବାରୁ ଗୋଟିଏ ଦିନ ସକାଶେ ରାଜାଙ୍କ ସଙ୍ଗେ ଯାଇ ପରିବାର ତଥା ଓରଛାବାସୀଙ୍କୁ ଦର୍ଶନ ଦେଇ ଫେରିଆସିବା ସକାଶେ ରାଜା ଅତ୍ୟନ୍ତ ଅନୁନୟବିନୟ ହୋଇ କହିଲେ । ରାଜାଙ୍କର ଅତ୍ୟନ୍ତ ଆଗ୍ରହ ଦେଖି ତାଙ୍କ ଆଗ୍ରହରେ ଆଘାତ ନ ଦେଇ ଇଚ୍ଛା ନ ଥିବା ସତ୍ତ୍ୱେ ଯିବା ସକାଶେ ସ୍ୱୀକୃତି ଦେଇଦେଲେ ।

କିନ୍ତୁ ନେତ୍ରରୁ ଅହରହ ଅଶ୍ରୁ ବର୍ଷା ହେବାକୁ ଲାଗିଲା । ସେ ଗୋଟିଏ ଗଛକୁ ଧରୁଥା'ନ୍ତି, ହୃଦୟ ବିଦାରକ ସ୍ୱରରେ ଶୋକଯୁକ୍ତ ହୋଇ କହୁଥା'ନ୍ତି, ''ମୁଁ ବଡ଼ ଅପରାଧୀ, ବଡ଼ ପାପୀ, ଏହି ଦିବ୍ୟଧାମରେ ବାସ କରିବାର ଅଧିକାରୀ ମୁଁ ନୁହେଁ, ସେହି ସକାଶେ ମୋତେ ତ୍ୟାଗ କଲ । ମୁଁ ତୁମକୁ ଛାଡ଼ି ରହିବି କିପରି ?'' ଗୋଟିଏ ବାଛୁରୀକୁ ଧରି ତାକୁ ଗଳାରେ ଲଗାଇ ନେଇ ଭୋ ଭୋ ହୋଇ କାନ୍ଦି କହୁଥାଆନ୍ତି; ''ତୁମେ କେଡ଼େ ଭାଗ୍ୟବାନ୍, ଶ୍ରୀକୃଷ୍ଣଙ୍କ

ଚରଣରେ ଯେଉଁ ଭୂମି ଅଙ୍କିତ ସେହି ଭୂମିରେ ତୁମେ ବିଚରଣ କରୁଛ; ଶ୍ରୀକୃଷ୍ଣଙ୍କ ସ୍ନେହରେ ଲାଳିତପାଳିତ ହେଉଛ; ମୋର ଘୋର ଦୁଷ୍କୃତ ଯୋଗୁଁ ମୋତେ ତୁମ୍ଭମାନଙ୍କ ସଙ୍ଗରୁ ତ୍ୟାଗ କରିଦେଲ ।'' ଏହିପରି ପଶୁପକ୍ଷୀ, ବୃକ୍ଷଲତାମାନଙ୍କୁ ସମ୍ବୋଧନ କରି ଉଚ୍ଚ ସ୍ୱରରେ କାନ୍ଦୁଥାଆନ୍ତି । ତାଙ୍କ ଦୁଇ ନେତ୍ରରୁ ଲୋତକର ପ୍ରବାହରେ ବକ୍ଷସ୍ଥଳ ସହିତ ପିନ୍ଧା ବସ୍ତ୍ର ଆର୍ଦ୍ର ହୋଇ ଯାଉଥାଏ । ଏପରି ଦୃଶ୍ୟ ଦେଖି ରାଜା ତାଙ୍କୁ ଓରଛା ନେଇଯିବା ଆଗ୍ରହ ତ୍ୟାଗ କରିଦେଲେ । ଏବଂ ତାଙ୍କ ଚରଣରେ ପ୍ରଣାମ କରି ନିଜ ଅପରାଧ ସକାଶେ କ୍ଷମା ମାଗିବା ସଙ୍ଗେ ସଙ୍ଗେ ତାଙ୍କଠାରୁ ଦୀକ୍ଷା ନେବାକୁ ପ୍ରାର୍ଥନା କଲେ । ରାଜାଙ୍କ ଆଗ୍ରହରେ ବ୍ୟାସଦାସଜି ତାଙ୍କୁ ବୈଷ୍ଣବ ଦୀକ୍ଷାମନ୍ତ୍ର ଉପଦେଶ ଦେଇ ଶିଷ୍ୟରୂପେ ଗ୍ରହଣ କଲେ । ରାଜା ବ୍ୟାସଦାସଙ୍କଠାରୁ ଦୀକ୍ଷା ଗ୍ରହଣ କରି ଓରଛା ଫେରି ଆସିଲେ । ଏହି ଟିକମଗଡ଼ ଓରଛା ରାଜାଙ୍କ ବଂଶପରମ୍ପରାରେ କିପରି ଭକ୍ତିଭାଗୀରଥୀ ପ୍ରବାହିତ ହେଉଥିଲା ତା'ର ପରିଚୟ ସକାଶେ ଏଠାରେ ଗୋଟିଏ ସାକ୍ଷାତ୍ ପ୍ରାମାଣିକ ଘଟଣା ଉଲ୍ଲେଖ କରିବା ।

ଏହି ରାଜାଙ୍କ ବଂଶପରମ୍ପରାରେ ରାଜାମାନେ ଶ୍ରୀକୃଷ୍ଣଙ୍କ ଭକ୍ତ ଓ ରାଣୀମାନେ ଶ୍ରୀରାମଙ୍କ ଭକ୍ତା ହେଉଥିବା ଦେଖାଯାଉଅଛି । ସେହି ବଂଶର ରାଜା ଏବଂ ରାଣୀ ଅଯୋଧ୍ୟାରେ କନକ-ଭବନ ନାମରେ ବିଶାଳ ରାମ ମନ୍ଦିର ତୟାର କରାଇଅଛନ୍ତି । ଥରେ ରାଜା ବୃନ୍ଦାବନ ଯାଇ ଓରଛା ଫେରିଆସିଲେ ଏବଂ ରାଣୀଙ୍କୁ ଅଯୋଧ୍ୟାରୁ ଫେରି ଆସିବାକୁ ଚିଠି ପଠାଇଲେ । ରାଣୀଙ୍କ ଆସିବା ବିଳମ୍ବ ହେବାରୁ ରାଜା ବ୍ୟଙ୍ଗରେ ଲେଖିଲେ, ''ଏକା ଆସିବ ନାହିଁ, ଶ୍ରୀରାମଙ୍କୁ ସଙ୍ଗରେ ନେଇଆସିବ ।'' ଏହି ବ୍ୟଙ୍ଗ୍ୟ ବାକ୍ୟରେ ରାଣୀଙ୍କୁ ବହୁତ ବ୍ୟଥା ହେଲା । ସେ ଭାବିଲେ, ''ଆଉ ରାଜଧାନୀକୁ ଫେରିବି ନାହିଁ । ଏହି ଅଯୋଧ୍ୟାରେହିଁ ପ୍ରାଣ ବିସର୍ଜନ କରିବି ।'' ଏହା ନିଶ୍ଚୟ କରି ଦିନେ ଅର୍ଦ୍ଧରାତ୍ର ସମୟରେ ଏକା ଉଠି ଶରୀର ତ୍ୟାଗ କରିବା ଉଦ୍ଦେଶ୍ୟରେ ସରଯୁ ନଦୀର ପ୍ରଖର ସ୍ରୋତରେ ବୁଡ଼ିଗଲେ । ବୁଡ଼ିଯିବା ସଙ୍ଗେ ସଙ୍ଗେ ତାଙ୍କ ହୃଦୟରେ ଶ୍ୟାମବର୍ଣ୍ଣର ଶ୍ରୀସୀତାରାମଙ୍କର ଦୁଇଟି ବିଶାଳ ପ୍ରସ୍ତରବିଗ୍ରହ ଆସି ଲାଗିଗଲା

ଏବଂ ସ୍ରୋତ ସ୍ଥଗିତ ହୋଇଗଲା । ବୁଡ଼ିଯିବା ଭଳି ଗଭୀର ଜଳ ପରିବର୍ତ୍ତେ ତାଙ୍କ ଅଣ୍ଟାପର୍ଯ୍ୟନ୍ତ ଜଳ ହୋଇଗଲା । ଶ୍ରୀରାମଙ୍କ ସେହି ପ୍ରସ୍ତରବିଗ୍ରହ କହିଲେ, ''ଅମୁକ ନକ୍ଷତ୍ରରେ ମୋତେ ନେଇ ଘରକୁ ଯାତ୍ରା କରିବୁ । ଯେଉଁଠାରେ ସେ ନକ୍ଷତ୍ର ସମାପ୍ତ ହେବ ସେହିଠାରେ ମୁଁ ରହିବି ।'' ଭଗବାନଙ୍କ ମୁଖରୁ ବାଣୀ ଶୁଣି ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ଭଗବାନଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ହୃଦୟ ଉଚ୍ଛୁଳି ଉଠିଲା । ଯେଉଁ ପ୍ରସ୍ତରବିଗ୍ରହକୁ ଚାରିଜଣ ଲୋକ ଉଠାଇ ପାରନ୍ତେ ସେହି ବିଗ୍ରହ ଏତେ ଉଶ୍ୱାସ ହୋଇଗଲା ଯେ ରାଣୀ ସହଜରେ ସେହି ସୀତାରାମଙ୍କର ଦୁଇଟି ବିଗ୍ରହକୁ କୋଳ କରି ତାଙ୍କ ନିବାସସ୍ଥାନ ଶ୍ରୀସୀତାରାମଙ୍କ ମନ୍ଦିର (କନକଭବନ)କୁ ନେଇଆସି ସିଂହାସନରେ ବିରାଜମାନ କରାଇ ସେବା-ପୂଜାରେ ଲାଗିପଡ଼ିଲେ । ସେବା-ପୂଜା ସମାପ୍ତ ହେବା ପରେ ରାଜାଙ୍କ ପାଖକୁ ବ୍ୟକ୍ତି ପଠାଇ ଚିଠି ଲେଖିଲେ, ''ପରମ କୃପାଳୁ ଶ୍ରୀରାମ ଓରଛା ଯିବାକୁ ଆଜ୍ଞା ଦେଇଛନ୍ତି । ତାଙ୍କୁ ଅମୁକ ନକ୍ଷତ୍ରରେ ନେଇଯିବାକୁ ହେବ ।'' ରାଜା ଏହି ଖବର ପାଇବା ସଙ୍ଗେ ସଙ୍ଗେ ମନ୍ତ୍ରୀ-ପରିଚାରକଙ୍କ ସହିତ ସବାରି ନେଇ ଅଯୋଧ୍ୟା କନକଭବନରେ ଶ୍ରୀସୀତାରାମଙ୍କୁ ଦର୍ଶନ କରି କୃତକୃତ୍ୟ ହୋଇଗଲେ ଏବଂ ରାଣୀଙ୍କ ଭକ୍ତିକୁ ପ୍ରଶଂସା କରିବା ଭଳି ଶବ୍ଦ ପାଇପାରୁ ନ ଥିଲେ ।

ଶ୍ରୀରାମଙ୍କ ଆଜ୍ଞାନୁସାରେ ନିର୍ଦ୍ଦିଷ୍ଟ ନକ୍ଷତ୍ରରେ ଗୋଟିଏ ଉତ୍ତମ ସବାରି ସଜ୍ଜିତ କରାଇ ସେଥିରେ ଶ୍ରୀସୀତାରାମଙ୍କ ବିଗ୍ରହ ବିରାଜମାନ କରାଇ ରାଜା, ରାଣୀ, ମନ୍ତ୍ରୀ, ସମସ୍ତ ପରିକର ଏବଂ ପଣ୍ଡିତମଣ୍ଡଳୀଙ୍କ ସହିତ ବହୁ ସମାରୋହରେ ଯାତ୍ରାକଲେ । ରାସ୍ତାରେ ବହୁତ ସମୟ ବ୍ୟତୀତ ହୋଇଗଲା । ଓରଛା ରାଜ୍ୟର ରାଜଧାନୀର ଖୁବ୍ ଅଳ୍ପ ଦୂରରେ ଶ୍ରୀ ବିଗ୍ରହଙ୍କ ସବାରି ଆଉ ଚାଲିଲା ନାହିଁ । ପଣ୍ଡିତମାନେ ପଞ୍ଜିକା ଦେଖି କହିଲେ, ''ଭଗବାନଙ୍କ ନିର୍ଦ୍ଦେଶିତ ନକ୍ଷତ୍ର ସମାପ୍ତ ହୋଇଯାଇଛି ।'' ଠାକୁରଙ୍କ ବିଗ୍ରହ ସେହିଠାରେ ରହିଲେ ଏବଂ ବିଶାଳ ମନ୍ଦିର ତୟାର କରାହେଲା । ଠାକୁରଙ୍କ ସେବାପୂଜା ରାଣୀ ସ୍ୱୟଂ କଲେ । ରାଣୀଙ୍କ ବୃଦ୍ଧାବସ୍ଥା ହୋଇଗଲା । ଦିନେ ଶ୍ରୀରାମଚନ୍ଦ୍ରଙ୍କ ବିଗ୍ରହ ରାଣୀଙ୍କୁ କହିଲେ, ''ତୋର ବୃଦ୍ଧାବସ୍ଥା ହୋଇଗଲାଣି । ବସିକରି ପୂଜାକର ।'' ରାଣୀ

କହିଲେ, ''ତୁମେ ଛିଡ଼ାହୋଇଛ, ମୁଁ ବସିବି କିପରି ?'' ଶ୍ରୀରାମଙ୍କ ବିଗ୍ରହ କହିଲେ, ''ଆଚ୍ଛା, ମୁଁ ବସିଯାଉଛି ।'' ଛିଡ଼ାହୋଇଥିବା ବିଗ୍ରହ ବସିଗଲେ । ଏହା ଏକେବାରେ ସତ୍ୟ ଘଟନା । ସେସମୟରେ ହଜାର ହଜାର ଲକ୍ଷ ଲକ୍ଷ ଲୋକ ଏହି ପ୍ରତ୍ୟକ୍ଷ ଘଟନାର ସାକ୍ଷୀ । ଶ୍ରୀ ନାଭାଜି ନିଜ ଭକ୍ତମାଳାରେ ମଧ ଏହି ଘଟନା ଲେଖିଛନ୍ତି । ସେହି ରାଜବଂଶର ଅଯୋଧାର ସର୍ବଶ୍ରେଷ୍ଠ ସୀତାରାମଙ୍କ କନକଭବନ ମନ୍ଦିର ଆଜି ବି ବିଦ୍ୟମାନ ଅଛି । ଆଜି ବି ତା'ର ବ୍ୟବସ୍ଥା ରାଜାଙ୍କ ବଂଶଜ କରୁଛନ୍ତି । ମହାଭାରତ ଯୁଗର ଯୁଧିଷ୍ଠିରଙ୍କ ସମୟରୁ ଏବଂ ତା' ପୂର୍ବରୁ କନକଭବନ ମନ୍ଦିର ଥିଲା । ତାହା କାଳକ୍ରମେ ଜୀର୍ଣ୍ଣ ହୋଇଯାଇଥିଲା । ଜୀର୍ଣ୍ଣ ମନ୍ଦିରର ଉଦ୍ଧାର କରିଥିଲେ ରାଜା ବିକ୍ରମାଦିତ୍ୟ । ତା'ପରେ ମନ୍ଦିର ଭୂମିସାତ୍ ହୋଇ ପଡ଼ିଥିଲା । ପୁନର୍ନିର୍ମାଣ କଲେ ଟିକମଗଡ଼ ଓରଛା ରାଜା ଏବଂ ରାଣୀ । ସେହି ବିଶାଳ ମନ୍ଦିର କନକଭବନ ନାମରେ ଆଜି ବି ଅଯୋଧାରେ ଶୋଭାପାଉଛି ।

ବ୍ୟାସଦାସଜିଙ୍କ ଚରିତ୍ର ମଧରେ ରାଜା ମଧୁକରସା'ଙ୍କ ବଂଶସ୍ଥ ରାଣୀଙ୍କ ଚରିତ୍ରର ଗୋଟିଏ ଘଟନା ବର୍ଣ୍ଣନା କରାଗଲା । ଏହି ଘଟନାଟି ପଢ଼ିବାରେ ପାଠକମାନଙ୍କର ଆଗ୍ରହ ହେବ ଏବଂ ଭଗବାନଙ୍କ ପ୍ରତି ବିଶ୍ୱାସ ଦୃଢ଼ୀଭୂତ ହେବ । ଏହି କାରଣରୁ ଏହି ଘଟନାଟି ଏଠାରେ ଆଲୋଚନା କରାଗଲା । ଏବେ ଆମେ ଛାଡ଼ିଥିବା ଶ୍ରୀ ବ୍ୟାସଦାସଜିଙ୍କ ଚରିତ୍ରକୁ ଆସିବା । ସନ୍ଥମାନେ ଉଚ୍ଚକୋଟୀର ମହାତ୍ମାଙ୍କ ସମୀପରେ ରହି ସାଧନ-ଭଜନ କରିବା ପସନ୍ଦ କରନ୍ତି । ଭଗବାନଙ୍କ ପ୍ରସ୍ତର, ଧାତୁବିଗ୍ରହର ସେବା-ପୂଜା ଭକ୍ତ-ସନ୍ଥଙ୍କ ସକାଶେ ଭକ୍ତିର ପ୍ରଧାନ ଅଙ୍ଗ । ବ୍ୟାସଦାସଙ୍କ କୁଟିରରେ ଭଗବାନଙ୍କ ଆର୍ଚା ବିଗ୍ରହ ପୂଜା-ସେବା ହେଉଥିଲା । ସନ୍ଥମାନେ ଆସି ନିବାସ କରିବାରୁ ସନ୍ଥସେବା ହେବାକୁ ଆରମ୍ଭ ହେଲା । ଶ୍ରୀ ବ୍ୟାସଦାସଜି ମହାରାଜ ତିଳକ ଏବଂ ତୁଳସୀମାଳା ଧାରଣ କରିଥିବା ସନ୍ଥମାନଙ୍କୁ ଭଗବତ୍‌ସ୍ୱରୂପ ରୂପେ ସମ୍ମାନ ତଥା ସେବା କରୁଥିଲେ । ଶ୍ରୀ ବ୍ୟାସଦାସଜି ମହାରାଜ ସନ୍ଥମାନଙ୍କ ସହିତ, ଭଗବାନଙ୍କ ସହିତ ଭଗବତ୍ ସେବା-ପୂଜା, ସାଧନ-ଭଜନରେ ବୁଡ଼ି ରହୁଥିଲେ ।

ଓରଛାର ମହାରାଜ ବ୍ୟାସଦାସଜିଙ୍କୁ ବୃନ୍ଦାବନରୁ ଫେରାଇ ନେଇଯିବା ପାଇଁ ରାଜପରିବାର ତଥା ବ୍ୟାସଦାସଜିଙ୍କ ପରିବାର ଦୃଢ଼ ଆଶା ପୋଷଣ କରି ଚାତକ ସଦୃଶ ଚାହିଁ ରହିଥିଲେ । ରାଜା ଶିଷ୍ୟତ୍ୱ ଗ୍ରହଣ କରି ଫେରିଯିବା ଖବର ପାଇ ସମସ୍ତଙ୍କୁ ବିଶେଷ ଦୁଃଖ ହେଲା । କିନ୍ତୁ ତାଙ୍କର ଧର୍ମପତ୍ନୀଙ୍କ ମସ୍ତକରେ ବଜ୍ର ପଡ଼ିବା ସଦୃଶ ଅନୁଭବ କରି ଶୋକରେ ବୁଡ଼ିଗଲେ । ଏହିପରି କିଛି ଦିନ ବ୍ୟତୀତ ହେବା ପରେ ସେ ବୃନ୍ଦାବନରେ ସନ୍ନ୍ୟାସୀ ପତିଙ୍କ ସେବାରେ ନିଜ ଜୀବନକୁ ନିୟୋଜିତ କରିବା ଉଦ୍ଦେଶ୍ୟରେ ନିଜର ଆତ୍ମୀୟମାନଙ୍କ ସହିତ ଓରଛାରୁ ବୃନ୍ଦାବନ ଆସି ଶ୍ରୀ ବ୍ୟାସଦାସଜିଙ୍କ କୁଟିରରେ ପହଞ୍ଚିଲେ । ସନ୍ଥମାନେ ଶ୍ରୀ ବ୍ୟାସଦାସଜିଙ୍କୁ ବହୁତ ଆଗ୍ରହ କରିବାରୁ ଭଗବାନଙ୍କ ସେବା ତଥା ସନ୍ଥମାନଙ୍କ ସେବା ସକାଶେ ଶ୍ରୀ ବ୍ୟାସଦାସଜି ତାଙ୍କ ଧର୍ମପତ୍ନୀଙ୍କୁ ନିଜ କୁଟିରରେ ରହିବାକୁ ଅନୁମତି ଦେଲେ । ଏବଂ ସେ ଅତ୍ୟନ୍ତ ଉତ୍ସାହରେ ନିଜର ଅଳଙ୍କାର ଉତାରି ରଖିଦେଇ ସନ୍ନ୍ୟାସିନୀ ବେଶରେ ଭଗବତ୍ ସନ୍ଥସେବାରେ ଲାଗି ପଡ଼ିଲେ ।

ଯେଉଁ ବ୍ୟକ୍ତିଙ୍କ ମଧ୍ୟରେ ଭଗବତ୍ ଭକ୍ତି ପ୍ରବଳ ଥାଏ ସେ ଭଗବତ୍ ପ୍ରତିମା ତଥା ରାମଲୀଳାରେ ଶ୍ରୀରାମ, ଶ୍ରୀସୀତା ଏବଂ ରାସଲୀଳାରେ ଶ୍ରୀକୃଷ୍ଣ ଶ୍ରୀରାଧା ରୂପ ଧାରଣ କରିଥିବା ପିଲାମାନଙ୍କୁ ଦେଖିବା ସମୟରେ ସାକ୍ଷାତ୍ ଇଷ୍ଟଦେବରୂପେ ତାଙ୍କ ଭାବ ଉଦ୍ରେକ ହୁଏ । ଶ୍ରୀ ବ୍ୟାସଦାସଜିଙ୍କ ମଧ୍ୟରେ ଭଗବତ୍ ଭକ୍ତି ପ୍ରବଳ ଥିଲା ।

ଦିନେ ରାସନୃତ୍ୟ ହେଉଥାଏ । ବୃନ୍ଦାବନର ସନ୍ଥ, ମହନ୍ତ, ମହାତ୍ମା ତଥା ଅନ୍ୟାନ୍ୟ ଭକ୍ତ-ଦର୍ଶକ ବସିଥାଆନ୍ତି । ଶ୍ରୀରାଧା ବିଗ୍ରହ ତନ୍ମୟ ହୋଇ ନୃତ୍ୟ କରିବା ସମୟରେ ତାଙ୍କ ଗୋଡ଼ରୁ ଘୁଙ୍ଗୁର ଛିଡ଼ିଗଲା । ନୃତ୍ୟରସରେ ବ୍ୟାଘାତ ହେବା ଦେଖି ସେ ନିଜେ ଧାରଣ କରିଥିବା ଯଜ୍ଞୋପବୀତ ଉତାରି ଶ୍ରୀୟାଦେବୀଙ୍କ ନୂପୁରଗୁଛି ତାଙ୍କ ଚରଣରେ ବାନ୍ଧିଦେଲେ । ସେତେବେଳେ ସନ୍ଥ-ସମାଜରେ କଣ୍ଠିତିଳକ ତଥା ଶିଖାସୂତ୍ର ତ୍ୟାଗ କରିବା ସମ୍ପ୍ରଦାୟ ବିରୁଦ୍ଧ କାର୍ଯ୍ୟ ଥିଲା । କିନ୍ତୁ ସେ ଭକ୍ତିରେ ବିଭୋର ହୋଇ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ପରବାୟ କରି ନ ଥିଲେ ।

ଶ୍ରୀ ବ୍ୟାସଦାସଜିଙ୍କର ଭଗବାନଙ୍କ ପ୍ରତ୍ୟେକ ସେବାରେ ଅସାଧାରଣ ନିଷ୍ଠା ଥିଲା । ସେ ସ୍ୱୟଂ ଠାକୁରଙ୍କୁ ସେବା-ପୂଜା କରୁଥିଲେ । ଦିନେ ଠାକୁରଙ୍କୁ ସ୍ନାନ କରାଇ ବସ୍ତ୍ରଭୂଷଣ ପରିଧାନ କରାଇ ମସ୍ତକରେ ଜରିର ଗୋଟିଏ ପାଗ ବାନ୍ଧୁ ଥିଲେ । ବହୁତ ସମୟ ବ୍ୟତୀତ ହୋଇଗଲା । କିନ୍ତୁ ପାଗ ବାନ୍ଧିପାରିଲେ ନାହିଁ । ଜରିର ପାଗ ଥିବାରୁ ବାନ୍ଧିବା ସମୟରେ ଖସି ଯାଉଥାଏ । ଅନ୍ୟାନ୍ୟ ସେବାରେ ବିଳମ୍ବ ହେବାକୁ ଲାଗିଲା । ସେ ବ୍ୟଙ୍ଗରେ ଠାକୁରଜିଙ୍କୁ କହିଲେ, ''ମୋ ପାଗ ବାନ୍ଧିବା ଯଦି ପସନ୍ଦ ନ ହେଉଛି ନିଜେ ବାନ୍ଧି ନିଅ ।'' ଏହା କହି ଚାଲିଗଲେ । କିଛି ସମୟ ପରେ ଆସି ଦେଖିଲେ ଠାକୁରଙ୍କ ମସ୍ତକରେ ସୁନ୍ଦର ଭାବେ ସେହି ଜରିପାଗ ବନ୍ଧା ହୋଇଛି । ସେ କହିଲେ, ''ତୁମେ ଯଦି ଏତେ ସୁନ୍ଦର ପାଗ ବାନ୍ଧିପାର, ମୋ ପାଗବନ୍ଧାକୁ କାହିଁକି ପସନ୍ଦ କରିବ ?''

ଶ୍ରୀ ବ୍ୟାସଦାସଜି ସମସ୍ତ ସନ୍ଥମାନଙ୍କ ସଙ୍ଗେ ବସି ପ୍ରସାଦ ସେବନ କରନ୍ତି । ତାଙ୍କ ଧର୍ମପତ୍ନୀ ପରିବେଷଣ କରନ୍ତି । ଦିନେ ଦୁଧ ପରଶିବା ସମୟରେ ବ୍ୟାସଦାସଜି ମହାରାଜଙ୍କ ପାତ୍ରରେ ଦୁଧ ସହିତ ସର ପଡ଼ିଗଲା । ସେ ଜାଣିକରି ନିଜ ପତି ପ୍ରତି ଅଧିକ ଭାବରଖି ଦୁଧ ସହିତ ସର ପକାଇ ଦେଇଥିବା ଧାରଣା କରି ବ୍ୟାସଦାସଜି ଅତ୍ୟନ୍ତ ଅସନ୍ତୁଷ୍ଟ ହୋଇ ତାଙ୍କ ପରଶିବା ସେବାରୁ ବଞ୍ଚିତ କରିଦେଲେ । ସେବାରୁ ବଞ୍ଚିତା ହେବା ଦୁଃଖରେ ତାଙ୍କ ପତ୍ନୀ ତିନିଦିନ ଭୋଜନ ନ କରିବାରୁ ତାଙ୍କ ଶରୀର କୃଶ ହୋଇଗଲା । ଅନ୍ୟ ସନ୍ଥମାନେ ବହୁତ କହିବାରୁ ବ୍ୟାସଦାସଜି କହିଲେ, ''ଯଦି ତା'ର ସମସ୍ତ ଅଳଙ୍କାର ବିକ୍ରିକରି ସନ୍ଥଙ୍କ ସେବାରେ ଲଗାଇ ଦେବ ତେବେ ତାକୁ ପୁନରାୟ ସେବାକରିବାକୁ ଦିଆଯିବ ।'' ତାଙ୍କ ପତ୍ନୀ ସହର୍ଷରେ ସମସ୍ତ ଅଳଙ୍କାର ବିକ୍ରିକରି ସନ୍ଥଙ୍କ ସେବାରେ ଲଗାଇଦେଲେ । ଏବଂ ସେହି ଦିନଠାରୁ ସେ ଆନ୍ତର ନିଷ୍ଠା ସହିତ ସମଭାବରେ ସନ୍ଥ-ସେବା କଲେ । ସନ୍ଥ ବ୍ୟାସଦାସଜିଙ୍କର ଭଗବାନ୍ ଶ୍ରୀକୃଷ୍ଣ ଏବଂ ଅହ୍ଲାଦିନୀ ଶକ୍ତି ଶ୍ରୀରାଧାଙ୍କ ପ୍ରତି ଅନନ୍ୟ ନିଷ୍ଠା ଥିଲା । ସେ ଭଗବତ୍ ବିଗ୍ରହ (ପ୍ରତିମା) ତଥା ରାସରେ ଲୀଳା କରିବା ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ଲୀଳା ବିଗ୍ରହରେ ସାକ୍ଷାତ୍ ଶ୍ରୀରାଧା ଶ୍ରୀକୃଷ୍ଣଙ୍କୁ ଉପଲବ୍ଧି କରୁଥିଲେ । ସନ୍ଥମାନଙ୍କ ପ୍ରତି ତାଙ୍କର ଅସାଧାରଣ

ନିଷ୍ଠା ଥିଲା । ଶରୀର ଥିବା ପର୍ଯ୍ୟନ୍ତ ସେ ବୃନ୍ଦାବନରେ ବାସ କଲେ । ସେ ଭଗବତ୍ ଭକ୍ତିପ୍ରେମ-ରସରେ ବୁଡ଼ି ରହୁଥିଲେ । ଶରୀର ତ୍ୟାଗକରି ଶ୍ରୀକୃଷ୍ଣଙ୍କ ନିତ୍ୟ ଗୋଲୋକରେ ଯୁଗଳ ସରକାରଙ୍କ ସେବା ପ୍ରାପ୍ତ ହେଲେ । ଶ୍ରୀ ନାଭାଜିଙ୍କ ଲିଖିତ ଭକ୍ତମାଳାରେ ଥିବା ଶ୍ରୀ ବ୍ୟାସଦାସଜି ମହାରାଜଙ୍କ ଚରିତ୍ରରୁ ପାଠକମାନଙ୍କ ସକାଶେ ଏଠାରେ କେତୋଟି ଘଟନା ମାତ୍ର ଆଲୋଚନା କରାଗଲା ।

# ଜସୂସ୍ୱାମୀଜି

ଜସୂ ସ୍ୱାମୀ କେ ବୃଷଭ ଚୋରି ବ୍ରଜବାସୀ ଲ୍ୟାଏ ।
ତୈସେଇ ଦିଏ ଶ୍ୟାମ ବରଷ ଦିନ ଖେତ ଜୁତାଏ ॥
– ନାଭାଜିଙ୍କ ଭକ୍ତମାଳ (୬ପୟ) ୫୪

''ଜସୂସ୍ୱାମୀଜିଙ୍କ ବଳଦ ବ୍ରଜବାସୀ ଚୋର ଚୋରି କରି ନେଇଥିଲେ । କିନ୍ତୁ ତାଙ୍କ ଚାଷ କାର୍ଯ୍ୟରେ ଅସୁବିଧା ନ ହେବା ସକାଶେ ଶ୍ୟାମସୁନ୍ଦରଙ୍କ କୃପାରୁ ପୂର୍ବ ବଳଦ ସ୍ଥାନରେ ଅବିକଳ ସେହିପରି ଦୁଇଟି ବଳଦ ବନ୍ଧା ହୋଇ ରହିଲେ । ଜସୂସ୍ୱାମୀ ନିଜର ବଳଦ ଚୋରି ହେବା ବୁଝିପାରିଲେ ନାହିଁ । ବର୍ଷେ ପର୍ଯ୍ୟନ୍ତ ଶ୍ରୀକୃଷ୍ଣଙ୍କ ଦତ୍ତ ବଳଦ ଦ୍ୱାରା ଚାଷ କରୁଥିଲେ ।''

ଭଗବାନଙ୍କ ସହିତ ଭକ୍ତର କି ସଂପର୍କ, ଭଗବାନ୍ ଭକ୍ତ ସକାଶେ କ'ଣ କରନ୍ତି ତାହା ଭକ୍ତର ବାହ୍ୟ କର୍ମ ବାହ୍ୟ ଆଚରଣରୁ ଆମ୍ଭେମାନେ ବାହ୍ୟ ଦୃଷ୍ଟିରେ ଦେଖିପାରିବା ନାହିଁ କିଂବା ମନରେ ବୁଝିପାରିବା ନାହିଁ । ଯିଏ ନିଜକୁ ଭଗବାନଙ୍କ ଚରଣରେ ସମର୍ପଣ କରିଦିଅନ୍ତି, ଛୋଟ ଶିଶୁ ମା' ଉପରେ ନିର୍ଭରଶୀଳ ହେବା ସଦୃଶ ତାଙ୍କ ଉପରେ ଭରସା ରଖନ୍ତି, ତାଙ୍କୁ ଭଗବାନ୍ ସର୍ବଦା ରକ୍ଷା କରୁ ଥାଆନ୍ତି । କୌଣସି ବିପଦ ଭକ୍ତର ଜ୍ଞାତ ସାରରେ ବା ଅଜ୍ଞାତସାରରେ ଆସିଲେ ତାହା ଦୂର କରନ୍ତି । ଏହିପରି ଉଦାହରଣ ଆମ୍ଭେମାନେ ପଢୁଥାଇ, ଶୁଣୁଥାଇ ଏବଂ ଦେଖୁଥାଇ । କିନ୍ତୁ ଆମ୍ଭେମାନେ ମୋହଅଜ୍ଞାନ ଅନ୍ଧକାରରେ ପଡ଼ିଥିବାରୁ ସର୍ବସମର୍ଥ ଦୟା କରୁଣା ଜ୍ଞାନ ଆନନ୍ଦସ୍ୱରୂପ ଭକ୍ତବତ୍ସଳ ଭଗବାନଙ୍କୁ ଛାଡ଼ି ଜାଗତିକ ବସ୍ତୁରେ ଅଭିଳଷିତ ସୁଖସୁବିଧା ଖୋଜୁଥାଇଁ ଏବଂ ସେଥିପାଇଁ ମୃଗତୃଷ୍ଣାରେ ସର୍ବଦା ଜଳର ଅଭାବ ସଦୃଶ ଦୁଃଖ-ଦ୍ୱନ୍ଦ୍ୱ ଭୋଗ କରୁଥାଇଁ । ଯେଉଁମାନେ ବହୁତ ଭାଗ୍ୟବାନ୍, ଯେଉଁମାନେ ଭଗବାନଙ୍କ ଆଶ୍ରୟ ନିଅନ୍ତି, ସେମାନେ କିପରି ସୁଖ ଶାନ୍ତି, ଆନନ୍ଦ ନିର୍ଦ୍ୱନ୍ଦ୍ୱରେ

ରହନ୍ତି ଆଜି ସେହିପରି ଭକ୍ତ ଜସ୍ପୂସ୍ୱାମୀଙ୍କ ଚରିତ୍ର ବିଷୟରେ ଆଲୋଚନା କରିବା ।

ଶ୍ରୀଜସ୍ପୂସ୍ୱାମୀଙ୍କ ଚରିତ୍ର ଶ୍ରୀ ନାଭାଜିଙ୍କ 'ଭକ୍ତମାଳ'ରେ ବର୍ଣ୍ଣିତ ହୋଇଛି । ଉତ୍ତର ପ୍ରଦେଶରେ ଗଙ୍ଗା ଏବଂ ଯମୁନା ନଦୀର ମଧଭୂମିରେ ଶ୍ରୀଜସ୍ପୂସ୍ୱାମିଜି ଗୋଟିଏ ଆଶ୍ରମରେ ନିବାସ କରୁଥିଲେ । ସେ ଥିଲେ ତ୍ୟାଗୀ ସନ୍ଥ । ସନ୍ଥମାନଙ୍କର ଜାତି, ଗୋତ୍ର, ଜନ୍ମସ୍ଥାନର ପରିଚୟ ଦିଆହୁଏ ନାହିଁ । ଗାର୍ହସ୍ଥ୍ୟାଶ୍ରମ ପରିତ୍ୟାଗ କରି ସନ୍ନ୍ୟାସାଶ୍ରମରେ ପ୍ରବେଶ କଲେ ଶାସ୍ତ୍ର ଅନୁସାରେ ବୈରାଗୀ ସାଧୁମାନଙ୍କର ନୂତନ ଜନ୍ମ ମାନ୍ୟ ହୁଏ । ସେ ସକାଶେ ପୂର୍ବାଶ୍ରମ ପରିଚୟ ଆବଶ୍ୟକ ହୁଏ ନାହିଁ ।

ସମସ୍ତ ସନ୍ଥଭକ୍ତ ଯଦ୍ୟପି ଭଗବାନଙ୍କୁ ଭକ୍ତି କରନ୍ତି, ସମସ୍ତଙ୍କର ଲକ୍ଷ୍ୟ ଏକ ଥାଏ, ତଥାପି ପ୍ରତ୍ୟେକଙ୍କର ସାଧନା-ପ୍ରଣାଳୀ ଭିନ୍ନ । ଯେପରି ଗଛର ପତ୍ର, ସଂସାରର ସମସ୍ତ ପ୍ରାଣୀ ଅବିକଳ ଏକ ସଦୃଶ ଅନ୍ୟ ନ ଥାଏ, ଠିକ୍ ସେହିପରି ସନ୍ଥଭକ୍ତମାନଙ୍କର ଭଗବତ୍‌ପ୍ରାପ୍ତିର ମାର୍ଗ ଏକର ଅନ୍ୟ ସଦୃଶ ନ ଥାଏ । ପ୍ରତ୍ୟେକ ମନୁଷ୍ୟର ସ୍ୱଭାବ ଯେପରି ଭିନ୍ନ, ଭଗବତ୍ ପ୍ରାପ୍ତିର ମାର୍ଗ ମଧ୍ୟ ସେହିପରି ସ୍ୱତନ୍ତ୍ର । ଏହି ନ୍ୟାୟରେ ଶ୍ରୀ ଜସ୍ପୂସ୍ୱାମୀଙ୍କର ଲକ୍ଷ୍ୟପ୍ରାପ୍ତିର ମାର୍ଗ ଅନ୍ୟାନ୍ୟ ସାଧୁସନ୍ଥମାନଙ୍କଠାରୁ ସଂପୂର୍ଣ୍ଣ ଭିନ୍ନ ଥିଲା । ସେ ଦିନରାତି ଧ୍ୟାନସ୍ଥ ହୋଇ ଆଖି ବନ୍ଦକରି ବସି ରହୁ ନ ଥିଲେ କିଂବା ପଦ୍ମାସନ ସିଦ୍ଧାସନରେ ବସି ମାଳାଜପ କରୁ ନ ଥିଲେ । ସେ ଆଶ୍ରମରେ ଶ୍ରୀଭଗବାନଙ୍କ ବିଗ୍ରହ ପ୍ରତିଷ୍ଠା କରି ସେବାପୂଜା କରୁଥିଲେ ଏବଂ ସନ୍ଥଭକ୍ତମାନଙ୍କ ସେବା କରୁଥିଲେ । ଠାକୁରଙ୍କ ନାମରେ କିଛି ଜମି ଥିଲା । ସେ ହଳେ ବଳଦ ରଖି ଚାଷ କରୁଥିଲେ । ସେଥିରୁ ଆମଦାନୀ ଶସ୍ୟ ଦ୍ୱାରା ସାଧୁସନ୍ଥମାନଙ୍କ ସେବା କରୁଥିଲେ । ତାଙ୍କର ଭଗବାନଙ୍କ ଉପରେ ଯେପରି ଦୃଢ଼ ବିଶ୍ୱାସ ଭରସା ଥିଲା ସେହିପରି ସନ୍ଥମାନଙ୍କ ସେବାରେ ନିଷ୍ଠା ଥିଲା ।

ଯେଉଁଠାରେ ଆନ୍ତରିକ ପ୍ରେମ-ଭକ୍ତିରେ ସନ୍ଥସେବା ହୁଏ ସେଠାକୁ ପୁଷ୍ପର ସୁଗନ୍ଧିରେ ଭ୍ରମର ଆକର୍ଷିତ ହୋଇ ଆସିବା ସଦୃଶ ସନ୍ଥମାନେ ଆସନ୍ତି ।

ଜସୂଜିଙ୍କ ସନ୍ଥସେବାର ପ୍ରଖ୍ୟାତି ଶୁଣି ସନ୍ଥମାନେ ଆସିବାକୁ ଲାଗିଲେ । ସନ୍ଥମାନଙ୍କ ଦର୍ଶନ ପାଇ ଜସୂଜି ବଡ଼ ଆନନ୍ଦିତ ହୋଇ ଆନ୍ତରିକ ନିଷ୍କପଟ ପ୍ରେମ ସହିତ ସନ୍ଥମାନଙ୍କ ସେବା କରୁଥିଲେ । ଭଗବତ୍ ତଥା ସନ୍ଥସେବାରେ ତାଙ୍କୁ ଅତ୍ୟନ୍ତ ଆନନ୍ଦ ମିଳୁଥିଲା । ଯେତେ ସଂଖ୍ୟାରେ ସନ୍ଥ ତାଙ୍କ ଆଶ୍ରମକୁ ଆସୁଥିଲେ ସେମାନଙ୍କ ଭୋଜନ ଏବଂ ଅନ୍ୟାନ୍ୟ ଆବଶ୍ୟକ ବସ୍ତୁ ସେ ଯୋଗାଉ ଥିଲେ । କିନ୍ତୁ କେବେ ବସ୍ତୁର ଅଭାବ ହେଉ ନ ଥିଲା । ଏହା ଥିଲା ଭଗବାନଙ୍କ କୃପା ଏବଂ ସନ୍ଥସେବାର ମହତ୍ତ୍ୱ ।

ଆଶ୍ରମ ଏବଂ ଆଶ୍ରମ ବସ୍ତୁ ତାଙ୍କର ବୋଲି ସେ କେବେ ଭାବୁ ନ ଥିଲେ । ତାଙ୍କ ଚେତନାରେ ବି ଏ ଧାରଣା ନ ଥିଲା । ସେ ସ୍ପଷ୍ଟ ଭାବେ ଅନୁଭବ କରୁଥିଲେ – ସେ ନିଜେ ଏବଂ ସମସ୍ତ ବସ୍ତୁ ଭଗବାନଙ୍କର । ସେ କେବଳ ଭଗବାନଙ୍କ ସେବକ ।

ପ୍ରତିଦିନ କାର୍ଯ୍ୟକ୍ରମ ଅନୁସାରେ ଜସୂଜି ଦିନେ ରାତିରେ ପ୍ରସାଦସେବନ କାର୍ଯ୍ୟ ଶେଷ କରି, ଭଗବାନଙ୍କ ବିଗ୍ରହକୁ ଶୟନ କରାଇ, ନିଜେ ଭଗବତ୍ ସ୍ମରଣ କରୁକରୁ ନିଦ୍ରିତ ହୋଇଗଲେ । ସେହି ଅବସରରେ କେତେକ ବ୍ରଜବାସୀ ଚୋର ଆସି ତାଙ୍କ ଗୋଶାଳାରୁ ଚାଷ କରୁଥିବା ଦୁଇଟି ବଳଦକୁ ଚୋରି କରି ନେଇଗଲେ । ଜସୂସ୍ୱାମୀ ଭଗବାନଙ୍କ ଉପରେ ପୂର୍ଣ୍ଣ ନିର୍ଭରଶୀଳ ଥିଲେ । ସେଥି ସକାଶେ ଜସୂଜିଙ୍କୁ ସବୁସମୟରେ ରକ୍ଷାକରିବା ଭବାନଙ୍କର କାମ ଥିଲା । ସେଦିନ ବି ଭଗବାନ୍ ଜସୂଜିଙ୍କର ଅସୁବିଧା ହେବାକୁ ଦେଲେ ନାହିଁ । ଚୋରି ଯାଇଥିବା ବଳଦଙ୍କ ସ୍ଥାନରେ ଅବିକଳ ସେହିପରି ଦୁଇଟି ବଳଦ ଭଗବାନଙ୍କ କୃପାରୁ ବନ୍ଧାହୋଇ ରହିଲେ । ଏବଂ ପୂର୍ବପରି ବର୍ଷେ ପର୍ଯ୍ୟନ୍ତ ଚାଷକାର୍ଯ୍ୟ କରୁଥିଲେ । ଏହି ରହସ୍ୟ ଜସୂଜି ଯଦ୍ୟପି ଜାଣି ନ ଥିଲେ ତଥାପି ସ୍ୱତଃସ୍ଫୂର୍ତ୍ତଭାବେ ଭଗବତ୍ କୃପାପ୍ରାପ୍ତ ବଳଦଙ୍କର ଯତ୍ନ ଅଧିକ ସ୍ନେହର ସହିତ ସେ କରୁଥିଲେ ।

ଏହିପରି ଗୋଟିଏ ବର୍ଷ ବ୍ୟତୀତ ହେବା ପରେ ଚୋରମାନେ ଦିନେ ହାଟକୁ ଯାଇଥିଲେ । ସେଠାରେ ଗୋରୁ ବିକ୍ରି ହୁଅନ୍ତି । ସେମାନେ ଦେଖିଲେ

ଚୋରିକରି ଆଣିଥିବା ବଳଦ ଯୋଡ଼ିଙ୍କୁ । ସେମାନେ ଆସିବା ସମୟରେ ଘରେ ବଳଦ ଦେଖି ଆସିଥିଲେ । ଏତେ ଶୀଘ୍ର କିଏ କିପରି ଆଣିଲା ? ଏହି ଦ୍ୱନ୍ଦ୍ୱ ସେମାନଙ୍କ ମନରେ ଆସିଲା । କିନ୍ତୁ ନିଜେ ଧରାପଡ଼ିଯିବା ଭୟରେ କାହାକୁ ପଚାରି ପାରୁ ନ ଥିଲେ । କିଛିକ୍ଷଣ ଦ୍ୱନ୍ଦ୍ୱରେ ପଡ଼ି ବଳଦ ଦେଖିବା ସକାଶେ ଘରକୁ ଗଲେ । ଏବଂ ଘରେ ଯେଉଁ ସ୍ଥାନରେ ବଳଦ ବନ୍ଧା ହୋଇଥିଲେ ଠିକ୍ ସେହି ସ୍ଥାନରେ ବନ୍ଧା ହୋଇଥିବା ଦେଖି ଆସିଲେ । ଏହିପରି ଦୁଇ ତିନି ଥର ଯିବା ଆସିବା କରି ଦୁଇ ସ୍ଥାନରେ ବଳଦ ଦେଖି ସେମାନେ ଆଶ୍ଚର୍ଯ୍ୟରେ ବୁଡ଼ିଗଲେ । ଅତ୍ୟନ୍ତ ଦ୍ୱନ୍ଦ୍ୱ ଯୋଗୁଁ ସେମାନେ ବ୍ୟତିବ୍ୟସ୍ତ ହୋଇପଡ଼ିଲେ । ବୁଦ୍ଧି ବିଚାର ନିସ୍ତେଜ ହୋଇଗଲା । ଯନ୍ତ୍ରବତ୍ ଅନ୍ୟ କେଉଁ ଶକ୍ତିର ପ୍ରେରଣାରେ ବଳଦର ତଥ୍ୟ ଜାଣିବା ସକାଶେ ଜସୂସ୍ୱାମୀଙ୍କ ଆଶ୍ରମକୁ ଆସିଲେ ଏବଂ ଅସ୍ତବ୍ୟସ୍ତଭାବେ ପଚାରିଲେ, ''ସ୍ୱାମୀଜି, ଆପଣଙ୍କ ବଳଦ ହାଟକୁ ପଠାଇଛନ୍ତି କି ?'' ସ୍ୱାମୀଜି ଉତ୍ତର ଦେଲେ 'ନାହିଁ' । ଆଚ୍ଛା, ''ଆପଣଙ୍କ ବଳଦ ଚୋରି ହୋଇଛି ?'' ଚୋରମାନେ ପଚାରିଲେ । ସ୍ୱାମୀଜି ଉତ୍ତର ଦେଲେ, ''ନାହିଁ, ଆମ ବଳଦ ଏହିଠାରେ ଅଛନ୍ତି ଏବଂ ଚାଷକାର୍ଯ୍ୟ କରୁଛନ୍ତି । କେବେ ବି ଚୋରିଯାଇ ନାହାନ୍ତି ।'' ''କ'ଣ ଆପଣ ସେ ବଳଦଙ୍କୁ ଆମକୁ ଦେଖାଇ ପାରିବେ ?'' ଚୋରମାନେ ପ୍ରଶ୍ନ କଲେ । ସ୍ୱାମୀଜି ଚୋରମାନଙ୍କୁ ନେଇ ନିଜ ବଳଦଙ୍କୁ ଦେଖାଇଦେଲେ । ବଳଦ ଦେଖିବା ମାତ୍ରେ ସେମାନଙ୍କ ହୋସ୍ ଉଡ଼ିଗଲା । ତିନି ସ୍ଥାନରେ ଏକହି ପ୍ରକାର ବଳଦ ! ବର୍ଣ୍ଣ, ଚିହ୍ନ, ରୂପରେ ଟିକିଏ ମାତ୍ର ପାର୍ଥକ୍ୟ ନାହିଁ ! କି ଆଶ୍ଚର୍ଯ୍ୟ ! ସେମାନେ ହକା ବକା ହୋଇ ବଳଦଙ୍କୁ ଏବଂ ସ୍ୱାମୀଜିଙ୍କୁ ଦେଖୁଥାଆନ୍ତି କିନ୍ତୁ କିଛି କହିପାରୁ ନ ଥା'ନ୍ତି । ସେମାନଙ୍କ ଅସ୍ୱାଭାବିକ ଅବସ୍ଥା ଦେଖି ସ୍ୱାମୀଜି ମଧ୍ୟ ଆଶ୍ଚର୍ଯ୍ୟ ହେଉଥାଆନ୍ତି ।

କିଛିକ୍ଷଣ ଏହି ଅବସ୍ଥା ପରେ ମଧ୍ୟ ସେମାନଙ୍କ ମୁହଁରୁ ଆଉ କିଛି ଶବ୍ଦ ଉଚ୍ଚାରଣ ହେଲା ନାହିଁ । ସେମାନେ ଭଗବାନଙ୍କ ସାକ୍ଷାତ୍ କୃପା ବୁଝି ପାରିଲେ ଏବଂ ଦୌଡ଼ି ଘରକୁ ଗଲେ । ଦୁଇଟିଯାକ ବଳଦ ଆଣି ସ୍ୱାମୀଜିଙ୍କ ପାଖରେ ପହଞ୍ଚି ତାଙ୍କ ଚରଣରେ ପଡ଼ି ରଡ଼ି ଛାଡ଼ି କାନ୍ଦିବାକୁ ଲାଗିଲେ । ସ୍ୱାମୀଜି ବହୁତ

ସାନ୍ତ୍ୱନା ଦେଇ ସେମାନଙ୍କୁ ଉଠେଇ ବସେଇ କାରଣ ପଚାରିଲେ । ସେମାନେ ବର୍ଷକ ପୂର୍ବରୁ ଚୋରିକରି ନେଇଥିବା, ହାଟରେ ତଥା ଏଠାରେ ଅବିକଳ ବଳଦ ଦେଖିବା ଘଟନା କହିଲେ । ନିଜ ଘୃଣ୍ୟ ଚୋରିକାମ ପାଇଁ ସେମାନେ ବହୁତ ଅନୁତାପ କଲେ । ସେମାନେ ନିଜ ଅପରାଧର ପ୍ରାୟଶ୍ଚିତ୍ତ ସକାଶେ ପ୍ରାର୍ଥନା କଲେ । ସଙ୍ଗେ ସଙ୍ଗେ ଦୁଇଟି ବଳଦ ସ୍ୱାମୀଜିଙ୍କୁ ଫେରାଇ ଦେଲେ । ଚୋରଙ୍କ ଦୁଇଟି ବଳଦ ଆସିବା ସଙ୍ଗେ ସଙ୍ଗେ ପୂର୍ବ ବଳଦ ଅନ୍ତର୍ଦ୍ଧାନ ହୋଇଗଲେ ।

ଚୋରମାନଙ୍କ ବ୍ୟାକୁଳ ପ୍ରାର୍ଥନାରେ ସ୍ୱାମୀଜିଙ୍କ ହୃଦୟ ଅତ୍ୟନ୍ତ ଦ୍ରବିତ ହୋଇଗଲା । ସେମାନଙ୍କ ପ୍ରାର୍ଥନାରେ ସେମାନଙ୍କୁ ପଞ୍ଚସଂସ୍କାର ସହିତ ମନ୍ତ୍ର ଉପଦେଶ ଦେଇ ଶିଷ୍ୟ କରିନେଲେ । ସେମାନଙ୍କୁ ସେଦିନ ଆଶ୍ରମରେ ରଖି ଭଗବତ୍ ପ୍ରସାଦ ଭୋଜନ କରାଇଲେ ତଥା ଅଧିକାରୀ ଜାଣି ଭଗବାନଙ୍କ ପ୍ରତି ସମର୍ପଣ, ବିଶ୍ୱାସ, ନିର୍ଭରତାର ରହସ୍ୟ ବୁଝାଇଦେଲେ । ସେମାନେ ନିଜ ଦୁର୍ଗୁଣ ବୁଝିପାରିଲେ । ଭଗବାନଙ୍କ ନିର୍ହେତୁକୀ କୃପା, ସ୍ୱାମୀଜିଙ୍କ ସହାନୁଭୂତି ଦେଖି ତାଙ୍କ ହୃଦୟ କୃତଜ୍ଞତାରେ ପୂର୍ଣ୍ଣ ହୋଇ ଯାଉଥିଲା । ସେମାନେ ସାବଧାନ ରହିବାକୁ ଚେଷ୍ଟା କରୁଥିଲେ ମଧ ହୃଦୟରୁ କୃତଜ୍ଞତାର ଶୋକ ପ୍ରବଳ ବେଗରେ ଆସି ମୁଖ ଦ୍ୱାରା ଉଚ୍ଚ ସ୍ୱରରେ ପ୍ରକାଶ ହେଉଥିଲା । ସେମାନେ ବାରଂବାର ସ୍ୱାମୀଜିଙ୍କୁ ପ୍ରଣାମ କରି ଘରକୁ ଫେରିଗଲେ । ପୂର୍ବ ଚୌର୍ଯ୍ୟବୃତ୍ତି ତ୍ୟାଗକରି ଗୁରୁଙ୍କ ଉପଦେଶ ମାର୍ଗରେ ଭଗବତ୍ ଭକ୍ତିରେ ନିମଗ୍ନ ରହି ଗୃହର ସମସ୍ତ କର୍ମ ଭଗବତ୍ ସେବା ଭାବରେ କରି ଭଗବାନଙ୍କୁ ସମର୍ପଣ କଲେ । ସେମାନେ ଧାନ, ଗହମ, ମୁଗ, ହରଡ଼, ପନିପରିବା, ଘିଅ, ଦୁଧ ଯାହାସବୁ ଉତ୍ପନ୍ନ କରୁଥିଲେ ପ୍ରଥମରେ ସନ୍ଥସେବା ସକାଶେ ସ୍ୱାମୀଜିଙ୍କ ଆଶ୍ରମରେ ପହଞ୍ଚାଇ ଦେଉଥିଲେ, ପରେ ଘରେ ଖର୍ଚ୍ଚ କରୁଥିଲେ । ଘରେ ଠାକୁରଙ୍କ ମୂର୍ତ୍ତି ରଖି ସେବାପୂଜା କରୁଥିଲେ ଏବଂ ଭଗବତ୍ ନାମ ସଂକୀର୍ତ୍ତନ କରୁଥିଲେ । ଏହି ପ୍ରଭାବରେ ସ୍ତ୍ରୀ, ପୁତ୍ର, କନ୍ୟା ସମସ୍ତେ ପ୍ରଭାବିତ ହୋଇ ଭଗବାନଙ୍କ ନାମ ସ୍ମରଣ ସହିତ ଭଗବାନଙ୍କ ଉଦ୍ଦେଶ୍ୟରେ ସମସ୍ତ କର୍ମ କରୁଥିଲେ । ସେମାନଙ୍କ

ଘର ଆଶ୍ରମରେ ପରିଣତ ହୋଇଥିଲା । ଏକ ମୁହୂର୍ତ୍ତ ପୂର୍ବରୁ ଯେଉଁମାନେ ଚୋର ଥିଲେ ସେମାନେ ଉତ୍ତମ ସମ୍ପର୍କରେ ଆସି କିପରି ସାଧୁ ହେଲେ ଏହି ଚରିତ୍ରରୁ ଆମ୍ଭେମାନେ ବୁଝିପାରିବା ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

# ପରମ ଭକ୍ତ ରୈଦାସ

ସଦାଚାର ଶ୍ରୁତିଶାସ୍ତ୍ର ବଚନ ଅବିରୁଦ୍ଧ ଉଚାର୍‌ୟୋ ।
ନୀର କ୍ଷୀର ବିବରନ ପରମହଂସନି ଉର ଧାର୍‌ୟୋ ॥
ଭଗବତ୍ କୃପା ପ୍ରସାଦ ପରମ ଗତି ଇହି ତନ ପାଇ ।
ରାଜସିଂହାସନ ବୈଠି ଗ୍ୟାତି ପରତୀତି ଦିଖାଇ ॥
ବରଣାଶ୍ରମ ଅଭିମାନ ତଜି ପଦ ରଜ ବନ୍ଦହିଁ ଜାସକୀ ।
ସନ୍ଦେହ ଗ୍ରନ୍ଥି ଖଣ୍ଡନ ନିପୂନ ବାନୀ ବିମଳ ରୈଦାସ କୀ ॥୫୯॥
— ନାଭାଜିଙ୍କ ଭକ୍ତମାଳ

ପରମ ଭକ୍ତ ରୈଦାସଙ୍କ ନାମ ସମସ୍ତ ସାଧୁ, ସନ୍ଥ, ଭକ୍ତ, ଯୋଗୀ ସନ୍ନ୍ୟାସୀ ଏବଂ ଅଧିକାଂଶ ସାଧାରଣ ଗୃହସ୍ଥ ବ୍ୟକ୍ତି ମଧ୍ୟ ଜାଣନ୍ତି । ଶ୍ରୀ ନାଭାଜିଙ୍କ ପ୍ରସିଦ୍ଧ ଭକ୍ତମାଳରେ ତାଙ୍କ ଜୀବନ ଚରିତ ଅତ୍ୟନ୍ତ ଶୋଭା ପାଉଛି । ଶ୍ରୀସମ୍ପ୍ରଦାୟର ଅନ୍ୟତମ ଆଚାର୍ଯ୍ୟ ଶ୍ରୀ ରାମାନନ୍ଦ ସ୍ୱାମୀଜି ମହାରାଜଙ୍କ ପ୍ରଧାନ ଦ୍ୱାଦଶ ଶିଷ୍ୟ ମଧ୍ୟରେ ରୈଦାସଜି ଥିଲେ ଜଣେ । ସେ ଅତ୍ୟନ୍ତ ସରଳ ତଥା ସ୍ପଷ୍ଟ ଭାଷାରେ ସଦାଚାର, ଭକ୍ତି ବିଷୟରେ ଯାହା ଲେଖିଛନ୍ତି ତାହା ବେଦ ପୁରାଣ ଓ ଶାସ୍ତ୍ରସମ୍ମତ । ହଂସ ନୀର ଏବଂ କ୍ଷୀରକୁ ପୃଥକ୍ କରିବା ସଦୃଶ ଯେଉଁ ପରମହଂସମାନେ ଅହଂସ୍ୱାର୍ଥକୁ ଅଧ୍ୟାତ୍ମ ସତ୍ୟଠାରୁ ପୃଥକ୍ କରନ୍ତି, ସେହି ପରମହଂସମାନେ ଶ୍ରୀ ରୈଦାସଙ୍କ ବାଣୀକୁ ହୃଦୟରେ ଧାରଣ କରିଥା'ନ୍ତି । ଭଗବାନଙ୍କ କୃପାରୁ ଶ୍ରୀ ରୈଦାସଜି ଏହି ଭୌତିକ ଶରୀରରେ ପରମପଦ ପ୍ରାପ୍ତ କରିଥିଲେ ତଥା ନିଜ ଶରୀରରେ ଯଜ୍ଞୋପବୀତ ଚିହ୍ନ ଦେଖାଇ ନିଜର ସଂପର୍କୀୟ ବ୍ୟକ୍ତି ତଥା ଅନ୍ୟମାନଙ୍କୁ ବିଶ୍ୱସ୍ତ କରାଇଥିଲେ । ବଡ଼ ବଡ଼ ବ୍ୟକ୍ତି ଉଚ୍ଚବର୍ଣ୍ଣରେ ଜାତ ହେବାର ଅଭିମାନ ଛାଡ଼ି ତାଙ୍କ ଚରଣରଜକୁ ନିଜ ମସ୍ତକରେ ଧାରଣ କରିଥିଲେ । ସେହି ରୈଦାସଙ୍କ ନିର୍ମଳ ବାଣୀ ସନ୍ଦେହ ଗ୍ରନ୍ଥି ଖୋଲିବାରେ ଅତ୍ୟନ୍ତ ସମର୍ଥ ଥିଲା । ଶ୍ରୀ ନାଭାଜି ତାଙ୍କ ଭକ୍ତମାଳରେ ଶ୍ରୀ ରୈଦାସଙ୍କ

ଚରିତ୍ର ଯେଉଁ କବିତାରେ ବର୍ଣ୍ଣନ କରିଛନ୍ତି, ସେଥିରେ ନିମ୍ନରେ ଉଲ୍ଲେଖ ହେବା ପୂର୍ବଜନ୍ମର ଘଟନାର କୌଣସି ସଂକେତ ନାହିଁ । କିନ୍ତୁ ପ୍ରିୟାଦାସଙ୍କ ଟୀକାରେ ତାଙ୍କ ପୂର୍ବ ଜନ୍ମର ଘଟନା ଉଲ୍ଲେଖ ଥିବାରୁ ଏଠାରେ ମଧ୍ୟ ଦିଆଗଲା ।

ଆଚାର୍ଯ୍ୟ ଶ୍ରୀ ରାମାନନ୍ଦ ସ୍ୱାମୀଙ୍କର ଜଣେ ବ୍ରହ୍ମଚାରୀ ଶିଷ୍ୟ ଥିଲେ । ସେ ପ୍ରତିଦିନ ଭିକ୍ଷାକରି ଅଟା ଆଣୁଥିଲେ । ସେହି ଅଟାରେ ତିଆରି ରୋଟି ଭଗବାନଙ୍କଠାରେ ଭୋଗ ଲାଗୁଥିଲା । ସନ୍ଥମାନେ ଭୋଜନ କରୁଥିଲେ । ସ୍ୱାମୀଜିଙ୍କର କୁଡ଼ିଆ ପାଖରେ ଜଣେ ବଣିକ ବ୍ୟବସାୟୀ ବାସକରୁଥିଲେ । ନିଜ ଘରୁ ସିଧା ନବା ସକାଶେ ସେ ବ୍ରହ୍ମଚାରୀଙ୍କୁ ବହୁବାର ଆଗ୍ରହକରି କହିଥିଲା । କିନ୍ତୁ ସ୍ୱାମୀଜି ମନାକରି ଥିବାରୁ ବ୍ରହ୍ମଚାରୀ ତାଙ୍କ ଘରୁ ସିଧା ନେଇ ନ ଥିଲେ । ଦିନେ ଅଧିକ ବର୍ଷା ହେଉଥିବାରୁ ବ୍ରହ୍ମଚାରୀ ଭିକ୍ଷା ସକାଶେ ଅନ୍ୟତ୍ର ନ ଯାଇ ସ୍ୱାମୀଜିଙ୍କ ଆଜ୍ଞା ଉଲ୍ଲଙ୍ଘନ କରି ସେହି ବଣିକ ବ୍ୟବସାୟୀଙ୍କ ଘରୁ ସିଧା ନେଇ ଆସିଥିଲେ ।

ଭୋଜନ ତୟାର ହୋଇଗଲା । ସ୍ୱାମୀଜି ଭଗବାନଙ୍କ ପ୍ରତିମା ସମ୍ମୁଖରେ ଭୋଗଥାଳି ରଖି ପ୍ରତିଦିନ ଭୋଗ ଲଗାଇବା ପ୍ରଣାଳୀ ଅନୁସାରେ ଧ୍ୟାନସ୍ଥ ହୋଇଗଲେ । କିନ୍ତୁ ଠାକୁରଜି ଭୋଗ ଗ୍ରହଣ ନ କରିବା ସେ ଧ୍ୟାନ ଅବସ୍ଥାରେ ଜାଣିପାରିଲେ । ସ୍ୱାମୀଜି ପୂର୍ବରୁ ଆନ୍ତରିକ ଚେତନାରେ ଜାଣି ଥିଲେ ଯେ, ସେ ବ୍ୟବସାୟୀ ବହୁ ଅନ୍ୟାୟରେ ନୀଚ କାର୍ଯ୍ୟରେ ଧନ ଉପାର୍ଜନ କରେ । ସେହି ସକାଶେ, ସେ ତା'ଘରୁ ଭିକ୍ଷା ଆଣିବାକୁ ମନା କରିଥିଲେ । କିନ୍ତୁ ସେଦିନ ଠାକୁରଜିଙ୍କୁ ଭୋଗ ନ ଲାଗିବାରୁ ସ୍ୱାମୀଜି ଭିକ୍ଷା ଆଣିଥିବା ବ୍ରହ୍ମଚାରୀ ଶିଷ୍ୟକୁ ଡାକି କେଉଁଠାରୁ ଭିକ୍ଷା ଆଣିଥିବା ବିଷୟ ପଚାରିଲେ । ସ୍ୱାମୀଜି ନିଷେଧ କରିଥିବା ସତ୍ତ୍ୱେ ସେହି ବ୍ୟବସାୟୀ ଘରୁ ସିଧା ଆଣିଥିବା ଶୁଣି ସ୍ଥୂଳରୂପେ ସନ୍ଧାନ କରିବାରେ ଜଣାଗଲା, ସେ ବଣିକ ବ୍ୟବସାୟୀ ଜଣେ ମୋଚି ସହଯୋଗୀ ସହିତ ବ୍ୟବସାୟ କରି ବହୁ ନୀଚ କାର୍ଯ୍ୟ ଓ ନୀଚ ଉପାୟରେ ଧନ ଉପାର୍ଜନ କରେ । ଅଶୁଦ୍ଧ ଅନ୍ନ ସନ୍ଥ ଭୋଜନ କଲେ ସେମାନଙ୍କ ବୁଦ୍ଧି ଅଶୁଦ୍ଧ ହେବ । ସେହି ସକାଶେ ସ୍ୱାମୀଜି ଅଶୁଦ୍ଧ ଅନ୍ନ ସ୍ୱୀକାର କରୁ ନ ଥିଲେ । ସେଦିନ ଠାକୁରଙ୍କ ଭୋଗ ଲାଗିଲା ନାହିଁ କିଂବା ସନ୍ଥମାନେ ଭୋଜନ କଲେ ନାହିଁ ।

ବ୍ରହ୍ମଚାରୀ ଶିଷ୍ୟ ସ୍ୱାମୀଜିଙ୍କ ଆଜ୍ଞା ଅବଜ୍ଞା କରିଥିବାରୁ ତାଙ୍କୁ ମୋଚି ଗୃହରେ ଜନ୍ମ ନେବାକୁ ସ୍ୱାମୀଜି ଅଭିଶାପ ଦେଲେ । ସମୟ ଅନୁସାରେ ବ୍ରହ୍ମଚାରୀ ଶିଷ୍ୟ ଶରୀର ତ୍ୟାଗ କରି ସମ୍ବତ୍ ୧୩୭୧ ମାଘ ପୂର୍ଣ୍ଣମାସୀ ଦିନ ମୁକ୍ତିଦାତ୍ରୀ ବିଶ୍ୱନାଥଙ୍କ କାଶୀପୁରୀରେ ଗୋଟିଏ ମୋଚି କୁଳରେ ଜନ୍ମ ଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ରଘୁ । ମା'ଙ୍କ ନାମ ଉଲ୍ଲେଖ କରାହୋଇ ନାହିଁ । ତାଙ୍କ ପିତା ଜୋତା ସିଲାଇ କରି ଜୀବିକା ନିର୍ବାହ କରୁଥିଲେ । ଶିଶୁ ଜନ୍ମ ହେବା ପରେ ମାତୃସ୍ତନ୍ୟ ପାନ କଲେ ନାହିଁ । ତାକୁ ଛୁଇଁ ଦେଲେ ସେ ରୋଦନ କରୁଥିଲେ । ଏହି କାରଣରୁ ତାଙ୍କ ପିତାମାତା ବିଶେଷ ଦୁଃଖିତ ହେଲେ ।

ଏହି ସମୟରେ ଶ୍ରୀ ରାମାନନ୍ଦ ସ୍ୱାମୀଜିଙ୍କୁ ଆକାଶବାଣୀ ହେଲା, ''ତୁମ ଶିଷ୍ୟ ରଘୁମୋଚି ଘରେ ଜନ୍ମ ଗ୍ରହଣ କରି ଅଛି । ତାକୁ ସାହାଯ୍ୟ କର ।'' ସ୍ୱାମୀଜି ଶୁଣିବା ମାତ୍ରେ ଶିଷ୍ୟଙ୍କ ସହିତ ରଘୁ ଗୃହରେ ପହଞ୍ଚିଲେ । ଆଚାର୍ଯ୍ୟ ସ୍ୱାମୀ ରାମାନନ୍ଦଜି ନୀଚ ମୋଚି ଘରକୁ ଆସିବାର ଦେଖି ରଘୁ ଏବଂ ତା'ର ସ୍ତ୍ରୀ ଆଶ୍ଚର୍ଯ୍ୟ ସମୁଦ୍ରରେ ବୁଡି ଗଲେ । ଏବଂ ବହୁ ଦୂରରୁ ସାଷ୍ଟାଙ୍ଗ ଦଣ୍ଡବତ କରିବା ପରେ ଉଠି ଛିଡ଼ାହୋଇ ହାତଯୋଡ଼ି ନବଜାତ ଶିଶୁ କ୍ଷୀର ପାନ ନ କରୁଥିବା ଘଟନା ନିବେଦନ କଲେ । ସ୍ୱାମୀଜି ଶିଶୁ ପାଖକୁ ଯାଇ ତାକୁ ରାମନାମ ଦୀକ୍ଷା ଦେଲେ ଏବଂ ମାତୃ କ୍ଷୀର ପାନ କରିବାକୁ ଆଦେଶ ଦେଲେ । ସ୍ୱାମୀଜିଙ୍କ ଆଦେଶରେ ଶିଶୁ ମାତୃ କ୍ଷୀର ପାନ କଲେ । ସ୍ୱାମୀଜି ଶିଶୁର ନାମ ରୈଦାସ ରଖି ଚାଲିଗଲେ । ରୈଦାସଜି ବାଲ୍ୟ ଅବସ୍ଥାରୁ ପ୍ରସନ୍ନ ରହୁଥିଲେ । କ୍ଷୁଧା ବା ଅନ୍ୟ କୌଣସି କାରଣରୁ ସେ ସାଧାରଣ ଶିଶୁ ସଦୃଶ କାନ୍ଦୁ ନ ଥିଲେ । ସେ କ୍ରମଶଃ ବଡ଼ ହେଲେ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବେ ନିରନ୍ତର ରାମନାମ ଜପ କରୁଥିଲେ । ତାଙ୍କର ବାଲ୍ୟ ଅବସ୍ଥାରୁ ଶାନ୍ତ, ଅଚଞ୍ଚଳ ଅବସ୍ଥା ତଥା ରାମନାମ ଜପ ଦେଖି ଲୋକେ ଆଶ୍ଚର୍ଯ୍ୟ ହେବା ସଙ୍ଗେ ସଙ୍ଗେ ତାଙ୍କୁ ଖୁବ୍ ଭଲ ପାଉଥିଲେ । କିନ୍ତୁ ପିତା ଥିଲେ ଏହାର ବିପରୀତ । ରୈଦାସଙ୍କ ଶାନ୍ତ ସ୍ଥିର ଗମ୍ଭୀର ସ୍ୱଭାବରେ ସେ ଚିନ୍ତିତ ହୋଇପଡ଼ିଲେ । କାମରେ ଲଗାଇ ଦେଲେ ସ୍ୱଭାବ ପରିବର୍ତ୍ତନ ହେବା ଆଶାରେ ତାଙ୍କୁ ଅଳ୍ପ ବୟସରୁ ଜୋତା ସିଲାଇ

କାର୍ଯ୍ୟ ଶିଖାଇଦେଲେ ତଥା କାର୍ଯ୍ୟରେ ଲଗାଇଦେଲେ । ରୈଦାସଜି ଭଗବତ୍ ସ୍ମରଣ ତଥା ଧ୍ୟାନ ସଙ୍ଗେ ସଙ୍ଗେ ଉତ୍ତମରୂପେ ଜୋତା ସିଲାଇ କରିପାରିଲେ । ପୁଅର କାର୍ଯ୍ୟଦକ୍ଷତାରେ ଅତ୍ୟନ୍ତ ପ୍ରସନ୍ନ ହୋଇ ଗୋଟିଏ ସ୍ୱଜାତି କନ୍ୟା ସହିତ ବିବାହ କରାଇଦେଲେ । ଦୈବଯୋଗକୁ ରୈଦାସଙ୍କ ସ୍ୱଭାବ ଯେପରି ଥିଲା, ସେ କନ୍ୟାଟିର ସ୍ୱଭାବ ମଧ୍ୟ ତଦ୍ରୂପ ଥିଲା । ସେ ଭଗବତ୍ ନାମ ସ୍ମରଣ ପୂର୍ବକ ଘରର ସମସ୍ତ କାର୍ଯ୍ୟ ଦକ୍ଷତାର ସହ କରୁଥିଲେ ।

ରୈଦାସଜିଙ୍କ ଜୋତାସିଲାଇ କାର୍ଯ୍ୟରେ ପିତା ପ୍ରସନ୍ନ ଥିଲେ । କିନ୍ତୁ ସାଧୁମାନଙ୍କ ସଙ୍ଗରେ ଅଧିକ ସମୟ ବ୍ୟୟକରିବା ତଥା ବିନା ପଇସାରେ ସାଧୁସନ୍ଥଙ୍କୁ ଜୋତା ଦେଇଦେବା ତାଙ୍କ ପସନ୍ଦ ନ ଥିଲା । ବହୁବାର ମନାକରିବା ସତ୍ତ୍ୱେ ସେ ନିଜ ସ୍ୱଭାବ ଛାଡ଼ି ନ ପାରିବାରୁ ତାଙ୍କ ଉପରେ ବିରକ୍ତ ହୋଇ ତାଙ୍କ ଧର୍ମପତ୍ନୀଙ୍କ ସହିତ ତାଙ୍କୁ ଘରୁ ବାହାର କରିଦେଲେ ଏବଂ ଘର ପଛଆଡ଼େ କୁଡ଼ିଆ କରି ରହିବାକୁ କହିଲେ । ଘରୁ ଗୋଟିଏ କାଣିକଉଡ଼ି ଦେଲେ ନାହିଁ । ରୈଦାସଜି ଏହାକୁ ଭଗବାନଙ୍କ ଆଶୀର୍ବାଦ ମାନି ଘାସପତ୍ରରେ ଗୋଟିଏ କୁଡ଼ିଆ ତିଆରି କରି ସେଥିରେ ନିଜର ଧର୍ମପତ୍ନୀଙ୍କ ସହିତ ଆନନ୍ଦରେ ନିବାସ କଲେ । ଯେଉଁମାନେ ଆନ୍ତରିକତା ସହ ଭଗବାନଙ୍କ ଉପରେ ନିର୍ଭରଶୀଳ ହୁଅନ୍ତି, ସେମାନଙ୍କ ସକାଶେ ପ୍ରତ୍ୟେକ ବିଧାନ ଭଗବାନଙ୍କ ଦ୍ୱାରା ହୁଏ । ରୈଦାସଜି ପିତାଙ୍କ ଶାସନରୁ ମୁକ୍ତ ହୋଇ ଆନନ୍ଦପୂର୍ବକ ସନ୍ଥସଙ୍ଗ ଏବଂ ସନ୍ଥସେବା ତଥା ଭଗବତ୍ ଭଜନରେ ସମୟ ବ୍ୟତୀତ କଲେ । ବଣରେ ମଲ୍ଲୀଫୁଲ ଫୁଟିଲେ ତା'ସୁଗନ୍ଧରେ ଯେପରି ଭ୍ରମର ଆକର୍ଷିତ ହୋଇଆସନ୍ତି ସେହିପରି ରୈଦାସଙ୍କ ଭଗବତ୍ ଭଜନ ଓ ଭକ୍ତି ପ୍ରଭାବରେ ତାଙ୍କ ନୀଚ କୁଳକୁ ପରବାୟ ନ କରି ବଡ଼ ବଡ଼ ବିଦ୍ୱାନ୍ ପଣ୍ଡିତ ସାଧୁସନ୍ଥ ବି ତାଙ୍କ ପାଖକୁ ଆସିଲେ । ସେମାନଙ୍କ ସଙ୍ଗରେ ଭଗବତ୍ ଚର୍ଚ୍ଚାକରି ରୈଦାସଙ୍କୁ ବହୁତ ଆନନ୍ଦ ମିଳିଲା । ଅଧିକ ସନ୍ଥ ଆସିବାରୁ ରୈଦାସ ସେମାନଙ୍କ ସକାଶେ ଗୋଟିଏ ପୃଥକ୍ କୁଡ଼ିଆ ତିଆରି କରିଦେଲେ । ସେମାନଙ୍କ ସକାଶେ ରୋଷେଇ ବ୍ୟବସ୍ଥା କରି ଦେଲେ । ସେମାନେ ରୋଷେଇ କରି ଭଗବାନଙ୍କୁ ଭୋଗ ଲଗାଇ ଭୋଜନ କଲେ ।

ସେମାନଙ୍କର ଯେତେବେଳେ ଯେଉଁ ବସ୍ତୁର ଆବଶ୍ୟକ ହେଲା ରୈଦାସଜି ତାହା ସବୁ ଯୋଗାଇଦେଲେ । ଭଗବାନଙ୍କୁ ନିଜ ହାତରେ ସେବା ପୂଜା କରିବା ସକାଶେ ଅନ୍ତରରେ ଅତ୍ୟନ୍ତ ଆଗ୍ରହ ହେବାରୁ ସେ ଭଗବାନଙ୍କ ଧାତୁ ପ୍ରତିମା ପ୍ରତିଷ୍ଠା କରି ନିଜେ ସେବାପୂଜା କଲେ ଏବଂ ଜୋତା ସିଲାଇ କରିବା ସମୟରେ ପ୍ରତିମାରେ ପ୍ରତ୍ୟକ୍ଷରୂପେ ଭଗବାନଙ୍କୁ ଦେଖି ପାରୁଥିଲେ । ସେ ଜୋତା ସିଲାଇ କରି ଯାହା ଉପାର୍ଜନ କରୁଥିଲେ ସେଥିରେ ସାଧୁସନ୍ଥଙ୍କ ସେବା କରୁଥିଲେ ଏବଂ ପତ୍ନୀ ସହିତ ନିଜେ ଜୀବନ ନିର୍ବାହ କରୁଥିଲେ । କିନ୍ତୁ ଧନ ପ୍ରତି ଟିକିଏ ମାତ୍ର ଆସକ୍ତି ନ ଥିଲା । ତାଙ୍କ ନିର୍ଲୋଭତାର ପରୀକ୍ଷା ନେବା ସକାଶେ ଦିନେ ସ୍ୱୟଂ ଭଗବାନ୍ ସାଧୁ ବେଶରେ ତାଙ୍କ ପାଖକୁ ଆସିଲେ । ରୈଦାସଙ୍କ ଭକ୍ତିଭାବ ଓ ସନ୍ଥସେବାରେ ବହୁତ ପ୍ରସନ୍ନ ହୋଇ ଗୋଟିଏ ପରଶମଣି ବାହାର କରି ଲୁହାକୁ ସ୍ପର୍ଶ କରି ତାଙ୍କ ସମ୍ମୁଖରେ ସୁନା କରିଦେଲେ । କହିଲେ, ''ଏହି ପଥରର କରାମତି ତ ଦେଖିଲ, ଏହାକୁ ରଖ; ମୁଁ ତୀର୍ଥ ଯାତ୍ରାରୁ ଆସିଲେ ନେବି । ଯେତେ ଇଚ୍ଛା ସେତେ ଲୁହା ସ୍ପର୍ଶ କରାଇଲେ ସେ ଲୁହା ସୁନା ହୋଇଯିବ ।''

ରୈଦାସ ନିରାସକ୍ତ ଭାବେ କହିଲେ, ''ଠାକୁରଙ୍କ କୁଡ଼ିଆ ଚାଳରେ ଖୋସିଦିଅ ।'' ସନ୍ଥଜି ପରଶମଣିକୁ କୁଡ଼ିଆ ଚାଳରେ ଖୋସିଦେଇ ଚାଲିଗଲେ । ତେର ମାସ ପରେ ପୁନରାୟ ରୈଦାସଙ୍କ ପାଖକୁ ଆସି ତାଙ୍କ ପୂର୍ବ କୁଡ଼ିଆରେ କିଛି ପରିବର୍ତ୍ତନ ନ ଦେଖି ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ''ସନ୍ଥଜି ! ତୁମେ ସେ ପରଶମଣି କ'ଣ କଲ ?'' ରୈଦାସଜି ଉତ୍ତର ଦେଲେ, ''ଯେଉଁଠାରେ ଖୋସିଥିଲେ ସେଠାରେ ଦେଖନ୍ତୁ, ସେଇଠାରେ ଥିବ ।'' ସନ୍ଥଜି ଖୋସିଥିବା ସ୍ଥାନରୁ ପରଶମଣି ପାଇ ପୁନରାୟ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ''ଏପରି ଅମୂଲ୍ୟ ମଣି ପାଇ ଏହାର କୌଣସି ଉପଯୋଗ କଲ ନାହିଁ ?'' ରୈଦାସଜି ଉତ୍ତର ଦେଲେ, ''ମୋର ପରମ ଐଶ୍ୱର୍ଯ୍ୟ ଭଗବାନ୍ । ତାଙ୍କୁ ମୁଁ ଦିବାନିଶି ସର୍ବଦା ଦେଖୁଛି । ଏହି ଭୌତିକ ଐଶ୍ୱର୍ଯ୍ୟରେ ମୋର ମନ ବଳୁ ନାହିଁ ।'' ସନ୍ଥଜି ଏକଥା ଶୁଣି ପରଶମଣି ନେଇ ଚାଲିଗଲେ । ପରଦିନଠାରୁ ପ୍ରତିଦିନ

ଠାକୁରଙ୍କ ସିଂହାସନରୁ ପାଞ୍ଚଟି ସୁବର୍ଣ୍ଣ ମୋହର ବାହାରିଲା । ଏଥିରେ ରୈଦାସଜି ଭୟଭୀତ ହୋଇ ମୋହର ଛୁଇଁଲେ ନାହିଁ । କେବଳ ଉପର ଆସନଟି ଝାଡ଼ି ସେହି ମୋହର ଉପରେ ବିଛାଇ ଦେଉଥିଲେ । ଭଗବାନ୍ ରୈଦାସଙ୍କୁ ସ୍ୱପ୍ନରେ କହିଲେ, ''ମୋର ପ୍ରସାଦରୂପେ ମୋହର ଗ୍ରହଣ କର ଏବଂ ମନ୍ଦିର ତିଆରି କରି ମୋ ପ୍ରତିମା ପ୍ରତିଷ୍ଠା କର ତଥା ସାଧୁ ସନ୍ଥଙ୍କ ସେବା କର ।''

ରୈଦାସଜି ଭଗବାନଙ୍କ ଆଜ୍ଞାମାନି ପ୍ରତିଦିନ ପ୍ରାପ୍ତ ହେଉ ଥିବା ପାଞ୍ଚ ସୁବର୍ଣ୍ଣ ମୋହରରେ ଭଗବାନଙ୍କର ଗୋଟିଏ ଅତ୍ୟନ୍ତ ସୁନ୍ଦର ମନ୍ଦିର ତଥା ସାଧୁ ସନ୍ଥଙ୍କ ନିବାସ ସକାଶେ ଗୋଟିଏ ସନ୍ଥନିବାସ ତିଆରିକଲେ ତଥା ଭଗବାନଙ୍କର ସେବା ପୂଜାର ଉତ୍ତମ ବ୍ୟବସ୍ଥା କଲେ । ମନ୍ଦିର ତିଆରି ଏବଂ ସନ୍ଥସେବା ହେବାରୁ ପୂର୍ବାପେକ୍ଷା ବହୁ ସଂଖ୍ୟାରେ ସାଧୁ ସନ୍ଥ ଆସିଲେ । ସବୁସମୟରେ ଭଜନ ସତ୍‌ସଙ୍ଗ ଚାଲିଲା । କିନ୍ତୁ ସେ ସବୁ ସମୟରେ ଭଗବତ୍ ଚେତନାରେ ନିବାସ କରୁଥିଲେ ଅର୍ଥାତ୍ ଭଗବାନଙ୍କ ଚେତନା ସହିତ ନିଜ ଚେତନା ଏକ କରିଦେଇ ଥିଲେ । ତାଙ୍କର ଗୋଟିଏ କବିତାରୁ ଏହା ସ୍ପଷ୍ଟ ହେଉଛି –

ପ୍ରଭୁଜି ! ତୁମ ଚନ୍ଦନ, ହମ ପାନୀ ।
ଜାକୀ ଅଁ ଗ-ଅଁ ଗ ବାସ ସମାନୀ ॥
ପଭୁଜି ! ତୁମ ଘନ, ବନ ହମ ମୋରା ।
ଜୈସେ ଚିତବତ ଚନ୍ଦ ଚକୋରା ॥
ପ୍ରଭୁଜି ! ତୁମ ଦୀପକ ହମ ବାତି ।
ଜାକୀ ଜ୍ୟୋତି ବରୈ ଦିନ-ରାତି ॥
ପ୍ରଭୁଜି ! ତୁମ ମୋତି, ହମ ଧାଗା ।
ଜୈସେ ସୋନହିଁ ମିଲତ ସୁହାଗା ॥
ପ୍ରଭୁଜି ! ତୁମ ସ୍ୱାମୀ ହମ ଦାସା ।
ଐସୀ ଭଗତି କରୈ ରୈଦାସା ॥

ତାଙ୍କର ଭଗବାନଙ୍କ ସହିତ ଏହି ଯେଉଁ ନିବିଡ଼ ତନ୍ମୟ ଅବସ୍ଥା କେବଳ ଧ୍ୟାନସ୍ଥ ଅବସ୍ଥାରେ ନୁହେଁ, ଜୋତା ସିଲାଇ କରିବା ତଥା ଅନ୍ୟାନ୍ୟ ସମସ୍ତ

କାର୍ଯ୍ୟ କରିବା ସମୟରେ ରହୁଥିଲା । ସେ ଭଗବତ୍ ଆନନ୍ଦରେ ବୁଡ଼ିରହି ସମସ୍ତ କର୍ମ କରୁଥିଲେ । ତାଙ୍କ ଭଗବାନଙ୍କ ପ୍ରତି ଭକ୍ତି, ସନ୍ଥସେବା ତଥା ସନ୍ଥସଙ୍ଗର ମହତ୍ତ୍ୱ କ୍ରମଶଃ ପ୍ରସାରିତ ହେବାକୁ ଲାଗିଲା । ଦୂର ଦୂରାନ୍ତରୁ ବହୁତ ବ୍ୟକ୍ତି ତାଙ୍କ ଦର୍ଶନକୁ ଆସିବାକୁ ଲାଗିଲେ । ତାଙ୍କ ରଚିତ କବିତା ବଡ଼ ବଡ଼ ସାଧୁସନ୍ଥ, ପରମହଂସମାନେ ଗାନ କଲେ ।

ରୈଦାସଜି ନୀଚ ମୋଚି କୁଳରେ ଜନ୍ମ ହୋଇ ଭଗବାନଙ୍କର ଏପରି ବିଶାଳ ମନ୍ଦିର ତିଆରି କରାଇଲେ । ସାଧୁସନ୍ଥଙ୍କ ଦ୍ୱାରା ସେବାପୂଜାର ଅତ୍ୟନ୍ତ ଉତ୍ତମ ବ୍ୟବସ୍ଥା ବି କଲେ ତଥା ଭଗବତ୍ ଭକ୍ତି ପ୍ରଭାବରୁ ଲୋକଙ୍କ ଦ୍ୱାରା ଅତ୍ୟଧିକ ସମ୍ମାନିତ ମଧ୍ୟ ହେଲେ । ଏହିସବୁ କାର୍ଯ୍ୟ ଦେଖି ବ୍ରାହ୍ମଣମାନେ ବରଦାସ୍ତ କରିପାରିଲେ ନାହିଁ । ଈର୍ଷାରେ ସେମାନଙ୍କ ହୃଦୟ ଜଳିବାକୁ ଲାଗିଲା ।

ରୈଦାସଜି ଭଗବତ୍ ଭକ୍ତିର ଯେଉଁ ଉଚ୍ଚାତିଉଚ୍ଚ ଶିଖରରେ ପହଞ୍ଚିଥିଲେ, ସେଠାରେ ଅହଂ, ସ୍ୱାର୍ଥ, ନାମ ଯଶଃର ଆସକ୍ତି, କାମନାବାସନା ପହଞ୍ଚିପାରୁ ନ ଥିଲା । କିନ୍ତୁ ନାମ ଯଶଃ ଛାୟା ସଦୃଶ ତାଙ୍କ ପଛରେ ଗୋଡ଼ାଉଥିଲା । ସଂସାର-ଆସକ୍ତ ବ୍ୟକ୍ତି ଏହିସବୁ ବସ୍ତୁ ପାଇବା ପାଇଁ ଦିନରାତି ପ୍ରଯତ୍ନ କରନ୍ତି, କିନ୍ତୁ ପାଆନ୍ତି ନାହିଁ । ଅନ୍ୟକୁ ପ୍ରାପ୍ତ ହେଲେ ସେମାନଙ୍କ ହୃଦୟ ବିଦ୍ରୋହାଗ୍ନିରେ ପ୍ରଜ୍ୱଳିତ ହୁଏ । ପଣ୍ଡିତ ବ୍ରାହ୍ମଣମାନଙ୍କର ଗାତ୍ରଦାହ ହେଲା । ସେମାନେ ବରଦାସ୍ତ କରି ନ ପାରି ରାଜଦରବାରରେ ପହଞ୍ଚିଲେ । ଏବଂ ନୀଚ ମୋଚିକୁଳ-ଉତ୍ପନ୍ନ ରୈଦାସର ବ୍ରାହ୍ମଣୋଚିତ କାର୍ଯ୍ୟ, ମନ୍ଦିର ନିର୍ମାଣ କରି ଠାକୁରଙ୍କ ସେବାପୂଜା କରାଇବା ଏବଂ କରିବା ବେଦ-ଶାସ୍ତ୍ରର ବିରୋଧ ଓ ବର୍ଣ୍ଣଧର୍ମର ପ୍ରତିକୂଳ ବୋଲି ରାଜସଭାରେ ଶାସ୍ତ୍ରପ୍ରମାଣ ସହ ଘୋଷଣା କଲେ । ପୁନରାୟ କହିଲେ, 'ଏହି ଅନ୍ୟାୟ କରିଥିବା ମୋଚି ରୈଦାସଙ୍କୁ ଧର୍ମବିରୋଧାଚରଣର ଦଣ୍ଡ ନ ଦିଆହେଲେ ରାଜ୍ୟରେ ଅଧର୍ମର ପ୍ରସାର ହେବ ଏବଂ ପ୍ରଜା ଅଧର୍ମ ଆଚରଣ କରିବେ ।' ଏହିପରି ବହୁରୂପେ ରୈଦାସଙ୍କ ଉପରେ ଦୋଷାରୋପଣ କଲେ । ରାଜା ବ୍ରାହ୍ମଣମାନଙ୍କ ଅଭିଯୋଗ ଶୁଣି ରୈଦାସଙ୍କୁ ଡକେଇ ପଚାରି ସମସ୍ତ ଘଟନା ବୁଝିଲେ । କିନ୍ତୁ ଏହା ପୂର୍ବରୁ ସେ ରୈଦାସଙ୍କ ଆନ୍ତରିକ ଭକ୍ତିଭାବ

ବିଷୟରେ ପରିଚିତ ଥିଲେ । ରୈଦାସଙ୍କ ନିଷ୍କପଟ ସତ୍ୟ ଭକ୍ତିଭାବରେ ଭଗବତ୍ ପ୍ରତିମା ସେବା ପୂଜା ବିଷୟ ଶୁଣି ପ୍ରସନ୍ନ ହେଲେ ଏବଂ କହିଲେ, ''ଭଗବାନ୍ ଜାତି ଗୋତ୍ରକୁ ମହତ୍ତ୍ୱ ଦିଅନ୍ତି ନାହିଁ, ଦିଅନ୍ତି ଆନ୍ତରିକ ନିଷ୍କପଟ ଭକ୍ତିକୁ । ଭକ୍ତିଭାବରେ ସମସ୍ତ ବ୍ୟକ୍ତିଙ୍କର ଭଗବତ୍ ପୂଜାର ଅଧିକାର ଅଛି ।'' ରାଜାଙ୍କର ଏହି ନ୍ୟାୟରେ ବ୍ରାହ୍ମଣମାନେ ବହୁତ ଦୁଃଖରେ ଫେରିଆସିଲେ । କିନ୍ତୁ ରୈଦାସଙ୍କ ନାମ ଯଶଃର ଅଧିକ ପ୍ରସାର ହେବାକୁ ଲାଗିଲା । ଏଥିରେ ବ୍ରାହ୍ମଣମାନଙ୍କ ଈର୍ଷା ଅତ୍ୟଧିକ ବଢ଼ିଗଲା ।

ତା'ପରେ ଆହୁରି ଗୋଟିଏ ଘଟନା ଘଟିଲା । ଚିତୌଡ଼ ରାଜ୍ୟର ରାଣୀ ଭଗବାନଙ୍କର ଅତ୍ୟନ୍ତ ଭକ୍ତା ଥିଲେ । କିନ୍ତୁ ଗୁରୁଙ୍କଠାରୁ ମନ୍ତ୍ର ଗ୍ରହଣ କରି ନ ଥିଲେ । ତାଙ୍କର ଇଚ୍ଛା ଥିଲା ଜଣେ ସିଦ୍ଧଗୁରୁ ପ୍ରାପ୍ତ ହେଲେ ତାଙ୍କଠାରୁ ମନ୍ତ୍ର ଗ୍ରହଣ କରିବେ । ରୈଦାସଙ୍କ ଭକ୍ତି ପ୍ରଭାବ ସେ ସମୟରେ ସର୍ବତ୍ର ପ୍ରସାରିତ ହୋଇଥିଲା । ରାଣୀ ତାଙ୍କ ନାମ ଶୁଣି ନିଜ ପରିଜନଙ୍କ ସହିତ କାଶୀଧାମରେ ପହଞ୍ଚିଲେ । ବିଶ୍ୱନାଥଙ୍କୁ ଦର୍ଶନ କରିବା ପରେ ପରମସନ୍ଥ ରୈଦାସଙ୍କୁ ଦର୍ଶନ କଲେ, ଏବଂ ତାଙ୍କଠାରୁ ମନ୍ତ୍ରଦୀକ୍ଷା ନେବା ସକାଶେ କରଯୋଡ଼ି ପ୍ରାର୍ଥନା କରି ତାଙ୍କ ଚରଣରେ ମସ୍ତକ ରଖିଦେଲେ । ରୈଦାସଜି ରାଣୀଙ୍କ ଆନ୍ତରିକ ନିଷ୍କପଟ ଶ୍ରଦ୍ଧା, ଭକ୍ତି ପ୍ରାର୍ଥନା ସ୍ୱୀକାର କରି ତାଙ୍କୁ ମନ୍ତ୍ର ଉପଦେଶ ଦେଲେ । ଏହି ଖବର କଥାରେ କଥାରେ ସମଗ୍ର କାଶୀରେ ପ୍ରଚାରିତ ହୋଇଗଲା । ଏହି ଘଟନାଟି ବ୍ରାହ୍ମଣମାନଙ୍କୁ ଅସହ୍ୟ ହୋଇ ପଡ଼ିଲା । ସେମାନେ କହିଲେ, ''ଘୋର କଳିକାଳ ଆସିଗଲା । ସବୁଠାରୁ ନିକୃଷ୍ଟ ବର୍ଣ୍ଣ ଶ୍ରେଷ୍ଠ ବର୍ଣ୍ଣକୁ ଦୀକ୍ଷା ଦେଲେ । ଆଉ ସଂସାର ରହିବ ନାହିଁ । ପ୍ରଳୟ ହୋଇ ଯିବ ।'' ଏହିପରି କହି ସବୁ ବ୍ରାହ୍ମଣ ପଣ୍ଡିତ ଏକତ୍ର ହୋଇ ରାଜାଙ୍କ ପାଖକୁ ଗଲେ । ମୋଚିକୁଳ ଉତ୍ପନ୍ନ ରୈଦାସଙ୍କର ଉଚ୍ଚକୁଳ ଉତ୍ପନ୍ନ ରାଣୀଙ୍କୁ ଦୀକ୍ଷା ଦେବା ଶାସ୍ତ୍ରର ବିରୋଧ ତଥା ଅନ୍ୟାୟ ବୋଲି ବେଦ ଶାସ୍ତ୍ରର ବହୁ ପ୍ରମାଣ ଦେଲେ, ତଥା ଘୋର ବିରୋଧ କଲେ । ଏହି ବିଷୟରେ ଉଚିତ ନ୍ୟାୟ କରିବା ସକାଶେ ରାଜା ରୈଦାସଙ୍କୁ ଡକେଇନେଲେ, ଏବଂ ସଭା ସମ୍ମୁଖରେ ଗୋଟିଏ ସୁନ୍ଦର ସିଂହାସନରେ

ଭଗବାନଙ୍କ ଧାତୁ ବିଗ୍ରହ ବିରାଜମାନ କରାଇ ସବୁ ବ୍ରାହ୍ମଣ ଏବଂ ରୈଦାସଙ୍କୁ ସମ୍ବୋଧନ କରି କହିଲେ, ''ଏହି ଭଗବତ୍ ପ୍ରତିମାକୁ ବିଧିବିଧାନ ବେଦମନ୍ତ୍ରରେ କିଂବା ଭକ୍ତିରେ ଆବାହନ କରନ୍ତୁ; ଭଗବାନ୍ ଯାହା ପାଖକୁ ଯିବେ, ସେହି ମନ୍ତ୍ରଦୀକ୍ଷା ଦେବାର ଅଧିକାରୀ ଏବଂ ଯୋଗ୍ୟ ମାନ୍ୟ ହେବ । ରାଜାଙ୍କର ଏହି ନିର୍ଣ୍ଣୟ ଶୁଣି ବ୍ରାହ୍ମଣମାନେ ସ୍ୱର ସହିତ ବେଦମନ୍ତ୍ର ବହୁତ ସମୟ ପର୍ଯ୍ୟନ୍ତ ଗାନ କଲେ କିନ୍ତୁ ଭଗବତ୍ ପ୍ରତିମା ଟିକିଏ ଘୁଞ୍ଚିଲେ ନାହିଁ । ବ୍ରାହ୍ମଣମାନେ ନିରାଶ ହୋଇ ବସିଲେ ।

ରୈଦାସଜି ଛିଡ଼ାହୋଇ ଗୋଟିଏ ପଦ ଗାଇବା ସଙ୍ଗେ ସଙ୍ଗେ ଭଗବତ୍ ପ୍ରତିମା ରୈଦାସଙ୍କ କୋଳକୁ ଆସିଗଲେ । ସମସ୍ତଙ୍କ ସମ୍ମୁଖରେ ଏହି ଘଟନା ଘଟିଲା । ଏଥିରେ ବ୍ରାହ୍ମଣମାନେ ବହୁତ ଲଜ୍ଜିତ ହେଲେ । କିନ୍ତୁ ରୈଦାସଙ୍କ ପ୍ରତି ସେମାନଙ୍କର ଈର୍ଷା ନିବୃତ୍ତ ହେଲା ନାହିଁ ।

ଚିତୌଡ଼ ରାଣୀ କିଛିଦିନ କାଶୀବାସ କରି ଗୁରୁଙ୍କଠାରୁ ଭଜନ, ଧ୍ୟାନ ତଥା ସାଧନାର ରହସ୍ୟ ଶିକ୍ଷା କଲେ । ଗୁରୁଙ୍କଠାରୁ ଆଜ୍ଞା ନେଇ ଚିତୌଡ଼ ଫେରିଗଲେ । କିଛିଦିନ ବ୍ୟତୀତ ହେବା ପରେ ଗୁରୁଙ୍କୁ ଦର୍ଶନ କରିବା ତଥା ସେଠିକା ବ୍ୟକ୍ତିଙ୍କୁ ଦର୍ଶନ ସୁଯୋଗ ଦେବା ସକାଶେ ରାଣୀ ଗୋଟିଏ ପ୍ରାର୍ଥନାପତ୍ର ଲେଖି ବିଶିଷ୍ଟ କର୍ମଚାରୀଙ୍କୁ ଗୁରୁଙ୍କ ନିକଟକୁ ପଠାଇ ଦେଲେ । ଗୁରୁଦେବ ରାଣୀଙ୍କ ପ୍ରାର୍ଥନା ସ୍ୱୀକାର କରି ସନ୍ଥଙ୍କ ସହିତ ଚିତୌଡ଼ ପହଞ୍ଚିଲେ । ରାଣୀ ତଥା ତାଙ୍କ ପରିବାରବର୍ଗ ଗୁରୁଙ୍କ ଦର୍ଶନରେ ବିଶେଷ ଆନନ୍ଦିତ ହେଲେ । ଗୁରୁଦେବ କିଛିଦିନ ରହିବା ପରେ ରାଣୀ ଗୋଟିଏ ବଡ଼ ଧରଣର ଭୋଜନ ଭଣ୍ଡାରା ଦେବାକୁ ଇଚ୍ଛା ପ୍ରକଟ କରି ଅନ୍ୟାନ୍ୟ ସନ୍ଥ ଏବଂ ବ୍ରାହ୍ମଣମାନଙ୍କୁ ନିମନ୍ତ୍ରଣ କଲେ । ସନ୍ଥମାନେ ପକ୍କା ଭୋଜନ ତିଆରି କଲେ । ବ୍ରାହ୍ମଣମାନେ ନିଜେ ପକ୍କାଭୋଜନ ତିଆରି କରି ପୃଥକ୍ ଭୋଜନ ପଙ୍ଗତ କରିବାକୁ କହିବାରୁ, ସେମାନଙ୍କ କହିବା ଅନୁସାରେ ସମସ୍ତ ସାମଗ୍ରୀ ଦିଆଗଲା । ବ୍ରାହ୍ମଣମାନେ ପୃଥକ୍ ପକ୍କା ଅନ୍ନ ତିଆରି କଲେ ଏବଂ ସେମାନଙ୍କର ପୃଥକ୍ ପଙ୍ଗତ ହେଲା । ସାଧୁମାନଙ୍କର ମଧ୍ୟ ପୃଥକ୍ ପଙ୍ଗତ ହେଲା । ଭୋଜନ କରିବା ସମୟରେ

ଦେଖାଗଲା ପ୍ରତ୍ୟେକ ଦୁଇଜଣ ବ୍ରାହ୍ମଣଙ୍କ ପରେ ଗୋଟିଏ ଗୋଟିଏ ରୈଦାସ ବସି ବ୍ରାହ୍ମଣଙ୍କ ସହିତ ତାଙ୍କରି ପଙ୍ଗତରେ ଭୋଜନ କରୁଛନ୍ତି, ଏବଂ ତାଙ୍କ ଶରୀର ମଧ୍ୟରେ ସୁବର୍ଣ୍ଣ ରଙ୍ଗର ଯଜ୍ଞୋପବୀତର ଜ୍ୟୋତିଃ ଚମକୁଛି । ଏହି ପ୍ରତ୍ୟକ୍ଷ ଦୃଶ୍ୟ ସମସ୍ତ ବ୍ରାହ୍ମଣ ଏବଂ ଅନ୍ୟାନ୍ୟ ଦର୍ଶନାର୍ଥୀ ସ୍ୱଚକ୍ଷୁରେ ଦେଖିଲେ । ଏହି ଦୃଶ୍ୟରେ ବ୍ରାହ୍ମଣମାନଙ୍କର ରୈଦାସଙ୍କ ପ୍ରତି ଥିବା ଈର୍ଷାଭାବ ଦୂର ହେଲା, ଏବଂ ସେମାନେ ରୈଦାସଙ୍କ ଚରଣ ସ୍ପର୍ଶକରି ନିଜ ନିଜ ଅପରାଧର କ୍ଷମା ଭିକ୍ଷା କଲେ ତଥା ବହୁ ସଂଖ୍ୟାରେ ବ୍ରାହ୍ମଣ ରୈଦାସଙ୍କ ଶିଷ୍ୟ ହୋଇଗଲେ । ରୈଦାସଜି କିଛିଦିନ ସେଠାରେ ରହି ସନ୍ଥମାନଙ୍କ ସହିତ ପୁନରାୟ କାଶୀ ଫେରିଆସିଲେ ।

କବୀର, ରୈଦାସ ଏବଂ ମୀରାବାଈ ସମକାଳୀନ ବୋଲି ବହୁ ସନ୍ଥ ଲେଖକଙ୍କ ମତ ପ୍ରକାଶିତ ହୋଇଛି । ଏହା ଯୁକ୍ତିଯୁକ୍ତ ବୋଲି ମନେହେଉଛି । ସବୁଠାରୁ ଅକାଟ୍ୟ ପ୍ରମାଣ ମିଳୁଛି ଆଚାର୍ଯ୍ୟ ଶ୍ରୀ ରାମାନନ୍ଦଙ୍କ ସଂପ୍ରଦାୟର ପ୍ରାମାଣିକ ଗ୍ରନ୍ଥରୁ । ସ୍ୱାମୀଜିଙ୍କ ଶିଷ୍ୟ କବୀର ଏବଂ ରୈଦାସ ଉଭୟ ଥିଲେ । ଏହାର ବହୁ ପ୍ରମାଣ ଅଛି ।

ସନ୍ଥ କବୀରଙ୍କ ସାଧନା ଯେପରି ଉଚ୍ଚକୋଟୀର ଥିଲା, ରୈଦାସଙ୍କର ସାଧନା ମଧ୍ୟ ସେହିପରି ଉଚ୍ଚକୋଟୀର ଥିଲା । କବୀର ଯେପରି ଭଗବତ୍ ପ୍ରାପ୍ତି ଅଧ୍ୟାତ୍ମ-ସତ୍ୟ ଉପଲବ୍ଧିରେ ବର୍ଣ୍ଣ-ଧର୍ମ, ନୈତିକ-ଧର୍ମ, ଉଚ୍ଚକୁଳର ଅଭିମାନ, ଅହଂକାର ଗର୍ବକୁ କଠୋର ଶକ୍ତିଶାଳୀ ତଥା ତିରସ୍କାରୀ ଶବ୍ଦରେ ଖଣ୍ଡନ କରିଛନ୍ତି, ରୈଦାସ ମଧ୍ୟ ନିଜ କବିତାରେ ସେହିପରି କରିଛନ୍ତି । କିନ୍ତୁ ଉଭୟଙ୍କ କବିତା ହୃଦୟସ୍ପର୍ଶୀ, ଶକ୍ତିଶାଳୀ, ଯୌକ୍ତିକତାରେ ପୂର୍ଣ୍ଣ, ଶାସ୍ତ୍ରସମ୍ମତ ହେବା ସତ୍ତ୍ୱେ ରୈଦାସଙ୍କ କବିତା ଅଧିକ କୋମଳ ଥିଲା । ତାଙ୍କ କବିତାରୁ ଗୋଟିଏ ଏଠାରେ ଉଦ୍ଧୃତ କରିବା ।

''ରୈଦାସ ରାତ ନ ସୋଇଏ, ଦିବସ ନ କରିୟେ ସ୍ୱାଦ ।
ଅହନିଶି ହରିଜନ ସୁମରିୟେ, ଛାଁଡ଼ି ସକଳ ପ୍ରତିବାଦ ।।''

— ରୈଦାସ

ସତ୍‌ସଙ୍ଗ ବିଷୟରେ :

ଗଲୀ-ଗଲୀ କୌ ଜଲୁ ବହି ଆୟୋ ସୁରସରି ଜାୟ ସମାୟୋ ।
ସଙ୍ଗତି କେ ପରତାପ ମହାତମ, ନାମ ଗଙ୍ଗୋଦକ ପାୟୋ ॥
ସ୍ୱାତି ବୁଁ ଦ ବରସୈ ଫଣି ଉପର, ସୀସ ବିଷୈ ହୋ ଜାଇ ।
ବହୀ ବୂଁ ଦକୈ ମୋତି ଉପଜେ, ସଙ୍ଗତିକୀ ଅଧିକାଇ ॥
ଜାତି ଭୀ ଓଛୀ, କରମ ଭୀ ଓଛା, ଓଛା କସବ ହମାରା ।
ନୀଚେ ସେ ପ୍ରଭୁ ଊଁଚ କିୟୋ ହୈ, କହେଁ ''ରୈଦାସ'' ଚମାରା ॥

''ଗଳି ଗଳିରେ ଅପବିତ୍ର ନର୍ଦମାଜଳ ବହିଆସି ସୁରସରି ଗଙ୍ଗାରେ ମିଶିଗଲେ ସେହି ଅପବିତ୍ର ଜଳ ସଙ୍ଗ ପ୍ରଭାବର ମାହାତ୍ମ୍ୟ ଯୋଗୁଁ ପବିତ୍ର ଗଙ୍ଗାଜଳରୂପେ ବ୍ୟକ୍ତି ପାନକରି ପବିତ୍ର ହୁଅନ୍ତି, ସେ ଅନ୍ୟ ଏକ ଉଦାହରଣ ଦେଇଛନ୍ତି – ସ୍ୱାତିବୁନ୍ଦ ସର୍ପ ଉପରେ ପଡ଼ିଲେ ବିଷ ହୋଇଯାଏ, ଏବଂ ସେହି ସ୍ୱାତିବୁନ୍ଦ ସଙ୍ଗତିର ପ୍ରଭାବରେ ମୋତିରେ ପରିଣତ ହୁଏ ।

ମୋର ଜାତି ବି ଖରାପ, କର୍ମ ବି ଖରାପ, ରହିବା ସ୍ଥାନ ବି ଖରାପ କିନ୍ତୁ ଭଗବାନଙ୍କ ଆଶ୍ରୟ ସଙ୍ଗତି ପାଇବାରୁ ଭଗବାନ୍ ନୀଚରୁ ଉଚ୍ଚ କରିଦେଲେ । ଏହା କହୁଛି ଚମାର ରୈଦାସ ।'' ଚମାର ଅର୍ଥ ମୋଚି ।

ପରମସନ୍ଥ ରୈଦାସ ଶହେ ପାଞ୍ଚବର୍ଷ ବୟସରେ ଏହି ନଶ୍ୱର ଶରୀର ତ୍ୟାଗକରି ଭଗବତ୍ ନିତ୍ୟଧାମ ପ୍ରାପ୍ତ ହୋଇଥିଲେ ଏବଂ ସେ ଜୀବିତ ଅବସ୍ଥାରେ ଅସଂଖ୍ୟ ପାପତାପ ପୀଡ଼ିତ ନରନାରୀଙ୍କୁ ଭଗବତ୍ ପ୍ରାପ୍ତି କରାଇଥିଲେ । ତାଙ୍କ ସ୍ଥୂଳ ଶରୀର ନାହିଁ କିନ୍ତୁ ତାଙ୍କର ହୃଦୟସ୍ପର୍ଶୀ କବିତା ଆଜି ବି ବହୁବ୍ୟକ୍ତିଙ୍କୁ ସନ୍ମାର୍ଗର ନିର୍ଦ୍ଦେଶ ଦେଉଛି ତଥା କେତେ ବିପଥଗାମୀ ବ୍ୟକ୍ତିଙ୍କୁ ସୁପଥକୁ ଆଣୁଛି । ଶ୍ରୀ-ସମ୍ପ୍ରଦାୟର ଅନ୍ୟତମ ଆଚାର୍ଯ୍ୟ ସ୍ୱାମୀ ଶ୍ରୀ ରାମାନନ୍ଦଙ୍କ ପ୍ରଧାନ ଦ୍ୱାଦଶ ଶିଷ୍ୟ ମଧ୍ୟରେ କବୀର ଏବଂ ରୈଦାସ ଥିଲେ ଯେଉଁ ରାମାନନ୍ଦ ସଂପ୍ରଦାୟର ବୈଷ୍ଣବ ସମସ୍ତ ଭାରତବର୍ଷରେ ପ୍ରସାରିତ ହୋଇଛନ୍ତି । କିନ୍ତୁ ଅଧିକ ସଂଖ୍ୟାରେ ନିବାସ କରନ୍ତି ଅଯୋଧ୍ୟାରେ । ଶ୍ରୀରାମାନନ୍ଦ ସମ୍ପ୍ରଦାୟର ସାଧନାପ୍ରଣାଳୀ ଧ୍ୟାନ, ମାନସପୂଜା ଓଗେର ଯଦ୍ୟପି ବହୁପ୍ରକାର ଅଛି ତଥାପି

ଅଧିକ ଜୋର ଦିଆହୋଇଛି ବିଭିନ୍ନ ପ୍ରଣାଳୀରେ ନାମଜପ ଉପରେ । ସେହି ସଂପ୍ରଦାୟରେ ବହୁତ ସଂଖ୍ୟାରେ ଉଚ୍ଚକୋଟୀର ସନ୍ଥ ଏବଂ ଭକ୍ତ ହୋଇ ଯାଇଛନ୍ତି ।

ମୀରାବାଇଙ୍କ ଗୋଟିଏ କବିତାରୁ ସେ ରୈଦାସଙ୍କ ଶିଷ୍ୟ ହେବା ପ୍ରମାଣ ମିଳୁଛି ।

ଯଥା । –

ନହୀଁ ମୈଁ ପୀହର ସାସରେ ରେ, ନହୀଁ ପିୟା ଜୀ କେ ପାସ ।
'ମୀରା'କେ ଗୋବିନ୍ଦ ମିଲିୟା ରେ, ଗୁରୁ ମିଲିୟା ରୈଦାସ ॥
'ମୀରା' ମହାନେ ସଂତୋଁହେଁ ମୈଁ, ସଂତକୀ ଦାସ ।
ଚେତନ ସଂତା ସୈନ ଥେ, ଦୀସତ ଗୁରୁ ରୈଦାସ ॥
'ମୀରା' ସଦ୍‌ଗୁରୁ ଦେବ କୀ, କରୈ ବନ୍ଦନା ଆସ
ଚିତ ଚେତନ ଆତମ କହ୍ୟା, ଧନ୍ୟ ଭଗତ ରୈଦାସ ॥

— ମୀରାବାଇ

କବୀର, ରୈଦାସ ଯେଉଁ ସମୟରେ ଥିଲେ ସେହି ସମୟରେ ମୀରାବାଇ ଏବଂ ଗୋସ୍ୱାମୀ ତୁଳସୀଦାସ ଥିବାର ବି ପ୍ରମାଣ ମିଳୁଛି । ଅନୁମାନ ହେଉଛି କବୀର ଏବଂ ରୈଦାସଙ୍କ ବୃଦ୍ଧ ଅବସ୍ଥା ସମୟରେ ମୀରାବାଇ ଏବଂ ତୁଳସୀଦାସ ଅଳ୍ପ ବୟସର ଥିଲେ । କବୀର ଏବଂ ରୈଦାସଜି ଚାଲିଯିବା ପରେ ଗୋସ୍ୱାମୀ ତୁଳସୀଦାସ ଏବଂ ମୀରାବାଇ ରହୁଥିଲେ । ଶ୍ରୀ ତୁଳସୀ ଦାସଜି ମୀରାବାଇଙ୍କୁ ଦେଇଥିବା ପତ୍ର ତାଙ୍କ ବିନୟ ପତ୍ରିକା ଗ୍ରନ୍ଥରେ ରହିଛି । କିନ୍ତୁ ସେ ସମୟରେ ବହୁ ଉଚ୍ଚକୋଟୀର ସନ୍ଥ ଭାରତବର୍ଷର ସବୁଆଡ଼େ ହୋଇଥିଲେ । ସେମାନଙ୍କର ଦାନ କେବଳ ଭାରତକୁ ନୁହେଁ ସମଗ୍ର ସଂସାରକୁ ।

ପରମସନ୍ଥ ଶ୍ରୀ ରୈଦାସଜି ଭୌତିକ ଶରୀର ତ୍ୟାଗ କରିଛନ୍ତି କିନ୍ତୁ ତାଙ୍କ ଅଧ୍ୟାତ୍ମ ପ୍ରଭାବ ଆଜି ବି ବିଦ୍ୟମାନ ଅଛି । ଆମ୍ଭେମାନେ ଆଜି ଶ୍ରୀ ରୈଦାସଙ୍କ ସଂକ୍ଷିପ୍ତ ଜୀବନ ଚରିତ ଗାନ କରି ନିଜକୁ କୃତାର୍ଥ କରିବା ।

# ପଦ୍ମନାଭଜି

ପରମ ଭକ୍ତ ପଦ୍ମନାଭଜିଙ୍କ ଭଗବତ୍ ନାମନିଷ୍ଠା ଭକ୍ତମାଳ ରଚୟିତା ଶ୍ରୀନାଭାଜିଙ୍କ ହୃଦୟକୁ ଏତେ ପ୍ରଭାବିତ କରିଥିଲା ଯେ, ସେ ତାଙ୍କ ଜୀବନର ଅନ୍ୟାନ୍ୟ ଘଟନା କିଛି ନ କହି, ପ୍ରଥମରେ ଭଗବତ୍ ନାମର ମହିମା ଏବଂ ତାଙ୍କ ନାମନିଷ୍ଠା ବର୍ଣ୍ଣନା କରିଅଛନ୍ତି ।

ନାମ ମହାନିଧି ମନ୍ତ୍ର, ନାମହିଁ ସେବା ପୂଜା ।
ଜପ ତପ ତୀରଥ ନାମ, ନାମ ବିନ ଔର ନ ପୂଜା ॥
ନାମ ପ୍ରୀତି ନାମ ବୈର, ନାମ କହି ନାମି ବୋଲୈ ।
ନାମ ଅଜାମିଲ ସାଖି ନାମ ବନ୍ଧନ ତେ ଖୋଲେ ॥
ନାମ ଅଧିକ ରଘୁନାଥ ତେ ରାମ ନିକଟ ହନୁମତ କହ୍ୟୋ ।
କବିର କୃପା ତେ ପରମ ତତ୍ତ୍ୱ ପଦ୍ମନାଭ ପରଚୌ ଲହ୍ୟୋ ॥୬୮॥

ପରମ ଭକ୍ତ ପଦ୍ମନାଭଜିଙ୍କର ଭଗବତ୍ ନାମ ପରମ ନିଧି, ସବୁଠାରୁ ଶ୍ରେଷ୍ଠ ମହାମନ୍ତ୍ର ଥିଲା । ସେ ନାମଜପକୁହିଁ ଭଗବାନଙ୍କ ଯଥାର୍ଥ ସେବାପୂଜା ମାନୁଥିଲେ । ସେ କେବଳ ନାମକୁହିଁ ଜପ, ତପ, ସବୁ ତୀର୍ଥ ମଧ୍ୟରେ ଶ୍ରେଷ୍ଠ ତୀର୍ଥ ବୋଲି ଉପଲବ୍ଧି କରିଥିଲେ । ନାମଜପ ଛଡ଼ା ଅନ୍ୟ କୌଣସି ପ୍ରକାର ସାଧନା ପ୍ରତି ତାଙ୍କର ରୁଚି ବା ଶ୍ରଦ୍ଧା ନ ଥିଲା । ନାମଜପ କରିବା ବ୍ୟକ୍ତିଙ୍କ ପ୍ରତି ତାଙ୍କର ଅତ୍ୟନ୍ତ ପ୍ରୀତି ଥିଲା । ନାମନିନ୍ଦୁକ ବ୍ୟକ୍ତି ସହିତ ସେ କୌଣସି ସମ୍ପର୍କ ରଖୁ ନ ଥିଲେ । ନାମଜପକୁହିଁ ସେ ସାକ୍ଷାତ୍ ଶ୍ରୀରାମରୂପେ ଉପାସନା କରୁଥିଲେ । ଶ୍ରୀରାମ ଏବଂ ନାମ ଉଭୟକୁହିଁ ସେ ଏକ ତତ୍ତ୍ୱ ବୋଲି ମାନିଥିଲେ । ଭଗବତ୍ ନାମ ପ୍ରଭାବର ସାକ୍ଷୀ ହେଉଛନ୍ତି ଅଜାମିଳ । ସେ ପୁତ୍ରର ନାମ ନାରାୟଣ କହି ଉଦ୍ଧାର ହୋଇଥିଲେ । ଭଗବତ୍ ନାମ ସଂସାରର ଅଜ୍ଞାନ, ଜନ୍ମମରଣାଦି ସମସ୍ତ ପ୍ରକାର ଦୁଃଖ, କଷ୍ଟ, ବନ୍ଧନରୁ ମୁକ୍ତ କରେ । ଏପରିକି ଶ୍ରୀରାମଙ୍କଠାରୁ ତାଙ୍କ ନାମ ବଡ଼ ବୋଲି ଭକ୍ତଶିରୋମଣି ଶ୍ରୀହନୁମାନଜି ଶ୍ରୀରାମଙ୍କୁ

କହିଥିଲେ । ଗୁରୁଦେବ ପରମସନ୍ଥ ଶ୍ରୀ କବୀରଙ୍କ କୃପାରୁ ଶ୍ରୀରାମନାମ ପରମ ତତ୍ତ୍ୱରୂପେ ଶ୍ରୀପଦ୍ମନାଭଜିଙ୍କର ଉପଲବ୍ଧି ହୋଇଥିଲା । ଶ୍ରୀହନୁମାନଜି ଶ୍ରୀରାମଙ୍କୁ କହିଥିଲେ,

ରାମ ତତୋଽଧିକଂ ନାମ ଇତି ମେ ନିଶ୍ଚିତା ମତି
ତ୍ୱୟୈକା ତାରିତାଽୟୋଧ୍ୟା ନାମ୍ନା ତୁ ଭୁବନତ୍ରୟମ୍ ।।

''ପ୍ରଭୁ, ଆପଣଙ୍କଠାରୁ ଆପଣଙ୍କ ନାମ ବଡ଼ । ଏହାହିଁ ମୋର ଧ୍ରୁବ ବିଶ୍ୱାସ । ଆପଣ ଅବତାର ନେଇ କେବଳ ଅଯୋଧ୍ୟାବାସୀଙ୍କୁ ଉଦ୍ଧାର କରିଥିଲେ । କିନ୍ତୁ ଆପଣଙ୍କ ନାମ ତିନି ଭୁବନର ଅସଂଖ୍ୟ ପ୍ରାଣୀଙ୍କୁ ଉଦ୍ଧାର କରୁଅଛି ।''

ଶ୍ରୀ ପଦ୍ମନାଭଜି ମହାପୁରୁଷ ଶ୍ରୀ କବୀରଜିଙ୍କ ଶିଷ୍ୟ ଥିଲେ । ଗୃହତ୍ୟାଗୀ ସନ୍ଥମାନଙ୍କ ପୂର୍ବ ଆଶ୍ରମ, ପିତାମାତାଙ୍କ ନାମ ଏବଂ ବାସସ୍ଥାନର ପରିଚୟ ଶାସ୍ତ୍ରରେ ନିଷେଧ ଥିବାରୁ ତାଙ୍କ ଜୀବନଚରିତରେ ତାହାସବୁ ଉଲ୍ଲେଖ ହୋଇ ନ ଥିଲା ।

ପଦ୍ମନାଭଜି ଥିଲେ ମହାନ୍ ଶାସ୍ତ୍ରବେତ୍ତା ପଣ୍ଡିତ । ସେସମୟରେ ପ୍ରଚଳିତ ପନ୍ଥା ଅନୁସାରେ ସେ ଦିଗ୍‌ବିଜୟୀ ପଣ୍ଡିତ ଉପାଧି ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ଅନ୍ୟାନ୍ୟ ସ୍ଥାନରେ ବହୁ ପଣ୍ଡିତଙ୍କ ସହିତ ଶାସ୍ତ୍ରାର୍ଥ କରି ସେମାନଙ୍କୁ ପରାଜୟ କରି କାଶୀରେ ପହଞ୍ଚିଲେ । କାଶୀ ପଣ୍ଡିତଙ୍କୁ ଶାସ୍ତ୍ରାର୍ଥରେ ପରାଜୟ କଲେ ସେ ଦିଗ୍‌ବିଜୟୀ ପଣ୍ଡିତ ଉପାଧି ପାଇପାରିବେ, ଏହା ତାଙ୍କର ଉଦ୍ଦେଶ୍ୟ ଥିଲା । କାଶୀ ପଣ୍ଡିତମାନଙ୍କୁ ତାଙ୍କ ବିଦ୍ୱତ୍ତାର ପ୍ରଭାବ ବିଦିତ ଥିଲା । ସେମାନେ ହାରିଯିବା ଭୟରେ ତାଙ୍କ ସହିତ ଶାସ୍ତ୍ରାର୍ଥ ନ କରି ସର୍ବସମ୍ମତିକ୍ରମେ ତାଙ୍କୁ ପରମସନ୍ଥ କବୀରଜିଙ୍କ ପାଖକୁ ପଠାଇବା ନିଶ୍ଚୟ କଲେ । ସେମାନେ ଜାଣିଥିଲେ ପଦ୍ମନାଭଜି ଶାସ୍ତ୍ରବେତ୍ତା ତଥା କର୍ମକାଣ୍ଡୀ ପଣ୍ଡିତ କିନ୍ତୁ ଅଧ୍ୟାତ୍ମ ବିଦ୍ୟାରେ ଶୂନ୍ୟ । କବୀରଜି ଯଦ୍ୟପି ଶାସ୍ତ୍ରର ପଣ୍ଡିତ ନ ଥିଲେ ତଥାପି ତାଙ୍କ ଆତ୍ମଜ୍ଞାନ ସମ୍ମୁଖରେ ବଡ଼ ବଡ଼ ପଣ୍ଡିତ ନତମସ୍ତକ ହୋଇଥିବା କଥା କାଶୀପଣ୍ଡିତମାନେ ଦେଖିସାରିଥିଲେ ।

ପଦ୍ମନାଭଜିଙ୍କୁ କାଶୀପଣ୍ଡିତମାନେ କହିଲେ, ''କବୀରଜି ମହାନ୍ ପଣ୍ଡିତ, ତୁମେ ଶାସ୍ତ୍ରାର୍ଥରେ ତାଙ୍କୁ ପରାଜୟ କରିପାରିଲେ ଦିଗ୍‌ବିଜୟୀ ପଣ୍ଡିତ ହୋଇପାରିବ ।'' ପଣ୍ଡିତମାନଙ୍କ କହିବା ଅନୁସାରେ ପଦ୍ମନାଭଜି କବୀରଜିଙ୍କ ପାଖରେ ପହଞ୍ଚିଲେ । ସେ କହିଲେ, ''କାଶୀପଣ୍ଡିତମାନେ ତୁମ ସହିତ ଶାସ୍ତ୍ରଚର୍ଚ୍ଚା କରିବା ସକାଶେ ମୋତେ ପଠାଇଅଛନ୍ତି ଏବଂ ତୁମ୍ଭ ପାଣ୍ଡିତ୍ୟକୁ ଭୂରି ଭୂରି ପ୍ରଶଂସା କରିଅଛନ୍ତି ।'' ଏହା ଶୁଣିବାମାତ୍ରେ ଶ୍ରୀ କବୀରଜି ମହାରାଜ ସବୁ ରହସ୍ୟ ବୁଝିପାରି ହସି କହିଲେ, ''ଭାଇ, ମୁଁ ଶାସ୍ତ୍ରସମ୍ବନ୍ଧେ କ'ଣ ଜାଣେ ? ତଥାପି ତୁମେ ଏତେବଡ଼ ପଣ୍ଡିତ ହୋଇ କୃପା କରି ମୋତେ ଦର୍ଶନ ଦେଲ, ଏଥିରେହିଁ ମୋର ସନ୍ତୋଷ । ତା'ଛଡ଼ା ମୁଁ ତୁମ୍ଭଙ୍କୁ ନିଜଠାରୁ ପୃଥକ୍ ଦେଖୁନାହିଁ, ଫେର୍ ଶାସ୍ତ୍ରାର୍ଥ କରିବି କିପରି ?''

ପଦ୍ମନାଭଜି ମହାନ୍ ପଣ୍ଡିତ ଥିଲେ । ଶ୍ରୀ କବୀରଜିଙ୍କ ତତ୍ତ୍ୱପୂର୍ଣ୍ଣ ବାକ୍ୟକୁ ସିଧା ସିଧା ମାନିନେବାର ଅର୍ଥ ତାଙ୍କ ପାଖରେ ହାରିଯିବା ପ୍ରମାଣ ହେବ । ସେସକାଶେ କବୀରଜିଙ୍କ ବାକ୍ୟ ଖଣ୍ଡନ କରି କହିଲେ, ''ଭିନ୍ନ ନ ମାନିଲେ କ'ଣ ହେଲା; ପ୍ରତ୍ୟେକ ବ୍ୟକ୍ତିର ମାର୍ଗ ଭିନ୍ନ ।'' କବୀରଜି କହିଲେ, ''ମାର୍ଗ ଭିନ୍ନ ହେବା ସତ୍ତ୍ୱେ ଲକ୍ଷ୍ୟ ଏକ । ଯେପରି ଗୋଟିଏ ଗନ୍ତବ୍ୟ ସ୍ଥାନରେ ପହଞ୍ଚିବାର ମାର୍ଗ ଭିନ୍ନ ଥାଏ, ସେହିପରି ଏକହିଁ ପରମତତ୍ତ୍ୱ ଭଗବାନଙ୍କୁ ପ୍ରାପ୍ତ କରିବାର ସାଧନାପ୍ରଣାଳୀ ଭିନ୍ନ ହେବା ସତ୍ତ୍ୱେ ପ୍ରାପ୍ତି ଏକହିଁ ହୋଇଥାଏ । ଭଗବତ୍ ପ୍ରାପ୍ତିର ଯେତେ ଭିନ୍ନ ଭିନ୍ନ ମାର୍ଗ ଅଛି, ସମସ୍ତ ମାର୍ଗର ବ୍ୟକ୍ତିଙ୍କ ପକ୍ଷେ ନାମସ୍ୱରୂପ ଗ୍ରାହ୍ୟ ଏବଂ ସର୍ବଶ୍ରେଷ୍ଠ । ଶ୍ରୀରାମନାମ ବ୍ୟତୀତ ଅନ୍ୟାନ୍ୟ ଯେତେ ସାଧନ ଏବଂ ଶାସ୍ତ୍ର ବିଧିବିଧାନ କର୍ମକାଣ୍ଡ କ୍ରିୟାକର୍ମ ସବୁ ବ୍ୟର୍ଥ ।'' ପଦ୍ମନାଭଜିଙ୍କୁ କବୀରଜିଙ୍କ ଏହି ବାକ୍ୟ ବହୁତ କଟୁ ପ୍ରତୀତ ହେଲା । ସେ ମହାନ୍ ପଣ୍ଡିତ ଏବଂ ଶାସ୍ତ୍ର ବିଧିବିଧାନ କର୍ମକାଣ୍ଡରେ ଅଧିକ ବିଶ୍ୱାସ ନିଷ୍ଠା ରଖୁଥିଲେ । ''ଭଗବତ୍ ନାମ ଛଡ଼ା କର୍ମକାଣ୍ଡ ବ୍ୟର୍ଥ,''— ଏହି ଶବ୍ଦ ତାଙ୍କ ହୃଦୟକୁ ତୀର ସଦୃଶ ଆଘାତ କରିଦେଲା । କିନ୍ତୁ କବୀରଜିଙ୍କ ଅଧ୍ୟାତ୍ମ ପ୍ରଭାବରେ ତାଙ୍କ ପାଣ୍ଡିତ୍ୟ ଶକ୍ତି ଅପ୍ରତିଭ ହୋଇସାରିଥିଲା । ସେ' ନେଇ ସେ

ଅଧିକ ଉତ୍ତେଜିତ ହୋଇପାରିଲେ ନାହିଁ । କେବଳ ରୁକ୍ଷ ଶବ୍ଦରେ କହିଲେ, ''ଏହାର ପ୍ରମାଣ କ'ଣ ?'' କବୀରଜି କହିଲେ, ''କାଲି ଆସ, ପ୍ରମାଣ ପାଇବ ।''

ପଦ୍ମନାଭଜି ମ୍ଳାନବଦନରେ କବୀରଜିଙ୍କଠାରୁ ଫେରିଲେ । କବୀରଜି ତାଙ୍କର ଜଣେ ଶିଷ୍ୟଙ୍କୁ କହିଲେ, ''ଏହି ପଣ୍ଡିତଙ୍କୁ ଯେଉଁଠାରେ ଦେଖିବୁ, ପାଞ୍ଚ ସାତ ଥର ରାମନାମ ଉଚ୍ଚାରଣ କରିବୁ ।'' ତହିଁ ଆରଦିନ ପଦ୍ମନାଭଜି ସ୍ନାନ କରି ସାନ୍ଧ୍ୟବନ୍ଦନ ତଥା ଶାସ୍ତ୍ରବିଧିରେ ହବନ କରିବାକୁ ଯିବା ସମୟରେ କବୀରଜିଙ୍କ ଶିଷ୍ୟଙ୍କ ସଙ୍ଗେ ଦେଖାହେଲା, ସେ ଜୋରରେ ପାଞ୍ଚ ସାତ ବାର ରାମନାମ ଉଚ୍ଚାରଣ କଲେ ।

ପଦ୍ମନାଭଜି ସାନ୍ଧ୍ୟବନ୍ଦନ କରିବା ପୂର୍ବରୁ ଜଣେ ଅପବିତ୍ର ବ୍ୟକ୍ତିଠାରୁ ରାମଶବ୍ଦ ଶୁଣି ନିଜକୁ ଅପବିତ୍ର ହୋଇଯିବା ମନେକଲେ । ଏବଂ ମନେ ମନେ ବହୁତ ରାଗିଗଲେ । ତାଙ୍କ ଦୃଷ୍ଟିରେ ସେ ବ୍ୟକ୍ତି ଥିଲା ଅତି ଦୁଷ୍ଟ ଏବଂ ଅପବିତ୍ର । ଏହି ଅପବିତ୍ରତାଠାରୁ ମୁକ୍ତ ହେବା ସକାଶେ ପୁନରାୟ ଗଙ୍ଗାସ୍ନାନ କଲେ ।

ସେ ପ୍ରତିଦିନ ମନ୍ତ୍ରବଳରେ କାଠରୁ ଅଗ୍ନି ଉତ୍ପନ୍ନ କରି ହବନ କରନ୍ତି । ସେହି ସକାଶେ ତାଙ୍କର ଶାସ୍ତ୍ରମନ୍ତ୍ର ଏବଂ କର୍ମକାଣ୍ଡରେ ଅଧିକ ବିଶ୍ୱାସ ଥିଲା । କିନ୍ତୁ ସେଦିନ ବହୁ ଚେଷ୍ଟା କରି ମନ୍ତ୍ର ଦ୍ୱାରା ଅଗ୍ନି ଉତ୍ପନ୍ନ କରିପାରିଲେ ନାହିଁ କିଂବା ହୋମ କରିପାରିଲେ ନାହିଁ । ସମୟ ବିଳମ୍ୱ ହେବାରୁ ସମସ୍ତ ନିତ୍ୟକର୍ମ ବନ୍ଦ ରଖି କବୀରଜିଙ୍କ ପାଖକୁ ଗଲେ । ତାଙ୍କ ମୁଖ ମ୍ଳାନ ଥିଲା । ସେ ଚିନ୍ତାଗ୍ରସ୍ତ ଥିବା ତାଙ୍କ ମୁଖମଣ୍ଡଳରୁ ଜଣା ପଡୁଥିଲା । କବୀରଜି ତାଙ୍କୁ ଦେଖିବାମାତ୍ରେ ପଚାରିଲେ, ''ତୁମ୍ଭେ ଅତ୍ୟଧିକ ଚିନ୍ତିତ ମନେହେଉଛ ?'' ପଦ୍ମନାଭଜି ଉତ୍ତରରେ ପ୍ରତି ଦିନର ନିୟମ ଅନୁସାରେ ଆଜି ଅଗ୍ନି ପ୍ରଜ୍ୱଳିତ ନ ହେବା ଏବଂ ପ୍ରାତଃକାଳର ନିତ୍ୟ ନିୟମ ନ ହେବା ଯୋଗୁଁ ଚିନ୍ତିତ ଥିବା କଥା କହିଲେ । କବୀରଜି କହିଲେ, ''ତୁମ୍ଭର ଧର୍ମଭଙ୍ଗ ହେବାର କାରଣ ହୋଇପାରେ ତୁମ୍ଭେ ରାମନାମକୁ ଅବଜ୍ଞା କରିଥିବ ।'' କବୀରଜିଙ୍କ ଦର୍ଶନ ହେବା ଫଳରେ ବହୁ ବର୍ଷର ପ୍ରାତଃକାଳୀନ ନିୟମ ଭଙ୍ଗ ହେଲା । ସେହି କାରଣରୁ ପଣ୍ଡିତଙ୍କ ପାଣ୍ଡିତ୍ୟ

ଗର୍ବ ତଥା ମନ୍ତ୍ରବଳରେ ଅଗ୍ନି ଉତ୍ପନ୍ନ କରୁଥିବା କର୍ମକାଣ୍ଡ ବା ସିଦ୍ଧିର ଅହଂକାର ନଷ୍ଟ ହୋଇଥିଲା । ସେ ସତ୍ୟ ଘଟନାଟି ଅନତି ସ୍ୱରରେ କହିଲେ, ''ହଁ ମହାରାଜ, ଜଣେ ବ୍ୟକ୍ତି ଅପବିତ୍ର, ଅଶୁଦ୍ଧ ଅବସ୍ଥାରେ ରାମନାମ କହିବାରୁ ମୋର ମନେହେଲା ଶାସ୍ତ୍ରଜ୍ଞାନ ପ୍ରାପ୍ତି ବିନା ମୂର୍ଖଙ୍କ ମୁଖରୁ ନାମ ଶୁଣିବାରେ ମନ, ପ୍ରାଣ ଅଶୁଦ୍ଧ ହୁଏ । ମନ, ପ୍ରାଣ ଶୁଦ୍ଧ କରିବା ସକାଶେ ମୁଁ ଗଙ୍ଗା ସ୍ନାନ କରିଥିଲି ।'' କବୀରଜି କହିଲେ, ''ତୁମ୍ଭେ ରାମନାମକୁ ନିନ୍ଦା କରି ବହୁତ ଅପରାଧ କଲ । ଭଗବାନଙ୍କ ନାମ ସ୍ୱୟଂ ପବିତ୍ର । ନାମ ଉଚ୍ଚାରଣ ସକାଶେ ଶୁଦ୍ଧି, ଅଶୁଦ୍ଧି, ତଥା ଶାସ୍ତ୍ରଜ୍ଞାନର କୌଣସି ଆବଶ୍ୟକ ନ ଥାଏ । ନାମ ପରମ ପବିତ୍ର, ନାମ ଉଚ୍ଚାରଣରେହିଁ ସମସ୍ତ ଅପବିତ୍ରତା ପବିତ୍ର ହୁଏ । ଶଙ୍କରଜି ଶାସ୍ତ୍ର, ପୁରାଣ, ବେଦ ମନ୍ଥନ କରି ତା'ର ସାରତତ୍ତ୍ୱ କେବଳ ଦୁଇ ଅକ୍ଷର ''ରାମ'' ନାମ ଗ୍ରହଣ କରିଛନ୍ତି । ଯଥାର୍ଥରେ ରାମନାମର ଅପାର ମହିମା । କେବଳ ଶାସ୍ତ୍ରପୁରାଣ ଅଧ୍ୟୟନରେ ଏହାର ଉପଲବ୍ଧି ହୁଏ ନାହିଁ, ହୁଏ ଭଗବାନ୍ କିଂବା ସନ୍ଥଙ୍କ କୃପାରୁ । ତୁମେ ପାଣ୍ଡିତ୍ୟ ପ୍ରାପ୍ତ ହୋଇଛ କିନ୍ତୁ ନାମର ମହିମା ଉପଲବ୍ଧି କରିପାରି ନାହଁ ।'' ପରମ ସନ୍ଥ କବିରଜିଙ୍କର ଏହା କେବଳ ବାକ୍ୟ ନ ଥିଲା, ବାକ୍ୟ ସଙ୍ଗେ ଥିଲା ରାମନାମର ମହାନ୍ ଶକ୍ତି । ସେହି ଶକ୍ତି ପଣ୍ଡିତଙ୍କ ଆତ୍ମାକୁ ଆବୃତ କରି ରଖିଥିବା ପାଣ୍ଡିତ୍ୟ ଗର୍ବକୁ ଛିନ୍ନଭିନ୍ନ କରିଦେଲା । ତାଙ୍କ ଆତ୍ମାର ଆବରଣ ଦୂର ହେବାରୁ ସେ ରାମନାମର ମହତ୍ତ୍ୱ କିଛି ଅଂଶରେ ବୁଝିପାରିଲେ ଏବଂ ଶ୍ରୀ କବୀରଜିଙ୍କ ଶିଷ୍ୟତ୍ୱ ଗ୍ରହଣ କରିବା ସକାଶେ ତାଙ୍କ ଚରଣରେ ପଡ଼ି ପ୍ରାର୍ଥନା କଲେ । ତାଙ୍କ ପ୍ରାର୍ଥନା ସ୍ୱୀକାର କରି କବୀରଜି ତାଙ୍କୁ ରାମନାମ ଦୀକ୍ଷା ଦେଲେ । ଗୁରୁଦେବଙ୍କ କୃପାରୁ ପଣ୍ଡିତ ପଦ୍ମନାଭଜି ରାମନାମର ମହିମା ଉପଲବ୍ଧି କରିପାରିଲେ ତଥା ସମସ୍ତ ଶାସ୍ତ୍ରର ସାରତତ୍ତ୍ୱ କେବଳ ଭଗବତ୍ ନାମ ବୋଲି ତାଙ୍କର ହୃଦୟଙ୍ଗମ ହୋଇଗଲା । ସେ ଶାସ୍ତ୍ର ପୁରାଣର ଚର୍ଚ୍ଚା ତଥା ବହୁ ବର୍ଷରୁ ଆଚରଣ କରି ଆସୁଥିବା ଶାସ୍ତ୍ରୀୟ ସାନ୍ଧ୍ୟବନ୍ଦନ, ହୋମ ଇତ୍ୟାଦି କର୍ମକାଣ୍ଡ ତ୍ୟାଗ କରି କେବଳ ରାମନାମ ଜପରେ ନିମଗ୍ନ ହୋଇଗଲେ । ସେ ଯେତେ ଯେତେ ରାମନାମ ଜପରେ ବୁଡ଼ିଲେ ତାଙ୍କୁ

ସେତେସେତେ ରାମନାମର ଅପାର ଶକ୍ତି ଅନୁଭବ ହେବାକୁ ଲାଗିଲା । ସେ କାଶୀରେ ନିବାସ କଲେ ।

ସେହି ସମୟରେ ଜଣେ ଧନୀବ୍ୟକ୍ତି କାଶୀରେ ବାସ କରୁଥିଲେ । ତାଙ୍କୁ ଗଳିତ କୁଷ୍ଠ ହୋଇଗଲା । ସମସ୍ତ ଶରୀରରେ ଘା ହୋଇଗଲା, ଏବଂ ପୋକ ପଡ଼ିଗଲେ । ପୀଡ଼ା ବରଦାସ୍ତ କରି ନ ପାରି ଗଙ୍ଗାଜଳରେ ପ୍ରାଣବିସର୍ଜନ କରିଦେବା ନିଷ୍ଚୟ କଲେ । ସେ ଗଙ୍ଗାରେ ପ୍ରାଣବିସର୍ଜନ କରିବା ସକାଶେ ବିଶ୍ୱାସୀ ଅନୁଚର ସାହାଯ୍ୟରେ ଗଙ୍ଗାକୂଳକୁ ଆସିଲେ । ଏବଂ ତା'ରି ସାହାଯ୍ୟରେ ଗୋଟିଏ ଲୁଗାରେ ବାଲି ବାନ୍ଧି ଗଳାରେ ଲଗାଇ ବୁଡ଼ିଯିବାକୁ ତୟାରି କରିବା ସମୟରେ ମହାତ୍ମା ପଦ୍ମନାଭଜି ଦେଖିନେଲେ । ପଚାରି ସମସ୍ତ ଘଟନା ଜାଣି କହିଲେ, ''ବୃଦ୍ଧଙ୍କର ପୋଟଳା ଖୋଲିଦିଅ ।'' ସେ ବୃଦ୍ଧଙ୍କୁ ସମ୍ବୋଧନ କରି କହିଲେ, ''ଚିନ୍ତା କର ନାହିଁ, ଗଙ୍ଗାକୂଳକୁ ଆସିଛ, ସ୍ନାନ କରିନିଅ । ତିନିଥର ରାମନାମ ଉଚ୍ଚାରଣ କର, କୁଷ୍ଠ ରୋଗରୁ ସଂପୂର୍ଣ୍ଣ ମୁକ୍ତ ହୋଇଯିବ ।'' ବୃଦ୍ଧ ଏପରି ଆଶ୍ୱାସନା ବାଣୀ ଶୁଣି ଅପାର ଆନନ୍ଦରେ ତିନିଥର ରାମନାମ କହି ଗଙ୍ଗାରେ ମୁଣ୍ଡ ବୁଡ଼େଇ ଉଠିଲାବେଳକୁ ଶରୀରରେ କୁଷ୍ଠ ରୋଗର ଚିହ୍ନବର୍ଣ୍ଣ ନ ଥିଲା । ଯେଉଁ ଅଙ୍ଗସବୁ ଛିଡ଼ି ଯାଇଥିଲା, ତାହାସବୁ ପୂର୍ଣ୍ଣ ହୋଇଗଲା । ଏବଂ ଶରୀରର ବର୍ଣ୍ଣ ତେଜୋଦୀପ୍ତ ହୋଇଗଲା । ବୃଦ୍ଧ ତାଙ୍କଠାରୁ ରାମନାମ ଦୀକ୍ଷା ନେଲେ । ଏହି ଅବସରରେ ଗଙ୍ଗାକୂଳରେ ଲୋକଙ୍କର ଭିଡ଼ ଲାଗିଗଲା । ଏହି ଦୃଶ୍ୟରେ ସମସ୍ତ ଦର୍ଶନାର୍ଥୀ ଆଶ୍ଚର୍ଯ୍ୟଚକିତ ହୋଇ ରାମନାମ ଉଚ୍ଚାରଣ କରିବାକୁ ଲାଗିଲେ । ବୃଦ୍ଧ ଘରକୁ ଫେରିଯାଇ ସମସ୍ତ କାର୍ଯ୍ୟକର୍ମ ଛାଡ଼ି ରାମନାମ ଜପରେ ନିମଗ୍ନ ରହିଲେ ।

ପଦ୍ମନାଭଜି ଯାଇ ଗୁରୁଦେବ କବୀରଜିଙ୍କୁ ସମସ୍ତ ଘଟନା କହିଲେ । କବୀରଜି କହିଲେ ''ତୁ ଆଜିପର୍ଯ୍ୟନ୍ତ ବି ରାମନାମର ପ୍ରଭାବ ଉପଲବ୍ଧି କରିପାରିଲୁ ନାହିଁ । ରାମନାମ ତିନିଥର ଉଚ୍ଚାରଣ କରିବାର କୌଣସି ଆବଶ୍ୟକତା ନ ଥିଲା । କେବଳ ଗୋଟିଏ ଅକ୍ଷର 'ରା' ଅଥବା 'ମ' ଯଦି ଉଚ୍ଚାରଣ କରିଥାନ୍ତେ ତେବେ ସେ ସମସ୍ତ ପ୍ରକାର ରୋଗ ଏବଂ ଜନ୍ମମରଣରୁ

ମୁକ୍ତ ହୋଇଥାଆନ୍ତେ ।'' ଗୁରୁଦେବଙ୍କ ଏହି ବାକ୍ୟରୁ ପଦ୍ମନାଭଜିଙ୍କୁ ରାମନାମର ପ୍ରଭାବ ଆହୁରି ଅଧିକ ଉପଲବ୍ଧି ହେଲା । ସେ ଶେଷ ଜୀବନ ପର୍ଯ୍ୟନ୍ତ ରାମନାମ ଜପରେ ନିମଗ୍ନ ରହି ଭଗବାନଙ୍କ ନିର୍ଦ୍ଦେଶରେ ଶରୀରତ୍ୟାଗ କରି ଭଗବତ୍ ଧାମ ପ୍ରାପ୍ତ ହେଲେ । ତାଙ୍କ ଜୀବନକାଳରେ ବହୁ ଚମତ୍କାର ଘଟଣା ଘଟିଥିଲା । କିନ୍ତୁ ତା' ମଧ୍ୟରୁ ଶ୍ରୀ ନାଭାଜିଙ୍କ ଭକ୍ତମାଳା ପ୍ରିୟାଦାସଜିଙ୍କ ଟୀକାରେ ଏହି ଘଟନାଟି ବର୍ଣ୍ଣିତ ଥିବାରୁ ଏଠାରେ କେବଳ ସେହି ଘଟନାଟିର ଆଲୋଚନା କରାହେଲା ।

ଯଥାର୍ଥରେ ଭଗବତ୍ ନାମଜପର ଅପାର ମହିମା । ସମସ୍ତ ପ୍ରକାର ସାଧନାରେ ନାମଜପର ବିଶେଷ ସ୍ଥାନ ରହିଛି । ଶ୍ରୀଅରବିନ୍ଦଙ୍କ ଯୋଗରେ ବି କେବଳ ମା'ଙ୍କ ନାମ ଅଥବା ମା'ଙ୍କ ନାମ ସହିତ ଶ୍ରୀଅରବିନ୍ଦଙ୍କ ନାମ ସ୍ମରଣ ସକାଶେ ଶ୍ରୀଅରବିନ୍ଦ କହି ଅଛନ୍ତି । Letters of Sri Aurobindo, Second series ରେ ଶ୍ରୀଅରବିନ୍ଦଙ୍କ ଏହି ମର୍ମରେ ଗୋଟିଏ ଚିଠି ଅଛି ।

## ଶ୍ରୀ ରସିକମୁରାରିଜି

ତନ ମନ ଧନ ପରିବାର ସହିତ ସେବତ ସଂତନ କହଁ ।
ଦିବ୍ୟ ଭୋଗ ଆରତି ଅଧିକ ହରି ହୂତେ ହିୟ ମହଁ ॥
ଶ୍ରୀ ବୃନ୍ଦାବନ ଚନ୍ଦ୍ର ଶ୍ୟାମ-ଶ୍ୟାମା ରଂଗ ଭୀନେ ।
ମଗନ ପ୍ରେମ ପୀୟୂଷ ପୟଧ ପରଚୈ ବହୁ ଦିନେ ॥
ଶ୍ରୀହରିପ୍ରିୟ ଶ୍ୟାମାନନ୍ଦବର ଭଜନ ଭୂମି ଉଦ୍ଧାର କିୟୋ ।
ଶ୍ରୀ ରସିକମୁରାରି ଉଦାର ଅତି ମତଗଜହିଁ ଉପଦେଶ ଦିୟୌ ॥
ନାଭାଜି ଭକ୍ତମାଳ – ॥୯୫॥

''ଶ୍ରୀ ରସିକମୁରାରିଜି ତନ, ମନ, ଧନରେ ପରିବାର ଅର୍ଥାତ୍ ଶିଷ୍ୟ ସହିତ ସନ୍ଥମାନଙ୍କର ସେବା କରୁଥିଲେ । ଭଗବାନଙ୍କଠାରୁ ଭଗବାନଙ୍କ ଭକ୍ତଙ୍କୁ ଅଧିକ ଆଦର ସହିତ ଉତ୍ତମ ଭୋଗ ଦେଇ ଆରତି କରୁଥିଲେ । ଶ୍ରୀ ବୃନ୍ଦାବନ ଚନ୍ଦ୍ର ଶ୍ରୀରାଧାକୃଷ୍ଣଙ୍କ ପ୍ରୀତିରଙ୍ଗରେ ରଙ୍ଗି ତାଙ୍କ ପ୍ରେମାମୃତ ସମୁଦ୍ରରେ ବୁଡି ରହୁଥିଲେ । ଭଗବାନଙ୍କ ପ୍ରତି ଦୃଢ଼ ନିଷ୍ଠାର ପରିଚୟ କେଇଥର ଦେଇଥିଲେ । ନିଜ ଗୁରୁଦେବ ଶ୍ରୀ ଶ୍ୟାମାନନ୍ଦଜିଙ୍କ ଭଜନସ୍ଥଳୀ, ଦାନ ମିଳିଥିବା ଗୋଟିଏ ଗ୍ରାମ, ତତ୍‌କାଳୀନ ରାଜା ଛଡ଼େଇ ନେଇଥିଲେ । କିନ୍ତୁ ଭଗବାନଙ୍କ ପ୍ରତି ଭକ୍ତି ନିଷ୍ଠା ପ୍ରଭାବରେ ସେ ପୁନରାୟ ରାଜାଙ୍କଠାରୁ ତାହା ପ୍ରାପ୍ତ କରିଥିଲେ । ସେ ସ୍ୱଭାବତଃ ଅତ୍ୟନ୍ତ ଉଦାର ଥିଲେ । ଥରେ ସେ ଗୋଟିଏ ମଦମତ୍ତ ଦୁଷ୍ଟ ଆତଙ୍କକାରୀ ହସ୍ତୀକୁ ଉପଦେଶ ଦେଇ ତା'ର ଦୁଷ୍ଟ ସ୍ୱଭାବକୁ ଶାନ୍ତ କରି ତାକୁ ଶିଷ୍ୟ କରି ନେଇଥିଲେ ।''

ଶ୍ରୀ ନାଭାଜି ମହାରାଜ ସନ୍ଥ, ଭକ୍ତ, ମହାପୁରୁଷମାନଙ୍କ ଜୀବନଚରିତ ବହୁ ସଂକ୍ଷେପରେ ବର୍ଣ୍ଣନା କରିଅଛନ୍ତି । ଶ୍ରୀ ପ୍ରିୟାଦାସଜି ମହାରାଜ ସେହି କବିତାକୁ ଟୀକା ଲେଖିବା ସମୟରେ ସେହିସବୁ ପ୍ରସିଦ୍ଧ ଘଟନାର ସନ୍ଧାନ ନେଇ ବିସ୍ତାର କରି ବ୍ୟାଖ୍ୟା କରିଅଛନ୍ତି । ତା'ରି ଆଧାରରେ ସନ୍ଥ ଶ୍ରୀ ରସିକ

ମୁରାରିଜିଙ୍କ ଚରିତ ଲେଖିବାକୁ ପ୍ରୟାସ କରୁଅଛି । ଭକ୍ତମାନଙ୍କ ଆନ୍ତରିକ ଭକ୍ତିଭାବ ଅତ୍ୟନ୍ତ ଗୂଢ଼ ଏବଂ ଅଗମ୍ୟ । ଯଥାର୍ଥରେ ତାହା ଅଗାଧ ସମୁଦ୍ର । କେବଳ ଭଗବତ୍ କୃପାରୁ ଯତ୍କିଞ୍ଚିତ ପ୍ରାପ୍ତ ହୁଏ, ତାହାହିଁ ବ୍ୟକ୍ତି ଲେଖନୀରେ ବ୍ୟକ୍ତ କରିପାରେ ।

ଶ୍ରୀ ରସିକମୁରାରିଜି ମହାରାଜ ଭଗବାନ୍ ଶ୍ରୀରାଧାକୃଷ୍ଣଙ୍କ ପ୍ରେମ-ଭକ୍ତି-ସମୁଦ୍ରରେ ଯେପରି ନିମଜ୍ଜନ କରିଥିଲେ, ସେହିପରି ଅଥବା ତା'ଠାରୁ ଅଧିକ ଭଗବତ୍ ଭକ୍ତସନ୍ଥମାନଙ୍କୁ ସେବା ପୂଜା କରୁଥିଲେ । ତାଙ୍କର ଭଗବାନ୍ ଥିଲେ ପ୍ରାଣରୁ ପ୍ରିୟ । ଭଗବାନଙ୍କର ଭକ୍ତ ଥିଲେ ତାଙ୍କଠାରୁ ବି ଅତ୍ୟନ୍ତ ପ୍ରିୟ । ସେହି ସକାଶେ ସେ ସନ୍ଥମାନଙ୍କୁ ଭଗବାନଙ୍କଠାରୁ ଅଧିକ ସେବା ପୂଜା କରି ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଥିଲେ । ଏହି ବିଷୟ ନାଭାଜି ତାଙ୍କ କବିତାରେ ଅତ୍ୟନ୍ତ ସ୍ପଷ୍ଟଭାବେ ଲେଖିଅଛନ୍ତି ।

ସନ୍ଥମାନଙ୍କ ପରମ୍ପରାରୁ ସନ୍ଥସେବା ପ୍ରଚଳିତ ହୋଇ ଆସୁଅଛି । କୌଣସି ସନ୍ଥ-ଆଶ୍ରମରେ ଯେକୌଣସି ସନ୍ଥ ସ୍ୱଚ୍ଛନ୍ଦରେ ରହିପାରନ୍ତି । କିନ୍ତୁ ଶ୍ରୀ ରସିକମୁରାରି ଦାସଙ୍କ ସନ୍ଥସେବା ପରମ୍ପରାପ୍ରାପ୍ତ ପଦ୍ଧତିରୁ ସଂପୂର୍ଣ୍ଣ ଭିନ୍ନ । ସେ ସନ୍ଥମାନଙ୍କୁ ଭଗବାନଙ୍କଠାରୁ ଅଭିନ୍ନ ଭାବ ରଖି ସେବା କରନ୍ତି । ତାଙ୍କ ସନ୍ଥସେବାରେ ସୁନାମ ପ୍ରସାର ହେବାରୁ ବହୁ ସଂଖ୍ୟାରେ ସନ୍ଥମାନେ ତାଙ୍କ ଆଶ୍ରମକୁ ଆସନ୍ତି । ସେ ସେମାନଙ୍କ ସେବାରେ ତନ, ମନ, ଧ୍ୟାନ ସବୁ ଅର୍ପଣ କରି ସେମାନଙ୍କୁ ସୁଖ ଆରାମ ଦେବା ସକାଶେ ବରାବର ଚେଷ୍ଟା କରୁଥାଆନ୍ତି । ସେମାନଙ୍କୁ ଉତ୍ତମ ଭୋଜନ କରାନ୍ତି । କୌପୁନି ଧୋଇବା, ଆସନ ଲଗେଇବା, ଗୋଡ଼ ମୋଡ଼ିଦେବା, ଯାହାର ଯେଉଁ ବସ୍ତୁ ଦରକାର ତତ୍କ୍ଷଣାତ୍ ନିବେଦନ କରିବା କାର୍ଯ୍ୟ ନିଜେ ଏବଂ ନିଜର ଶିଷ୍ୟମାନଙ୍କ ସହିତ କରନ୍ତି । ''ଭଗବତ୍ ଭକ୍ତି, ଭଗବାନ୍, ଭଗବାନଙ୍କ ଭକ୍ତ — ଏହି ତିନୋଟି ପୃଥକ୍ ନାମ କିନ୍ତୁ ତତ୍ତ୍ୱତଃ ଏକ ।'' ନାଭାଜିଙ୍କ ଏହି ସିଦ୍ଧାନ୍ତକୁ ସେ ନିଜ ଜୀବନ ତଥା କର୍ମରେ ଆଚରଣ କରିଅଛନ୍ତି ।

ସେ ସନ୍ଥମାନଙ୍କ ଚରଣାମୃତ ନେଇ ଗୋଟିଏ କଳସରେ ପୂର୍ଣ୍ଣ କରି

ଗୋଟିଏ ସୁଶୋଭିତ ସିଂହାସନରେ ଭଗବତ୍ ପ୍ରତିମା ସଦୃଶ ପ୍ରତିଷ୍ଠା କରିଥାଆନ୍ତି । ସେହି କଳସରେ ପୁଷ୍ପ, ଚନ୍ଦନ, ଧୂପ ଅର୍ପଣ କରନ୍ତି ଏବଂ ଆରତି କରନ୍ତି । ସେହି ଚରଣାମୃତ ସେ ପାନ କରନ୍ତି । ଏହା ତାଙ୍କର ନିତ୍ୟ ନିୟମ ଥିଲା । ତାଙ୍କ ସନ୍ଥସେବାରେ ଆନ୍ତରିକ ନିଷ୍ଠା ଯୋଗୁଁ ଅଧିକରୁ ଅଧିକ ସନ୍ଥ ତାଙ୍କ ଆଶ୍ରମକୁ ଆସିଲେ । ସନ୍ଥମାନଙ୍କ ଆଗମନରେ ସେ ଅତ୍ୟନ୍ତ ଆନନ୍ଦିତ ହୋଇ ଶିଷ୍ୟମାନଙ୍କ ସହିତ ସେବାରେ ନିମଗ୍ନ ରହିଲେ ।

ଶ୍ରୀ ରସିକମୁରାରିଜି ତାଙ୍କ ଗୁରୁଦେବଙ୍କ ବାର୍ଷିକ ଜନ୍ମୋତ୍ସବ ବାରଦିନ ପାଳନ କରୁଥିଲେ । ସେ ସମୟରେ ବହୁ ଦୂରରୁ ସନ୍ଥମାନେ ଆସୁଥିଲେ । ପ୍ରତିଦିନର ସନ୍ଥମାନଙ୍କ ସଂଖ୍ୟାଠାରୁ ସେସମୟରେ କେଇଗୁଣ ଅଧିକ ହେଉଥିଲେ । ସେ ବହୁତ ଉତ୍ସାହରେ ନାନା ପ୍ରକାର ମିଷ୍ଟାନ୍ନ ତଥା ବିବିଧ ପ୍ରକାର ଭୋଜନ ତୟାର କରାଇ ଭଗବାନଙ୍କୁ ଭୋଗ ଲଗାଇ ସନ୍ଥମାନଙ୍କୁ ଭୋଜନ କରାଉଥିଲେ । ତାଙ୍କର ନିଷ୍ଠା ଥିଲା ସନ୍ଥମାନଙ୍କ ବେଶରେ । ସେ ସନ୍ଥମାନଙ୍କ ଗୁଣ, ଅଗୁଣ, ଚରିତ୍ର ଦେଖୁ ନ ଥିଲେ । ଯିଏ ସନ୍ଥବେଶ ଧାରଣ କରି ତାଙ୍କ ପାଖକୁ ଆସୁଥିଲେ, ସେ ତାଙ୍କୁ ଇଷ୍ଟଦେବରୂପେ ପୂଜା ସତ୍କାର କରୁଥିଲେ । ଥରେ ତାଙ୍କ ଗୁରୁଦେବଙ୍କ ବାର୍ଷିକ ଜନ୍ମୋତ୍ସବ ହୋଇଥିଲା । ପଙ୍ଗତରେ ବହୁ ସନ୍ଥ ଭୋଜନ କରୁଥିଲେ । ସେହି ସମୟରେ ମୁରାରିଜି ଜଣେ ଶିଷ୍ୟଙ୍କୁ ସନ୍ଥଙ୍କ ଚରଣାମୃତ ଆଣିବାକୁ କହିଲେ । ସନ୍ଥମାନେ ଭୋଜନ କରିବା ସମୟରେ ତାଙ୍କ ଚରଣର କିଛି ଅଂଶ ଧୋଇ ଚରଣାମୃତ ନିଆହୁଏ । ଗୁରୁଙ୍କ ଆଜ୍ଞା ଅନୁସାରେ ଶିଷ୍ୟ ସନ୍ଥଙ୍କ ଚରଣାମୃତ ଆଣି ଗୁରୁଦେବଙ୍କୁ ଦେଇଦେଲେ । ଶ୍ରୀ ରସିକଜି ସନ୍ଥଙ୍କ ଚରଣାମୃତକୁ ନତମସ୍ତକ ହୋଇ ପ୍ରଣାମ କଲେ ଏବଂ ଆନନ୍ଦ ସହିତ ପାନ କଲେ । ସଙ୍ଗେ ସଙ୍ଗେ କହିଲେ, ''ସନ୍ଥମାନଙ୍କ ଚରଣାମୃତରେ ଯେଉଁ ସ୍ୱାଦ ଥାଏ, ଆଜି ସେ ସ୍ୱାଦ ନାହିଁ ।'' ପାଖରେ ଥିବା ଦୁଇ ଚାରିଜଣ ଭକ୍ତଙ୍କୁ ମଧ୍ୟ ଚରଣାମୃତ ଦେଇ ସ୍ୱାଦ ଚଖାଇଲେ । ଏବଂ ଚରଣାମୃତ ନେଇଥିବା ଶିଷ୍ୟଙ୍କୁ କହିଲେ, ''ତୁ ସବୁ ସନ୍ଥଙ୍କ ଚରଣାମୃତ ଆଣିଛୁ ?'' ସେ ଭୟଭୀତ ହୋଇ କହିଲେ, ''ମହାରାଜ ! ଜଣେ କୁଷ୍ଠରୋଗୀ

ସନ୍ଥ ଥିଲେ, ତାଙ୍କ ଚରଣାମୃତ ଆଣି ନାହିଁ ।'' ଏକଥା ଶୁଣିବା ମାତ୍ରେ ସଙ୍ଗେ ସଙ୍ଗେ ଯାଇ କୁଷ୍ଠରୋଗୀ ସନ୍ଥଙ୍କ ଚରଣ ଉତ୍ତମରୂପେ ଧୋଇ ଚରଣାମୃତ ଆଣି ପାନ କରି ବିଶେଷ ଆନନ୍ଦିତ ହେଲେ । ଏହାହିଁ ଆନ୍ତରିକ ନିଷ୍ଠାର ପ୍ରତ୍ୟକ୍ଷ ପ୍ରଭାବ ।

ଭଗବାନ୍ ସର୍ବତ୍ର, ସର୍ବବସ୍ତୁ, ସମସ୍ତ ବ୍ୟକ୍ତି ମଧ୍ୟରେ ବିଦ୍ୟମାନ ଥାଆନ୍ତି । ବ୍ୟକ୍ତିର ଦୃଢ଼ ନିଷ୍ଠା ଯେଉଁଠାରେ ହୁଏ, ଭଗବାନଙ୍କୁ ସେ ସେହିଠାରେ, ସେହି ବ୍ୟକ୍ତି ମଧ୍ୟରେ ଉପଲବ୍ଧି କରେ । ତାଙ୍କର ଦୃଢ଼ ନିଷ୍ଠା ଥିଲା ''ବେଶଧାରୀ ସନ୍ଥଙ୍କ ମଧ୍ୟରେ ଭଗବାନ୍ ପ୍ରକଟ ଅଛନ୍ତି ।'' ଏହି ନିଷ୍ଠା ଯୋଗୁଁ ତାଙ୍କ ସକାଶେ ଭଗବାନ୍ ସନ୍ଥଙ୍କ ମଧ୍ୟରେ ପ୍ରକଟ ଥିଲେ ଏବଂ ତାଙ୍କ ଚରଣାମୃତ ତାଙ୍କ ସକାଶେ ଅମୃତ ତୁଲ୍ୟ ଥିଲା । ଏହି ନିଷ୍ଠା ସ୍ୱତଃସ୍ଫୂର୍ତ୍ତଭାବେ ଆସେ ଅନ୍ତରରୁ । ଅନ୍ତରର ନିଷ୍ଠାଛଡ଼ା ବୁଦ୍ଧି ଦ୍ୱାରା ଅନୁକରଣ କଲେ ବିପଦ ଆସେ ।

ଥରେ ତାଙ୍କ ଗୁରୁଦେବଙ୍କ ବାର୍ଷିକ ଜନ୍ମୋତ୍ସବରେ ବହୁସଂଖ୍ୟାରେ ବିଭୂତିଧାରୀ ତ୍ୟାଗୀ ସନ୍ଥ ଆସି ତାଙ୍କ ଆଶ୍ରମର ନିକଟସ୍ଥ ଆମ୍ର ବଗିଚାରେ ନିବାସ କଲେ । ସନ୍ଥମାନଙ୍କ ଆଗମନ ଶୁଣି ସେ ଆନନ୍ଦ ବିଭୋର ହୋଇ ସେମାନଙ୍କ ଦର୍ଶନକୁ ଗଲେ । ସେହି ସମୟରେ ଜଣେ ସନ୍ଥ ହୁକା ଟାଣୁଥିଲେ । ବିଭୂତିଧାରୀ ତ୍ୟାଗୀ ସନ୍ଥମାନଙ୍କ ମଧ୍ୟରୁ ଅଧିକ ସଂଖ୍ୟାରେ ଗଞ୍ଜେଇ ଖାଆନ୍ତି ଏବଂ ଧୂଆଁ ପତ୍ର ମଳି ଚିଲମରେ ରଖି ଗଞ୍ଜେଇ ଟାଣିବା ସଦୃଶ ଟାଣନ୍ତି । ହୁକା ଟାଣିବା ପ୍ରଚଳିତ ନ ଥାଏ । ଜଣେ ସନ୍ଥ ହୁକା ଟାଣୁ ଥିଲେ । ଶ୍ରୀ ରସିକମୁରାରିଜିଙ୍କୁ ଦେଖି ତାଙ୍କୁ ଅଧିକ ସଂକୋଚ ଲାଗିଲା । ସେ ଶୀଘ୍ର ହୁକାକୁ ଲୁଚେଇ ଦେଲେ । ସନ୍ଥଙ୍କ ସଂକୋଚ ଦୂର କରିବା ପାଇଁ ସେ ସେହିଠାରେ ବସିପଡ଼ି ପେଟରେ ବିଶେଷ ଦରଜ ହେଉଥିବା ଭଙ୍ଗିରେ ପେଟକୁ ହାତରେ ଧରିଲେ ଏବଂ ଶରୀରରେ ମଧ୍ୟ ସେହିପରି ଭଙ୍ଗି ଦେଖାଇଲେ । ଏପରି ଦେଖିବା ମାତ୍ରେ କେତେକ ସନ୍ଥ ଦୌଡ଼ି ଆସି ପଚାରିବାରୁ ସେ କହିଲେ, ''ହୁକା ଟିକିଏ ଟାଣିଲେ ପେଟବ୍ୟଥା ଭଲ ହୋଇଯିବ ।'' ଏକଥା ଶୁଣି ସନ୍ଥଜି ଶୀଘ୍ର ହୁକା ତୟାର କରି ନେଇଆସିଲେ ଏବଂ ରସିକଜିଙ୍କୁ ଦେଇଦେଲେ ।

ସନ୍ଥଙ୍କର ସଂକୋଚ ଦୂର କରିବା ସକାଶେ ସେ ଦୁଇଚାରି ଥର ହୁକା ଟାଣିବା ପରେ ପେଟ ଭଲ ହୋଇଥିବା କହି ସନ୍ଥମାନଙ୍କୁ ଦର୍ଶନ ପ୍ରଣାମ କରି ଫେରିଆସିଲେ ।

ଦିନେ ମିଷ୍ଟାନ୍ନର ଭଣ୍ଡାରା ହୋଇଥିଲା । ସନ୍ଥମାନେ ଭୋଜନ କରୁଥିଲେ । ସେହି ସମୟରେ ନିଜ ରହିବା ସ୍ଥାନରେ ଶ୍ରୀ ରସିକଜି ଜଣେ ରାଜାଙ୍କ ସହିତ କେତେକ ଶିଷ୍ୟଙ୍କୁ ଉପଦେଶ ଦେଉଥିଲେ । ପଙ୍ଗତରେ ବସି ଭୋଜନ କରୁଥିବା ଜଣେ ସନ୍ଥଙ୍କ ହାତରେ ଗୋଟିଏ ସୋଠା ଥିଲା । ଗୋଟିଏ ମୋଟା କିନ୍ତୁ ଲମ୍ବାରେ ଛୋଟ ଲାଠିକୁ ସନ୍ଥମାନେ ସୋଠା କହନ୍ତି । ସେହି ସନ୍ଥ ନିଜ ଭୋଜନ କରୁଥିବା ପତ୍ର ପାଖରେ ଆଉ ଗୋଟିଏ ପତ୍ର ପକାଇଥିଲେ । ଶ୍ରୀ ରସିକମୁରାରିଜିଙ୍କ ଶିଷ୍ୟ ପରିବେଷଣ କରିବା ସମୟରେ ସେ କହୁଥିଲେ, ''ମୋ ସୋଠା ସକାଶେ ଏହି ପତ୍ରରେ ଭୋଜନ ପରଶ ।'' ଶିଷ୍ୟ ଦେଉ ନ ଥିଲେ । ସେ କହୁଥିଲେ, ''ସୋଠା କ'ଣ ଖାଇବ ?'' ଏହିପରି ପ୍ରତିବାଦରେ ପ୍ରାୟ ଭୋଜନ ଶେଷ ହେଲା । ଶେଷ ପର୍ଯ୍ୟନ୍ତ ତାଙ୍କ ସୋଠାକୁ ଭୋଜନ ପରଶା ନ ହେବାରୁ ସେ ରାଗିଗଲେ । (ଅର୍ଥାତ୍ ସୋଠା ନାମରେ ଗୋଟିଏ ପାର୍ଶ୍ୱ ସାଙ୍ଗରେ ନେବାକୁ ଚାହୁଁଥିଲେ ।) ନିଜ ଅବଶିଷ୍ଟ ଅଇଁଠା ଭୋଜନ ପତ୍ର ଆଣି ଶ୍ରୀ ମୁରାରିଜିଙ୍କ ମସ୍ତକ ଉପରେ ପକାଇ କହିଲେ, ''ମୋ ସୋଠାକୁ ଭୋଜନ ମିଳିଲା ନାହିଁ, ତୋ ଭୋଜନ ତୁ ନେ, ମୁଁ ଯାଉଛି ।'' ଏହି ଘଟଣା ବସିଥିବା ଶିଷ୍ୟ ରାଜା ତଥା ଅନ୍ୟମାନେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଶ୍ରୀ ମୁରାରିଜି ଉଠି ଛିଡ଼ାହୋଇ ଆନ୍ତରିକ ଶାନ୍ତ ଏବଂ ନମ୍ର ନିଷ୍କପଟ ସ୍ୱରରେ ହାତଯୋଡ଼ି କହିଲେ, ''ପ୍ରଭୁ, ମୁଁ ଆଜିପର୍ଯ୍ୟନ୍ତ ଆପଣମାନଙ୍କ ଚରଣାମୃତ ନେଉଥିଲି, କିନ୍ତୁ ଆଜି ଦୟାକରି ସିଦ୍‌ପ୍ରସାଦ ମୋତେ ଦେଇ କୃତାର୍ଥ କଲେ ।'' ଏହା କହି ଆଦର ସହିତ ପ୍ରସାଦ ହାତରେ ଧରି କହିଲେ, ''ମହାରାଜ ଆପଣଙ୍କ ସୋଠା ସକାଶେ ଯେତେ ଇଚ୍ଛା ସେତେ ପ୍ରସାଦ ନିଅନ୍ତୁ ।'' ନିଜେ ଯାଇ ଆଦର ସତ୍କାର ସହିତ ସନ୍ଥଙ୍କୁ ପ୍ରସାଦ ଦେଇଦେଲେ ଏବଂ ପ୍ରଣାମ କରି ବିଦା କଲେ । ପାର୍ଶ୍ୱ ନ ଦେଇଥିବା ଶିଷ୍ୟକୁ ସେହି ଦିନଠାରୁ ସନ୍ଥଙ୍କ ସେବାରୁ

ବିରତ କରିଥିଲେ । ଶିଷ୍ୟ ସକାଶେ ଏହି ଦଣ୍ଡ ଉଚିତ ବି ଥିଲା । ସେବାର ଅର୍ଥ ସନ୍ତୁଷ୍ଟ କରିବା । ସେବାରେ ନୀତିର ସ୍ଥାନ ନ ଥାଏ ।

ଶ୍ରୀ ରସିକମୁରାରିଜି ଯେଉଁ ଆଶ୍ରମରେ ସନ୍ଥସେବା କରୁଥିଲେ, ସେ ସ୍ଥାନର କିଛି ଦୂରରେ ପୂର୍ବ ରାଜା ତାଙ୍କ ଗୁରୁଦେବ ଶ୍ୟାମାନନ୍ଦଜିଙ୍କୁ ଗୋଟିଏ ଗ୍ରାମ ଦାନ କରିଥିଲେ । ସେହି ସ୍ଥାନରେ ଶ୍ରୀଶ୍ୟାମାନନ୍ଦଜିମହାରାଜ ଭଜନ କରୁଥିଲେ । ତତ୍‌କାଳୀନ ରାଜା ଦୁଷ୍ଟପ୍ରକୃତିର ଥିଲେ । ସେ ସାଧୁସନ୍ଥଙ୍କୁ ସମ୍ମାନ କରୁ ନ ଥିଲେ । ଦାନ ଦେଇଥିବା ବସ୍ତୁ ଅପହରଣ କରିବା ଯଦ୍ୟପି ଅନ୍ୟାୟ ଥିଲା, ସେ ତାହାପ୍ରତି ଭ୍ରୂକ୍ଷେପ ନ କରି ଦାନ ଦେଇଥିବା ଗ୍ରାମକୁ ଛଡ଼ାଇ ନେଲେ । ଏହି କାରଣରୁ ଗୁରୁଦେବ ଜଣେ ଶିଷ୍ୟକୁ ଶ୍ରୀ ରସିକମୁରାରିଜିଙ୍କ ପାଖକୁ ପଠାଇ ଖବର ଦେଲେ, ''ତୁ ଯେଉଁଠାରେ ବସିଥିବୁ, ସେହିଠାରୁ ଉଠିଆସିବୁ ।''

ଶ୍ରୀ ରସିକମୁରାରିଜିଙ୍କ ଭଗବତ୍ ନିଷ୍ଠା, ସନ୍ଥସେବା ନିଷ୍ଠା ଯେପରି ଥିଲା, ସେହିପରି ମଧ୍ୟ ଗୁରୁନିଷ୍ଠା ଥିଲା । ସେ ଗୁରୁଦେବଙ୍କ ଆଜ୍ଞା ବିନାବିଚାରରେ ଶିରୋଧାର୍ଯ୍ୟ କରୁଥିଲେ । ସେ ଭୋଜନ କରିବା ସମୟରେ ଗୁରୁଙ୍କ ଖବର ପାଇବା ମାତ୍ରେ ଭୋଜନ ଛାଡ଼ି ହାତ ମୁଖ ନ ଧୋଇ ଗୁରୁଙ୍କ ପାଖକୁ ଚାଲିଗଲେ । ଗୁରୁଦେବଙ୍କ ଚରଣରେ ସାଷ୍ଟାଙ୍ଗ ଦଣ୍ଡବତ କରିବା ସମୟରେ ହସ୍ତମୁଖରେ ଝୁଟା ଲାଗିଥିବାର ଗୁରୁଦେବ ଦେଖି ପଚାରିବୁଝି ହସ୍ତମୁଖ ଧୋଇବାକୁ ଆଜ୍ଞା ଦେଲେ । ପରେ ଦୁଷ୍ଟ ରାଜାଠାରୁ ଗ୍ରାମ ଫେରାଇ ଆଣିବାକୁ କହିଲେ । ଗୁରୁଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ଶ୍ରୀ ରସିକଜି ରାଜାଙ୍କ ରାଜଧାନୀରେ ପହଞ୍ଚିଲେ । ଦରବାରରେ କାମ କରୁଥିବା କେତେକ ଅଫିସର ଏବଂ କର୍ମଚାରୀ ତାଙ୍କର ଶିଷ୍ୟ ଥିଲେ । ଗୁରୁଦେବଙ୍କ ଆଗମନର ଖବର ପାଇ ସେମାନେ ଯାଇ ଆଦର ସତ୍କାର ସହିତ ଆଣି ଉତ୍ତମ ସ୍ଥାନରେ ନିବାସ କରାଇ ଗୁରୁଙ୍କ ସେବାରେ ନିଯୁକ୍ତ ରହିଲେ, ଏବଂ ଦରବାରରେ ଅନୁପସ୍ଥିତର ତିନିଦିନ ଛୁଟି ନେଲେ । ଗୁରୁଦେବଙ୍କୁ କହିଲେ, 'ରାଜା ବଡ଼ ଦୁଷ୍ଟ ସ୍ୱଭାବର, ଆପଣ ତାଙ୍କ ପାଖକୁ ଯାଆନ୍ତୁ ନାହିଁ । ସେ ଆପଣଙ୍କର ଅନିଷ୍ଟ କରିପାରେ । ଆମ୍ଭେମାନେ ମନ୍ତ୍ରୀଙ୍କୁ କହି ଗ୍ରାମ ଫେରସ୍ତ

ଦେବାକୁ ଚେଷ୍ଟା କରୁଛୁ ।' ରସିକମୁରାରିଜି କହିଲେ, 'ତୁମ୍ଭେମାନେ ଚିନ୍ତା କର ନାହିଁ । ଆମ୍ଭ ପ୍ରଭୁ ରାଜାଠାରୁ ବହୁତ ଶକ୍ତିଶାଳୀ । ରାଜା ମୋର କିଛି କରିବ ନାହିଁ ।' ଶ୍ରୀ ରସିକମୁରାରିଜି ଆସିବା ଖବର ରାଜାଙ୍କୁ ମଧ୍ୟ ମିଳିଗଲା । ରାଜା ନିଜ ଅନୁଚର ଦ୍ୱାରା ଶ୍ରୀ ରସିକମୁରାରିଜିଙ୍କୁ ଦରବାରକୁ ଡକାଇ ପଠାଇଲେ, ଏବଂ ଦରବାରରେ କହିଲେ, 'ଯଦି ସାଧୁ କିଛି କରାମତି ଦେଖାଇବ ତେବେ ଗ୍ରାମ ଫେରସ୍ତ ଦେବି ।' ଏହି ଖବର ପାଇ ଶିଷ୍ୟମାନେ ଭୟଭୀତ ହୋଇ ଫେରିଯିବାକୁ ଗୁରୁଦେବଙ୍କୁ ପ୍ରାର୍ଥନା କଲେ । ଗୁରୁଦେବ ସେମାନଙ୍କୁ ଆଶ୍ୱାସନା ଦେଇ ରାଜଦରବାରକୁ ଯିବା ସକାଶେ ତୟାର ହୋଇଗଲେ । ଶିଷ୍ୟମାନେ ଗୁରୁଦେବଙ୍କୁ ପାଲିଙ୍କିରେ ବସେଇ ତାଙ୍କ ପଛେ ପଛେ ଦରବାରକୁ ଯିବାକୁ ଆରମ୍ଭ କଲେ । ଶ୍ରୀ ରସିକଜି ଦରବାରକୁ ଆସିବା ଖବର ପାଇ ଗୋଟିଏ ପ୍ରସିଦ୍ଧ ମତ୍ତ ହସ୍ତୀକୁ ଶ୍ରୀ ରସିକମୁରାରିଜିଙ୍କ ସବାରି ସମ୍ମୁଖରେ ଛାଡ଼ି ଦେଲେ । ହାତୀର ଦୌରାତ୍ମ୍ୟକ ସ୍ୱଭାବ ପୂର୍ବରୁ ଲୋକମାନଙ୍କୁ ବିଦିତ ଥିଲା । ହାତୀକୁ ଦେଖିବା ମାତ୍ରେ ମାର୍ଗରେ ଥିବା ଲୋକେ ଛିନ୍ନଛତର ହୋଇ ଏଣେ ତେଣେ ପଳାଇଗଲେ । ପାଲିଙ୍କିବାହକ ଗୋପାଳମାନେ ବି ପାଲିଙ୍କି ଛାଡ଼ି ଜୀବନ ନେଇ ପଳାଇଲେ । ଚାରିଆଡ଼େ ସୋରଗୋଳରେ ରାଜମାର୍ଗ ଉଛୁଳି ପଡ଼ିଲା । ଶ୍ରୀ ରସିକମୁରାରିଜିଙ୍କ ପାଲିଙ୍କି ପାଖକୁ କ୍ରୂରକର୍ମା ମତ୍ତଗଜ ଭୟଙ୍କର ଭାବେ ଦୌଡ଼ି ଆସିଲା ।

ଶ୍ରୀ ମୁରାରିଜି ନିର୍ଭୀକ, ଶାନ୍ତ, ଗମ୍ଭୀର ବାଣୀରେ ସମ୍ବୋଧନ କରି ହାତୀକୁ କହିଲେ, ''ହରେକୃଷ୍ଣ ! ହରେକୃଷ୍ଣ ! କହ ଏବଂ ଏହି ତମୋ ଗୁଣକୁ ତ୍ୟାଗ କର ।'' ଏତିକି ଶୁଣିବା ମାତ୍ରେ ତା'ର ଯେଉଁ କ୍ରୂର ଭାବ ଶରୀରରେ ପ୍ରକଟ ହୋଇଥିଲା ତାହା ଶାନ୍ତ ହୋଇଗଲା, ଏବଂ ସେ ଥକା ମାରିଲା ପରି ନିଶ୍ଚଳଭାବେ ଛିଡ଼ା ହୋଇ ରହିଲା । ତା'ର ଦୁଇ ନେତ୍ରରୁ ଧାରା ପ୍ରବାହ ଅଶ୍ରୁଜଳ ବର୍ଷା ହେବାକୁ ଲାଗିଲା । ହାତୀ ବସିପଡ଼ି ଶ୍ରୀ ରସିକଜିଙ୍କ ଚରଣରେ ନିଜ ଥୋର ସହିତ ମସ୍ତକ ରଖିଦେଲା । ଶ୍ରୀ ରସିକମୁରାରିଜି ଆଶ୍ୱାସନା ଦେଇ ତା' ମସ୍ତକରେ ହସ୍ତ ରଖିଦେଲେ ଏବଂ ତା' କର୍ଣ୍ଣରେ ଭଗବତ୍ ନାମମନ୍ତ୍ର

ଉପଦେଶ ଦେଲେ ତଥା ଗଳାରେ ତୁଳସୀମାଳି ବାନ୍ଧିଦେଲେ । କ୍ରୂରମତ୍ତହସ୍ତୀର ଏପରି ପରିବର୍ତ୍ତନ ଖବର ତୁଣ୍ଡେ ତୁଣ୍ଡେ ଚାରିଆଡ଼େ ବ୍ୟାପିଗଲା । ଲୋକେ ଯିଏ ଯେଉଁଠାରେ ଶୁଣିଲେ ସେହିଠାରୁ ଉଠି ହାତୀକୁ ଦେଖିବାକୁ ଦୌଡ଼ିଆସିଲେ । ହାତୀ ଶ୍ରୀମୁରାରିଜିଙ୍କ ଚରଣରେ ମସ୍ତକ ରଖିଥାଏ । ତା' ଦୁଇନେତ୍ରରୁ ଅନବରତ ଅଶ୍ରୁପାତ ହେଉଥାଏ । ଶ୍ରୀ ରସିକଜି ତା'ର ନାମ ରଖିଲେ ଗଜ ଗୋପାଳ ଦାସ । ଦର୍ଶକମାନେ ଏହି ଦୃଶ୍ୟ ନିର୍ନିମେଷ ଦୃଷ୍ଟିରେ ଦେଖୁଥାଆନ୍ତି । ସେ ସ୍ଥାନରେ ଲୋକାରଣ୍ୟ ହୋଇଗଲା ।

ଏହି ଖବର ପାଇବା ମାତ୍ରେ ସ୍ୱୟଂ ରାଜା ଘଟନାସ୍ଥଳକୁ ଆସି ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ମୁରାରିଜିଙ୍କ ଚରଣରେ ମସ୍ତକ ରଖି ନିଜ ଅପରାଧ ସକାଶେ କ୍ଷମା ପ୍ରାର୍ଥନା କଲେ । ଜବତ କରି ନେଇଥିବା ଗ୍ରାମକୁ ଫେରସ୍ତ ଦେବା ସଙ୍ଗେ ସଙ୍ଗେ ଅନ୍ୟ କେତେକ ନୂତନ ଗ୍ରାମ ମଧ୍ୟ ମୁରାରିଜିଙ୍କ ସେବାରେ ସମର୍ପିତ କଲେ । ରାଜାଙ୍କ ବିନୀତ ପ୍ରାର୍ଥନାରେ ଶ୍ରୀ ରସିକଜି ସନ୍ତୁଷ୍ଟ ହୋଇ ତାଙ୍କ ମସ୍ତକରେ ହସ୍ତ ରଖି ଆଶୀର୍ବାଦ ଦେଲେ ତଥା ଭଗବାନଙ୍କୁ ଭକ୍ତି କରିବା ଏବଂ ସନ୍ଥମାନଙ୍କୁ ସମ୍ମାନ କରିବା ସକାଶେ ଉପଦେଶ ମଧ୍ୟ ଦେଲେ । ଶ୍ରୀ ରସିକମୁରାରିଜିଙ୍କ ଉପଦେଶ ଶିରୋଧାର୍ଯ୍ୟ କରି ରାଜା ପ୍ରାର୍ଥନା କଲେ, ''ମହାରାଜ, ଆପଣ ଏହି କ୍ରୂରକର୍ମା ମତ୍ତହସ୍ତୀକୁ ଉଦ୍ଧାର କରି ତା' ଜୀବନ ସାର୍ଥକ କରିଛନ୍ତି । ଆଜିଠାରୁ ତାକୁ ନିଜ ସେବାରେ ସ୍ୱୀକାର କରନ୍ତୁ ।'' ମହାରାଜ ରାଜାଙ୍କ ପ୍ରାର୍ଥନା ସ୍ୱୀକାର କରିନେଲେ । ଏହିକଥା ଶୁଣିବାମାତ୍ରେ ହାତୀ ନିଜ ଶୁଣ୍ଡରେ ଶ୍ରୀ ଗୁରୁଦେବଙ୍କ ଚରଣ ସ୍ପର୍ଶ କରିବା ପରେ ରାଜାଙ୍କ ଚରଣ ସ୍ପର୍ଶ କରି ଉଠି ଛିଡ଼ା ହୋଇଗଲା । ରାଜା ଶ୍ରୀ ମହାରାଜାଙ୍କଠାରୁ ଆଶୀର୍ବାଦ ପାଇ ବିଦାୟ ହୋଇ ଫେରି ଆସିଲେ । ଶ୍ରୀ ମୁରାରିଜି ଶିଷ୍ୟ ତଥା ଗଜ ଗୋପାଳ ଦାସ ସହିତ ନିଜ ଆଶ୍ରମକୁ ଆସିଲେ ।

ଗଜ ଗୋପାଳ ଦାସ ଆଶ୍ରମରେ ରହିଲେ । ତାଙ୍କର ନିୟମ ଥିଲା ପ୍ରତିଦିନ ଭଗବାନଙ୍କ ଚରଣାମୃତ ତଥା ସନ୍ଥମାନଙ୍କ ଚରଣାମୃତ ପାନ କରିବା ପରେ ସନ୍ଥମାନଙ୍କ ସିଦ୍‌ପ୍ରସାଦ ଭୋଜନ କରିବା । ସନ୍ଥମାନେ ଭୋଜନ କରିବା

ପରେ ଯେଉଁ ଉଚ୍ଛିଷ୍ଟ ଅବଶିଷ୍ଟ ରହିଥାଏ, ତାକୁ ସିଦ୍‌ପ୍ରସାଦ କୁହାଯାଏ । ଚରଣାମୃତ ଏହି ସିଦ୍‌ପ୍ରସାଦ ପାଇବା ପର୍ଯ୍ୟନ୍ତ ଗଜ ଗୋପାଳ ଦାସ ଜଳପର୍ଯ୍ୟନ୍ତ ଗ୍ରହଣ କରୁ ନ ଥିଲେ । ତାଙ୍କ ଗଳାରେ ତୁଳସୀମାଳା, ମସ୍ତକରେ ଊର୍ଦ୍ଧ୍ୱପୁଣ୍ଡ୍ରତିଳକ ସର୍ବଦା ଶୋଭା ପାଉଥିଲା । ସେ ସନ୍ଥମାନଙ୍କୁ ଦେଖିବାମାତ୍ରେ ତାଙ୍କ ଥୋର ହସ୍ତ ଚରଣରେ ରଖି ପ୍ରଣାମ କରୁଥିଲେ । ତାଙ୍କର ସମସ୍ତ ଆଚରଣ ସନ୍ଥ ସଦୃଶ ହୋଇଥିଲା । ସେ କାହାକୁ କେବେ ହିଂସା କରୁ ନ ଥିଲେ । ଯେଉଁମାନେ ଚାଉଳ, ଡାଲି, ପରିବାପତ୍ର ମୁଣ୍ଡେଇ ହାଟକୁ ବିକ୍ରି କରିବାକୁ ଯାଉଥିଲେ, ଗଜ ଗୋପାଳ ଦାସ ସେମାନଙ୍କ ମୁଣ୍ଡରୁ ଚାଉଳ, ପରିବା ଉଠାଇ ଆଣି ସାଧୁମାନଙ୍କ ସେବାରେ ରଖି ଦେଉଥିଲେ । ସେମାନେ ଆସି ଶ୍ରୀ ରସିକମୁରାରିଜି ମହାରାଜଙ୍କ ପାଖରେ ପ୍ରାର୍ଥନା କଲେ । ଗୁରୁଦେବ ଗଜ ଗୋପାଳ ଦାସଙ୍କୁ କହିଲେ, ''ଲୋକମାନଙ୍କୁ କଷ୍ଟ ଦେଇ ସନ୍ଥ ସେବା କରିବା ଠିକ୍ ନୁହେଁ ।'' ସେହି ଦିନଠାରୁ ଗଜ ଗୋପାଳ ଦାସଜି ସେ କର୍ମ ସଂପୂର୍ଣ୍ଣରୂପେ ଛାଡ଼ିଦେଲେ । ଅଧିକାଂଶ ସାଧୁସନ୍ଥ ଗୁରୁଙ୍କ ଆଜ୍ଞା ତଥା ସନ୍ଥମାନଙ୍କର ଯେଉଁସବୁ ନିୟମ ପାଳନ କରିପାରୁ ନ ଥିଲେ, ଗଜ ଗୋପାଳ ଦାସ ଶୁଣିବା ମାତ୍ରେ ତାହା ସହଜରେ ଦୃଢ଼ତା ସହିତ ପାଳନ କରି ପାରୁଥିଲେ । ଏହା ତାଙ୍କ ଜୀବନରେ ଆଶ୍ଚର୍ଯ୍ୟ ଘଟନା ଥିଲା ।

ଶ୍ରୀ ଗୁରୁମହାରାଜ ସନ୍ଥମାନଙ୍କୁ କହିଲେ, ''ସନ୍ଥ ଜମାଉତର ମହନ୍ତ ଗଜ ଗୋପାଳ ଦାସକୁ କରାହେଲା, ସେ ସନ୍ଥଙ୍କ ସହିତ ଭ୍ରମଣ କରିବ । ଗୁରୁଙ୍କ ଆଜ୍ଞାରେ ଗଜ ଗୋପାଳ ଦାସଙ୍କ ଜମାଉତରେ ବହୁତ ସଂଖ୍ୟାରେ ସନ୍ଥ ରହୁଥିଲେ । ଜମାଉତରେ ଆଗେ ଗଜ ଗୋପାଳ ଦାସ ଚାଲନ୍ତି । ତାଙ୍କ ପିଠିରେ ଶ୍ରୀଠାକୁରଜି ଶ୍ରୀରାଧାକୃଷ୍ଣ ବିଗ୍ରହ ସିଂହାସନରେ ବିରାଜମାନ ଥାଆନ୍ତି । ଠାକୁରଙ୍କ ପୂଜାର ସମସ୍ତ ସାମଗ୍ରୀ ଥାଏ । ତାଙ୍କ ପଛେ ପଛେ ସମସ୍ତ ସନ୍ଥମଣ୍ଡଳୀ ଚାଲନ୍ତି । ଗଜ ଗୋପାଳ ଦାସଙ୍କ ନାମ ଶୁଣିବା ମାତ୍ରେ ହଜାର ହଜାର ନରନାରୀ ତାଙ୍କ ଦର୍ଶନକୁ ଆସନ୍ତି ଏବଂ ସନ୍ଥମାନଙ୍କୁ ଚାଉଳ, ଡାଲି, ପରିବା, ଘିଅ, ଚିନି ଆଦି ସମସ୍ତ ବସ୍ତୁ ଭେଟି ଦିଅନ୍ତି । ସାଧୁମାନେ ଭଣ୍ଡାରା ଭୋଜନ କରନ୍ତି । ଲୋକଙ୍କ

ଆଗ୍ରହ ଯୋଗୁଁ କେଉଁଠାରେ ଦୁଇ ଚାରିଦିନ, ମାସେ ରହି ପୁନରାୟ ଭ୍ରମଣକୁ ଚାଲିଯାଆନ୍ତି । ଏହିପରି ସବୁ ସ୍ଥାନରେ ହୁଏ ।

ଗଜ ଗୋପାଳ ଦାସଙ୍କ ଏହି ଖ୍ୟାତି ଜଣେ ଦୁଷ୍ଟ ରାଜା ଶୁଣି ତାଙ୍କ ନିଷ୍ଠା ପରୀକ୍ଷା କରିବା ସକାଶେ ହୁକୁମ ଦେଲା, ''ଯିଏ ଗଜ ଗୋପାଳ ଦାସକୁ ଧରି ଆଣିଦେବ, ତାକୁ ବହୁତ ଟଙ୍କା ପୁରସ୍କାର ଦିଆଯିବ ।''

ଗଜ ଗୋପାଳ ଦାସ ସନ୍ଥଜମାଉତଙ୍କ ସଙ୍ଗେ ଯାଆନ୍ତି । ଯେଉଁଠାରେ ସନ୍ଥଙ୍କ ପଡ଼ାଉ ପଡ଼େ ଅର୍ଥାତ୍ ଯେଉଁଠାରେ ରୁହନ୍ତି ସେମାନେ ଗଜ ଗୋପାଳ ଦାସଙ୍କ ପିଠିରୁ ଶ୍ରୀଠାକୁରଙ୍କ ସିଂହାସନ ଉତାରିଆଣି ସେବାପୂଜା ଏବଂ ରୋଷେଇ କରନ୍ତି । ଗଜ ଗୋପାଳ ଦାସ ଦୂରସ୍ଥାନରେ ମଳମୂତ୍ର ତ୍ୟାଗ କରି କୌଣସି ଜଳାଶୟ ବା ନଦୀରେ ସ୍ନାନ କରନ୍ତି, ଏବଂ ସନ୍ଥମାନଙ୍କ ପଙ୍ଗତ ସମୟ ପୂର୍ବରୁ ଫେରିଆସି ପ୍ରଥମରେ ସନ୍ଥ ଚରଣାମୃତ, ଠାକୁରଜିଙ୍କ ଚରଣାମୃତ ପାନ କରନ୍ତି; ସନ୍ଥମାନଙ୍କ ପଙ୍ଗତ ପରେ ସେମାନଙ୍କ ସିଦ୍‌ପ୍ରସାଦ ଗ୍ରହଣ କରନ୍ତି ।

ଗଜ ଗୋପାଳ ଦାସ ଦୂରକୁ ସ୍ନାନ କରିବାକୁ ଯିବା ସମୟରେ ଦୁଷ୍ଟ ରାଜାର ଅନୁଚରମାନେ ତାଙ୍କୁ ଧରି ଆଣିବାକୁ ଚେଷ୍ଟା କରନ୍ତି କିନ୍ତୁ ତାଙ୍କର ସମସ୍ତ ଚେଷ୍ଟା ବ୍ୟର୍ଥ ହୁଏ । କେହି ତାଙ୍କ ପାଖକୁ ଯାଇପାରନ୍ତି ନାହିଁ । ସେ କେବଳ ସନ୍ଥମାନଙ୍କୁ ସମ୍ମାନ କରନ୍ତି । କିନ୍ତୁ କୌଣସି ଦୁଷ୍ଟ ଲୋକର ବଳପୂର୍ବକ ଧରିବାର ସାହସ ନ ଥାଏ । ରାଜା ଅଧିକ ଧନ ପୁରସ୍କାର ଦେବାକୁ କହିବାରୁ ଜଣେ ବ୍ୟକ୍ତି ସାଧୁବେଶ ଧାରଣ କରି କଣ୍ଠି ତିଳକ ଲଗାଇ ଯାଇ ପହଞ୍ଚିଲା ଏବଂ କହିଲା, ''ମୋ ସଙ୍ଗେ ସଙ୍ଗେ ଆସ । ଗୋପାଳ ଦାସ ସନ୍ଥବେଶକୁ ସମ୍ମାନ କରି ତା' ପଛେ ପଛେ ଗଲେ । ରାଜଧାନୀରେ ପହଞ୍ଚି, ପରେ ସନ୍ଥବେଶଧାରୀ ଦୁଷ୍ଟ ବ୍ୟକ୍ତି ତାଙ୍କୁ ଗୋଟିଏ ସୁଦୃଢ଼ ଲୁହାବାଡ଼ ମଧ୍ୟରେ ବନ୍ଦି କରିଦେଲା । ଗଜ ଗୋପାଳ ଦାସଙ୍କୁ ସନ୍ଥ, ଭଗବାନଙ୍କ ଚରଣାମୃତ, ସନ୍ଥଙ୍କ ସିଦ୍‌ପ୍ରସାଦ ନ ମିଳିବା ଯୋଗୁଁ ସେ ତିନି ଦିନ ପର୍ଯ୍ୟନ୍ତ ଜଳ ସ୍ପର୍ଶ କଲେ ନାହିଁ । ତିନି ଦିନ ପରେ ରାଜା ଆଜ୍ଞାରେ ସେହି ସନ୍ଥବେଶଧାରୀ ଦୁଷ୍ଟ ବ୍ୟକ୍ତି ଗଜ ଗୋପାଳ ଦାସଙ୍କୁ ଜଳ ପିଆଇବା ସକାଶେ ଗଙ୍ଗା ନଦୀକୁ ନେଇଗଲେ । ଗଜ

ଗୋପାଳ ଦାସ ଗଙ୍ଗା ପ୍ରବାହରେ ପ୍ରବେଶ କରି ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ପରମଧାମକୁ ଚାଲିଗଲେ ।

ଗଜ ଗୋପାଳ ଦାସ ଶରୀର ତ୍ୟାଗ କରିବା ପୂର୍ବରୁ ତାଙ୍କ ଗୁରୁଦେବ ଶ୍ରୀ ରସିକମୁରାରିଜି ଆଶ୍ରମରେ ଶରୀର ତ୍ୟାଗ କରି ଭଗବତ୍ ଧାମକୁ ପ୍ରାପ୍ତ ହୋଇ ସାରିଥିଲେ ।

ଶ୍ରୀ ରସିକମୁରାରିଜି ମହାରାଜ ଭଗବତ୍ ଦିବ୍ୟାନନ୍ଦରେ ଯେପରି ନିମଗ୍ନ ରହୁଥିଲେ, ସେହିପରି ସନ୍ଥସେବାରେ ଅପାର ଆନନ୍ଦ ଅନୁଭବ କରୁଥିଲେ । ତାଙ୍କର ଭଗବତ୍ ଭକ୍ତିର ନିଷ୍ଠା, ଗୁରୁନିଷ୍ଠା ତଥା ସନ୍ଥସେବାର ନିଷ୍ଠା ଅସାଧାରଣ ଥିଲା । ଶ୍ରୀ ନାଭାଜି ମହାରାଜ ନିଜ କବିତାରେ ଶ୍ରୀ ରସିକମୁରାରିଜିଙ୍କ ଜୀବନର ଯେଉଁସବୁ ଘଟନା ଲେଖିଥିଲେ, ତାକୁହିଁ ଶ୍ରୀପ୍ରିୟାଦାସଜି ମହାରାଜ ନିଜ ଟୀକାରେ ବିସ୍ତାରିତ ବ୍ୟାଖ୍ୟା କରିଥିଲେ । ସେହି ଘଟନା ଏଠାରେ ଆଲୋଚନା କରାହେଲା । କିନ୍ତୁ ଶ୍ରୀ ମହାରାଜଙ୍କ ଜୀବନର ବହୁ ଅଲୌକିକ ଘଟନା ଅଛି । ଏଠାରେ ତାହାସବୁ ଆଲୋଚନା କରାହୋଇ ନାହିଁ ।

ସଂସାରରେ ବହୁତ ସନ୍ଥ ମହାତ୍ମା ବହୁତ ପାପୀ ତାପୀ ବ୍ୟକ୍ତିଙ୍କୁ ସେ ଉଦ୍ଧାର କରିଛନ୍ତି । ବହୁତ ଦୁଃଖପ୍ରପୀଡ଼ିତ ବ୍ୟକ୍ତିଙ୍କୁ ପରମ ଗତି ପ୍ରଦାନ କରିଛନ୍ତି; ବହୁତଙ୍କୁ ପରମ ସାଧୁରେ ପରିଣତ କରିଛନ୍ତି ।

କିନ୍ତୁ ଶ୍ରୀ ରସିକଜି ମହାରାଜ କ୍ରୂରକର୍ମା ପଶୁ ହସ୍ତୀକୁ ମହାନ୍ ସନ୍ଥ କରି ଦେଇଛନ୍ତି ।

ବୋଲ ଭକ୍ତ ତଥା ଭଗବାନଙ୍କୁ ଜୟ ।

## ଭକ୍ତ ଗଙ୍ଗାଧର ଦାସ

ଭକ୍ତ ଗଙ୍ଗାଧର ଉତ୍କଳ ପ୍ରାନ୍ତ ପୁରୀ ଜିଲ୍ଲା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଏକ ବୈଶ୍ୟ ପରିବାରରେ ମହାରାଜା ପ୍ରତାପରୁଦ୍ରଙ୍କ ଶାସନ ସମୟରେ ଜନ୍ମଗ୍ରହଣ କରିଥିଲେ । ଗଙ୍ଗାଧରଙ୍କ ପତ୍ନୀଙ୍କର ନାମ ଥିଲା ଶ୍ରୀୟାଦେବୀ । ସତୀ ଶ୍ରୀୟାଦେବୀଙ୍କର ପତିବ୍ରତା ଧର୍ମରେ ଅତ୍ୟନ୍ତ ନିଷ୍ଠା ଥିଲା । ସେ ପତିଙ୍କୁ ଭଗବତ୍ ଭାବରେ ଭକ୍ତି କରୁଥିଲେ ଏବଂ ତାଙ୍କର ସେବା କରୁଥିଲେ ।

ଗଙ୍ଗାଧରଙ୍କର କୌଣସି ସନ୍ତାନ ନ ଥିଲେ । ତାଙ୍କର ସମ୍ପତ୍ତିବାଡ଼ି ମଧ୍ୟ ନ ଥିଲା । ସେ ଶୁଣ୍ଠି, ପିପ୍‌ପଳି ଓ ଗୃହର ଆବଶ୍ୟକ ତେଜରାତି ଜିନିଷର ଗୋଟିଏ ଛୋଟ ବ୍ୟବସାୟ କରି ଜୀବନଯାପନ କରୁଥିଲେ । କେବେ କେବେ ହାଟରେ ବିକ୍ରି କରିବାକୁ ଯାଉଥିଲେ ତ କେବେ କେବେ ଗ୍ରାମମାନଙ୍କରେ ବୁଲି ବୁଲି ବିକ୍ରି କରୁଥିଲେ । ଠକାଇବା ଅଥବା ଖରାପ ଜିନିଷ ମିଶାଇବା ତାଙ୍କ ସ୍ୱଭାବରେ ନ ଥିଲା । ସତ୍ୟ ମାର୍ଗରେ ଯାହା ଉପାର୍ଜନ କରୁଥିଲେ ସେଥିରେ ଦୁଇ ପ୍ରାଣୀ ଆନନ୍ଦରେ ଚଳିଯାଉଥିଲେ । କେହି ତୃଷାର୍ତ୍ତ, କ୍ଷୁଧାର୍ତ୍ତ, ଅତିଥି ଅଭ୍ୟାଗତ, ବ୍ରାହ୍ମଣ ବୈଷ୍ଣବ ଘରକୁ ଆସିଲେ ଶକ୍ତି ଅନୁସାରେ ସେମାନଙ୍କ ସେବା କରୁଥିଲେ ଏବଂ ମଧୁର ବିନୟ ବଚନରେ ସେମାନଙ୍କୁ ସନ୍ତୁଷ୍ଟ କରୁଥିଲେ । ସବୁ ସମୟରେ ଭଗବାନଙ୍କ ନାମ ଜପ, ଭଗବତ ଲୀଳା ସ୍ମରଣ ତଥା ଭଗବତ୍ ଧ୍ୟାନରେ ପତିପତ୍ନୀ ଆନନ୍ଦରେ ସମୟ ଅତିବାହିତ କରୁଥିଲେ । ପରଚର୍ଚ୍ଚା ବା ଅନ୍ୟର ଅହିତ ଚିନ୍ତା କରିବାକୁ ସମୟ ନ ଥିଲା, ପ୍ରାଣିମାତ୍ରର ମଙ୍ଗଳ କାମନା କରୁଥିଲେ । କିନ୍ତୁ ସନ୍ତାନ-ସନ୍ତତି ନ ଥିବାର ଅଭାବ ଗଙ୍ଗାଧରଙ୍କୁ କେବେ ବି ଅନୁଭୂତ ହେଉ ନ ଥିଲା ।

ଗ୍ରାମର କେତେକ ମହିଳାଙ୍କର ସ୍ୱଭାବ ଥାଏ — ଯେଉଁଠାରେ ଦୁଇ ତିନିଜଣ ମହିଳା ଏକତ୍ରିତ ହୁଅନ୍ତି ସେମାନେ ପରସ୍ପର ସୁଖଦୁଃଖ ଚର୍ଚ୍ଚା କରନ୍ତି । ସେହି ସଙ୍ଗେ ସଙ୍ଗେ ଅନ୍ୟ ଚର୍ଚ୍ଚା ବି କରନ୍ତି । ତା' ସଙ୍ଗେ ସଙ୍ଗେ ଗଙ୍ଗାଧରଙ୍କ

ପତ୍ନୀଙ୍କ ସନ୍ତାନ ନ ଥିବା ଏବଂ ସନ୍ତାନବିହୀନା ନାରୀର ମୁଖ ଦେଖିବା ଅମଙ୍ଗଳ ବୋଲି କୁହନ୍ତି । ଏହି କଥାବାର୍ତ୍ତା ଶୁଣିଥିବା ଅନ୍ୟ ନାରୀମାନେ ଗଙ୍ଗାଧରଙ୍କ ପତ୍ନୀ ଶ୍ରୀୟାଦେବୀଙ୍କୁ ଆସି କହନ୍ତି । ସେଥିରେ ଶ୍ରୀୟାଦେବୀ କିଛି ସମୟ ସକାଶେ ନିଜକୁ ହୀନମାନୀ ମନେକରି ଦୁଃଖ ଅନୁଭବ କରନ୍ତି, କିନ୍ତୁ ପରେ ସବୁ ଭୁଲିଯା'ନ୍ତି ।

କ୍ରମଶଃ ଦୁଇଜଣଙ୍କୁ ବୃଦ୍ଧାବସ୍ଥା ପ୍ରାପ୍ତ ହେଲା । ଆଉ ସନ୍ତାନ ହେବାର ସମୟ ରହିଲା ନାହିଁ । ସନ୍ତାନ ନ ଥିବା ନାରୀକୁ ଗ୍ରାମର ମୋହ-ଅଜ୍ଞାନଗ୍ରସ୍ତ ପରିବାର ତଥା ସମ୍ପତ୍ତିକୁ ସର୍ବସ୍ୱ ମାନୁଥିବା ନରନାରୀମାନେ ଘୃଣା କରନ୍ତି ଏବଂ ଅଲକ୍ଷଣୀ ବୋଲି ଧାରଣା କରନ୍ତି । ଏପରିକି କୌଣସି ଶୁଭ କର୍ମରେ ସନ୍ତାନ ନ ଥିବା ବ୍ୟକ୍ତିକୁ ଦେଖିଲେ ଅଶୁଭର ଆଶଙ୍କା ମଧ୍ୟ କରନ୍ତି । ଏଥିରେ ଯଦି କୌଣସି ସତ୍ୟତା ଥାଆନ୍ତା ତେବେ ବାଲ୍ୟାବସ୍ଥାରୁ ଗୃହପରିବାରତ୍ୟାଗୀ ଅଧ୍ୟାତ୍ମ ସାଧକ, ସାଧୁସନ୍ଥଙ୍କୁ କେହି ଆଦର ସମ୍ମାନ କରୁ ନ ଥା'ନ୍ତେ । ଏହି ଧାରଣା ସଂପୂର୍ଣ୍ଣ ଭିତ୍ତିହୀନ ମୂର୍ଖତାପୂର୍ଣ୍ଣ କୁସଂସ୍କାର । ତଥାପି ଗ୍ରାମର କେତେକ ମୋହାନ୍ଧ ନରନାରୀ ପତିବ୍ରତା, ଭଗବତ ଭକ୍ତିପରାୟଣା ଶ୍ରୀୟାଦେବୀଙ୍କ ପ୍ରତି ଦୁର୍ବ୍ୟବହାର କରିବାରେ ପଶ୍ଚାତ୍ପଦ ହୁଅନ୍ତି ନାହିଁ ।

ଏହିସବୁ ବ୍ୟବହାର ଦେଖି ଶ୍ରୀୟାଦେବୀ ଦିନେ ପତିଙ୍କୁ କହିଲେ, ''ପତିଦେବ, ଆମ୍ଭର ସନ୍ତାନ ନ ଥିବା ଯୋଗୁଁ କେତେକ ଲୋକ ଦାଣ୍ଡରେ, ହାଟବାଟରେ, ଦେବ ମନ୍ଦିରରେ, ମେଳା-ମହୋତ୍ସବରେ ମୋତେ ଦେଖିଲେ କଥା କହନ୍ତି ନାହିଁ, ପାଖରେ ବସିବାକୁ ଘୃଣା କରନ୍ତି, ମୋ ପାଖରୁ ନିଜର ସନ୍ତାନମାନଙ୍କୁ ଦୂରେଇ ରଖନ୍ତି; କେହି କେହି ମୋତେ ଦେଖି ତଳକୁ ମୁହଁ କରି ଚାଲିଯା'ନ୍ତି । ଆଉ କେତେକ ବ୍ୟକ୍ତି ବିରକ୍ତ ଭାବରେ ମୁହଁ ବୁଲେଇ ଚାଲିଯା'ନ୍ତି । ପୁନଶ୍ଚ କେହି କେହି ମୋତେ ଶୁଣେଇ ଶୁଣେଇ କହନ୍ତି, 'ଆଣ୍ଟୁକୁଡ଼ୀ ମୁଖ ଦେଖିଲେ ଖାଇବାକୁ ମିଳେ ନାହିଁ । ଏପରି ଅଲକ୍ଷଣୀକୁ ଭଗବାନ୍ କାହିଁକି ଜନ୍ମ ଦେଲା ?' ଏପରି ବ୍ୟବହାର ତଥା ବଚନ ଶୁଣିଲେ ମୋତେ ବହୁତ ଦୁଃଖ ହୁଏ । ଆମ୍ଭଭାଗ୍ୟରେ ତ' ପୁତ୍ର ନାହିଁ, ଚାହିଁଲେ ପାଇବା କେଉଁଠୁ ?

ଆମ୍ଭର ଏହି ଦୁଃଖ ଭଗବାନ୍ ନିବାରଣ କଲେ ନାହିଁ, ସେକଥା ଭାବିଲେ କ'ଣ ହେବ ? ତେବେ କୌଣସି ଗୋଟିଏ ବ୍ରାହ୍ମଣ ପୁତ୍ରକୁ ବ୍ରତ କରାଇ ଦିଅ କିଂବା ନିଜ ଜାତି ଗୋତ୍ରରେ କୌଣସି ଦରିଦ୍ର ବ୍ୟକ୍ତିକୁ କିଛି ଟଙ୍କା ଦେଇ ଗୋଟିଏ ପିଲାକୁ ପୁଅ କରି ଆଣ; ତାକୁ ନିଜ ପୁତ୍ର ସଦୃଶ ପାଳିବା ଏବଂ ଲୋକ ଅପବାଦ ତଥା ଘୃଣାରୁ ରକ୍ଷା ପାଇବା । ଏହା ଠିକ୍ ଉପାୟ ବୋଲି ମନେହୁଏ, କିନ୍ତୁ ତୁମେ ଯେପରି ଠିକ୍ ମନେକର ତାହାହିଁ କର ।''

ଏକଥା ଶୁଣି ପତିଦେବ କହିଲେ, ''ନିଶ୍ଚୟ ଗୋଟିଏ ପୁତ୍ର ଆଣିବା, ତୁ ତାକୁ ନିଜ ପୁତ୍ର ସଦୃଶ ପ୍ରତିପାଳନ କରିବୁ ।'' ଏହା କହି ଗଙ୍ଗାଧର କିଛି ଟଙ୍କା ଧରି ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଲେ । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ଭଗବାନଙ୍କ ପ୍ରତିମା ତିଆରି ହେଉଥିବା ସ୍ଥାନରେ ପହଞ୍ଚିଲେ । କିଛି ଟଙ୍କା ଦେଇ ସର୍ବଲକ୍ଷଣଯୁକ୍ତ ଶ୍ରୀକୃଷ୍ଣଙ୍କ ଗୋଟିଏ ପିତଳ ପ୍ରତିମା ଆଣି ଅତ୍ୟନ୍ତ ପ୍ରସନ୍ନତାରେ ଗୃହକୁ ଆସିଲେ, ଏବଂ ପତ୍ନୀକୁ ଦେଇ କହିଲେ, ''ଏହାକୁ ନେ, ଏ ହିଁ ସମସ୍ତ ସଂସାରକର୍ତ୍ତା ତଥା ଗତିମୁକ୍ତିର ବିଧାତା । ଏହି କୃଷ୍ଣଙ୍କୁ ନନ୍ଦ ଯଶୋଦା ପୁତ୍ର ଭାବରେ ସେବା କରି ଜୀବିତ ଅବସ୍ଥାରେ ଭଗବତ୍ ଆନନ୍ଦରେ ବୁଡ଼ି ରହିଲେ, ଶରୀର ତ୍ୟାଗ କରି ତାଙ୍କୁହିଁ ପ୍ରାପ୍ତ ହେଲେ । ବ୍ରହ୍ମା, ଇନ୍ଦ୍ରାଦି ସମସ୍ତ ଦେବତା ଏହାଙ୍କୁହିଁ ସେବା କରନ୍ତି । ଏହାଙ୍କ ବ୍ୟତୀତ ଦୁଃଖଦ୍ୱନ୍ଦ୍ୱ, ଜନ୍ମମରଣରୁ ମୁକ୍ତି ଦେବାର ସାମର୍ଥ୍ୟ ଅନ୍ୟ କାହାରି ନାହିଁ । ଏହି ଦୃଢ଼ ବିଶ୍ୱାସ ହୃଦୟରେ ରଖି ଆନ୍ତରିକ ଭାବଭକ୍ତି ଓ ପୁତ୍ରସ୍ନେହରେ ଏହାଙ୍କୁହିଁ ସେବା କର । ତୁ ଯାହା ଚାହିଁବୁ ଏ ତାହାହିଁ ପୂର୍ଣ୍ଣ କରିବେ । ଏଥିରେ ଟିକିଏ ମାତ୍ର ସନ୍ଦେହ ରଖିବୁ ନାହିଁ ।''

ଶ୍ରୀୟାଦେବୀ ପତିଙ୍କୁ ଭଗବତ୍ ଭାବରେ ସର୍ବଦା ଭକ୍ତି କରନ୍ତି । ପତିଙ୍କ ବାକ୍ୟରେ ତାଙ୍କର ସନ୍ଦେହ ନ ଥାଏ । ପତିଙ୍କଠାରୁ ଏକଥା ଶୁଣି ତାଙ୍କୁ ବିଶେଷ ଆନନ୍ଦ ପ୍ରାପ୍ତ ହେଲା । ସେ କୋଟିନିଧି ସଦୃଶ ଶ୍ରୀକୃଷ୍ଣ ପ୍ରତିମାକୁ ନେଇ ପଞ୍ଚାମୃତରେ ସ୍ନାନ କରାଇ ଉତ୍ତମ ବସ୍ତ୍ର, ଅଳଙ୍କାର ପରିଧାନ କରାଇଲେ । ସୁନ୍ଦର ସିଂହାସନରେ କୋମଳ ଆସନ ବିଛାଇ ଶ୍ରୀକୃଷ୍ଣଙ୍କ ପ୍ରତିମାକୁ ବିରାଜମାନ

କରାଇଲେ ଏବଂ ସର, କ୍ଷୀର ତଥା ଉତ୍ତମ ପଦାର୍ଥ ଶ୍ରୀକୃଷ୍ଣଙ୍କୁ ନିବେଦନ କଲେ । ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ଭାବିଲେ, ''ଏତେ ଦିନ ପରେ ଆଜି ଯେଉଁ ପୁତ୍ରଙ୍କୁ ପାଇଲି ତାଙ୍କୁହିଁ ସେବାପୂଜା କରି ଆମ୍ଭେ ଦୁଇ ପ୍ରାଣୀ ଏହି ଭବସାଗରରୁ ଉଦ୍ଧାର ହେବୁ ।'' ଭଗବାନ୍ ଆନ୍ତରିକ ଭାବ ଗ୍ରହଣ କରନ୍ତି । ଯିଏ ଭଗବାନଙ୍କୁ ଯେଉଁ ଭାବରେ ଭକ୍ତି କରେ ଭଗବାନ୍ ଠିକ୍ ସେହି ଭାବରେ ତାକୁ ପ୍ରାପ୍ତ ହୁଅନ୍ତି । ଏହି ସକାଶେ ଜ୍ଞାନ ମାର୍ଗଠାରୁ ଭକ୍ତି ମାର୍ଗ ଅପେକ୍ଷାକୃତ ସହଜ ତଥା ସରସ ବୋଲି କୁହାଯାଇଛି । ଭକ୍ତି ମାର୍ଗରେ ଭଗବାନଙ୍କୁ ପିତା, ପୁତ୍ର, ସଖା, ସ୍ୱାମୀ ବା ମାଲିକ ତଥା ପତି ଏବଂ ଶାନ୍ତ ଭାବରେ ଭକ୍ତି କରାହୁଏ । ଏହିସବୁ ଭାବରେ ଆଦର୍ଶ ପ୍ରତିଷ୍ଠା କରିବା ସକାଶେ ଭଗବାନ୍ ଅବତାର ନେଇ ପିତା, ପୁତ୍ର, ସଖା, ସ୍ୱାମୀ ତଥା ପତି ଭାବରେ ପ୍ରାପ୍ତ ହୁଅନ୍ତି । ବୈଷ୍ଣବ ଧର୍ମର ଭକ୍ତି ମାର୍ଗରେ ଶାନ୍ତ ଭାବ ସହିତ ଏହି ପାଞ୍ଚ ପ୍ରକାର ଭାବକୁ ପଞ୍ଚରସ ମଧ୍ୟ କୁହାଯାଏ । ଏହି ପଞ୍ଚ ରସ ମଧ୍ୟରୁ ଭକ୍ତର କୌଣସି ରସରେ ନିଷ୍ଠା ତଥା ଆନ୍ତରିକତା ହେଲେ ଭଗବାନ୍ ଠିକ୍ ସେହି ଭାବ ଅନୁସାରେ ବ୍ୟବହାର କରନ୍ତି ଏବଂ ପ୍ରାପ୍ତ ହୁଅନ୍ତି । ଭଗବାନ୍ ସର୍ବସମର୍ଥ । ସେ ସମସ୍ତ ଭାବ ଠିକ୍ ଠିକ୍ ଭାବେ ଗ୍ରହଣ କରିପାରନ୍ତି । ନନ୍ଦ, ଯଶୋଦା, ମହାରାଜା ଦଶରଥ, ମହାରାଣୀ କୌଶଲ୍ୟାଦେବୀଙ୍କୁ ପୁତ୍ରରୂପେ ପ୍ରାପ୍ତ ହେବା ସମୟରେ ଠିକ୍ ସାଧାରଣ ବାଳକ ସଦୃଶ ପିତାମାତାଙ୍କ ପାଖରେ ଅଳି କରନ୍ତି, ଯେଉଁ ବସ୍ତୁ ନେବାକୁ ଚାହାନ୍ତି ତାହା ନିଅନ୍ତି, ବାଲ୍ୟ ଚପଳତା ପ୍ରକାଶ କରନ୍ତି ଏବଂ ନାନାପ୍ରକାର ଖେଳ, କୌତୁକରେ ପିତାମାତାଙ୍କୁ ଆନନ୍ଦ ଦିଅନ୍ତି । ଯଶୋଦାଙ୍କଠାରୁ ଛାଟରେ ପିଟା ହେବା ଭୟରେ ତ୍ରସ୍ତ ହୋଇ ଅଶ୍ରୁ ବର୍ଷା କରନ୍ତି । ଭକ୍ତ ତାଙ୍କର ଅତ୍ୟନ୍ତ ପ୍ରିୟ । ଭକ୍ତ ଯେଉଁ ଭାବରେ ଚାହେଁ ତାକୁ ସେ ସେହି ଭାବରେ ଆନନ୍ଦ ଦିଅନ୍ତି ।

ଗଙ୍ଗାଧର ତଥା ଶ୍ରୀୟାଦେବୀଙ୍କର ଥିଲା ଠିକ୍ ପୁତ୍ର ଭାବ । ଶ୍ରୀୟାଦେବୀ ତାଙ୍କୁ ପୁତ୍ରରୂପେ ତେଲ, କୁଙ୍କୁମ ଲଗାଇ ସ୍ନାନ କରାନ୍ତି, ଉତ୍ତମ ବସ୍ତ୍ର ପରିଧାନ କରାନ୍ତି, କର୍ପୂର ଚନ୍ଦନ ଲଗାନ୍ତି, ନାନା ପ୍ରକାର ଅଳଙ୍କାର ପିନ୍ଧାଇ ବହୁବିଧ

ପୁଷ୍ପରେ ମଣ୍ଡନ କରନ୍ତି; ଉତ୍ତମ ଦ୍ରବ୍ୟ ଭୋଗ ଲଗାନ୍ତି । ନିଜର ଜନ୍ମିତ ପୁତ୍ର ପ୍ରତି ଯେପରି ସ୍ନେହ ମମତା ଠିକ୍ ସେହିପରି ଶ୍ରୀକୃଷ୍ଣ ପ୍ରତିମାଙ୍କ ପ୍ରତି କରନ୍ତି । ପୁତ୍ରକୁ ଭୋଜନ କରାଇବା ପରେ ପତିପତ୍ନୀ ଭୋଜନ କରନ୍ତି । ପୁତ୍ରର ଭୋଜନ ପୂର୍ବରୁ ସେମାନେ ଜଳ ବି ଗ୍ରହଣ କରନ୍ତି ନାହିଁ । କେନ୍ଦୁ, ବରକୋଳି, ଆମ୍ବ, ପଣସ, ପିଜୁଳି, କଦଳୀ, ନେଉଆ, ଆତ ଇତ୍ୟାଦି ଯେଉଁ ଋତୁରେ ଯେଉଁ ଫଳ କିଂବା ଭୁଜା, ଚୁଡ଼ା, ମୁଆଁ, ଖଜା, କାକରା, ସମୟ ଅନୁସାରେ ଯେଉଁ ମିଷ୍ଟାନ୍ନ ଗ୍ରାମକୁ ବିକ୍ରି ହେବାକୁ ଆସେ ଶ୍ରୀୟାଦେବୀ ଅତି ଶ୍ରଦ୍ଧାରେ କିଣିଆଣି ପୁତ୍ରକୁ ଦିଅନ୍ତି । ଗଙ୍ଗାଧର ଦୋକାନ ପସରା ନେଇ ହାଟବାଟକୁ ଗଲେ ଯେଉଁଠାରେ ଯେଉଁ ଖାଦ୍ୟଦ୍ରବ୍ୟ ପାଆନ୍ତି ଅତି ଶ୍ରଦ୍ଧାରେ ଆଣି ଘରେ ପହଞ୍ଚିବା ମାତ୍ରେ ପ୍ରଥମେ ପୁତ୍ରକୁ ଦିଅନ୍ତି । ଶ୍ରୀୟାଦେବୀ ସବୁ ସମୟରେ ପୁତ୍ରକୁ କୋଳରେ ଧରିଥା'ନ୍ତି, କେବେ କେବେ ଅତି ସ୍ନେହରେ ମୁଖରେ ଚୁମ୍ବନ ବି ଦିଅନ୍ତି । ଗୃହକାର୍ଯ୍ୟ କରିବା ସକାଶେ ପୁତ୍ର ପାଖରୁ ଅନ୍ତର ହେଲେ ମଧ୍ୟ ତାଙ୍କ ମନ ପୁତ୍ର ପାଖରେ ଥାଏ । ସେ କାର୍ଯ୍ୟ ଛାଡ଼ି ମଝିରେ ମଝିରେ ଆସି ପୁତ୍ରକୁ ଦେଖିଯାଆନ୍ତି । ରୋଷେଇ ଆଦି କାର୍ଯ୍ୟରେ ରତ ରହିବା ଯୋଗୁଁ ଯଦି ପୁତ୍ର ପାଖକୁ ଆସିବାରେ ଅଳ୍ପ ବିଳମ୍ବ ହୁଏ ତେବେ ସେ ଅତ୍ୟନ୍ତ ବ୍ୟସ୍ତ ହୋଇ ପଡ଼ନ୍ତି । ଚଞ୍ଚଳ କାମ ଶେଷ କରି ପୁତ୍ର ପାଖକୁ ଦୌଡ଼ି ଆସନ୍ତି । କୋଳ କରି କହନ୍ତି, ''ମୁଁ ବଡ଼ ଅଲକ୍ଷଣୀ, ତୋତେ ଏକା ଛାଡ଼ି ତେଣେ କାମରେ ଲାଗିଥିଲି ।'' ଏପରି କହି ମୁଖରେ ଚୁମ୍ବନ ଦେଇ କୋଳରେ ଜାକି ଧରନ୍ତି । ତାଙ୍କ ଚେତନାରେ ପୁତ୍ର ଛଡ଼ା ଅନ୍ୟ କିଛି ନ ଥାଏ । ସେ ପୁତ୍ର ସ୍ନେହରେ ସର୍ବଦା ନିମଜ୍ଜି ଥାନ୍ତି । ପତ୍ନୀଙ୍କଠାରୁ ବହୁ ଗୁଣରେ ପତି ବି ଶ୍ରୀକୃଷ୍ଣଙ୍କୁ ପୁତ୍ର ଭାବରେ ସ୍ନେହ କରନ୍ତି ।

ଏହିପରି ବହୁତ ଦିନ ବ୍ୟତୀତ ହୋଇଗଲା । ଗଙ୍ଗାଧର ପ୍ରତିଦିନ ଦୋକାନ ପସରା ନେଇ ହାଟରେ କିଂବା ଗ୍ରାମରେ ବିକ୍ରି କରି ଘରକୁ ଫେରି ଆସୁଥିଲେ । ବିକ୍ରି ଖର୍ଦ୍ଦି କରିବା ସମୟରେ ମନ ଶ୍ରୀକୃଷ୍ଣଙ୍କ ପାଖରେ ରହୁଥିଲା । ଦିନେ ତାଙ୍କୁ ଘରଠାରୁ ଦୂର ଜାଗାକୁ ଯିବାକୁ ହେଲା । ସେ ପତ୍ନୀଙ୍କୁ କହିଲେ,

ମୁଁ ବ୍ୟବସାୟରେ ଦୂର ସ୍ଥାନକୁ ଯିବି । ଫେରିବାରେ କିଛି ଦିନ ଲାଗିଯାଇ ପାରେ । ପୁତ୍ର ତୋତେ ଲାଗିଲା । ତୁ କ୍ଷଣକ ପାଇଁ ବି କୁଆଡ଼କୁ ଯିବୁ ନାହିଁ । ସବୁ ସମୟରେ ପୁତ୍ର ପାଖରେ ରହିଥିବୁ ।'' ଏହିପରି ପତ୍ନୀଙ୍କୁ କହି ପୁତ୍ରଠାରୁ ବିଦାୟ ନେଇ ପସରାଟି ମୁଣ୍ଡରେ ରଖି ସେ ଯାତ୍ରା କଲେ । ପୁତ୍ର ପାଖରେ ମନ ଥାଏ କିନ୍ତୁ ସେ ବୁଲି ଜିନିଷପତ୍ର ଖର୍ଦ୍ଦବିକ୍ରି କରନ୍ତି । ଖର୍ଦ୍ଦବିକ୍ରି କାର୍ଯ୍ୟରେ ତିନିଟି ଦିନ ବିତିଗଲା । କିନ୍ତୁ ତାଙ୍କୁ ତିନି ଯୁଗ ସଦୃଶ ଲାଗିଲା । ପୁତ୍ରକୁ ନ ଦେଖିବା ଯୋଗୁଁ ସେ ବହୁତ ବ୍ୟାକୁଳ ହୋଇପଡ଼ିଲେ । କୌଣସି ମତେ କାର୍ଯ୍ୟ ଶେଷ କରି ପୁତ୍ର ସକାଶେ ନାନାଦି ମିଠା ଫଳ ଏବଂ ମିଠାଇ ଖର୍ଦ୍ଦି କରି ପୁତ୍ରକୁ ଦେଖିବା ପାଇଁ ବ୍ୟଗ୍ର ହୋଇ ଶୀଘ୍ର ଶୀଘ୍ର ଚାଲି ଘରକୁ ଆସିଲେ । ଗ୍ରାମ ଯେତେ ନିକଟ ହେଉଥାଏ ପୁତ୍ରକୁ ଦେଖିବା ଲାଳସା ସେତେ ତୀବ୍ର ହେଉଥାଏ ଏବଂ ସେ ସେତେ ତରତରରେ ଚାଲୁଥା'ନ୍ତି । ପୁତ୍ରର ସ୍ମରଣ ଯୋଗୁଁ ବାଟରେ ଖାଲ ଢିପର ଜ୍ଞାନ ତାଙ୍କର ରହୁ ନ ଥାଏ । ଏକେ ତ' ବୃଦ୍ଧାବସ୍ଥା, ଦୁଇରେ ପୁତ୍ରଠାରେ ମନୋନିବେଶ ଥିବାରୁ ରାସ୍ତାକୁ ଦେଖିପାରୁ ନ ଥା'ନ୍ତି । ଦୈବଯୋଗେ ପାଦ ପକାଇବା ସମୟରେ ଗୋଟାଏ ସ୍ଥାନରେ ଗୋଡ଼ ପଡ଼ି ଖସିଗଲା । ସେହି ସ୍ଥାନଟି କେଇ ପୁରୁଷ ଖାଲ ଏବଂ ଅସମତଳ ଥିଲା । ଏତେ ଖାଲରେ ପଡ଼ିଯିବା ଯୋଗୁଁ ତାଙ୍କ ଅଙ୍ଗପ୍ରତ୍ୟଙ୍ଗରେ ବହୁତ ଆଘାତ ଲାଗିଲା । ଆଘାତ ଯୋଗୁଁ କିଛି ମୁହୂର୍ତ୍ତ ମଧରେ ପ୍ରାଣ ଛାଡ଼ିଯିବା ଅବସ୍ଥା ଆସିଗଲା । ସେ କହିଲେ, ''ଆରେ ମୋ କୃଷ୍ଣ, ମୁଁ ବହୁ ପାପୀ ଓ ମୂର୍ଖ । ଅନ୍ତ ସମୟରେ ତୋ ମୁଖମଣ୍ଡଳ ଦେଖିପାରିଲି ନାହିଁ ।'' ଏହିପରି ବାରଂବାର ଶ୍ରୀକୃଷ୍ଣଙ୍କ ନାମ ସ୍ମରଣ କରୁ କରୁ ପିଣ୍ଡରୁ ପ୍ରାଣ ଛାଡ଼ିଗଲା । ଗଙ୍ଗାଧର ପଡ଼ିଯିବା ସମୟରେ ଗ୍ରାମର କେହି ଜଣେ ଲୋକ ଦୌଡ଼ି ଆସିଲେ । କିନ୍ତୁ ଦେଖିଲେ ପିଣ୍ଡରେ ପ୍ରାଣ ନାହିଁ । ସେ ତାଙ୍କ ପତ୍ନୀଙ୍କ ପାଖକୁ ଯାଇ ଗଙ୍ଗାଧରଙ୍କ ମୃତ୍ୟୁର ଖବର ଦେଇଦେଲେ ।

ଶ୍ରୀୟାଦେବୀ ଏହା ଶୁଣିବା ମାତ୍ରେ ଅତ୍ୟନ୍ତ ଶୋକରେ ଅଭିଭୂତ ହୋଇ ପୁତ୍ର ପାଖକୁ ଦୌଡ଼ିଯାଇ କହିଲେ, ''ଆରେ ମୋ କୃଷ୍ଣ, ତୁ ତ ଅରକ୍ଷ ଲୋକଙ୍କର ରକ୍ଷକ, ଦୀନଜନର ବନ୍ଧୁ, ତୋ ପିତା ଗ୍ରାମ ବାହାରେ ମରି

ପଡ଼ିଛନ୍ତି । ତୋତେ ମୁଁ ପଚାରୁଛି, ମୁଁ କ'ଣ କରିବି ତୁ କହ ?'' ଏକଥା ଶୁଣି ଭକ୍ତର ବିପତ୍ତି ନିବାରଣ କରିବା ସକାଶେ ଚକ୍ର ଧାରଣ କରିଥିବା ଜଗତର ନାଥ, ବିଶ୍ୱମ୍ଭର, ଅନ୍ତର୍ଯାମୀ, ବୈକୁଣ୍ଠବାସୀ, ଭାବଗ୍ରାହୀ ଶ୍ରୀକୃଷ୍ଣ କହିଲେ, ''ମା, ତୁ କାହିଁକି ଚିନ୍ତା କରୁଛୁ ? ପିତା ପଥଶ୍ରାନ୍ତ ହୋଇ ନିଦ୍ରା ଯାଇଛନ୍ତି । ତୁ ଯାଇ କହ, 'ଏକା ପୁତ୍ରକୁ ଛାଡ଼ି ଏଠାରେ ପଡ଼ିଛ କାହିଁକି ? ଶୀଘ୍ର ଉଠ, ଘରକୁ ଚାଲ, ଏକା ପୁତ୍ର ଘରେ କାନ୍ଦୁଥିବ ।' ଏହା କହି ପିତାଙ୍କୁ ଉଠାଇ ଘେନିଆ ।''

ପୁତ୍ରଠାରୁ ଏକଥା ଶୁଣି ଶ୍ରୀୟାଦେବୀ ଅତ୍ୟନ୍ତ ଆନନ୍ଦରେ, ଅତ୍ୟନ୍ତ ବ୍ୟଗ୍ରରେ ଯାଇ ପତିଙ୍କ ପାଖରେ ପହଞ୍ଚିଲେ, ଦେଖିଲେ ଶରୀରରେ ପ୍ରାଣ ନାହିଁ, ମୃତ ଅବସ୍ଥାରେ ପଡ଼ିଛନ୍ତି । ସେତେବେଳକୁ ସେଠାରେ ବହୁସଂଖ୍ୟକ ନରନାରୀ ଛିଡ଼ା ହୋଇ ଦେଖୁଥା'ନ୍ତି । ଶ୍ରୀୟାଦେବୀ ପତିଙ୍କ ମସ୍ତକରେ ହାତ ଦେଇ କହିଲେ, ''ମୁଁ ପୁତ୍ରକୁ ଛାଡ଼ି ଏକା ଆସିଛି । ମୋ ସଙ୍ଗେ କେହି ନାହାନ୍ତି, ଶୀଘ୍ର ଉଠ, ସାଥିରେ ଘରକୁ ଯିବା । ଅନ୍ୟଥା ପୁତ୍ରର ସେବାରେ ବିଳମ୍ବ ହେବ । ଆମ୍ଭମାନଙ୍କ ପ୍ରଧାନ କଥା ପୁତ୍ରର ସେବା ।'' ଏହି କଥା କହିବା ମାତ୍ରେ ପତିଙ୍କ ପ୍ରାଣ ଫେରି ଆସିଲା । ନିଦ୍ରାରୁ ଉଠିବା ସଦୃଶ ଚକ୍ଷୁ ମଳି ଅନାଇଲେ । ନିଜ ପାଖରେ ପତ୍ନୀଙ୍କୁ ଦେଖି କହିଲେ, ''ଏଠାକୁ ଏକା କାହିଁକି ଆସିଛୁ ? ପୁତ୍ରକୁ କ'ଣ କଲୁ ?'' ପତ୍ନୀ ତାଙ୍କ ମୃତ୍ୟୁର ଘଟନା ତଥା ପୁତ୍ରର କହିବା କଥା ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ସମସ୍ତ କହିଲେ । ଏକଥା ଶୁଣିବା ମାତ୍ରେ ଗଙ୍ଗାଧର ଆଶ୍ଚର୍ଯ୍ୟ ଓ ଆନନ୍ଦରେ ଅଭିଭୂତ ହୋଇଗଲେ ଏବଂ ସଙ୍ଗେ ସଙ୍ଗେ ଉଠି ଶ୍ରୀକୃଷ୍ଣଙ୍କ ନାମଗୁଣ ଗାନପୂର୍ବକ ପତ୍ନୀଙ୍କ ସହ ଅତ୍ୟନ୍ତ ଆନନ୍ଦରେ ଶୀଘ୍ରତାରେ ଘରକୁ ଫେରିଲେ । ଘରେ ପ୍ରବେଶ କରିବା ମାତ୍ରେ ପ୍ରଥମରେ ପୁତ୍ର ପାଖକୁ ଗଲେ । ପୁତ୍ରକୁ କୋଳରେ ଧରି, ଆଣିଥିବା ଅପୂର୍ବ ଫଳ, ମିଠାଇସବୁ ଖାଇବାକୁ ଦେଲେ, ଅତ୍ୟନ୍ତ ଆନନ୍ଦରେ ବାରଂବାର ପୁତ୍ର ମୁଖରେ ଚୁମ୍ବନ ଦେଲେ । ଆନନ୍ଦରେ ବିଭୋର ହୋଇ ପତିଙ୍କ କୋଳରୁ ପୁତ୍ରକୁ ନେଇ ପତ୍ନୀ କୋଳ କରନ୍ତି; ପତି ମଧ୍ୟ ପତ୍ନୀଙ୍କ କୋଳରୁ ପୁତ୍ରକୁ ନେଇ ହୃଦୟରେ

ଲଗାଇ ନିଅନ୍ତି । ଏହିପରି କିଛି ସମୟ ପରେ ପୁତ୍ରକୁ ତା’ ଆସନରେ ବସାଇ ପୂର୍ବାପେକ୍ଷା ବହୁଗୁଣେ ପତିପତ୍ନୀ ସେବା କଲେ ।

ଏହି ଆନନ୍ଦରେ ଦିବସ ବ୍ୟତୀତ ହୋଇଗଲା । ରାତ୍ରିରେ ଶୋଇବା ସମୟରେ ଗଙ୍ଗାଧର କହିଲେ, ‘‘ସର୍ବ ଐଶ୍ୱର୍ଯ୍ୟଦାତ୍ରୀ ଲକ୍ଷ୍ମୀଙ୍କର ପତି, ସମସ୍ତ ପ୍ରାଣୀର କର୍ତ୍ତା, ଅର୍ଥ, ଧର୍ମ, କାମ, ମୋକ୍ଷ – ଚତୁର୍ବର୍ଗ ଫଳଦାତା – ଏପରି ସମର୍ଥ ପୁତ୍ର ମୁଁ ପାଇ ମୋ କଷ୍ଟ କାହିଁକି ଗଲା ନାହିଁ ? ଏହି ବୃଦ୍ଧାବସ୍ଥାରେ ଗ୍ରାମ ଗ୍ରାମରେ ବିକ୍ରି କରିବାକୁ ନ ଗଲେ ଆମକୁ ଭୋଜନ ମିଳୁ ନାହିଁ । ଆହା କରିବାକୁ ବି କେହି ନାହିଁ ।’’ ଗଙ୍ଗାଧରଙ୍କ ଏହି ପ୍ରାର୍ଥନା ଶେଷ ହେବା ସଙ୍ଗେ ସଙ୍ଗେ ଶ୍ରୀକୃଷ୍ଣ ତାଙ୍କ ହୃଦୟରେ ପ୍ରକଟ ହୋଇ ମନୁଷ୍ୟ ସଦୃଶ କହିଲେ, ‘‘ହେ ପିତାମାତା, ତୁମ୍ଭେମାନେ ଚିନ୍ତା କର ନାହିଁ । ମୋ ପରି ପୁତ୍ର ଥାଉ ଥାଉ ତୁମେ ଭୟ କରୁଛ କାହାକୁ ? ତୁମ୍ଭେମାନେ ଯାହା ଚାହିଁଛ ତାହା ନିଶ୍ଚୟ ପାଇବ, ଏଥିରେ ସନ୍ଦେହ ନାହିଁ । ତୁମ୍ଭମାନଙ୍କ କାମନା ଅନୁସାରେ ତୁମ୍ଭ ଘରେ ଧନରତ୍ନ ପୂର୍ଣ୍ଣ ହେଉ ।’’ ଏହା କହି ଭଗବାନ୍ ଅନ୍ତର୍ଦ୍ଧାନ ହୋଇଗଲେ ।

ଶ୍ରୀକୃଷ୍ଣ ଗଙ୍ଗାଧରଙ୍କ ଅନ୍ତରରୁ ଅନ୍ତର୍ଦ୍ଧାନ ହେଲେ କିନ୍ତୁ ସେ ବୁଝିପାରିଲେ ଯେ ତାଙ୍କ ଗୃହରେ ପ୍ରତିମାରୂପେ ଥିବା ପୁତ୍ର ଶ୍ରୀକୃଷ୍ଣ ବି ଚାଲିଗଲେ । ଏହି କାରଣରୁ ସେ ଉଠି ପୁତ୍ରର ସିଂହାସନ ପାଖକୁ ଦୌଡ଼ିଯାଇ ଦେଖିଲେ ପୁତ୍ର ଚାଲିଯାଇଛି । କିନ୍ତୁ ଘର ଧନରତ୍ନରେ ପୂର୍ଣ୍ଣ ହୋଇଛି । ପୁତ୍ରକୁ ନ ଦେଖି ଗଙ୍ଗାଧରଙ୍କୁ ବହୁତ ଦୁଃଖ ହେଲା । ସେ ଦୁଃଖରେ ଅଭିଭୂତ ହୋଇ ସେହିଠାରେ ପଡ଼ିଗଲେ । ନିଜକୁ ବହୁତ ଧିକ୍‌କାର କରି କହିଲେ – ‘‘ଯାହା ମହିମା ବ୍ରହ୍ମାଦି ଦେବତାଙ୍କୁ ଅଗୋଚର, ଯିଏ ବାଞ୍ଛା କଳ୍ପତରୁ, ଏପରି ମହାନ୍ ପ୍ରଭୁ ହୋଇକରି ବି ନିଜ ଭକ୍ତ ଉପରେ ଅତ୍ୟନ୍ତ ଦୟା କରନ୍ତି । ଭକ୍ତ ଚାହିଁବା ଅନୁସାରେ ପୁତ୍ର, ପିତା, ସଖାରୂପେ ପ୍ରାପ୍ତ ହୁଅନ୍ତି ଏବଂ ନାନା ପ୍ରକାର ଆନନ୍ଦ ଦେଇ ନିଜ ସେବାରେ ନିଜ ଶାଶ୍ୱତ ଧାମକୁ ବି ନେଇଯାନ୍ତି । ମୁଁ ଅତ୍ୟନ୍ତ ମୂର୍ଖ, ମୋ ବୁଦ୍ଧି ବହୁତ ମନ୍ଦ । ମୁଁ ଧନ ଲୋଭରେ ବିବେକଶୂନ୍ୟ ହୋଇଗଲି । ସାକ୍ଷାତ୍ ସମସ୍ତ ଐଶ୍ୱର୍ଯ୍ୟର ପତି ପରମବ୍ରହ୍ମଙ୍କୁ ପୁତ୍ରରୂପେ ପାଇକରି ବି କାମନା କବଳରେ

ପଡ଼ିଗଲି । କାମନା ଏବଂ ପରମ ପ୍ରଭୁ ଭଗବାନ୍ ଏକ ସଙ୍ଗେ ରହନ୍ତି ନାହିଁ । ମୁଁ ମନ୍ଦମତି, ଏହା ନ ଜାଣି କାମନା କଲି ଏବଂ ମୋ ପରମପ୍ରିୟ ପୁତ୍ରକୁ ହରାଇଲି । ମୋ ପୁତ୍ର ବିହୁନେ ଏ ଧନ ଏବଂ ଏହି ଜୀବନ କ'ଣ ହେବ ?'' ଏହିପରି ବହୁ ପଶ୍ଚାତ୍ତାପ କରି ପତିପତ୍ନୀ କୃଷ୍ଣଲୀଳା ସ୍ମରଣ କରି ଉଚ୍ଚ ସ୍ୱରରେ କାନ୍ଦି କାନ୍ଦି କହିଲେ, ''ହେ ପୁତ୍ର ଶ୍ରୀକୃଷ୍ଣ, ତୁ କୁଆଡ଼େ ଗଲୁ ? ଆମ୍ଭମାନଙ୍କୁ ସଙ୍ଗେ କାହିଁକି ନ ନେଲୁ ? ହେ ପୁତ୍ର, ତୁ ଚାହିଁ ନ ଥିଲେ ଆମ୍ଭର ଧନ-କାମନା କାହିଁକି ଆସିଥା'ନ୍ତା ? ତୁ ପରମ ଜ୍ଞାନ ଏବଂ ପରମ ଆନନ୍ଦର ମୂର୍ତ୍ତିମାନ ସ୍ୱରୂପ । ତୁ ଯାହା ହୃଦୟରେ ବିରାଜମାନ ଥାଉ ତା' ହୃଦୟରେ କାମନା ଆସିବ କେଉଁଠୁ ? ବୋଧହୁଏ ତୁ ସ୍ୱୟଂ ଇଚ୍ଛା କରି ତୋର ରକ୍ଷାକବଚ ଆମ୍ଭଠାରୁ ଦୂର କରି ନେବାରୁ କାମନା-ରାକ୍ଷସ ପ୍ରବେଶ କରିବାକୁ ସୁଯୋଗ ପାଇଲା । ସମ୍ଭବତଃ ତୁ ଏହାହିଁ ଚାହିଁଥିଲୁ । ତୋ ଛଡ଼ା ଏହି ଶରୀର ରହି କ'ଣ କରିବ ? ତୁ ଯଦି ଛାଡ଼ି ଚାଲିଗଲୁ ଏହି ଶରୀର ରହିବ କାହିଁକି ?'' ଏହିପରି କହି ଗଙ୍ଗାଧର ଶ୍ରୀକୃଷ୍ଣ ନାମ ସ୍ମରଣ କଲେ । ତାଙ୍କ ସମସ୍ତ ଇନ୍ଦ୍ରିୟ ଶ୍ରୀକୃଷ୍ଣଙ୍କ ଚରଣରେ ଏକାଗ୍ର ହୋଇଗଲା । ଶ୍ରୀକୃଷ୍ଣଙ୍କ ସହିତ ଏକାତ୍ମ ହୋଇ, ଶ୍ରୀକୃଷ୍ଣଙ୍କ ଭାବରେ ବୁଡ଼ି ଶ୍ରୀକୃଷ୍ଣ ନାମ କହୁ କହୁ ସେ ଶରୀର ତ୍ୟାଗ କଲେ ।

ଗଙ୍ଗାଧରଙ୍କ ପତ୍ନୀ ପୁତ୍ରର ଅନୁପସ୍ଥିତିରେ ଶୋକସାଗରରେ ବୁଡ଼ିଯାଇଥିଲେ । ପତି ଶ୍ରୀକୃଷ୍ଣ ନାମ ସ୍ମରଣ କରି ପ୍ରାଣତ୍ୟାଗ କରିବାରୁ ସେ ଆଉ ଶୋକ କଲେ ନାହିଁ । ଭାବିଲେ, ''ପ୍ରାଣର ପ୍ରିୟ ପୁତ୍ର ମୋତେ ଛାଡ଼ି ଚାଲିଗଲେ । ପତି ମଧ୍ୟ ପୁତ୍ରକୁ ସ୍ମରଣ କରି ଶରୀରତ୍ୟାଗ କଲେ । ମୋର ଜୀବନଲୀଳା ସମାପ୍ତ ହେଲା ।'' ଯୁବତୀମାନଙ୍କ ଧର୍ମ ଅନୁସାରେ ଉଚିତ ପ୍ରଣାଳୀରେ ପତିଙ୍କ ଚିତାରେ ପତିଙ୍କ ସହ ପୁତ୍ର ପାଖକୁ ଯିବା – ଶ୍ରୀୟାଦେବୀ ଏହାହିଁ ନିଶ୍ଚିତ କରିନେଲେ । ଭୋର ହେଲା । ଶ୍ରୀକୃଷ୍ଣଙ୍କ କୃପାରୁ ତାଙ୍କ ଗୃହରେ ଯେଉଁ ଧନସମ୍ପତ୍ତି ହୋଇଥିଲା ତାହା ବ୍ରାହ୍ମଣ, ସାଧୁ, ଦରିଦ୍ରମାନଙ୍କୁ ଦାନ କରିଦେଲେ ଏବଂ ପତିଙ୍କ ଚିତାର ସମସ୍ତ ଦ୍ରବ୍ୟର ବ୍ୟବସ୍ଥା କରାଇନେଲେ । ଘରେ ଆଉ କିଛି ମାତ୍ର ଧନ ରଖିଲେ ନାହିଁ ।

ସାହିପଡ଼ିଶାଙ୍କ ସହିତ ବିଶେଷ ସମାରୋହରେ ପତିଙ୍କ ଶବ ନିଆହେଲା । ଗ୍ରାମର ବାହାରେ ଗୋଟିଏ ସ୍ଥାନରେ ଚନ୍ଦନ କାଷ୍ଠରେ ଚିତା ତିଆରି କରାହେଲା । ସେଥିରେ ବହୁତ ଘୃତ ମଧ ଢଳାହେଲା । ଶ୍ରୀୟାଦେବୀ ସ୍ନାନ କରି ନୂତନ ବସ୍ତ୍ର ପରିଧାନ କଲେ ତଥା ପତିବ୍ରତା ନାରୀମାନଙ୍କ ଉପଯୋଗୀ ଶିଙ୍ଗାର କରି ପତିଦେବଙ୍କୁ କୋଳରେ ଧରି ଚିତାରେ ପ୍ରବେଶ କଲେ । ମୁଖରେ ଶ୍ରୀକୃଷ୍ଣଙ୍କ ନାମ ସ୍ମରଣ କରୁଥା'ନ୍ତି । ହୃଦୟରେ ଶ୍ରୀକୃଷ୍ଣଙ୍କ ଧ୍ୟାନ ଥାଏ । ପ୍ରବଳ ଅଗ୍ନି ଯୋଗୁଁ ଅଳ୍ପ କ୍ଷଣରେ ଶ୍ରୟାଦେବୀଙ୍କ ଭଗବତ୍ ନାମ ସ୍ମରଣ ବନ୍ଦ ହୋଇଗଲା । ସେହି ସମୟରେ ଭଗବାନ୍ ସ୍ୱୟଂ ଆସି ସେମାନଙ୍କ ଆତ୍ମାକୁ ନେଇ ନିଜ ଧାମକୁ ଚାଲିଗଲେ । ସେଠାରେ ଉପସ୍ଥିତ ବ୍ୟକ୍ତି ଭଗବାନଙ୍କୁ ସ୍ପଷ୍ଟ ଦେଖିପାରିଲେ ନାହିଁ, କିନ୍ତୁ ଆକାଶରେ ହେଉଥିବା ଜୟ ଜୟ ଧ୍ୱନି ଶୁଣି ପାରିଲେ ତଥା ଗୋଟିଏ ଆଲୋକର ପ୍ରକାଶ ଚିତାରୁ ବାହାରି ବିଜୁଳି ବେଗରେ ଆକାଶକୁ ଯିବାର ଦେଖିପାରିଲେ ।

ଏହି ଦୃଶ୍ୟ ଦେଖିଥିବା ବ୍ୟକ୍ତି ଶ୍ରୀ ଗଙ୍ଗାଧର ତଥା ତାଙ୍କ ଧର୍ମପତ୍ନୀଙ୍କର ଜୟ ଜୟକାର କଲେ । ଗଙ୍ଗାଧର ତଥା ତାଙ୍କ ପତ୍ନୀଙ୍କୁ ଗୋଟିଏ ମୁଖରେ ପ୍ରଶଂସା କରି ସନ୍ତୁଷ୍ଟ ହେଉ ନ ଥିଲେ, ସମସ୍ତେ ହଜାର ହଜାର ମୁଖରେ ପ୍ରଶଂସା କରିବାକୁ ଚାହୁଁଥିଲେ । କିଛି ସମୟ ସେ ସ୍ଥାନରେ ରହି ଗଙ୍ଗାଧର ଏବଂ ତାଙ୍କ ପତ୍ନୀଙ୍କ ଭାବ ହୃଦୟରେ ରଖି ଭଗବତ୍ ନାମ ସ୍ମରଣପୂର୍ବକ ନିଜ ନିଜ ଘରକୁ ଫେରିଲେ ।

ଗଙ୍ଗାଧର ଏବଂ ତାଙ୍କ ପତ୍ନୀ ବହୁତ ପଢ଼ା ଲେଖା କରି ନ ଥିଲେ କିଂବା ସାଧନାର ପଦ୍ଧତି ଅନୁସାରେ କୌଣସି ନିୟମିତ ସାଧନା କରି ନ ଥିଲେ । କିନ୍ତୁ ସେମାନଙ୍କର ଥିଲା ନିଷ୍କପଟ ଓ ଆଡ଼ମ୍ବରଶୂନ୍ୟ ଭଗବାନଙ୍କ ପ୍ରତି ପୁତ୍ର ଭାବରେ ଭକ୍ତି ଏବଂ ଦୃଢ଼ବିଶ୍ୱାସ । ଭଗବାନଙ୍କୁ ପ୍ରାପ୍ତ ହେବାର ଏହାହିଁ ଅତ୍ୟନ୍ତ ସହଜ ମାର୍ଗ । ଏହା ସହଜ ହେବା ସତ୍ତ୍ୱେ ମହାନ୍ ଶକ୍ତିଶାଳୀ ମଧ । କେବଳ ଶୁଦ୍ଧଭାବ ଯୋଗୁଁ ଭଗବାନ୍ ସେମାନଙ୍କୁ ପୁତ୍ରରୂପେ ପ୍ରାପ୍ତ ହେଲେ ଏବଂ ଜନ୍ମମରଣ, ଦୁଃଖକଷ୍ଟରୁ ମୁକ୍ତ କରି ନିଜ ପରମଧାମରେ ନିତ୍ୟ ସେବାର

ସୁଯୋଗ ଦେଲେ । କାମନା, ବାସନା, ଅହଂ, ସ୍ୱାର୍ଥ ତ୍ୟାଗ କରି କେବଳ ଶୁଦ୍ଧ ଭାବରେ ଭଗବତ୍ ନାମ ସ୍ମରଣ କଲେ ବ୍ୟକ୍ତି ଭଗବାନଙ୍କୁ ପ୍ରାପ୍ତ ହୋଇ ପାରିବ । ଏହାହିଁ ଭଗବାନଙ୍କର ଜୀବ ପ୍ରତି ଅତ୍ୟନ୍ତ କରୁଣା ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

## ଭକ୍ତ ରଘୁଦାସ

କ୍ଷେତ୍ରମାନଙ୍କ ମଧ୍ୟରେ ଶ୍ରେଷ୍ଠ ପୁରୁଷୋତ୍ତମ କ୍ଷେତ୍ରଠାରୁ ପ୍ରାୟ ୨୫ ମାଇଲ ଦୂର ପୁରୀ ଜିଲ୍ଲା ପିପିଲି ଗ୍ରାମରେ ଗୋଟିଏ ଧୀବର ପରିବାରରେ ସମ୍ଭବତଃ ସପ୍ତଦଶ ଶତାବ୍ଦୀରେ ରଘୁଦାସଙ୍କ ଜନ୍ମ ହୋଇଥିଲା । ତାଙ୍କର ପିତାମାତା ତାଙ୍କ ନାମ ରଖିଥିଲେ ରଘୁ । ରଘୁ ବେହେରା ନାମରେ ଲୋକେ ତାଙ୍କୁ ଡାକୁଥିଲେ । ସେସମୟର ସାମାଜିକ ପରିସ୍ଥିତି ଅନୁସାରେ ତାଙ୍କ ପିତାମାତାଙ୍କର ନାମ, ଜନ୍ମତିଥି, ଜନ୍ମସାଲ ଉଲ୍ଲେଖ କରିବା ପ୍ରୟୋଜନ ମନେହୋଇ ନ ଥିଲା । ସାମାଜିକ ଦୃଷ୍ଟିରେ ରଘୁ ମଧ୍ୟ ପଢ଼ାଲେଖାରେ ପ୍ରତିଷ୍ଠିତ ବ୍ୟକ୍ତି ନ ଥିଲେ । ସେ ସକାଶେ ''ଦାର୍ଢ୍ୟତା ଭକ୍ତି'' ଗ୍ରନ୍ଥକାର ତାଙ୍କର ପାରିବାରିକ ପରିଚୟକୁ ମହତ୍ତ୍ୱ ନ ଦେଇ ତାଙ୍କ ଜୀବନର ଯେଉଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଘଟଣା ଭଗବତ୍ ଭକ୍ତି ତାହାକୁହିଁ ଆଲୋଚନା କରିଥିଲେ ଯାହାଦ୍ୱାରା ପାଠକମାନଙ୍କୁ ଜୀବନର ଯଥାର୍ଥ ସତ୍ୟମାର୍ଗ ପ୍ରାପ୍ତ ହେବାରେ ଶକ୍ତିଶାଳୀ ପ୍ରେରଣା ମିଳିପାରିବ ।

ଭଗବାନଙ୍କ ମାୟା ଅତ୍ୟନ୍ତ ପ୍ରବଳ । ତାଙ୍କ ଆଶ୍ରିତ ବ୍ୟକ୍ତିଙ୍କ ଛଡ଼ା ସଂସାରର ମୂର୍ଖ, ପଣ୍ଡିତ, ଧନୀ, ଦରିଦ୍ର, ସମସ୍ତ ବ୍ୟକ୍ତି ତାଙ୍କରି ମାୟାରେ ନାଚୁଥାଆନ୍ତି । କାମ, କ୍ରୋଧ, ଲୋଭ, ମୋହ, ଅହଂ, ସ୍ୱାର୍ଥର ଶାସନରେ ରହି କ୍ରୀତଦାସ ତଥା ନିର୍ଜୀବ ଯନ୍ତ୍ର ସଦୃଶ ପରିଚାଳିତ ହେଉଥାନ୍ତି । କିନ୍ତୁ ଏହି ବିବଶ ଅଧୀନତା ବିଷୟରେ କେବେ ଚିନ୍ତା କରନ୍ତି ନାହିଁ କିଂବା ଏଥିରୁ ମୁକ୍ତ ହେବା ସକାଶେ କେବେ ବି ଭାବନ୍ତି ନାହିଁ । କୁକୁର ଶୁଖିଲା ହାଡ଼ ଚୋବାଇ ନିଜ ମୁଖର କ୍ଷତ-ବିକ୍ଷତରୁ ପ୍ରାପ୍ତ ରୁଧିର ପାନ କରି ତୃପ୍ତ ହେବା ସଦୃଶ କିଂକର୍ତ୍ତବ୍ୟବିମୂଢ଼ ହୋଇ ସେଥିରେହିଁ ସୁଖ ମାନୁଥାଆନ୍ତି । ଭଗବାନଙ୍କ କୃପା ଯେଉଁମାନଙ୍କ ଉପରେ ହୁଏ ସେହିମାନେ ନିଜ ଜୀବନ ସମ୍ବନ୍ଧେ ସଚେତ ହୁଅନ୍ତି ଏବଂ ଜନ୍ମ-ମରଣର ଦୁଃଖ-କଷ୍ଟରୁ ମୁକ୍ତ ହେବାକୁ ପ୍ରଯତ୍ନ କରନ୍ତି । ଅନ୍ୟଥା

ସଂସାରର ସମସ୍ତ ବ୍ୟକ୍ତି ଯନ୍ତ୍ର ସଦୃଶ ଦୁଃଖ-କଷ୍ଟ ଓ ଜନ୍ମ-ମରଣର ଚକ୍ରରେ ଘୂରୁଥାଆନ୍ତି । ରଘୁଙ୍କ ଉପରେ ଭଗବାନ୍ କୃପା କରିଥିଲେ । ସେ ସଂସାରରେ ଜନ୍ମଗ୍ରହଣ କରିଥିବା ଅଭିପ୍ରାୟ ବୁଝିପାରି ଭଗବାନଙ୍କ ଭକ୍ତି ପ୍ରତାପରେ ଜୀବିତ ଅବସ୍ଥାରେ ସ୍ୱୟଂ ଭଗବାନଙ୍କୁ ସାକ୍ଷାତ୍ ଦର୍ଶନ କରୁଥିଲେ ତଥା ଭଗବତ୍ ଦିବ୍ୟାନନ୍ଦରେ ନିମଗ୍ନ ରହୁଥିଲେ । ତାଙ୍କ ସମ୍ପର୍କରେ ଆସିଥିବା ବହୁ ନରନାରୀଙ୍କୁ ଭଗବତ୍ ଭକ୍ତିର ପ୍ରଭାବରେ ଉଦ୍ଧାର ମଧ କରିଥିଲେ । ତାଙ୍କ ଜୀବନଚରିତ ଅଧ୍ୟୟନ କରି ଆଜି ବି ପାଠକମାନେ ଜୀବନର ଯଥାର୍ଥ ରହସ୍ୟ ବୁଝି ଭଗବତ୍ ପ୍ରାପ୍ତିର ଯଥାର୍ଥ ମାର୍ଗ ଅନୁସରଣ କରୁଅଛନ୍ତି ଏବଂ ଭବିଷ୍ୟତରେ କରିବେ ।

ରଘୁ ତାଙ୍କ ପିତାମାତାଙ୍କର ଗୋଟିଏ ମାତ୍ର ସନ୍ତାନ ଥିଲେ । ତାଙ୍କ ପିତାଙ୍କ ଜୀବିତ ଅବସ୍ଥାରେ କିଂବା ମୃତ୍ୟୁ ପରେ ରଘୁଙ୍କର ବିବାହ ହୋଇଥିଲା ଗୋଟିଏ ସଦ୍‌ଗୁଣବତୀ କନ୍ୟା ସହିତ । ପିତାଙ୍କ ମୃତ୍ୟୁ ପରେ ମାତା ତଥା ପତ୍ନୀଙ୍କ ଭରଣପୋଷଣର ଦାୟିତ୍ୱ ପଡ଼ିଲା ତାଙ୍କରି ଉପରେ । ତାଙ୍କ ପିତା ମାଛ ମାରି ବିକ୍ରି କରି ସେଥିରେ କୁଟୁମ୍ବର ଭରଣପୋଷଣ କରୁଥିଲେ । ରଘୁ ବାଲ୍ୟାବସ୍ଥାରୁ ବି ପିତାଙ୍କ ସହିତ ସେହି ମାଛ ମାରିବା ବୃତ୍ତିଟି ଶିକ୍ଷା କରିଥିଲେ । ଏହି ବୃତ୍ତିଟି ତାଙ୍କ କୁଳପରମ୍ପରାରୁ ଚାଲି ଆସୁଥିଲା । କୁଟୁମ୍ବପାଳନର ଅନ୍ୟ ଉପାୟ ନ ଦେଖି ରଘୁ ମଧ ସେହି ବୃତ୍ତିଟି ଗ୍ରହଣ କଲେ ।

ରଘୁଙ୍କ ଘର ପାଖରୁ ପୁରୀ ମାତ୍ର ୨୦/୨୫ ମାଇଲ ଦୂର । ପୁରୀରେ ବାର ମାସରେ ତେର ଯାତ୍ରା ହୁଏ । ଦର୍ଶନାର୍ଥୀମାନେ ତାଙ୍କରି ଗ୍ରାମ ଦେଇ ବରାବର ଯାତାୟାତ କରନ୍ତି । ରଘୁଙ୍କର ବାଲ୍ୟାବସ୍ଥାରୁ ଭଗବତ୍ ଭକ୍ତି ଏବଂ ସାଧୁସନ୍ଥଙ୍କ ଦର୍ଶନରେ ଆଗ୍ରହ ଜନ୍ମଜାତ ଗୁଣ ଥିଲା । ଦର୍ଶନାର୍ଥୀମାନଙ୍କୁ ଦେଖି ତାଙ୍କ ହୃଦୟ ଆନନ୍ଦରେ ନାଚି ଉଠୁଥିଲା । ସେ ଯାତ୍ରୀମାନଙ୍କ ସଙ୍ଗେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ଚନ୍ଦନଯାତ୍ରା, ସ୍ନାନ-ଉତ୍ସବ ଆଦି ସବୁ ଯାତ୍ରା ଯାଉଥିଲେ ଏବଂ ଶ୍ରୀଜଗନ୍ନାଥଙ୍କ ଦର୍ଶନ ତଥା ସାଧୁସନ୍ଥଙ୍କ ସତ୍‌ସଙ୍ଗରେ ବିଶେଷ ଆନନ୍ଦ ଅନୁଭବ କରୁଥିଲେ । ସାଧୁମାନଙ୍କ ନାମକୀର୍ତ୍ତନ ରଘୁଙ୍କୁ ବହୁତ ଭଲ ଲାଗୁଥିଲା । କୀର୍ତ୍ତନ ସମୟରେ ରଘୁଙ୍କ ହୃଦୟ ଭକ୍ତିଭାବରେ ପୂର୍ଣ୍ଣ ହୋଇ

ଯାଉଥିଲା, ଦୁଇ ନେତ୍ରରୁ ଅଶ୍ରୁ ବର୍ଷା ହେଉଥିଲା । ଏହିପରି ପୁରୀରେ ଦିନେ ଦୁଇ ଦିନ ସନ୍ଥମାନଙ୍କ ମଠରେ ରହି କୁଟୁମ୍ବ ପୋଷିବା ଚିନ୍ତାରେ ରଘୁ ଫେରୁଥିଲେ । ଏପରି ପୁରୀ ଯିବା ଏବଂ ସାଧୁସନ୍ଥମାନଙ୍କ ସଙ୍ଗ କରିବା ତାଙ୍କ ଜୀବନର ଗୋଟିଏ ପ୍ରଧାନ ଅଙ୍ଗ ହୋଇଗଲା । ସଙ୍ଗର ପ୍ରଭାବ ଶାସ୍ତ୍ର ପୁରାଣରେ ଯେପରି ବର୍ଣ୍ଣିତ ହୋଇଅଛି ସେହିପରି ପ୍ରତ୍ୟକ୍ଷଭାବେ ମଧ୍ୟ ଦେଖାଯାଉଛି । ଯେପରି ସତ୍ ବା ଅସତ୍ ସଙ୍ଗ କରିବ ସେହିପରି ପ୍ରଭାବ ନିଜ ମଧ୍ୟରେ ପଡ଼ିବ ଏବଂ ସଂସ୍କାରରେ ପରିଣତ ହେବ । ଗୋସ୍ୱାମୀ ତୁଳସୀ ଦାସ କହିଛନ୍ତି :

ହାନି କୁସଙ୍ଗ ସୁସଙ୍ଗତି ଲାହୂ
ଲୋକହୁଁ ବେଦ ବିଦିତ ସବକାହୂ ।

''କୁସଙ୍ଗରେ ହାନି ହୁଏ, ସୁସଙ୍ଗରେ ଲାଭ ହୁଏ । ଏହା ଲୌକିକ ବ୍ୟବହାରରେ ପ୍ରତ୍ୟକ୍ଷ ଦେଖାଯାଉଛି; ବେଦ, ଶାସ୍ତ୍ର, ପୁରାଣରେ ମଧ୍ୟ ଶୁଣାଯାଉଛି ।'' ରଘୁଙ୍କର ସନ୍ଥମାନଙ୍କ ସତ୍‌ସଙ୍ଗ ପ୍ରଭାବରେ ତାଙ୍କ ମଧ୍ୟରେ ଥିବା ଭକ୍ତି-ଲତା ଉତ୍ତରୋତ୍ତର ପଲ୍ଲବିତ ଓ ପୁଷ୍ପିତ ହେବାକୁ ଲାଗିଲା ।

ରଘୁ ଥରେ ପୁରୀ ଯାଇଥିଲେ । ଜଣେ ବୈଷ୍ଣବ ସନ୍ଥଙ୍କଠାରୁ ଦୀକ୍ଷା ନେବା ସକାଶେ ପ୍ରାର୍ଥନା କଲେ । ସନ୍ଥଜି ଅଧିକାରୀ ଶିଷ୍ୟ ଜାଣି ରଘୁଙ୍କୁ ପଞ୍ଚସଂସ୍କାର ସହିତ ମନ୍ତ୍ର ଉପଦେଶ ଦେଲେ । ତାଙ୍କ ନାମ ରଖିଲେ ରଘୁଦାସ । ଗଳାରେ ତୁଳସୀ ମାଳା, ଲଲାଟରେ ତିଳକ, ଅଣ୍ଟାରେ ଡୋର ଏବଂ କୌପୁନି, ଭଗବତ୍ ସେବକସୂଚକ ନାମ ତଥା ମନ୍ତ୍ର ଉଦଦେଶକୁ ପଞ୍ଚସଂସ୍କାର ବା ଦୀକ୍ଷା କୁହାଯାଏ । ଦୀକ୍ଷା ଗ୍ରହଣକୁହିଁ ସନ୍ଥ ତଥା ଶାସ୍ତ୍ର ନୂତନ ଜନ୍ମ ମାନନ୍ତି । ପୂର୍ବ ଜନ୍ମଗତ ସମ୍ବନ୍ଧ ବିଚ୍ଛେଦ ହୁଏ ।

ରଘୁଙ୍କର ଶାନ୍ତି, ସନ୍ତୋଷ, ଦୟା କ୍ଷମାଦି ଜନ୍ମଗତ ସଦ୍‌ଗୁଣ ଥିଲା । ସେ ପରିବାରରେ ବାଲ୍ୟାବସ୍ଥାରୁ ଲାଳିତପାଳିତ ହୋଇଆସିବା ସତ୍ତ୍ୱେ ପୂର୍ବ ସଂସ୍କାର ତଥା ଭଗବାନଙ୍କ କୃପାରୁ ତାଙ୍କ ଉପରେ ପରିବାରର କୁପ୍ରଭାବ ପଡ଼ି ନ ଥିଲା । ସେ ବାଲ୍ୟାବସ୍ଥାରୁ କିଛି ପଢ଼ା-ଲେଖା ନ ଜାଣିବା ସତ୍ତ୍ୱେ

ସ୍ୱାଭାବିକରୂପେ ଭଗବତ୍ ନାମ ସ୍ମରଣ କରୁଥିଲେ । କିନ୍ତୁ ଗୁରୁଙ୍କଠାରୁ ଦୀକ୍ଷା ପ୍ରାପ୍ତ ହେବା ପରେ ତାଙ୍କ ସମସ୍ତ ସଦ୍‌ଗୁଣ ଅଧିକାଧିକ ବିକଶିତ ହେବାକୁ ଲାଗିଲା । ରଘୁ ଗଳାରେ ତୁଳସୀମାଳ, ଲଲାଟରେ ଊର୍ଦ୍ଧ୍ୱପୁଣ୍ଡ୍ର ତିଳକ ଧାରଣ କରି ମୁଖରେ ଭଗବତ୍ ନାମ ସ୍ମରଣପୂର୍ବକ ଭଗବତ୍ ଭକ୍ତିରେ ଉନ୍ମତ୍ତ ହୋଇ ଘରକୁ ଫେରିଲେ ।

ଏଥରକ ରଘୁ ପୁରୀରୁ ଫେରିବା ପରେ ତାଙ୍କର ସ୍ୱଭାବରେ ବହୁତ ପରିବର୍ତ୍ତନ ଆସିଥିଲା । ସେ ମାଛ ମାରିବାକୁ ଚାହୁଁ ନ ଥିଲେ । ନିରପରାଧ ମାଛକୁ ଧରିବା ସମୟରେ ଦୁଃଖ ଅବସାଦରେ ତାଙ୍କ ହୃଦୟ ବିଦୀର୍ଣ୍ଣ ହୋଇ ଯାଉଥିଲା । ସେ ବ୍ୟାକୁଳ ହୋଇ କହୁଥିଲେ ''ହେ ପ୍ରଭୁ, ପରିବାର ପୋଷଣ ସକାଶେ କ'ଣ ଅନ୍ୟ ଉପାୟ ନାହିଁ ? ବିନା ଦୋଷରେ ଜୀବହତ୍ୟା ତୁଲ୍ୟ ଘୋର ପାପରୁ ଉଦ୍ଧାର ହେବି କିପରି ?'' ଏହିପରି ଦୁଃଖ ଅନୁଭବ କରିବା ସତ୍ତ୍ୱେ ବି ପରିବାରପୋଷଣର ଅନ୍ୟ ଉପାୟ ନ ଦେଖି ବିବଶ ହୋଇ ମାଛ ମାରି ତାକୁ ବିକ୍ରି କରି ଭୋଜନଦ୍ରବ୍ୟ କିଣି ଘରକୁ ଫେରୁଥିଲେ । ଅନିଚ୍ଛାରେ ବାଧ୍ୟ ହୋଇ ବ୍ୟକ୍ତି କେତେ ଦିନ କର୍ମ କରିପାରେ ? ରଘୁଙ୍କର ଅନୁତାପ ଦିନକୁ ଦିନ ବଢ଼ିଲା । ମାଛ ମାରିବାକୁ ହୃଦୟ ତୀବ୍ର ବିରୋଧ କଲା । ମନ, ପ୍ରାଣ, ଶରୀର ତଥା ହୃଦୟ ତାଙ୍କ ନିଶ୍ଚୟତାରେ ସହଯୋଗ କଲେ । ରଘୁ ହୃଦୟରେ କେହି କହିଲା, ''ରଘୁ, ନିରୀହ ପ୍ରାଣୀ ମାଛକୁ ଆଉ ମାର ନାହିଁ ।'' ଏହା ଶୁଣି ମାଛ ନ ମାରିବା ସକାଶେ ରଘୁ ଦୃଢ଼ସଂକଳ୍ପ ହୋଇ ତହିଁ ଆରଦିନ ଆଉ ମାଛ ମାରିବାକୁ ଗଲେ ନାହିଁ । ଘରେ ବସି ଭଗବତ୍ ନାମ ସ୍ମରଣ କଲେ ।

ରୋଷେଇ କରିବା ସମୟ ହେଲା । ଘରେ ଗୋଟିଏ ବୋଲି ଦାନା ନାହିଁ । ଏହା ଦିନକର ଘଟନା ନୁହେଁ । ପ୍ରତିଦିନ ଏହିପରି ଘଟେ । ରଘୁ ବସି ହରିନାମ ଜପ କରନ୍ତି, ମା ଏବଂ ଧର୍ମପତ୍ନୀ ଦୁଇ ଚାରିପଦ ଶୁଣାଇଦେବା ପରେ ରଘୁ ମାଛ ମାରିବାକୁ ଯାଆନ୍ତି । ଏହା କେତେ ଦିନ ଚଳିବ ? ଧୈର୍ଯ୍ୟର ଗୋଟିଏ ସୀମା ଥାଏ । ରଘୁଙ୍କର କର୍ମରେ ଅନିଚ୍ଛା ପ୍ରବୃତ୍ତିରେ ଧର୍ମପତ୍ନୀ ବିରକ୍ତ ହୋଇଗଲେ । ରଗ ରଗ ହୋଇ ଶାଶୂଙ୍କୁ କହିଲେ, ''ଘରେ ମୁଠାଏ ବୋଲି

ଚାଉଳ ନାହିଁ, ତୁମ ପୁଅ ନିଶ୍ଚିନ୍ତ ହୋଇ ହରିନାମ ଜପ କରୁଛନ୍ତି; ପ୍ରତିଦିନ କିଏ କହିବାକୁ ଯିବ ?'' ଏପରି କହି ବୋହୂ ଚୁପ୍ ହୋଇଗଲେ । ରାଗ ଗୋଟାଏ ସଂକ୍ରାମକ ଶକ୍ତି । ଜଣେ ବ୍ୟକ୍ତି ଅନ୍ୟକୁ (କ୍ରୋଧ) ରାଗରେ କହିଲେ, ଶୁଣିବା ବ୍ୟକ୍ତିକୁ ବି ରାଗ ଆକ୍ରମଣ କରେ । ବୋହୂ କଥା ଶୁଣିବାମାତ୍ରେ ଶାଶୂର ମଧ ରାଗ ପୁଅ ପ୍ରତି ହେଲା । ସେ ତମ ତମ ହୋଇ ଯାଇ ରଘୁ ସାମନାରେ ଛିଡ଼ା ହୋଇ କର୍କଶ ଶବ୍ଦରେ କହିଲେ, ''ରଘୁ ତୋ ବେକରେ ଦୁଇ ପ୍ରାଣୀ ବନ୍ଧା; ତୋର କୌଣସି ଦକ ନାହିଁ କି ଚିନ୍ତା ନାହିଁ, ବସି ବସି ହରିନାମ ଜପିବୁ । ଏହିପରି କଲେ ତୋତେ କିଏ ଖାଇବାକୁ ଦେଇଯିବ ? ଦିନେ ନାହିଁ ନା କାଳେ ନାହିଁ, ପ୍ରତିଦିନ ତୋତେ ନ କହିଲେ ତୁ ଉଠିବୁ ନାହିଁ । ଏହା ଘରକରଣା ଲକ୍ଷଣ ନୁହେଁ । ଗାଁରେ କ'ଣ ଆଉ କେହି ଘର କରି ନାହାନ୍ତି ? ସେମାନେ କ'ଣ ତୋରି ପରି କରୁଛନ୍ତି ? ଆମକୁ ଉପବାସ ରଖି ମଝି ଦରିଆରେ ଭସେଇ ତୁ କ'ଣ ସନ୍ନ୍ୟାସୀ ହେବୁ ?'' ଏହିପରି କେତେ କ'ଣ ରାଗରେ କହିଲେ । ମା'ର ଭର୍ତ୍ସନାରେ ରଘୁ ଅତ୍ୟନ୍ତ ବିକ୍ଷୁବ୍ଧ ହୋଇପଡ଼ିଲେ । ''ଅତି ସଂଘର୍ଷଣ କରଇଜୋ କୋଇ । ଅନଳ ପ୍ରଚାଟ ଚନ୍ଦନ ତେ ହୋଇ ।'' ''ଚନ୍ଦନ ଅତ୍ୟନ୍ତ ଶୀତଳ, କିନ୍ତୁ ଦୁଇଟି ଚନ୍ଦନ କାଠକୁ ଅତ୍ୟନ୍ତ ଘର୍ଷଣ କଲେ ସେଥିରୁ ଅଗ୍ନି ଉତ୍ପନ୍ନ ହୁଏ ।'' ରଘୁଙ୍କର ଯଦ୍ୟପି ଅତ୍ୟନ୍ତ ଶାନ୍ତ ସ୍ୱଭାବ ତଥାପି ମା ଏବଂ ସ୍ତ୍ରୀର ପ୍ରତିଦିନ ତାଡ଼ନା, ବିଶେଷତଃ ସେହିଦିନ ମା'ଙ୍କର କ୍ରୋଧଯୁକ୍ତ ଭର୍ତ୍ସନାରେ ରଘୁଙ୍କ ହୃଦୟରେ କ୍ରୋଧ ଜାତ ହେଲା । ସେ ମା'ଙ୍କୁ କିଛି ନ କହି ରାଗରେ ଜାଲ ଉଠେଇ ମାଛ ମାରିବାକୁ ଗଲେ ଏବଂ ଭାବିଲେ, ''ନର୍କରେ ପଡ଼େ ବା ଯାହା ହେଉ, ଏମାନଙ୍କର ଦୌରାତ୍ମ୍ୟ କିଏ ସହିବ ? ତୁମେ ଚୋରି କର କି ମଣିଷ ମାର, ବା ଜୀବହତ୍ୟା କର, ସେଥିରେ ତାଙ୍କର କିଛି ନାହିଁ, ତାଙ୍କୁ କେବଳ ଖାଇବାକୁ ଆଣିଦିଅ ।'' ରଘୁ ଏହିପରି ଭାବୁଥାଆନ୍ତି ଏବଂ ମୁଖରେ ହରିନାମ ଉଚ୍ଚାରଣ କରି ଗୋଟିଏ ବଡ଼ ପୁଷ୍କରିଣୀରେ ପଶି ଜାଲ ପକାଇଲେ । କିଛି ସମୟ ପରେ ଜଗନ୍ନାଥଙ୍କ କୃପାରୁ ଜାଲରେ ପଡ଼ିଲା ଗୋଟିଏ ବଡ଼ ରୋହିମାଛ । ତାକୁ ପାଣିରୁ ଆଣି ଶୁଖିଲାରେ ପକାଇ ତା'ର ସୁନ୍ଦର ରୂପ

ଲାଲ ଲାଲ ପକ୍ଷ ଦେଖି ରଘୁଙ୍କର ହୃଦୟରେ ଅସହ୍ୟ ବ୍ୟଥା ହେଲା । ଦୁଇ ନେତ୍ରରୁ ଅଶ୍ରୁବର୍ଷା ହେବାକୁ ଲାଗିଲା । ସେ ମୁଣ୍ଡରେ ହାତ ଦେଇ ଭାବିଲେ, ''ହାୟ ଭଗବାନ୍, ଏତେ ସୁନ୍ଦର ନିରୀହ ମାଛକୁ ମାରିବି କିପରି ? ତୁମେ ତ' ଏହି ମତ୍ସ୍ୟରୂପରେ ଅବତାର ନେଇଥିଲ । ତୁମ ସ୍ୱରୂପ ମତ୍ସ୍ୟକୁ ମାରି ମୁଁ ବଞ୍ଚି ରହିବି କିପରି ? ନ ଖାଇ ବରଂ ଶରୀରତ୍ୟାଗ କରିବି, ଏହାକୁ ମାରିବି ନାହିଁ ।'' ଏହି ବିଚାର ସଙ୍ଗେ ସଙ୍ଗେ ମାନସ ପଟରେ ଆସିଲା ସ୍ତ୍ରୀ ତଥା ମାତାଙ୍କର କ୍ରୋଧଯୁକ୍ତ ଭର୍ତ୍ସନା, ତା' ପ୍ରଭାବରେ ରଘୁର ମନରେ ମଧ୍ୟ ଆସିଲା କ୍ରୋଧ । ସେ ନିର୍ଦୟଭାବେ ମାରିବା ଉଦ୍ଦେଶ୍ୟରେ ମାଛ ତଣ୍ଟିରେ ହାତ ଦେଇ ଦାବିବା ସମୟରେ ମାଛ ମୁଖ ବିସ୍ତାର କରି ''ନାରାୟଣ ରକ୍ଷାକର'' ଶବ୍ଦଟି ଉଚ୍ଚାରଣ କଲା । ସେ ଶବ୍ଦ ଶୁଣିବାମାତ୍ରେ ରଘୁଙ୍କୁ କୋଟିନିଧି ପ୍ରାପ୍ତଠାରୁ ଅତ୍ୟନ୍ତ ଆନନ୍ଦ ଅନୁଭବ ହେଲା । ତାଙ୍କ ହୃଦୟ ଆନନ୍ଦରେ ଉଚ୍ଛୁଳି ପଡ଼ିଲା । ସେ ଭାବ ବିଭୋର ହୋଇ ନିଜକୁ ଏବଂ ସଂସାରକୁ ଭୁଲିଗଲେ । ନେତ୍ରରୁ ଅଶ୍ରୁ ବର୍ଷା ହେଲା ଏବଂ ଶରୀରରେ ଭକ୍ତିର ଅଷ୍ଟସାତ୍ତ୍ୱିକ ଭାବ ସ୍ପଷ୍ଟରୂପେ ପ୍ରକାଶିତ ହେଲା । ତାଙ୍କ ହୃଦୟ ଭଗବାନଙ୍କ ପ୍ରତି କୃତଜ୍ଞତାରେ ବିଦୀର୍ଣ୍ଣ ହୋଇପଡ଼ିଲା । ସେ ଆନନ୍ଦରେ ବିଭୋର ହୋଇ ଉଚ୍ଚ ସ୍ୱରରେ ଭଗବତ୍ ନାମ ସହିତ ରୋଦନ କରିବାକୁ ଲାଗିଲେ ।

ତାହା କେବଳ ଶବ୍ଦ ନ ଥିଲା । ଥିଲା ଶବ୍ଦରୂପେ ସାକ୍ଷାତ୍ ଜ୍ଞାନ, ଆନନ୍ଦ, ଭଗବାନଙ୍କ ସ୍ୱରୂପ । ରଘୁଙ୍କ ଅନ୍ତରରେ ତାହା ପ୍ରବେଶ କରି ତାଙ୍କର ଜନ୍ମଜନ୍ମାନ୍ତରର ପାପ, ଅଜ୍ଞାନ ଅନ୍ଧକାରକୁ ଭସ୍ମ କରି ଜ୍ଞାନ ଜ୍ୟୋତିଃ ପ୍ରକାଶ କରିଦେଲା । ଆଜି ରଘୁଙ୍କ ଜୀବନ ସାର୍ଥକ ହୋଇଗଲା । ତାଙ୍କ ମାତା ପିତା କୃତାର୍ଥ ହୋଇଗଲେ । ସେ ଭାବିଲେ, ''ଯେଉଁ ନାରାୟଣ ସର୍ବଜୀବ ମଧ୍ୟରେ ବାସ କରିଅଛନ୍ତି, ସର୍ବସ୍ଥାନରେ ପରିପୂର୍ଣ୍ଣ ହୋଇ ରହିଅଛନ୍ତି ସେହି ନାରାୟଣ ଆଜି ଏହି ମାଛର ମୁଖ ମଧ୍ୟଦେଇ 'ନାରାୟଣ' ଉଚ୍ଚାରଣ କରିଅଛନ୍ତି । ସେହି ନାରାୟଣଙ୍କ ସାକ୍ଷାଦ୍ଦର୍ଶନ ଛଡ଼ା ଜୀବନ ସର୍ବଥା ବ୍ୟର୍ଥ ।'' ଏହା ଭାବି ମାଛକୁ ଜୀବିତ ଅବସ୍ଥାରେ ନେଇ ଗୋଟିଏ ଏକାନ୍ତ ଜଙ୍ଗଲ ପାହାଡ଼ ଝରଣା ପାଖରେ ପହଞ୍ଚିଲେ । ସେହି ଝରଣା ଜଳରେ ମାଛକୁ ଛାଡ଼ି ଭଗବାନଙ୍କୁ ଦର୍ଶନ କରିବା

ସକାଶେ ଦୃଢ଼ସଙ୍କଳ୍ପ କରି ସେହିଠାରେ ବସି ନାରାୟଣ ନାମ ଜପ କଲେ । ଭଗବତ୍ ଦର୍ଶନର ବ୍ୟାକୁଳତା ତଥା ତୀବ୍ର ଅଭୀପ୍‌ସା ଏବଂ ନାମଜପର ଦିବ୍ୟ ଆନନ୍ଦ ଯୋଗୁଁ ତାଙ୍କ ମନ ସ୍ଥିର ହୋଇଗଲା । ସେ ଶରୀର-ଶୁଦ୍ଧି ଭୁଲି ନାମଜପରେ ତଲ୍ଲୀନ ହୋଇଗଲେ । ତାଙ୍କର କ୍ଷୁଧା, ତୃଷା, ଦିବସ ତଥା ନିଶିର ଜ୍ଞାନ ରହିଲା ନାହିଁ । ଏହିପରି ନିରନ୍ତର ନାମଜପରେ ତିନି ଦିନ, ତିନି ରାତି ବ୍ୟତୀତ ହୋଇଗଲା । ରଘୁ ଗୋଟିଏ ଆସନରେ ବସି ନାମଜପ କରୁଥାଆନ୍ତି । ତିନି ଦିନ ପରେ ରଘୁଙ୍କ ପାଖରେ ଜଣେ ବ୍ରାହ୍ମଣ ପହଞ୍ଚି ପଚାରିଲେ – ''ହେ ତପସ୍ୱୀ, ଏଠାରେ ବସି କାହିଁକି ତପସ୍ୟା କରୁଛ ? ତୁମ ନାମ କ'ଣ ? ତୁମେ କେଉଁ ଗୋତ୍ରରେ ଜନ୍ମଗ୍ରହଣ କରିଛ ? ତୁମର କ'ଣ ଘରଦ୍ୱାର ନାହିଁ ? ଏଠାରେ ବସି ଭଗବତ୍ ନାମ ଜପ କରୁଛ କେଉଁ ସକାଶେ ?'' ଏକଥା ଶୁଣି ରଘୁ ଆଖି ଖୋଲି ସାମ୍ନାରେ ତେଜସ୍ୱୀ ବ୍ରାହ୍ମଣଙ୍କୁ ଦେଖି ପ୍ରଣାମ କରି କହିଲେ – ''ମୁଁ ଜାତିରେ କୈବର୍ତ୍ତ (କେଉଟ) । କୁଟୁମ୍ବ ପାଳନ ସକାଶେ ମାଛ ଧରି ବିକ୍ରି କରେ । ସେଥିରେ ପରିବାରଟି ପାଳନପୋଷଣ ହୁଏ । ଦିନେ ଏହି ଝରଣାରେ ଥିବା ରୋହିମାଛଟି ମୋ ଜାଲରେ ପଡ଼ିଲା । ତାକୁ ମାରିବା ସମୟରେ ଏହି ମାଛଟି ତୁଣ୍ଡ ବିସ୍ତାର କରି ''ନାରାୟଣ ରଖ'' ବୋଲି ଡାକଦେଲା । ମୀନଠାରୁ ନାରାୟଣ ନାମ ଶୁଣି ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଗଲି । ସେହି ମାଛଟିକୁ ଆଣି ଏହି ଘୋର ବନର ଝରଣା ଜଳରେ ଛାଡ଼ି ଜଗି ବସିଅଛି ଯେଉଁ ସର୍ବବ୍ୟାପୀ ଭଗବାନ୍ ମାଛ ମଧ୍ୟରେ ନାରାୟଣ ନାମ ଶୁଣାଇଛନ୍ତି ତାଙ୍କୁ ଦର୍ଶନ କରିବା ସକାଶେ । ତାଙ୍କୁ ଦର୍ଶନ କଲେ ଘରକୁ ଫେରିଯିବି । ତାଙ୍କ ଦର୍ଶନ ଛଡ଼ା ଏହି ଜୀବନରେ ମୋର ପ୍ରାୟୋଜନ ନାହିଁ । ଏହାହିଁ ମୋର ଦୃଢ଼ ସଂକଳ୍ପ । ଏହି ସକାଶେ ମୁଁ ଏଠାକୁ ଆସିଛି । ମୁଁ ମୋର ମନର କଥା କହିଦେଲି । ଏବେ ଆପଣ ନିଜ କାର୍ଯ୍ୟରେ ଯାଆନ୍ତୁ । ମୋର ଭଗବତ୍ ସ୍ମରଣରେ ବିଳମ୍ବ ହେଉଛି ।'' ଏହା କହି ପୁନରାୟ ଭଗବତ୍ ନାମ ସ୍ମରଣ କଲେ ।

ବ୍ରାହ୍ମଣ କହିଲେ, ''ରଘୁ, ତୋର ଏହା ମନର ଭ୍ରମ । ମାଛ କ'ଣ ନାରାୟଣ ନାମ ଉଚ୍ଚାରଣ କରିବା ସମ୍ଭବ ? ଏହା ବିଶ୍ୱାସଯୋଗ୍ୟ ନୁହେଁ ।

ଯଦି ଏହା ସତ୍ୟ ହୁଏ, ତେବେ ନାମ ଉଚ୍ଚାରଣ କରିବା ବ୍ୟକ୍ତି ଭଗବାନ୍ । ଭଗବାନ୍ କ'ଣ ତୋତେ ଦର୍ଶନ ଦେବେ ? ବଡ଼ ବଡ଼ ମୁନି, ଋଷି, ଯୋଗୀ ଯାହାଙ୍କୁ ଧ୍ୟାନରେ ପାଆନ୍ତି ନାହିଁ, ଯାହାଙ୍କ ଦର୍ଶନ ଇନ୍ଦ୍ର ଚନ୍ଦ୍ରାଦି ଦେବତାଙ୍କୁ ଦୁର୍ଲଭ, ଯାହାଙ୍କୁ ପାଇବା ସକାଶେ ଯୋଗୀମାନେ ଜନ୍ମ ଜନ୍ମାନ୍ତର ବିବିଧ ଯୋଗ ସାଧନାରେ ଲିପ୍ତ ରହନ୍ତି, ଯାହାଙ୍କ ଦର୍ଶନ ସକାଶେ ଭକ୍ତମାନେ ଗୃହ ପରିବାର ସମସ୍ତ ତ୍ୟାଗ କରି ତାଙ୍କରି ଭକ୍ତିରେ ବିଭୋର ହୋଇପଡ଼ନ୍ତି, ସେହି ଭଗବାନଙ୍କୁ ଦର୍ଶନ କରିବା ଇଚ୍ଛାକରି ଶରୀରକୁ କଷ୍ଟ ଦେଇ ନ ଖାଇ ନ ପିଇ ବସି ନାମ ସ୍ମରଣ କରିବାରେ କିଛି ଫଳ ହେବ ନାହିଁ । ତୁ ଘରକୁ ଫେରିଯାଆ, ସୁଖରେ ପରିବାର ସହିତ ରହ ।''

ରଘୁ କହିଲେ, ''ପ୍ରଭୁ, ଭଗବାନ୍ ଯଦି ଦର୍ଶନ ନ ଦେବେ ତେବେ ଘରକୁ ଫେରିଯିବା କଥା ନାହିଁ । ତାଙ୍କ ଦର୍ଶନ କଠିନ ହୋଇପାରେ । କିନ୍ତୁ ମୋ ମୃତ୍ୟୁରେ କୌଣସି ଅସୁବିଧା ନାହିଁ । ମୁଁ ପ୍ରାଣକୁ ତାଙ୍କରି ଚରଣରେ ସମର୍ପିତ କରିସାରିଛି । ସେ ଦୀନବନ୍ଧୁ, କରୁଣାର ସମୁଦ୍ର, ପତିତପାବନ । ପତିତକୁ ଉଦ୍ଧାର କରିବା ସକାଶେ ନୀଳାଚଳରେ ପତିତପାବନ ବାନା ଉଡ଼ାଉଅଛନ୍ତି । ଭୃତ୍ୟକୁ ରକ୍ଷାକରିବା ସକାଶେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରିଅଛନ୍ତି । ଭଗବାନଙ୍କ ଏହି ଦୟା କରୁଣା ଗୁଣ ଯୋଗୁଁ ତାଙ୍କ ଦର୍ଶନ ପାଇବା ସକାଶେ ମୁଁ ଦୃଢ଼ ବିଶ୍ୱାସ କରିଅଛି । ସେ ଯଦି ଦୀନ ପ୍ରତି ଦୟା ନ କରନ୍ତେ, ସେ ଯଦି ଦୟାର ସମୁଦ୍ର ନ ହୋଇଥାଆନ୍ତେ, ତାଙ୍କ ଆଶ୍ରିତ ପାପୀମାନଙ୍କୁ ଉଦ୍ଧାର ନ କରନ୍ତେ, ତେବେ ଏହି ସଂସାର ପାପଭାରାକ୍ରାନ୍ତରେ ନଷ୍ଟ ହୋଇଯାଆନ୍ତା । ଏପରି କାହାର ସାମର୍ଥ୍ୟ ଅଛି, ସେ ନିଜ ପ୍ରଯତ୍ନରେ ଭଗବାନଙ୍କୁ ପ୍ରାପ୍ତ ହୋଇପାରିବ ? ମନୁଷ୍ୟ ଯେତେ ପାପୀ, ଦୁରାଚାରୀ ହୋଇଥାଉ, ସେ ଯଦି ଭଗବାନଙ୍କ ଶରଣ ହୋଇ ପୂର୍ବ ପାପ ପୁନରାବୃତ୍ତି ନ କରିବା ସକାଶେ ଦୃଢ଼ସଂକଳ୍ପ ହୁଏ, ତେବେ ଭଗବାନ୍ ତାକୁ ସ୍ୱୀକାର କରିନିଅନ୍ତି । ମୁଁ ଯଦ୍ୟପି ଘୋର ପାପୀ, ବାଲ୍ୟାବସ୍ଥାରୁ କ୍ରୂର, ନିର୍ଦ୍ଦୟ ସ୍ୱଭାବବଶ ହୋଇ ନିଜର ଉଦରଜ୍ୱାଳା ଶାନ୍ତ କରିବା ସକାଶେ ନିରୀହ ଜୀବହତ୍ୟା କରିଆସୁଛି

ତଥାପି ଭଗବାନ୍ କରୁଣାସିନ୍ଧୁ । ସେ ମୋ ଦୋଷ, ଅପରାଧ ନ ଦେଖି ନିଶ୍ଚୟ ଦର୍ଶନ ଦେଇ ମୋତେ କୃତାର୍ଥ କରିବେ । ଏହା ମୋର ଦୃଢ଼ବିଶ୍ୱାସ । ଅନ୍ୟଥା ଏହି ଜୀବନ ତାଙ୍କରି ଚରଣରେ ପୂର୍ବରୁ ସମର୍ପଣ କରିସାରିଛି । ଭଗବାନଙ୍କ ଦର୍ଶନଛଡ଼ା ଜୀବିତ ଅବସ୍ଥାରେ ଘରକୁ ଫେରିବା କଦାପି ସମ୍ଭବ ନୁହେଁ । ପ୍ରଭୁ, ଆପଣଙ୍କୁ ପ୍ରଣାମ କରୁଛି । ଆପଣ ନିଜ କାର୍ଯ୍ୟରେ ଯାଆନ୍ତୁ ।'' ଏହା କହି ପ୍ରଣାମ କରି ରଘୁ ପୂର୍ବବତ୍ ନାମସ୍ମରଣ କଲେ ।

ଭଗବାନଙ୍କ ଲୀଳା ଅତ୍ୟନ୍ତ ବିଚିତ୍ର । ମନୁଷ୍ୟବୁଦ୍ଧିରେ ବିଚାର କଲେ ଭ୍ରମରେ ପଡ଼ିବା ଛଡ଼ା ଅନ୍ୟ ବାଟ ନ ଥାଏ । ମନ ସେଠାରେ ପହଞ୍ଚିପାରେ ନାହିଁ । ଭଗବାନ୍ ଅନ୍ତର୍ଯାମୀ, ସବୁ ଜାଣନ୍ତି । ରଘୁଙ୍କ ଆନ୍ତରିକ ନିଷ୍ଠା ତଥା ନିଜ ଦୟା କରୁଣା ଗୁଣରେ ରଘୁକୁ ଦର୍ଶନ ଦେବାକୁ ଆସିଛନ୍ତି । କିନ୍ତୁ କଥାବାର୍ତ୍ତା କରୁଛନ୍ତି ସେ ଯେପରି ରଘୁର ହୃଦୟ ସମ୍ବନ୍ଧେ ଅପରିଚିତ । ଏହି କାରଣରୁ ଭଗବାନ୍ ବୁଦ୍ଧିର ଅଗମ୍ୟ । ହୃଦୟହୀନ, ଭାବ ଭକ୍ତିଶୂନ୍ୟ, ଅତିଶୟ ତାର୍କିକ, ବୁଦ୍ଧିବାଦୀ ବ୍ୟକ୍ତି ଭଗବାନଙ୍କୁ କଦାପି ପ୍ରାପ୍ତ ହୋଇପାରନ୍ତି ନାହିଁ । କିନ୍ତୁ ଘୋରପାପୀ, ପତିତ, ମୂର୍ଖ ଅଥବା ମହାନ୍ ବୁଦ୍ଧିପ୍ରଧାନ ବ୍ୟକ୍ତି ଯଦି ବୁଦ୍ଧିର ଅଭିମାନ ଛାଡ଼ି ଛୋଟ ଶିଶୁ ସଦୃଶ ଭଗବାନଙ୍କ ଶରଣ ନିଅନ୍ତି ତେବେ ଭଗବାନ୍ ତାଙ୍କର ସମସ୍ତ ଦୋଷ, ପାପକୁ ଭ୍ରୂକ୍ଷେପ ନ କରି ତାଙ୍କୁ ନିଜର ଶରଣରେ ନେଇ ପରମ ପବିତ୍ର କରିଦିଅନ୍ତି । ଗୋସ୍ୱାମୀ ତୁଳସୀ ଦାସ କହିଛନ୍ତି – ''କୈଶେହୁ ପାମର ପାତକି ଯୋଲହି ନାମ କି ଓଟ, ସୁନାଗାଣ୍ଠି ଯେଉ ବାନ୍ଧେଉ ଫେରେ ପାର ଖେଉନ ଖରୋ ଖୋଣ୍ଟ ।'' ''ଯେତେ ବଡ଼ ପାମର ପାତକୀ ହୋଇଥାଉ, ସେ ଯଦି ଭଗବାନଙ୍କର ନାମର ଆଶ୍ରୟ ନିଏ ତେବେ ଦରିଦ୍ର ଯେପରି ସୁନା ପାଇ ଛିଣ୍ଡା କନାରେ ଗଣ୍ଠି ଉପରେ ବହୁ ଗଣ୍ଠି ଦେଇ ବାନ୍ଧି ରଖେ, ଆଉ ଠିକ୍ ସୁନା ବା ଖରାପ ସୁନା ଯେପରି ପରୀକ୍ଷା କରେ ନାହିଁ ସେହିପରି ଭଗବାନ୍ ତାଙ୍କ ଆଶ୍ରିତର ପାପ-ଦୋଷକୁ ନ ଦେଖି ନିଜର ଭକ୍ତ କରିନିଅନ୍ତି ।''

ଭଗବାନଙ୍କ ପାଖରେ ରଘୁର ଆନ୍ତରିକ ଭକ୍ତି, ନିଷ୍ଠା, ବିଶ୍ୱାସ ଅଜ୍ଞାତ

ନ ଥିଲା । ସେ ଦର୍ଶନ ଦେବା ସକାଶେ ଆସିଥିଲେ । କିନ୍ତୁ ରଘୁଙ୍କ ନିଷ୍ଠା, ଭକ୍ତି ଏବଂ ବିଶ୍ୱାସର ପରୀକ୍ଷା କରୁଥିଲେ ନିଜ ଜାଣିବା ସକାଶେ ନୁହେଁ, ଭକ୍ତର କୀର୍ତ୍ତି ବୃଦ୍ଧି କରିବା ସକାଶେ; ଯେଉଁ ଭକ୍ତି, ନିଷ୍ଠା, ବିଶ୍ୱାସ ଅନ୍ୟ ସକାଶେ ଆଦର୍ଶ ହୋଇପାରିବ । ଭକ୍ତର ଭାବ ଓ ଭକ୍ତିରେ ଭଗବାନ୍ ଅତ୍ୟନ୍ତ ପ୍ରସନ୍ନ ହୋଇ କହିଲେ, ''ରଘୁ, ମୁଁ ଜଗତର ଈଶ୍ୱର, ଭଗବାନ୍ । ମୀନ ଗର୍ଭରେ ମୁଁ ହିଁ ତୋତେ ନାମ ଶୁଣାଇଥିଲି । ଏବେ ତୁ ଇଚ୍ଛିତ ବର ମାଗିନେ ।'' ରଘୁ କହିଲେ, ''ପ୍ରଭୁ, ଥରେ ଆପଣଙ୍କ ନିଜ ସ୍ୱରୂପରେ ମୋତେ ଦର୍ଶନ ଦିଅନ୍ତୁ । ଏହି ଚର୍ମ ନେତ୍ରରେ ଦର୍ଶନ କରି କୃତକୃତ୍ୟ ହୋଇଯିବି ଏବଂ ଜନ୍ମମୃତ୍ୟୁରୁ ନିସ୍ତାର ପାଇବି ।'' ରଘୁର ପ୍ରାର୍ଥନା ଶୁଣି ତତ୍‌କ୍ଷଣାତ୍ ଭଗବାନ୍ ଚତୁର୍ଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରି ନାରାୟଣରୂପେ ପ୍ରକଟ ହେଲେ । ରଘୁ ଭଗବାନଙ୍କ ତ୍ରୈଲୋକ୍ୟମୋହନ ସୁନ୍ଦର ଲାବଣ୍ୟ ରୂପ ଦେଖିବା ମାତ୍ରେ ଉଠି ଛିଡ଼ା ହୋଇଗଲେ । ଭଗବାନଙ୍କ ଯେଉଁ ଅଙ୍ଗରେ ତାଙ୍କ ନେତ୍ର ପଡୁଥିଲା, ଚୁମ୍ବକରେ ଲୁହା ଲାଗିଲା ସଦୃଶ ଆଉ ବାହାରି ପାରୁ ନ ଥିଲା । ତାଙ୍କ ଅଙ୍ଗପ୍ରତ୍ୟଙ୍ଗ ବସ୍ତ୍ର ଆଭୂଷଣ ସୌନ୍ଦର୍ଯ୍ୟ ଲାବଣ୍ୟର ମୂର୍ତ୍ତିମାନ ବିଗ୍ରହ ଥିଲା । ଭଗବାନଙ୍କ ଅଲୌକିକ ରୂପ ନିଜ ସମ୍ମୁଖରେ ଦେଖି ତାଙ୍କ ଦୟା କରୁଣା ଗୁଣ ସ୍ମରଣ କରି ରଘୁଙ୍କ ହୃଦୟ କୃତଜ୍ଞତା ତଥା ଭକ୍ତିରେ ପୂର୍ଣ୍ଣ ହୋଇଗଲା । ଦୁଇ ନେତ୍ରରୁ ଶ୍ରାବଣର ବର୍ଷାଧାର ସଦୃଶ ଅଶ୍ରୁ ବହୁଥାଏ । ଶରୀରରେ ପୁଲକ ଏବଂ ସ୍ୱେଦ, ଅଷ୍ଟ ସାତ୍ତ୍ୱିକ ଭାବ ପ୍ରକଟ ହୋଇଥାଏ । ସେ ଶରୀରରେ ଶୁଦ୍ଧି ବୁଦ୍ଧି ଭୁଲି ଭଗବାନଙ୍କ ଚରଣରେ ପଡ଼ି ତାଙ୍କ ଦୁଇଟି ଚରଣ ଧରି ସମାଧିସ୍ଥ ହୋଇଗଲେ । ଶରୀରର ତ ଶୁଦ୍ଧି ନାହିଁ, ମନ-ପ୍ରାଣର କ୍ରିୟା ଆସିବ କେଉଁଠୁ ? ଏହିପରି କିଛି ସମୟ ରହିବା ପରେ ଭଗବାନ୍ ନିଜ ଶ୍ରୀକରରେ ରଘୁଙ୍କ ଦୁଇ ହାତକୁ ଧରି ଉଠାଇ ଛିଡ଼ା କରାଇଦେଲେ । ସେତେବେଳେ ରଘୁଙ୍କ ମୁଖରୁ ଗୋଟିଏ ଶବ୍ଦ ବାହାରିବା ଅବସ୍ଥା ନ ଥିଲା । ତାଙ୍କ ତୀବ୍ର ଭକ୍ତି ଭାବାବେଗକୁ ଭଗବାନ୍ ନିଜ ପ୍ରଭାବରେ କିଛି ଅଂଶରେ ଶାନ୍ତ କରି କହିଲେ – ''ରଘୁ, ତୋର ଯାହା ଇଚ୍ଛା ତାହା ମାଗିନେ ।'' ରଘୁ ଉତ୍ତରରେ ଦୁଇ ହାତ ଯୋଡ଼ି

ପ୍ରାର୍ଥନା କଲେ, ''ହେ ଚକ୍ରଧାରୀ, ଭକ୍ତବତ୍ସଳ ପ୍ରଭୁ, ମୁଁ ଆପଣଙ୍କ ଚରଣରେ ନମନ କରୁଅଛି । ହେ ପ୍ରଭୁ, ବ୍ରହ୍ମା, ଇନ୍ଦ୍ରାଦି ଦେବତା ଏବଂ ଶ୍ରେଷ୍ଠ ଯୋଗୀମାନେ ଧ୍ୟାନରେ ଯାହାଙ୍କ ଚରଣ ପୂଜନ କରନ୍ତି; କିନ୍ତୁ ପ୍ରତ୍ୟକ୍ଷ ଦର୍ଶନ ପାଆନ୍ତି ନାହିଁ ସେହି ପ୍ରଭୁ ଏହି ପାତକୀ ଜୀବଘାତୀ ଛାର ପାଇଁ ଦୟାବଶରେ ଏଠାରେ ବିଜେ କରିଅଛନ୍ତି । ଏହାଠାରୁ ଆଉ ଅଧିକ କ'ଣ ଅଛି ଯେ ମୁଁ ମାଗିବି ? କେବଳ ତୁମ୍ଭରି ଦର୍ଶନ ପାଉଥିବା ଛଡ଼ା ଅନ୍ୟ କିଛି ମାଗିବାର ନାହିଁ । ତୁମ୍ଭରି ଚରଣରେ ନିଜକୁ ନିଃଶେଷଭାବେ ସମର୍ପଣ କରୁଅଛି ।'' ଭଗବାନ୍ ପୁନରାୟ କହିଲେ, ''ତୁ ଯାହା ଚାହୁଁ ନିଃସଙ୍କୋଚରେ ମାଗିନେ ।''

ରଘୁ କହିଲେ, ''ପ୍ରଭୁ, ଯେବେ ବର ଦେବାକୁ କୃପା କଲେ ତେବେ ଯେବେ ତୁମ୍ଭ ଦର୍ଶନ ସକାଶେ ହୃଦୟରେ ଇଚ୍ଛା କରୁଥିବି ସେହି ସମୟରେ ତୁମ୍ଭର ଦର୍ଶନ ପାଉଥିବି ଏବଂ ମୋର କୁଳପରମ୍ପରାଗତ ମାଛ ମାରିବା ପ୍ରବୃତ୍ତିରୁ ମୁକ୍ତ ରହିବି ତଥା ତୁମ୍ଭରି ନାମ ସ୍ମରଣପୂର୍ବକ ଶରୀର ତ୍ୟାଗ କରି ତୁମ୍ଭରି ଚରଣ ପ୍ରାପ୍ତ ହେବି । ପ୍ରଭୁ, କୃପା କରି ଏହି ବର ଦିଅନ୍ତୁ ।'' ଭଗବାନ୍ 'ତଥାସ୍ତୁ' କହି ଅନ୍ତର୍ଦ୍ଧାନ ହୋଇଗଲେ ।

ରଘୁଙ୍କର ବିଚାର, ଧାରଣା, ଚିନ୍ତାରେ ଭଗବାନ୍ ଓତପ୍ରୋତ ହୋଇଗଲେ । ଭଗବାନଙ୍କ ଛଡ଼ା ତାଙ୍କର ଆଉ କିଛି ରହିଲା ନାହିଁ । ସେ କରତାଳ ବଜାଇ ଭଗବାନଙ୍କ ନାମସ୍ମରଣ କରୁଥାଆନ୍ତି, ନେତ୍ରଦ୍ୱୟରୁ ଅଶ୍ରୁ ବର୍ଷା ହେଉଥାଏ । ସେ ଶରୀରର ଶୁଦ୍ଧି ବୁଦ୍ଧି ଭୁଲି ଉନ୍ମତ୍ତ ସଦୃଶ ବନରୁ ବାହାରି ଗୃହାଭିମୁଖେ ଗମନ କଲେ । ରଘୁ ଘରକୁ ଫେରି ନ ଆସିବାରୁ ତାଙ୍କ ମା ଏବଂ ଧର୍ମପତ୍ନୀ ଚାରିଆଡ଼େ ଖୋଜାଖୋଜି କରୁଥିଲେ । କେଉଁଠାରେ ରଘୁଙ୍କର ସନ୍ଧାନ ନ ମିଳିବାରୁ ତାଙ୍କ ମୃତ୍ୟୁ ଆଶଙ୍କାରେ ଚୁଲି ନିର୍ଜଳା ରଖି କାନ୍ଦବୋବାଳି ଛାଡ଼ିଲେ । ଗ୍ରାମର ଲୋକମାନେ ମଧ୍ୟ ବହୁସ୍ଥାନରେ ଖୋଜି ଶେଷରେ ରଘୁଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରି ବିଶେଷ ଦୁଃଖିତ ହୋଇଥିଲେ । ଏହିପରି ତିନି ଦିନ ବ୍ୟତୀତ ହୋଇଯିବା ପରେ ରଘୁକୁ କରତାଳ ସହିତ ହରିନାମ କୀର୍ତ୍ତନ କରି ଆସୁଥିବା ଦେଖି ସମସ୍ତେ ଖୁସିହେଲେ ଏବଂ

କେହି ଦୌଡ଼ି ତାଙ୍କ ମାତା ଏବଂ ଧର୍ମପତ୍ନୀକୁ ମଧ ରଘୁ ଆସିବା ଖବର ଦେଇଦେଲେ । ରଘୁ ଆଗରେ ଚାଲିଥାଆନ୍ତି । ତାଙ୍କୁ ଅନୁସରଣ କରୁଥାଆନ୍ତି ଗ୍ରାମର ନରନାରୀ ଏବଂ ପିଲାମାନେ । ଲୋକରେ ଦାଣ୍ଡ ଭର୍ତ୍ତି ହୋଇଥାଏ । ସବୁ ଜାଗାରେ ସବୁପ୍ରକାର ଲୋକେ ଥାଆନ୍ତି । କେହି କେହି ଭଲରେ ବି ମନ୍ଦ ଦେଖନ୍ତି । ତାହାରି ମଧରୁ କେହି କେହି କହୁଥାଆନ୍ତି, ''ରଘୁ ବହୁତ ଧୂର୍ତ୍ତ, ପରିଶ୍ରମ କରି କୁଟୁମ୍ବ ପାଳିବା ଭୟରେ କିଛିଦିନ କେଉଁଠାରେ ଲୁଚି ରହିଥିଲା । ଏବେ ବିରାଡ଼ି-ବୈଷ୍ଣବ ସାଜି ପତ୍ନୀକୁ ଡରାଇବା ସକାଶେ ପ୍ରଭୁ ନାମ କୀର୍ତ୍ତନ କରି ଘରକୁ ଫେରିଲା । ଏହାହିଁ ଠକ, ଠାପୁଆମାନଙ୍କ ଲକ୍ଷଣ ।'' କେହି କୁହନ୍ତି, ''ନା, ଏପରି ନୁହେଁ, ରଘୁଙ୍କ ଶାନ୍ତ, ସୌମ୍ୟ, ତେଜସ୍ୱୀ, କାନ୍ତିଯୁକ୍ତ ଅବସ୍ଥା ପୂର୍ବେ ଆମ୍ଭେ କେବେ ବି ଦେଖି ନ ଥିଲୁ । ଶାନ୍ତି ଯେପରି ତାଙ୍କ ଶରୀରକୁ ଘେରି ରହିଛି । ତାଙ୍କ ଦର୍ଶନମାତ୍ରେ ଭଗବତ୍ ଭକ୍ତିଭାବ ଅନ୍ତରରୁ ସ୍ୱତଃ ଜାତ ହେଉଛି । ରଘୁ ସାଧାରଣ ବ୍ୟକ୍ତି ନୁହନ୍ତି । ଭଗବାନଙ୍କର ଅତ୍ୟନ୍ତ କୃପାପାତ୍ର ।'' ଏହିପରି ନିଜ ନିଜ ସ୍ୱଭାବ ଅନୁସାରେ ରଘୁଙ୍କ ବିଷୟରେ ଚର୍ଚ୍ଚା କରି ନିଜ ନିଜ ଘରକୁ ଗଲେ । ରଘୁଙ୍କୁ ଦେଖି ତାଙ୍କ ପତ୍ନୀ ଏବଂ ମା'ଙ୍କୁ କୋଟିନିଧି ମିଳିବା ସଦୃଶ ଆନନ୍ଦ ହେଲା । ତାଙ୍କୁ ନେଇ ବହୁ ଆନନ୍ଦ ସହିତ ଭୋଜନ କରାଇଲେ ଏବଂ ତାଙ୍କଠାରୁ ସବୁବୃତ୍ତାନ୍ତ ଶୁଣି ବିଶେଷ ଆନନ୍ଦ ଅନୁଭବ କଲେ ।

ରଘୁଙ୍କର ଆନ୍ତର ଚେତନା ଏବଂ ବାହ୍ୟ କର୍ମରେ ପୂର୍ଣ୍ଣ ପରିବର୍ତ୍ତନ ସ୍ପଷ୍ଟରୂପେ ଦେଖାଗଲା । ସେ ପୂର୍ବରୁ ମାଳା ତିଳକ ଧାରଣ କରିଥିଲେ, ଏବେ ବିରକ୍ତ ବୈଷ୍ଣବ ସଦୃଶ ଲୁଗା ପିନ୍ଧିଲେ ଏବଂ ଧୀବରର ବୃତ୍ତି ମାଛ ମାରିବା ତ୍ୟାଗ କରି ଭଗବତ୍ ଧାନ ତଥା ନାମ ଜପରେ ନିମଗ୍ନ ରହିଲେ । ପ୍ରତିଦିନ ନିଜର ନିତ୍ୟକର୍ମ ସମାପ୍ତ କରି ଭଗବାନଙ୍କ ନାମକୀର୍ତ୍ତନପୂର୍ବକ ଗ୍ରାମ ଦାଣ୍ଡରେ କେବଳ ଚାଲିଯାଆନ୍ତି । କାହାକୁ କିଛି କୁହନ୍ତି ନାହିଁ କିଂବା ମାଗନ୍ତି ନାହିଁ । ତାଙ୍କ ପରିବାରର ଯାହା ଆବଶ୍ୟକ ଥାଏ ଲୋକେ ଯାଚି କରି ଦେଇଦିଅନ୍ତି । ସେହି ଭିକ୍ଷା ଅନ୍ନରେ ତିନି ପ୍ରାଣୀ ଆନନ୍ଦରେ ଚଳନ୍ତି ରଘୁଙ୍କ ଭଗବତ୍ ଭକ୍ତି ପ୍ରଭାବରୁ ତାଙ୍କ ମା ଧର୍ମପତ୍ନୀ ମଧ ଭଗବାନଙ୍କୁ ଭକ୍ତି କଲେ ଏବଂ ଭଗବାନଙ୍କ ନାମ

ସ୍ମରଣ କଲେ । ତାଙ୍କ ଗୃହ ହୋଇଗଲା ଭଗବାନଙ୍କ ମନ୍ଦିର । ଏବେ ରଘୁ ନାମ ହେଲା ରଘୁଦାସ । ତାଙ୍କୁ ଲୋକେ 'ଦାସେ' ନାମରେ ସମ୍ବୋଧନ କଲେ ।

ଦାସଙ୍କର ଅତ୍ୟନ୍ତ ଶାନ୍ତ ସ୍ୱଭାବ । ସେ ସର୍ବଦା ଭଗବତ୍ ଆନନ୍ଦରେ ନିମଗ୍ନ ରହୁଥିଲେ । କାହା ସଙ୍ଗେ କୌଣସି ଅନାବଶ୍ୟକ କଥାଭାଷା ବା ବ୍ୟବହାର ନ ଥିଲା । ସେହି ସକାଶେ ସେ ଥିଲେ ଗ୍ରାମ ପିଲାମାନଙ୍କର ଖେଳର ପିତୁଳା । ସେ ଯେବେ ଭିକ୍ଷା ସକାଶେ ବାହାରନ୍ତି ସଙ୍ଗେ ସଙ୍ଗେ ପିଲାମାନେ ତାଙ୍କ ପଛରେ ଗୋଡ଼େଇ ନାମକୀର୍ତ୍ତନର ନକଲ କରନ୍ତି ଏବଂ ଟାହି ଟାପରାରେ କେତେ କ'ଣ କୁହନ୍ତି । କିନ୍ତୁ ଦାସେ ପିଲାମାନଙ୍କ ଆଚରଣକୁ କେବେ ଭ୍ରୁକ୍ଷେପ କରନ୍ତି ନାହିଁ ।

ଦିନେ ଦାସେ ଗ୍ରାମର ଗୋଟିଏ ମଣ୍ଡପରେ ବସି ଭଗବାନଙ୍କ ନାମ ସ୍ମରଣ କରୁଥିଲେ । ତାଙ୍କୁ ଦେଖି ଦାଣ୍ଡରେ ଖେଳୁଥିବା ପିଲାମାନେ ଘେରିଗଲେ । ତାଙ୍କ ଶାନ୍ତ ନୀରବତା ଥିଲା ପିଲାମାନଙ୍କର କୌତୂହଳର ବିଷୟ । ସେ ପିଲାମାନଙ୍କୁ କିଛି ନ କହୁଥିବାରୁ ପିଲାଙ୍କ ମୁହଁ ବଢ଼ି ଯାଇଥିଲା । ଦାସଙ୍କୁ ପିଲାମାନେ ଟାହି ଟାପରା କରି କହିଲେ, ''କୁଟୁମ୍ବ ପୋଷି ନ ପାରି ଛଦ୍ମ ତପସ୍ୱୀ ରୂପ ଧାରଣ କରି ଭିକ୍ଷା ମାଗି ଖାଉଛି ଏବଂ ନିଜକୁ ସାଧୁ ବୋଲି ପରିଚୟ ଦେଉଛି ।'' ଏହିପରି କେତେ କ'ଣ ଗାଳି ଦେଇ ଧୂଳି ଉଡ଼ାଇଲେ । କୌଣସି ଅଧିକ ଦୁଷ୍ଟ ପିଲା ତାଙ୍କ ଗଳାରୁ ମାଳା ବାହାର କରିବାକୁ ହାତ ଲଗେଇଲା । କେହି ଚୁମୁଟି ଦେଇ ପଳେଇଲା । ଏହିପରି ପିଲାଙ୍କ ଉପଦ୍ରବ ଯୋଗୁଁ ଦାସେ ଉଠି ନିଜ ଗୃହକୁ ଗମନ କଲେ । ଦାସେ ଉଠିଯିବା ସମୟରେ ଜଣେ ଅତ୍ୟନ୍ତ ଦୁଷ୍ଟ ପିଲାର ହାତରେ ଗୋଟିଏ ବାଡ଼ି ଥିଲା । ବାଡ଼ିର ଅଗ୍ରଭାଗରେ ତାମ୍ପଣ ସଦୃଶ ମୁନିଆ ଲୁହା ଲଗା ହୋଇଥିଲା । ସେ ତାଙ୍କ ପଛରେ ଦୌଡ଼ିଯାଇ ତାଙ୍କ ନିତମ୍ବ ଅର୍ଥାତ୍ ପିଠିପାଖ ଜଙ୍ଘର ଉପରିଭାଗରେ ଲୁହାଯୁକ୍ତ ବାଡ଼ିରେ ଜୋରରେ ଭୁସିଦେଲା । ଲୁହା ମାଂସରେ ପଶିଯିବାରୁ ରୁଧିରଧାରା ବହିଚାଲିଲା । ଦାସଙ୍କୁ ବହୁ ପୀଡ଼ା ହେବାରୁ ସେ ପଛକୁ ବୁଲିପଡ଼ି କହିଲେ, ''ବିନା ଦୋଷ, ବିନା ଅପରାଧରେ ତୁ ଯଦି ମୋତେ ଏତେବଡ଼ ଦଣ୍ଡ ଦେଲୁ, ତୋତେ ଭଗବାନ୍

ଦଣ୍ଡ ଦିଅନ୍ତୁ, ତୋ ପିତାମାତା ମଧ ତୋ ସକାଶେ ରୋଦନ କରନ୍ତୁ ।'' ଏହା କହି କିଛି ଖୋଜ ଯିବା ପରେ ସେହି ବାଳକଟି ସେହିଠାରେ ପଡ଼ି ପ୍ରାଣ ହରାଇଲା । ସମସ୍ତ ପିଲା ଯାଇ ତାକୁ ଉଠେଇ ଦେଖିଲେ, ତା' ପିଣ୍ଡରୁ ପ୍ରାଣ ବାହାରି ଯାଇଥିଲା । ସେମାନେ ଯାଇ ତା' ମାତା ପିତାକୁ ସମସ୍ତ ଘଟନା କହିଦେଲେ । ସେମାନେ ଶୁଣିବାମାତ୍ରେ ସେ ସ୍ଥାନକୁ ଦୌଡ଼ିଆସି ପୁତ୍ରକୁ ଉଠେଇ କାନ ଫୁଙ୍କି, ନାଡ଼ି ଦେଖି ବହୁ ପ୍ରଯତ୍ନ କରିବା ପରେ ବି ପ୍ରାଣ ଫେରିଆସିଲା ନାହିଁ । ସେମାନେ ଶୋକାକୁଳ ହୋଇ ପୁତ୍ରକୁ ନେଇ ଦାସଙ୍କ ପାଦତଳେ ଶୁଆଇ ଦେଇ କହିଲେ, ''ତୁମେ ସମଦର୍ଶୀ, ଭଗବାନଙ୍କ ପ୍ରିୟ ଭକ୍ତ । ତୁମର କେହି ଶତ୍ରୁ ମିତ୍ର ନାହିଁ । ବିନା କାରଣରେ ତୁମର ଅପରାଧ କରିବାରୁ ତାକୁ ଭଗବାନ୍ ଦଣ୍ଡ ଦେଲେ । ଏବେ ପୁତ୍ରର ସମସ୍ତ ଦୋଷ ଆମ୍ଭେମାନେ ନତମସ୍ତକରେ ମାଗିନେଉଛୁ । ଦୟାକରି ଆମ ପୁତ୍ରର ସମସ୍ତ ଦୋଷ କ୍ଷମା କରି ତାକୁ ଜୀବନଦାନ ଦିଅ । ତୁମ କୀର୍ତ୍ତି ଯୁଗ ଯୁଗ ଧରି ରହିବ । ଆମର ଗୋଟିଏ ମାତ୍ର ପୁତ୍ର । ତା' ବିନା ଆମ୍ଭେ ଜୀବିତ ରହିପାରିବୁ ନାହିଁ । ଏହିଠାରେ ତୁମରି ଚରଣରେ ଆମ୍ଭେ ଦୁଇପ୍ରାଣୀ ପ୍ରାଣ ବିସର୍ଜନ କରିବୁ ।'' ଏହା କହି ଦାସଙ୍କ ଦୁଇ ଚରଣ ଧରି ପତିପତ୍ନୀ ଉଚ୍ଚ ସ୍ୱରରେ ରୋଦନ କରିବାକୁ ଲାଗିଲେ । ସେଠାରେ ଲୋକାରଣ୍ୟ ହୋଇଥାଏ । ସମସ୍ତେ ବିସ୍ମିତ ହୋଇ ଘଟନା ଦେଖୁଥା'ନ୍ତି । ଏହା ଶୁଣି ରଘୁଦାସ ଭଗବାନଙ୍କୁ ଅନ୍ତରରେ ସ୍ମରଣ କରି କହିଲେ, ''ସମସ୍ତ ବ୍ୟକ୍ତି ଶୁଣ, ମୋର ଯଦି ଏଥିରେ ଦୋଷ ଥାଏ, ତେବେ ମୋତେ ଦଣ୍ଡ ଦିଅ । ସେ ଅପରାଧ କରିବାରୁ ଭଗବାନ୍ ତାକୁ ଦଣ୍ଡ ଦେଲେ । ମୋର ଯଦି କିଛି ଦୋଷ ନ ଥାଏ ତେବେ ମୋ ପ୍ରଭୁଙ୍କ କୃପାରୁ ଏହି ମୃତ ବାଳକ ଜୀବିତ ହୋଇଉଠୁ । ଭଗବାନଙ୍କ କୀର୍ତ୍ତି ଯୁଗେ ଯୁଗେ ଥାଉ । ତୁମେମାନେ ସମସ୍ତେ ଭଗବାନଙ୍କ ନାମ ସ୍ମରଣ କରି ବାଳକକୁ ଉଠିବାକୁ ଡାକ ।'' ଏକଥା ଶୁଣିବାମାତ୍ରେ ସମସ୍ତ ବ୍ୟକ୍ତି ଏବଂ ବାଳକର ପିତାମାତା ହରିନାମ ଉଚ୍ଚାରଣ କରି ବାଳକର ହସ୍ତ ଧରି ଉଠିବାକୁ କହି ଉଠେଇ ଦେଲେ । ବାଳକ ନିଦ୍ରାରୁ ଉଠିବା ସଦୃଶ ଉଠି ବସି ଚକ୍ଷୁ ମଳି ସମସ୍ତଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ସମସ୍ତ ଘଟନା ଜାଣି ଦାସଙ୍କ

ଚରଣରେ ସାଷ୍ଟାଙ୍ଗ ଦଣ୍ଡବତ କଲା ଏବଂ ଦୁଇହସ୍ତ ଯୋଡ଼ି ଅତ୍ୟନ୍ତ କୃତଜ୍ଞତାରେ ନିଜ ଦୋଷ କ୍ଷମା ପ୍ରାର୍ଥନା କଲା । ଦାସଙ୍କଠାରୁ ଆଶୀର୍ବାଦ ପାଇ ବାରଂବାର ଦାସଙ୍କ ଚରଣରେ ପ୍ରଣାମ କଲା । ତା'ର ପିତାମାତା ଦାସଙ୍କୁ ପ୍ରଣାମ କରି ନାନାପ୍ରକାର ବିନୟ କରି ପୁତ୍ରକୁ ସଙ୍ଗେ ନେଇ ଘରକୁ ଫେରିଲେ । ଦର୍ଶକମାନେ ବି ଦାସଙ୍କ ପଦବନ୍ଦନା କରି ଦାସଙ୍କ ଗୁଣ ଗାଇ ନିଜ ନିଜ ଘରକୁ ଫେରିଗଲେ ।

ଭଗବାନଙ୍କ ଦୟା ପ୍ରତ୍ୟକ୍ଷ ଦେଖି ଦାସଙ୍କ ହୃଦୟ କୃତଜ୍ଞତାରେ ବିଦୀର୍ଣ୍ଣ ହୋଇଗଲା । ସେ ଘରକୁ ଯାଇ ଭଗବାନଙ୍କ ନାମସ୍ମରଣରେ ନିମଗ୍ନ ହୋଇଗଲେ ।

ଭଗବାନଙ୍କ ଭକ୍ତ ସର୍ବଥା ଯଶଃ-କୀର୍ତ୍ତିରୁ ଦୂରରେ ରୁହନ୍ତି । କିନ୍ତୁ ଯେଉଁମାନେ ନିଜକୁ ଭଗବାନଙ୍କ ଚରଣରେ ନିଃଶେଷଭାବେ ସମର୍ପଣ କିରଦିଅନ୍ତି, ସେମାନଙ୍କ ମଧ୍ୟରୁ ଯାହାକୁ ଭଗବାନ୍ ନିଜ ଯନ୍ତ୍ରରୂପେ ବ୍ୟବହାର କରି ତାଙ୍କ ଦ୍ୱାରା ଦୁଃଖ-ତାପ-ପୀଡ଼ିତ ପ୍ରାଣୀଙ୍କୁ ଉଦ୍ଧାର କରିବାକୁ ଚାହାନ୍ତି ସେହିମାନଙ୍କ ଯଶଃ-କୀର୍ତ୍ତି ସେ ସ୍ୱୟଂ ପ୍ରସାର କରାନ୍ତି ଏବଂ ତାଙ୍କ ଦ୍ୱାରା ବହୁ ବ୍ୟକ୍ତିଙ୍କୁ ଉଦ୍ଧାର କରାନ୍ତି । ଅନୁମାନ ହୁଏ, ଭଗବାନ୍ ରଘୁଦାସଙ୍କୁ ନିଜ ଯନ୍ତ୍ରରୂପେ କାର୍ଯ୍ୟ କରାଇବାକୁ ଚାହିଁଥିଲେ । ସେହି କାରଣରୁ ତାଙ୍କ ଯଶଃ-କୀର୍ତ୍ତିର ବିସ୍ତାର ବ୍ୟବସ୍ଥା ସେ ସ୍ୱୟଂ କରିଥିଲେ । ମୃତ ବାଳକ ଜୀବିତ ହେବା ପରେ ତାଙ୍କ ଯଶଃ-କୀର୍ତ୍ତି କଥା କଥାରେ ପ୍ରସାର ହୋଇଗଲା ।

ସେ ଯାହାକୁ ଯାହା କହୁଥିଲେ, ତାଙ୍କ ମୁଖରୁ ଯେଉଁ ବଚନ ବାହାରୁଥିଲା, ତାହା ସତ୍ୟ ହେଉଥିଲା । ଲୋକେ ବହୁ ଦୂରଦୂରାନ୍ତରୁ ଆସୁଥିଲେ ଏବଂ ଭୋଜନଦ୍ରବ୍ୟ, ବସ୍ତ୍ର ଇତ୍ୟାଦି ଆବଶ୍ୟକ ବସ୍ତୁ ଭେଟପୂଜା ଦେଇ ନିଜ ନିଜ ଦୁଃଖ ନିବେଦନ କରୁଥିଲେ । ଦାସଙ୍କଠାରୁ ଭଗବାନଙ୍କ ଭକ୍ତିର ମହିମା ଶୁଣି ଉପଦେଶ ଗ୍ରହଣ କରି ଦୁଃଖକଷ୍ଟରୁ ମୁକ୍ତ ହେଉଥିଲେ । ଭଗବାନଙ୍କ ପ୍ରତି ବିଶ୍ୱାସ, ଭକ୍ତି ପ୍ରାପ୍ତ ହୋଇ ଆନନ୍ଦରେ ଫେରୁଥିଲେ । ତାଙ୍କ ଯଶଃ-କୀର୍ତ୍ତି ଅପାରୁ ଅପାର ବଢ଼ିଲା । ବହୁସଂଖ୍ୟାରେ ଲୋକେ ତାଙ୍କ ଦର୍ଶନକୁ ଆସିବାକୁ ଲାଗିଲେ ।

ଯଶଃ-କୀର୍ତ୍ତି ସର୍ବଥା ଭଗବତ୍ ପ୍ରାପ୍ତି ମାର୍ଗରେ ବାଧକ । ବହୁତ ସାଧକ ଭଗବତ୍ ମାର୍ଗ ଚ୍ୟୁତ ହୁଅନ୍ତି ଏହି ଯଶଃ-କୀର୍ତ୍ତି-ରାକ୍ଷସୀର କବଳରେ ପଡ଼ି । କିନ୍ତୁ ରଘୁଦାସ ନିଜକୁ ଭଗବାନଙ୍କଠାରେ ସମର୍ପଣ କରି ଦେଇଥିଲେ । ତାଙ୍କର ସମସ୍ତ ଇନ୍ଦ୍ରିୟ ଭଗବଦଭିମୁଖୀ ହୋଇସାରିଥିଲା । ଭଗବତ୍ କୃପା ସର୍ବଦା ତାଙ୍କୁ ରକ୍ଷା କରୁଥିଲା । ସେହି ସକାଶେ ଯଶଃ-କୀର୍ତ୍ତି ଦ୍ୱାରା ତାଙ୍କର କୌଣସି କ୍ଷତି ନ ହୋଇ ଭଗବତ୍ ଭକ୍ତି ଉତ୍ତରୋତ୍ତର ବୃଦ୍ଧି ହେଉଥିଲା । ସେ ଭଗବତ୍ ଭକ୍ତିରେ ବୁଡ଼ି ରହୁଥିଲେ । ଏହିପରି ବହୁଦିନ ବ୍ୟତୀତ ହୋଇଗଲା । ଦିନେ ତାଙ୍କ ଧର୍ମପତ୍ନୀ ଭଗବାନଙ୍କୁ ଭୋଗ ଲଗାଇବା ସକାଶେ ରୋଷେଇ ତୟାର କରି ଆଣି ଦାସଙ୍କ ପାଖରେ ରଖିଦେଲେ । ''ଦାସେ ଯେତେବେଳେ ଚାହିଁବେ ଭଗବାନଙ୍କ ଦର୍ଶନ ପାଇବେ ।'' ଏହି ବର ଭଗବାନଙ୍କଠାରୁ ସେ ମାଗି ନେଇଥିଲେ । ତାଙ୍କର ଯେତେବେଳେ ଭଗବତ୍ ଦର୍ଶନ ସକାଶେ ତୀବ୍ର ଅଭୀପ୍ସା ହୁଏ, ସେତେବେଳେ ଭଗବାନ୍ ପ୍ରକଟ ହୁଅନ୍ତି । ସେଦିନ ଭଗବାନଙ୍କୁ ପ୍ରତ୍ୟକ୍ଷଭାବେ ଭୋଗ ଲଗାଇବା ସକାଶେ ତାଙ୍କ ହୃଦୟରୁ ତୀବ୍ର ଅଭୀପ୍ସା ଉତ୍ପନ୍ନ ହେଲା । ଭଗବାନ୍ ଦାସଙ୍କ ସମ୍ମୁଖରେ ପ୍ରକଟ ହୋଇଗଲେ । ତା' ପୂର୍ବରୁ ଦାସେ ଭଗବତ୍ ଚିନ୍ତନରେ ଅଭିଭୂତ ହୋଇ ସାରିଥିଲେ । ଏବେ ଭଗବାନଙ୍କୁ ସାକ୍ଷାତ୍ ଦର୍ଶନ କରି ଏକେବାରେ ଆନନ୍ଦରେ ନିମଗ୍ନ ହୋଇଗଲେ । ତାଙ୍କ ଶରୀର-ଶୁଦ୍ଧି ରହିଲା ନାହିଁ । କେବଳ ତାଙ୍କ ଚେତନାରେ ରହିଲେ ଭଗବାନ୍ । ଶରୀର-ଶୁଦ୍ଧି, ମନର ବିଚାର ନ ଥିବା ଯୋଗୁଁ ଭଗବାନଙ୍କୁ ପ୍ରଣାମ ନ କରି କେବଳ ଉତ୍ତମ ଆସନରେ ବସାଇ ତାଙ୍କୁ ଭୋଗ ଲଗାଇଲେ । ଦାସେ ଭଗବାନଙ୍କ ମୁଖରେ ଗ୍ରାସ ଦେଉଥାଆନ୍ତି, ସେ ଭୋଜନ କରୁଥାଆନ୍ତି । ସେହି ସମୟରେ ଶ୍ରୀଜଗନ୍ନାଥଙ୍କ ଭୋଗ ଲାଗିବା ସକାଶେ ମହାରାଜାଙ୍କ ନିର୍ଦ୍ଦେଶରେ ସେବକମାନେ ନାନାବିଧ ଭୋଗଦ୍ରବ୍ୟ ଭାର କରି ନେଇ ମନ୍ଦିର ଅନ୍ତର୍ଗତ ଭୋଗମଣ୍ଡପରେ ଠୁଳ କଲେ । ଦ୍ୱାର ବନ୍ଦ ହେଲା । ପଣ୍ଡା ପୂଜାରେ ବସିଲେ । ଭୋଗ ସମୟରେ ସେଠିକା ପ୍ରଣାଳୀ ଅନୁସାରେ ବିଧିବିଧାନ ଶେଷ ହେବା ପରେ ପଣ୍ଡାଙ୍କ ଚଳୁରେ ଭଗବାନଙ୍କ ପ୍ରତିଚ୍ଛାୟା ଦେଖାଗଲେ ଭଗବାନ୍ ଭୋଗ

ସ୍ୱୀକାର କରିଥିବା ମାନ୍ୟ ହୁଏ । ଶ୍ରୀଜଗନ୍ନାଥଙ୍କ ପ୍ରତିଛାୟା ଚଳୁରେ ଦେଖା ନ ଗଲେ ସମସ୍ତ ଭୋଗ ପୋତା ହୁଏ । ସେଦିନ ପଣ୍ଡାଜି ବହୁତ ସମୟ ଧ୍ୟାନସ୍ଥ ହୋଇ ବସିବା ସତ୍ତ୍ୱେ ଶ୍ରୀଜଗନ୍ନାଥ ଚଳୁରେ ଦେଖାଗଲେ ନାହିଁ । ପଣ୍ଡାଜି ବିଶେଷ ଚିନ୍ତିତ ହୋଇ ଶ୍ରୀଜଗନ୍ନାଥ ମଣୋହି ନ କରିଥିବା ଖବର ମହାରାଜାଙ୍କୁ ଦେଲେ । କି ଅପରାଧ ଯୋଗୁଁ ଶ୍ରୀଜଗନ୍ନାଥ ମଣୋହି କଲେ ନାହିଁ ଏହି ଅନୁତାପରେ ମହାରାଜ ଗରୁଡ଼ସ୍ତମ୍ଭ ପାଖରେ କୁଶ ଆସନ ବିଛାଇ ଭଗବାନଙ୍କୁ ପ୍ରାର୍ଥନା କରୁ କରୁ ତାଙ୍କ ଚେତନା ଲୟ ହୋଇଗଲା ଅଥବା କିଛି ତନ୍ଦ୍ରା ଆସିଗଲା । ସେହି ଅବସ୍ଥାରେ ଭଗବାନ୍ ରାଜା ସମ୍ମୁଖରେ ଛିଡ଼ାହୋଇ କହିଲେ, ‘‘ହେ ରାଜନ, ତୁମର ଦୁଃଖ କରିବାର କାରଣ କିଛି ନାହିଁ । ତୁମ ଦ୍ୱାରା କୌଣସି ଅପରାଧ ହୋଇ ନାହିଁ । କିନ୍ତୁ ଭୋଗ ଲାଗିବା ସମୟରେ ଆମ୍ଭେ ମନ୍ଦିରରେ ନ ଥିଲୁ । ପିପିଲି ଗ୍ରାମର ରଘୁଦାସ ଘରେ ଆମ୍ଭେ ଭୋଜନ କରୁଥିଲୁ । ସେ ଭାବଭୋଳ ହୋଇ ଆମ୍ଭକୁ ଭୋଜନ କରାଉଥିଲେ । ସେ ମୋତେ ଯଦି ଛାଡ଼ନ୍ତା ତେବେ ମୁଁ ଏଠାକୁ ଆସନ୍ତି । ମୁଁ ତ’ ଭକତ ଭାବରେ ବଶ । ଭକ୍ତ ଯଦି ଆନ୍ତରିକ ଭାବ ସହିତ ଅଣୁମାତ୍ର ଦିଏ ତାକୁ ମୁଁ ପର୍ବତ ସଦୃଶ ଗ୍ରହଣ କରେ । ତୁ ବର୍ତ୍ତମାନ ପିପିଲି ଯାଇ ରଘୁଦାସ ଏବଂ ତା’ର ପରିବାରକୁ ଆଣି ଏହି କ୍ଷେତ୍ରରେ ରହିବାର ବ୍ୟବସ୍ଥା କରିଦେ । ତେବେ ମୁଁ ମଣୋହି କରିବି ।’’ ଏତିକି କହି ଭଗବାନ୍ ଅନ୍ତର୍ଦ୍ଧାନ ହୋଇଗଲେ । ଭଗବାନଙ୍କ ଶ୍ରୀମୁଖରୁ ଏହା ଶୁଣି ତତ୍‌କ୍ଷଣାତ୍ ନୃପମଣି ଉଠି ଆନନ୍ଦରେ ବିଭୋର ହୋଇଗଲେ । ସେ ସେହିକ୍ଷଣି ଅଶ୍ୱାରୋହଣ କରି ସେବକମାନଙ୍କୁ ସଙ୍ଗେ ନେଇ ପିପିଲିରେ ରଘୁଦାସଙ୍କ ଘରେ ପହଞ୍ଚିଲେ । ସ୍ୱୟଂ ରାଜା ଘୋଡ଼ାରୁ ଉତରି ରଘୁଙ୍କ ଦାଣ୍ଡରେ ଦାସଙ୍କୁ ବହୁତ ଡାକିଲେ । କିନ୍ତୁ ଦାସେ ଭଗବତ୍ ପ୍ରେମରେ ବିଭୋର ଥିବା ଯୋଗୁଁ ଶୁଣି ପାରିଲେ ନାହିଁ । ଶ୍ରୀ ମହାରାଜ ସ୍ୱୟଂ ଆସିଥିବା ଦେଖି ଦାସଙ୍କ ଧର୍ମପତ୍ନୀ ଏବଂ ମା ମହାରାଜାଙ୍କୁ ପୂଜା କରି ଗୃହକୁ ନେଇଗଲେ । ରାଜାଙ୍କ ଆଗମନରେ କଥା କଥାରେ ଗ୍ରାମର ଲୋକ ଏକତ୍ରିତ ହୋଇଗଲେ । ରାଜା ରଘୁଦାସଙ୍କ ଘରକୁ ଯାଇ ରଘୁଦାସଙ୍କୁ ଦେଖିଲେ । ଦାସଙ୍କର ଶରୀରଜ୍ଞାନ ନ ଥିଲା । ତାଙ୍କ ଶରୀରକ୍ରିୟାରୁ

ଜଣାପଡୁଥିଲା ତାଙ୍କ ଚେତନା କୌଣସି ଅଜ୍ଞାତ ରାଜ୍ୟରେ ବିଚରଣ କରୁଥିଲା । ସେ ହସ୍ତରେ ଭୋଜନ ଉଠେଇ କାହାର ମୁଖରେ ଦେଉଥିବା ଦେଖାଯାଉଥିଲା କିନ୍ତୁ ଗ୍ରହଣ କରୁଥିବା ବ୍ୟକ୍ତି ଦେଖାଯାଉ ନ ଥିଲେ । ରାଜା ଛିଡ଼ାହୋଇ ଦେଖୁଥା'ନ୍ତି । କିଛି ସମୟ ପରେ ଭଗବାନ୍ ଅନ୍ତର୍ଦ୍ଧାନ ହୋଇଗଲେ । ଭଗବାନଙ୍କ ବିୟୋଗରେ ତାଙ୍କ ନେତ୍ରରୁ ଅଶ୍ରୁଧାରା ବହିଲା । ସେ ବେଶୁଦ୍ଧ ଅବସ୍ଥାରେ ହାୟ ମୋ ପ୍ରଭୁ କୁଆଡ଼େ ଗଲେ କହି ଭୂମିରେ ଗଡ଼ିଗଲେ । ଏହି ଦୃଶ୍ୟ ଦେଖି ରାଜାଙ୍କ ହୃଦୟ ପ୍ରଭୁଙ୍କ ପ୍ରେମରେ ଉଛୁଳି ପଡ଼ିଲା । ତାଙ୍କ ନେତ୍ରରୁ ଅଶ୍ରୁବର୍ଷା ହେବାକୁ ଲାଗିଲା । ସେ ଦାସଙ୍କୁ ଦୁଇ ହାତରେ ଉଠାଇ ହୃଦୟରେ ଲଗାଇନେଲେ । କହିଲେ, ''ଦାସେ, ମୁଁ ତୁମକୁ ଆଜି ଦର୍ଶନ କରିବାରୁ ମୋ ଜୀବନ ସାର୍ଥକ ହୋଇଗଲା । ତୁମେ ପ୍ରେମରେ ଜଗନ୍ନାଥଙ୍କୁ ବଶ କରି ରଖିଛ । ତୁମ ପିତାମାତା ଧନ୍ୟ । ତୁମେ ଏହି ପୃଥିବୀକୁ ପବିତ୍ର କରିବାକୁ ଆସିଛ ।'' ଏହା କହି ତାଙ୍କ ହାତଧରି କ୍ଷେତ୍ରକୁ ଯିବା ସକାଶେ ପ୍ରଭୁଙ୍କ ଆଜ୍ଞା ଶୁଣାଇ ଦେଲେ ଏବଂ ପରିବାର ସହିତ ଦାସଙ୍କୁ କ୍ଷେତ୍ରକୁ ନେଇଯିବାର ବ୍ୟବସ୍ଥା ତତ୍‌କ୍ଷଣାତ୍ କରାଇଲେ । ରାଜାଙ୍କ ଆଜ୍ଞାରେ ହସ୍ତୀକୁ ନାନାପ୍ରକାରେ ସଜ କରାଇ ତା ପୃଷ୍ଠ ସିଂହାସନରେ ଦାସଙ୍କୁ ବସାଇ ଦିଆହେଲା । ତାଙ୍କ ମାତା ଏବଂ ଧର୍ମପତ୍ନୀଙ୍କ ସକାଶେ ମଧ୍ଯ ଉତ୍ତମ ସବାରିର ବ୍ୟବସ୍ଥା କରାହେଲା । ବହୁ ସମାରୋହରେ ଦାସଙ୍କୁ କ୍ଷେତ୍ରକୁ ନେଇ ଯାଉଥିବା ଦେଖି ଅପର୍ଯ୍ୟାପ୍ତ ଲୋକ ଦାସଙ୍କ ପଛେ ପଛେ ଚାଲିଲେ । କିଛି ସମୟ ପରେ ଆନନ୍ଦପୂର୍ବକ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପହଞ୍ଚିଲେ । ଶ୍ରୀଜଗନ୍ନାଥଙ୍କ ସହିତ ସୁଭଦ୍ରା ଏବଂ ବଳଭଦ୍ରଙ୍କୁ ଦର୍ଶନ କରି ଦାସେ ଆନନ୍ଦବିଭୋର ହୋଇଗଲେ । ଭଗବାନଙ୍କ ସେବାପୂଜା ସମାପ୍ତ ପରେ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଦାସେ ପରିବାର ସହିତ ରହିବାର ବ୍ୟବସ୍ଥା ରାଜା କରିଦେଲେ ଏବଂ ସେହି ସ୍ଥାନରେ ତାଙ୍କ ସକାଶେ ଉତ୍ତମ ଗୃହ ନିର୍ମାଣ କରି ତାଙ୍କ ଭୋଜନ ଏବଂ ଅନ୍ୟାନ୍ୟ ଆବଶ୍ୟକ ସକାଶେ ସ୍ଥାୟୀ ବ୍ୟବସ୍ଥା କରିଦେଲେ । ଦାସଙ୍କର ସମସ୍ତପ୍ରକାର ସୁବିଧା କରି ଦାସଙ୍କୁ ବହୁ ସମ୍ମାନ କରି ତାଙ୍କଠାରୁ ବିଦାୟ ନେଇ

ରାଜା ରାଜମହଲକୁ ଫେରିଗଲେ । ଦାସେ ପୁରୁଷୋତ୍ତମ କ୍ଷେତ୍ରରେ ବହୁତ ଆନନ୍ଦରେ ଭଗବତ୍ ସେବା ଏବଂ ଭଜନାନନ୍ଦରେ ଡୁବି ରହିଲେ । ସେ ଶ୍ରୀଜଗନ୍ନାଥଙ୍କ ଛଡ଼ା ଅନ୍ୟ କୌଣସି ଦେବାଦେବୀଙ୍କୁ ଜାଣୁ ନ ଥିଲେ । ଯେକୌଣସି ଦୁଃଖୀ-ଦରିଦ୍ରକୁ ଭୋଜନ ଦେଇ ସନ୍ତୋଷ କରୁଥିଲେ । ଜୀବିତ ଥିବା ପର୍ଯ୍ୟନ୍ତ ଭଗବତ୍ ଭକ୍ତିରେ ଡୁବି ରହୁଥିଲେ । ଏବଂ ଅସଂଖ୍ୟ ନରନାରୀଙ୍କୁ ଭଗବତ୍ ସମ୍ମୁଖ କରାଇ ସେମାନଙ୍କୁ ଜନ୍ମମରଣ ଦୁଃଖତାପରୁ ମୁକ୍ତ କରାଇଥିଲେ । ଉପଯୁକ୍ତ ସମୟରେ ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ନିତ୍ୟ ଧାମରେ ଭଗବତ୍ ସେବା ପ୍ରାପ୍ତ ହୋଇଥିଲା । ତାଙ୍କ ଜୀବନରେ ବହୁ ଅଦ୍ଭୁତ ଘଟନା ଘଟିଥିଲା । କିନ୍ତୁ 'ଦାର୍ଢ୍ୟତା ଭକ୍ତି'ଗ୍ରନ୍ଥର ରଚୟିତା ଦାସଙ୍କ ଜୀବନ-ଘଟନାରୁ ଯେତିକି 'ଦାର୍ଢ୍ୟତା ଭକ୍ତି'ରେ ବର୍ଣ୍ଣନ କରିଥିଲେ ତାହାରି ମୂଳଗତ ତଥ୍ୟ କିଛିମାତ୍ର ପରିବର୍ତ୍ତନ ନ କରି ତା'ରି ଆଧାରରେ ଏହି ଲେଖାଟି ସମାପ୍ତ କରି ଶ୍ରୀମା ଶ୍ରୀଅରବିନ୍ଦଙ୍କ ଚରଣରେ ନିବେଦନ କଲି ।

ଭଗବାନଙ୍କ ଭକ୍ତ ସଂସାରକୁ ଆସି ତାଙ୍କ ଭଗବତ୍ ଭକ୍ତି ପ୍ରଭାବରେ ବହୁ ଦୁଃଖତାପ ପୀଡ଼ିତ ନରନାରୀଙ୍କୁ ଜନ୍ମମରଣ ଭବସାଗରରୁ ଉଦ୍ଧାର କରିଦିଅନ୍ତି । ସେ ନଶ୍ୱର ଶରୀର ତ୍ୟାଗ କରି ଭଗବାନଙ୍କୁ ପ୍ରାପ୍ତ ହେବା ପରେ ବି ତାଙ୍କ ଭକ୍ତି-ପ୍ରଭାବ ସଂସାର ବାତାବରଣରେ ଅକ୍ଷୟ ହୋଇ ରହିଥାଏ । କେବେ କୌଣସି ବ୍ୟକ୍ତି ତାଙ୍କୁ ସ୍ମରଣ କରିବା, ତାଙ୍କ ଜୀବନଚରିତ ପଢ଼ିବା ଦ୍ୱାରା ତା' ମଧ୍ୟରେ ତାଙ୍କ ଭକ୍ତି ପ୍ରଭାବ ପ୍ରବେଶ କରି ତାକୁ ଉଚିତ ମାର୍ଗର ନିର୍ଦ୍ଦେଶ ଦିଏ । ଏହା କେବଳ କଳ୍ପନା ନୁହେଁ, ପ୍ରତ୍ୟକ୍ଷ ଘଟନା ।

ବାଲ୍ୟାବସ୍ଥାରେ ମୋର ଯେତେବେଳେ ସାତ ଆଠ ବର୍ଷ ବୟସ ହୋଇଥିଲା ସେହି ସମୟରେ ଭଗବାନଙ୍କ କୃପାରୁ ଦାର୍ଢ୍ୟତା ଭକ୍ତି ଗ୍ରନ୍ଥଟି ପଢ଼ିବାର ସୁଯୋଗ ପାଇଥିଲି । ଏହି ରଘୁଦାସଙ୍କ ଚରିତ୍ର ପ୍ରଭାବରୁ ମୋ ଜୀବନର ଧାରା ପରିବର୍ତ୍ତିତ ହୋଇଥିଲା ।

ବୋଲ ଭକ୍ତ ଏବଂ ତାଙ୍କ ଭଗବାନଙ୍କୁ ଜୟ ।

## ଭକ୍ତ ରଘୁନାଥ

ଭକ୍ତ ରଘୁନାଥଙ୍କ* ପିତାଙ୍କ ନାମ କୃଷ୍ଣଚନ୍ଦ୍ର ମହାପାତ୍ର ଓ ମାତାଙ୍କ ନାମ କମଳା ଦେବୀ ଥିଲା । କୃଷ୍ଣଚନ୍ଦ୍ର ମହାପାତ୍ର ବହୁତ ବଡ଼ ଧନାଢ଼୍ୟ ଜମିଦାର ଥିଲେ । ସେ ବଙ୍ଗଳା ପ୍ରାନ୍ତ ହରିପୁର ନାମରେ ଗୋଟିଏ ଛୋଟ ସହରରେ ନିବାସ କରୁଥିଲେ । ତାଙ୍କର ପର୍ଯ୍ୟାପ୍ତ ଧନ ଥିବା ସତ୍ତ୍ୱେ ସେ ଲୋଭୀ କିଂବା କୃପଣ ନ ଥିଲେ । ଅତିଥି ଅଭ୍ୟାଗତ କେହି ତାଙ୍କ ଦ୍ୱାରରୁ ଫେରୁ ନ ଥିଲେ । ସାଧୁସନ୍ଥଙ୍କ ସେବା ହେଉଥିଲା । ତାଙ୍କ ପତ୍ନୀ କମଳାଦେବୀ ଥିଲେ ପତିପରାୟଣା ଏବଂ ସାଧ୍ୱୀ । ପତି-ଆଜ୍ଞା ଶିରୋଧାର୍ଯ୍ୟ କରି ପତିଙ୍କ କାର୍ଯ୍ୟରେ ସେ ସଂପୂର୍ଣ୍ଣରୂପେ ସହଯୋଗ କରୁଥିଲେ ।

ସଦାଚାରୀ ଧାର୍ମିକ ଗୃହସ୍ଥଙ୍କ ଗୃହରେ ଭକ୍ତ, ଯୋଗୀ, ମହାପୁରୁଷମାନେ ଜନ୍ମଗ୍ରହଣ କରନ୍ତି । କୃଷ୍ଣଚନ୍ଦ୍ର ତଥା କମଳାଦେବୀଙ୍କ ଆନ୍ତରିକ ସତ୍ ସଂକଳ୍ପର ଫଳସ୍ୱରୂପ ତାଙ୍କୁ ଭକ୍ତ ରଘୁନାଥ ପୁତ୍ରରୂପେ ପ୍ରାପ୍ତ ହୋଇଥିଲେ । ରଘୁଙ୍କର କୌଣସି ଭାଇ ଭଉଣୀ ନ ଥିଲେ । ରଘୁନାଥଙ୍କୁ ଜନ୍ମସଂସ୍କାରଗତ ଭଗବତ୍ ଭକ୍ତି ବାଲ୍ୟାବସ୍ଥାରୁ ପ୍ରାପ୍ତ ହୋଇଥିଲା । ତାଙ୍କ ଭଗବତ୍ ଭକ୍ତି ବୃଦ୍ଧି ହେବାରେ ପିତାମାତାଙ୍କ ସତ୍ ଆଚରଣ, ଅତିଥି ଅଭ୍ୟାଗତ ଓ ସନ୍ଥସେବା ବହୁତ ଅଧିକ ସାହାଯ୍ୟ କରିଥିଲା । ସେ ବାଲ୍ୟାବସ୍ଥାରୁ ମନ୍ଦିରକୁ ଯାଇ ଭଗବାନଙ୍କୁ ଦର୍ଶନ କରୁଥିଲେ । ସାଧୁସନ୍ଥଙ୍କୁ ଦେଖି ଭକ୍ତିଭରେ ପ୍ରଣାମ କରି ନିଜ ଘରକୁ ଡାକିଆଣି ସେବା କରୁଥିଲେ । ପ୍ରାଣୀମାତ୍ର ପ୍ରତି ଦୟା — ତାଙ୍କ ସ୍ୱଭାବରେ ପରିଣତ ହୋଇଥିଲା । ସ୍ୱାର୍ଥ ଓ ହିଂସାରୁ ସେ ସର୍ବଦା ଦୂରରେ ଥିଲେ ।

ଦିନ ଯିବାରେ ସମୟ ଲାଗେ ନାହିଁ । ଦେଖୁ ଦେଖୁ ରଘୁନାଥଙ୍କ ବୟସ ହେଲା ଷୋହଳ । ସେସମୟରେ କନ୍ୟାର ବାଲ୍ୟାବସ୍ଥା ଓ ପୁତ୍ରର କିଶୋର

---

* ଭକ୍ତ ରଘୁନାଥଙ୍କ ଚରିତ ଉତ୍କଳ ଭାଷାରେ 'ଦାର୍ଢ୍ୟତା ଭକ୍ତି' ଗ୍ରନ୍ଥରେ 'ରଘୁ ଅରକ୍ଷିତ' ନାମରେ ପ୍ରସିଦ୍ଧ ।

ଅବସ୍ଥାରେ ବିବାହ-ପ୍ରଥା ଥିଲା । ଏହି ପ୍ରଥା ଭାରତବର୍ଷରେ ଅଷ୍ଟାଦଶ ଶତାବ୍ଦୀର ଶେଷପର୍ଯ୍ୟନ୍ତ ପ୍ରଚଳିତ ହୋଇ ଆସୁଥିଲା । କୃଷ୍ଣଚନ୍ଦ୍ର ପୁତ୍ର ରଘୁନାଥଙ୍କ ବିବାହଯୋଗ୍ୟ ବୟସ ପ୍ରାପ୍ତି ହେବା ଜାଣି ଅତି ଉତ୍ସାହ ସହ ବହୁତ ସମାରୋହରେ ମଧ୍ୟବଙ୍ଗଳାର କଳାବତୀପୁର ଗ୍ରାମର ଗଙ୍ଗାଧର କରଣଙ୍କ ରୂପଗୁଣସମ୍ପନ୍ନା କନ୍ୟା ଅନ୍ନପୂର୍ଣ୍ଣାଙ୍କ ସହିତ ବିବାହ ନିଧାର୍ଯ୍ୟ କରିଦେଲେ । ସେତେବେଳେ ଅନ୍ନପୂର୍ଣ୍ଣାଙ୍କ ବୟସ ମାତ୍ର ନ' ବର୍ଷ । ଗଙ୍ଗାଧର ଯେପରି ଶକ୍ତିଶାଳୀ ଜମିଦାର ଥିଲେ, ସେହିପରି ଧନସମ୍ପତ୍ତି ମଧ୍ୟ ପର୍ଯ୍ୟାପ୍ତ ଥିଲା । ତାଙ୍କର ଥିଲେ ସାତ ପୁଅ । ଅନ୍ନପୂର୍ଣ୍ଣା ଥିଲେ ସବୁ ଭାଇଙ୍କଠାରୁ କନିଷ୍ଠା ଏକମାତ୍ର କନ୍ୟା । ଗଙ୍ଗାଧର ଏବଂ ତାଙ୍କ ପରିବାର ବହୁ ଧନଲୋଭୀ, କୃପଣ ତଥା ପ୍ରଜାଶୋଷକ ଥିଲେ । ସେମାନେ ଧନସଞ୍ଚୟ କରିବାରେ ଥିଲେ ପ୍ରବଳ ଧୁରନ୍ଧର । ଅନ୍ନପୂର୍ଣ୍ଣା ଏକମାତ୍ର କନ୍ୟା ଥିବାରୁ ତାଙ୍କ ପ୍ରତି ପିତାମାତା ତଥା ଭାଇମାନଙ୍କର ଅତ୍ୟନ୍ତ ସ୍ନେହ ଥିଲା । ତାଙ୍କୁ ବାଲ୍ୟାବସ୍ଥାରୁ ଅତ୍ୟନ୍ତ ଅଳିଅଳରେ ଲାଳନପାଳନ କରିଆଣିଥିଲେ । ସେହି ସ୍ନେହଯୋଗୁଁ ସେମାନେ ଧନ ପ୍ରତି ଲୋଭ ନ ରଖି, କୃପଣତାକୁ ଭୁଲି ପ୍ରଚୁର ଅର୍ଥ ବ୍ୟୟ କରି ତାଙ୍କର ବିବାହ ବହୁ ସମାରୋହରେ ସମ୍ପନ୍ନ କଲେ । ଯୌତୁକ ଦେବାରେ ସେମାନେ ଥିଲେ ମୁକ୍ତହସ୍ତ । ସେସମୟର ପ୍ରଥାନୁସାରେ ବିବାହ ପରେ ବୋହୂ ଅଳ୍ପଦିନ ସକାଶେ ଶଶୁରଘରକୁ ଆସେ ଏବଂ ନ' ଦିନ କିଂବା ଅଠର ଦିନ ରହି ପିତାଗୃହକୁ ପ୍ରତ୍ୟାବର୍ତ୍ତନ କରେ । ଏହି ନିୟମ ଅନୁସାରେ ଅନ୍ନପୂର୍ଣ୍ଣା ମଧ୍ୟ ପତିଗୃହରୁ ଫେରି ପିତାଙ୍କ ଗୃହରେ ନିବାସ କଲେ । ଏହାପରେ ରଘୁନାଥ ଏବଂ ଅନ୍ନପୂର୍ଣ୍ଣାଙ୍କ ଜୀବନର ଘାଟିମୋଡ଼ ତଥା କଠୋର ପରୀକ୍ଷାର ସମୟ ଉପସ୍ଥିତ ହେଲା ।

ସେସମୟରେ ସ୍କୁଲ କଲେଜ ନ ଥିଲା । ଘରେ ଅଧ୍ୟାପକ ରହି ପିଲାମାନଙ୍କୁ ବିଦ୍ୟା ଶିକ୍ଷା ଦେଉଥିଲେ । ରଘୁ ମଧ୍ୟ ଘରେ ଅଧ୍ୟାପକଙ୍କଠାରୁ ବିଦ୍ୟାଶିକ୍ଷା କରିଥିଲେ । ବିବାହ ପର୍ଯ୍ୟନ୍ତ ସେ ଥିଲେ ଛାତ୍ର । ଜମିଦାରୀ ମହାଜନୀ କାର୍ଯ୍ୟ ପିତା କୃଷ୍ଣଚନ୍ଦ୍ର ବୁଝୁଥିଲେ । ସେସମ୍ବନ୍ଧେ ରଘୁନାଥ କିଛି ବି ଜାଣି ନ ଥିଲେ । ଠିକ୍ ବିବାହ ପରେ ପରେ ପ୍ରବଳ ବନ୍ୟାରେ ଫସଲ ନଷ୍ଟ ହେଲା,

ଲୋକମାନଙ୍କ ଘରଦ୍ୱାର ଭାସିଗଲା, ବହୁତ ଲୋକ ପ୍ରାଣ ହରାଇଲେ । ଘର ଭାସିଯିବାରୁ ଗଚ୍ଛିତ ଥିବା ଧାନ, ଚାଉଳ ନଷ୍ଟ ହୋଇଗଲା । ବନ୍ୟା ଛାଡ଼ିବା ପରେ ଲୋକମାନେ କ୍ଷୁଧାରେ ଆର୍ତ୍ତନାଦ ଛାଡ଼ିଲେ । ଦୟାର୍ଦ୍ର କୃଷ୍ଣଚନ୍ଦ୍ର କ୍ଷୁଧାର୍ତ୍ତଙ୍କ ବିକଳ ଆର୍ତ୍ତନାଦ ସହି ନ ପାରି ଗଚ୍ଛିତ ଥିବା ସବୁ ଧାନ, ଚାଉଳ ବିତରଣ କରିଦେଲେ ଏବଂ ଘରେ ଥିବା ସୁନା, ରୁପା, ଟଙ୍କା ଦେଇ ଧାନ, ଚାଉଳ ଖରିଦ କରି ଲୋକଙ୍କୁ ସାହାଯ୍ୟ କଲେ । ଏହିପରି ଲଗାଲଗି ଦୁଇ ତିନି ବର୍ଷ ବନ୍ୟା ତଥା ମରୁଡ଼ି ଯୋଗୁଁ ଶସ୍ୟ ଉତ୍ପନ୍ନ ହେଲା ନାହିଁ । ପ୍ରଜାଙ୍କଠାରୁ ଖଜଣା ଆଦାୟ କରିବା ଦୂରେଥାଉ ଘରେ ଯାହା ଥିଲା ବିକ୍ରି କରି କୃଷ୍ଣଚନ୍ଦ୍ର ଦରିଦ୍ରଙ୍କୁ ଦାନ କଲେ । ଦୁର୍ଭିକ୍ଷରେ ଜନତା ପୀଡ଼ିତ ତଥା ନିଜର ସମ୍ପତ୍ତିନଷ୍ଟ ଚିନ୍ତାରେ କୃଷ୍ଣଚନ୍ଦ୍ର ଭୀଷଣ ରୋଗରେ ଆକ୍ରାନ୍ତ ହୋଇପଡ଼ିଲେ !

ବୈଦ୍ୟ, କବିରାଜଙ୍କ ଦ୍ୱାରା ବହୁତ ଉପଚାର କରାହେଲା କିନ୍ତୁ କୌଣସି ଫଳ ହେଲା ନାହିଁ । ରୋଗ ବଢ଼ିବାକୁ ଲାଗିଲା । ତାଙ୍କ ପାଖରେ ବସି ରଘୁନାଥ ଏବଂ କମଳାଦେବୀ ରୋଦନ କରୁଥା'ନ୍ତି । ସେମାନଙ୍କୁ ସାନ୍ତ୍ୱନା ଦେଇ କୃଷ୍ଣଚନ୍ଦ୍ର ରଘୁନାଥଙ୍କୁ ପାଖକୁ ଡାକି ମୁଣ୍ଡ ଆଉଁସି ହାତ ଧରି କହିଲେ, ''ତୁମ୍ଭେମାନେ ଚିନ୍ତା କର ନାହିଁ, ଏହି ସଂସାରରୁ ଦିନେ ସମସ୍ତଙ୍କୁ ଯିବାକୁ ହେବ । ମୋର ସମୟ ହୋଇଗଲା, ମୁଁ ଯାଉଛି । ତୁମ୍ଭମାନଙ୍କୁ ଭଗବାନ୍ ରକ୍ଷା କରିବେ । ମୋର ଯାହା କରଜ ଅଛି ସେସବୁକୁ ସମ୍ପତ୍ତିବାଡ଼ି ବିକି ଶୁଝିଦେବୁ ।'' ଏତିକି କହି ଭଗବତ୍ ନାମ ସ୍ମରଣପୂର୍ବକ ସେ ନଶ୍ୱର ଶରୀର ପରିତ୍ୟାଗ କଲେ ।

ପତିବ୍ରତା କମଳାଦେବୀ ପତିଙ୍କ ସହିତ ତାଙ୍କ ଚିତାଗ୍ନିରେ ଝାସ ଦେଲେ । ଏକା ରହିଲେ ରଘୁନାଥ । ପିତାମାତାଙ୍କ ବିୟୋଗରେ ତାଙ୍କୁ ଅପାର ଦୁଃଖ ହେଲା । ନିଜକୁ ଅସହାୟ ମନେକରି ଦୁଃଖ-ସାଗରରେ ବୁଡ଼ିଗଲେ । ଅନ୍ୟମାନେ ବହୁତ ବୁଝାଇବାରୁ କର୍ମଚାରୀ, ଚାକରବାକର, ସାଇପଡ଼ିଶା, ବନ୍ଧୁବାନ୍ଧବଙ୍କ ସାହାଯ୍ୟରେ ପିତାମାତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ଉତ୍ତମରୂପେ ସମାପ୍ତ କଲେ ଏବଂ ପିତାଙ୍କ କହିବାନୁସାରେ ସମ୍ପତ୍ତିବାଡ଼ି ବିକ୍ରି କରି ମହାଜନଙ୍କ କରଜ ଶୁଝିଦେଲେ ।

ରଘୁନାଥ ବାଲ୍ୟକାଳରୁ ଅଧିକ ସ୍ନେହରେ ଲାଳିତପାଳିତ

ହୋଇଆସିଥିଲେ । ଗୃହପରିଚାଳନା ତଥା ଜମିଦାରି ବୁଝିବା କାର୍ଯ୍ୟରେ ତାଙ୍କର ଅଭିଜ୍ଞତା ନ ଥିଲା । କର୍ମଚାରୀ, ଚାକରମାନେ ଯେଉଁଠି ଯାହା ପାଇଲେ ଘେନି ପଳାଇଗଲେ । ଖଜଣା ଆଦାୟ ହେଲା ନାହିଁ । ନିର୍ଦ୍ଦିଷ୍ଟ ସମୟରେ ମାଲଗୁଜାରି ନ ଦେବାରୁ ଜମିଦାରି ନିଲାମ ହୋଇଗଲା । ଏହିରୂପେ ଅଳ୍ପ ବର୍ଷରେ ରଘୁନାଥଙ୍କ ସମସ୍ତ ସମ୍ପତ୍ତି ନଷ୍ଟ ହୋଇଗଲା । ସେ ଦରିଦ୍ର ହୋଇଗଲେ । ସମ୍ପଦରେ ବହୁ ମିତ୍ର ହୁଅନ୍ତି, କିନ୍ତୁ ବିପଦରେ କେହି ମୁଖ ଦେଖାନ୍ତି ନାହିଁ ।

ରଘୁନାଥଙ୍କ ଶଶୁର ଗଙ୍ଗାଧରଙ୍କର ପ୍ରଚୁର ସମ୍ପତ୍ତି ଥିଲା । କିନ୍ତୁ ରଘୁନାଥଙ୍କ ଅଯୋଗ୍ୟତାରୁ ସମସ୍ତ ସମ୍ପତ୍ତି ନଷ୍ଟ ହେବା ଯୋଗୁଁ ସେ ରଘୁନାଥଙ୍କୁ କୌଣସି ସାହାଯ୍ୟ କରିବା ଦୂରେଥାଉ ତାଙ୍କୁ ଆଦୌ ପଚାରିଲେ ବି ନାହିଁ । ଅନ୍ନପୂର୍ଣ୍ଣା ବିବାହ ପରେ ପତିଗୃହରୁ ଫେରିଯିବା ପରେ ପୁନରାୟ ପତିଗୃହକୁ ଆସି ନ ଥିଲେ । ତାଙ୍କର ବୟସ ସେତେବେଳେ ବାର କିଂବା ତେର ବର୍ଷ ହୋଇଥିଲା । ତାଙ୍କୁ ରଘୁନାଥଙ୍କ ଦରିଦ୍ରତା ବିଷୟରେ ଅଧିକ ଜଣା ନ ଥିଲା । ଜାଣିଥିଲେ ବି ସେ କ'ଣ ବା କରିଥାନ୍ତେ ।

ରଘୁନାଥଙ୍କର ବାଲ୍ୟାବସ୍ଥାରୁ ଭଗବତ୍ ଭକ୍ତି ଥିଲା । ପିତାମାତାଙ୍କ ମୃତ୍ୟୁ ତଥା ସମ୍ପତ୍ତି ନଷ୍ଟ ହେବା ପରେ ତାଙ୍କ ବୈରାଗ୍ୟ ତୀବ୍ର ହୋଇଗଲା । ସେ ଭଗବତ୍ ନାମ ସ୍ମରଣ କରି ଗୃହ ପରିତ୍ୟାଗ କଲେ । ତାଙ୍କ ମୁଖରୁ ଭଗବାନଙ୍କ ନାମ ଉଚ୍ଚାରିତ ହେଉଥାଏ । ହୃଦୟରେ ଭଗବାନଙ୍କ ଧ୍ୟାନ ଆନନ୍ଦରେ ସେ ମଗ୍ନ ଥା'ନ୍ତି । ଭିକ୍ଷା କରି ସେ ଭୋଜନ କରନ୍ତି । ବିଧାତାର ବିଧାନ ବିଚିତ୍ର । ଯେଉଁ ରଘୁନାଥ ଦୁଧଫେଣ ସଦୃଶ ଶେଯରେ ଶୋଉ ଥିଲେ, ଯାହାଙ୍କ ସେବାରେ କେତେ ଦାସଦାସୀ ଥିଲେ, ଯାହାଙ୍କୁ ବିବିଧ ପ୍ରକାର ମିଷ୍ଟାନ୍ନ ରୁଚୁ ନ ଥିଲା, ଯେ ଧନୀ ପିତାମାତାଙ୍କ ନୟନତାରା ହୋଇଥିଲେ, ସେହି ରଘୁନାଥ ଆଜି ଅରକ୍ଷିତ । ମାଗିବାରେ ଯାହା ମିଳିଲା ତା' ଖାଉଛନ୍ତି; ମଇଳା ଛିଣ୍ଡା ଲୁଗା ପିନ୍ଧୁଛନ୍ତି, କାହା ପିଣ୍ଡାରେ କିଂବା ଗଛ ମୂଳରେ ଶୋଉଛନ୍ତି । ଆଜି ଯଦି କୁବେରସମ ଧନପତି ଜମିଦାର ପିତା କୃଷ୍ଣଚନ୍ଦ୍ର ଏବଂ ମାତା କମଳାଦେବୀ ପୁତ୍ର ରଘୁନାଥଙ୍କୁ ଏହି ଭିକାରି ଅରକ୍ଷିତ ଅବସ୍ଥାରେ ଦେଖନ୍ତେ ତେବେ ସେମାନଙ୍କ

ହୃଦୟ ଦୁଇଫାଳ ହୋଇ ଫାଟିଯାନ୍ତା । ହାୟରେ ଦୈବ, ତୋ ବିଧାନ କେତେ ନିଷ୍ଠୁର ! କାଲି ଯେ ରାଜା ଆଜି ସେ ପଥର ଭିକାରି ! ତୋର ଟିକେ ଦୟାମାୟା ନ ଥାଏ !

ଭଗବାନଙ୍କ କୃପା ବୁଝିବା ସ୍ଥୂଳବୁଦ୍ଧି ପକ୍ଷେ ଅଗମ୍ୟ । ଭଗବାନ୍ କାହାକୁ କୃପା କରି ଧନସମ୍ପତ୍ତି ଢାଳିଦିଅନ୍ତି, କାହା ଉପରେ କୃପା କରି ତା'ର ଧନସମ୍ପତ୍ତି ଅପହରଣ କରି ନିଜର କରିନିଅନ୍ତି । ଜୀବ ସକାଶେ ଯଥାର୍ଥ ଭଗବାନଙ୍କ କୃପା ବା ଭଗବତ୍ ଭକ୍ତି ପରମ ଅମୂଲ୍ୟ ସମ୍ପଦ, ଶରୀର ଧାରଣ କରିବାର ସାର୍ଥକତା । ଯେଉଁ ଧନସମ୍ପତ୍ତି, ଅଧିକାର, ମାନସମ୍ମାନ ଭଗବାନଙ୍କଠାରୁ ଦୂରକୁ ନେଇଯାଏ ସେସବୁ ଯଥାର୍ଥରେ ଦୁଃଖଦ୍ୱନ୍ଦ୍ୱର କାରଣ । ଭଗବାନଙ୍କ ଅହେତୁକୀ କୃପା ରଘୁନାଥଙ୍କ ଉପରେ ହୋଇଛି । ଧନସମ୍ପତ୍ତି, ମାନସମ୍ମାନରୂପକ ଦୃଢ଼ବନ୍ଧନରୁ ସେ ମୁକ୍ତ ହୋଇଛନ୍ତି । ଭଗବତ୍ ଭକ୍ତି ଯୋଗୁଁ ଭିକ୍ଷାନ୍ନ ତାଙ୍କୁ ମହାନ୍ ଆନନ୍ଦ ଦେଉଛି । ସେ ସଂସାର-ବନ୍ଧନରୁ ମୁକ୍ତ ହୋଇ ନିର୍ଦ୍ୱନ୍ଦ୍ୱ ହେବାରୁ ତାଙ୍କ ଭଗବତ୍ ଭକ୍ତିର ବୃଦ୍ଧି ସଙ୍ଗେ ସଙ୍ଗେ ଜ୍ଞାନ-ସୂର୍ଯ୍ୟ ମଧ ଉଦିତ ହୋଇଛି । ସେ ଭାବୁଛନ୍ତି – ''ମୁଁ ଏଠାରେ ରହିବି କାହିଁକି ? ମୋର ପ୍ରଭୁ ତ୍ରିଭୁବନ କର୍ତ୍ତା, ଭକ୍ତି ମୁକ୍ତିଦାତା, ଦୀନଜନର ଆଶ୍ରୟଦାତା, ଭକ୍ତବାଞ୍ଛା କଳ୍ପତରୁ ନୀଳାଚଳ ପୁରୁଷୋତ୍ତମ କ୍ଷେତ୍ରରେ ବିରାଜମାନ ହୋଇଛନ୍ତି । ସେହି ପରମପ୍ରଭୁଙ୍କ ଚରଣ ଦର୍ଶନ କରି ମୋର ସମସ୍ତ ଦୁଃଖକଷ୍ଟ ଜଣାଇବି । ତାଙ୍କ ମହାପ୍ରସାଦ କୈବଲ୍ୟ ଭୋଜନ କରି ତାଙ୍କ ନାମଗୁଣ ଗାନ କରି ତାଙ୍କର ଚରଣ ଦର୍ଶନ କରି ଜୀବନ ବିତାଇବି । ସେହି ପୁଣ୍ୟ କ୍ଷେତ୍ରରେ ଶରୀର ତ୍ୟାଗ କରି ପ୍ରଭୁଙ୍କ ଚରଣ ପ୍ରାପ୍ତ ହେବି ।'' ଏହା ଭାବି ସେ ଶ୍ରୀକ୍ଷେତ୍ରକୁ ଯାତ୍ରାରମ୍ଭ କଲେ । କିଛିଦିନ ପରେ ପୁରୀକ୍ଷେତ୍ରରେ ପହଞ୍ଚିଲେ । ପ୍ରଭୁଙ୍କ ବଡ଼ଦାଣ୍ଡ ଦେଖି ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ଆନନ୍ଦମଗ୍ନ ହୋଇ ଦର୍ଶନ ଉଦ୍ଦେଶ୍ୟରେ ମନ୍ଦିରରେ ପ୍ରବେଶ କଲେ । ଗରୁଡ଼ସ୍ତମ୍ଭ ପାଖରେ ଛିଡ଼ାହୋଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଦେହଶୁଦ୍ଧି ଭୁଲିଗଲେ ଏବଂ ସେଠାରେ ପ୍ରାର୍ଥନା କଲେ, ''ପ୍ରଭୁ, ମୋ ମାତାପିତା ଦୁହେଁ ମୋତେ ଅରକ୍ଷିତ କରି ଛାଡ଼ି ଚାଲିଗଲେ । ସଂସାରରେ ମୋର ରକ୍ଷାକର୍ତ୍ତା କେହି ନାହିଁ । ପ୍ରଭୁ,

ମୁଁ ତୁମ ଚରଣରେ ଶରଣ ପଶୁଛି । ମୋତେ ନିଜର କିଣାଦାସ ଜାଣି ଅଭୟ ଚରଣରେ ଶରଣ ଦିଅ ।'' — ଏହିପରି ପ୍ରଭୁଙ୍କୁ ସ୍ତୁତି କରୁ କରୁ ଦୁଇ ନୟନରୁ ଅଶ୍ରୁବର୍ଷା ହେବାକୁ ଲାଗିଲା, କଣ୍ଠ ରୁଦ୍ଧ ହୋଇଗଲା । ରଘୁନାଥ ଅନୁଭବ କଲେ ଯେପରି ପ୍ରଭୁ ଅଭୟ କର ପ୍ରସାରି ଅଭୟ ଦେଇ କହୁଛନ୍ତି — ''ରଘୁନାଥ, ଭୟ ନାହିଁ, ମୁଁ ତୋତେ ବହୁ ପୂର୍ବରୁ ଶରଣରେ ସ୍ୱୀକାର କରିଛି । ନିର୍ଭୟରେ ମୋରି କ୍ଷେତ୍ରରେ ରହି ମହାପ୍ରସାଦ ସେବନ କରି ଆନନ୍ଦରେ ନିବାସ କର ।'' ରଘୁନାଥଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେହି ଦିନଠାରୁ ସେ ଭଗବତ୍ ନାମ ସ୍ମରଣପୂର୍ବକ ପରମାନନ୍ଦରେ ମଗ୍ନ ହୋଇ କ୍ଷେତ୍ରରେ ବିଚରଣ କରନ୍ତି । ସନ୍ଥମାନଙ୍କ ମଠ ଏବଂ ମନ୍ଦିରରୁ ଭିକ୍ଷାରେ ଯାହା ମହାପ୍ରସାଦ ମିଳେ ତାହାହିଁ ଭୋଜନ କରି ରାତ୍ରିରେ ସିଂହଦ୍ୱାର ବଡ଼ଦାଣ୍ଡ ସଡ଼କରେ ଶୋଇଯାନ୍ତି । ମଙ୍ଗଳଆରତି ସମୟରୁ କେଇ ଘଣ୍ଟାପର୍ଯ୍ୟନ୍ତ ଗରୁଡ଼ସ୍ତମ୍ଭ ପାଖରେ ଛିଡ଼ାହୋଇ ଭଗବତ୍ ନାମସ୍ମରଣ ତଥା ସ୍ତୁତିରେ ଆନନ୍ଦମଗ୍ନ ହୋଇଯାନ୍ତି ଏବଂ ପରେ ଭଗବତ୍ ନାମସ୍ମରଣ ପୂର୍ବକ ମନ୍ଦିର ହତା ମଧ୍ୟରେ କିଂବା ମଠମାନଙ୍କରେ ମହାପ୍ରସାଦ ଭିକ୍ଷା କରି ଶ୍ରୀକ୍ଷେତ୍ରରେ ବିଚରଣ କରନ୍ତି । ଭଗବତ୍ ଭକ୍ତିର ଆନନ୍ଦରେ ତାଙ୍କର ସମସ୍ତ ଦୁଃଖକଷ୍ଟ ବିସ୍ମରଣ ହୋଇଗଲା । ନିଜର ବିବାହିତା ପତ୍ନୀଙ୍କର ସ୍ମୃତି ବି ରହିଲା ନାହିଁ ।

ରଘୁନାଥଙ୍କ ଶ୍ୱଶୁର ଗଙ୍ଗାଧର ରଘୁନାଥଙ୍କ ସମ୍ପତ୍ତି ନଷ୍ଟ ହେବା ଖବର ଆଗରୁ ପାଇଥିଲେ । କିନ୍ତୁ ଗ୍ରାମେ ଗ୍ରାମେ ଅରକ୍ଷିତରୂପେ ଭିକ୍ଷା ମାଗିବା ତଥା ପୁରୀକ୍ଷେତ୍ରରେ ଭିକାରିରୂପେ ଭିକ୍ଷା ମାଗି ଜୀବନଧାରଣ କରୁଥିବା ଖବର ପାଇ ରଘୁନାଥଙ୍କୁ ବହୁତ ଘୃଣା କଲେ ତଥା କୁତ୍ସିତ କଠୋର ଶବ୍ଦରେ ଗାଳିଦେଲେ । ସଙ୍ଗେ ସଙ୍ଗେ ନିଜ ସ୍ତ୍ରୀ ତଥା ପୁତ୍ରମାନଙ୍କୁ ଡାକି ରଘୁନାଥଙ୍କ ଭିକାରି ଆଚରଣକୁ ତୀବ୍ରଭାବେ ସମାଲୋଚନା କଲେ । ସେ କହିଲେ, ''ରଘୁନାଥର ପିତା କୃଷ୍ଣଚନ୍ଦ୍ର ମହାପାତ୍ର ଯେତେବେଳେ ଧନାଢ଼୍ୟ ଜମିଦାର ଥିଲେ ସେତେବେଳେ ଆମ୍ଭେ ନିଜ କନ୍ୟାକୁ ଜମିଦାର ପୁତ୍ର ରଘୁନାଥକୁ ବିବାହ ଦେଇଥିଲୁ, ଭିକାରି ରଘୁ ଅରକ୍ଷିତକୁ ଦେଇ ନ ଥିଲୁ । ସେତେବେଳେ

ସେ ଆସ୍ଥର ସମାସ୍କନ୍ଦ ଥିଲା । ଆଜି ରଘୁନାଥ ଜମିଦାର ପୁତ୍ର ରହିଲା ନାହିଁ । ସେ ଦାଣ୍ଡର ଭିକାରି ରଘୁ ଅରକ୍ଷିତ । ସ୍ନେହରେ ଲାଳିତପାଳିତ, ଦାସ-ଦାସୀ ଦ୍ୱାରା ସେବିତ, ସୁଶୀଳା, ସଦ୍‌ଗୁଣଯୁକ୍ତା, ସାତପୁତ୍ରରେ ଏକମାତ୍ର ଅଲିଅଳ କନ୍ୟାକୁ ଭିକାରି ରଘୁ ଅରକ୍ଷିତକୁ ଦେବା ଘୋର ଅନ୍ୟାୟ ହେବ । ମୋ କନ୍ୟା କ'ଣ ଭିକାରି ସହିତ ଭିକ ମାଗିବ ? ଆମ୍ଭେ କ'ଣ ସମାଜରେ ମୁଖ ଦେଖାଇ ପାରିବା ?'' ଗଙ୍ଗାଧରଙ୍କ ଏହି ବାକ୍ୟରେ ସାତପୁତ୍ର ଏବଂ ପତ୍ନୀ ଏକସ୍ୱରରେ କହିଲେ, ''କଦାପି ହେବ ନାହିଁ, ଅନ୍ନପୂର୍ଣ୍ଣାକୁ ଉତ୍ତମ ସ୍ଥାନରେ ବିବାହ ଦେବା ।'' ଗଙ୍ଗାଧର ଯେପରି ଅଧର୍ମୀ ତାଙ୍କ ପତ୍ନୀ ତଥା ପୁତ୍ରମାନେ ବି ସେହିପରି ଅଧର୍ମୀ ।

ସେସମୟରେ ସତୀତ୍ୱର ସମ୍ମାନ ଥିଲା । ନାରୀମାନେ ପତିଙ୍କୁ ହୃଦୟର ଦେବତା ଜାଣି ପାତିବ୍ରତ୍ୟ ଧର୍ମ ପାଳନ କରୁଥିଲେ । ଧର୍ମ ଜୀବନର ଆଧାର ଥିଲା । ଅନ୍ନପୂର୍ଣ୍ଣା କେବଳ ବାଳିକା ନ ଥିଲେ । ତାଙ୍କୁ ସେତେବେଳେ ପନ୍ଦର ଷୋହଳ ବର୍ଷ ହୋଇଥିଲା । ସେ ପ୍ରୌଢ଼ାବସ୍ଥା ପ୍ରାପ୍ତ ହୋଇଥିଲା । ସେ ଦୂରରେ ଛିଡ଼ାହୋଇ ପିତାମାତା ତଥା ଭାଇମାନଙ୍କ ପ୍ରସ୍ତାବ ଶୁଣି ମସ୍ତକରେ ବଜ୍ରପାତ ହେବା ସଦୃଶ ଦାରୁଣ ଦୁଃଖ ଅନୁଭବ କରିବାକୁ ଲାଗିଲେ । ଯଦ୍ୟପି ଅଧର୍ମୀ ଗଙ୍ଗାଧରଙ୍କ ରକ୍ତରୁ ତାଙ୍କର ଶରୀର ଉତ୍ପନ୍ନ ହୋଇଥିଲା ତଥାପି ତାଙ୍କର ପୂର୍ବଜନ୍ମର ଉତ୍ତମ ସଂସ୍କାର ଥିଲା । ଭଗବାନଙ୍କ ବିଧାନରୁ ଭିକାରି ରଘୁନାଥ ତଥା ଧନିପୁତ୍ରୀ ଅନ୍ନପୂର୍ଣ୍ଣା ଥିଲେ ଗୋଟିଏ ସ୍ୱଭାବର । ଉଭୟଙ୍କ ହୃଦୟରେ ନାଶବାନ୍ ବାହ୍ୟ ଜାକଜମକ, ଧନସମ୍ପଦ, ସମାଜ-ସମ୍ମାନର ଆଦର ନ ଥିଲା, ଥିଲା ଭଗବତ୍ ଭକ୍ତିର । ସେହି ସକାଶେ ଅନ୍ନପୂର୍ଣ୍ଣାଙ୍କର ପତିଭକ୍ତି, ସତୀତ୍ୱ ପ୍ରାଣରୁ ଅତ୍ୟନ୍ତ ପ୍ରିୟ ଥିଲା ଏବଂ ଭଗବତ୍ ପ୍ରାପ୍ତି ଥିଲା ତାଙ୍କର ଜନ୍ମଗତ ସାଧନା । ସେହି ସମୟରେ ତାଙ୍କ ଅନ୍ତରରୁ ଦୃଢ଼ପ୍ରତିଜ୍ଞା ଜାତ ହେଲା – ''ନିଜ ପତିଙ୍କ ଚରଣ ସେବା ଅଥବା ଶରୀର ତ୍ୟାଗ ।''

କିନ୍ତୁ ଗଙ୍ଗାଧର ଏବଂ ତାଙ୍କ ପୁତ୍ରମାନେ ସେମାନଙ୍କ ନୂତନ ପ୍ରସ୍ତାବାନୁଯାୟୀ ଅନ୍ନପୂର୍ଣ୍ଣାଙ୍କୁ ଦ୍ୱିତୀୟ ବିବାହ ଦେବା ସକାଶେ ଉତ୍ତମ ପାତ୍ର ଖୋଜିବାକୁ ଲାଗିପଡ଼ିଲେ । ସେହି ଦେଶରେ ରାଜଦରବାରରେ ଥିବା ଜଣେ

(ପାତ୍ର) ଉଚ୍ଚପଦସ୍ଥ ଅଫିସର ବାସୁ ମହାପାତ୍ରଙ୍କ ପୁତ୍ର ସହିତ ଆସନ୍ତା ଫାଲ୍‌ଗୁନ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଅନ୍ନପୂର୍ଣ୍ଣାଙ୍କ ବିବାହ ସ୍ଥିର ହୋଇଗଲା । ଗଙ୍ଗାଧର ଯେପରି ଅଧାର୍ମିକ ଏବଂ ଶକ୍ତିଶାଳୀ ଧନୀ, ବାସୁ ମହାପାତ୍ର ମଧ୍ୟ ଥିଲେ ସେହିପରି ଅଧିକାର-ଗର୍ବୀ ତଥା ଶକ୍ତିଶାଳୀ, ଦୁଷ୍ଟ । ଅନ୍ୟଲୋକମାନେ ଏହି ଅଧାର୍ମିକ ବିବାହକୁ ଯଦ୍ୟପି ପସନ୍ଦ କରୁ ନ ଥିଲେ ତଥାପି ବିରୋଧ ବି କରିବାର ଶକ୍ତି ସାମର୍ଥ୍ୟ ନ ଥିଲା ।

ଏଥିରେ ପତିବ୍ରତା ଅନ୍ନପୂର୍ଣ୍ଣାଙ୍କ ହୃଦୟ ଶୋକାଗ୍ନିରେ ଜଳିବାକୁ ଲାଗିଲା । ସେ ଅତ୍ୟନ୍ତ ବିକଳ ହୋଇ ଭଗବାନଙ୍କ ନାମ ସ୍ମରଣପୂର୍ବକ ଭାବିଲେ, ''ମୋର ପ୍ରାଣର ପତି, ଜୀବନର ସାଥୀ ବିଦ୍ୟମାନ ଥାଇ ଏମାନେ ମୋତେ ଆଉ ଜଣକୁ ବିବାହ କରିଦେବେ ? ଏମାନେ ମୋତେ ଧର୍ମପଥରୁ ଟାଣିଆଣି ବ୍ୟଭିଚାରିଣୀ କରିବାକୁ ଚାହୁଁଛନ୍ତି ? ଏହା କଦାପି ହେବ ନାହିଁ । ଏହି ଶରୀରକୁ ମୁଁ ପ୍ରାଣପତିଙ୍କ ଚରଣରେ ସମର୍ପଣ କରିସାରିଛି । ଏହି ଶରୀରରେ ମୋ ପତିଙ୍କ ଛଡ଼ା ଅନ୍ୟ କାହାରି ଅଧିକାର ନାହିଁ ।'' ଏହି ବିଚାର ସଙ୍ଗେ ସଙ୍ଗେ ତାଙ୍କ ଅନ୍ତରରୁ ଆତ୍ମବଳ ଏବଂ ଭଗବତ୍ ବିଶ୍ୱାସ ଉତ୍ପନ୍ନ ହେଲା । ସେ ଆନ୍ତରିକ ଦୃଢ଼ତା ସହିତ ମନେ ମନେ କହିଲେ, ''କଦାପି ଏହା ହେବ ନାହିଁ । ମୋ ପ୍ରଭୁ ମୋତେ ନିଶ୍ଚୟ ରକ୍ଷା କରିବେ । ସେ କରୁଣାମୟ, ଦ୍ରୌପଦୀଙ୍କ ଲଜ୍ଜା ନିବାରଣ କରିଛନ୍ତି; କେତେ ଆଶ୍ରିତଜନଙ୍କ ବିପଦ ଦୂର କରିଛନ୍ତି । ମୋତେ ନିଶ୍ଚୟ ରକ୍ଷାକରିବେ । ମୋ ମୃତ୍ୟୁ ଯଦି ମୋ ପ୍ରଭୁ ଚାହାନ୍ତି ତେବେ ସହର୍ଷରେ ମୁଁ ତାହାହିଁ ବରଣ କରିବି । କିନ୍ତୁ ମୋ ପ୍ରାଣପତିଙ୍କ ଚରଣସେବା ଛଡ଼ା ଅନ୍ୟ ପୁରୁଷକୁ ଦେଖିବି ନାହିଁ ।'' ଏହି ଭାବରେ ସେ ତନ୍ମୟ ହୋଇଗଲେ । କିଛି ସମୟ ପରେ ତାଙ୍କ ଅନ୍ତରରୁ ପ୍ରେରଣା ଆସିଲା, ''ତୋ ପତି ପୁରୀ ଶ୍ରୀକ୍ଷେତ୍ରରେ ଅଛନ୍ତି ତୁ ଜାଣୁ । ତାଙ୍କ ପାଖକୁ ତୁ ଖବର ଦେ । ସେ ଆସି ତୋତେ ନେଇ ଯା'ନ୍ତୁ ।'' ଏହି ବିଚାର ଆସିବାରୁ ତାଙ୍କ ବ୍ୟାକୁଳତା ଦୂର ହେଲା । ସେ ପୁରୁଷୋତ୍ତମ କ୍ଷେତ୍ରକୁ ଯାଉଥିବା ବ୍ୟକ୍ତିଙ୍କ ସନ୍ଧାନ କରିବାକୁ ଲାଗିଲେ । ସେହି ଗ୍ରାମର କେତେକ ବ୍ୟକ୍ତି ଶ୍ରୀଜଗନ୍ନାଥଙ୍କ ଦର୍ଶନକୁ ପୁରୁଷୋତ୍ତମ କ୍ଷେତ୍ର ଯାଉଥିବା

ଖବର ପାଇ ନିଜ ପତିଦେବଙ୍କ ପାଖକୁ ଲେଖିଲେ, ''ତୁମର ଦରିଦ୍ର ଅବସ୍ଥା ଜାଣି ମୋ ପିତା ଏବଂ ଭାଇମାନେ ଫାଲ୍‌ଗୁନ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ମୋର ଦ୍ୱିତୀୟ ବିବାହ ଠିକ୍ କରିଛନ୍ତି । ତୁମ ଚରଣରେ ମୁଁ ନିଜକୁ ସମର୍ପିତ କରିସାରିଛି । ଏହି ଶରୀର ତୁମର । ତୁମେ ଯଦି ଫାଲ୍‌ଗୁନ ଶୁକ୍ଳପକ୍ଷ ପଞ୍ଚମୀ ତିଥି ପୂର୍ବରୁ ଏଠାରେ ନ ପହଞ୍ଚ ତେବେ ନିଶ୍ଚୟ ଜାଣିବ ମୁଁ ଆତ୍ମହତ୍ୟା କରିବି । ଏହା ମୋର ଦୃଢ଼ପ୍ରତିଜ୍ଞା । ସ୍ତ୍ରୀ ହତ୍ୟା ପାପ ତୁମକୁ ଲାଗିବ । ଆସିବା ନ ଆସିବା ତୁମ ଇଚ୍ଛା । କିନ୍ତୁ ମୁଁ ଦିନ ଗଣୁଛି ।'' ଚିଠିଟି ଏହିପରି ଲେଖି ଶ୍ରୀଜଗନ୍ନାଥଙ୍କ ଦର୍ଶନକୁ ଯାଉଥିବା ବ୍ୟକ୍ତିଙ୍କ ପାଖରେ ପହଞ୍ଚି ଚିଠିଟି ଦେଇ ପତିଙ୍କ ପରିଚୟ କହିଦେଲେ ଏବଂ କରୁଣ ବିନୀତ ବାକ୍ୟରେ କହିଲେ, ''ମୋତେ ନିଜ କନ୍ୟା ଜାଣି ଏହି ଚିଠିଟି ମୋ ସ୍ୱାମୀଙ୍କୁ ଦେଇ ମୋତେ ଏହି ଘୋର ସଂକଟରୁ ଉଦ୍ଧାର କର । ମୋ ଜୀବନ ଥିବା ପର୍ଯ୍ୟନ୍ତ ତୁମ ଉପକାର ମୁଁ ଭୁଲିବି ନାହିଁ ।'' ସେମାନଙ୍କ ଆନ୍ତରିକ ସହାନୁଭୂତି ଅନ୍ନପୂର୍ଣ୍ଣାଙ୍କ ପ୍ରତି ପୂର୍ବରୁ ଥିଲା । ନିଜର ସଦ୍‌ଗୁଣ ଯୋଗୁଁ ସେ ସମସ୍ତଙ୍କର ଆଦରର ପାତ୍ରୀ ଥିଲେ । ତାଙ୍କର କରୁଣ ପ୍ରାର୍ଥନାରେ ଯାତ୍ରୀ ଦ୍ରବୀଭୂତ ହୋଇ ପତ୍ରଟିକୁ ତାଙ୍କ ପତିଙ୍କୁ ନିଶ୍ଚୟ ଦେବା ପ୍ରତିଶ୍ରୁତି ଦେଲେ ଏବଂ ନିର୍ଦ୍ଦିଷ୍ଟ ଦିନରେ ପୁରୀ ଯାତ୍ରା କଲେ । ସେସମୟରେ ରେଳଗାଡ଼ି ନ ଥିଲା, ପଦଯାତ୍ରାରେ ଯିବାକୁ ହେଉଥିଲା ।

ପତିଙ୍କ ଆଗମନ ଚିନ୍ତାରେ ଅନ୍ନପୂର୍ଣ୍ଣାଙ୍କୁ କ୍ଷୁଧା ନ ଥାଏ କିଂବା ନିଦ୍ରା ନ ଥାଏ । ଦିନରାତି ଭଗବତ୍ ନାମସ୍ମରଣ ତଥା ପ୍ରାର୍ଥନାରେ ସମୟ ବ୍ୟତୀତ କରୁଥାଆନ୍ତି । ଅନ୍ନପୂର୍ଣ୍ଣାଙ୍କ ବ୍ୟବହାରରୁ ପିତାମାତା ତଥା ଭାଇମାନେ ବୁଝିପାରିଲେ ଯେ ସେ ନିଜ ପତି ଛଡ଼ା ଅନ୍ୟ ସ୍ଥାନରେ ବିବାହ କରିବାକୁ ଚାହାନ୍ତି ନାହିଁ । ଏହା ଜାଣିବା ସତ୍ତ୍ୱେ ସେମାନେ ଅନ୍ନପୂର୍ଣ୍ଣାଙ୍କୁ କିଛି ପଚାରନ୍ତି ନାହିଁ କିଂବା ଅନ୍ନପୂର୍ଣ୍ଣା କିଛି କହନ୍ତି ନାହିଁ । କହିବେ ବା କିପରି ? କ'ଣ ରଘୁନାଥ ନିକଟରେ ଅଛନ୍ତି ଯେ ସେ କହିବେ । ଏହି କାରଣରୁ ସେ କେବଳ ଭଗବାନଙ୍କ ଉପରେ ଦୃଢ଼ବିଶ୍ୱାସ ରଖି ତାଙ୍କୁହିଁ ଡାକୁଥାଆନ୍ତି ।

କଳାବତୀପୁରରୁ ଯାଇଥିବା ଯାତ୍ରୀମାନେ ଶ୍ରୀକ୍ଷେତ୍ରରେ ପହଞ୍ଚି ଗୋଟିଏ

ସ୍ଥାନରେ ନିବାସ କଲେ ଏବଂ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ । ଅନ୍ନପୂର୍ଣ୍ଣାଙ୍କ ଚିଠି କଥା ସେମାନଙ୍କର ମନେଥାଏ । କେତେ ଲୋକଙ୍କୁ ରଘୁ ଅରକ୍ଷିତଙ୍କ ନାମ ପଚାରିଲେ ଏବଂ ଅନ୍ନପୂର୍ଣ୍ଣାଙ୍କ ବତାଇଥିବା ଚିହ୍ନରେ ତାଙ୍କୁ ଖୋଜିବାକୁ ଲାଗିଲେ । ସେଠାରେ ସବୁଦିନ ଯାତ୍ରୀଙ୍କ ଗହଳଚହଳ ଲାଗିଥାଏ । ବହୁତ ଲୋକଗହଳିରେ ଚିହ୍ନିତ ଅନୁସାରେ ବ୍ୟକ୍ତିଙ୍କୁ ଚିହ୍ନିବା କଠିନ ହୋଇପଡ଼େ । ତଥାପି ଦିନେ ଦୁଇଦିନ ପରେ ରଘୁନାଥଙ୍କୁ ସିଂହଦ୍ୱାରରେ ଭେଟି ତାଙ୍କ ନାମ, ଧାମ, ପିତାନାମ ପଚାରି ତାଙ୍କୁ ଅନ୍ନପୂର୍ଣ୍ଣାଙ୍କ ଚିଠି ଖଣ୍ଡିକ ଦେଇଦେଲେ । ରଘୁନାଥ ଚିଠିଟି ପଢ଼ି ଚିନ୍ତାମଗ୍ନ ହୋଇପଡ଼ିଲେ । ସେ ଭାବିଲେ, ''କଳାବତୀପୁର ପୁରୀକ୍ଷେତ୍ରରୁ ମାସକର ରାସ୍ତା, ବିବାହର ନିର୍ଦ୍ଦିଷ୍ଟ ତିଥି ମାତ୍ର ୫/୧୦ ଦିନ ବାକି, କିପରି ପହଞ୍ଚିବି ? ନ ପହଞ୍ଚିଲେ ଅନ୍ନପୂର୍ଣ୍ଣା ଆତ୍ମହତ୍ୟା ନିଶ୍ଚୟ କରିବ ।'' ଏହାର ସମାଧାନ ରଘୁନାଥଙ୍କ ପାଖରେ କିଛି ନ ଥିଲା । ସେ ଚିଠିଟି ଧରି ପ୍ରଭୁଙ୍କ ପାଖକୁ ଚାଲିଗଲେ । ସାଷ୍ଟାଙ୍ଗ ଦଣ୍ଡବତ କରି ଦୁଇହାତ ଯୋଡ଼ି କହିଲେ, ''ପ୍ରଭୁ, ଆଶ୍ରିତଜନଙ୍କ ଦୁଃଖ ନିବାରଣ କରିବା ସକାଶେ ହସ୍ତରେ ସୁଦର୍ଶନଚକ୍ର ଧାରଣ କରିଅଛ । ତୁମେ ଚିନ୍ତାର୍ତ୍ତ ଜନଙ୍କର ଚିନ୍ତାମଣି, ଭକ୍ତବାଞ୍ଛା ପୂର୍ଣ୍ଣ କରିବାରେ କାମଧେନୁ ଏବଂ କଳ୍ପବୃକ୍ଷଠାରୁ ଅନନ୍ତ ଗୁଣରେ ଉଦାର । ଭକ୍ତର ଘୋର ବିପଦସ୍ୱରୂପ ଅନ୍ଧକାର ଦୂର କରିବାରେ ତୁମେ ସୂର୍ଯ୍ୟ ସଦୃଶ । ପ୍ରଭୁ, ମୋତେ ଏହି ସଂକଟରୁ ଉଦ୍ଧାର କରିବା ସକାଶେ ତୁମ ଛଡ଼ା ଅନ୍ୟ କେହି ନାହିଁ ।'' ଏହିପରି ସ୍ତୁତି କରୁ କରୁ ରାତ୍ରି ହୋଇଗଲା । ରଘୁନାଥ ଛିଣ୍ଡା ମସିଣା ଖଣ୍ଡିଏ ଆଣି ପ୍ରଭୁଙ୍କ ସିଂହଦ୍ୱାରରେ ସେଦିନ ଚିନ୍ତିତ, ବ୍ୟଥିତ, ବ୍ୟାକୁଳତା ସହିତ ଭଗବାନଙ୍କୁ ସ୍ମରଣ କରି ଶୋଇପଡ଼ିଲେ ।

ଭଗବାନ୍ ଥରେ ଯାହାକୁ ସ୍ୱୀକାର କରିନିଅନ୍ତି ତାକୁ ରକ୍ଷା କରିବାର ଭାର ସର୍ବଦା ବହନ କରନ୍ତି । ଭକ୍ତର ବ୍ୟାକୁଳ ଆର୍ତ୍ତ ଡାକକୁ କର୍ଣ୍ଣ ଡେରି ରହିଥାଆନ୍ତି । ରଘୁନାଥଙ୍କ ଆର୍ତ୍ତ ପ୍ରାର୍ଥନା ଭଗବାନ୍ ଶ୍ରୀଜଗନ୍ନାଥ ତତ୍କ୍ଷଣାତ୍ ଶୁଣିନେଲେ ଏବଂ ନିଜର ମାୟାରେ ରଘୁନାଥଙ୍କୁ ନିଦ୍ରିତ ଅବସ୍ଥାରେ କଳାବତୀପୁର ତାଙ୍କ ଶଶୁର ଗଙ୍ଗାଧରଙ୍କ ଘର ଦ୍ୱାରରେ ପହଞ୍ଚାଇ ଦେଲେ । ଭୋର

ହୋଇଗଲା । ରଘୁନାଥ ନିଦ୍ରାରୁ ଉଠି ଭଗବତ୍ ନାମ ସ୍ମରଣ କରିବାକୁ ଲାଗିଲେ । ଆଖି ଖୋଲିବା ମାତ୍ରେ ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେଠାରେ ତାଙ୍କର ଶୋଇବା ଜାଗା ପ୍ରଭୁଙ୍କ ସିଂହଦ୍ୱାର ନ ଥିଲା । ଗୋଟିଏ ଅପରିଚିତ ସ୍ଥାନ । ବିବାହ ପରେ ସେ କେବେ ଶଶୁର ଘରକୁ ଆସି ନ ଥିଲେ । ଏହି କାରଣରୁ ସେ ସେସ୍ଥାନ ଚିହ୍ନିପାରିଲେ ନାହିଁ । ସେ ଭାବିବାକୁ ଲାଗିଲେ, ''ମୁଁ ଏଠାକୁ ଆସିଲି କିପରି ? କିଏ ମୋତେ ନେଇଆସିଲା ?'' କେହି କେହି ବ୍ୟକ୍ତି ସେବାଟେ ଯାତାୟାତ କରୁଥିବା ଦେଖି ସେସ୍ଥାନର ନାମ ସେ ସେମାନଙ୍କୁ ପଚାରିଲେ । ସେମାନେ କହିଲେ, ''ଏହି ସହରର ନାମ କଳାବତୀପୁର । ଏହି ଉଚ୍ଚ ଅଟ୍ଟାଳିକାଟି ଜମିଦାର ଗଙ୍ଗାଧର କରଣଙ୍କର ।'' ଏକଥା ଶୁଣିବା ମାତ୍ରେ ରଘୁନାଥଙ୍କର ଆନନ୍ଦର ସୀମା ରହିଲା ନାହିଁ ଏବଂ ଭାବିଲେ, ''ଭଗବାନ୍ କୃପା କରି ଏଠାରେ ମୋତେ ପହଞ୍ଚାଇ ଦେଲେ । ମୋ ପ୍ରଭୁଙ୍କ ଛଡ଼ା ଏହା ଅନ୍ୟ କିଏ କରନ୍ତା ! ଯେଉଁ ପ୍ରଭୁଙ୍କ ସଂକଳ୍ପ ମାତ୍ର କୋଟି କୋଟି ବ୍ରହ୍ମାଣ୍ଡ ସୃଷ୍ଟି ହୁଏ ଏବଂ ଧ୍ୱଂସପ୍ରାପ୍ତ ହୁଏ ତାଙ୍କ ସକାଶେ ଏହି କାର୍ଯ୍ୟ ସାମାନ୍ୟ ମାତ୍ର !'' ରଘୁନାଥ ଏହିପରି ଭାବୁ ଭାବୁ ତାଙ୍କର ଶାଳକ କବାଟ ଖୋଲି ଦାଣ୍ଡକୁ ଆସିଲେ । ପିଣ୍ଡାରେ ଛିଣ୍ଡା ମଇଳା ଲୁଗା ପିନ୍ଧି ଛିଣ୍ଡା କତରାରେ ଭିକ୍ଷୁକ ଅବସ୍ଥାରେ ରଘୁନାଥଙ୍କୁ ଦେଖି ଦୌଡ଼ିଯାଇ ପିତାମାତାଙ୍କୁ କହିଲେ, ''ତୁମ ଜ୍ୱାଇଁ ଆସି କିପରି ଭିକ୍ଷୁକ ବେଶରେ ଦାଣ୍ଡରେ ବସିଛନ୍ତି ଆସି ଦେଖ ।''

ଏକଥା ଶୁଣିବା ମାତ୍ରେ ଗଙ୍ଗାଧର, ତାଙ୍କ ପତ୍ନୀ, କନ୍ୟା ଅନ୍ନପୂର୍ଣ୍ଣା ଏବଂ ପୁତ୍ରମାନେ ଦୌଡ଼ିଆସିଲେ । ରଘୁନାଥଙ୍କୁ ଭିକ୍ଷୁକରୂପେ ଆସିବା ଦେଖି ସମସ୍ତଙ୍କ ମୁହଁ ଶୁଖିଗଲା । କିନ୍ତୁ ଅନ୍ନପୂର୍ଣ୍ଣାଙ୍କ ଆନନ୍ଦର ସୀମା ରହିଲା ନାହିଁ । ଭଗବାନଙ୍କ ପ୍ରତି କୃତଜ୍ଞତା-ସମୁଦ୍ରରେ ତାଙ୍କର ସମସ୍ତ ସତ୍ତା ବୁଡ଼ିଗଲା, ସେ ମନେ ମନେ ଭଗବାନଙ୍କୁ କେତେ ସ୍ତୁତି କଲେ । ଗଙ୍ଗାଧର, ତାଙ୍କ ପତ୍ନୀ ତଥା ପୁତ୍ରମାନେ କପଟତାରେ ରଘୁନାଥଙ୍କୁ ଆଦର କରି ଘରକୁ ନେଇଗଲେ, ସ୍ନାନ କରାଇ ଉତ୍ତମ ବସ୍ତ୍ର ପରିଧାନ କରାଇ ଉତ୍ତମ ଭୋଜନ କରାଇଲେ ଏବଂ କପଟତାପୂର୍ଣ୍ଣ ସ୍ନେହରେ କେତେ କଥାବାର୍ତ୍ତା କଲେ ।

ସେସମୟରେ ବୋହୂ ଓ ଝିଅମାନେ ନିଜ ପତିଙ୍କ ସହିତ ଅନ୍ୟମାନଙ୍କ ସମ୍ମୁଖରେ ଦେଖାସାକ୍ଷାତ କିଂବା କଥାବାର୍ତ୍ତା କରୁ ନ ଥିଲେ । ଏହି ପ୍ରଥା ସମସ୍ତ ଭାରତବର୍ଷରେ ବିଶେଷତଃ ଓଡ଼ିଶା ଏବଂ ବଙ୍ଗଳାରେ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରଚଳିତ ଥିଲା । ଅନ୍ନପୂର୍ଣ୍ଣା କେତେ ବ୍ୟାକୁଳ ପ୍ରାର୍ଥନା କରି ଭଗବାନଙ୍କ ଦୟାରୁ ପତି ପ୍ରାପ୍ତ ହୋଇଛନ୍ତି; ରଘୁନାଥଙ୍କ ଆନ୍ତରିକ ବ୍ୟାକୁଳତାରେ ଶ୍ରୀଜଗନ୍ନାଥ ଦ୍ରବୀଭୂତ ହୋଇ ତାଙ୍କୁ ନିଜ ପତ୍ନୀଙ୍କ ପାଖରେ ପହଞ୍ଚାଇ ଦେଇଛନ୍ତି । ଉଭୟ ଉଭୟଙ୍କୁ ନେତ୍ର ଭରି ଦେଖି ଦୁଇପଦ କଥା କହି ହୃଦୟାଗ୍ନିକୁ ଶାନ୍ତ କରିବାକୁ ଚାହୁଁଛନ୍ତି, କିନ୍ତୁ ସାମାଜିକ କଠୋର ନିୟମ ଯୋଗୁଁ କେହି କାହା ସମ୍ମୁଖ ହୋଇପାରୁ ନାହାନ୍ତି କିଂବା ନେତ୍ର ଭରି ଦେଖି ଦୁଇପଦ ଅମୃତମୟ କଥା କହି ହୃଦୟର ବିୟୋଗ ଅଗ୍ନିଜ୍ୱାଳାକୁ ଶାନ୍ତ କରିପାରୁ ନାହାନ୍ତି । କେବଳ ଅନ୍ନପୂର୍ଣ୍ଣା ଦୂରରୁ ଉହାଡ଼ରୁ ରହି ନିଜ ପତିକୁ ଦେଖି ନିଜକୁ ସାନ୍ତ୍ୱନା ଦେଉଛନ୍ତି ।

ଭୋଜନ ସମାପ୍ତ ହେଲା । ରଘୁନାଥ ଗୋଟିଏ କକ୍ଷରେ ବିଶ୍ରାମ ନେଲେ । ଅନ୍ନପୂର୍ଣ୍ଣା ଭୋଜନ କରୁଥା'ନ୍ତି । ଗଙ୍ଗାଧର ତାଙ୍କ ପତ୍ନୀ ଏବଂ ପୁତ୍ରମାନଙ୍କ ସହ ଗୋଟିଏ ଏକାନ୍ତ କକ୍ଷରେ ମନ୍ତ୍ରଣା କରୁଥା'ନ୍ତି । ଗଙ୍ଗାଧର କହିଲେ, ''ଆଶ୍ଚର୍ଯ୍ୟର କଥା, ଭିକାରି ରଘୁନାଥ କିପରି ପହଞ୍ଚିଗଲେ ? ଅନ୍ନପୂର୍ଣ୍ଣା ପରି ସୁଲକ୍ଷଣୀ ସୁକୁମାରୀ ଝିଅକୁ ଏଇ ଭିକାରିକୁ ଦେଇ ଆମ୍ଭେମାନେ ଶାନ୍ତିରେ ରହିବା କିପରି ? ସମାଜରେ ମୁହଁ ଦେଖାଇବା କାହାକୁ ? ଅନ୍ନପୂର୍ଣ୍ଣା ବି ଭିକାରି ସଙ୍ଗେ ବୁଲିବ ବା କିପରି ? ରଘୁନାଥ ଜୀବିତ ଅବସ୍ଥାରେ ଥିଲେ ଅନ୍ନପୂର୍ଣ୍ଣାକୁ ଅନ୍ୟଠାରେ ବିଭାଦେବା ଉଚିତ ମଧ୍ୟ ହେବ ନାହିଁ । ଆଜି ରାତିରେ ରଘୁନାଥକୁ ଭୋଜନ ସହିତ ଗରଳ ବିଷ ଦେଇ ମାରିଦେବା । ହଠାତ୍ ସର୍ପାଘାତରେ ମରିଥିବା କହି ଭୋର ହେଉ ହେଉ ଶବକୁ ନ ପୋଡ଼ି ପୋତି ପକାଇବା । ଅନ୍ନପୂର୍ଣ୍ଣା ଧନୀ ଘରେ ବିବାହ ହେଲେ ସୁଖଶାନ୍ତିରେ ରହିବ ।'' ଏହି ପ୍ରସ୍ତାବକୁ ସମସ୍ତେ ସହର୍ଷରେ, ଏକସ୍ୱରରେ ସମର୍ଥନ କଲେ । ବିଷ ମଗେଇ ଅଣାଗଲା । ଅନ୍ନପୂର୍ଣ୍ଣାଙ୍କ ଅଜଣାରେ ଭୋଜନଦ୍ରବ୍ୟରେ ବିଷ ମିଶ୍ରିତ କରି ରଘୁନାଥଙ୍କୁ ଭୋଜନ କରାଇବା ଠିକ୍ ହେଲା ।

ଅନ୍ନପୂର୍ଣ୍ଣା ପତିବ୍ରତା, ସତୀ ତଥା ଭଗବାନଙ୍କ ଆଶ୍ରିତା । ତାଙ୍କ ହୃଦୟ ଅତ୍ୟନ୍ତ ପବିତ୍ର । ପବିତ୍ର ହୃଦୟରେ କୌଣସି ଗୂଢ଼ ଜ୍ଞାନ ବା ବ୍ୟାବହାରିକ ଛଳକପଟ, ମିଥ୍ୟାଚାର, କୌଣସି ବୁଝିବାରେ ଅସୁବିଧା ହୁଏ ନାହିଁ । ସେମାନଙ୍କ ପରସ୍ପର ଭିତରେ ଫୁସ୍‌ଫାସ୍ କଥାବାର୍ତ୍ତାରୁ ପତିଙ୍କୁ ଭୋଜନରେ ବିଷ ଦେଇ ମାରିବା ଷଡ଼ଯନ୍ତ୍ର ସେ ନିଃସନ୍ଦେହରୂପେ ବୁଝିପାରିଲେ ଏବଂ ଏହି ଖବର କି ଉପାୟରେ ପତିଙ୍କୁ ଦେବେ ତାହା ଚିନ୍ତା କରିବାକୁ ଲାଗିଲେ । ପିତାମାତା ତଥା ଭାଇମାନେ ଅନ୍ନପୂର୍ଣ୍ଣାଙ୍କ ଅଜ୍ଞାତରେ ଯଦ୍ୟପି ସମସ୍ତ ଷଡ଼ଯନ୍ତ୍ର କରିଥିଲେ ତଥାପି କୌଣସିମତେ ଅନ୍ନପୂର୍ଣ୍ଣା ଜାଣି ଗୁପ୍ତରୂପେ ରଘୁନାଥଙ୍କୁ କହିଦେବା ଆଶଙ୍କାରେ ସେମାନେ ରଘୁନାଥଙ୍କ ସଙ୍ଗେ ସଙ୍ଗେ ରହିଲେ ଏବଂ ଅନ୍ନପୂର୍ଣ୍ଣାଙ୍କୁ ନିଜ ପତିଙ୍କୁ କହିଦେବା ସୁଯୋଗ ଯେପରି ନ ମିଳେ ସେହିପରି ବ୍ୟବସ୍ଥା କଲେ, ପାପିନୀ ଗଙ୍ଗାଧରଙ୍କ ସ୍ତ୍ରୀ ଝିଅକୁ ଅନ୍ୟ କାର୍ଯ୍ୟରେ ଲଗାଇ ନିଜେ ନାନାପ୍ରକାର ବ୍ୟଞ୍ଜନ, ଖିରି, ପୁରି ପିଠାରେ କାଳକୂଟ ବିଷ ମିଶାଇ ତିଆରି କଲେ ।

ଯାହାର କେହି ଆଶ୍ରୟ ନ ଥା'ନ୍ତି ତା'ର ଆଶ୍ରୟ ବିଶ୍ୱନିୟନ୍ତା ଭଗବାନ୍ । ଏହା ଭାବି ଅନ୍ନପୂର୍ଣ୍ଣା ମନେ ମନେ ଭଗବାନଙ୍କୁ ଡାକିବାକୁ ଲାଗିଲେ । ଭଗବାନଙ୍କ କୃପାରୁ ପତିଙ୍କୁ ଲେଖି ଜଣାଇ ଦେବାକୁ ନିଜ ଅନ୍ତରରୁ ପ୍ରେରଣା ପାଇଲେ । ''ଏଥିରେ ବିଷ ଅଛି, ଖାଇବ ନାହିଁ ।''– ଏହି ବାକ୍ୟଟି ଗୋଟିଏ ଛୋଟ ତାଳପତ୍ରରେ ଲେଖି ଗୋଟିଏ ପିଠା ମଧ୍ୟରେ ଦେଇଦେବାକୁ ସୁଯୋଗ ଖୋଜିଲେ । ବିଷମିଶ୍ରିତ ଭୋଜନ ଥାଳି ତିଆରି ହେବା ସମୟରେ ପାକଶାଳାରେ ଅନ୍ନପୂର୍ଣ୍ଣା ପହଞ୍ଚି ସମସ୍ତଙ୍କ ଅଜାଣତରେ ତିଆରି ହୋଇ ରହିଥିବା ଗୋଟିଏ ପିଠାରେ ଛୋଟ ତାଳପତ୍ର ଲେଖାଖଣ୍ଡଟି ପୂରାଇ ସେ ପିଠାଟିକୁ ପରଷା ହୋଇଥିବା ଥାଳିରେ ମଧ୍ୟଭାଗରେ ରଖିଦେଲେ । ଭୋଜନ ଥାଳିଟି ଗଙ୍ଗାଧରଙ୍କ ସ୍ତ୍ରୀ ନେଇ ରଘୁନାଥଙ୍କ ସମୀପରେ ରଖିଦେଲେ । ରଘୁନାଥ ଜଗନ୍ନାଥଙ୍କୁ ଧ୍ୟାନ କରି ଭୋଜନଦ୍ରବ୍ୟ ସମର୍ପଣ କଲେ ଏବଂ ଚିଠି ଥିବା ପିଠାଟି ମୁଖରେ ଦେବା ଉଦ୍ଦେଶ୍ୟରେ ଭାଙ୍ଗିଦେଲେ । ପିଠା ଭିତରୁ ଛୋଟ ତାଳପତ୍ର ଟିକକ ଦେଖି

ପଡ଼ିନେଲେ । ପିଠାରେ ଚିଠି ଥିବା ବିଷୟ ଅନ୍ୟମାନେ କେହି ଜାଣି ନ ଥିଲେ, ସେସକାଶେ ଅନ୍ୟମାନଙ୍କର ସେଥିପ୍ରତି ଦୃଷ୍ଟି ଆକର୍ଷିତ ହୋଇ ନ ଥିଲା । କେବଳ ଅନ୍ନପୂର୍ଣ୍ଣା ଉହାଡ଼ରେ ଛିଡ଼ାହୋଇ ଯଦ୍ୟପି ଦେଖି ନେଇଥିଲେ ତଥାପି ଅପଲକ ନେତ୍ରରେ ଚାହିଁ ରହିଥିଲେ ଏବଂ କଦାଚିତ୍ ବିଷମିଶ୍ରିତ ଭୋଜନ ଗ୍ରହଣ କରିପକାଇବେ, ଏହି ଭୟରେ ତାଙ୍କ ହୃଦୟ କମ୍ପୁଥିଲା । ସେ ବ୍ୟାକୁଳ ହୋଇ ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ । ତାଙ୍କ ପାପିନୀ ମା' ଭାବିଲା, ''ବର୍ତ୍ତମାନ ରଘୁନାଥ ଖାଇବା ସଙ୍ଗେ ସଙ୍ଗେ ବିଷଜ୍ୱାଳାରେ ପଡ଼ିଯିବ । ଅନ୍ନପୂର୍ଣ୍ଣା ଏଠାରେ ରହିଲେ ଅନର୍ଥ ହୋଇପାରେ, ଏହାକୁ ଏଠାରୁ ନେଇଯିବା ଉଚିତ ।'' ଏହି କପଟତାକୁ ହୃଦୟରେ ରଖି ମୁଖରେ କୋମଳ ବଚନରେ କହିଲେ, ''ଜ୍ୱାଇଁ ଖାଇବେ, ଆମ୍ଭେମାନେ ମଧ୍ୟ ଖାଇବାର ବ୍ୟବସ୍ଥା କରିବା ।'' ଏହା କହି ଅନ୍ନପୂର୍ଣ୍ଣାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କ ହାତ ଧରି ଭିତର ଖଞ୍ଜାକୁ ନେଇଗଲେ ଏବଂ ଅନ୍ନପୂର୍ଣ୍ଣାଙ୍କ ସଙ୍ଗେ ସଙ୍ଗେ ରହି ଏପରି କାର୍ଯ୍ୟର ବ୍ୟବସ୍ଥା କଲେ ଯେପରି ଅନ୍ନପୂର୍ଣ୍ଣା ବାହାର ଖଞ୍ଜାକୁ ଆସି ରଘୁନାଥଙ୍କ ବିଷୟରେ କିଛି ଜାଣି ନ ପାରନ୍ତି ।

ରଘୁନାଥ ଚିଠିରୁ ଭୋଜନରେ ବିଷମିଶ୍ରିତ ହେବା ଜାଣି ଭାବିଲେ, ''ମୁଁ ମୂଢ଼, ବିଷମିଶ୍ରିତ ଭୋଜନଦ୍ରବ୍ୟ ଭଗବାନଙ୍କୁ ନୈବେଦ୍ୟ କରିଦେଲି । ମୋର ପରମପ୍ରଭୁ, ଜୀବନର ଜୀବନଙ୍କୁ ବିଷ ଦେଲି । ମୁଁ ନ ଖାଇ କ'ଣ ଅମର ହୋଇ ରହିବି ? ଏହି ଶରୀର ଦିନେ ନା ଦିନେ ମୃତ୍ୟୁ ପ୍ରାପ୍ତ ହେବ । ଆଜି ଭଗବାନଙ୍କ ପ୍ରସାଦ ଛାଡ଼ି ବଞ୍ଚି ରହିବି କାହିଁକି ? ଭଗବାନଙ୍କୁ ଅର୍ପିତ ବସ୍ତୁ ଆଜି ମୁଁ କଦାପି ତ୍ୟାଗ କରିପାରିବି ନାହିଁ ।'' ଏହି ନିଶ୍ଚୟତାରେ ପ୍ରତିଷ୍ଠିତ ହୋଇ ଭଗବତ୍ ନାମ ସ୍ମରଣପୂର୍ବକ ନିର୍ଦ୍ୱନ୍ଦ୍ୱରେ ଭୋଜନ କଲେ । ଭୋଜନରେ କାଳକୂଟ ଜହର ଏତେ ପରିମାଣରେ ଥିଲା ଯେ ଗୋଟିଏ ହାତୀ ଖାଇଥିଲେ ତା'ର ପ୍ରାଣ ବି ରହି ନ ଥା'ନ୍ତା । ଭୋଜନ ସମାପ୍ତ ନ ହେଉଣୁ ରଘୁନାଥ ଆଉ ବସିରହି ପାରିଲେ ନାହିଁ, ବିଷଜ୍ୱାଳାରେ ତାଙ୍କ ମଥା ଭ୍ରମିତ ହୋଇଗଲା, ଆଖିରେ ସବୁ ସ୍ଥାନ ଘୂରିବାକୁ ଲାଗିଲା, ଉଦରରେ ଘୋର ଜ୍ୱାଳା ଉତ୍ପନ୍ନ ହେବାକୁ ଲାଗିଲା । ସେ ବ୍ୟାକୁଳ ହୋଇ ପଡ଼ିଗଲେ । ଉଠିବାର ଶକ୍ତି ରହିଲା

ନାହିଁ, ବୁଦ୍ଧି ଭ୍ରମ ହୋଇଗଲା । ସେ ସେହି ଭୋଜନ ସ୍ଥାନରେ ପଡ଼ି ମାଛକୁ ଜଳରୁ ବାହାର କରି ଶୁଖିଲାରେ ପକାଇବାରେ ଛଟପଟ ହେବା ସଦୃଶ ସେଠାରେ ପଡ଼ି ଛଟପଟ ହେବାକୁ ଲାଗିଲେ । ଅଳ୍ପ ସମୟ ଭିତରେ ତାଙ୍କ ପ୍ରାଣପକ୍ଷୀ ଉଡ଼ିଗଲା । ଗଙ୍ଗାଧର ଏବଂ ତାଙ୍କ ପୁତ୍ରମାନେ ରଘୁନାଥଙ୍କୁ ମୃତ ଅବସ୍ଥାରେ ଦେଖି ଖୁସିହେଲେ ଏବଂ କବାଟ ବନ୍ଦ କରି ଦୃଢ଼ ତାଲା ପକାଇଦେଲେ । ''ଭୋର ହେଉ ହେଉ ଶବକୁ ନେଇ ନ ପୋଡ଼ି ପୋତି ପକାଇବେ,* ଦୈବାତ୍ ସର୍ପଦଂଶନ ଯୋଗୁଁ ରଘୁନାଥଙ୍କ ମୃତ୍ୟୁ ହେଲା ବୋଲି ପ୍ରଚାର କରିବେ'' ଭାବି ଏହାହିଁ ସ୍ଥିର କଲେ । ଏବଂ କହିଲେ, ''ରଘୁନାଥଙ୍କର ମୃତ୍ୟୁ ହେବାରୁ ଆମ ଅନ୍ନପୂର୍ଣ୍ଣାର ରକ୍ଷା ହୋଇଗଲା । ସେ ସୁଖ ଭୋଗରେ ଜୀବନ ଅତିବାହିତ କରିବ ।''

ଯେପର୍ଯ୍ୟନ୍ତ ମନୁଷ୍ୟ ଭୌତିକ ଚେତନାରେ ବାସ କରେ ସେପର୍ଯ୍ୟନ୍ତ ଅଜ୍ଞାନ-ମୋହରେ ମୋହିତ ହୋଇ ଉତ୍ତମ ଭୋଜନ, ଉତ୍ତମ ବସ୍ତ୍ର, ଜାକଜମକ ଗୃହ, ଇନ୍ଦ୍ରିୟ-ଭୋଗବିଳାସ, ସମ୍ମାନ, ଅଧିକାର, ଧନସମ୍ପତ୍ତିକୁ ସର୍ବଶ୍ରେଷ୍ଠ ମନେକରେ ଏବଂ ଏଥିରେ ସୁଖଲାଭ ଆଶା କରି ନ୍ୟାୟ ଅନ୍ୟାୟରେ ଏହାକୁହିଁ ପ୍ରାପ୍ତ ହେବା ସକାଶେ ନାନା ଉପାୟ କରୁଥାଏ । ମୃଗତୃଷ୍ଣାରେ ଜଳର ଭ୍ରମ ସଦୃଶ ସର୍ବଦା ଦୁଃଖ, ଦ୍ୱନ୍ଦ୍ୱ ତ୍ରାସାଦି ଦାବାନଳରେ ଦଗ୍ଧ ହେଉଥାଏ । ବ୍ୟକ୍ତି ଏହି ଭୌତିକ ଚେତନାର ଊର୍ଦ୍ଧ୍ୱରେ ଅବସ୍ଥିତ ଭଗବତ୍ ଚେତନାରେ ଜ୍ଞାନ ଓ ଆନନ୍ଦ ପ୍ରାପ୍ତ ହେଲେ ସୁନ୍ଦର ବିଷଫଳ ସଦୃଶ ସଂସାରରେ ସୁଖ ଚାହିଁବା ଭ୍ରମ ଧାରଣା ଦୂର ହୁଏ ।

ଗଙ୍ଗାଧର ଏବଂ ତାଙ୍କ ପୁତ୍ରମାନେ ମୋହ, ମାୟା, ଅଜ୍ଞାନରେ ମୋହିତ ଥିବାରୁ ଏହି ନାଶବାନ୍ ସଂସାର, ଇନ୍ଦ୍ରିୟସୁଖ ଏବଂ ଧନସମ୍ପତ୍ତିରେ ଅନ୍ନପୂର୍ଣ୍ଣାଙ୍କର ସୁଖ ଆଶା କରୁଅଛନ୍ତି । କିନ୍ତୁ ଅନ୍ନପୂର୍ଣ୍ଣା ଅଜ୍ଞାନ ଓ ଅନ୍ଧକାରର ଊର୍ଦ୍ଧ୍ୱରେ ଅବସ୍ଥିତ ଭଗବତ୍ ଜ୍ଞାନ, ଆନନ୍ଦ, ଆଲୋକରେ ସୁପକ୍ୱ ରସାଳ ବିଷଫଳ ସଦୃଶ ସଂସାରସ୍ୱରୂପକୁ ଦେଖି ସାରିଛନ୍ତି । ସେହି ସକାଶେ ତାଙ୍କୁ ସଂସାରର ମାୟାଜାଲ ବାନ୍ଧି ରଖିପାରି ନାହିଁ ।

* ସର୍ପଦଂଶନରେ ମୃତ ବ୍ୟକ୍ତିଙ୍କୁ ପୋଡ଼ନ୍ତି ନାହିଁ ।

ଗଙ୍ଗାଧର ଏବଂ ପୁତ୍ରମାନେ ରଘୁନାଥଙ୍କ ମୃତ୍ୟୁରେ ଅତ୍ୟନ୍ତ ଖୁସି ତଥା ଲୋକେ ଜାଣିବାର ଭୟରେ ତ୍ରସ୍ତ ହୋଇ ଶୋଇବା ସକାଶେ ବିଛଣାକୁ ଗଲେ । ଅନିଷ୍ଟ ହୋଇଥିବା ବ୍ୟକ୍ତିର ଯେତେ କଷ୍ଟ ହୁଏ ତାହା ଅପେକ୍ଷା ଅଧିକ କଷ୍ଟ, ଅଧିକ ଭୟ ହୁଏ ଅନିଷ୍ଟ କରିଥିବା ବ୍ୟକ୍ତିର । ସେମାନେ ବିଛଣାରେ ଶୋଇଲେ ସତ କିନ୍ତୁ ନାନାପ୍ରକାର ଅନିଷ୍ଟକର ଚିନ୍ତା ଯୋଗୁଁ ସେମାନଙ୍କୁ ନିଦ ଆସିଲା ନାହିଁ ।

ରଘୁନାଥ ତାଳପତ୍ର ଚିଠି ପଢ଼ିଥିବା ଅନ୍ନପୂର୍ଣ୍ଣା ଯଦ୍ୟପି ଦେଖିଥିଲେ ଏବଂ ସେ ଏହା ଜାଣିବା ପରେ ଭୋଜନ କରି ନ ଥିବେ – ଏହି ଧାରଣା ଯଦିଓ ସେ ତାଙ୍କର ବୁଦ୍ଧିର ଉପରିଭାଗରେ ଅନୁମାନ କରୁଥିଲେ ତଥାପି ଅଜ୍ଞାତ ଭୟାବହ ଆଶଙ୍କାରେ ତାଙ୍କ ମନ ଅତ୍ୟନ୍ତ ବ୍ୟାକୁଳ ହେଉଥିଲା । ତାଙ୍କୁ ଗୋଟିଏ ମୁହୂର୍ତ୍ତ ଗୋଟିଏ ଯୁଗ ସଦୃଶ ଜଣା ପଡୁଥିଲା । ସେ ଅତ୍ୟନ୍ତ କାତର ହୋଇ ବ୍ୟାକୁଳ ହୃଦୟରେ ଭଗବତ୍ ନାମ ସ୍ମରଣ କରୁଥିଲେ । କୌଣସି କାର୍ଯ୍ୟରେ ମନ ନ ଲାଗିବା ସତ୍ତ୍ୱେ ମା'ର ନିର୍ଦ୍ଦେଶ ଅନୁସାରେ ଅନିଚ୍ଛାରେ କାର୍ଯ୍ୟ କରୁଥିଲେ । ସେସମୟର ପ୍ରଥାନୁସାରେ ପିତାମାତା ତଥା ଭାଇମାନଙ୍କ ସମ୍ମୁଖରେ ପତିଙ୍କ ପାଖକୁ ଯିବାର ଉପାୟ ନ ଥିଲା । ତେଣୁ ସେ କେବଳ ସେମାନଙ୍କ ନିଦ୍ରିତ ଅବସ୍ଥାକୁ ଅପେକ୍ଷା କରି ରହିଥିଲେ । ମା'ର ବହୁତ ଆଗ୍ରହ ସତ୍ତ୍ୱେ ସେ ଟୋପାଏ ବି ପାଣି ମୁଖରେ ଦେଲେ ନାହିଁ । ସମସ୍ତ କାର୍ଯ୍ୟ ଶେଷରେ ମା' ସହିତ ସେ ବିଛଣାରେ ଶୋଇଲେ ।

ଅନ୍ନପୂର୍ଣ୍ଣାଙ୍କ ପାଖକୁ ନିଦ ଆସିବ କେଉଁଠୁ ? ପତିଙ୍କ ବିପଦ ଆଶଙ୍କାରେ ତାଙ୍କ ହୃଦୟ ଭୟ, ଉଦ୍‌ବେଗ, ବ୍ୟାକୁଳତା ଯୋଗୁଁ ଉଠୁଥାଏ ପଡୁଥାଏ । ସେ କେବଳ ଭଗବାନଙ୍କୁ ପ୍ରାର୍ଥନା କରୁଥାଆନ୍ତି । ଅର୍ଦ୍ଧରାତ୍ର । ମା' ନିଦ୍ରାରେ ଅଚେତ । ସେହି ସମୟରେ ଅନ୍ନପୂର୍ଣ୍ଣା ଉଠି ପାଦ ଚିପି ଚିପି ଆସ୍ତେ ଆସ୍ତେ କବାଟ ଖୋଲିଲେ ଏବଂ ତାଙ୍କ ପତି ରହୁଥିବା ତଥା ଭୋଜନ କରୁଥିବା କକ୍ଷ ପାଖରେ ପହଞ୍ଚିଲେ । ଦ୍ୱାରରେ ସୁଦୃଢ଼ ତାଲା ପଡ଼ିଥିବା ଦେଖି ତାଙ୍କ ମସ୍ତକରେ ବଜ୍ର ପଡ଼ିଗଲା । ହୃଦୟ କମ୍ପିବାକୁ ଲାଗିଲା । ପତିଙ୍କ ମୃତ୍ୟୁ ହୋଇଥିବା ସେ

ନିଶ୍ଚିତରୂପେ ବୁଝିପାରିଲେ । ସମସ୍ତ ସ୍ଥାନରେ, ଅଣୁପରମାଣୁରେ ଦୁଃଖ-ଶୋକ ନୃତ୍ୟ କରୁଥିବା ସେ ଅନୁଭବ କଲେ । ଚାରିଆଡ଼େ କାଳନିଶା ଘୋଟି ରହିଥିଲା । ସେ କଚାଡ଼ି ହୋଇ ପଡ଼ି ମୂର୍ଚ୍ଛିତ ହୋଇଗଲେ । କିଛି ସମୟ ପରେ ଚେତା ଫେରିବାରୁ ତାଙ୍କ ହୃଦୟରେ ଭଗବାନଙ୍କ ଉପସ୍ଥିତି ସେ ଅନୁଭବ କଲେ । ଭଗବାନ୍ ଯେପରି ତାଙ୍କ ହୃଦୟରେ ବିରାଜିତ ହୋଇ ତାଙ୍କୁ ବରଦ ହସ୍ତରେ ନିର୍ଭୟ ଦେଉଥିବା ସେ ଦେଖିଲେ । ହାତଯୋଡ଼ି ସେ ପ୍ରାର୍ଥନା କଲେ, ‘‘ପ୍ରଭୁ, ମୁଁ ଅନାଥିନୀ ବାଳିକା ତୁମର । ମୋର ତୁମ ଛଡ଼ା ଆଉ କେହି ଆଶ୍ରୟ ନାହିଁ । ତୁମେ ଅନାଥର ନାଥ, କରୁଣାସିନ୍ଧୁ, ଦୀନବନ୍ଧୁ; ତୁମେ ସଦା ନିରାଶ୍ରୟର ଆଶ୍ରୟ । ତୁମେ ଦ୍ରୌପଦୀଙ୍କ ଲଜ୍ଜା ନିବାରଣ ସକାଶେ ବସ୍ତ୍ର-ରୂପ ଧାରଣ କରିଥିଲ, ଭୀମଙ୍କୁ ବିଷରୁ ରକ୍ଷା କରିଥିଲ, ମୀରାବାଈଙ୍କ ଗରଳକୁ ଅମୃତରେ ପରିଣତ କରିଥିଲ, ଆହତ ଜନର ଦୁଃଖ ଦୂର କରିବା ସକାଶେ ତୁମେ ତା’ର ଡାକକୁ କର୍ଣ୍ଣ ଡେରି ବସିଥାଅ । ପ୍ରଭୁ, ଆଜି ଏହି ଅନାଥିନୀ ନିରାଶ୍ରୟା ବାଳିକା ଉପରେ ଦୟାକର । ଏହି ବିଷଜ୍ୱାଳାରୁ ମୋ ପତିଙ୍କୁ ଉଦ୍ଧାର କରି ପ୍ରାଣଦାନ ଦିଅ ।’’ ଏହିପରି ପ୍ରାର୍ଥନା କରୁ କରୁ ସେ ଭଗବତ୍ ଆନନ୍ଦସମୁଦ୍ରରେ ବୁଡ଼ିଗଲେ । ସମସ୍ତ ଘଟନା ବିସ୍ମୃତ ହୋଇଗଲା । ସେ ଭଗବତ୍ ପ୍ରେମରେ ଏକେବାରେ ସମାଧିସ୍ଥ ହୋଇଗଲେ । ସେହି ଅବସ୍ଥାରେ ସେ ଦେଖିଲେ – ରଘୁନାଥଙ୍କ ମୃତ ଶରୀର ପଡ଼ିଥିବା କକ୍ଷଟି ଜ୍ୟୋତିଃରେ ଝକମକ ହୋଇଉଠିଲା । ଭଗବାନ୍ ରଘୁନାଥଙ୍କ ପାଖରେ ବସି ତାଙ୍କ ମସ୍ତକରେ ହାତ ବୁଲାଇ ‘‘ରଘୁନାଥ, ଉଠ’’ ଏତିକି କହି ତାଙ୍କ ହାତ ଧରି ଉଠାଇ ବସାଇ ଦେଲେ । ଏହି ସମୟରେ ଅନ୍ନପୂର୍ଣ୍ଣାଙ୍କ ପ୍ରେମସମାଧି ଭଗ୍ନ ହୋଇଗଲା । ସେ ଆଖି ଖୋଲି ଦେଖିଲେ । ତାଙ୍କ ଦୃଷ୍ଟିରେ ଦ୍ୱାର ବନ୍ଦ ନ ଥିଲା । ଆବରଣରୂପେ ଥିବା ଗୃହର କାନ୍ଥ ଅଦୃଶ୍ୟ ହୋଇଗଲା, କେବଳ ରହିଲେ ଜ୍ୟୋତିଃପୁଞ୍ଜ ମଧ୍ୟରେ ଭଗବାନ୍ ଏବଂ ଭଗବାନଙ୍କ କୋଳରେ ରଘୁନାଥ । ପତିବ୍ରତା ଅନ୍ନପୂର୍ଣ୍ଣା ଆଶ୍ଚର୍ଯ୍ୟରେ ବୁଡ଼ିଗଲେ । ଭାବିବାକୁ ଲାଗିଲେ, ‘‘ଏହା ସ୍ୱପ୍ନ ନା ମୋର ଜାଗ୍ରତ ଅବସ୍ଥା । ନା, ନା, ଏହା ସ୍ୱପ୍ନ ନୁହେଁ, ଅନାଥିନୀ ବାଳିକା ଉପରେ ସାକ୍ଷାତ୍ ଭଗବାନଙ୍କର

ପରମ କୃପା । ଏହି ଅନାଥିନୀ ନିରାଶ୍ରୟା ଦୁଃଖିନୀର ବ୍ୟାକୁଳ ଡାକ ଶୁଣି ପ୍ରଭୁ ଦୟା କଲେ, ବିଷଜ୍ୱାଳାରେ ମୃତ ପତିଙ୍କୁ ଜୀବନ ଦାନ ଦେଲେ । ଏପରି ଦୟାଳୁ ପ୍ରଭୁଙ୍କ ଚରଣରେ କିପରି ପୂର୍ଣ୍ଣରୂପେ ନିଜକୁ ସମର୍ପଣ କରି ତାଙ୍କରି ଆଶ୍ରିତା ହୋଇ ସର୍ବଥା ରହିବି ।'' ଏହିପରି ଭାବନାରୁ ଭଗବାନଙ୍କ ପ୍ରତି ଅତ୍ୟନ୍ତ କୃତଜ୍ଞତା ଭାବ ତାଙ୍କ ହୃଦୟରେ ଅଧିକ ଉଦ୍ରେକ ହେଲା, ସେ ଭଗବତ୍ ପ୍ରେମରେ ପୁନରାୟ ସମାଧିସ୍ଥ ହୋଇଗଲେ ।

ରଘୁନାଥଙ୍କ ଆଖି ଖୋଲିଗଲା । ସେ ପ୍ରଗାଢ଼ ନିଦ୍ରାରୁ ଉଠିଲା ପରି ମନେହେଲା । ବିଷଜ୍ୱାଳାର କୌଣସି ପ୍ରଭାବ ନ ଥିଲା । ତାଙ୍କ, ମନ, ପ୍ରାଣ ଓ ଶରୀରର ରୋମ ରୋମରେ ଆନନ୍ଦ ସମାହିତ ହୋଇଥିଲା । ତାଙ୍କ ଦୃଷ୍ଟିରେ ଭଗବତ୍ ଜ୍ୟୋତିଃର ସମୁଦ୍ର । ସେ ସେହି ଆନନ୍ଦ ସମୁଦ୍ରରେ ବୁଡି ରହିଥିଲେ । କିଛିସମୟ ପରେ ପୂର୍ଣ୍ଣରୂପେ ବାହ୍ୟ ଚେତନାରେ ଆସିବାରୁ ଭାବିଲେ, ''ପ୍ରବଳ ବିଷଜ୍ୱାଳାରେ ମୋର ସମସ୍ତ ଶରୀର ଦଗ୍ଧ ହେଉଥିଲା । ସେହି ଅସହ୍ୟ ଯନ୍ତ୍ରଣାରେ ମୁଁ ମୃତ୍ୟୁ କବଳରେ କବଳିତ ଥିଲି । ଭଗବାନ୍ ଦୟାକରି ମୋତେ ମୃତ୍ୟୁ ଏବଂ ବିଷଜ୍ୱାଳାରୁ ରକ୍ଷା କଲେ ।'' ଏହା ଭାବି ଭଗବତ୍ କୃପାରେ ଅଭିଭୂତ ହୋଇ ଅର୍ଦ୍ଧ ସମାଧି ଅବସ୍ଥାରେ ଭଗବତ୍ ନାମ ସ୍ମରଣ କରିବାକୁ ଲାଗିଲେ । ଏକ ମୁହୂର୍ତ୍ତ ବାହ୍ୟଜ୍ଞାନ ଆସିଲେ ଆସ୍ତେ ଆସ୍ତେ ଭଗବତ୍ ନାମ ସ୍ମରଣ କରୁଥିଲେ ଏବଂ ସଙ୍ଗେ ସଙ୍ଗେ ଆନ୍ତର ଚେତନାରେ ସମାହିତ ହୋଇ ଯାଉଥିଲେ । ସେସମୟରେ ଶବ୍ଦରେ ନାମ ଉଚ୍ଚାରଣ ବନ୍ଦ ହୋଇ ଅନ୍ତରରେ ହେଉଥିଲା ।

ଅନ୍ନପୂର୍ଣ୍ଣା କିଛିସମୟ ପରେ ପୂର୍ଣ୍ଣରୂପେ ବାହ୍ୟ ଚେତନାକୁ ଆସିଗଲେ । ପୁନରାୟ ପୂର୍ବପରି ରଘୁନାଥଙ୍କ ଦ୍ୱାର ବନ୍ଦ, ଦୃଢ଼ ତାଲା ଦୃଷ୍ଟିଗୋଚର ସଙ୍ଗେ ସଙ୍ଗେ ରଘୁନାଥଙ୍କ ଭଗବତ୍ ପ୍ରେମାପ୍ଲୁତ ନାମସ୍ମରଣ ଶୁଣି ବିଶେଷ ଆନନ୍ଦ ଅନୁଭବ କଲେ ଏବଂ ଭଗବତ୍ ଆନନ୍ଦରେ ବୁଡି ରହିଥିବା ଅବସ୍ଥାରେ ଆସ୍ତେ ଆସ୍ତେ ଚାଲି ନିଜ ମା' ଶୋଇଥିବା କକ୍ଷରେ ଉପନୀତ ହେଲେ । ଭଗବତ୍ ଆନନ୍ଦ ସମ୍ମୁଖରେ ନିଦ୍ରା-ତମସର ପ୍ରବେଶ ନ ଥାଏ । ସେ ନିଜ ବିଛଣାରେ ବସି ଭଗବତ୍ ନାମସ୍ମରଣରେ ନିମଗ୍ନ ରହିଲେ ।

ଭୋର ହେବାର କିଛି ସମୟ ପୂର୍ବରୁ ମୃତ ରଘୁନାଥଙ୍କ ଶବସଂସ୍କାର କରିବା ଉଦ୍ଦେଶ୍ୟରେ ଗଙ୍ଗାଧର ପୁତ୍ରମାନଙ୍କ ସହିତ ରଘୁନାଥଙ୍କ ମୃତ ଶରୀର ରହିଥିବା କକ୍ଷରେ ପହଞ୍ଚିଲେ । ସେହି ସମୟରେ ଗଙ୍ଗାଧରଙ୍କ ପତ୍ନୀ ମଧ୍ୟ ଆସିଲେ । ଦ୍ୱାରର ଚାବି ଖୋଲା ହେଲା । କବାଟ ଫିଟାଇ ସେମାନେ ଯାହା ଦେଖିଲେ ସେଥିରେ ସେମାନେ ଆଶ୍ଚର୍ଯ୍ୟ-ସମୁଦ୍ରରେ ଏକେବାରେ ବୁଡିଗଲେ । ରଘୁନାଥ ବସିଛନ୍ତି, ତାଙ୍କ ମୁଖମଣ୍ଡଳ ଜ୍ୟୋତିଃରେ ପ୍ରଦୀପ୍ତମାନ ହେଉଛି । ସେ ଅର୍ଦ୍ଧ-ଚେତନ ଅବସ୍ଥାରେ ବସି ସମୟ ସମୟରେ 'ଶ୍ରୀରାମ ଗୋବିନ୍ଦ ହରେ ମୁରାରେ' ନାମସ୍ମରଣ କରୁଛନ୍ତି । ତାଙ୍କ ନେତ୍ରରୁ ପ୍ରେମାଶ୍ରୁ ବର୍ଷା ହେଉଛି । ଏହି ଦୃଶ୍ୟ ଦେଖି ସେମାନଙ୍କ ମୁଖରୁ ଗୋଟିଏ ବି ଶବ୍ଦ ବାହାରିଲା ନାହିଁ । କିଛି ସମୟ ସ୍ତମ୍ଭୀଭୂତ ଅବସ୍ଥାରେ ରହିବା ପରେ ବିଚାର କଲେ, ''ଏ ସାଧାରଣ ମନୁଷ୍ୟ ନୁହେଁ, ବିଷ ଖାଇ ମୃତ୍ୟୁ ପ୍ରାପ୍ତ ହେବା ପରେ ଜୀବଦାନ ପାଇଛି । ଏ ନିଜ ପ୍ରଭାବରେ ଆମର ଅନିଷ୍ଟ କରିପାରେ ।'' ଏହି ଭୟରେ ଗଙ୍ଗାଧର, ତାଙ୍କର ପତ୍ନୀ ଏବଂ ପୁତ୍ରମାନେ ସମସ୍ତେ ହାତଯୋଡ଼ି ବହୁ ବିନୟପୂର୍ବକ ପ୍ରାର୍ଥନା କଲେ ଏବଂ ନିଜ ଅପରାଧ ସକାଶେ କ୍ଷମା ଚାହିଁଲେ ।

ରଘୁନାଥ କହିଲେ, ''ଏଥିରେ ଆପଣମାନଙ୍କର କିଛି ଦୋଷ ନାହିଁ । ବୋଧହୁଏ ପୂର୍ବଜନ୍ମରେ ମୁଁ କାହାକୁ ବିଷ ଦେଇଥିବି ସେହି ସକାଶେ ମୋତେ ବିଷ ପାନ କରିବାକୁ ହେଲା । କିନ୍ତୁ ମୋ ପ୍ରାଣର ପ୍ରଭୁ ଦେଖି ଶ୍ରୀଜଗନ୍ନାଥ ଦୟାକରି ମୋତେ ଜୀବନଦାନ ଦେଲେ । ମୋତେ ଦରିଦ୍ରଦେଖି ଆପଣଙ୍କ ଝିଅକୁ ଅନ୍ୟ କାହାକୁ ବିବାହ ଦେବା ଉଦ୍ଦେଶ୍ୟରେ ମୋତେ ବିଷ ଦେବାରେ ଆପଣମାନେ ନିମିତ୍ତ ମାତ୍ର ହୋଇଛନ୍ତି । ଯଦି ଧର୍ମକୁ ଭୟ ଥାଏ ତେବେ ମୋ ପତ୍ନୀକୁ ମୋତେ ଦେଇଦିଅନ୍ତୁ । ଦିଅନ୍ତୁ ବା ନ ଦିଅନ୍ତୁ – ଏହା ଆପଣଙ୍କ ଇଚ୍ଛା । ମୁଁ ଯାଉଛି ।'' ଏହା କହି ଭଗବତ୍ ନାମ ସ୍ମରଣ କରି ଘରୁ ବାହାରି ଚାଲିବାକୁ ଲାଗିଲେ । ସମସ୍ତ ପରିବାର ରଘୁନାଥଙ୍କ ପଛେ ପଛେ ଯାଇ କହିଲେ, ''ଆଉ ଗୋଟିଏ ଦିନ ରୁହ । ଆମ୍ଭେ କନ୍ୟା-ବିଦାୟର ଆୟୋଜନ କରିଦେବୁ, ତୁମେ ତୁମ ପତ୍ନୀକୁ ସଙ୍ଗରେ ନେଇଯିବ । ରଘୁନାଥ ଦୃଢ଼ତା ସହିତ

କହିଲେ, ''ମୁଁ ଏଠାରେ ଆଉ ଘଡ଼ିଏ ବି ରହିବି ନାହିଁ ।'' ରଘୁନାଥଙ୍କ ପ୍ରତିଜ୍ଞା ଦେଖି ତାଙ୍କୁ ଦାଣ୍ଡରେ ବସାଇ ପିତା ପୁତ୍ର ଏବଂ ପତ୍ନୀ ସହିତ ଅନ୍ନପୂର୍ଣ୍ଣାଙ୍କ ପାଖକୁ ଆସିଲେ । ଦେଖିଲେ ଅନ୍ନପୂର୍ଣ୍ଣା ବସିଛନ୍ତି, ତାଙ୍କର ବାହ୍ୟ ଚେତନା ଯେପରି ଅନ୍ୟ କେଉଁ ସ୍ଥାନରେ ଅଛି ।

ପିତା ଅନ୍ନପୂର୍ଣ୍ଣାଙ୍କୁ କହିଲେ, ''ଅନ୍ନପୂର୍ଣ୍ଣା ତୋ ପତି ରଘୁନାଥ ଯାଉଛି; ସେ ଭିକାରି, ରହିବାକୁ ସ୍ଥାନ ନାହିଁ କିଂବା ଭୋଜନ କରିବା ସକାଶେ ଅନ୍ନ ନାହିଁ; ତୁ ତା' ସଙ୍ଗରେ ଯିବୁ ନା ଏହିଠାରେ ରହିବୁ ? ଲଜ୍ଜା ଛାଡ଼ି ସଫା ସଫା କହ ।'' ଭଗବାନ୍ ପତିଙ୍କୁ ଜୀବନଦାନ ଦେଇଥିବା ଦେଖିବା ସମୟରୁ ଅନ୍ନପୂର୍ଣ୍ଣାଙ୍କର ଲଜ୍ଜା, ଭୟ, ସଂକୋଚ ଛାଡ଼ି ଯାଇଥିଲା । ସେ ନିର୍ଭୀକ ତଥା ନମ୍ର ସ୍ୱରରେ ଉତ୍ତର ଦେଲେ, ''ମୁଁ ଯିବି ମୋ ସ୍ୱାମୀଙ୍କ ସହିତ । ସେ ଭିକାରି ହେଲେ ମୁଁ ତାଙ୍କର ହେବି ଭିକ୍ଷାପାତ୍ର । ସେ ଭିକାରି ହୁଅନ୍ତୁ ବା ଧନୀ ହୁଅନ୍ତୁ, ମୁଁ ତାଙ୍କର ଦାସୀ । ଏଇ ଶରୀର ତାଙ୍କ ଚରଣରେ ସମର୍ପିତ ହୋଇସାରିଛି । ମୋତେ ଘରେ ରଖିଲେ ତୁମର ଅମଙ୍ଗଳ ହେବ ।'' ଏତିକି କହିବା ପରେ ଅନ୍ୟକୁ ବିବାହ ଦେବା ପ୍ରସ୍ତାବ ସ୍ମରଣ ହେବାରୁ ତାଙ୍କ ହୃଦୟ କ୍ରୋଧରେ ଜଳିବାକୁ ଲାଗିଲା । ସେ ଦୃଢ଼ ଓ ରୋଷଯୁକ୍ତ ଶବ୍ଦରେ କହିଲେ, ''ତୁମେ ମୋର ପିତା, ମୁଁ ତୁମର ପୁତ୍ରୀ, ମୁଁ ତୁମକୁ ଅଧିକ କ'ଣ କହିବି ? ତୁମେ କ'ଣ ଭାବିଛ ମୋତେ ଅନ୍ୟଜଣକୁ ବିବାହ ଦେଇ ଦୋଚାରୁଣୀ କରିବ ? ମୁଁ ସେପରି କନ୍ୟା ନୁହେଁ, ଅନ୍ୟ ପୁରୁଷର ମୁହଁ କଦାପି ଦେଖିବି ନାହିଁ । ମୋ ପତିଙ୍କ ସହିତ ଯଦି ମୋତେ ଯିବାକୁ ନ ଦିଅ ତେବେ ମୁଁ ଆତ୍ମହତ୍ୟା କରିବି । ସେ ପାପ ତୁମକୁ ଲାଗିବ । ଏଥିରେ ମୁଁ ଦୃଢ଼ନିଶ୍ଚୟ ।'' ଏହା ଶୁଣିବା ମାତ୍ରେ ଦୁହିତାଙ୍କୁ ବସ୍ତ୍ରଭୂଷଣରେ ଭୂଷିତ କରି ବହୁତ ଧନରତ୍ନ ସହିତ ରଘୁନାଥଙ୍କ ପାଖକୁ ନେଇଯିବା ଉଦ୍ଦେଶ୍ୟରେ ବାହାରିଲେ । ଯିବା ସମୟରେ ଅନ୍ନପୂର୍ଣ୍ଣା ଭକ୍ତିଭରେ ପିତାମାତା, ଭାଇଭାଉଜମାନଙ୍କ ଚରଣ ସ୍ପର୍ଶ କରି ପ୍ରଣାମ କଲେ ଏବଂ କହିଥିବା କଠୋର ଶବ୍ଦ ସକାଶେ କ୍ଷମାପ୍ରାର୍ଥନା କରି ସେମାନଙ୍କ ଚରଣଧୂଳି ମସ୍ତକରେ ଲଗାଇ ପ୍ରସନ୍ନତାପୂର୍ବକ ବିଦାୟ ନେଲେ । ସେମାନେ ଅନ୍ନପୂର୍ଣ୍ଣାଙ୍କୁ

ରଘୁନାଥଙ୍କ ପାଖକୁ ନେଇ ତାଙ୍କ ହାତ ରଘୁନାଥଙ୍କ ହସ୍ତରେ ସମର୍ପି ଦେଇ କହିଲେ, ''ଆଜିଠାରୁ ଅନ୍ନପୂର୍ଣ୍ଣାର ଦାୟିତ୍ୱ ତୁମ ଉପରେ । ତୁମେ ନିଜ ପତ୍ନୀକୁ ସଙ୍ଗରେ ନେଇଯାଅ । ଆମର ଅପରାଧ କ୍ଷମା କରି ଆମ ଉପରେ ଦୟା ରଖିଥାଅ ।''

ଅନ୍ନପୂର୍ଣ୍ଣାଙ୍କର ଲଜ୍ଜା ସଙ୍କୋଚ ପୂର୍ବରୁ ଦୂର ହୋଇଥିଲା । ସେ ପିତାମାତା, ଭାଇ ଏବଂ ଦୂରରୁ ଛିଡ଼ାହୋଇ ଦେଖୁଥିବା ଭାଉଜ ଏବଂ ଅନ୍ୟାନ୍ୟ ଦର୍ଶନାର୍ଥୀଙ୍କ ସମ୍ମୁଖରେ ପତିଙ୍କ ଚରଣରେ ଅଭିବାଦନ କଲେ ଏବଂ କହିଲେ, ''ଏହି ଦାସୀ ତୁମ ସେବାରେ ଉପସ୍ଥିତ, ଯେଉଁଆଡ଼େ ଇଚ୍ଛା ହେବ ଏହି ଦାସୀକୁ ସଙ୍ଗେ ନେଇ ଯାତ୍ରା କରନ୍ତୁ ।'' ରଘୁନାଥ ପତ୍ନୀଙ୍କ ହସ୍ତ ଧରି ଭଗବତ୍ ନାମ ସ୍ମରଣପୂର୍ବକ ଯାତ୍ରା ଆରମ୍ଭ କଲେ । ଅନ୍ନପୂର୍ଣ୍ଣା ପତିଙ୍କ ସଙ୍ଗେ କେତେଦୂର ଯିବା ପର୍ଯ୍ୟନ୍ତ ପିତାମାତା ଓ ଭାଇଭାଉଜମାନେ ମନଦୁଃଖରେ ଛିଡ଼ାହୋଇ ଦେଖୁଥିଲେ । ଅନ୍ନପୂର୍ଣ୍ଣା ଏବଂ ରଘୁନାଥ ଅଦୃଶ୍ୟ ହେବାରୁ ଅତ୍ୟନ୍ତ ମନ ଦୁଃଖରେ ଘରକୁ ଫେରିଲେ ।

ଗଙ୍ଗାଧର ତଥା ତାଙ୍କ ପୁତ୍ରମାନେ ଅଜ୍ଞାନ-ମୋହରେ ମୋହିତ ହୋଇଥିବା ଯୋଗୁଁ ସେମାନଙ୍କର ଯଥାର୍ଥ-ଅଯଥାର୍ଥ ବିଚାର କରିବାର ବିବେକ ନ ଥିଲା । ରଘୁ ଏବଂ ଅନ୍ନପୂର୍ଣ୍ଣାଙ୍କୁ ପ୍ରତ୍ୟକ୍ଷଭାବେ ଭଗବାନ୍ ରକ୍ଷା କରୁଥିବାର ସେମାନେ ସ୍ୱଚକ୍ଷୁରେ ଦେଖିବା ସତ୍ତ୍ୱେ ସେମାନଙ୍କ ବୁଦ୍ଧିକୁ ଏହା ସ୍ପର୍ଶ କରିପାରୁ ନ ଥିଲା । ନିଜ କନ୍ୟା ତଥା ନିଜ ଭଉଣୀ ପ୍ରତି ସଂସାରୀ ମୋହ, ଆସକ୍ତି ସେମାନଙ୍କୁ ବିମୂଢ଼ କରି ସାରିଥିଲା । ସେମାନେ ଘରକୁ ଫେରିଯିବା ପରେ ଅନ୍ନପୂର୍ଣ୍ଣା ଭିକାରି ରଘୁନାଥଙ୍କ ସହିତ ଦ୍ୱାର ଦ୍ୱାର ବୁଲି ଭିକ୍ଷାମାଗିବା କଥା ସ୍ମରଣ ହେବା ମାତ୍ରେ ସେମାନଙ୍କ ହୃଦୟ ବ୍ୟାକୁଳ ହୋଇପଡ଼ିଲା । ସେମାନେ ଶୋକରେ ଅଭିଭୂତ ହୋଇଗଲେ । ''ହାୟରେ ବିଧାତା, ଯେଉଁ ଅନ୍ନପୂର୍ଣ୍ଣାକୁ କେତେ ଦାସଦାସୀ ସେବା କରୁଥିଲେ, ଯିଏ ଅଲିଅଳିରେ ବଢ଼ି କୁଟାଖଣ୍ଡକୁ ଦିଖଣ୍ଡ କରୁ ନ ଥିଲା, ସେହି ଅନ୍ନପୂର୍ଣ୍ଣା ପତି ସହିତ ଭିକ୍ଷାପାତ୍ର ଧରି ଭିକ୍ଷା ମାଗିବ ! ଆମ୍ଭେମାନେ ସମାଜରେ ମୁଖ ଦେଖାଇ ପାରିବା ? ନା, ଏହା ହେବ

ନାହିଁ ।'' ଏହା ଭାବି ସଙ୍ଗେ ସଙ୍ଗେ ବାସୁ ମହାପାତ୍ରଙ୍କୁ ଖବର ଦେଲେ, ''ଆମ୍ଭେ ଯେଉଁ କନ୍ୟା ଅନ୍ନପୂର୍ଣ୍ଣାକୁ ତୁମ ପୁତ୍ର ସହିତ ବିବାହ ଠିକ୍ କରିଥିଲୁ ସେହି କନ୍ୟାକୁ ତା ପତି ସଙ୍ଗରେ ନେଇଯାଉଛି । ବହୁପ୍ରକାର ଚେଷ୍ଟା କରି ଆମ୍ଭେ ରଖିପାରିଲୁ ନାହିଁ । ତୁମେ ଯଦି ଚାହଁ ତୁମ ଅନ୍ନପୂର୍ଣ୍ଣାକୁ ତା' ପତି ହାତରୁ ଛଡ଼ାଇ ଆଣି ତୁମ ପୁତ୍ର ସହିତ ବିବାହ ଦେଇପାର ।''

ବାସୁ ମହାପାତ୍ର ରାଜାଙ୍କ ପ୍ରଧାନ ଅଫିସରଙ୍କ ମଧରେ ଜଣେ ଥିଲେ । ତାଙ୍କର ପ୍ରତିପତ୍ତି ଅଧିକ ଥିଲା । ଅଜ୍ଞାନମୋହିତ ପ୍ରାଣୀକୁ ଅଧିକାର ପ୍ରାପ୍ତ ହେଲେ ତା'ର ଦୁରୁପଯୋଗ ହେବା ସ୍ୱାଭାବିକ । ସେ ଖବର ପାଇବା ସଙ୍ଗେ ସଙ୍ଗେ ରାଗରେ ଜର୍ଜରିତ ହୋଇ ଜଣେ ଭିକାରି ଦ୍ୱାରା ତାଙ୍କର ଅପମାନ ହେଉଥିବା ଅନୁଭବ କରି ବହୁ ସିପାହି ପଠାଇ ରଘୁନାଥଙ୍କୁ ମାରିପିଟି ବାନ୍ଧି ଅନ୍ନପୂର୍ଣ୍ଣାଙ୍କ ସହିତ ନେଇ ଆସିବାକୁ ଆଦେଶ ଦେଲେ । ସେନାମାନେ କ୍ଷିପ୍ର ପଦକ୍ଷେପରେ ଆସି ଦୂରରୁ ଡାକିଲେ, ''ହେ ନାରୀଚୋର, ତୋର ଏତେ ସାହସ ! ପ୍ରାଣରେ ଆଶା ଥିଲେ ଅନ୍ନପୂର୍ଣ୍ଣାକୁ ଦେଇ ପ୍ରାଣ ନେଇ ପଳା । ଅନ୍ୟଥା ତୋତେ ବାନ୍ଧିନେଇ ଦରବାରରେ ଶାସ୍ତି ଦେବୁ ଏବଂ ଅନ୍ନପୂର୍ଣ୍ଣାଙ୍କୁ ମାଲିକଙ୍କ ସମ୍ମୁଖରେ ଉପସ୍ଥିତ କରିବୁ ।'' ବହୁ କୋଳାହଳ ତଥା ଏପରି ଡାକ ଶୁଣିବାମାତ୍ରେ ରଘୁ ଏବଂ ଅନ୍ନପୂର୍ଣ୍ଣା ପଛକୁ ଅନାଇଲେ । ସମସ୍ତଙ୍କୁ ଦେଖିବା ସଙ୍ଗେ ସଙ୍ଗେ ରଘୁ ଅନ୍ନପୂର୍ଣ୍ଣାଙ୍କୁ ଆଗେ ରଖି ନିଜେ ପଛରେ ରହିଲେ । ଅନ୍ନପୂର୍ଣ୍ଣା କହିଲେ, ''ପତିଦେବ, ସବୁ ସଙ୍କଟରୁ ଭଗବାନ୍ ରକ୍ଷା କଲେ, କିନ୍ତୁ ବର୍ତ୍ତମାନ ମୋର ମୃତ୍ୟୁ ନିଶ୍ଚିତ । ଏମାନେ ତୁମକୁ ମାରି ମୋତେ ନେଇଯିବେ । ପ୍ରାଣତ୍ୟାଗ କରିବା ଛଡ଼ା ମୋର ଅନ୍ୟ କୌଣସି ଉପାୟ ରହିବ ନାହିଁ । ଏବେ ଆଉ କ'ଣ କରିବା ?'' ରଘୁ କହିଲେ, ''ପ୍ରିୟେ, ତୁମେ ପ୍ରତ୍ୟକ୍ଷଭାବେ ଭଗବାନଙ୍କ କୃପାକୁ ଦେଖିକରି ବି ଭୁଲିଯାଉଛ ! ମୋ ପ୍ରଭୁଙ୍କର ଇନ୍ଦ୍ରଚନ୍ଦ୍ରାଦି ଭୃତ୍ୟ, ସେ ଚାହିଁବାମାତ୍ରେ ସୃଷ୍ଟି ସର୍ଜନା ଏବଂ ସୃଷ୍ଟି ନାଶ ହୋଇପାରେ । ସେହିଁ ତୁମ ସହିତ ମୋତେ ଭେଟ କରାଇଛନ୍ତି, ମୃତ୍ୟୁମୁଖରୁ ରକ୍ଷା କରିଛନ୍ତି । ସେହି ପ୍ରଭୁ ଏହି ବିପଦରୁ ରକ୍ଷା କରିବେ । ତାଙ୍କର ପ୍ରତିଜ୍ଞା ହେଉଛି ଆଶ୍ରିତକୁ ରକ୍ଷା କରିବା ।

ସେହି ସକାଶେ ସେ ଦାରୁମୂର୍ତ୍ତିରୂପେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରି ବିରାଜମାନ ହୋଇଛନ୍ତି । ତୁମେ ତାଙ୍କୁ ସ୍ମରଣ କର, ଭୟ କରିବାର କୌଣସି କାରଣ ନାହିଁ ।'' ଏହିପରି କଥାବାର୍ତ୍ତା ହେଉ ହେଉ ସେନାମାନେ ନିକଟରେ ପହଞ୍ଚିଗଲେ । କିନ୍ତୁ ସାମ୍ନାରେ କଳା ଏବଂ ଧଳା ଅଶ୍ୱାରୋହୀ ଶକ୍ତିଶାଳୀ ତେଜସ୍ୱୀ ଆୟୁଧଧାରୀ ଦୁଇଜଣ ଯୋଦ୍ଧା ଦୃଷ୍ଟିଗୋଚର ହେଲେ । ସେମାନେ ଅତ୍ୟନ୍ତ କୋମଳ ଏବଂ ସ୍ନେହପୂର୍ଣ୍ଣ ବାଣୀରେ ରଘୁ ଏବଂ ଅନ୍ନପୂର୍ଣ୍ଣାଙ୍କୁ କହିଲେ, ''ତୁମ୍ଭମାନଙ୍କର ଘର କେଉଁଠି ? କେଉଁଠୁ ଆସିଲ, କେଉଁଠାକୁ ଯିବ ? ତୁମ୍ଭ ସଙ୍ଗରେ କ'ଣ ଆଉ କେହି ନାହାନ୍ତି ? ତୁମ୍ଭ ପଛରେ ବହୁତ ଅସ୍ତ୍ରଧାରୀ ସୈନ୍ୟ ଆସୁଛନ୍ତି କାହିଁକି ? ତୁମ୍ଭେ ସେମାନଙ୍କୁ ଜାଣ ?'' ରଘୁନାଥ ଦୁଇ ଯୋଦ୍ଧାଙ୍କୁ ଦେଖିବା ମାତ୍ରେ ସେମାନଙ୍କ ପ୍ରତି ସ୍ୱାଭାବିକରୂପେ ଅକର୍ଷିତ ହୋଇ ସାରିଥିଲେ । ସେ ହାତ ଯୋଡ଼ି ପ୍ରଣାମ କରି ଅତ୍ୟନ୍ତ ମୃଦୁ ବାଣୀରେ କହିଲେ, ''ପ୍ରଭୁ, ସମସ୍ତ ଘଟନା କହିବାକୁ ସମୟ ନାହିଁ । ମୁଁ ମୋ ପତ୍ନୀଙ୍କୁ ସଙ୍ଗରେ ନେଇ ଯାଉଛି । ଏମାନେ ମୋତେ ମାରି ମୋ ପତ୍ନୀଙ୍କୁ ଛଡ଼ାଇ ନେବାକୁ ଆସୁଛନ୍ତି । ମୋର ସଖା, ସହୋଦର, ସହାୟକ ଅନ୍ୟ କେହି ନାହାନ୍ତି । କେବଳ ମୋର ଏକମାତ୍ର ପ୍ରଭୁ ନୀଳାଚଳନାଥ । ସେହିଁ ମୋତେ ରକ୍ଷା କରିବେ ।'' ଏକଥା ଶୁଣି ଦୁଇଯୋଦ୍ଧା ରଘୁନାଥ ଓ ଅନ୍ନପୂର୍ଣ୍ଣାଙ୍କୁ ମଝିରେ ରଖି ସମ୍ମୁଖରେ ତଥା ପଶ୍ଚାତ୍‌ରେ ରହିଲେ ଏବଂ କହିଲେ, ''ତୁମ୍ଭେମାନେ ନିର୍ଭୟରେ ଚାଲ, ଆମ୍ଭେ ତୁମ୍ଭଙ୍କୁ ରକ୍ଷା କରିବୁ ।'' ଏହା ଶୁଣିବାମାତ୍ରେ ରଘୁନାଥ ଏବଂ ଅନ୍ନପୂର୍ଣ୍ଣାଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେମାନେ ଭଗବାନଙ୍କ ରକ୍ଷା ପ୍ରତ୍ୟକ୍ଷଭାବେ ଅନୁଭବ କଲେ । କିନ୍ତୁ ଯୋଦ୍ଧାରୂପୀ ଭଗବାନଙ୍କୁ ଚିହ୍ନିପାରିଲେ ନାହିଁ । ସେମାନଙ୍କ ଆଜ୍ଞାନୁସାରେ ନିର୍ଭୟରେ ଭଗବାନଙ୍କ ନାମ ସ୍ମରଣ କରି ଗମନ କଲେ । କିନ୍ତୁ ପଛରୁ ଆସୁଥିବା ସେନାମାନଙ୍କୁ ଦେଖାଗଲା ଅସ୍ତ୍ରଶସ୍ତ୍ରଧାରୀ ମହାପରାକ୍ରମୀ ଅସଂଖ୍ୟ ସୈନ୍ୟ ଦ୍ୱାରା ସୁରକ୍ଷିତ ହୋଇ ରଘୁନାଥ ଏବଂ ଅନ୍ନପୂର୍ଣ୍ଣା ଯାଉଛନ୍ତି । ସେମାନଙ୍କ ପାଖକୁ ଗଲେ ଜୀବିତ ଅବସ୍ଥାରେ ଫେରିବା ସମ୍ଭବ ହେବ ନାହିଁ । ଏହା ଭାବି ସେମାନେ ଭୟଭୀତ ହୋଇ ଗରୁଡ଼

ତ୍ରାସରେ ସର୍ପ, ସର୍ପ ଭୟରେ ମଣ୍ଡୁକ, ସିଂହ ଭୟରେ ମୃଗ ପଳାଇବା ସଦୃଶ ପ୍ରାଣାତଙ୍କିତ ହୋଇ ଏଣେତେଣେ ପଳାଇଲେ । ଦୁଇ ଯୋଦ୍ଧା ରଘୁ ଏବଂ ଅନ୍ନପୂର୍ଣ୍ଣାଙ୍କୁ ସେହି ରାଜ୍ୟର ସୀମା ପାର କରାଇ କହିଲେ, ତୁମ୍ଭର ଆଉ ଭୟ ନାହିଁ, ତୁମ୍ଭେମାନେ ଯାଅ, ଆମ୍ଭେ ବିଦାୟ ନେଉଛୁ ।'' ରଘୁ ଏବଂ ଅନ୍ନପୂର୍ଣ୍ଣା ଯଦ୍ୟପି ଭଗବାନଙ୍କୁ ସେସମୟରେ ଚିହ୍ନିପାରିଲେ ନାହିଁ ତଥାପି ଅଜ୍ଞାତ ଆନ୍ତର ପ୍ରେରଣାରେ ଭଗବାନଙ୍କ ସଦୃଶ ତାଙ୍କୁ ସ୍ତୁତିକଲେ ଏବଂ ବାରଂବାର ପ୍ରଣାମ କରି କହିଲେ, ''ତୁମ୍ଭରି କୃପାରୁ ଆମ୍ଭର ପ୍ରାଣ ରକ୍ଷା ହେଲା ଅନ୍ୟଥା ଆମ୍ଭେ ଯମପୁରରେ ପହଞ୍ଚିଥା'ନ୍ତୁ''— ଏହିପରି ବହୁ ବିନୟ କରି ପୁନରାୟ ଆନ୍ତରିକ କୃତଜ୍ଞତାରେ ପ୍ରଣାମ କରି ତାଙ୍କଠାରୁ ବିଦାୟ ନେଇ ପୁରୁଷୋତ୍ତମ କ୍ଷେତ୍ର ଅଭିମୁଖେ ଅଗ୍ରସର ହେଲେ ।

ସେସମୟରେ ରାସ୍ତାରେ ବହୁ ଜଙ୍ଗଲ ତଥା ପାହାଡ଼ ଅତିକ୍ରମ କରିବାକୁ ହେଉଥିଲା ଏବଂ ପଥରେ ଚୋରି, ଡକାୟତି, ହିଂସ୍ର ଜନ୍ତୁମାନଙ୍କ ଦ୍ୱାରା ବିପଦ ବି ଥିଲା । ଏପରି ପରିସ୍ଥିତିରେ ଅନ୍ନପୂର୍ଣ୍ଣାଙ୍କ ପାଖରେ ସୁନା ଅଳଙ୍କାର ଏବଂ ଟଙ୍କା ଥିବା ସତ୍ତ୍ୱେ ଭଗବାନଙ୍କ ଉପରେ ଦୃଢ଼ ବିଶ୍ୱାସ ରଖି ତାଙ୍କରି ନାମ ସ୍ମରଣ କରି ସେମାନେ ବହୁ ଦିନ ପରେ ନିରାପଦରେ ନୀଳାଚଳ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଲେ । ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ଦୁଇଜଣ ଆନନ୍ଦରେ ବିଭୋର ହୋଇଗଲେ । ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଅନ୍ନପୂର୍ଣ୍ଣାଙ୍କୁ ତାଙ୍କ ପିତାମାତାଙ୍କ ଦ୍ୱାରା ପ୍ରାପ୍ତ ହୋଇଥିବା ଟଙ୍କାରେ ଗୋଟିଏ ଛୋଟ ଚାଳଘର ଖର୍ଦ୍ଦିକରି ଦୁଇଜଣ ବାସ କଲେ ।

ସେମାନଙ୍କର ସାଂସାରିକ ଚିନ୍ତା ବା ବନ୍ଧନ କିଛି ନ ଥିଲା । ଥିଲା କେବଳ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଏବଂ ଭଗବତ୍ ସ୍ମରଣ । ଦୁଇ ପ୍ରାଣୀ ବ୍ରାହ୍ମମୁହୂର୍ତ୍ତରେ ଉଠନ୍ତି, ସ୍ନାନ ପରେ ଅନ୍ନପୂର୍ଣ୍ଣା ଗୃହକାର୍ଯ୍ୟ କରନ୍ତି, ରଘୁନାଥ ଶ୍ରୀଜଗନ୍ନାଥଙ୍କ ମନ୍ଦିରକୁ ଚାଲିଯାନ୍ତି । ତାଙ୍କ ମନରେ ଅନ୍ୟ ଚିନ୍ତା ନ ଥାଏ । ସେ କେବେ କଳାମଣ୍ଡପରେ ଭଗବାନଙ୍କ ନାମ ଏବଂ ବିବିଧ ଲୀଳା ଗାନ କରି ଭାବରେ ବିଭୋର ହୋଇଯା'ନ୍ତି; ନେତ୍ରରୁ ଅଶ୍ରୁଧାର ବହୁଥାଏ । କେବେ ନାନା

ଅଙ୍ଗଭଙ୍ଗୀ କରି ଭଗବତ୍ ଲୀଳାରେ ତନ୍ମୟ ହୋଇ ନୃତ୍ୟ କରନ୍ତି, କେବେ ଆନନ୍ଦରେ ଗଡ଼ିଯାଆନ୍ତି, କେବେ ଗରୁଡ଼ସ୍ତମ୍ଭର ପଶ୍ଚାତ୍‌ରେ ରହି ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିକୁ ଅପଲକ ନୟନରେ ଦର୍ଶନ କରି ଏକାବେଳେ ସ୍ତମ୍ଭୀଭୂତ ହୋଇଯାନ୍ତି, ନେତ୍ରରୁ ଅଶ୍ରୁଧାର ବହୁଥାଏ, ତାଙ୍କର ଶରୀର ଜ୍ଞାନ ନ ଥାଏ । କେବେ ହାତରେ କରତାଳ ବଜାଇ ଭଗବତ୍ ନାମଲୀଳାଗାନରେ ଉନ୍ମତ୍ତ ସଦୃଶ ନୃତ୍ୟ କରନ୍ତି, କେବେ ପୂରାପୂରି ନୀରବ ଅବସ୍ଥାରେ ନିଶ୍ଚଳ ପ୍ରତିମା ସଦୃଶ ଛିଡ଼ା ହୋଇ ରହନ୍ତି । ତିନିଧୂପ ପଞ୍ଚ ଅବକାଶରେ ସେ ମନ୍ଦିରରେ ଉପସ୍ଥିତ ରହି ଭଗବତ୍ ଆନନ୍ଦରେ ଶରୀର ତଥା ସଂସାରକୁ ଭୁଲିଯା'ନ୍ତି । ଏହାପରେ ଭିକ୍ଷା ସକାଶେ ରଘୁନାଥ ଯାଆନ୍ତି । ମୁଖରେ ଭଗବାନଙ୍କ ନାମ ଉଚ୍ଚାରଣ କରୁଥା'ନ୍ତି । ହୃଦୟରେ ଭଗବାନଙ୍କର ଧ୍ୟାନ ଥାଏ । ତାଙ୍କରି କୃପାରୁ ଭିକ୍ଷାରେ ଯାହା ମିଳେ ତାହା ଆଣି ପତ୍ନୀଙ୍କୁ ଦେଇଦିଅନ୍ତି । ତାଙ୍କ ଗୃହଟି ଥିଲା ଭଗବାନଙ୍କ ମନ୍ଦିର ସଦୃଶ । ଯେପରି ସଫାସୁତୁରା ସେହିପରି ଶୁଦ୍ଧ ବାତାବରଣ । ପତ୍ନୀ ଅନ୍ନପୂର୍ଣ୍ଣା ଗୃହରେ କାର୍ଯ୍ୟ ଭଗବାନଙ୍କ ସେବା ଭାବରେ ଅତ୍ୟନ୍ତ ଉତ୍‌ଫୁଲ୍ଲତାରେ କରୁଥା'ନ୍ତି । ଭିକ୍ଷାଦ୍ରବ୍ୟ ପାଇବା ସଙ୍ଗେ ସଙ୍ଗେ ରନ୍ଧନ କରନ୍ତି । ସମସ୍ତ ଭୋଜନଦ୍ରବ୍ୟ ଭଗବାନଙ୍କୁ ଅର୍ପଣ କରିବା ପରେ ପତିଦେବଙ୍କୁ ପରଷି ଦିଅନ୍ତି । ପତିଙ୍କ ଭୋଜନ ପରେ ଅନ୍ନପୂର୍ଣ୍ଣା ଭୋଜନ କରନ୍ତି । ପତିଙ୍କ ଭୋଜନ ପୂର୍ବରୁ ଅନ୍ନପୂର୍ଣ୍ଣା ଜଳ ପର୍ଯ୍ୟନ୍ତ ଗ୍ରହଣ କରନ୍ତି ନାହିଁ । ପତିଙ୍କୁ ଗୁରୁରୂପେ ମାନି ତାଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ କରନ୍ତି ଏବଂ ଆନ୍ତରିକତାସହ ପତିସେବା କରନ୍ତି । ପରସ୍ପର ମଧ୍ୟରେ ଏପରି ଭକ୍ତି ଓ ସ୍ନେହ ଥାଏ ଯେ ଯେପରି ଗୋଟିଏ ପ୍ରାଣ, ଦୁଇଟି ଶରୀର । ଏପରି ହେବା ସ୍ୱାଭାବିକ । ଦୁଇଜଣ ଭଗବାନଙ୍କ ଭକ୍ତ, ଏକ ଲକ୍ଷ୍ୟ, ଲକ୍ଷ୍ୟପ୍ରାପ୍ତିରେ ପରସ୍ପର ଏକ ଅନ୍ୟର ସହାୟକ ଥିଲେ । ଦୁଇଜଣ ଭଗବତ୍ ଭଜନର ଆନନ୍ଦରେ ନିବାସ କରୁଥିଲେ ।

ରଘୁନାଥଙ୍କର ସାଧୁସନ୍ଥଙ୍କ ପ୍ରତି ସ୍ୱାଭାବିକ ଭକ୍ତି ଥିଲା । ଜୀବମାତ୍ରରେ ତାଙ୍କର ଦୟା । ସେ ଥିଲେ ଅନ୍ୟର ହିତାକାଙ୍କ୍ଷୀ । କପଟ-କୁଟିଳତା ତାଙ୍କୁ କେବେ ସ୍ପର୍ଶ କରି ନ ଥିଲା । ସେ ନିଜେ ଭିକ୍ଷା କରନ୍ତି କିନ୍ତୁ ତାଙ୍କ ଦ୍ୱାରକୁ

କୌଣସି ସନ୍ଥ, ବ୍ରାହ୍ମଣ ଅଥବା ଭିକ୍ଷାର୍ଥୀ ଆସିଲେ ତାଙ୍କୁ ନିଜ ଅତ୍ମୀୟରୁ ଅଧିକ ମନେ କରି ଅନ୍ନଦାନ ଦେଇ ସେବା କରନ୍ତି । ସେ କେବେ ବି କୌଣସି ବିଷୟରେ ଚିନ୍ତା କରନ୍ତି ନାହିଁ କିଂବା ତାଙ୍କର କେବେ ବି ଅଭାବବୋଧ ନ ଥାଏ ।

ପୁଷ୍ପ ପ୍ରସ୍ଫୁଟିତ ହେଲେ ସୁଗନ୍ଧ ଯେପରି ଚାରିପାଖରେ ବିଚ୍ଛୁରିତ ହୁଏ ସେହିପରି ରଘୁ ଏବଂ ଅନ୍ନପୂର୍ଣ୍ଣାଙ୍କ ଭକ୍ତି ମୁଖେ ମୁଖେ ପ୍ରସାରଲାଭ କଲା । ରଘୁ ଜଣେ ଭଗବତ୍ ଭକ୍ତ ତଥା ସାଧୁ, ସନ୍ଥ, ଅଭ୍ୟାଗତଙ୍କ ସେବକ – ଏକଥା ଲୋକେ ଜାଣିଗଲେ । ଦୂରରୁ ଆସୁଥିବା ସାଧୁସନ୍ଥମାନେ ବି ଭୋଜନ ସକାଶେ ରଘୁଙ୍କ ଘରେ ପହଞ୍ଚି ଯାଉଥିଲେ । ପୁରୀ କଳିଯୁଗର ଧାମ । ଶ୍ରୀରାମ ଶ୍ରୀକୃଷ୍ଣାଦି ସମସ୍ତ ଅବତାରଙ୍କର ମୂଳ କାରଣ ସାକାର-ନିରାକାର ଉର୍ଦ୍ଧ୍ୱସ୍ଥ ସଚ୍ଚିଦାନନ୍ଦ ପୁରୁଷୋତ୍ତମ ତତ୍ତ୍ୱଙ୍କ ପ୍ରତୀକ ଶ୍ରୀଜଗନ୍ନାଥ । ସମସ୍ତ ଅଧ୍ୟାତ୍ମ ଧର୍ମର ସମନ୍ୱୟ ସଚ୍ଚିଦାନନ୍ଦଙ୍କ ଉପଲବ୍ଧିରେ । ଏହି କାରଣରୁ ସମସ୍ତ ସଂପ୍ରଦାୟର ଅଧ୍ୟାତ୍ମ ସାଧକମାନଙ୍କ ସମନ୍ୱୟସ୍ଥଳ ଶ୍ରୀପୁରୁଷୋତ୍ତମ କ୍ଷେତ୍ର । ସମସ୍ତ ଅଧ୍ୟାତ୍ମ ସାଧକ ତଥା ସିଦ୍ଧ ଏବଂ ସାଧାରଣ ଧାର୍ମିକ ଜନତା ଆସନ୍ତି ଶ୍ରୀଜଗନ୍ନାଥଙ୍କ ଦର୍ଶନକୁ । ସାଧୁସନ୍ନ୍ୟାସୀମାନେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ସାରିବା ପରେ ଆନ୍ତରିକ ଶ୍ରଦ୍ଧାଭକ୍ତିରେ ଭୋଜନ ଦେଇ ସେବା କରୁଥିବା କୌଣସି ଦାତାଙ୍କ ନାମ ଯଦି ପଚାରନ୍ତି ତେବେ କ୍ଷେତ୍ରବାସୀମାନେ ଦରିଦ୍ର ରଘୁନାଥଙ୍କ ଘରକୁ ପଠାଇ ଦିଅନ୍ତି । ସେମାନେ ରଘୁନାଥଙ୍କ ଘରେ ପହଞ୍ଚିଲେ ରଘୁ ଏବଂ ଅନ୍ନପୂର୍ଣ୍ଣାଙ୍କୁ ବିଶେଷ ଆନନ୍ଦ ଲାଗେ । ସେମାନେ ଆନ୍ତରିକ ଶ୍ରଦ୍ଧାଭକ୍ତିରେ ଭଗବାନଙ୍କ ସଦୃଶ ସାଧୁସନ୍ଥମାନଙ୍କୁ ଶକ୍ତି ଅନୁସାରେ ଭୋଜନ ଦେଇ ସେବା କରନ୍ତି ।

ଦିନେ କେତେଜଣ ସନ୍ଥ ରଘୁନାଥଙ୍କ କୁଡ଼ିଆରେ ପହଞ୍ଚିଲେ । ସେମାନଙ୍କ ଦର୍ଶନରେ ରଘୁନାଥଙ୍କୁ ଅପାର ଆନନ୍ଦ ଅନୁଭୂତ ହେଲା । ସେମାନଙ୍କ ଚରଣ ଧୋଇ ସେ ସେମାନଙ୍କୁ ଆସନରେ ବସାଇଲେ, ହାତ ଯୋଡ଼ି ଆଜ୍ଞାକୁ ଅପେକ୍ଷା କଲେ । ସାଧୁମାନେ କହିଲେ, ''ଆମ୍ଭେ ଉତ୍ତର ଭାରତରୁ ଆସି ପ୍ରଭୁଙ୍କୁ ଦର୍ଶନ କରିସାରିଛୁ । ଆଜି ଆମ୍ଭମାନଙ୍କୁ ଭୋଜନ କରାଇଦିଅ, ଆମ୍ଭେମାନେ ଚାଲିଯିବୁ ।'' ରଘୁ ଏକଥା ଶୁଣି ବିଶେଷ ଆନନ୍ଦିତ ହେଲେ । କିନ୍ତୁ ଘରେ

ଗୋଟିଏ ମାତ୍ର ଦାନା ନ ଥିଲା । ରଘୁ ଅନ୍ନପୂର୍ଣ୍ଣାଙ୍କୁ ସମସ୍ତ ବୃତ୍ତାନ୍ତ କହିଲେ । ଅନ୍ନପୂର୍ଣ୍ଣା ପ୍ରସନ୍ନତା ସହ କହିଲେ, ''ପତିଦେବ, ଚିନ୍ତା କରିବାର କୌଣସି କାରଣ ନାହିଁ । ଭଗବାନ୍ ସମସ୍ତଙ୍କୁ ଭୋଜନ ଦେଉଛନ୍ତି, ମନୁଷ୍ୟ କେବଳ ନିମିତ୍ତ ମାତ୍ର । ମୋ ଅଙ୍ଗର ଅଳଙ୍କାର ନେଇନିଅ, ମହାଜନଙ୍କ ପାଖରେ ବନ୍ଧକ ଦେଇ ଟଙ୍କା ଘେନିଆସ, ସାଧୁସେବା କର ।'' ରଘୁ ଅନ୍ନପୂର୍ଣ୍ଣାଙ୍କ ଭକ୍ତି ଦେଖି ବିଶେଷ ଆନନ୍ଦିତ ହେଲେ । କହିଲେ, ''ମୁଁ ଭିକ୍ଷା ମାଗେ । ଏହି ଅଳଙ୍କାର ମୋ ହାତରେ ଦେଖି କେହି ସନ୍ଦେହ କରିପାରେ । ଅତଏବ ତୁମେ ନିଜେ ନେଇଯାଅ, ମହାଜନଙ୍କ ପାଖରେ ବନ୍ଧକ ରଖି କିଛି ଟଙ୍କା ଘେନିଆସ । ଆଠଦିନ ମଧ୍ୟରେ ସୁଧ ସହିତ ମୂଳଧନ ଦେଇ ଅଳଙ୍କାର ଫେରାଇ ଆଣିବା ।'' ଅନ୍ନପୂର୍ଣ୍ଣା ପତିଙ୍କୁ ସର୍ବସ୍ୱ ସମର୍ପଣ କରିସାରିଛନ୍ତି । ପତି ଆଜ୍ଞା ଶିରୋଧାର୍ଯ୍ୟ କରି ମହାଜନଙ୍କ ପାଖକୁ ଯାଇ ଅଳଙ୍କାର ବନ୍ଧକ ରଖି ଟଙ୍କା କରଜ ଚାହିଁଲେ । ମହାଜନ ଅନ୍ନପୂର୍ଣ୍ଣାଙ୍କ ସୌନ୍ଦର୍ଯ୍ୟ ତଥା କୋମଳ ବଚନରେ ମୋହିତ ହୋଇ କିଛିସମୟ ନିସ୍ତବ୍ଧ ରହିବା ପରେ କହିଲେ, ''ତୁମର ଯେତେ ଟଙ୍କା ଆବଶ୍ୟକ ତାହା ମୁଁ ଦେଇଦେଉଛି, ଅଳଙ୍କାର ବନ୍ଧକ ଦେବା ଆବଶ୍ୟକ ନାହିଁ । କିନ୍ତୁ ମୁଁ ତୁମଠାରୁ ସ୍ତ୍ରୀ-ସୁଖ ଚାହେଁ । ଏହି ପ୍ରସ୍ତାବରେ ଯଦି ସମ୍ମତି ଦିଅ ତେବେ ଟଙ୍କା ନେଇଯାଅ ।'' ଏ କଥା ଶୁଣିବାମାତ୍ରେ ଅନ୍ନପୂର୍ଣ୍ଣାଙ୍କ ମସ୍ତକରେ ବଜ୍ର ପଡ଼ିବା ସଦୃଶ ମନେହେଲା । ଜଣେ ପତିବ୍ରତା ଭଗବତ୍ ଭକ୍ତିପରାୟଣା ନାରୀ ସକାଶେ ଏହି ପ୍ରସ୍ତାବ କେତେ ଅପ୍ରୀତିକର ତାହା କୌଣସି ପତିବ୍ରତା ଜନନୀହିଁ ଅନୁଭବ କରିପାରେ । ଅନ୍ନପୂର୍ଣ୍ଣା ସାଧାରଣ ପତିବ୍ରତା ନାରୀ ନ ଥିଲେ । ସେ ନିଜ ପତିଙ୍କୁ ସାକ୍ଷାତ୍ ଭଗବାନ୍ ମନେକରି ଭକ୍ତି କରୁଥିଲେ । ଭଗବାନଙ୍କ ପ୍ରତି ତାଙ୍କ ଆତ୍ମସମର୍ପଣ ଏବଂ ଦୃଢ଼ବିଶ୍ୱାସ ଥିଲା; ସମସ୍ତ ବିପଦରୁ ଭଗବାନ୍ ରକ୍ଷା କରନ୍ତି, ଏଥିରେ ତାଙ୍କର ତିଳେମାତ୍ର ସନ୍ଦେହ ନ ଥିଲା । ତାଙ୍କ ଶୁଦ୍ଧ ବୁଦ୍ଧିରେ ବିବେକ ଉତ୍ପନ୍ନ ହୋଇଥିଲା । ସେଥିସକାଶେ ମହାଜନଙ୍କ ଅପ୍ରୀତିକର ପ୍ରସ୍ତାବରେ ବିଚଳିତ ନ ହୋଇ ଭଗବାନଙ୍କୁ ସ୍ମରଣ କରି କିଛି ସମୟ ପରେ ଫେରି ଆସୁଛି କହି ନିଜ ଘରକୁ ଫେରିଗଲେ ଏବଂ ପତିଦେବଙ୍କୁ ସମସ୍ତ ଘଟଣା କହିଦେଲେ ।

ଯେଉଁମାନେ ଭଗବାନଙ୍କ ଭକ୍ତ ସେମାନେ ପ୍ରତିକୂଳ ଘଟନାରେ ବିଚଳିତ ହୁଅନ୍ତି ନାହିଁ । ଭଗବାନଙ୍କଠାରୁ ଯଥାର୍ଥ ସମାଧାନ ଚାହାନ୍ତି । ନିଜ ଅନ୍ତରରୁ ଭଗବାନଙ୍କର ଯେଉଁ ପ୍ରେରଣା ପାଆନ୍ତି – ତାହା ଲୋକଦୃଷ୍ଟି ଏବଂ ନୈତିକତାର ବିରୋଧ ହେଲେ ମଧ – ବିନା ଦ୍ୱିଧାରେ ସେମାନେ ତାହା ପାଳନ କରନ୍ତି । ଏହା ରଘୁନାଥଙ୍କ ସକାଶେ ଥିଲା ଅତ୍ୟନ୍ତ ଜଟିଳ ସମସ୍ୟା ଏବଂ ମହାନ୍ ପରୀକ୍ଷାର ସମୟ । ଗୋଟିଏ ଦିଗରେ ସାଧୁସେବା, ନିଷ୍ଠାପୂର୍ଣ୍ଣ କର୍ତ୍ତବ୍ୟ, ଅନ୍ୟ ଦିଗରେ ନିଜର ପତିବ୍ରତା, ପତିପରାୟଣା ପତ୍ନୀର ସତୀତ୍ୱ ନଷ୍ଟ । ଏହି ଜଟିଳ ସମସ୍ୟାର ସମାଧାନ ରଘୁନାଥ କରି ନ ପାରି ନୀରବ ହୋଇ ଧ୍ୟାନସ୍ଥ ହୋଇଗଲେ ଏବଂ ଅନ୍ତରରୁ ଭଗବାନଙ୍କ ନିର୍ଦ୍ଦେଶକୁ ପ୍ରତୀକ୍ଷା କଲେ । ନିଷ୍କପଟ ଭାବରେ ଆନ୍ତରିକତା ସହିତ ଯେ ନିଜ ଅନ୍ତରରେ ଭଗବାନଙ୍କ ନିର୍ଦ୍ଦେଶ ଚାହେଁ ସେ ଅବଶ୍ୟ ତାହା ପାଏ । କିନ୍ତୁ ସାଧନାର ଆରମ୍ଭ ଅବସ୍ଥାରେ ସାଧକ ନିଜର ବାସନା-କାମନାର ପ୍ରେରଣାକୁ ପ୍ରମାଦବଶତଃ ଭଗବତ୍ ନିର୍ଦ୍ଦେଶ ମାନି ଘୋର ଅନର୍ଥ କରିପାରେ । କିନ୍ତୁ ରଘୁନାଥଙ୍କର ସେ ଅବସ୍ଥା ପାର ହୋଇଯାଇଥିଲା । ତାଙ୍କର ଚେତନାରେ ବାସନା-କାମନା ଭଗବତ୍ ନିର୍ଦ୍ଦେଶରେ ଛଦ୍ମରୂପରେ ଆସିବାର ଭ୍ରମପାଚେରି ଭାଙ୍ଗିଯାଇଥିଲା । ଅନ୍ତରରୁ ପ୍ରେରଣା ମିଳିଲା, ‘‘ରଘୁନାଥ, ମହାଜନର ପ୍ରସ୍ତାବ ସ୍ୱୀକାର କରି ଅନ୍ନପୂର୍ଣ୍ଣା ଟଙ୍କା ଆଣୁ ।’’ ଏହି ନିର୍ଦ୍ଦେଶ ଜାଣିବାମାତ୍ରେ ରଘୁନାଥ ପ୍ରସନ୍ନତା ସହ ପତ୍ନୀଙ୍କୁ କହିଲେ, ‘‘ତୁମେ ମହାଜନଙ୍କ ପ୍ରସ୍ତାବ ସ୍ୱୀକାର କରି ଟଙ୍କା ଘେନିଆସ ଏବଂ ଆଜି ସନ୍ଧ୍ୟାରେ ପ୍ରଥମ ପ୍ରହରରେ ଆମ ଘରକୁ ଆସିବା ସକାଶେ କହିଦିଅ ।’’ ଅନ୍ନପୂର୍ଣ୍ଣାଙ୍କର ସର୍ବସ୍ୱ ହେଉଛନ୍ତି ତାଙ୍କର ପତିଦେବ । ପତି-ଆଜ୍ଞା ପାଳନରେ ତାଙ୍କର ଟିକିଏ ମାତ୍ର ଦ୍ୱିଧା ନ ଥାଏ । ସେ ପତିଙ୍କୁ ଭଗବାନ୍ ତଥା ଗୁରୁରୂପେ ଭକ୍ତି କରନ୍ତି । ପତି ତାଙ୍କ ପ୍ରାଣରପ୍ରିୟ । ସେ ପତି ଆଜ୍ଞା ଶିରୋଧାର୍ଯ୍ୟ କରି ଭଗବତ୍ ନାମ ସ୍ମରଣ ଏବଂ ହୃଦୟରେ ଭଗବାନଙ୍କୁ ଧ୍ୟାନ କରି ଯାଇ ମହାଜନଙ୍କ ପାଖରେ ପହଞ୍ଚିଲେ । ମହାଜନଙ୍କ ପ୍ରସ୍ତାବରେ ସମ୍ମତି ଦେଇ ତାଙ୍କୁ ସେହିଦିନ ରାତ୍ରିର ପ୍ରଥମ ପ୍ରହରରେ ତାଙ୍କ ଘରକୁ ଆସିବାକୁ କହିଦେଲେ । ମହାଜନ ବହୁତ

ଖୁସିହୋଇ ଆବଶ୍ୟକ ଟଙ୍କା ଦେଇଦେଲେ । ପତିପରାୟଣା ଅନ୍ନପୂର୍ଣ୍ଣାଦେବୀ ଆସି ପତିଦେବଙ୍କ ଚରଣରେ ଟଙ୍କା ନିବେଦନ କଲେ । ରଘୁନାଥ ଟଙ୍କା ପାଇବା ସଙ୍ଗେ ସଙ୍ଗେ ମନ୍ଦିରକୁ ଯାଇ ଖିରି, ଖିଚୁଡ଼ି, ସରୁ ଅନ୍ନ, ବହୁପ୍ରକାର ତରକାରି, ସରପୁଳି, ଗଜା, ଅମାଲୁ, ଖଜା, କାନ୍ତିକାକରା, ସରପଣା, ମିଠାଦଧି ଇତ୍ୟାଦି ବହୁପ୍ରକାର ଦ୍ରବ୍ୟ ତିଆରି କରି ଶ୍ରୀଜଗନ୍ନାଥଙ୍କୁ ଭୋଗ ଲଗାଇବା ସକାଶେ ବରାଦ ଦେଇଦେଲେ ଏବଂ ଟଙ୍କା ମଧ ଗଣିଦେଲେ । ବ୍ୟବସ୍ଥାପକମାନେ ସେହି ଅନୁସାରେ ଶ୍ରୀଜଗନ୍ନାଥଙ୍କୁ ଭୋଗ ଲଗାଇଲେ ଏବଂ ମହାପ୍ରସାଦ ରଘୁନାଥଙ୍କ ଘରେ ପହଞ୍ଚାଇ ଦେଲେ । ମହାପ୍ରସାଦ ଦେଖି ରଘୁନାଥ ଅତ୍ୟନ୍ତ ପ୍ରସନ୍ନ ହୋଇ ମହାପ୍ରସାଦକୁ ସାଷ୍ଟାଙ୍ଗ ଦଣ୍ଡବତ କଲେ ଏବଂ ବହୁ ସମ୍ମାନ ସହିତ ଅଗଣାରେ ରଖିଲେ । ସନ୍ଥମାନଙ୍କୁ ଡାକି ପଙ୍ଗତ ବସାଇ କଦଳୀପତ୍ରରେ ବହୁବିଧ ମହାପ୍ରସାଦ ସ୍ୱୟଂ ପରଷିଲେ । ସନ୍ଥମାନଙ୍କୁ ବହୁ ଆଗ୍ରହରେ ଭୋଜନ କରାଇଲେ । ସନ୍ଥମାନେ ଭୋଜନ ଶେଷ କରି ରଘୁନାଥଙ୍କୁ ଆଶୀର୍ବାଦ ଦେଇ ଚାଲିଗଲେ ।

ସନ୍ଧ୍ୟା ସମୟରେ ରଘୁନାଥ ଅନ୍ନପୂର୍ଣ୍ଣାଙ୍କୁ କହିଲେ, ''ଅନ୍ନପୂର୍ଣ୍ଣା, ଆମ୍ଭର ଧର୍ମକର୍ମ, ଗତିମୁକ୍ତି ସବୁକିଛି ଭଗବାନ୍ । ଭଗବାନଙ୍କ ଆଜ୍ଞା ଆମ୍ଭମାନଙ୍କର ସର୍ବଶ୍ରେଷ୍ଠ । ଭଗବାନଙ୍କ ଆଜ୍ଞା ସମ୍ମୁଖରେ ଧର୍ମକର୍ମ, ନୀତିନିୟମର କୌଣସି ସ୍ଥାନ ନାହିଁ । ଭଗବାନଙ୍କ ଆଜ୍ଞାରେ ଯଦି ନର୍କରେ ରହିବାକୁ ହୁଏ ତେବେ ତାହା ଆମ୍ଭମାନଙ୍କ ସକାଶେ ବୈକୁଣ୍ଠ । ଭଗବାନଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ମହାଜନର ପ୍ରାଣିକ ଲାଳସା ପୂର୍ଣ୍ଣ କରିବୁ । ମୁଁ ଯାଉଛି ।'' ଏହା କହି ରଘୁନାଥ ଘରୁ ବାହାର ହୋଇଗଲେ । ଅନ୍ନପୂର୍ଣ୍ଣା ଘରେ ରହି ଭଗବତ୍ ଧ୍ୟାନ ଏବଂ ନାମଜପରେ ଏକାଗ୍ର ହୋଇଗଲେ ।

ଘରେ ଦୀପ ଜଳୁଥାଏ । ଅନ୍ନପୂର୍ଣ୍ଣା ଖଟ ଉପରେ ବସିଥା'ନ୍ତି । ସେହି ସମୟରେ ମହାଜନ କାମାତୁର ହୋଇ ରଘୁନାଥଙ୍କ ଘରକୁ ଆସିଲେ । ଗୃହରେ ଅନ୍ୟକେହି ନ ଥିଲେ । ପତିବ୍ରତା ଅନ୍ନପୂର୍ଣ୍ଣାଦେବୀ ଥିବା କକ୍ଷରେ ଦୀପାଲୋକ ଦେଖି ମହାଜନ ବ୍ୟଗ୍ରତାରେ ସେଠାରେ ପହଞ୍ଚିଲେ । କକ୍ଷର ଦୃଶ୍ୟ ଦେଖି ସେ

ହତଜ୍ଞାନ ହୋଇଗଲେ । କକ୍ଷଟି ଜ୍ୟୋତିଃରେ ପୂର୍ଣ୍ଣ ଥିଲା । ଭଗବାନ୍ ଶଙ୍ଖ-ଚକ୍ର-ଗଦା-ପଦ୍ମ ଧାରଣ କରି ପରମସତୀ ଅନ୍ନପୂର୍ଣ୍ଣାଙ୍କୁ କୋଳରେ ବସାଇଥିଲେ । ଏହି ଦୃଶ୍ୟ ଦେଖି ମହାଜନ ଭୟଭୀତ ହୋଇ ଥର ଥର ହୋଇ କମ୍ପିବାକୁ ଲାଗିଲେ । ତାଙ୍କ ମସ୍ତକରୁ ପାଦ ପର୍ଯ୍ୟନ୍ତ ସମସ୍ତ ଶରୀରରୁ ଝାଳ ବୋହିଗଲା । ତାଙ୍କର ଛିଡ଼ା ହେବାକୁ ସାମର୍ଥ୍ୟ ରହିଲା ନାହିଁ । ସେ ଦୁଇହାତ ଯୋଡ଼ି ସାଷ୍ଟାଙ୍ଗରେ ପଡ଼ିଗଲେ । ଦୁଇ ନେତ୍ରରୁ ଅଶ୍ରୁ ବର୍ଷା ହେବାକୁ ଲାଗିଲା । ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଉଚ୍ଚସ୍ୱରରେ କାନ୍ଦିବାକୁ ଲାଗିଲେ, ''ମୁଁ କେତେ ବଡ଼ ପାପୀ, ଅଜ୍ଞାନୀ, ସାକ୍ଷାତ୍ ଜ୍ୱଳନ୍ତ ଅଗ୍ନିରେ ଝାସ ଦେବାକୁ ଆସିଛି । ନିଜ ମାତା ପ୍ରତି ଦୁର୍ବୁଦ୍ଧି କରିବା ସଦୃଶ ସାକ୍ଷାତ୍ ଲକ୍ଷ୍ମୀ ସଦୃଶ ପତିବ୍ରତା ମାତା ପ୍ରତି ମୁଁ ଦୂଷିତ ଭାବରଖିଲି । ସାକ୍ଷାତ୍ ବିଷଧର ସର୍ପକୁ ଧରିବା ସଦୃଶ ପରମସତୀ ମାତା ପ୍ରତି ମୁଁ କି ମନ୍ଦମତି କଲି !''

ଅନ୍ନପୂର୍ଣ୍ଣା ମହାଜନଙ୍କୁ ତାଙ୍କ ପାଦ ତଳେ ସାଷ୍ଟାଙ୍ଗରେ ପଡ଼ିଥିବା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । କହିଲେ, ''ମହାଜନ, ଏ କି ବିପରୀତ କଥା ! ତୁମେ ମୋ ପାଦ ତଳେ କାହିଁକି ପଡ଼ିଛ ?'' ଏ କଥା ଶୁଣି ମହାଜନ ଦୁଇ ହାତ ଯୋଡ଼ି କହିଲେ, ''ମାତା, ମୁଁ ତୁମ ପ୍ରତି କୁଭାବନା ରଖି ଯେଉଁ ଅପରାଧ କରିଛି ସେଥିପାଇଁ ମୋତେ କ୍ଷମା ଦିଅ । ହେ ମା', ଶିଶୁ ଅଜ୍ଞାନ ଅବସ୍ଥାରେ ମାତା ଗର୍ଭରେ ଥାଇ ପଦପ୍ରହାର କଲେ ମା' ସନ୍ତାନର ଦୋଷ ଧରେ ନାହିଁ । ତୁମେ ପରମସତୀ, ଭଗବାନଙ୍କ ଅତ୍ୟନ୍ତ କୃପାପାତ୍ରୀ ବୋଲି ମୁଁ ଜାଣି ନ ଥିଲି । ମୁଁ ନିପଟ ମୂର୍ଖ । କିନ୍ତୁ ଶିଶୁର ଅପରାଧ ଯେପରି ମା' କ୍ଷମା କରେ ସେହିପରି ତୁମେ ମୋ ଅପରାଧକୁ ନ ଦେଖି ମୋ ଉପରେ କୃପା କରିଛ । ମୋତେ ଭବସାଗରରୁ ଉଦ୍ଧାର କରିଛ । ମା', ତୁମେ ଯଥାର୍ଥରେ ଜଗଜ୍ଜନନୀ । ମୁଁ ତୁମ ପ୍ରତି ଦୁର୍ଭାବନା ରଖି ଆସିଥିଲି । କିନ୍ତୁ ତୁମେ ସେ ଦୋଷ ନ ଦେଖି ମୋତେ ଭବସାଗରରୁ ଉଦ୍ଧାର କଲ । ତୁମର କୃପାଦୃଷ୍ଟିରୁ ମୁଁ ତୁମ ସହିତ ଭଗବାନଙ୍କୁ ଦର୍ଶନ କରି କୃତାର୍ଥ ହେଲି । ଆଜିଠାରୁ ତୁମେ ମୋର ଗୁରୁ ଏବଂ ସାକ୍ଷାତ୍ ଗର୍ଭଧାରିଣୀ ଜନନୀ । ମୋ ଦୋଷ କ୍ଷମା କର ।'' ଏତିକି କହି

ପୁନର୍ବାର ସେ ପରମସତୀଙ୍କ ଚରଣରେ ଲୋଟିଗଲେ । ଏହିପରି ବହୁତ ସମୟ ବିତିଗଲା । ମହାଜନ ଚାଲିଯାଇଥିବାର ଅନୁମାନ କରି ରଘୁନାଥ ଘରକୁ ଆସିଲେ । ଦେଖିଲେ ଅନ୍ନପୂର୍ଣ୍ଣାଙ୍କ ଚରଣରେ ମହାଜନ ସାଷ୍ଟାଙ୍ଗରେ ପଡ଼ି ରୋଦନ କରୁଛନ୍ତି । ଏହି ଦୃଶ୍ୟ ଦେଖି ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ କହିଲେ, ''କାରଣ କ'ଣ ? ତୁମେ ଏପରି ହୋଇ ପଡ଼ିଛ କାହିଁକି ?'' ଏକଥା ଶୁଣିବା ମାତ୍ରେ ମହାଜନ ଉଠି ରଘୁଙ୍କ ଚରଣରେ ପଡ଼ିଗଲେ । ସାବଧାନ ହୋଇ କହିଲେ, ''ଗୁରୁଦେବ, ମୋତେ ପଚାରୁଛନ୍ତି କାହିଁକି ? ଦେଖନ୍ତୁ, ସାକ୍ଷାତ୍ ଭଗବାନ୍ ମା' ଅନ୍ନପୂର୍ଣ୍ଣାଙ୍କୁ କୋଳରେ ବସାଇ ବିରାଜମାନ ହୋଇଛନ୍ତି ।'' ଏକଥା ଶୁଣି ରଘୁନାଥ ଏବଂ ଅନ୍ନପୂର୍ଣ୍ଣା ଚକିତ ହୋଇ ଚାହିଁଦେଲେ । ଚାହିଁବାମାତ୍ରେ ଭଗବାନ୍ ମୁହୂର୍ତ୍ତକ ପାଇଁ ଦର୍ଶନ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ । ମହାଜନ, ରଘୁନାଥ ଏବଂ ଅନ୍ନପୂର୍ଣ୍ଣା ଭଗବତ୍ ଦିବ୍ୟ ଆନନ୍ଦ-ସମୁଦ୍ରରେ ବୁଡ଼ିଗଲେ । ଦିବ୍ୟ ଆନନ୍ଦରେ ବିଭୋର ହେବାରୁ ସେମାନଙ୍କର ବାହ୍ୟଜ୍ଞାନ ରହିଲା ନାହିଁ ।

ରଘୁନାଥ ମହାଜନଙ୍କୁ ହୃଦୟରେ ଲଗାଇନେଇ କହିଲେ, ''ଭାଇ, ତୁମେ ବହୁତ ଭାଗ୍ୟବାନ୍, ପୂର୍ବ ଜନ୍ମରେ ଭଗବାନଙ୍କୁ ଭକ୍ତି କରିଥିଲ, ସେହି ସକାଶେ ଭଗବାନଙ୍କ ଦର୍ଶନ ପାଇଲ ।'' ମହାଜନ କହିଲେ, ''ନାହିଁ ଗୁରୁଦେବ, ମୁଁ ତ' ଘୋର ପାପୀ । ସାକ୍ଷାତ୍ ମା'ଙ୍କ ପ୍ରତି କୁଭାବନା ନେଇ ଆସିଥିଲି । କିନ୍ତୁ ମା' ନିଜ ସନ୍ତାନ ପ୍ରତି ଦୟାବଶ ହୋଇ ମୋତେ ଭଗବାନଙ୍କ ଦର୍ଶନ କରାଇ କୃତାର୍ଥ କରିଦେଲେ । ଆଜିଠାରୁ ଆପଣ ଦୁଇ ଜଣ ମୋର ଗୁରୁ । ଆପଣଙ୍କ କୃପାରୁ ମୁଁ ଭଗବତ୍ ପ୍ରାପ୍ତି କଲି । ମୋ ଦୋଷ କ୍ଷମା କରନ୍ତୁ ।'' ଏହା କହି ପୁନରାୟ ଶ୍ରୀ ରଘୁନାଥ ଏବଂ ମା' ଅନ୍ନପୂର୍ଣ୍ଣାଙ୍କ ଚରଣରେ ପ୍ରଣାମ କଲେ ଏବଂ ସାଧୁମାନଙ୍କ ସେବା ସକାଶେ କିଛି ଟଙ୍କା ଦେଇ ପ୍ରାର୍ଥନା କଲେ, ''ସାଧୁମାନଙ୍କ ଚର୍ଚ୍ଚା ସକାଶେ ଯାହା ଯେତେବେଳେ ଆବଶ୍ୟକ ହେବ ଏହି ଶିଶୁ ସନ୍ତାନର ସେବା ସ୍ୱୀକାର କରିବା ସକାଶେ କୃପା ବରାବର ରହୁ । ଏହାହିଁ ମୋର ପ୍ରାର୍ଥନା ।'' ରଘୁ ଏବଂ ଅନ୍ନପୂର୍ଣ୍ଣା ମହାଜନଙ୍କୁ ଆଶ୍ୱାସନା ତଥା

କୋମଳ ବଚନରେ ସାନ୍ତ୍ୱନା ଦେଇ ବିଦା କଲେ । ସେହିଦିନଠାରୁ ସେହି ମହାଜନ ରଘୁନାଥ ତଥା ମା’ ଅନ୍ନପୂର୍ଣ୍ଣାଙ୍କୁ ଗୁରୁରୂପେ ଗ୍ରହଣ କରି ଭଗବତ୍ ଭକ୍ତିରେ ଦିନ ଅତିବାହିତ କଲେ । ସେ ଭଗବାନଙ୍କ ସେବା ଭାବରେ ବ୍ୟବସାୟ କରୁଥା’ନ୍ତି, ସମୟ ସମୟରେ ରଘୁନାଥ ଏବଂ ଅନ୍ନପୂର୍ଣ୍ଣାଙ୍କ ପାଖକୁ ଆସି ଭଗବତ୍ ଚର୍ଚ୍ଚା ଶୁଣି କୃତକୃତ୍ୟ ହୁଅନ୍ତି ।

ଏହିପରି ଭାବରେ ଭଗବତ୍ ଭକ୍ତି-ସମୁଦ୍ରରେ ତିନିଜଣ ନିମଗ୍ନ ରହି ଶ୍ରୀକ୍ଷେତ୍ରରେ ନିଜ ନିଜ ଗୃହରେ ବାସ କଲେ ତଥା ଶରୀର-ଯାତ୍ରା ସମାପ୍ତ କରି ଶ୍ରୀକ୍ଷେତ୍ରରେ ଶରୀର ତ୍ୟାଗ କରି ଭଗବତ୍ ଧାମରେ ଭଗବତ୍ ପ୍ରାପ୍ତି କଲେ । ତାଙ୍କ ସ୍ଥୂଳ ଶରୀର ବର୍ତ୍ତମାନ ଆମେ ଦେଖିପାରୁ ନାହୁଁ କିନ୍ତୁ ତାଙ୍କ ଚରିତ ଗାନ କଲେ ତାଙ୍କର ଅଗାଧ ଭକ୍ତି-ସମୁଦ୍ରରୁ କିଛି ବିନ୍ଦୁ ଅବଶ୍ୟ ପାଇପାରିବା ।

ଭକ୍ତ ଓ ଭଗବାନଙ୍କ ଜୟ ।

# ଭକ୍ତଚରିତମାଳା

ଶ୍ରୀ ରାମକୃଷ୍ଣ ଦାସ

ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ
ପୁଦୁଚେରୀ

**ଭକ୍ତଚରିତମାଳା**

ପ୍ରଥମ ମୁଦ୍ରଣ : ୧୯୭୪, ତୃତୀୟ ପ୍ରକାଶନ : ୨୦୦୭

ଲେଖକ : ଶ୍ରୀ ରାମକୃଷ୍ଣ ଦାସ

ସର୍ବସ୍ୱତ୍ୱ ସଂରକ୍ଷିତ
© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ୧୯୭୪

ପ୍ରକାଶକ :
ନବଜ୍ୟୋତି ପ୍ରକାଶନ
ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ, ପୁଦୁଚେରୀ - ୬୦୫ ୦୦୨

**Bhaktacharitamala** (Oriya)

First Edition : 1974, Third Impression : 2007

by Ramakrishna Das

Price Rs. 60/-

© Sri Aurobindo Ashram Trust 1974

Published by Navajyoti Publication
A unit of Sri Aurobindo Ashram Publication Department
Puducherry - 605 002

Printed at Sri Aurobindo Ashram Press, Puducherry
PRINTED IN INDIA

# ସୂଚୀପତ୍ର


| ବିଷୟ | | | ପୃଷ୍ଠା |
|---|---|---|---|
| ବାଳକ ଭକ୍ତ ରଙ୍ଗନାଥ | ... | ... | ୧ |
| ଭକ୍ତ ମନକୋଜି ବୋଧଲା | ... | ... | ୧୫ |
| 'ଭକ୍ତମାଳ'ର ରଚୟିତା ପରମ ଭକ୍ତ ନାଭାଜି | ... | ... | ୩୧ |
| ଭକ୍ତ ନାମଦେବଜି | ... | ... | ୪୩ |
| ଭକ୍ତ ପ୍ରତାପ ରାୟ | ... | ... | ୭୨ |
| ସନ୍ଥ ବିଶୋବା ସରାଫ | ... | ... | ୯୪ |
| ସନ୍ଥ ରୂପକଳାଜି | ... | ... | ୧୦୭ |
| ବିଲ୍ୱମଙ୍ଗଳ | ... | ... | ୧୩୧ |
| ଭକ୍ତ ରାମଦାସଜି | ... | ... | ୧୫୧ |
| ଭକ୍ତ ହରିପାଳଜି ନିଷ୍କିଚନ | ... | ... | ୧୫୭ |
| ଭକ୍ତ ବ୍ୟାସଦାସଜି | ... | ... | ୧୬୩ |
| ଜସୂସ୍ୱାମୀଜି | ... | ... | ୧୭୪ |
| ପରମ ଭକ୍ତ ରୈଦାସ | ... | ... | ୧୮୦ |
| ପଦ୍ମନାଭଜି | ... | ... | ୧୯୨ |
| ଶ୍ରୀ ରସିକମୁରାରିଜି | ... | ... | ୧୯୯ |
| ଭକ୍ତ ଗଙ୍ଗାଧର ଦାସ | ... | ... | ୨୧୦ |
| ଭକ୍ତ ରଘୁଦାସ | ... | ... | ୨୨୧ |
| ଭକ୍ତ ରଘୁନାଥ | ... | ... | ୨୪୦ |

## ପ୍ରକାଶକଙ୍କ ଟିପ୍‌ପଣୀ

ନବଜ୍ୟୋତି (ତ୍ରୈମାସିକ) ପତ୍ରିକାରେ ୧୯୬୬ ନଭେମ୍ବରଠାରୁ ୧୯୬୮ ନଭେମ୍ବର ପର୍ଯ୍ୟନ୍ତ ଧାରାବାହିକ ଭାବେ ପ୍ରକାଶିତ ଶ୍ରୀ ରାମକୃଷ୍ଣ ଦାସଙ୍କ ଲିଖିତ ୬ଟି ଭକ୍ତଚରିତର ସମାହାରରେ 'ଭକ୍ତଚରିତମାଳା' ନାମରେ ଏକ କ୍ଷୁଦ୍ର ପୁସ୍ତକ ୧୯୭୪ ମସିହାରେ ପ୍ରକାଶ ହୋଇଥିଲା । ଉକ୍ତ ପୁସ୍ତକଟି ଓଡ଼ିଶାର ଜନସାଧାରଣଙ୍କଠାରେ ଅତ୍ୟନ୍ତ ଆଦୃତ ହୋଇଥିଲା ଓ ଖୁବ୍ ଶୀଘ୍ର ଏହାର ପ୍ରଥମ ମୁଦ୍ରଣ ବିକ୍ରି ହୋଇ ଯାଇଥିବାରୁ ଏହାର ଦ୍ୱିତୀୟ ମୁଦ୍ରଣ ସମୟରେ 'ନବଜ୍ୟୋତି'ରେ ୧୯୬୯ ଠାରୁ ୧୯୭୪ ପର୍ଯ୍ୟନ୍ତ ଧାରାବାହିକଭାବେ ପ୍ରକାଶିତ ଲେଖକଙ୍କର ଅବଶିଷ୍ଟ ଭକ୍ତଚରିତଗୁଡ଼ିକୁ ନେଇ ଉକ୍ତ ପୁସ୍ତକର ଏକ ପରିବର୍ଦ୍ଧିତ ସଂସ୍କରଣ ପ୍ରକାଶ କରାଯାଇଥିଲା । ଏଥର ଏହାର ତୃତୀୟ ମୁଦ୍ରଣ ପ୍ରକାଶ ପାଉଛି । ଆଶା କରୁଛୁ, ଭକ୍ତିରସରେ ରସାଣିତ ଏହି 'ଭକ୍ତଚରିତମାଳା' ପୁସ୍ତକଟି ଓଡ଼ିଶାର ଜନସାଧାରଣଙ୍କୁ ଭଗବତ୍ ପ୍ରେମରେ ଉଦ୍‌ବୁଦ୍ଧ କରିବ ।

— ପ୍ରକାଶକ